ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୧୯/୨୦୨୪ (୨୦ ପୃଷ୍ଠା) | Bhubaneswar, Thursday, September 19/2024 | Page 20 | ₹ 7.00
୫୦ଶ ଭାଗ ୨୯୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 296 | ମୂଲ୍ୟ ₹୭/-



**ସ୍ୱୟମଜିତଙ୍କୁ ସ୍ୱର୍ଣ୍ଣ**
ଫିଜିରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର ୬୭ କେଜି ୟୁଥ୍ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଓଡ଼ିଶାର ସ୍ୱୟମଜିତ ପ୍ରସାଦ ସାହୁ। ୨୦

୧୪ **ଗୁଜବକୁ ଖଣ୍ଡନକଲେ ଅନନ୍ୟା**
ଅନନ୍ତ ଅମ୍ବାନୀଙ୍କ ବିବାହରେ ଟଙ୍କା ଦେଇ ତାରକାଙ୍କୁ ନିମନ୍ତ୍ରଣ କରାଯାଇଛି ବୋଲି ସୋସିଆଲ ମିଡିଆରେ ହେଉଥିବା ଗୁଜବକୁ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ଖଣ୍ଡନ କରିଛନ୍ତି।





ଆକାଶ ମାର୍ଗରୁ ବୁଧବାର ବାଲେଶ୍ୱର ଜିଲାର ବନ୍ୟା ଘେରରେ ଥିବା ସ୍ଥାନକୁ ନିରୀକ୍ଷଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। (ରିପୋର୍ଟ: ପୃଷ୍ଠା-୧୫)

# ଏକକାଳୀନ ନିର୍ବାଚନକୁ କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ,୧୮।୯

ଦେଶରେ ଏକକାଳୀନ ନିର୍ବାଚନ କରାଇବା ପାଇଁ ଉଦ୍ଦିଷ୍ଟ 'ୱାନ୍ ନେଶନ, ୱାନ୍ ଇଲେକ୍ସନ' ପ୍ରସ୍ତାବକୁ ବୁଧବାର କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ ମିଳିଛି। ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ଏ ସମ୍ପର୍କିତ ଉଚ୍ଚସ୍ତରୀୟ କମିଟିର ରିପୋର୍ଟକୁ କ୍ୟାବିନେଟ ବୈଠକରେ ଉପସ୍ଥାପନ କରାଯିବା ପରେ ଏହାର ସୁପାରିସଗୁଡ଼ିକୁ କ୍ୟାବିନେଟ ଗ୍ରହଣ କରିଥିବା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ବିରୋଧୀ ଦଳଗୁଡ଼ିକ ଏହାକୁ ଅନେକ ବାସ୍ତବ ପ୍ରସଙ୍ଗରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଭାଜପାର ଉଦ୍ୟମ ବୋଲି ସମାଲୋଚନା କରିଛନ୍ତି।

ଏକ ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ବୈଷ୍ଣବ କହିଛନ୍ତି, ରାମନାଥ କୋବିନ୍ଦ ଅଧ୍ୟକ୍ଷତା କରୁଥିବା ପ୍ୟାନେଲ ଏକକାଳୀନ ନିର୍ବାଚନ ପାଇଁ ଗତ ମାର୍ଚ୍ଚରେ ରିପୋର୍ଟ ଦାଖଲ କରିଥିଲା। ମୋଦି ୩.୦ ସରକାରଙ୍କ ୧୦୦ ଦିନ ପୂରଣ ଅବସରରେ ଆଇନ ମନ୍ତ୍ରଣାଳୟ ଏହାକୁ କ୍ୟାବିନେଟ ସମ୍ମୁଖରେ ଉପସ୍ଥାପନ କରିଥିଲା। ତଦନୁସାରେ ଲୋକ ସଭା ☞ପୃଷ୍ଠା-୪

### ସପକ୍ଷ/ବିପକ୍ଷରେ କିଏ

ବିଚାରବିମର୍ଶ ବେଳେ ୪୭ଟି ରାଜନୈତିକ ଦଳ ନିଜ ମତ ଓ ପ୍ରସ୍ତାବ ରଖିଥିଲେ। ସେଥିରୁ ୩୨ ଦଳ ଏକକାଳୀନ ନିର୍ବାଚନକୁ ସମର୍ଥନ କରିଥିଲେ। କଂଗ୍ରେସ, ଟିଏମ୍‌ସି, ଆପ୍, ସମାଜବାଦୀ ପାର୍ଟି ଏବଂ ଡିଏମ୍‌କେ ସମେତ ୧୫ ଦଳ 'ୱାନ୍ ନେଶନ, ୱାନ୍ ଇଲେକ୍ସନ' ପ୍ରସ୍ତାବକୁ ବିରୋଧ କରିଥିଲେ। ସାରା ଦେଶରୁ ୨୧,୫୫୮ ନାଗରିକ ମଧ୍ୟ ମତାମତ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୮୦% ଏକକାଳୀନ ନିର୍ବାଚନ ପ୍ରସ୍ତାବକୁ ସମର୍ଥନ କରିଥିଲେ। ସେହିପରି ୪ ଜଣ ପୂର୍ବତନ ସିଜେଆଇ (ଭାରତର ପ୍ରଧାନ ବିଚାରପତି) ଜଷ୍ଟିସ୍ ଦୀପକ ମିଶ୍ର, ରଞ୍ଜନ ଗୋଗୋଇ, ଶରଦ ଅରବିନ୍ଦ ବୋବ୍‌ଡେ ଏବଂ ୟୁ.ୟୁ. ଲଳିତ, ୧୨ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି, ଦେଶର ୪ ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର, ୮ ରାଜ୍ୟ ନିର୍ବାଚନ କମିଶନର, ଭାରତର ଲ' କମିଶନ ମୁଖ୍ୟଙ୍କ ମତାମତ ଲୋଡ଼ାଯାଇଥିଲା। ଭାରତର ନିର୍ବାଚନ କମିଶନଙ୍କ ମତ ମଧ୍ୟ ନିଆଯାଇଥିଲା। ୯ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଏକକାଳୀନ ନିର୍ବାଚନ ପ୍ରସ୍ତାବକୁ ସମର୍ଥନ କରିଥିଲେ। ଦିଲ୍ଲୀ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଅଜିତ୍ ପ୍ରକାଶ ☞ପୃଷ୍ଠା-୪

# ରତ୍ନଭଣ୍ଡାରର ଲେଜର ସ୍କାନିଂ

■ ସୁଡ଼ଙ୍ଗ ନେଇ କୌଣସି ସଙ୍କେତ ମିଳିଲାନି

ପୁରୀ,୧୮।୯(ଅଜିତ୍ କୁମାର ମହାନ୍ତି)

ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ ତଥା ଶ୍ରୀମନ୍ଦିର ପ୍ରଶାସନର ସହଯୋଗରେ ବୁଧବାର ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ପକ୍ଷରୁ ରତ୍ନଭଣ୍ଡାରର ପ୍ରାରମ୍ଭିକ ନିରୀକ୍ଷଣ ଓ ବୈଷୟିକ ଯାଞ୍ଚ କରାଯାଇଛି। ବାହାର ଓ ଭିତର ରତ୍ନଭଣ୍ଡାରର ଭର୍ଟିକାଲ୍ ଓ ହରାଇଜେଣ୍ଟାଲ ଲେଜର୍ ସ୍କାନିଂ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି କରାଯାଇଥିଲା। ଫିଜିକାଲ ଅନୁଧ୍ୟାନରୁ ସୁଡ଼ଙ୍ଗ ନେଇ କୌଣସି ସଂକେତ ମିଳି ନ ଥିବା ବେଳେ ଜିପିଆର୍‌ଏସ୍ ସର୍ଭେ ପରେ ଚିତ୍ର ସ୍ପଷ୍ଟ ହେବ ବୋଲି ସୂଚନା ଦିଆଯାଇଛି। ହାଇଦ୍ରାବାଦର ନ୍ୟାଶନାଲ ଜିଓଫିଜିକାଲ ରିସର୍ଚ୍ଚ ☞ପୃଷ୍ଠା-୪




# ୫ ପୋଲିସ ନିଲମ୍ବିତ

ଭୁବନେଶ୍ୱର/କଟକ, ୧୮।୯
(ସୁନିତ୍ ମିଶ୍ର/କାର୍ତ୍ତିକ ସାହୁ)

**ଭରତପୁର ଥାନା: ଏଠି ନ୍ୟାୟ ନୁହେଁ, ଘାଡ଼ ଅନ୍ୟାୟ**

**ତଳକୋର୍ଟ ମାଜିଷ୍ଟ୍ରେଟ ଏକ ମେଶିନ ଭଳି କାର୍ଯ୍ୟ କରିଛନ୍ତି: ହାଇକୋର୍ଟ**

ଭରତପୁର ଥାନାରେ ଆର୍ମି ମେଜର ଗୁରୁଭନ୍ସ ସିଂ ଏବଂ ତାଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କ ଉପରେ ହୋଇଥିବା ଅକଥନୀୟ ନିର୍ଯାତନା ଘଟଣାରେ ଅନ୍ୟାୟର ପ୍ରମାଣ ଧୀରେ ଧୀରେ ସାମ୍ନାକୁ ଆସୁଛି। ସାମାଜିକ ଗଣମାଧ୍ୟମରେ ଲୋକମାନେ ଏହି ଘଟଣାକୁ ନିନ୍ଦା କରିବା ସହ ପୋଲିସର କାର୍ଯ୍ୟଶୈଳୀରେ ପରିବର୍ତ୍ତନର ଆବଶ୍ୟକତା ଥିବା ମତ ପ୍ରକାଶ କରିବାରେ ଲାଗିଛନ୍ତି। ପୋଲିସର ଅତ୍ୟାଚାରର ପ୍ରମାଣ ମିଳିବା ପରେ ମଙ୍ଗଳବାର ପ୍ରଥମେ ଥାନା ଅଧିକାରୀ ଦୀନକୃଷ୍ଣ ମିଶ୍ରଙ୍କ ସମେତ ୩ ଜଣଙ୍କୁ ପ୍ରଥମେ କମିଶନରେଟ ପୋଲିସ ପକ୍ଷରୁ ବଦଳି କରାଯାଇଥିଲା। ପରେ ବୁଧବାର ସକାଳୁ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଭରତପୁର ଥାନାର ତତ୍କାଳୀନ ଭାରପ୍ରାପ୍ତ ଅଧିକାରୀ ଦୀନକୃଷ୍ଣ ମିଶ୍ର, ସବ୍ ଇନ୍ସପେକ୍ଟର ବୈଶାଳିନୀ ପଣ୍ଡା, ଡବ୍ଲ୍ୟୁଏଏସ୍‌ଆଇ ସାଗରିକା ରଥ, ଡବ୍ଲ୍ୟୁଏଏସ୍‌ଆଇ ☞ପୃଷ୍ଠା-୪

## ଅଙ୍କିତାଙ୍କୁ ଜାମିନ

# ସୁଭଦ୍ରା ଆବେଦନର ଶତ ପ୍ରତିଶତ ଯାଞ୍ଚ ସରିଛି

**୨ ହଜାର ଖାରଜ**

ଭୁବନେଶ୍ୱର,୧୮।୯(ଅନିଲ ଦାସ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେପ୍ଟେମ୍ବର ୧୭ ତାରିଖରେ ବହୁ ଆକାଂକ୍ଷିତ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଛନ୍ତି। ତେବେ ସୁଭଦ୍ରା ଯୋଜନା ପାଇଁ ଆବେଦନ କରାଯାଇଥିବା ୨ ହଜାର ଆବେଦନ ଖାରଜ ହୋଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ସୂଚନା ଦେଇଛନ୍ତି। କେବଳ ଆକାଉଣ୍ଟ ନମ୍ବର ଭୁଲ୍‌ଭଟକା ଯୋଗୁ ୨ ହଜାର ଆବେଦନ ଖାରଜ ହୋଇଥାଇପାରେ ବୋଲି ସେ କହିଛନ୍ତି। ମଙ୍ଗଳବାର ରାତି ସୁଦ୍ଧା ୯୭ ହଜାର ହିତାଧିକାରୀଙ୍କ ଆବେଦନ ପେଣ୍ଡିଙ୍ଗ ଥିଲା। ବୁଧବାର ଆବେଦନର ଶତପ୍ରତିଶତ ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ ଯେଉଁ ଯୋଗ୍ୟ ହିତାଧିକାରୀ ଆବେଦନ କରିବେ ସମସ୍ତେ ଟଙ୍କା ପାଇବେ ବୋଲି ପ୍ରଭାତୀ କହିଛନ୍ତି। ଏ ପର୍ଯ୍ୟନ୍ତ ୭୪ ଲକ୍ଷ ମହିଳା ☞ପୃଷ୍ଠା-୪

DSPL-112
**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**



ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା **ତା୨୩।୦୯।୨୦୨୪ରିଖ (ସୋମବାର)** ଦିବା ୧୧ ଘଟିକା ସମୟରୁ ୟୁନିଟ-୫, ଭୁବନେଶ୍ୱର ସ୍ଥିତ ସରକାରୀ ବାସଗୃହ ନମ୍ବର VIIIMR-4 ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ **ତା୧୯।୦୯।୨୦୨୪ରିଖ** ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ ଏବଂ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିପାରିବେ, ଯେଉଁମାନେ କି ଏହି ଦିନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ସେମାନଙ୍କର ଅଭିଯୋଗ ଜଣାଇପାରିବେ। ଏଥିନିମନ୍ତେ ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/)** ଅଥବା **ଜନଶୁଣାଣି ମୋବାଇଲ ଆପ୍ଲିକେଶନ**ରେ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବେ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
OIPR-09014/13/0023/2425

**ଆଜିର ସମ୍ପାଦକୀୟ**
ଧର୍ମଶାସ୍ତ୍ର ଓ ମନୁସ୍ମୃତି

DSPL - 113
**ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ୨୦୨୫**
ଆପଣଙ୍କ ଘରକୁ ବୁଥ୍ ସ୍ତରୀୟ ଅଧିକାରୀ ଭୋଟର ତାଲିକାର ବିବରଣୀ ଯାଞ୍ଚ ପାଇଁ ଆସିଲେଣି କି?
ଯଦି ଆସିନାହାନ୍ତି, ତେବେ ନିକଟସ୍ଥ ବୁଥ୍ ସହ ଯୋଗାଯୋଗ କରନ୍ତୁ।
ମୁଖ୍ୟ ନିର୍ବାଚନ ଅଧିକାରୀ,ଓଡ଼ିଶା
Chief Electoral Officer, Odisha
OIPR-12113/13/0009/2425
Follow us on : CEO Odisha | Ceoodisha | odishaceo | Chief Electoral Officer Odisha

DADLS-33
ଓଡ଼ିଶା ସରକାର





**ପ୍ରଗତିର ନୂତନ ସୂର୍ଯ୍ୟୋଦୟ**
୨୦୩୬ ସୁଦ୍ଧା ହେବ ବିକଶିତ ଓଡ଼ିଶାର ଅଭ୍ୟୁଦୟ
**ସରକାରଙ୍କ ୧୦୦ ଦିନ ପୂର୍ତ୍ତି ଉପଲକ୍ଷେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ**
ମୁଖ୍ୟ ଅତିଥି
**ଶ୍ରୀଯୁକ୍ତ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ସମ୍ମାନନୀୟ ଅତିଥି
**ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂଦେଓ** – ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା
**ଶ୍ରୀମତୀ ପ୍ରଭାତୀ ପରିଡ଼ା** – ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଏବଂ
ମନ୍ତ୍ରୀମଣ୍ଡଳର ସଦସ୍ୟ, ସାଂସଦ ଓ ବିଧାୟକଗଣ
ସ୍ଥାନ - ଶରଧାବାଲି, ପୁରୀ
ତାରିଖ: ୧୯.୦୯.୨୦୨୪ ପୂର୍ବାହ୍ନ - ଘ.୧୧. ୩୦ ମିନିଟ୍
ନୀଳାଚଳ ଅର୍ବାନ ହାଟରେ ବିକାଶ ମେଳାର ଉଦ୍‌ଘାଟନ
ସମାବେଶ ସ୍ଥଳରେ ସାଂସ୍କୃତିକ କାର୍ଯ୍ୟକ୍ରମ
ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗ ଦେବାପାଇଁ ଅନୁରୋଧ।
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-15001/13/0180/2425





# ଶ୍ରୀମନ୍ଦିର ୪ ଦ୍ୱାର ଖୋଲିଲା

ଚଳିତ ନିର୍ବାଚନରେ ଭାଜପା ପୂର୍ଣ୍ଣ ବହୁମତ ପାଇ ରାଜ୍ୟରେ ସରକାର ଗଠନ କରିବାର ୧୨ଘଣ୍ଟା ଭିତରେ ପ୍ରତିଶ୍ରୁତି ପୂରଣ କରିବାକୁ ଯାଇ ୨୦୨୦ କୋଭିଡ୍ ସମୟରୁ ଭକ୍ତମାନଙ୍କ ନିମନ୍ତେ ବନ୍ଦ ରହିଥିବା ଶ୍ରୀମନ୍ଦିର ଚାରିଦ୍ୱାରକୁ ଖୋଲିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା, ନୂତନ ମନ୍ତ୍ରୀ ପରିଷଦର ସମସ୍ତ ସଦସ୍ୟଙ୍କ ସହ ଭାଜପାର ବିଧାୟକ, ଏମ୍‌ପିଙ୍କ ଉପସ୍ଥିତିରେ ଶ୍ରୀମନ୍ଦିରର ୪ଦ୍ୱାର ଖୋଲିଥିଲା। ଦୀର୍ଘଦିନ ଧରି ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଥିବା ପ୍ରତିବନ୍ଧକ ହଟିଥିଲା। ଭକ୍ତମାନେ ଶ୍ରୀମନ୍ଦିର ଚାରିଦ୍ୱାର ଦେଇ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଅଶେଷ ଆନନ୍ଦ ଲାଭ କରିଥିଲେ। ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



## ଶ୍ରୀମନ୍ଦିର କର୍ପସ ପାଣ୍ଠିକୁ ୫୦୦ କୋଟି

ଶ୍ରୀଜଗନ୍ନାଥ ମନ୍ଦିର ରକ୍ଷଣାବେକ୍ଷଣ, ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟରେ ଭାଜପା ସରକାର ଗଠନ ହେବାର ପ୍ରଥମ ଦିନ ଅର୍ଥାତ୍ ଗତ ଜୁନ୍ ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରଥମ କ୍ୟାବିନେଟ୍ ବୈଠକରେ ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡ ଗଠନ କରାଯାଇଛି। ୨୦୨୪-୨୫ ବଜେଟରେ ଏଥିପାଇଁ ବ୍ୟୟବରାଦ କରାଯାଇଛି। ଶ୍ରୀମନ୍ଦିର ପାଇଁ ଅଚାନକ କୌଣସି ସମସ୍ୟା ଦେଖାଦେଲେ ଏହି ପାଣ୍ଠିରୁ ତୁରନ୍ତ ଅର୍ଥ ଖର୍ଚ୍ଚ ହେବ।

## ଖୋଲିଲା ରତ୍ନ ଭଣ୍ଡାର

ଶ୍ରୀଜଗନ୍ନାଥ ପ୍ରେମୀଙ୍କ ବହୁ ପ୍ରତୀକ୍ଷିତ ରତ୍ନ ଭଣ୍ଡାର ଖୋଲିବା ଆଶାକୁ ରାଜ୍ୟ ଭାଜପା ସରକାର ପ୍ରତିଶ୍ରୁତି ମୁତାବକ ପୂରଣ କରିଛନ୍ତି। ଜୁଲାଇ ୧୪ରେ ରତ୍ନ ଭଣ୍ଡାର ଖୋଲାଯାଇ ରତ୍ନ ଅଳଙ୍କାର ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଇତି ମଧ୍ୟରେ ସ୍ଥାନାନ୍ତର ପ୍ରକ୍ରିୟା ଶେଷ ହୋଇ ରତ୍ନ ଭଣ୍ଡାର ଯାଞ୍ଚ ପ୍ରକ୍ରିୟା ଚାଲିଛି। ରତ୍ନ ଭଣ୍ଡାର ମରାମତି ପରେ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତି କରିବାକୁ ସରକାର ପଦକ୍ଷେପ ନେଇଛନ୍ତି।



## ନିର୍ମାଣ ଶ୍ରମିକଙ୍କ ସହାୟତା ରାଶି ହେଲା ୬ ଲକ୍ଷ

ଭାଜପା ସରକାର କ୍ଷମତାକୁ ଆସିବାର ୧୦୦ ଦିନ ଭିତରେ ନିର୍ମାଣ ଶ୍ରମିକମାନଙ୍କୁ ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ପୂର୍ବରୁ ମିଳୁଥିବା ଦୁର୍ଘଟଣାଜନିତ ମୃତ୍ୟୁକାଳୀନ ସହାୟତା ରାଶିକୁ ୪ ଲକ୍ଷ ଟଙ୍କାରୁ ୬ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ସେହିପରି ସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ ମଧ୍ୟ ମିଳୁଥିବା ସହାୟତା ରାଶିକୁ ୨ ଲକ୍ଷ ଟଙ୍କାରୁ ୩ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ସେପ୍ଟେମ୍ବର ୧୧ ତାରିଖରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ଆୟୋଜିତ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି। ଏହି ସହାୟତା ରାଶି ଶ୍ରମିକମାନଙ୍କର ସାମାଜିକ ନିରାପତ୍ତାକୁ ଆହୁରି ସୁଦୃଢ଼ କରିବ ବୋଲି ସରକାର ଆଶା ରଖିଛନ୍ତି।

## ବିକଶିତ ଗାଁ, ବିକଶିତ ସହର, ବିକଶିତ ଓଡ଼ିଶାକୁ ଗୁରୁତ୍ୱ

ରାଜ୍ୟରେ ଭାଜପା ଶାସିତ ନୂଆ ସରକାର ତାଙ୍କ ପ୍ରଥମ ବଜେଟରେ ବିକଶିତ ଗାଁ, ବିକଶିତ ସହର, ବିକଶିତ ଓଡ଼ିଶା ନାମରେ ନୂତନ ଯୋଜନା ଆଣିଛନ୍ତି। ରାଜ୍ୟର ସାମଗ୍ରିକ ପ୍ରଗତିରେ ଗ୍ରାମୀଣ ଓ ନଗର ଉନ୍ନୟନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିକଶିତ ଓଡ଼ିଶାର ମାନ୍ୟତା ହାସଲ କରିବା ନିମନ୍ତେ ମୌଳିକ ସୁବିଧା ଓ ଅର୍ଥନୈତିକ ସୁଯୋଗର ସମାନ ଉପଲବ୍ଧତା ସହିତ ସାମଗ୍ରିକ ସନ୍ତୁଳିତ ବିକାଶ ସହ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ମଧ୍ୟରେ ସହଯୋଗକୁ ପ୍ରୋତ୍ସାହିତ କରିବା ଲାଗି ଏକ ସମନ୍ୱିତ ଆଭିମୁଖ୍ୟ ଗ୍ରହଣ କରିବାକୁ ପଡ଼ିବ ବୋଲି ସରକାର କହିଛନ୍ତି। 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ଲାଗି ବଜେଟରେ ହଜାରେ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି।

## ଓଡ଼ିଆ ଅସ୍ମିତା ପାଇଁ ୨୦୦ କୋଟିର କର୍ପସ ଫଣ୍ଡ୍

ରାଜ୍ୟ ସରକାର ଓଡ଼ିଆ ଅସ୍ମିତା ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ୨୦୦ କୋଟି ଟଙ୍କାର ଏକ ସ୍ୱତନ୍ତ୍ର ପାଣ୍ଠି (କର୍ପସ ଫଣ୍ଡ) ଗଠନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ପାଣ୍ଠିରେ ଓଡ଼ିଆ ଅସ୍ମିତା ଭବନ ଗଠନ ହେବ। ଏଥିସହିତ ଓଡ଼ିଆ ଅନୁବାଦ ଏକାଡେମୀ ଓ ବିଶ୍ୱସ୍ତରୀୟ ତାଳପତ୍ର ପୋଥି ସଂଗ୍ରହାଳୟ ପ୍ରତିଷ୍ଠା କରାଯିବ। ପାଇକ ବିଦ୍ରୋହ ସ୍ମାରକୀର ଉନ୍ନତୀକରଣ ହେବା ସହିତ ବାଲିଯାତ୍ରାକୁ ଅନ୍ତର୍ଜାତୀୟ ମାନ୍ୟତା ପ୍ରଦାନ ପାଇଁ ପ୍ରୟାସ କରାଯିବ। ଏଥିରେ ଓଡ଼ିଆ କଳାକାରମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଦିଆଯିବ। ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ପ୍ରଶିକ୍ଷଣ ନିମନ୍ତେ ଆର୍ଥିକ ପ୍ରୋତ୍ସାହନ ସହ ଜାତୀୟ ବିଶ୍ୱବିଦ୍ୟାଳୟ ଓ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଚେୟାର ପ୍ରତିଷ୍ଠା, ଜଳାନ୍ତରରେ ଇ-ଗ୍ରନ୍ଥାଳୟ ସ୍ଥାପନ ଏବଂ ସାଂସ୍କୃତିକ ଦଳ ପରିଚାଳନା ବ୍ୟବସ୍ଥା ଆଦି କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ଆଗାମୀ ଦିନରେ ଏହି ପାଣ୍ଠିର ପରିମାଣ ଆହୁରି ବୃଦ୍ଧି ହେବ। ଏହା ଦ୍ୱାରା ଓଡ଼ିଆ ଅସ୍ମିତା ଉଜ୍ଜୀବିତ ହେବା ସହିତ ଓଡ଼ିଶାର କଳା, ସ୍ଥାପତ୍ୟ, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର କ୍ଷେତ୍ରରେ ପ୍ରୋତ୍ସାହନ ମିଳିପାରିବ।

# ୧୦୦ ଦିନରେ ଲୋକଙ୍କ ସରକାର

ଓଡ଼ିଶାରେ ପ୍ରଥମ ଥର ପାଇଁ ଭାଜପା ସରକାର ଗଠନ କରିଛି। ମୁଖ୍ୟମନ୍ତ୍ରୀ ଭାବେ ମୋହନ ଚରଣ ମାଝୀ ଶପଥ ନେଇଥିବାବେଳେ ଉପମୁଖ୍ୟମନ୍ତ୍ରୀ ଭାବେ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା ଦାୟିତ୍ୱ ନେଇଛନ୍ତି। ଶପଥ ନେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଲୋକଙ୍କ ସରକାର ବୋଲି ଘୋଷଣା କରିଥିଲେ। ଇତିମଧ୍ୟରେ ମୋହନ ସରକାରଙ୍କୁ ୧୦୦ ଦିନ ପୂରିଛି। ସରକାର ଆସିବା ପରେ ପରେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବାଠାରୁ ଆରମ୍ଭ କରି ରତ୍ନଭଣ୍ଡାର ଖୋଲିବା, ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ସାମିଲ କରି ପ୍ରଥମ କିସ୍ତିରେ ୫ହଜାର ଟଙ୍କା ପ୍ରଦାନ କରିବା ଆଦି ପ୍ରତିଶ୍ରୁତି ପୂରଣ କରିଛନ୍ତି। ରାଜ୍ୟକୁ ବିକାଶ କ୍ଷେତ୍ରରେ ଆଗେଇ ନେବାକୁ ସରକାର ଗ୍ରାମାଞ୍ଚଳ ବିକାଶକୁ ଗୁରୁତ୍ୱ ଦେଇଛନ୍ତି। ଲୋକଙ୍କ ବିଶ୍ୱାସ ଏବଂ ଭରସାକୁ ପାଥେୟ କରି ରାଜ୍ୟରେ ସୁଶାସନ ପାଇଁ ମୋହନ ସରକାର ହୋଇଛନ୍ତି ପ୍ରତିଶ୍ରୁତିବଦ୍ଧ...

## ଖୋଲିଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ



ଭାଜପା ସରକାର ଗଠନ ହେବା ପରେ ଦୀର୍ଘ ମାସ ଧରି ବନ୍ଦ ପଡ଼ିଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଇଛି। ୨୦୨୪ ଜୁଲାଇ ପହିଲା ପ୍ରଥମ ସୋମବାରରେ ଭୁବନେଶ୍ୱର ୟୁନିଟ୍-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣି ସମାଧାନର ବାଟ ଖୋଲିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ସୋମବାର ଲୋକଙ୍କ ଅଭିଯୋଗ ଶୁଣାଣି କରିବା ସହ ଏହାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନେଉଛନ୍ତି। ପ୍ରାୟ ୧ ହଜାରରୁ ଅଧିକ ଲୋକ ପ୍ରଥମ ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ସେମାନଙ୍କ ସମସ୍ୟା ଜଣାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପୂର୍ବ ସରକାରଙ୍କ ସମୟରେ ଜନତା ଓ ସରକାରଙ୍କ ମଧ୍ୟରେ ଏକ ଲୌହ ପ୍ରାଚୀର ଥିଲା। ସେ ପ୍ରାଚୀର ଦୂର ହୋଇଛି। ଲୋକ ଓ ସରକାରଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ ପ୍ରତିଷ୍ଠା ହୋଇପାରିଛି।




ମହିଳାମାନଙ୍କୁ ସଶକ୍ତୀକରଣ କରିବାକୁ ଭାଜପା ସରକାର ରାଜ୍ୟରେ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବେ। ନୂଆ ସରକାରଙ୍କ ପ୍ରଥମ କ୍ୟାବିନେଟରେ ଏହି ନିଷ୍ପତ୍ତି ନିଆଯାଇଥିଲା। ପ୍ରତ୍ୟେକ ମହିଳାଙ୍କୁ ପ୍ରତ୍ୟେକ ବର୍ଷ ୨ କିସ୍ତିରେ ୧୦ ହଜାର ଟଙ୍କା କରି ୫ ବର୍ଷରେ ୫୦ ହଜାର ଟଙ୍କା ଦିଆଯିବ। ଭାଜପା ନିର୍ବାଚନ ପୂର୍ବରୁ ସଙ୍କଳ୍ପପତ୍ରରେ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବାକୁ ଘୋଷଣା କରିଥିଲା। ପ୍ରତିଶ୍ରୁତି ମୁତାବକ ସରକାର ଗଠନ ହେବାର ପ୍ରଥମ ଦିବସରେ ଏହାକୁ କ୍ୟାବିନେଟ୍‌ରେ ମଞ୍ଜୁର କରାଯାଇଥିଲା। ୧୦୦ ଦିନ ମଧ୍ୟରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଛି। ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ସୁଭଦ୍ରା ଯୋଜନାର ୨୫ ଲକ୍ଷ ୧୧ ଜଣ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନ କରାଯାଇଛି। ହିତାଧିକାରୀଙ୍କ ଆକାଉଣ୍ଟକୁ ୧୨୫୦ କୋଟି ୫୫ ହଜାର ଟଙ୍କା ପ୍ରଦାନ ଯାଇଛି। ଏ ଯୋଜନାର ଲାଭ ଓଡ଼ିଶାର ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କୁ ମିଳିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ୨୫ ଲକ୍ଷ 'ଲକ୍ଷପତି ଦିଦି': ୧୧୬୨ କୋଟି

ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ପାଇଁ ଶିଳ୍ପପୁଞ୍ଜିର ପ୍ରତିଷ୍ଠା, ଉତ୍ପାଦିତ ଦ୍ରବ୍ୟଗୁଡ଼ିକର ବିପଣନ ଏବଂ ପ୍ରଚାରପ୍ରସାର ନିମନ୍ତେ ୨୦୨୭ ମସିହା ସୁଦ୍ଧା ରାଜ୍ୟ ସରକାର ଓଡ଼ିଶାରେ ୨୫ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ବଜେଟରେ ୧୧୬୨ କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରହିଛି। ଏହାଦ୍ୱାରା ମହିଳାମାନେ ଅଧିକ ସ୍ୱାବଲମ୍ବୀ ଏବଂ ଆତ୍ମନିର୍ଭର ହୋଇପାରିବେ।



## ଧାନ କୁଇଣ୍ଟାଲ ପିଛା ଚାଷୀଙ୍କୁ ୩୧୦୦ ଟଙ୍କା

ନିର୍ବାଚନ ପୂର୍ବରୁ ଭାଜପା ଧାନ ସଂଗ୍ରହ ନୀତିରେ ପରିବର୍ତ୍ତନ ଆଣି କୃଷକମାନଙ୍କୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦେବାକୁ ଇସ୍ତାହାରରେ ଘୋଷଣା କରିଥିଲା। ସରକାର ଗଠନ ହେବାର ପ୍ରଥମ କ୍ୟାବିନେଟ ବୈଠକରେ ଉକ୍ତ ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା। ସରକାର ଏଥିପାଇଁ 'ସମୃଦ୍ଧ କୃଷକ ନୀତି' କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାର ଧାନ ଏମ୍‌ଏସ୍‌ପି ୨୩୦୦ଟଙ୍କା କରିଥିବାବେଳେ ରାଜ୍ୟ ସରକାର ୮୦୦ ଟଙ୍କା ବୋନସ୍ ଆକାରରେ ପ୍ରଦାନ କରିବେ।

## ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା

ରାଜ୍ୟ ସରକାର 'ମାଧୋ ସିଂ ହାତ ଖର୍ଚ୍ଚ' ନାଁରେ ନୂଆ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏଥିପାଇଁ ୨୦୨୪-୨୫ ବଜେଟରେ ୧୫୬ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଏହି ଯୋଜନାରେ ଅନୁସୂଚିତ ଜନଜାତି ବର୍ଗର ଅଷ୍ଟମ ଓ ଦ୍ୱାଦଶ ଶ୍ରେଣୀ ପାସ୍ କରୁଥିବା ଓ ନବମ ଓ ଏକାଦଶରେ ନାମ ଲେଖାଉଥିବା ପିଲାଙ୍କୁ ବାର୍ଷିକ ୫ ହଜାର ଟଙ୍କାର ସହାୟତା ପ୍ରଦାନ କରାଯିବ। ଏହାଦ୍ୱାରା ଗରିବ ଆଦିବାସୀ ପିଲାମାନେ ଅଧାରୁ ପାଠ ନ ଛାଡି ଉଚ୍ଚଶିକ୍ଷା ଗ୍ରହଣ କରିବେ।

## ଶ୍ରୀକ୍ଷେତ୍ରରେ ସରକାର ପାଳିବେ ୧୦୦ ଦିନ

ପୁରୀ,୧୮।୯ (ଅଜିତ୍ କୁମାର ମହାନ୍ତି)



ରାଜ୍ୟରେ ଗଠନ ହୋଇଥିବା ଭାଜପା ସରକାରକୁ ଗୁରୁବାର ୧୦୦ ଦିନ ପୂରଣ ହେଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ୧୦୦ ଦିନ ମଧ୍ୟରେ ରାଜ୍ୟବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ ସହ ଯେଉଁ ଜନହିତକର କାର୍ଯ୍ୟ କରିଛନ୍ତି ତାହାର ହିସାବ ଦେବ ରାଜ୍ୟ ଭାଜପା। ଏସବୁ ମଧ୍ୟରେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯିବା, ରତ୍ନଭଣ୍ଡାର ଖୋଲି ଯାଞ୍ଚ କରାଯିବା, ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରାଯିବା ଆଦି ଅନେକ କାର୍ଯ୍ୟ ରହିଛି। ଏ ନେଇ ୧୯ ତାରିଖରେ ରାଜ୍ୟର ସମସ୍ତ ଜିଲାରେ ଭାଜପା ପକ୍ଷରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ପୁରୀ ଶରଧାବାଲିଠାରେ ରାଜ୍ୟ ଭାଜପା ପକ୍ଷରୁ ଏକ ବିଶାଳ ସଭାର ଆୟୋଜନ କରାଯାଇଛି। ଏହି ସଭାରେ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ, ଭାଜପା ନେତା ଓ କର୍ମୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ଶରଧାବାଲିଠାରେ ପ୍ରସ୍ତୁତି ସରିଛି। ମଙ୍ଗଳବାର ସନ୍ଧ୍ୟାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପୁରୀ ଆସି ସଭାସ୍ଥଳ ବୁଲି ପ୍ରସ୍ତୁତିର ସମୀକ୍ଷା କରିଥିବାବେଳେ ବୁଧବାର ଭାଜପାର ବରିଷ୍ଠ କର୍ମକର୍ତ୍ତାମାନେ ମଧ୍ୟ ଶେଷ ପର୍ଯ୍ୟାୟର କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି, ସେପ୍ଟେମ୍ବର ୧୯ ତାରିଖରେ ରାଜ୍ୟ ଭାଜପା ସରକାରଙ୍କ ୧୦୦ ଦିନ ପୂରଣ ହେବାକୁ ଯାଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇ ଭାଜପା ରାଜ୍ୟରେ ପ୍ରଥମ ଥର ପାଇଁ ଏକାକୀ ସରକାର ଗଠନ କରିଛି। ସରକାର ଗଠନ ହେବାର ପ୍ରଥମ ଦିନ ନବନିର୍ବାଚିତ ନେତା ଓ ମନ୍ତ୍ରୀ ଆସି ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ୧୦୦ ଦିନ ପୂର୍ତ୍ତି ଅବସରରେ ପୁରୀ ଶରଧାବାଲିଠାରେ ପ୍ରଥମ କାର୍ଯ୍ୟକ୍ରମ ତଥା ବିଶାଳ ସଭା ଅନୁଷ୍ଠିତ ହେବ। ପରେ ରାଜ୍ୟର ସମସ୍ତ ଜିଲାରେ କାର୍ଯ୍ୟକ୍ରମ ହେବ। ସଭାରେ ସରକାରଙ୍କ ସଫଳତାକୁ ପ୍ରଦର୍ଶନ କରାଯିବ। ସମୀକ୍ଷା ପରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ସୁଭଦ୍ରା ଯୋଜନା ସଫଳ ହୋଇଥିବାରୁ ସେ ମହାପ୍ରଭୁଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଯେଉଁମାନଙ୍କ ଆକାଉଣ୍ଟକୁ ଟଙ୍କା ଆସିନାହିଁ ସେମାନଙ୍କର ପେଣ୍ଡିଂ ରହିଛି। ସମସ୍ତେ ଯେପରି 'ସୁଭଦ୍ରା' ଟଙ୍କା ପାଇବେ ତାହା ତାଙ୍କ ସରକାରର ଲକ୍ଷ୍ୟ ବୋଲି ପରିଡ଼ା କହିଛନ୍ତି।

# ପେଜର ପରେ ୱାକିଟକି ବିସ୍ଫୋରଣ

## ମଧ୍ୟପ୍ରାଚ୍ୟରେ ଘାତକ ଅସ୍ତ୍ର





ଲେବାନନ୍‌ର ବନ୍ଦର ସହର ସିଡୋନ୍‌ସ୍ଥିତ ଏକ ମୋବାଇଲ୍ ଦୋକାନରେ ୱାକିଟକି ବିସ୍ଫୋରଣ ଘଟିବା ପରେ ବାହାରେ ସୈନ୍ୟମାନେ ମୁତୟନ ହୋଇଛନ୍ତି।

**ମଙ୍ଗଳବାର ଅପରାହ୍ନ ୩ଟା ୩୦ ପରେ ଆତଙ୍କବାଦୀ ସଙ୍ଗଠନ ହେଜ୍‌ବୋଲ୍ଲା ଦ୍ୱାରା ଲେବାନନ୍ ଓ ସିରିୟାରେ ବ୍ୟବହୃତ ଅନେକ ହଜାର ପେଜରରେ ଏକକାଳୀନ ବିସ୍ଫୋରଣ ଘଟିଥିଲା। ତେବେ ଇସ୍ରାଏଲୀ ସର୍ଭିଲାନ୍ସରୁ ବର୍ତ୍ତିବା ପାଇଁ ଗ୍ଲୋବାଲ ପଜିଶନିଂ ସିଷ୍ଟମ୍ (ଜିପିଏସ୍), ମାଇକ୍ରୋଫୋନ୍ ଏବଂ କ୍ୟାମେରା ସଂଯୁକ୍ତ କରାଯାଇ ନ ଥିବା ଏହି ଉପକରଣ ହେଜ୍‌ବୋଲ୍ଲା ପାଇଁ କିପରି ଭାବେ ଘାତକ ଅସ୍ତ୍ର ପାଲଟିଲା ତାହା ହେଉଛି ବଡ଼ ପ୍ରଶ୍ନ। ଏହି ପ୍ରଶ୍ନର ଉତ୍ତର ମିଳି ନ ଥିବାବେଳେ ୱାକି-ଟକି ବିସ୍ଫୋରଣରେ ହେଜ୍‌ବୋଲ୍ଲାର ୯ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ପ୍ରାୟ ୩୦୦ ଜଣ ଆହତ ହୋଇଛନ୍ତି।**

ବିରୁଟ୍,୧୮।୯

ଲେବାନନ୍‌ରେ ଥିବା ହେଜ୍‌ବୋଲ୍ଲାର ଗଡ଼ଗୁଡ଼ିକରେ ବୁଧବାର ୱାକି-ଟକି ବିସ୍ଫୋରଣରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ମଧ୍ୟପ୍ରାଚ୍ୟର ଏହି ଦେଶରେ ପେଜର ବିସ୍ଫୋରଣରେ ୧୨ ଜଣଙ୍କ ମୃତ୍ୟୁ ଘଟିବା ସହ ୨,୮୦୦ ଜଣ ଆହତ ହେବାର ଦିନକ ପରେ ଏହା ଦେଖିବାକୁ ମିଳିଛି। ତେବେ ଏଥିରେ କେତୋଟି ୱାକି-ଟକି ବ୍ୟବହାର କରାଯାଇଥିଲା ତାହା ସ୍ପଷ୍ଟ ହୋଇନାହିଁ। ପୂର୍ବ ଲେବାନନ୍‌ର କେତେକ ସ୍ଥାନରେ ଲ୍ୟାଣ୍ଡଲାଇନ୍ ଟେଲିଫୋନ୍ ବିସ୍ଫୋରଣ ଘଟିଥିବା ନେଇ ମଧ୍ୟ ରିପୋର୍ଟ ଆସିଛି।

ରିପୋର୍ଟ ଅନୁସାରେ, ହାତରେ ଧରାଯାଉଥିବା ୱେ୍ୟାରଲେସ୍ ୱାକି-ଟକି ଉପକରଣଗୁଡ଼ିକୁ ପେଜର ସହ ଏକସଙ୍ଗେ କିଣାଯାଇଥିଲା। ଇରାନ୍ ସମର୍ଥିତ ହେଜ୍‌ବୋଲ୍ଲା ବୁଧବାର ଇସ୍ରାଏଲୀ ସେନାକୁ ରକେଟ ମାଡ଼ କରିଛି। ଲେବାନନ୍‌ରେ ପେଜର୍ ବିସ୍ଫୋରଣରେ ହେଜ୍‌ବୋଲ୍ଲାର ଅନେକ ହଜାର ସଦସ୍ୟ ଆହତ ହେବା ପରେ ଏହା ହେଉଛି ଶତ୍ରୁପକ୍ଷ ଉପରେ ପ୍ରଥମ ଆକ୍ରମଣ, ଯାହାକୁ ନେଇ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆହୁରି ବିସ୍ତାର ଲାଭ କରିବା ନେଇ ଆଶଙ୍କା ପ୍ରକାଶ ପାଇଛି।

ବିଦେଶ ମାଟିରେ ଘାତକ ଅପରେଶନ୍ ଚଳାଇବା ନେଇ ଇତିହାସ ରହିଥିବା ଇସ୍ରାଏଲ୍‌ର ସ୍ପାଏ ଏଜେନ୍ସି ମୋସାଦ୍ କିଛି ମାସ ତଳେ ହେଜ୍‌ବୋଲ୍ଲା ଆମଦାନୀ କରିଥିବା ପେଜରଗୁଡ଼ିକରେ ବିସ୍ଫୋରକ ଖଞ୍ଜିଥିଲା। ମଙ୍ଗଳବାର ସେହି ପେଜରଗୁଡ଼ିକର ବିସ୍ଫୋରଣରେ ଜଣେ ନାବାଳିକାଙ୍କ ସମେତ ୧୨ ଜଣଙ୍କ ମୃତ୍ୟୁ ଘଟିବା ସହ ୨,୮୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରୁ ୨୦୦ରୁ ଊର୍ଦ୍ଧ୍ୱଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ଲେବାନନ୍ ସ୍ୱାସ୍ଥ୍ୟମନ୍ତ୍ରୀ ଫିରାସ୍ ଅବିଆଦ୍ ସୂଚନା ଦେଇଛନ୍ତି। ହେଜ୍‌ବୋଲ୍ଲା ଏହାକୁ ସବୁଠୁ ବଡ଼ 'ସୁରକ୍ଷା ତ୍ରୁଟି' ବୋଲି ଅଭିହିତ କରିବା ସହ ଏହା ପଛରେ ଇସ୍ରାଏଲ ସମ୍ପୃକ୍ତି ଥିବା ଦର୍ଶାଇ ପ୍ରତିଶୋଧର ଧମକ ଦେଇଛି।

## ୯ ମୃତ, ୩୦୦ ଆହତ

ଇତିମଧ୍ୟରେ ପେଜର ବିସ୍ଫୋରଣରେ ନିହତ ୩ ଜଣ ହେଜ୍‌ବୋଲ୍ଲା ସଦସ୍ୟଙ୍କ ମୃତଦେହ ସତ୍କାର ବେଳେ ବୁଧବାର ଏକାଧିକ ବିସ୍ଫୋରଣ ଘଟିଛି। ଅନ୍ୟ କେତେକ ସ୍ଥାନରେ ଘଟିଥିବା ବିସ୍ଫୋରଣରେ ଆହୁରି ୬ ଜଣଙ୍କ ମୃତ୍ୟୁ ଘଟିବା ସହ ୩୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏଥିରେ ୱାକି-ଟକି ବ୍ୟବହୃତ ହୋଇଥିବା କୁହାଯାଉଛି। ହଙ୍ଗେରି ନିର୍ମିତ ଏଆର୍-୯୨୪ ପେଜରଗୁଡ଼ିକରେ ଏହାର ନିର୍ମାତା ନାମ ବିଏସି କନ୍‌ସଲ୍ଟିଂ କେଏଫ୍‌ଟି ଉଲ୍ଲେଖ ରହିଛି।

୨୦୨୩ ଅକ୍ଟୋବର ୮ରେ ଇସ୍ରାଏଲ୍ ସହ ଯୁଦ୍ଧ ଆରମ୍ଭ ହେବା ପରଠୁ ହମାସ୍‌କୁ ହେଜ୍‌ବୋଲ୍ଲା ସହଯୋଗ କରିଆସୁଛି। ଉଭୟ ଆମେରିକା ଓ ୟୁରୋପୀୟ ସଂଘ (ଇୟୁ) ଦ୍ୱାରା ନିଷିଦ୍ଧ ଘୋଷିତ ହେଜ୍‌ବୋଲ୍ଲାର ରାଜନୈତିକ ଏବଂ ସାମରିକ ପ୍ରତିଷ୍ଠାନ ଲେବାନନ୍‌ରେ ରହିଛି, ଯାହାକୁ ଇରାନ୍ ସମର୍ଥନ କରିଆସୁଛି। ସଦ୍ୟ ଆକ୍ରମଣ ନେଇ ଇସ୍ରାଏଲ୍ ଆମେରିକାକୁ ଅବଗତ କରାଇଛି। ପେଜରଗୁଡ଼ିକରେ ସ୍ୱଳ୍ପ ପରିମାଣର ବିସ୍ଫୋରକ ଲୁକ୍କାୟିତ ଭାବେ ରଖାଯାଇଥିବା ଇସ୍ରାଏଲ୍ କହିଛି। ପ୍ରତିରକ୍ଷା ପଦକ୍ଷେପ ସ୍ୱରୂପ ଲେବାନନ୍ ସୀମାକୁ ଇସ୍ରାଏଲ୍ ଅଧିକ ସୈନ୍ୟ ପ୍ରେରଣ କରିଛି।

# ୨୧ରେ ଆତିଶୀଙ୍କ ଶପଥ

ନୂଆଦିଲ୍ଲୀ, ୧୮।୯



ଦିଲ୍ଲୀର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଆପ୍‌ର ବିଧାୟକ ଦଳ ନେତା ଆତିଶୀଙ୍କର ଶପଥ ଗ୍ରହଣ ଉତ୍ସବକୁ ଆସନ୍ତା ୨୧ରେ କରିବାକୁ ଉପ ରାଜ୍ୟପାଳ ଭି.କେ. ସକ୍ସେନା ପ୍ରସ୍ତାବ ଦେଇଛନ୍ତି। ଦିଲ୍ଲୀର ରାଜ୍‌ନିବାସରେ ଶପଥ ଗ୍ରହଣ ଉତ୍ସବ ହେବାର ସମ୍ଭାବନା ରହିଛି। ଆପ୍‌ର ଦଳୀୟ ସୂତ୍ର ଅନୁଯାୟୀ, କେଜ୍‌ରିୱାଲ ସରକାରରେ ମନ୍ତ୍ରୀ ଥିବା ବରିଷ୍ଠ ନେତା ଗୋପାଳ ରାୟ, ସୌରଭ ଭରଦ୍ୱାଜ, ଇମ୍ରାନ ହୁସେନ୍ ଓ କୈଳାସ ଗେହଲୋଟ ଆତିଶୀଙ୍କର ମନ୍ତ୍ରିମଣ୍ଡଳରେ ମଧ୍ୟ ସ୍ଥାନ ପାଇବେ। ସେହିପରି ୨ ଜଣ ବିଧାୟକ ଦିଲ୍ଲୀ ସରକାରଙ୍କ ନୂତନ ମନ୍ତ୍ରୀ ଭାବେ ୨୧ରେ ଶପଥ ନେବେ। ଦିଲ୍ଲୀ ବିଧାନସଭାରେ ଆସନ୍ତା ୨୬ ଏବଂ ୨୭ରେ ଆତିଶୀ ତାଙ୍କ ବହୁମତ ସାବ୍ୟସ୍ତ କରିବେ।

# ୧୫ ଦିନ ମଧ୍ୟରେ ସରକାରୀ ବଙ୍ଗଳା ଛାଡ଼ିବେ କେଜ୍‌ରିୱାଲ

ନୂଆଦିଲ୍ଲୀ, ୧୮।୯

ଆମ୍ ଆଦ୍‌ମୀ ପାର୍ଟିର ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜ୍‌ରିୱାଲ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ସମସ୍ତ ସରକାରୀ ସୁବିଧାକୁ ତ୍ୟାଗ କରିବେ। ସେ ୧୫ ଦିନ ମଧ୍ୟରେ ନିଜର ସରକାରୀ ବଙ୍ଗଳାକୁ ଖାଲି କରିବେ ବୋଲି ଆପ୍ ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ ବୁଧବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ଥିବା ବ୍ୟକ୍ତିଙ୍କୁ ବିଭିନ୍ନ ପ୍ରକାର ସରକାରୀ ସୁବିଧା ମିଳିଥାଏ, ଯାହା କେଜ୍‌ରିୱାଲଙ୍କୁ ମଧ୍ୟ ମିଳିଥିଲା। ତେବେ ପଦରୁ ଇସ୍ତଫା ଦେବା ପରେ ଏବେ ସେ ଏହି ସବୁ ସୁବିଧା ତ୍ୟାଗ କରିବେ। ସେହିପରି କେଜ୍‌ରିୱାଲ, ତାଙ୍କୁ ମିଳୁଥିବା ସୁରକ୍ଷାକୁ ତ୍ୟାଗ କରି ସାଧାରଣ ଲୋକଙ୍କ ପରି ବସବାସ କରିବେ ବୋଲି ସଞ୍ଜୟ କହିଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ କେଜ୍‌ରିୱାଲ ସୁରକ୍ଷାକୁ ନେଇ ସେ ଚିନ୍ତା ବ୍ୟକ୍ତ କରିଛନ୍ତି।






**ଆଜିର ମନ୍ତବ୍ୟ**

"ବେଦ ହେଉଛି ଜ୍ଞାନର ଗନ୍ତାଘର, ଯହିଁରେ ଭୌତିକ ଓ ଆଧ୍ୟାତ୍ମିକ ଜୀବନରେ ସମାଜ ପାଇଁ ଅନେକ ଶିକ୍ଷା ରହିଛି। ସନାତନ ଧର୍ମ ପ୍ରତି ବିଶ୍ୱର ଦୃଷ୍ଟିକୋଣ ବଦଳୁଥିବାବେଳେ ଲୋକେ ଏହାକୁ ଆପଣାଇବା ସମୟ ଆସିଛି।"
–ମୋହନ ଭାଗବତ, ଆର୍‌ଏସ୍‌ଏସ୍ ମୁଖ୍ୟ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳ ରତ୍ନ ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କ ୯୧ତମ ମହାବିଶ୍ରାମ ଦିବସ, ସ୍ଥାନ: ରାଜ ଭବନସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ିଶା ୟୁନିଭର୍ସିଟି ଅଫ୍ ହେଲ୍‌ଥ ସାଇନ୍ସେସ କ୍ୟାମ୍ପସ, ଶିଶୁଭବନ ଛକ ସମୟ: ସକାଳ ୯ଟା ୩୦।
- ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଆରାଧନା ପାଢୀ ରିଡିଙ୍ଗ କର୍ନର ଓ ଡିଜିଟାଲ ଲାଇବ୍ରେରୀ ଉଦ୍‌ଘାଟନ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେଶନ ଟ୍ରଷ୍ଟର ବାର୍ଷିକ ସମାବର୍ତ୍ତନ ଉତ୍ସବ, ସ୍ଥାନ: ରୋଟାରୀ ଭବନ, ୟୁନିଟ୍– ୯, ସମୟ: ଅପରାହ୍ନ ୫ଟା।
- ଆଲୋଚନା ଚକ୍ର, ସ୍ଥାନ: ଶିକ୍ଷାସନ୍ଧାନ, ଏନ୍‌ଡି–୭, ଆଇଆର୍‌ସି ଭିଲେଜ୍, ସମୟ: ଅପରାହ୍ନ ୫ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ 'ଦେବଦାସୀ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ବିକାଶ ମେଳାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଅର୍ବାନ ହାଟ, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟ ଭାଜପା ସରକାରଙ୍କ ୧୦୦ ଦିନ ପୂର୍ତ୍ତି ଅବସରରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ, ସ୍ଥାନ: ଶରଧାବାଲି, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଖୋର୍ଦ୍ଧା

- ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ଏସ୍‌ପିଙ୍କୁ ଦାବିପତ୍ର, ସ୍ଥାନ: ଏସ୍‌ପିଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ନିପୁଣ ଓଡ଼ିଶା ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ଖୋର୍ଦ୍ଧା, ସମୟ: ମଧ୍ୟାହ୍ନ ୧୨ଟା।
- ଅଷ୍ଟମ ବାର୍ଷିକ ଶ୍ରୀମଦ ଭାଗବତ ସପ୍ତାହ ପ୍ରବଚନ ଓ ଜ୍ଞାନଯଜ୍ଞ, ସ୍ଥାନ: ଅରାଙ୍ଗ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଜିଲାସ୍ତରୀୟ ଖୋ–ଖୋ, କବାଡ଼ି, ଭଲିବଲ୍, ବିଚ୍ ଭଲିବଲ ଏବଂ ହ୍ୟାଣ୍ଡବଲ୍ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଖ୍ରୀଷ୍ଟିଆନ ହାଇସ୍କୁଲ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ସ୍କୁଲ ଭୂ–ସମ୍ପତ୍ତି ସୁରକ୍ଷା ନିମନ୍ତେ ପରିବର୍ଦ୍ଧିତ ବୈଠକ, ସ୍ଥାନ: ଉଠାଜଳସେଚନ କର୍ମଚାରୀ ଭବନ, ପଡୁଆଁପଦା, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ପୂର୍ବତନ ବିଧାୟକ ବିଷ୍ଣୁ ସେଠୀଙ୍କ ୨ୟ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ, ସ୍ଥାନ: କାଳୀପଡ଼ିଆ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ସେବା ସପ୍ତାହ ପାଳନ ଉପଲକ୍ଷେ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ମତୋ, ଚାନ୍ଦବାଲି, ସମୟ : ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ଲକ୍ଷ୍ମୀ ନାରାୟଣ ମନ୍ଦିରରେ ଭାଗବତ ପାଠ, ପୂଜା, ସ୍ଥାନ: ସରଳା, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ହରିବଂଶ ପାଠ ଏବଂ ପୂଜା, ସ୍ଥାନ : ଶାଳନିଆଁ, ହାଟଡ଼ିହୀ, ସମୟ :ସକାଳ ୮ ଟା।
- ମା' ଦୁର୍ଗାଙ୍କ ମନ୍ଦିରରେ ଭଜନ କୀର୍ତ୍ତନ ସମାରୋହ, ସ୍ଥାନ: ଡ଼ଅଁର, ହାଟଡ଼ିହୀ, ସମୟ : ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ସିକ୍ୟୁରିଟି ଗାର୍ଡ ନିଯୁକ୍ତି ନିମନ୍ତେ ବ୍ଲକସ୍ତରୀୟ କ୍ୟାମ୍ପ, ସ୍ଥାନ: ମୋରଡ଼ା ବ୍ଲକ କାର୍ଯ୍ୟାଳୟ, ଚିତ୍ରଡ଼ା ସମୟ: ପୂର୍ବାହ୍ନ ୧୦ଟା୩୦ରୁ ଅପରାହ୍ନ୧ଟା୩୦।
- ଜିଲାସ୍ତରୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଶହୀଦ ସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଦିବ୍ୟାଙ୍ଗଙ୍କୁ ସହାୟକ ଯନ୍ତ୍ର ପ୍ରଦାନ ଚିହ୍ନଟ ଶିବିର, ସ୍ଥାନ: ଠାକୁରମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସର,ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ଇଲୋକ୍ଟ୍ରୋନିକ୍ସ ସାଇନ୍ସ ବିଭାଗ ପକ୍ଷରୁ କର୍ମଶାଳା, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନିଉ କନଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ

- ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଉଦ୍ଭିଦ ବିଜ୍ଞାନ ବିଭାଗର ପାଠଚକ୍ର, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।
- ଜିଲାସ୍ତରୀୟ କବାଡି, ଯୋଗାସନ ପ୍ରତିଯୋଗିତା ଉଦଘାଟନ, ସ୍ଥାନ: ସାନଖେମୁଣ୍ଡି ବ୍ଲକ ପାଟପୁର ବାଳକ ହାଇସ୍କୁଲ ଖେଳପଡିଆ ସମୟ: ଅପରାହ୍ନ ୩ଟା।

## କନ୍ଧମାଳ

- ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: ଦାରିଙ୍ଗବାଡି ବ୍ଲକ କାର୍ଯ୍ୟାଳୟ,ସମୟ: ସକାଳ ୭ଟା।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ, ସାଇକେଲ ରାଲି, ସ୍ଥାନ: ଜଗନ୍ନାଥ ମନ୍ଦିର ମଧୁବନ, ପାରାଦୀପ,ସମୟ: ସକାଳ ୭ ଟା।
- ଜଗନ୍ନାଥ ଟ୍ରକ ମାଲିକ ସଂଘ ବିଶ୍ୱକର୍ମା ପୂଜା ମଣ୍ଡପ ପାଖରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାଙ୍କ ଛକ, ବଡ଼ପଡ଼ଆ, ପାରାଦୀପ, ସମୟ ସନ୍ଧ୍ୟା ୮ଟା।

## କେନ୍ଦ୍ରାପଡ଼ା

- ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ପ୍ରତିଷ୍ଠା ଦିବସ ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ସକାଳ ୮ଟା।
- ମା' ପାଇଁ ଗଛଟିଏ, ସ୍ଥାନ: ଖଡ଼ିଅଣ୍ଡା, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜିଲାସ୍ତରୀୟ ପୋଷଣ ମାହା–୨୦୨୪, ସ୍ଥାନ: ଯାଜପୁର ମିଶନ ଶକ୍ତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଯାଜପୁର ରୋଡ଼–ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କୁ ଭେଟିବା କାର୍ଯ୍ୟକ୍ରମ, ସ୍ଥାନ: ପୂର୍ବତଟ ରେଳପଥ ଡିଭିଜନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ପୂର୍ବତନ ଏମ୍‌ପି ପ୍ରଦୀପ ମାଝିଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର ବିନୋଦ ପ୍ୟାଲେସ, ସମୟ: ମଧ୍ୟାହ୍ନ ୧୨ଟା।
- ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟନ, ସ୍ଥାନ: ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍, ସମୟ: ଅପରାହ୍ନ ୨ଟା।

## କୋରାପୁଟ

- ଜିଲାସ୍ତରୀୟ ଖୋକୋ ଓ କବାଡି କ୍ରୀଡାବିତ୍ ଚୟନ ପ୍ରତିଯୋଗିତା, ସ୍ଥାନ: କୋଟପାଡ଼ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୮ରୁ ଆରମ୍ଭ।
- ଜିଲାସ୍ତରୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସ, ସ୍ଥାନ: ପୁଙ୍ଗାର, ସେମିଳିଗୁଡ଼ା, ସମୟ: ସକାଳ ୮ ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ, ସମୟ : ସକାଳ ୭ଟା।
- ଯୋଗ ଶିବିର, ସ୍ଥାନ : ସହଯୋଗ ନଗରସ୍ଥିତ ରାଧାକୃଷ୍ଣ ମନ୍ଦିର, ସମୟ : ସକାଳ ୭ଟା।
- ଜିଲା ପାରା ଲିଗାଲ ସ୍ୱେଚ୍ଛାସେବୀଙ୍କ ବୈଠକ, ସ୍ଥାନ: ଜିଲା ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ସୁଇଟ ଆୟୋଜିତ ୧୫ତମ ଓରିଏଣ୍ଟେଶନ ପ୍ରୋଗ୍ରାମ, ସ୍ଥାନ: ଜ୍ୟୋତି ବିହାରସ୍ଥିତ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ:ପୂର୍ବାହ୍ନ ୧୧ଟା ୩୦।

## ବଲାଙ୍ଗୀର

- ଲନ୍‌ବଲ ପ୍ରଶିକ୍ଷଣ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦ ମିନିଟ।
- ନକ୍‌ଆଉଟ୍ ଫୁଟବଲ ମ୍ୟାଚ, ସ୍ଥାନ: ଖୁଜେପାଲି ଖେଳପଡିଆ, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର

- ତରଭା ଏନ୍‌ଏସିର ଅନ୍ତର୍ଡାରେ ଭାଗବତ ଜନ୍ମ ପାଳନ ଅବସରରେ ନଗର କୀର୍ତ୍ତନ୍ୟ ଗ୍ରାମ ପରିକ୍ରମା, ସ୍ଥାନ: ଅନ୍ତର୍ଡା ଭାଗବତ ମନ୍ଦିର, ସମୟ: ସକାଳ ୯ଟା।
- ଗାଡି ଚାଳକ ସଂଘର ବିଶ୍ୱକର୍ମା ଭସାଣି, ସ୍ଥାନ: ,ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରାମ୍ୟ ପରିଚାଳନା କମିଟି ବୈଠକ, ସ୍ଥାନ: ଗୁଦଗୁଦା,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଭାଗବତ ପଠନ, ସ୍ଥାନ: ଲୁଡୁରପଙ୍କ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ତରଭା କୋସଲ ସାହିତ୍ୟ ଏକାଡେମୀ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ବ୍ଲକସ୍ତରୀୟ ସୁଭଦ୍ରା ଆର୍ଟ ପ୍ରତିଯୋଗିତା, ସ୍ଥାନ: ଯମୁନାକଛୁଣୀ ବାଳିକା ଉଚ୍ଚ ବିଦ୍ୟାଳୟ, ପାଇକମାଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ଗାୟତ୍ରୀ ମନ୍ଦିର ପରିସର, ସମୟ: ସକାଳ ୭ଟା।
- ଆଗାମୀ ଦୁର୍ଗା ପୂଜା ପାଇଁ ବୈଠକ, ସ୍ଥାନ: ସହରସ୍ଥିତ ମଙ୍ଗଳବଜାର ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ଗଣେଶ ପୂଜା ବିସର୍ଜନ, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ, ସମୟ: ଅପରାହ୍ନ ୫ଟା।

## ରାଉରକେଲା

- ପିଏଫ୍ କାର୍ଯ୍ୟାଳୟ ସମ୍ମୁଖରେ ଇପିଏସ୍ ପ୍ରସଙ୍ଗକୁ ନେଇ ବିକ୍ଷୋଭ, ସ୍ଥାନ: ସିଭିଲ ଟାଉନଶିପ୍, ସମୟ: ସକାଳ ୯ଟା।
- କେନ୍ଦ୍ରିୟ ପୂଜା କମିଟି ନିର୍ବାଚନ ପାଇଁ ବୈଠକ, ସ୍ଥାନ: ସେକ୍ଟର–୧, ସମୟ: ସନ୍ଧ୍ୟା ୬ଟା।
- ବେଦବ୍ୟାସ ବିକାଶ ମଞ୍ଚ ପକ୍ଷରୁ ବୈଠକ, ସ୍ଥାନ: ଛେଣ୍ଡ ଗୋପବନ୍ଧୁ ପାଠାଗାର, ସମୟ: ସନ୍ଧ୍ୟା ୬ଟା ୩୦।
- ଆଦର୍ଶ ପାଠାଗାରାର ମାସିକ ସାହିତ୍ୟ ଆସର, ସ୍ଥାନ: ସେକ୍ଟର–୫, ଭଞ୍ଜଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼

- ଜିଲାସ୍ତରୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଗୋପପୁର, ବାରକୋଟ, ଦେବଗଡ, ସମୟ: ସକାଳ ୯ଟା। ସାଂସ୍କୃତିକ କାର୍ଯ୍ୟକ୍ରମ, ସମୟ: ପୂର୍ବାହ୍ନ ୧୦ଟା। ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପନ, ସମୟ: ଅପରାହ୍ନ ୩ଟା ୩୦।
- ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ଚୟନ ୨୦୨୪–୨୫, ସ୍ଥାନ: ତିଳେଇବଣି ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଉଚ୍ଚ ପ୍ରାଥମିକ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ପାଇଁ ପ୍ରଶିକ୍ଷଣ ପେଟିକା, ସ୍ଥାନ: ଜିଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## କଳାହାଣ୍ଡି

- କୌଶଳ ଅସ୍ମିତା ରଥ ଶୁଭାରମ୍ଭ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ଅଫିସ ନିକଟ, ସମୟ: ପୂର୍ବାହ୍ନ ୧୦ଟା।
- ଟିପିଡବ୍ଲ୍ୟୁଓଡ଼ିଏଲ୍ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: ଧର୍ମଗଡ଼ ସବ୍‌ଡିଭିଜନ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ପୋଷଣ ମାସ ଆରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବୌଦ୍ଧ, ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** – ଆଜି ଦ୍ୱାଦଶ ଚନ୍ଦ୍ର କାରଣରୁ ସ୍ୱାସ୍ଥ୍ୟସମସ୍ୟା, କରଜଦାତାଙ୍କ ଚାପ, ଦୂରଯାତ୍ରା କରିବାକୁ ପଡ଼ିପାରେ। ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁ ମାର୍ଗଦର୍ଶକ ସାଜିବେ। ବନ୍ଧୁଙ୍କ ସାହାଯ୍ୟରେ ନିର୍ମାଣାଧୀନ କାମରେ ଥିବା ପ୍ରତିବନ୍ଧକ ଦୂର ହେବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଭୂମିକା ନିର୍ବାହ କରିବେ।

**ବୃଷ** – ଲାଭଭାବରେ ଚନ୍ଦ୍ର କାର୍ଯ୍ୟସାଧନ ପାଇଁ ଅନୁକୂଳ ରହିବା ସାଙ୍ଗକୁ ଆଲୋଚନାରେ ଆପଣଙ୍କ ପ୍ରସ୍ତାବ ଗ୍ରହଣଯୋଗ୍ୟ ହେବ। ସେବା ଓ ପରୋପକାର ଦ୍ୱାରା ପ୍ରଶଂସିତ ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ଅସୁବିଧା ହେବନାହିଁ। ପରିବାରରେ ସମସ୍ୟା ଭିତରେ ଗତିକଲେ ମଧ ନିଜକୁ ନିୟନ୍ତ୍ରଣରେ ରଖିବା ପାଇଁ ସମର୍ଥ ହେବେ।

**ମିଥୁନ** – ଧନାଧିପ କର୍ମସ୍ଥ ଯୋଗୁ ଯାହା ଆଶା କରୁଛନ୍ତି ତାହା ପାଇବାରେ ଅସୁବିଧା ରହିବ ନାହିଁ। ପାରିବାରିକ ସମସ୍ୟା ଥିଲେ ମଧ କାମ ସଫଳତାର ସହ ସମ୍ପନ୍ନ କରିବେ। ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରି କୈଫିୟତ୍ ଦେବାକୁ ପଡ଼ିପାରେ। ବ୍ୟବସାୟରେ ସମସ୍ୟା ବଢ଼ି ବଡ଼ଆକାର ଧାରଣ କରିବାର ଆଶଙ୍କା ରହିଛି।

**କର୍କଟ** – ଭାଗ୍ୟଭାବସ୍ଥ ଚନ୍ଦ୍ରଙ୍କ ସୁପ୍ରଭାବରେ ସମସ୍ୟାଗୁଡ଼ିକର ସରଳ ସମାଧାନ କରିବାରେ ସଫଳ ହେବେ। ନିଜ ପରିସରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଖଳଲୋକଙ୍କ କଥାକୁ ଗ୍ରହଣ କରିବା ଦ୍ୱାରା ପାରିବାରିକ କଳହ ସୃଷ୍ଟି ହୋଇପାରେ।

**ସିଂହ** – ଆଜି ଅଷ୍ଟମ ଚନ୍ଦ୍ରଜନିତ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ କିନ୍ତୁ ଆର୍ଥିକ ଦିଗରୁ ଉପକୃତ ହେବେ। ଚେଷ୍ଟା କରୁଥିବା କାମରେ ଅଗ୍ରଗତି ସାଙ୍ଗକୁ ପାରିବାରିକ ଦିଗକୁ ନିୟନ୍ତ୍ରଣରେ ରଖିପାରିବେ। ପରିସ୍ଥିତିବଶତଃ ଅଧିକ ଖର୍ଚ୍ଚ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**କନ୍ୟା** – ଲାଭାଧିପ ସପ୍ତମ କେନ୍ଦ୍ରସ୍ଥ ଯୋଗୁ ବ୍ୟବସାୟିକ ସଫଳତା ହାସଲ କରିପାରିବେ। ଦୂରଦର୍ଶିତା ଅଭାବରୁ ବନ୍ଧୁ କଥାରେ ପ୍ରଭାବିତ ହୋଇ ଭୁଲ୍ କରିପାରନ୍ତି। ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ର ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। କଳା, ସାହିତ୍ୟ ଓ ସଭାସମିତିରେ ସମସ୍ୟା ସମାଧାନ ପାଇଁ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**ତୁଳା** – ଶୁଭଚନ୍ଦ୍ରଜନିତ ସୁଖଶାନ୍ତି ଫେରାଇ ଆଣିବାରେ ପ୍ରଯତ୍ନ କଲେ ଉପକୃତ ହେବେ। ଉଦ୍ୟମ ଅବ୍ୟାହତ ରଖିପାରିଲେ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ। କର୍ମକ୍ଷେତ୍ରରେ ସୁଯୋଗ ହରାଇ ବ୍ୟଥିତ ହୋଇପାରନ୍ତି। ସାଧାରଣ କଥାରେ ତର୍କ କାରଣରୁ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ।

**ବିଛା** – ଯେଉଁ ବିଷୟରେ ଚିନ୍ତା କରୁଛନ୍ତି ସେଥିରେ ପରିବର୍ତ୍ତନର ଆଶା କରାଯାଇପାରେ। କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନକରି ପ୍ରଶଂସିତ ହେବେ। ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ଦେଖାସାକ୍ଷାତ୍‌ରୁ ଉପକୃତ ହେବାର ସୂଚନା ରହିଛି।

**ଧନୁ** – ଅଷ୍ଟମାଧିପତି ଚତୁର୍ଥ କେନ୍ଦ୍ରସ୍ଥ ଯୋଗୁ ସମସ୍ୟା ଆସିଲେ ମଧ ଗୁରୁକ୍ଷେତ୍ର ପ୍ରଭାବରେ ସମାଧାନ କରିପାରିବେ। ରପ୍ତାନି ବାଣିଜ୍ୟରେ, ପରିବହନ କ୍ଷେତ୍ରରେ, ଆଲୋଚନାରେ ସଫଳତା ମିଳିବ। ଶୁଣା କଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବେ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ ଓ ସାହାଯ୍ୟ କରିବେ।

**ମକର** – ଯେତେ ଚେଷ୍ଟାକଲେ ମଧ ସବୁ କାମ ବିଳମ୍ବରେ ସମ୍ପନ୍ନ ହେବ। ଶ୍ରବଣା ନକ୍ଷତ୍ର ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିରକରି ସଫଳତା ପାଇପାରିବେ। ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟରୁ ବିବାଦୀୟ ଘଟଣାର ପରିସ୍ଥିତି ହଠାତ୍ ବଦଳି ଯାଇପାରେ। ରୋଗ, ଋଣ ଓ ପୂର୍ବ ଶତ୍ରୁତାର କୁପ୍ରଭାବ କେତେକାଂଶରେ ଲାଘବ ହୋଇପାରିବ।

**କୁମ୍ଭ** – ଆଜି କର୍ମକ୍ଷେତ୍ରରେ ଆତ୍ମୀୟତାର ସହ କାମକରି ସଫଳତା ହାସଲ କରିବେ। ଅଫିସ୍‌ରୁ ଫେରିବା ବାଟରେ ମୂଲ୍ୟବାନ୍ ଦ୍ରବ୍ୟ ଲାଭ ହୋଇପାରେ। ସ୍ୱାର୍ଥ ହାସଲ ପରିପ୍ରେକ୍ଷୀରେ ପଡ଼ୋଶୀ ସହାନୁଭୂତି ପ୍ରଦର୍ଶନ କରିପାରନ୍ତି। ବିଭିନ୍ନ ସମସ୍ୟା ସମାଧାନ, କଚେରି ମାମଲା ଓ ଜମିଜମା ବିବାଦରେ ଆପଣ ବିଜୟୀ ହୋଇପାରନ୍ତି।

**ମୀନ** – ଆଜିର ଅନୁକୂଳ ଗ୍ରହସ୍ଥିତି ସ୍ୱରାଶିସ୍ଥ ଚନ୍ଦ୍ରଜନିତ ସମସ୍ୟାର ସାମ୍ନାକରି କାର୍ଯ୍ୟସିଦ୍ଧି ଘଟାଇବେ। ଆରୋଗ୍ୟଲାଭ ସାଙ୍ଗକୁ କର୍ମାରମ୍ଭ ଲାଗି ଯୋଜନା ତିଆରି କରିପାରନ୍ତି। ସହକର୍ମୀଙ୍କ ସହାନୁଭୂତି ଯୋଗୁ ହାତକୁ ନେଇଥିବା କାମ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବନାହିଁ। ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଜୀବନରେ ଅନାଦର ପାଇବାର ଆଶଙ୍କା ରହିଛି।

ଆଜି ସେପ୍ଟେମ୍ବର ୧୯ ତାରିଖ, ଆଶ୍ୱିନ କୃଷ୍ଣ ଦ୍ୱିତୀୟା ଗୁରୁବାର, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶି ନକ୍ଷତ୍ର–ଉତ୍ତରଭାଦ୍ର/ମୀନ, ଦିବା ଘ.୦୮।୦୪ମି. ଗତେ ରେବତୀ ନକ୍ଷତ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ(ମହାଳୟାବିଧିରେ କରାଯିବ), ସକାଳ ଘ.୦୫।୩୮ମି. ଗତେ ଘ.୦୭।୧୪ମି. ମଧ୍ୟେ ଶୁଭ ଶୁଭବେଳା। ଦିବା ଘ.୦୧।୧୦ମି. ଗତେ ଘ.୦୨।୪୧ମି. ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ଏକକାଳୀନ ନିର୍ବାଚନକୁ...

ସହ ରାଜ୍ୟ ବିଧାନସଭାଗୁଡ଼ିକର ନିର୍ବାଚନ ଏକସଙ୍ଗେ କରାଇବା ପାଇଁ ପ୍ରସ୍ତାବ ରହିଛି। ଏହାର ୧୦୦ ଦିନ ଭିତରେ ସ୍ଥାନୀୟ ସଂସ୍ଥାଗୁଡ଼ିକର ନିର୍ବାଚନ ଅନୁଷ୍ଠିତ ହେବ। ଉକ୍ତ କମିଟିର ସୁପାରିସଗୁଡ଼ିକୁ କାର୍ଯ୍ୟକାରୀ କରାଇବା ପାଇଁ ଏକ 'ଇମ୍ପ୍ଲିମେଣ୍ଟେଶନ୍ ଗ୍ରୁପ୍' ପ୍ରତିଷ୍ଠା କରାଯିବ। ସେହିପରି ଭାରତୀୟ ନିର୍ବାଚନ କମିଶନ (ଇସିଆଇ) ରାଜ୍ୟ ନିର୍ବାଚନ ଅଧିକାରୀମାନଙ୍କ ସହ ବିଚାରବିମର୍ଶ କରି ଏକ ସାଧାରଣ ଭୋଟର ତାଲିକା ଏବଂ ଭୋଟର ପରିଚୟପତ୍ର ପ୍ରସ୍ତୁତ କରିବେ ବୋଲି ମଧ ରିପୋର୍ଟରେ ସୁପାରିସ କରାଯାଇଛି। ବର୍ତ୍ତମାନ ଲୋକ ସଭା ଓ ବିଧାନସଭା ନିର୍ବାଚନ ଦାୟିତ୍ୱ ଇସିଆଇଙ୍କ ହାତରେ ଥିବାବେଳେ ପୌର ଓ ପଞ୍ଚାୟତ ଭଳି ସ୍ଥାନୀୟ ସଂସ୍ଥାର ଭୋଟ ପରିଚାଳନା ରାଜ୍ୟ ନିର୍ବାଚନ କମିଶନ କରାଉଛନ୍ତି। ଏକକାଳୀନ ନିର୍ବାଚନ କରାଇବା ପାଇଁ ୧୮ଟି ସାମ୍ବିଧାନିକ ସଂଶୋଧନ ଆବଶ୍ୟକ। ଅଧିକାଂଶ ସଂଶୋଧନ ଲାଗି ରାଜ୍ୟ ବିଧାନସଭାଗୁଡ଼ିକର ସହ ସମର୍ଥନ ଜରୁରୀ। ତେବେ ଏଥିପାଇଁ ସଂସଦରେ କେତେକ ନିର୍ଦ୍ଦିଷ୍ଟ ସମ୍ବିଧାନ ସଂଶୋଧନ ବିଲ୍ ଆଣି ଗୃହୀତ କରାଇବାକୁ ପଡ଼ିବ। ଏକକ ଭୋଟର ତାଲିକା ଓ ଏକକ ଭୋଟର ଆଇଡି ପ୍ରସ୍ତାବକୁ ଅନ୍ୟୂନ ଅଧା ରାଜ୍ୟର ସମର୍ଥନ ଆବଶ୍ୟକ ପଡ଼ିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ସମର୍ଥିତ ଏହି ପରିକଳ୍ପନାକୁ ବାସ୍ତବ ରୂପ ଦେବା ପାଇଁ ଆଇନ କମିଶନ ମଧ ଖୁବ୍‌ଶୀଘ୍ର ନିଜସ୍ୱ ରିପୋର୍ଟ ପ୍ରକାଶ କରିପାରନ୍ତି। ତେବେ ଲ' କମିଶନ ୨୦୨୯ରୁ ଲୋକ ସଭା, ବିଧାନସଭା ସହ ମ୍ୟୁନିସିପାଲିଟି ଓ ପଞ୍ଚାୟତ ନିର୍ବାଚନ ଏକସଙ୍ଗେ କରାଇବା ଏବଂ ଝୁଲା ପରିସ୍ଥିତିରେ ମିଳିତ ସରକାର ଗଠନ ଭଳି ପ୍ରସ୍ତାବ ଦେଇପାରନ୍ତି ବୋଲି କୁହାଯାଉଛି।

ପ୍ରକାଶ ଯେ, କେନ୍ଦ୍ରରେ କ୍ଷମତାସୀନ ଭାଜପା ୨୦୧୯ ଓ ୨୦୨୪ ସାଧାରଣ ନିର୍ବାଚନ ବେଳେ ଏହାର ଇସ୍ତାହାରରେ 'ୱାନ୍ ନେଶନ, ୱାନ୍ ଇଲେକ୍ସନ' ପ୍ରସ୍ତାବକୁ ସ୍ଥାନୀତ କରିଥିଲା। କିନ୍ତୁ ଏହାକୁ ବିରୋଧୀ ଦଳଗୁଡ଼ିକ କଡ଼ା ସମାଲୋଚନା କରିଥିଲେ। ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତୃତୀୟ କାର୍ଯ୍ୟକାଳ ମଧ୍ୟରେ ହିଁ ଏକକାଳୀନ ନିର୍ବାଚନ କରାଯିବ ବୋଲି ନିକଟରେ କେନ୍ଦ୍ର ସରକାର ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦି ମଧ ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସ ଅଭିଭାଷଣ ବେଳେ ଏକକାଳୀନ ନିର୍ବାଚନ ପ୍ରତିଶ୍ରୁତି ପାଳନ କରାଯିବ ବୋଲି ସ୍ପଷ୍ଟ କରିଥିଲେ। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ବର୍ତ୍ତମାନ ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ସଂଖ୍ୟାଗରିଷ୍ଠ ରହିଛି। କିନ୍ତୁ ସମ୍ବିଧାନ ସଂଶୋଧନ ସକାଶେ ଦୁଇ–ତୃତୀୟାଂଶ ସଂଖ୍ୟାଗରିଷ୍ଠତା ପାଇଁ ରାଜ୍ୟ ସଭାରେ ଆଉ ୫୨ ଓ ଲୋକ ସଭାରେ ୭୨ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ।

ଏନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଦେଶରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଥିବାବେଳେ ସେଥିରୁ ଧ୍ୟାନ ହଟାଇବା ପାଇଁ ଭାଜପା ଏକକାଳୀନ ନିର୍ବାଚନ ଭଳି ଅବାସ୍ତବ ପ୍ରସଙ୍ଗ ଆଣିଛି। ନିର୍ବାଚନ ଆସିଲେ ଭାଜପା କିଛି ପ୍ରସଙ୍ଗ ନ ପାଇଲେ ଏଭଳି କଥା କହିଥାଏ। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ଡେରେକ୍ ଓ'ବ୍ରାଏନ୍ ଏକକାଳୀନ ନିର୍ବାଚନକୁ ଭାଜପାର 'ଶସ୍ତା ଷ୍ଟଣ୍ଟ' ଆଖ୍ୟା ଦେବା ସହ ହରିୟାଣା ଓ ଜମ୍ମୁ–କଶ୍ମୀର ସହ ମହାରାଷ୍ଟ୍ର ନିର୍ବାଚନ କାହିଁକି କରାଇଲେ ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ସେ ଏହାକୁ ମୋଦି–ଶାହାଙ୍କ କ୍ଲାସିକ ଜୁମ୍‌ଲା ଆଖ୍ୟା ଦେଇଛନ୍ତି। ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ତଥା ହାଇଦ୍ରାବାଦ ଏମ୍‌ପି ଅସାଦୁଦ୍ଦିନ୍ ଓ୍ୱାଇସିଙ୍କ ମତରେ ଏକକାଳୀନ ନିର୍ବାଚନ ସଂଘୀୟ ଢାଞ୍ଚାକୁ ଧ୍ୱଂସ କରିବା ସହ ଗଣତନ୍ତ୍ର ସହ ସାଲିସ କରିଥାଏ। ଅନ୍ୟପକ୍ଷେ ବିଭିନ୍ନ ସମୟରେ ନିର୍ବାଚନ କରାଯିବା ଦ୍ୱାରା ଗଣତାନ୍ତ୍ରିକ ଉତ୍ତରଦାୟିତ୍ୱ ବୃଦ୍ଧି ପାଇଥାଏ ବୋଲି ଓ୍ୱାଇସି ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ଭାଜପାର ସହଯୋଗୀ ସଂଯୁକ୍ତ ଜନତା ଦଳ (ଜେଡିୟୁ) କେନ୍ଦ୍ର କ୍ୟାବିନେଟର ଏହି ପଦକ୍ଷେପକୁ ସ୍ୱାଗତ କରିଛି। ଜେଡିୟୁ ମୁଖପାତ୍ର ରାଜୀବ ରଞ୍ଜନ କହିଛନ୍ତି, ଏକସଙ୍ଗେ ନିର୍ବାଚନ କରାଗଲେ ଏହାର ଦୀର୍ଘମିଆଦୀ ସୁଫଳ ସାରା ଦେଶକୁ ମିଳିବ। ଏହାଦ୍ୱାରା ମତଦାନ ହାର ମଧ ବଢ଼ିବ।

### କମିଟିରେ କେଉଁମାନେ ଅଛନ୍ତି

ନିର୍ବାଚନୀ ଖର୍ଚ୍ଚ ଓ ପ୍ରଶାସନିକ ବୋଝ ହ୍ରାସ ସକାଶେ ସାରା ଦେଶରେ ଏକସଙ୍ଗେ ନିର୍ବାଚନ କରାଇବା ପାଇଁ ୨୦୨୩ ସେପ୍ଟେମ୍ବର ୨ରେ କେନ୍ଦ୍ର ସରକାର ଏକ କମିଟି ଗଠନ କରିଥିଲେ। ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ବିଭିନ୍ନ ପକ୍ଷ, ବିଶେଷଜ୍ଞ ଓ ଗବେଷକଙ୍କ ସହ ୧୯୧ ଦିନ ଧରି ବିଚାରବିମର୍ଶ କରିଥିଲା। ଏହି ପ୍ୟାନେଲ ୨୦୨୪ ମାର୍ଚ୍ଚ ୧୪ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ୧୮,୬୨୬ ପୃଷ୍ଠା ସମ୍ବଳିତ ରିପୋର୍ଟ ପ୍ରଦାନ କରିଥିଲା। ଏହି କମିଟିରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ରାଜ୍ୟ ସଭାର ପୂର୍ବତନ ବିରୋଧୀ ଦଳ ନେତା ଗୁଲାମନବୀ ଆଜାଦ, ପଞ୍ଚଦଶ ଅର୍ଥ କମିଶନର ପୂର୍ବତନ ଅଧ୍ୟକ୍ଷ ଏନ୍.କେ. ସିଂ, ଲୋକ ସଭାର ପ୍ରାକ୍ତନ ସେକ୍ରେଟାରି ଜେନେରାଲ ଡ. ସୁଭାଷ ସି. କାଶ୍ୟପ, ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେ ପୂର୍ବତନ ଭିଜିଲାନ୍ସ କମିଶନର ସଞ୍ଜୟ କୋଠାରି, ଆଇନମନ୍ତ୍ରୀ ଅର୍ଜ୍ଜୁନରାମ ମେଘୱାଲ ସଦସ୍ୟ ଥିବାବେଳେ ଏଚ୍‌ଏଲ୍‌ସି ସେକ୍ରେଟାରି ଡ. ନୀତେନ ଚନ୍ଦ୍ରଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ରଖାଯାଇଥିଲା।

## ସପକ୍ଷ/ବିପକ୍ଷରେ...

ଶାହା ଏହାଦ୍ୱାରା ଗଣତାନ୍ତ୍ରିକ ଅଭିବ୍ୟକ୍ତି ସଙ୍କୁଚିତ ହେବା ଦର୍ଶାଇ ପ୍ରସ୍ତାବକୁ ବିରୋଧ କରିଥିଲେ। କାଲକାଟା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଗିରୀଶ ଚନ୍ଦ୍ର ଗୁପ୍ତା ଏହାକୁ ଗଣତାନ୍ତ୍ରିକ ସିଦ୍ଧାନ୍ତର ପରିପନ୍ଥୀ କହି ବିରୋଧ କରିଥିଲେ। ମାଡ୍ରାସ୍ ହାଇକୋର୍ଟ ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ସଞ୍ଜୀବ ବାନାର୍ଜୀ ଏହାଦ୍ୱାରା ଦେଶର ସଂଘୀୟ ଢାଞ୍ଚା ଦୁର୍ବଳ ହେବ ବୋଲି ଦର୍ଶାଇଥିଲେ। ତେବେ ୪ ଜଣଯାକ ପୂର୍ବତନ ସିଇସି ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ। ବର୍ତ୍ତମାନ ଓ ପୂର୍ବତନ ରାଜ୍ୟ ନିର୍ବାଚନ କମିଶନରଙ୍କ ମଧ୍ୟରୁ ୭ ଜଣ ଏହାକୁ ସମର୍ଥନ କରିଥିବାବେଳେ ତାମିଲନାଡୁ ନିର୍ବାଚନ କମିଶନର ଭି. ପାଲାନିକୁମାର ଏହା ଉପରେ ଚିନ୍ତାବ୍ୟକ୍ତ କରିଥିଲେ।

## ରତ୍ନଭଣ୍ଡାରର ଲେଜର...

ଇନ୍‌ଷ୍ଟିଚ୍ୟୁଟ୍ (ଏନ୍‌ଜିଆର୍‌ଆଇ) ଟିମ୍ ଖୁବଶୀଘ୍ର ଜିପିଆର୍‌ଏସ୍ ସର୍ଭେ କରିବ ବୋଲି ଯାଞ୍ଚ ଟିମ୍ ପକ୍ଷରୁ କୁହାଯାଇଛି। ପ୍ରଥମ ଦୁଇଟି ପର୍ଯ୍ୟାୟରେ ବାହାର ଓ ଭିତର ରତ୍ନଭଣ୍ଡାରର ଚାବି ଖୋଲାଯିବା ସହ ସମସ୍ତ ରତ୍ନଅଳଙ୍କାର ଅସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯାଇଥିଲା। ପରବର୍ତ୍ତୀ ସମୟରେ ଖାଲି ସିନ୍ଦୁକ ଓ ଆଲମିରା ସ୍ଥାନାନ୍ତର ହୋଇଥିଲା। ଚତୁର୍ଥ ପର୍ଯ୍ୟାୟରେ ଭିତର ରତ୍ନଭଣ୍ଡାରର ପ୍ରାରମ୍ଭିକ ନିରୀକ୍ଷଣ ଓ ବୈଷୟିକ ଯାଞ୍ଚ ଆରମ୍ଭ ହୋଇଛି। ଯାଞ୍ଚ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା। ଏହାପରେ ଅପରାହ୍ନ ୧ଟାରେ ଏଏସ୍‌ଆଇର ଅତିରିକ୍ତ ମହାନିର୍ଦ୍ଦେଶକ ଜାନଭିଜ୍ ଶର୍ମାଙ୍କ ନେତୃତ୍ୱରେ ୧୨ଜଣିଆ ଏବଂ ଶ୍ରୀମନ୍ଦିର ପ୍ରଶାସନର ୧୪ ଜଣିଆ ସଦସ୍ୟ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ବାହାର ଓ ଭିତର ରତ୍ନଭଣ୍ଡାରର ଚାବି ଖୋଲାଯିବା ପରେ ବୈଷୟିକ ଯାଞ୍ଚ ଆରମ୍ଭ ହୋଇଥିଲା। ରତ୍ନଭଣ୍ଡାର ଖୋଲାଯିବା ପୂର୍ବରୁ ଓଡ୍ରାଫ, ଅଗ୍ନିନିର୍ବାପକ କର୍ମଚାରୀ ଓ ସ୍ନେକ୍ ହେଲ୍ପ ଲାଇନ୍‌ର ସଦସ୍ୟ ଶ୍ରୀମନ୍ଦିର ଭିତରକୁ ଯାଇଥିଲେ। ଯାଞ୍ଚ ସମୟରେ ଜିପିଆର୍ ସର୍ଭେ ହୋଇ ନ ଥିବା ଜଣାପଡ଼ିଛି। ଭିତର ରତ୍ନଭଣ୍ଡାରର ଭର୍ଟିକାଲ୍ ଓ ହରାଇଜୋଣ୍ଟାଲ ଯାଞ୍ଚ ପରେ କେଉଁ ଧରଣର ଓ କେତେ ଓଜନ ବିଶିଷ୍ଟ ମେଶିନ୍ ବ୍ୟବହାର କରାଯିବ ସେ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ମହାପ୍ରଭୁଙ୍କ ସେବାପୂଜା, ରୀତିନୀତି ଓ ଧର୍ମୀୟ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଏହି ଯାଞ୍ଚ କରାଯାଇଥିବା କମିଟି କହିଛି। ଯାଞ୍ଚର ଡକ୍ୟୁମେଣ୍ଟେଶନ ହୋଇଛି। ଏନ୍‌ଜିଆର୍ ଟିମ୍ ଖୁବ୍‌ଶୀଘ୍ର ଜିପିଆର ସର୍ଭେ କରିବ। ଏଥିଲାଗି ଜିପିଆର୍‌ଏସ୍ ସର୍ଭେ ମେଶିନ୍ ଆସିବ। ସେହିପରି ଭିତର ରତ୍ନଭଣ୍ଡାର ସ୍ଥିତି ଜାଣିବା ପାଇଁ ଷ୍ଟ୍ରକଚରାଲ୍ ଯାଞ୍ଚ ଆରମ୍ଭ ହୋଇଛି। ଏହି ଯାଞ୍ଚ ପ୍ରକ୍ରିୟାରେ ଏଏସ୍‌ଆଇର ଏଡିଜି ଜାନଭିଜ୍ ଶର୍ମାଙ୍କ ସମେତ ଡାଇରେକ୍ଟର ଅଫ୍ କନଷ୍ଟ୍ରକଶନ, ଡାଇରେକ୍ଟର ଅଫ କେମିକାଲ ସାଇନ୍ସ, ଇଷ୍ଟର୍ନ ରିଜିଅନ୍‌ର ରିଜିଓନାଲ ଡାଇରେକ୍ଟର ପ୍ରମୁଖ ରହିଛନ୍ତି। ଏଥିସହ ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ,ଏସ୍‌ପି ପିନାକ ମିଶ୍ର ମଧ ସାମିଲ ଥିଲେ। ଏଏସ୍‌ଆଇ ପକ୍ଷରୁ ଭୂତତ୍ତ୍ୱ ସର୍ଭେ ପାଇଁ କେନ୍ଦ୍ର ସରକାରଙ୍କ ଆଇସିଏସ୍‌ଆର୍‌ର ଲ୍ୟାବ୍ ଏକ୍ସପର୍ଟ ୟୁନିଟ, ଏନ୍‌ଜିଆର୍‌ଆଇର ଟିମ୍ ସାମିଲ ଥିଲେ। ଷ୍ଟ୍ରକଚର ତଳେ କିଛି ରହିଛି କି ନାହିଁ, ସୁଡ଼ଙ୍ଗ ଓ ଗୁପ୍ତ କୋଠରି ଆଦିକୁ ନେଇ ରହିଥିବା ଚର୍ଚ୍ଚାର ଅବସାନ ଘଟାଇବା ପାଇଁ ଏହି ପ୍ରାରମ୍ଭିକ ଯାଞ୍ଚ କରାଯାଇଛି। ଭିତର ରତ୍ନଭଣ୍ଡାରର ଭର୍ଟିକାଲ୍ ଓ ହରାଇଜୋଣ୍ଟାଲ ସ୍ଥିତି ଅନୁଧ୍ୟାନ ପରେ ସେଥିପାଇଁ କେଉଁ ଧରଣର ମେଶିନ୍ ଆବଶ୍ୟକ ହେବ ସେନେଇ ନିଷ୍ପତ୍ତି ନିଆଯିବ। ନିରୀକ୍ଷଣ ଶେଷ ହେବା ପରେ ମୁଖ୍ୟ ପ୍ରଶାସକ ପାଢୀ କହିଛନ୍ତି, ବାହାର ଓ ଭିତର ରତ୍ନଭଣ୍ଡାରର ଫିଜିକାଲ୍ ଇନ୍ସପେକ୍ସନ୍ ଠିକଣା ଭାବେ ସମ୍ପାଦିତ ହୋଇଛି। ତେବେ ଆଉ ଅଧିକ ଜାଣିବା ଲାଗି ରାଡାର୍ ସର୍ଭେ କରିବାକୁ ଏଏସ୍‌ଆଇ ପକ୍ଷରୁ ମତାମତ ଆସିଛି। ତେଣୁ ଯଥାଶୀଘ୍ର ରାଡାର୍ ସର୍ଭେ କରି ରିପୋର୍ଟ ପ୍ରସ୍ତୁତି ପାଇଁ ଏଏସ୍‌ଆଇକୁ କୁହାଯାଇଛି। ଏହି ରିପୋର୍ଟ ରାଜ୍ୟ ସରକାରଙ୍କୁ ଦିଆଯିବ। ଏନେଇ ଆବଶ୍ୟକ ବୈଷୟିକ ବିଚାରବିମର୍ଶ ପରେ ରାଜ୍ୟ ସରକାରଙ୍କ ଏସ୍‌ଓପି ଅନୁଯାୟୀ ଏଏସ୍‌ଆଇ ପକ୍ଷରୁ ସଂରକ୍ଷଣ କାର୍ଯ୍ୟ କରାଯିବ ବୋଲି ପାଢ଼ୀ କହିଛନ୍ତି। ଏଏସ୍‌ଆଇର ଏଡିଜି ଶର୍ମା କହିଛନ୍ତି, ଡକ୍ୟୁମେଣ୍ଟେଶନ ଓ ଲେଜର ସର୍ଭେ କରିବା ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଯାହା କରାଯାଇଛି। ଖୁବଶୀଘ୍ର ଏନ୍‌ଜିଆରଆଇ ଆସି ଜିପିଆର୍‌ଏସ୍ ସର୍ଭେ କରିବେ। ଏହା ସଂରକ୍ଷଣ କାର୍ଯ୍ୟ ପାଇଁ ସହାୟକ ହେବ। ଲେଜର ସ୍କାନିଂର ରିପୋର୍ଟ ଶୀଘ୍ର ପ୍ରକାଶ ପାଇବ। ଜିପିଆର୍‌ଏସ୍ ସର୍ଭେ ପରେ ସୁଡ଼ଙ୍ଗ କିମ୍ବା ଗୁପ୍ତ କୋଠରି ସମ୍ପର୍କରେ ଜଣାପଡ଼ିବ। ସେହିପରି ଜଷ୍ଟିସ୍ ରଥ କହିଛନ୍ତି, ବୁଧବାରର ଅନୁସନ୍ଧାନ ପୂର୍ଣ୍ଣାଙ୍ଗ ବା ନିର୍ଣ୍ଣୟ ହୋଇନାହିଁ। ଜିପିଆରଏସ୍ ସର୍ଭେ ପରେ ପୂର୍ଣ୍ଣାଙ୍ଗ ନିର୍ଣ୍ଣୟ କରାଯାଇପାରିବ। ଲେଜର ସ୍କାନିଂ ସହ ଭିଡିଓ ରେକର୍ଡିଂ କରାଯାଇଛି। ସମସ୍ତ ତଥ୍ୟକୁ ନେଇ ଅନୁସନ୍ଧାନ କରାଯିବ। ଆଗକୁ ଷୋଳପୂଜା ଓ କାର୍ତ୍ତିକ ମାସ ରହିଥିବାରୁ ୨୫ ତାରିଖ ସୁଦ୍ଧା କାର୍ଯ୍ୟ କରିବାକୁ ଅନୁରୋଧ କରାଯାଇଛି। ଅନ୍ୟପକ୍ଷରେ ସର୍ଭେ ସକାଶେ ବିଶେଷ ନୀତି ନିର୍ଘଣ୍ଟ ପ୍ରସ୍ତୁତ ହୋଇଥିଲା। ଅପରାହ୍ନ ୧ଟାରୁ ନିରୀକ୍ଷଣ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ସର୍ଭେରେ ସହଯୋଗ ପାଇଁ ସମସ୍ତଙ୍କୁ ମୁଖ୍ୟ ପ୍ରଶାସକ ଧନ୍ୟବାଦ ଜଣାଇଛନ୍ତି।

## ୫ ପୋଲିସ...

ସଲିଳମୟୀ ସାହୁ ଏବଂ କନ୍‌ଷ୍ଟେବଲ ବଳରାମ ହାଁସଦାଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି। ଓଡ଼ିଶା ପୋଲିସ ମୁଖ୍ୟାଳୟରୁ ଏନେଇ ବିଜ୍ଞପ୍ତି ଜାରି କରାଯାଇଛି। ଶନିବାର ବିଳମ୍ବିତ ରାତିରେ ଭରତପୁର ଥାନାର ଅଧିକାରୀ ଓ କର୍ମଚାରୀମାନେ କିଭଳି ଜଣେ ଆର୍ମି ଅଫିସର ଏବଂ ତାଙ୍କ ବାନ୍ଧବୀଙ୍କ ପ୍ରତି ଅନ୍ୟାୟ ଏବଂ ଅତ୍ୟାଚାର କରିଥିଲେ ଏହି ସସ୍‌ପେଣ୍ଡ ଅର୍ଡର ହିଁ ଏହାର ଉଦାହରଣ। ପୋଲିସ ଡିଜି ୱାଇ.ବି. ଖୁରାନିଆ ମଙ୍ଗଳବାର ଏହି ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିବା ବେଳେ ବୁଧବାର ଥାନାର ସମସ୍ତ କର୍ମଚାରୀଙ୍କ ବିରୋଧରେ ଏଭଳି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ହିଁ ପୋଲିସ କରିଥିବା ଜଘନ୍ୟକାଣ୍ଡ ଉପରୁ ପରଦା ଉଠାଇ ଦେଇଛି।

ଅପରପକ୍ଷରେ ଅଙ୍କିତାଙ୍କୁ ହାଇକୋର୍ଟରୁ ବୁଧବାର ଜାମିନ ମିଳିଛି। ୩୦ ହଜାର ଟଙ୍କା ବେଲବଣ୍ଡ ଓ ଦୁଇ ଜଣ ଜାମିନଦାରଙ୍କ ବଦଳରେ ହାଇକୋର୍ଟର ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଏହି ଜାମିନ ପ୍ରଦାନ କରିଛନ୍ତି। ଏଥିସହ ପୂର୍ବରୁ ଅଙ୍କିତାଙ୍କ ଜାମିନ ଖାରଜ କରିଥିବା ମାଜିଷ୍ଟ୍ରେଟ୍‌ଙ୍କ ଉପରେ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ଘଟଣାରେ ମାଜିଷ୍ଟ୍ରେଟ ଏକ ମେଶିନ ଭଳି କାର୍ଯ୍ୟ କରିଛନ୍ତି ବୋଲି ହାଇକୋର୍ଟ ମତ ଦେଇଛନ୍ତି। ଏଭଳି କ୍ଷେତ୍ରରେ ନିର୍ଦ୍ଦେଶନାମା ଫର୍ମାଟ୍‌ରୁ ଦୂରେଇ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶନାମାକୁ ପାଳନ କରିବାକୁ ହାଇକୋର୍ଟ ନିମ୍ନ ଅଦାଲତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି କୌଣସି ଜାମିନ ଆବେଦନ ଖାରଜ କରିବା ଅଥବା ଜାମିନ ପ୍ରଦାନ କରିବାର ଯଥାର୍ଥ କାରଣ ଦର୍ଶାଇବା ଜରୁରୀ, ଯାହା ଏହି ମାମଲାରେ ନିମ୍ନ ଅଦାଲତ ଗ୍ରହଣ କରି ନାହାନ୍ତି। ଏହି ଜାମିନ ଆବେଦନ ମାମଲାରେ ସର୍ବୋଚ୍ଚ ଅଦାଲତଙ୍କ ଉପରୋକ୍ତ ନିର୍ଦ୍ଦେଶନାମାକୁ ପାଳନ କରିବା ପାଇଁ ହାଇକୋର୍ଟ ଖୋର୍ଦ୍ଧା ଜିଲା ଜଜ୍‌ଙ୍କୁ ଆଦେଶ ଦେଇଛନ୍ତି। ମାମଲାର ଶୁଣାଣି ବେଳେ ହାଇକୋର୍ଟ ଦର୍ଶାଇଛନ୍ତି, ଆବେଦନକାରୀଙ୍କୁ ଗିରଫ ଘଟଣାରେ ତଦନ୍ତକାରୀ ଅଧିକାରୀ ଜଣକ ଭାରତୀୟ ନ୍ୟାୟ ସଂହିତାର ନିୟମକୁ ଉଲ୍ଲଂଘନ କରିଛନ୍ତି। ଏପରି କ୍ଷେତ୍ରରେ ରାଜ୍ୟ ସରକାର ତଥା ପୋଲିସ କର୍ତ୍ତୃପକ୍ଷ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ। ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ହାଇକୋର୍ଟରେ ହାଜର ହୋଇ ଏହି ଘଟଣାରେ ରାଜ୍ୟ ସରକାର କଠୋର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଅଦାଲତଙ୍କୁ ଅବଗତ କରିଛନ୍ତି। ଉଚ୍ଚସ୍ତରୀୟ ପୋଲିସ ଅଧିକାରୀଙ୍କ ଦ୍ୱାରା ମାମଲାର ତଦନ୍ତ କରାଯାଉଛି। ଏହି ଘଟଣାରେ ବିଶୃଙ୍ଖଳିତ ଆଚରଣ କରିଥିବା ପୋଲିସ୍ ଅଫିସରଙ୍କ ବିରୋଧରେ ରାଜ୍ୟ ସରକାର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଦୋଷୀ ପୋଲିସ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଚାର୍ଯ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଦର୍ଶାଇଛନ୍ତି।

## ସୁଭଦ୍ରା ଆବେଦନର...

ସୁଭଦ୍ରା ଯୋଜନାରେ ସାମିଲ ହେବାକୁ ପଞ୍ଜୀକରଣ କରିଥିବା ଉପ ମୁଖ୍ୟମନ୍ତ୍ରୀ କହିଛନ୍ତି। ସୁଭଦ୍ରା ଯୋଜନାର ଶୁଭାରମ୍ଭ କରି ପ୍ରଧାନମନ୍ତ୍ରୀ ୨୫ ଲକ୍ଷ ୧୧ ଜଣ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନ କରିଛନ୍ତି। ଏଥିପାଇଁ ୧୨୫୦ କୋଟି ୫୫ ହଜାର ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟକୁ ଯାଇଛି। ଏ ଯୋଜନାର ଲାଭ ଓଡ଼ିଶାର ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କୁ ମିଳିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପୂର୍ବରୁ ପରୀକ୍ଷଣ ଅଧାରରେ ଯେଉଁ ହିତାଧିକାରୀଙ୍କ ଆକାଉଣ୍ଟକୁ ୧ ଟଙ୍କା ଯାଇଥିଲା ସେମାନଙ୍କୁ ୪୯୯୯ ଟଙ୍କା ଦିଆଯାଇଛି। ଏହି ଯୋଜନାକୁ ନେଇ ରାଜ୍ୟବ୍ୟାପୀ ମହିଳାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଭାଜପା ସରକାର ଏହି ଯୋଜନାରେ ବର୍ଷକୁ ୨ଟି କିସ୍ତିରେ ହିତାଧିକାରୀଙ୍କୁ ୧୦ ହଜାର ଟଙ୍କା ହିସାବରେ ୫ ବର୍ଷରେ ୫୦ ହଜାର ଟଙ୍କାର ଭାଉଚର ଦେବେ।


ପୂଜା ମାନେ ରଙ୍ଗୀନ ମନ
ଚାଲିବା ମାନେ ହିଁ ପାରାଗନ୍।
Paragon®
ଜିଦ୍, ଚାଲି ରହିବା ର।
Turmeriq-Paragon-Orr-01
Shop now
www.paragonfootwear.com
ଅଗ୍ରଣୀ ମଲ୍ଟି-ବ୍ରାଣ୍ଡ ଫୁଟ୍‌ୱେର ଆଉଟଲେଟ୍ ଗୁଡ଼ିକରେ ଉପଲବ୍ଧ।
Follow us on /paragonfootwear
Model No. 9636
Model No. 8842
Model No. 6909
Model No. 7076
Model No. 7077

> ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ଚୈତ୍ତିକ ବିକାଶର ପ୍ରେରଣା- ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି। – **ଶ୍ରୀଅରବିନ୍ଦ**

# ଧର୍ମଶାସ୍ତ୍ର ଓ ମନୁସ୍ମୃତି



**ଦେବଦତ୍ତ ପଟ୍ଟନାୟକ**

ସମସ୍ତେ ଏବେ ମନୁସ୍ମୃତି ବିଷୟରେ ଆଲୋଚନା କରୁଛନ୍ତି ଏବଂ ଜାତି ପ୍ରଥା ସହ ଏହାର ସମ୍ପର୍କ ରହିଛି ବୋଲି କହନ୍ତି। କିନ୍ତୁ ଏହା ପଛରେ ଥିବା ସତ୍ୟତା ଜାଣିବା ପାଇଁ ଆମକୁ ଭାରତୀୟ ଇତିହାସର କିଛି ଭାଗ ବୁଝିବାକୁ ପଡ଼ିବ। ଭାରତରେ ପ୍ରଥମେ ମୌର୍ଯ୍ୟ ସାମ୍ରାଜ୍ୟ ଥିଲା। ପାଟଳିପୁତ୍ରରୁ ଉତ୍ତର, ଦକ୍ଷିଣ, ପୂର୍ବ ଏବଂ ପଶ୍ଚିମରେ ଭାରତର ବିଭିନ୍ନ ଅଞ୍ଚଳ ସହ ବାଣିଜ୍ୟିକ ମାର୍ଗ ମାଧ୍ୟମରେ ଏହା ନିଜର ଶକ୍ତି ପ୍ରତିଷ୍ଠା କରିଥିଲା ବୋଲି ଅଶୋକଙ୍କ ରାଜକୀୟ ଆଦେଶ ବା ଅନୁଶାସନରେ ସୂଚିତ କରାଯାଇଛି।

ଯେତେବେଳେ ଜଣେ ଅଶୋକଙ୍କ ରାଜକୀୟ ଆଦେଶଗୁଡ଼ିକୁ ପଢ଼ିବ ସେତେବେଳେ ଜାଣିବାକୁ ପାଇବ ଯେ, ଦୁଇଟି ଗୋଷ୍ଠୀର ବିଚାରଧାରା ଏହି ଭୂମିରେ ପ୍ରାଧାନ୍ୟ ବିସ୍ତାର କରିଥିଲ। ପ୍ରଥମଟି ଶ୍ରମଣ କିମ୍ବା ଆଶ୍ରମ ବ୍ୟବସ୍ଥା ଯଥା ବୌଦ୍ଧ ଏବଂ ଜୈନ। ଅନ୍ୟଟି ବ୍ରାହ୍ମଣ, ଯାହା ବୈଦିକ ବିଚାରଧାରାକୁ ଗୁରୁତ୍ୱ ଦେଇଥିଲା। ସମସ୍ତ ରାଜକୀୟ ଆଦେଶରେ ପ୍ରକୃତରେ ଅନ୍ୟ କୌଣସି ପ୍ରମୁଖ ଧର୍ମ ବିଷୟରେ ଲେଖା ନାହିଁ। ଏହା କେବଳ ବୌଦ୍ଧଧର୍ମ ପ୍ରତି ଢଳି ରହିଥିବା ବେଳେ ଅନ୍ୟ ଧର୍ମକୁ ଏହା ପସନ୍ଦ କରି ନ ଥିବା ଜଣାପଡ଼େ। ସେହି ସମୟରେ ସାମ୍ରାଜ୍ୟ ଏବଂ ରାଜତନ୍ତ୍ରର ଧାରଣା ଅତ୍ୟନ୍ତ ଶକ୍ତିଶାଳୀ ହେଲା ଏବଂ ସମଗ୍ର ଭାରତରେ ସାମ୍ରାଜ୍ୟର ଧାରଣା ଶକ୍ତିଶାଳୀ ଥିଲା ଓ ଭାରତର ବିଭିନ୍ନ ଅଞ୍ଚଳରେ ରାଜଶାସନ ପ୍ରତିଷ୍ଠା ହୋଇଥିଲା। ଏହା ହେଉଛି ସେହି ସମୟ ଯେତେବେଳେ ପୁରୁଣା ବୈଦିକ ବ୍ୟବସ୍ଥାର ପ୍ରାସଙ୍ଗିକତା ଥିଲାପରି ମନେହୁଏ। ପୁରାତନ ବୈଦିକ ବ୍ୟବସ୍ଥା ପଶୁପାଳକ ଏବଂ କୃଷି ସମ୍ପ୍ରଦାୟ ସହ ଜଡ଼ିତ ଥିବା ବୈଦିକ ସ୍ତୋତ୍ରରେ ପ୍ରମାଣ ରହିଛି ଓ ବୈଦିକ ମନ୍ତ୍ର ବ୍ରାହ୍ମଣ ନାମରେ ଜଣାଶୁଣା। ତେବେ ବୈଦିକ ସମୟର ପରିସମାପ୍ତି ଘଟି ବାଣିଜ୍ୟିକବାଦ ସିଦ୍ଧାନ୍ତ ଆଧାରିତ ଏକ ନୂତନ ବିଶ୍ୱ ସୃଷ୍ଟି ହେଲା। ଏଥିରେ ରାଜପଥ ମାଧ୍ୟମରେ ଉତ୍ତର ଭାରତରୁ ମଧ୍ୟଏସିଆ ପର୍ଯ୍ୟନ୍ତ ଏବଂ ଏପରିକି ବିନ୍ଧ୍ୟ ପର୍ବତଠାରୁ ନର୍ମଦାର ଦକ୍ଷିଣରେ ଥିବା ଅଞ୍ଚଳ ଏବଂ ଭାରତର ପୂର୍ବ ଓ ପଶ୍ଚିମ ଉପକୂଳ ମଧ୍ୟରେ ସଂଯୋଗ ସ୍ଥାପନ ହୋଇଥିଲା। ଏହି ସମୟରେ ବ୍ରାହ୍ମଣମାନେ ବର୍ଣ୍ଣାଶ୍ରମ ବ୍ୟବସ୍ଥା ଆଧାରିତ ଏକ ନୂଆ ତତ୍ତ୍ୱକୁ ପ୍ରଚାର କରିବା ଆରମ୍ଭ କରିଦେଇଥିଲେ।

ଧର୍ମଶାସ୍ତ୍ରଗୁଡ଼ିକ ବ୍ରାହ୍ମଣମାନଙ୍କ ଦ୍ୱାରା ଲେଖାଯାଇଥିଲା। ଲୋକମାନେ କିଭଳି ଜୀବନଧାରଣ କରିବେ ସେ ସମ୍ପର୍କରେ ସେଥିରେ ବ୍ୟାଖ୍ୟା କରାଯାଇଥିଲା। ସେମାନେ ସମାଜକୁ



ଚାରୋଟି ମୁଖ୍ୟ ବର୍ଗରେ ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନକୁ ଚାରୋଟି ପର୍ଯ୍ୟାୟରେ ବିଭକ୍ତ କଲେ । ସେମାନେ କହିଥିଲେ, ଆମେ ଯେଉଁ ବର୍ଗରେ ଅନ୍ତର୍ଭୁକ୍ତ ସେହି ଅନୁଯାୟୀ ଆମକୁ ଜୀବନଧାରଣ କରିବାକୁ ହେବ। ଏହାସହ ତୁମକୁ ଯାହା ଉପଯୁକ୍ତ ମନେହେଉଛି ତାହାକୁ ଅନୁସରଣ କରି ବଞ୍ଚିବାକୁ ପଡ଼ିବ। ପ୍ରଥମେ ଆମକୁ ଜଣେ ଛାତ୍ର ଭାବରେ, ପରେ ଜଣେ ଗୃହସ୍ଥ ଭାବେ ଜିଇବାକୁ ପଡ଼ିବ। ତା'ପରେ ସଂସାର ତ୍ୟାଗୀ ଏବଂ ଶେଷରେ ଜଣେ ସନ୍ନ୍ୟାସୀ ଭାବରେ ବଞ୍ଚିବାକୁ ହେବ। ଅନ୍ୟ ଅର୍ଥରେ, ଉଭୟ ପରିବାରର ବୃତ୍ତି ଏବଂ ବିବାହକୁ ଗୁରୁତ୍ୱ ଦିଆଯାଇଥିଲା। ଏହା ବୌଦ୍ଧଧର୍ମ ବ୍ୟବସ୍ଥାର ସମ୍ପୂର୍ଣ୍ଣ ବିପରୀତ ଥିଲା। ବୌଦ୍ଧ ଧର୍ମରେ ବିବାହ ନ କରିବା, ପାରିବାରିକ ବୃତ୍ତି ତ୍ୟାଗ କରିବା ଏବଂ ସନ୍ନ୍ୟାସୀ ହେବାର ବ୍ୟବସ୍ଥା ଥିଲା । ତେବେ ସେହି ସମୟରେ ପ୍ରାରମ୍ଭିକ ଧର୍ମଶାସ୍ତ୍ର ଲେଖା ଆରମ୍ଭ ହେଲା। ପ୍ରଥମେ ଲେଖାଯାଇଥିବା ଧର୍ମଶାସ୍ତ୍ର ଧର୍ମସୂତ୍ର ଭାବରେ ଜଣାଶୁଣା। କାରଣ ସେଗୁଡ଼ିକ ହେଉଛି ସଂକ୍ଷିପ୍ତ ମନ୍ତ୍ର ବା ସୂକ୍ତି କିମ୍ବା ସୂତ୍ରରେ ଲେଖାଯାଇଥିଲ। ପ୍ରାୟ ଖ୍ରୀଷ୍ଟପୂର୍ବ ୩୦୦ରେ ଗୌତମ ଏବଂ ବୌଦ୍ଧଯାନ ଏଗୁଡ଼ିକୁ ଲେଖି ଲୋକପ୍ରିୟ ହୋଇପାରିଥିଲେ। ଧର୍ମଶାସ୍ତ୍ର ସହିତ ସେ ସମୟରେ କାମଶାସ୍ତ୍ର ଓ ଅର୍ଥଶାସ୍ତ୍ର ରଚନା କରାଯାଇଥିଲା। ମୋକ୍ଷ ବିଷୟରେ ବିଭିନ୍ନ ବୈଦିକ ଦର୍ଶନକୁ ନେଇ ମୋକ୍ଷଶାସ୍ତ୍ର ମଧ୍ୟ ରଚନା କରାଯାଇଥିଲା। ଏପରିକି ମହାଭାରତର ଶାନ୍ତି ପର୍ବ ଏବଂ ଅନୁଶାସନ ପର୍ବରେ ଆମେ ଏହିସବୁ ଧାରଣା ପାଇଥାଉ।

ପ୍ରାୟ ତୃତୀୟ ଶତାବ୍ଦୀ ବେଳକୁ ଉତ୍ତର ଭାରତରେ ଗୁପ୍ତବଂଶର ରାଜାମାନଙ୍କ ଉତ୍ଥାନ ହୋଇଥିଲା। ସେହି ସମୟରେ ମନୁସ୍ମୃତି ରଚନା କରାଯାଇଥିଲା। ମନୁସ୍ମୃତି ପୂର୍ବରୁ ରଚିତ ଧର୍ମ ସୂତ୍ରଠାରୁ ସାମାନ୍ୟ ଭିନ୍ନ ଥିଲା। ଏହା ସୂତ୍ର ଶୈଳୀକୁ ତ୍ୟାଗକରି ଶ୍ଳୋକ ଶୈଳୀକୁ ଅନୁସରଣ କଲା, ଯାହାକି ଥିଲା ଅଧିକ ପଦ୍ୟାତ୍ମକ। ମନୁସ୍ମୃତିର ଅନ୍ୟ ନାମ ମାନବଧର୍ମ ଶାସ୍ତ୍ର। କୁହାଯାଏ ଏହାକୁ ବିଶ୍ୱର ପ୍ରଥମ ମଣିଷ ମନୁ ରଚନା କରିଥିଲେ। ବ୍ରହ୍ମାଙ୍କ ନିର୍ଦ୍ଦେଶରେ ସେ ଏହାକୁ ଲେଖିଥିଲେ। ଏହା ନିଶ୍ଚିତ ଯେ, ବ୍ରାହ୍ମଣମାନଙ୍କ ଦ୍ୱାରା ଲିଖିତ ଧର୍ମଶାସ୍ତ୍ର ବା ସୂତ୍ର ଆଉ ଧର୍ମନିରପେକ୍ଷ ଗ୍ରନ୍ଥ ହୋଇ ରହିଲା ନାହିଁ। ପ୍ରଥମରୁ ରଚିତ ଧର୍ମଶାସ୍ତ୍ରଗୁଡ଼ିକ କିପରି ଲୋକମାନେ ନିଜ ଜୀବନ ବଞ୍ଚାଇବା ଉଚିତ ତାହା ଉପରେ ଅଧିକ ଗୁରୁତ୍ୱ ଦେଇଥିଲା। ସେଥିରେ ରାଜ୍ୟ ପ୍ରସଙ୍ଗରେ ଅଧିକ କିଛି ଲେଖା ନ ଥିଲା। କିନ୍ତୁ ମନୁସ୍ମୃତି ରାଜ୍ୟ ପ୍ରସଙ୍ଗରେ ବହୁତ ଦର୍ଶାଇଥିଲା, ଯାହା ରାଜାମାନଙ୍କ ମଧ୍ୟରେ ଅତ୍ୟଧିକ ଲୋକପ୍ରିୟ ହୋଇପାରିଥିଲା। ମନୁସ୍ମୃତିରେ ଅନେକ ଟୀକା ଟିପ୍ପଣୀ ତଥା ନିବନ୍ଧ ଉଲ୍ଲେଖ କରାଯାଇଥିଲା ଏବଂ ଏହା ଭାରତର ବିଭିନ୍ନ ରାଜ୍ୟ ସମେତ ଦକ୍ଷିଣ ଏସିଆକୁ ବ୍ୟାପିଥିଲା। ଉଦାହରଣ ସ୍ୱରୂପ, ବର୍ମା ଏବଂ ଥାଇଲାଣ୍ଡର ରାଜାମାନେ ମନୁସ୍ମୃତି ସମ୍ପର୍କରେ ଆଲୋଚନା କଲେ। ତେବେ ଦକ୍ଷିଣ-ପୂର୍ବ ଏସିଆରେ ରାଜାମାନେ ମନୁସ୍ମୃତିର ରାଜକୀୟ ଦିଗ ଉପରେ ଧ୍ୟାନ ଦେଇଥିଲେ, ହେଲେ ଜାତି ଉପରେ ଚିନ୍ତା କରି ନ ଥିଲେ। କିନ୍ତୁ ଭାରତରେ ମନୁସ୍ମୃତିର ରାଜ୍ୟ ଶାସନର ନୀତି ଓ ନିୟମ ଦିଗକୁ ଗୁରୁତ୍ୱ ଦେବା ବଦଳରେ ଏହାର ଜାତି ଅଂଶଟି ଉପରେ ପ୍ରାଧାନ୍ୟ ଦିଆଗଲା।

ଧର୍ମଶାସ୍ତ୍ରଗୁଡ଼ିକ ବିଶ୍ୱାସ କରେ ଯେ, ବିଭିନ୍ନ ସମ୍ପ୍ରଦାୟରେ ଅନ୍ତର୍ଭୁକ୍ତ ବିଭିନ୍ନ ଲୋକଙ୍କ ପାଇଁ ଭିନ୍ନ ଭିନ୍ନ ନିୟମ ରହିଛି। ସମାଜରେ ସ୍ଥିତିକୁ ଆଧାର କରି ଲୋକମାନଙ୍କ ମଧ୍ୟରେ ଏହି ଭିନ୍ନତା ସମାନତାର ନୀତି ବିରୁଦ୍ଧ। ସେଥିପାଇଁ ଏବେ ପଣ୍ଡିତମାନେ ଏହା ଉପରେ ପ୍ରଶ୍ନ ଉଠାଉଛନ୍ତି। ଲିଙ୍ଗଗତ ବିଚାରରେ ଏହା ମଧ୍ୟ ମହିଳାମାନଙ୍କୁ ନିମ୍ନ ଦୃଷ୍ଟିରେ ଦେଖେ, ପୁରୁଷଙ୍କ ସହ ସେମାନେ ସମାନ ନୁହେଁ ବୋଲି ଦର୍ଶାଏ। ବିଂଶ ଶତାବ୍ଦୀରେ ମହିଳାଙ୍କ ଅଧିକାର ଆନ୍ଦୋଳନର ଉତ୍ଥାନ ପର୍ଯ୍ୟନ୍ତ ସବୁ ସମାଜରେ ଏଭଳି ଧାରଣା ସ୍ୱାଭାବିକ ଥିଲା। ସମସ୍ତ ଧର୍ମଶାସ୍ତ୍ର ବିଶ୍ୱାସ କରନ୍ତି ଯେ, ସ୍ଥାନ, ସମୟ ଏବଂ ଲୋକଙ୍କୁ ନେଇ ନିୟମଗୁଡ଼ିକୁ ବଦଳାଇବାକୁ ପଡ଼ିବ ଏବଂ କୌଣସି ନିୟମ ସ୍ଥାୟୀ କିମ୍ବା କଠୋର ନୁହେଁ। ଏଭଳି ବିଶ୍ୱାସ ଧର୍ମଶାସ୍ତ୍ରଗୁଡ଼ିକୁ ବିଶ୍ୱର ଅନ୍ୟ ଭାଗରେ ଥିବା ଧର୍ମୀୟ ଆଦେଶଠାରୁ ବହୁତ ଭିନ୍ନ କରିଛି।

–devduttofficial@gmail.com

# ଈଶ୍ୱରଙ୍କ ସହ ବସବାସ



**ଇଂ.ସଚ୍ଚିଦାନନ୍ଦ ନନ୍ଦ**

ସୃଷ୍ଟିର ପ୍ରାରମ୍ଭରୁ ମଣିଷ ଈଶ୍ୱରଙ୍କୁ ଅନ୍ୱେଷଣ କରିବା ଆରମ୍ଭ କରିଆସିଛି। ସେମାନେ ପ୍ରକୃତିକୁ ଦେବତା ରୂପେ ପ୍ରାର୍ଥନାକଲେ। ବାୟୁଦେବ, ଅଗ୍ନିଦେବ, ବରୁଣଦେବ, ଇନ୍ଦ୍ରଦେବ, ସୂର୍ଯ୍ୟଦେବ ଓ ଉଷାଦେବୀଙ୍କୁ ପୂଜା ଉପାସନା ଆରମ୍ଭ କରିଥିଲେ। ତତ୍ପରେ ଉପନିଷଦ ଯୁଗ ଆରମ୍ଭ ହେଲା। ଋଷିମୁନିମାନେ ନିଜ ଅନ୍ତର ଭିତରେ ଈଶ୍ୱରଙ୍କୁ ଆବିଷ୍କାର କରିବାକୁ ଧ୍ୟାନ, ସମାଧି ମାର୍ଗ ଅନୁସରଣ କଲେ। ସେମାନେ ଜାଣିବାକୁ ପାଇଲେ ଚେତନା ହିଁ ଜୀବନ। ଏଥିରୁ ବେଦର ମହାମନ୍ତ୍ର ସୃଷ୍ଟି ହେଲା। ପ୍ରଜ୍ଞାନଂ ବ୍ରହ୍ମ ଏହା 'ଅହଂ ବ୍ରହ୍ମାସ୍ମି' ଓ 'ଅୟମ୍ ଆତ୍ମା ବ୍ରହ୍ମ'। 'ତତ୍ତ୍ୱମସି' ବା 'ସେ ଓ ମୁଁ ଏକ' ଶ୍ରୀଙ୍କର ମତ ଦେଇଛନ୍ତି। 'ଜୀବ ବ୍ରହ୍ମୈବ ନାପରଃ'। ଏହାର ଗୂଢ଼ ଅର୍ଥ ଜୀବ ବ୍ରହ୍ମଠାରୁ ପୃଥକ୍ ନୁହେଁ। ପ୍ରଶ୍ନ ଆସେ ଏହି ଆତ୍ମା ବା ବ୍ରହ୍ମକୁ କ'ଣ ଦେଖିପାରିବା। ଆତ୍ମା ଇନ୍ଦ୍ରିୟାତୀତ। ଏହା ପରୀକ୍ଷଣ ଦ୍ୱାରା ସମ୍ଭବପର ନୁହେଁ ବରଂ ଅନୁଭୂତି ଦ୍ୱାରା ଉପଲବ୍ଧ ହୁଏ। ଏହା ସତ୍ୟ ଉପରେ ପ୍ରତିଷ୍ଠିତ। ଅନ୍ୟ ମୂଲ୍ୟବୋଧ ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା ସହ ପରୋକ୍ଷ ଭାବେ ବ୍ରହ୍ମ ବା ଆତ୍ମା ଜଡ଼ିତ। ଗୋଟିଏ ପ୍ରତ୍ୟକ୍ଷ ଘଟଣା ଅନୁଧ୍ୟାନ କରିବା।

ଅଯୋଧ୍ୟାର ରାଣୀ କୈକେୟୀ ଭରତଙ୍କୁ ରାଜା କରିବାର ପ୍ରୟାସ କରିଥିଲେ। ମା' ପକ୍ଷରେ ଏହା ସ୍ୱାଭାବିକ, କିନ୍ତୁ ଅପରପକ୍ଷରେ ଭରତ ଶ୍ରୀରାମଙ୍କ ପଦାଙ୍କ ଅନୁସରଣ କରି ଏହାକୁ ପ୍ରତ୍ୟାଖ୍ୟାନ କଲେ। ସେ ଶ୍ରୀରାମଙ୍କୁ ନିଜର ପ୍ରଭୁ ବୋଲି ଚୟନକଲେ। ସେହିପରି ଭକ୍ତ ପ୍ରହ୍ଲାଦଙ୍କୁ ତାଙ୍କ ପିତା ହିରଣ୍ୟକଶିପୁ ସମସ୍ତ ରାଜ୍ୟ ଏକ ସର୍ତ୍ତରେ ଦେବାକୁ କହିଲେ। ଶ୍ରୀନାରାୟଣଙ୍କ ଅପେକ୍ଷା ତାଙ୍କୁ ଶ୍ରେଷ୍ଠ ବୋଲି ମାନିବା ପାଇଁ ପରାମର୍ଶ ଦେଲେ। ସେ ଏଥିରେ ଅରାଜି ଓ ଅସମ୍ମତ ହେଲେ। ସେ ବହୁ ନିର୍ଯାତନା ସହିଲେ ଓ ଶ୍ରୀନାରାୟଣ ସମସ୍ତ ବିପଦରୁ ତାଙ୍କୁ ରକ୍ଷାକଲେ।

ଧ୍ରୁବ ସଂସାର କାମନା ବାସନା ତ୍ୟାଗକରି କେବଳ ଶ୍ରୀବିଷ୍ଣୁଙ୍କ ଶରଣାଗତ ହେଲେ। ସେହିପରି ଲଙ୍କାର ବିଭୀଷଣ ବଡ଼ଭାଇ ରାବଣର ପକ୍ଷ ନ ନେଇ ଶ୍ରୀରାମଙ୍କ ଶରଣାପନ୍ନ ହେଲେ। ଏସବୁ ପୁରୁଣା କଥା। ଏବେ ମଧ୍ୟ କଳିଯୁଗରେ ମୀରାବାଈ ନିଜ ସ୍ୱାମୀ ରାଣଙ୍କ ବାରଣ ନ ମାନି କାହ୍ନାଙ୍କୁ ଜୀବନର ସର୍ବସ୍ୱ ମାନିଥିଲେ। ଏମାନେ ସମସ୍ତେ ଈଶ୍ୱରଙ୍କ ସହ ଜୀବନ ଅତିବାହିତ କରିବାକୁ ଶ୍ରେୟସ୍କର ମନେକଲେ। ଦ୍ୱାପରରେ ଅର୍ଜୁନ ନାରାୟଣୀ ସେନା ପରିବର୍ତ୍ତେ ଅସ୍ତ୍ରବିହୀନ ଶ୍ରୀକୃଷ୍ଣଙ୍କୁ ନିଜ ପକ୍ଷରେ ଗ୍ରହଣ କଲେ। ପାଣ୍ଡବମାନେ ପ୍ରଥମେ ଈଶ୍ୱର, ଦ୍ୱିତୀୟରେ ରାଜ୍ୟ ପ୍ରଜାଗଣ ଓ ସର୍ବଶେଷରେ ନିଜର ସ୍ୱାର୍ଥ ଉପରେ ଦୃଷ୍ଟିଦେଇଥିଲେ। ଗୋପୀମାନେ ମହର୍ଷି ନାରଦଙ୍କୁ ପାଦ ନ ଥିବା ଶ୍ରୀକୃଷ୍ଣଙ୍କ ଫଟୋଚିତ୍ର ଦେଖାଇଲେ। ଏହାର କାରଣ ପାଦ ଥିଲେ ସେ ହୁଏତ ଅନ୍ୟତ୍ର ଚାଲିଯିବେ ବୋଲି ଗୋପୀମାନେ କହିଲେ। ତେବେ ପ୍ରଭୁଙ୍କ ସହ ରହିବା ପାଇଁ ୩ଗୋଟି ସୋପାନ ଅଛି। ପ୍ରଥମେ 'ମୁଁ ତୁମର'। ଦ୍ୱିତୀୟ ସ୍ତରରେ 'ତୁମେ ମୋର'। ସେହିପରି ତୃତୀୟ ସ୍ତରରେ 'ତୁମେ ଓ ମୁଁ ଏକା'। ଶେଷରେ ଜୀବ ଓ ବ୍ରହ୍ମର ମିଳନ ହୁଏ। ଈଶ୍ୱରଙ୍କ ପ୍ରିୟ ହେବାକୁ ଚେଷ୍ଟା କରିବା ପାଇଁ ବିଶ୍ୱକବି ରବୀନ୍ଦ୍ର ନାଥ ଟାଗୋର କହିଛନ୍ତି, 'ମୁଁ ତୁମକୁ ଚାହେଁ – ଖାଲି ଚାହେଁ ମୁଁ ତୁମକୁ' ଏକଥା ଧ୍ୱନିତ ହେଉ ଅନ୍ତରରେ ମୋର। ଅନ୍ୟ ଲେଖକମାନେ କହନ୍ତି, 'ଆଉ କିଛି ନୁହେଁ, ଈଶ୍ୱରଙ୍କ ଆବଶ୍ୟକତା ଅଛି'। ସେହିପରି ଈଶ୍ୱରଙ୍କୁ ଏକାନ୍ତରେ ପ୍ରେମ କରିବା, ତୃତୀୟରେ କୌଣସି ଜ୍ଞାନ ନୁହେଁ ଈଶ୍ୱରଙ୍କ ଜ୍ଞାନ ଆବଶ୍ୟକ। ଶେଷରେ ଆଉ କିଛି ପ୍ରାପ୍ତି ନୁହେଁ, ଈଶ୍ୱରପ୍ରାପ୍ତି ହିଁ ଏକାନ୍ତ ଆବଶ୍ୟକ। ଏକଦା କେତେଜଣ ଆମେରିକୀୟ ନାଗରିକ ରାଷ୍ଟ୍ରପତି ଆବ୍ରାହମ ଲିଙ୍କନ୍‌ଙ୍କୁ କହିଲେ, ଈଶ୍ୱର ଆମ ପକ୍ଷରେ ଅଛନ୍ତି। ଆବ୍ରାହମ ଏହାର ଉତ୍ତରରେ କହିଲେ, ''ଆମ୍ଭେମାନେ ଈଶ୍ୱରଙ୍କ ପକ୍ଷରେ ଅଛନ୍ତି ତ ? ଭଗବାନଙ୍କ ସହ ବସବାସ ପାଇଁ ଆଜ୍ଞାଧୀନତା ଦରକାର।'' ଏହାକୁ ସତ୍ୟସାଇ ବାବା କହନ୍ତି, ''ମୁନିବର ଆଦେଶ ମାନ।'' ଏହାକୁ ଉପଲବ୍ଧି କରିବା ପାଇଁ ପ୍ରତ୍ୟେକ ମୁହୂର୍ତ୍ତ ଈଶ୍ୱରଙ୍କୁ ସ୍ମରଣ କରାଯାଉ ଓ ପ୍ରତ୍ୟେକ ମିନିଟ୍ ପ୍ରାର୍ଥନା ଚାଲୁରହୁ ଓ ସଦାସର୍ବଦା ତାଙ୍କ ନିକଟରେ ସମର୍ପଣ ଭାବ ଜାଗ୍ରତ ହେଉ। ଏହି ପଥ ହିଁ ଶ୍ରେଷ୍ଠ। ଜୀବନକୁ ଶ୍ରୀଚରଣରେ ଶ୍ରୀରାଧାଙ୍କ ପରି ଅର୍ପଣ କରିଦିଅ। ଈଶ୍ୱରଙ୍କ ମଧ୍ୟରେ ସଚରାଚର ଜଗତ ଓ ନିଜ ଅନ୍ତର ମଧ୍ୟରେ ତାଙ୍କୁ ଦର୍ଶନ କରିବାକୁ ଉପନିଷଦ ଓ ଗୀତା କହିଥାଏ।

**ଅଲିଶା ବଜାର, କଟକ**
**ମୋ: ୯୩୩୭୨୪୨୯୫୫**

## ଏଇ ଭାରତରେ

ମହିଳା ସଶକ୍ତୀକରଣ ଓ ଆତ୍ମନିର୍ଭରଶୀଳର ବାର୍ତ୍ତା ଦେଇଛନ୍ତି ବୀଣା ଟମ୍। କେରଳର ମାରଙ୍ଗାଟ୍ଟୁପାଲିରେ ରହୁଥିବା ଏହି ୫୬ ବର୍ଷୀୟା ମହିଳା ଜଣକ ନିଜ ବଗିଚାରେ ବିଭିନ୍ନ ଫୁଲ ଓ ଫଳ ଚାଷ କରି ସେଥିରୁ ଘରେ ଜାମ୍, ଆଚାର, ସ୍କ୍ୱାଶ୍, ଜୁସ୍, ଚିପ୍ସ ଆଦି ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ସେ ମଧ୍ୟ ବଗିଚାରେ ମହୁ ଚାଷ କରି ଲାଭ ପାଉଛନ୍ତି। ଉତ୍ପାଦଗୁଡ଼ିକୁ ବିକ୍ରି କରି ବୀଣା ମାସକୁ ୫୦,୦୦୦ ଟଙ୍କା ରୋଜଗାର କରିବାକୁ ସକ୍ଷମ ହୋଇଛନ୍ତି। 'ବିକ୍ ଅଫ୍ ବୀଣା' ନାମକ କମ୍ପାନୀ ମାଧ୍ୟମରେ ସେ ବିଜ୍‌ନେସ ଚଳାଇଛନ୍ତି ଓ ଏହା ମାଧ୍ୟମରେ ଏବେ ୧୪୦ ପ୍ରକାର ଉତ୍ପାଦ ବିକ୍ରି କରୁଛନ୍ତି। ଅଫ୍‌ଲାଇନ ଓ ଅନ୍‌ଲାଇନରେ ଉତ୍ପାଦଗୁଡ଼ିକୁ ନିଜ ରାଜ୍ୟର ବିଭିନ୍ନ ସହର ସମେତ ବେଙ୍ଗାଲୁରୁ, ଲକ୍ଷ୍ନୌ ଓ ମୁମ୍ବାଇରେ ବିକ୍ରି କରାଯାଉଛି। ବୀଣା ୨୦୧୭ରେ କୃଷି ବିଜ୍ଞାନ କେନ୍ଦ୍ରରୁ ପ୍ରଶିକ୍ଷଣ ନେଇ ପ୍ରଥମେ ମହୁ ଚାଷ କରିଥିଲେ ଓ ମହୁ ଶପ୍ ପ୍ରସ୍ତୁତ କରିଥିଲେ। ତା'ପରେ ବଗିଚାରେ ବହୁ କିସମର ଫଳ ଓ ଫୁଲ ଚାଷ କରି ଅଧିକରୁ ଅଧିକ ଉତ୍ପାଦ ପ୍ରସ୍ତୁତ କରିବାକୁ ଲାଗିଲେ। ଏବେ ବଗିଚାରେ ୬୦ଟି ମହୁବାକ୍ସ ଅଛି। ବଡ଼ କଥା ହେଉଛି ସେ ଜୈବିକ ପଦ୍ଧତିରେ ଚାଷ କରୁଛନ୍ତି। ଗଛରେ ରାସାୟନିକ ସାର ବଦଳରେ ବିଭିନ୍ନ ବର୍ଜ୍ୟରୁ ପ୍ରସ୍ତୁତ ଜୈବିକ ଖତ ଓ ଜିଆ ଖତ ପ୍ରୟୋଗ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୯ ସେପ୍ଟେମ୍ବର ୧୯୭୫**

- ଉତ୍ତର ଓ କେନ୍ଦ୍ର ଗୁଜରାଟରେ ପ୍ରବଳ ବର୍ଷା ଓ ବନ୍ୟା ଫଳରେ ଅନ୍ୟୂନ ୨୩ ଜଣ ବ୍ୟକ୍ତିଙ୍କ ମୃତ୍ୟୁ।
- ଭାରତୀୟ କୋଲ୍‌ମାଇନ ଅଥରିଟି ଓ ସୋଭିଏତ୍ ରୁଷିଆର ଏକ ରପ୍ତାନୀ ପ୍ରତିଷ୍ଠାନ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।
- ବେରୁଟରେ ବାମପନ୍ଥୀ ଓ ଦକ୍ଷିଣପନ୍ଥୀ ଦଳମାନଙ୍କ ମଧ୍ୟରେ ସଂଘର୍ଷ ଘଟି ୪୦୦ ବ୍ୟକ୍ତିଙ୍କ ପ୍ରାଣହାନି।

# ଯୁଦ୍ଧ ଆଉ କେତେ କାଳ



**ଡ. ଅଜୟ କୁମାର ପାତ୍ର**

ପରମାଣୁ ବୋମାର ଜନକ ବୋଲି କୁହାଯାଉଥିବା ସୁପ୍ରସିଦ୍ଧ ଆମେରିକୀୟ ବିଜ୍ଞାନୀ ଜୁଲିଅସ୍ ରବର୍ଟ ଓପେନ୍ ହେମରଙ୍କ ଜୀବନୀ ଆଧାରିତ ଚଳଚ୍ଚିତ୍ର 'ଓପେନ୍‌ହେମର' ମୁକ୍ତିଲାଭ କରିସାରିଛି। ପରମାଣୁ ବୋମାର ଉଦ୍ଭାବକ ଓପେନ୍ ହେମରଙ୍କୁ ପ୍ରଥମେ ଗୁପ୍ତ ଅସ୍ତ୍ରଶସ୍ତ୍ର ପରୀକ୍ଷାଗାରର ଦାୟିତ୍ୱ ଦିଆଯାଇଥିଲା। ସେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଇଥିଲା ଏବଂ ୧୯୪୧ ଅକ୍ଟୋବରରେ ଆମେରିକା ବିଶ୍ୱଯୁଦ୍ଧରେ ସାମିଲ ହେବାର ଦୁଇମାସ ପୂର୍ବରୁ ରାଷ୍ଟ୍ରପତି ଫ୍ରାଙ୍କ୍ଲିନ୍ ରୁଜ୍‌ଭେଲ୍ଟ ପରମାଣୁ ପ୍ରଯୁକ୍ତି କାର୍ଯ୍ୟକ୍ରମକୁ ମଞ୍ଜୁରୀ ଦେଇଥିଲେ। ୧୯୪୨ ମେ'ରେ ଜାତୀୟ ପ୍ରତିରକ୍ଷା ଗବେଷଣା କମିଟିର ଅଧ୍ୟକ୍ଷ ଜେମ୍ସ ବି କୋନାଣ୍ଟ ହାର୍ଭାର୍ଡରେ ତାଙ୍କର ଜଣେ ମେଧାବୀ ଛାତ୍ର ଥିବା ଓପେନ୍ ହେମରଙ୍କୁ ଫାଷ୍ଟ ନ୍ୟୁଟ୍ରନ୍ ଗଣନା ପାଇଁ ଡାକିଲେ। ସେହି ବର୍ଷ ଅଗଷ୍ଟରେ ଆମେରିକା ସେନା ପରମାଣୁ ବୋମା ପ୍ରକଳ୍ପ ପାଇଁ ମାନ୍‌ହଟ୍ଟାନ ଇଞ୍ଜିନିୟର ଡିଷ୍ଟ୍ରିକ୍ଟ ଗଠନ କଲେ। ସେପ୍ଟେମ୍ବରରେ ପ୍ରକଳ୍ପର ନିର୍ଦ୍ଦେଶକ ହେଲେ ଲେସ୍‌ଲି ଗୌଭସ୍ ଏବଂ ପରୀକ୍ଷାଗାର ପରିଚାଳନା ପାଇଁ ସେ ଓପେନ୍ ହେମରଙ୍କୁ ଦାୟିତ୍ୱ ଦେଲେ। ୧୯୪୫ ଜୁଲାଇ ୧୬ରେ ହେମରଙ୍କ ତତ୍ତ୍ୱାବଧାନରେ ଲସ୍ ଆଲାମୋସ୍‌ଠାରୁ ଦକ୍ଷିଣକୁ ୩୪୦ କିଲୋମିଟର ଦୂର ଏକ ସ୍ଥାନରେ ପୃଥିବୀର ପ୍ରଥମ ପରମାଣୁ ବୋମା ପରୀକ୍ଷଣ କରାଯାଇଥିଲା। ଏହା ଟ୍ରିନିଟି ଟେଷ୍ଟ ନାମରେ ପରିଚିତ। ଏକ ବିଶେଷ ସାକ୍ଷାତ୍‌କାରରେ ସେ କ୍ଷୋଭର ସହ କହିଥିଲେ, ସେତେବେଳେ ତାଙ୍କ ମୁହଁରୁ ବାହାରି ଯାଇଥିଲା, 'ଜୁଲିଅସ୍.... ଅର୍ଥାତ୍ ମୁଁ ମୃତ୍ୟୁ ପାଲଟିଯାଇଛି, ସଂସାରର ବିନାଶକାରୀ ହୋଇଯାଇଛି।'

ଏହି ପରୀକ୍ଷଣ ସଫଳ ହେବାର ମାସେ ବି ହୋଇ ନ ଥିଲା, ଅଗଷ୍ଟ ୬ ଏବଂ ୯ରେ ଜାପାନର ହିରୋଶିମା ଓ ନାଗାସାକି ଉପରେ ହୋଇଥିବା ପରମାଣୁ ବୋମା ଆକ୍ରମଣରେ ଥରିଯାଇଥିଲା ସମଗ୍ର ବିଶ୍ୱ। ଏ ଦୁଃଖଦ ଘଟଣା ଇତିହାସର କଳାପୃଷ୍ଠା ହୋଇ ରହିଥିବା ବେଳେ ଏଯାବତ୍ ପିଢ଼ି ପରେ ପିଢ଼ି ଏହାର କୁପରିଣାମ ଭୋଗିଚାଲିଛନ୍ତି। ଆମେରିକା ପରେ ୧୯୪୯ରେ ସୋଭିଏତ୍ ରୁଷ୍, ୧୯୫୨ରେ ବ୍ରିଟେନ୍, ୧୯୬୦ରେ ଫ୍ରାନ୍ସ, ୧୯୬୪ରେ ଚାଇନା ଏବଂ ୧୯୭୪ରେ ଭାରତ ପ୍ରଥମ ପରମାଣୁ ବୋମା ପରୀକ୍ଷଣରେ ସଫଳ ହୋଇଥିଲା। ଅଧୁନା ପରମାଣୁ ବୋମା ଅଧିକରୁ ଅଧିକତର ଶକ୍ତିଶାଳୀ ଏବଂ ବିନାଶକାରୀ ହୋଇଚାଲିଛି। ଏବେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ସ୍ଥିତିରେ ପରମାଣୁ ବୋମାର ଆତଙ୍କରେ ବିଶ୍ୱ ଭୟଭୀତ। କେବେ ଆଉ କେତେ ଯୁଗ ପରେ ଧ୍ୱଂସକାରୀ ଚେତନାରୁ ମୁକୁଳିବେ ବିଶ୍ୱ ନେତୃବୃନ୍ଦ।

ବିଶ୍ୱରେ ବିଭିନ୍ନ ସ୍ଥଳରେ ଯୁଦ୍ଧ ଥମିବା ଦୂରର କଥା, ଏହା ଭୟାନକ ରୂପ ନେବାରେ ଲାଗିଛି। ବିଶ୍ୱ ନେତାମାନେ ହୃଦୟଙ୍ଗମ କରିବା ଉଚିତ ଯେ ପୃଥିବୀ ଏକ ଓ ନୈସର୍ଗିକ ଭ୍ରାତୃତ୍ୱ ବନ୍ଧନରେ ବନ୍ଧା। ଆମେ ବିଶ୍ୱବାସୀ ଏକ ବୃହତ୍ ପରିବାରର ଅନ୍ତେବାସୀ। ତା'ହେଲେ କାହିଁକି ଏ ହିଂସା ଓ ପ୍ରତିହିଂସା। କ'ଣ ପାଇଁ ଆମେ ବିଶ୍ୱବାସୀ ଶାନ୍ତିକାମୀ ନ ହୋଇ ଯୁଦ୍ଧରୂପକ ଅନଳରେ ଖାସଦେଉଛୁ। କେଉଁ ଅଧିକାରରେ ବିଶ୍ୱର ତୁଙ୍ଗନେତା ପରମାଣୁ ଅସ୍ତ୍ରର ଭୟ ଦେଖାଇ ପୃଥିବୀକୁ ଅସ୍ଥିରତା ଭିତରକୁ ଟାଣିନେଉଛନ୍ତି? ଅତୀତରେ ପରମାଣୁ ଯୁଦ୍ଧରେ ବିଶ୍ୱ ଯେପରି ଥରହର ହେଉଥିଲା ଆଜି ଠିକ୍ ସେହିଭଳି ପରିସ୍ଥିତି ସୃଷ୍ଟିହେବାକୁ ଯାଉଛି।



ଏକବିଂଶ ଶତାବ୍ଦୀର ଆରମ୍ଭବେଳକୁ ନାଟୋ ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରେ ମାତ୍ର ଦୁଇଶହ ପରମାଣୁ ବୋମା ଥିଲାବେଳେ କେବଳ ରୁଷ୍ ନିକଟରେ ପ୍ରାୟ ଦୁଇହଜାର ଅସ୍ତ୍ର ଗଚ୍ଛିତ ଥିଲା। ମାତ୍ର ଆଜି ତାହାର ସଂଖ୍ୟା ଶତଗୁଣ ଅଧିକ । ସମ୍ପୂର୍ଣ୍ଣ ପୃଥିବୀକୁ ଧ୍ୱଂସ କରିବାକୁ ମାତ୍ର ପାଞ୍ଚଟି ଶକ୍ତିଶାଳୀ ବୋମା ଯଥେଷ୍ଟ। ଏକଦା ରୁଷିଆ ରାଷ୍ଟ୍ରପତି ପୁଟିନ୍ କହିଥିଲେ, 'ଆମ ଉପରେ ଆକ୍ରମଣ ହେଲେ ଆମେ ଶହୀଦ ହୋଇ ସ୍ୱର୍ଗକୁ ଯିବୁ; କିନ୍ତୁ ଯେଉଁମାନେ ଆମକୁ ମାରିବେ ସେମାନେ ଘୋର ଦୁର୍ଦ୍ଦଶା ଭୋଗ କରିବେ, କାରଣ ଅନୁତାପ କରିବାକୁ ବି ସେମାନେ ସମୟ ପାଇବେ ନାହିଁ।' ବାସ୍ତବିକ ଯୁଦ୍ଧ ହିଁ ଧ୍ୱଂସ, ନରସଂହାରର ପରିଚୟ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସୋଭିଏତ୍ ରୁଷ୍, ଜର୍ମାନୀ ଓ ଇଂଲଣ୍ଡର ଅନେକ ଲକ୍ଷ ସୈନ୍ୟ ଯୁଦ୍ଧକ୍ଷେତ୍ରରେ ମୃତ୍ୟୁବରଣ କରିଥିଲେ। ଏହି ମହାସମରରେ ପ୍ରାୟ ୩୮ ନିୟୁତ ସାଧାରଣ ଲୋକଙ୍କର ମୃତ୍ୟୁ ଘଟିଥିଲା। ଏହି ଯୁଦ୍ଧ ସମୟରେ କ୍ରମାଗତ ଭାବେ ୧୫୪ ଦିନ ଧରି ବୋମାବର୍ଷଣ ହେବା ସହ ୬୭୦୦ ଟନ୍ ବିସ୍ଫୋରକ ଭୂପୃଷ୍ଠରେ ନିକ୍ଷେପ କରାଯାଇଥିଲା। ବ୍ରିଟେନ୍, ଫ୍ରାନ୍ସ ଓ ପୋଲାଣ୍ଡରେ ସବୁଠାରୁ ବେଶି ପରିମାଣରେ ବୋମା ନିକ୍ଷେପ କରାଯାଇଥିଲା। ତା'ହେଲେ ଆମେ ଚେତିବା କେବେ। ହେ ରାଷ୍ଟ୍ରନେତା! ଜାଣିରଖ, ବର୍ତ୍ତମାନ ଯୁଦ୍ଧ ନୁହେଁ; ଶାନ୍ତି ଓ ସଦ୍‌ଭାବନାର ସହ ଏକମାତ୍ର ଜୀବଧାରୀ ପୃଥିବୀରେ ବସବାସ କରିବାର ସମୟ।

ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଦୀର୍ଘଦିନ ପରେ ଥମି ନ ଥିବା ବେଳେ ଏଣେ ମଧ୍ୟପ୍ରାଚ୍ୟରେ ଇସ୍ରାଏଲ ଓ ପାଲେଷ୍ଟାଇନ ମଧ୍ୟରେ ଲାଗିଥିବା ଯୁଦ୍ଧ ବିଶ୍ୱ ପାଇଁ ବିପଦ ସୃଷ୍ଟିକଲାଣି। ବିଜ୍ଞାନ ଦୃଷ୍ଟିରୁ ବିଶ୍ଳେଷଣ କଲେ ଜଣାଯାଏ ଯେ ପୃଥିବୀପୃଷ୍ଠରେ ବାସ କରୁଥିବା କୌଣସି ଜାତିର ହିଂସ୍ର ଜନ୍ତୁ ନିଜ ପ୍ରଜାତିର ଜୀବଙ୍କୁ ବିନା କାରଣରେ ହଠାତ୍ ଏତେସଂଖ୍ୟାରେ କଷ୍ଟଦେଇ ମାରେନାହିଁ, ଯାହା ସଭ୍ୟ ମଣିଷ ଅତି ସହଜରେ ଓ ନିଶ୍ଚିନ୍ତରେ କରିପାରେ। ଏଭଳି ଘଟଣା ସମଗ୍ର ବିଶ୍ୱବାସୀଙ୍କୁ ଲଜ୍ଜିତ କରିଛି। ଅସୁରକ୍ଷିତ ନିରୀହ ମହିଳା, ଶିଶୁ ଏବଂ ବୟସ୍କମାନେ ଏବେ ଏଠାରେ ବଞ୍ଚିବା ପାଇଁ ଯେଉଁଭଳି ବ୍ୟାକୁଳ ହେଉଛନ୍ତି ଏହାଠାରୁ ଅଧିକ ଦୁଃଖଦ ଘଟଣା ଏକବିଂଶ ଶତାବ୍ଦୀରେ ଆଉ କ'ଣ ବା ହୋଇପାରେ।

କଥାରେ ଅଛି-'ବିଶ୍ୱାସ ମୂଳେ ଏ ଜଗତ' ଅର୍ଥାତ୍ ଏହି ପୃଥିବୀ ବିଶ୍ୱାସ ଉପରେ ଆଧାରିତ। ପୃଥିବୀପୃଷ୍ଠରେ ମନୁଷ୍ୟ ଶ୍ରେଷ୍ଠପ୍ରାଣୀ ରୂପେ ବିବେଚିତ। ମନୁଷ୍ୟ ମଧ୍ୟ ଏକ ସଚେତନ ପ୍ରାଣୀ। ମାତ୍ର ମଣିଷକୃତ ଯୁଦ୍ଧ ଯୋଗୁ ଆଜି ବିଶ୍ୱରେ ଅନେକ ଅଞ୍ଚଳରେ ଖାଦ୍ୟ, ଜଳ ଓ ମୃତ୍ତିକା ସଙ୍କଟ ମଣିଷ ତଥା ସମାଜକୁ ଧ୍ୱଂସାଭିମୁଖୀ ଆଡ଼କୁ ଅଗ୍ରସର କରିନେଉଛି। ଫରାସୀ ନୋବେଲ ବିଜେତା ଆଲେକ୍‌ସିଷ୍ କ୍ୟାରେଲ ୧୯୦୨ରେ ସତର୍କ କରି ଦେଇଥିଲେ। କହିଥିଲେ- ମାଟି ଅସୁସ୍ଥ, ସୁସ୍ଥ ହେବା କଷ୍ଟସାଧ୍ୟ। କାରଣ ରାସାୟନିକ ସାର, କୀଟନାଶକ ବିଷ ଓ ସର୍ବୋପରି ଯୁଦ୍ଧଜନିତ ବୋମା ଓ ଗୁଳିଗୋଳା ବାରୁଦର ଅବଶେଷ ଦ୍ୱାରା ମାଟି ମା' ରୋଗଗ୍ରସ୍ତ।

ଯୁଦ୍ଧ ଆଉ କେତେ କାଳ ? ରୁଷିଆ -ୟୁକ୍ରେନ ଓ ପାଲେଷ୍ଟାଇନ-ଇସ୍ରାଏଲ ଯୁଦ୍ଧ ଆଜି ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ବଡ଼ ଆହ୍ୱାନ। ଏକବିଂଶ ଶତାବ୍ଦୀରେ ଯେତେବେଳେ ସମଗ୍ର ବିଶ୍ୱ ଆଡ଼କୁ ଅନେକ ପରିବେଶ ପ୍ରଦୂଷଣଜନିତ ବିପତ୍ତି ମାଡ଼ିଆସୁଛି, ସେଥିରୁ ପୃଥିବୀର ବର୍ଦ୍ଧିତ ଜନତାକୁ ଆମେ ସୁରକ୍ଷିତ ରଖିବା ବିଷୟରେ ଚିନ୍ତା ନ କରି ବିସ୍ତାରବାଦୀ ତଥା ସଂକୀର୍ଣ୍ଣ ରାଜନୈତିକ ଚିନ୍ତାଧାରାରେ କବଳିତ ନେତା ବିକାଶ ଛାଡ଼ି ସମଗ୍ର ବିଶ୍ୱକୁ ଧ୍ୱଂସ କରିବାରେ ବ୍ରତୀ ହେବାଭଳି ମନେହେଉଛି। ଏବେ ଯୁଦ୍ଧ ନୁହେଁ; ଶାନ୍ତି, ସଦ୍‌ଭାବନା ଓ ଭ୍ରାତୃଭାବନା ସହ ରହିବାର ବେଳ। ଏହାକୁ ଯୁଦ୍ଧଖୋର୍ ରାଷ୍ଟ୍ରର ମୁଖ୍ୟ ହୃଦୟଙ୍ଗମ କରିବା ଉଚିତ।

**ପରିବେଶ ବିଜ୍ଞାନୀ**
**ମୋ:୯୪୩୮୬୨୧୩୯୧**

## ଚିରନ୍ତନୀ

ଭୁଲି ଗଲି ବିଶ୍ୱମୟ ଲାଗିଲା କି ପ୍ରାସ ଯେ,
ନ ବୁଝିଲି ତୁମେ କିମ୍ପା କର ଉପହାସ ହେ।
ମୋର ସବୁ ଛନ୍ଦର ଯେ ତୁମେ ପରା ନାୟିକା,
ସବୁ ସ୍ୱର ସାଧନାର ତୁମେ ଚାରୁ ଗାୟିକା।
ତେବେ କିମ୍ପା ଉପହାସ କର ରହି ରହି ଗୋ,
ନ ପାରଇଁ ବୁଝି କିଛି କହ ପ୍ରିୟସହୀ ଗୋ!
**-(ଛନ୍ଦ ନାୟିକା)**

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

## ପାଠକ ଶ୍ରେଷ୍ଠ ବିଚାରକ

### ମହାନଦୀ-ଗୋଦାବରୀ ନଦୀ ସଂଯୋଗୀକରଣ ହେଉ

ମହାଶୟ,

ରାଜ୍ୟ ସରକାର ଆନ୍ତଃ ରାଜ୍ୟ ନଦୀ ସଂଯୋଗୀକରଣ ଯୋଜନାରେ ମହାନଦୀ -ଗୋଦାବରୀ ନଦୀ ସଂଯୋଗୀକରଣ ପାଇଁ ଜଳ ବିକାଶ ସଂସ୍ଥା ଦ୍ୱାରା ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଏଠାରେ ଉଲ୍ଲେଖଯୋଗ୍ୟ, ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶାସନ ସମୟରେ ୧୯୮୨ରେ ମହାନଦୀ ଅବବାହିକାରେ ପ୍ରବଳ ବନ୍ୟାହେବା ପରେ ତତ୍କାଳୀନ କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀ ମହାନଦୀ-ଗୋଦାବରୀ ନଦୀ ସଂଯୋଗୀକରଣ ସଂକ୍ରାନ୍ତୀୟ ଅନୁରୂପ ଘୋଷଣା କରିଥିଲେ । ଏହି ଘୋଷଣା ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ । ସେ ବିଭିନ୍ନ ଯୁକ୍ତି ବାଢ଼ି ଉଲ୍ଲେଖ କରିଥିଲେ ଯେ ଭୌଗୋଳିକ, ଅର୍ଥନୈତିକ ଓ ରାଜନୈତିକ କାରଣରୁ ଏହା ଏକ ଅବାସ୍ତବ ଯୋଜନା ଓ ଏହା କାର୍ଯ୍ୟକାରୀ ହୋଇପାରିବ ନାହିଁ। ଅନେକ ରାଜନେତା, ପ୍ରଶାସକ ଓ ବିଶେଷଜ୍ଞ ତାଙ୍କ ଯୁକ୍ତିକୁ ଖଣ୍ଡନକରିଥିଲେ । ଏଣୁ ଏପରି ଏକ ମହତ୍ତ୍ୱାକାଂକ୍ଷା ଯୋଜନା ସମ୍ପର୍କରେ ବିଶେଷଜ୍ଞମାନଙ୍କ ପକ୍ଷରୁ ବ୍ୟାପକ ବିଚାରବିମର୍ଶ କରାଯିବା ଉଚିତ । ଏହା ସମ୍ଭବ ହେଲେ ବନ୍ୟା ଆଶଙ୍କା ଦୂର ହେବା ସହ କୃଷିରେ ବ୍ୟାପକ ବିକାଶ ଘଟିବ।

**-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | 5 | | | | | | |
| 2 | 4 | | 1 | | | 8 | | |
| | 1 | | | | | 3 | | |
| | | | 4 | | 6 | | | 1 |
| 4 | | 9 | | 7 | | | | 3 |
| | | | | | 3 | 7 | | |
| 9 | 3 | 6 | | 5 | | | 8 | |
| | | | | | | | | 4 |
| 7 | | | | | 9 | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 4 | 5 | 8 | 7 | 9 | 1 | 6 |
| 9 | 6 | 5 | 3 | 2 | 1 | 4 | 7 | 8 |
| 7 | 8 | 1 | 9 | 6 | 4 | 3 | 5 | 2 |
| 5 | 9 | 2 | 6 | 1 | 3 | 8 | 4 | 7 |
| 6 | 3 | 7 | 4 | 5 | 8 | 2 | 9 | 1 |
| 4 | 1 | 8 | 2 | 7 | 9 | 6 | 3 | 5 |
| 1 | 7 | 3 | 8 | 9 | 2 | 5 | 6 | 4 |
| 2 | 4 | 6 | 7 | 3 | 5 | 1 | 8 | 9 |
| 8 | 5 | 9 | 1 | 4 | 6 | 7 | 2 | 3 |

ଗତକାଲିର ଉତ୍ତର

# କମିଶନରେଟ୍ ପୋଲିସକୁ ଘେରିଲା ଓଡ଼ିଶା ଷ୍ଟେଟ୍ ଏକ୍ସ ସର୍ଭିସମ୍ୟାନ୍ ଆସୋସିଏଶନ




ଓଡ଼ିଶା ଷ୍ଟେଟ୍ ଏକ୍ସ ସର୍ଭିସ୍ମ୍ୟାନ୍ ଆସୋସିଏଶନ ପକ୍ଷରୁ କମିଶନରେଟ୍ ପୋଲିସ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିବା ଶୋଭାଯାତ୍ରା।

ଭୁବନେଶ୍ୱର, ୧୮।୯ (ସୁନିତ୍ ମିଶ୍ର)

ଭରତପୁର ଥାନାରେ ଆର୍ମି ମେଜର ଗୁରୁଭନ୍ସ ସିଂ ଏବଂ ତାଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କ ଉପରେ ହୋଇଥିବା ନିର୍ଯାତନା ଘଟଣାରେ ଓଡ଼ିଶା ଷ୍ଟେଟ୍ ଏକ୍ସ ସର୍ଭିସ୍ମ୍ୟାନ ଆସୋସିଏଶନର ସଦସ୍ୟମାନେ ଏକ ବିଶାଳ ଶୋଭାଯାତ୍ରାରେ ଆସି ପୋଲିସ ବିରୋଧରେ ବର୍ଷିଥିଲେ। ଉକ୍ତ ଘଟଣାରେ ନ୍ୟାୟ ଦାବିରେ ସଦସ୍ୟମାନେ ପ୍ରତିବାଦ କରି କମିଶନର ଅଫିସ୍ ସମ୍ମୁଖରେ ଧାରଣା ଦେଇଥିଲେ। ଯଦି ଜଣେ ଆର୍ମି ଅଫିସରଙ୍କ ସହ ଥାନାରେ ଏଭଳି ବ୍ୟବହାର କରାଯାଇପାରୁଛି ତେବେ ଜଣେ ସାଧାରଣ ଲୋକଙ୍କୁ କିଭଳି ନ୍ୟାୟ ମିଳିବ ବୋଲି ସେମାନେ ପ୍ରଶ୍ନ କରିଥିଲେ। ପ୍ରାୟ ୧ ଘଣ୍ଟା ଧରି ପ୍ରତିବାଦ କରିବା ପରେ ଏକ ପ୍ରତିନିଧି ଦଳ ଯାଇ ପୋଲିସ କମିଶନରଙ୍କୁ ଭେଟିଥିଲେ। ଏହି ଅବସରରେ ସେମାନେ ପୋଲିସ କମିଶନରଙ୍କୁ କହିଥିଲେ, ଥାନାର ତଳସ୍ତରଠାରୁ ସିନିୟର ପାହ୍ୟାର ଅଧିକାରୀମାନଙ୍କୁ ଟ୍ରେନିଂର ଆବଶ୍ୟକତା ରହିଛି। ଜଣେ ଆର୍ମି ଅଫିସରଙ୍କୁ କିଭଳି ଥାନାରେ ବ୍ୟବହାର କରାଯିବା ଦରକାର ସେନେଇ ସେମାନେ ଟ୍ରେନିଂ ପାଇବା ଆବଶ୍ୟକ। ଏଭଳି ଘଟଣା ଘଟିଲେ ଆର୍ମିରେ ଭର୍ତ୍ତିହୋଇ ନିଜ ଜୀବନକୁ ବାଜିରେ ଲଗାଇ ଦେଶ ପାଇଁ ଲଢ଼ିବାକୁ ଆଉ କେହି ଆଗ୍ରହ ପ୍ରକାଶ କରିବେ ନାହିଁ। ସମସ୍ତେ ଚାହିଁବେ ଆମେ ପୋଲିସରେ ଭର୍ତ୍ତି ହୋଇଯିବୁ। ଏଭଳି ହେଲେ ଆଗକୁ ଦେଶ ପାଇଁ ଯୁଦ୍ଧ କରିବାକୁ କିଏ ବାହାରିବ। ଏକଥା ଶୁଣିବା ପରେ ପୋଲିସ କମିଶନର ସଞ୍ଜୀବ ପଣ୍ଡା ଏହି କଥାରେ ସହମତି ପ୍ରକାଶ କରିବା ସହ ଆଗକୁ ପୋଲିସ କର୍ମଚାରୀଙ୍କୁ ଏ ବାବଦରେ ଟ୍ରେନିଂ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାସହ ସେମାନେ ଆହୁରି ଦାବି କରିଛନ୍ତି, ଏହି ଘଟଣାରେ ଏକ ସ୍ୱାଧୀନ ତଦନ୍ତ ହେବା ଦରକାର। ନଚେତ୍ ଏହି ଘଟଣା ସିବିଆଇକୁ ହସ୍ତାନ୍ତର କରାଯାଉ। ଏହା ଯେପରି ଆଗାମୀ ଦିନ ଲାଗି ଉଦାହରଣ ସୃଷ୍ଟି କରିବ ଏବଂ ବେଆଇନ ଭାବେ ପୋଲିସ କର୍ମଚାରୀମାନେ କାହା ପ୍ରତି ଅନ୍ୟାୟ ନ କରନ୍ତି ସେଥିଲାଗି ଏକ ବାର୍ତ୍ତା ଦେବ। ଯଦି ଏହି ଥାନାର ଅଧିକାରୀ ଓ କର୍ମଚାରୀ ଭୁଲ୍ କରିଛନ୍ତି ସେମାନଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁକରି ଦଣ୍ଡ ମିଳୁ ବୋଲି ସେମାନେ ଦାବି କରିଛନ୍ତି।

ଅଙ୍କିତାଙ୍କ ବାପା ଅନ୍ତର୍ଯାମୀ ପ୍ରଧାନ କହିଛନ୍ତି, ଏମ୍ସ ହସ୍ପିଟାଲରେ ଏବେ ଝିଅ ଆଡ୍ମିଶନ ହୋଇଛି। ତା'ର ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ଠିକ୍ ନାହିଁ। ଦାନ୍ତ ଭାଙ୍ଗିଯାଇଛି, ଡିସ୍ଲୋକେଶନ ହୋଇଯାଇଛି। ଦେହର ଅନେକ ସ୍ଥାନରେ କ୍ଷତ ଚିହ୍ନ ରହିଛି। ଏବେ ବେକରେ ଏକ କ୍ରେକ୍ ବ୍ୟାଣ୍ଡ ବାନ୍ଧି ରଖିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ଅଙ୍କିତାଙ୍କ ଦେହ ସମ୍ପୂର୍ଣ୍ଣ ଠିକ୍ ହେବା ପାଇଁ କିଛି ସମୟ ଲାଗିଯିବ। ତେବେ କ୍ରାଇମବ୍ରାଞ୍ଚ କେଉଁସବୁ ଦିଗକୁ ନେଇ ତଦନ୍ତ ଜାରି ରଖିଛି ଏବଂ ଘଟଣାର ସତ୍ୟାସତ୍ୟ କେବେ ସୁଦ୍ଧା କାଢୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି। ଏନେଇ କ୍ରାଇମବ୍ରାଞ୍ଚ ଡିଏସ୍ପି ଯିଏ ଏହି ତଦନ୍ତର ଦାୟିତ୍ୱ ନେଇଛନ୍ତି ତାଙ୍କଠାରୁ ମଧ୍ୟ କିଛି ତଥ୍ୟ ବାହାରକୁ ଦିଆଯାଇ ନାହିଁ। ଆଗକୁ କ୍ରାଇମବ୍ରାଞ୍ଚ କେଉଁ ତଥ୍ୟ ବାହାରକୁ ଆଣୁଛି ତାକୁ ନେଇ ସମସ୍ତଙ୍କ ନଜର ରହିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ନେତୃତ୍ୱରେ ଯାଇ ଏମ୍ସ ହସ୍ପିଟାଲରେ ଅଙ୍କିତାଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଛନ୍ତି।

# ଡିଜିପି ଖୁରାନିଆଙ୍କ କାର୍ଯ୍ୟକାଳ ବଢ଼ିଲା

ଭୁବନେଶ୍ୱର, ୧୮।୯ (ଅନିଲ ଦାସ)

୧୯୯୦ ବ୍ୟାଚ୍ ଆଇପିଏସ୍ ଅଫିସର ତଥା ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୁର (ୱାଇ.ବି.) ଖୁରାନିଆଙ୍କ କାର୍ଯ୍ୟକାଳ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି। ଏ ନେଇ ଗୃହ ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସେ ୨୦୨୬ ଅଗଷ୍ଟ ୧୬ ପର୍ଯ୍ୟନ୍ତ ଡିଜିପି ଦାୟିତ୍ୱରେ ରହିବେ। ଖୁରାନିଆ ୨୦୨୬ ମାର୍ଚ୍ଚରେ ୬୦ବର୍ଷରେ ସରକାରୀ ଚାକିରିରୁ ଅବସର ନେଇଥାନ୍ତେ। ରାଜ୍ୟ ସରକାର ପୋଲିସ ଡିଜି ପଦବୀରେ ତାଙ୍କୁ ସର୍ବନିମ୍ନ ୨ବର୍ଷ ପାଇଁ ନିଯୁକ୍ତି ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ୨୦୨୪ ଅଗଷ୍ଟ ୧୬ରେ ନୂଆ ଡିଜିପି ନିଯୁକ୍ତି ନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେହିଦିନ ଖୁରାନିଆ ୨୦୨୩ ଡିସେମ୍ବର ୩୧ ତାରିଖରୁ କାର୍ଯ୍ୟକାରୀ ଡିଜିପି ଥିବା ଅରୁଣ ଷଡ଼ଙ୍ଗୀଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ହରିୟାଣାରେ ଜନ୍ମିତ ଖୁରାନିଆ ଓଡ଼ିଶା କ୍ୟାଡର ଆଇପିଏସ୍ ଅଧିକାରୀ। ସେ ନୟାଗଡ଼, ଯାଜପୁର, ଗଞ୍ଜାମ, ମୟୂରଭଞ୍ଜ, ରାଉରକେଲା ଭଳି ୫ଟି ପୋଲିସ ଜିଲାର ଏସ୍ପି ଭାବେ ବେଶ୍ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ବ୍ରହ୍ମପୁର ଓ ସମ୍ବଲପୁରରେ ଡିଆଇଜି ପରେ ସେହି ସମ୍ବଲପୁର ଏବଂ ଏସ୍ଏପିର ଆଇଜି ଭାବେ କାର୍ଯ୍ୟ ତୁଲାଇଥିଲେ। ଏଥିସହିତ ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସର କମିଶନର ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ଏହାଛଡ଼ା ସେ ଆଇଜି ଅପରେଶନ୍, ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀର ନିର୍ଦ୍ଦେଶକ ଏବଂ ଭିଜିଲାନ୍ସର ସ୍ୱତନ୍ତ୍ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି। ୨୦୧୮ରୁ ଖୁରାନିଆ କେନ୍ଦ୍ରୀୟ ଡେପୁଟେଶନରେ ଯାଇ ବିଏସ୍ଏଫ୍ ସ୍ପେଶାଲ ଡିଜି ଦାୟିତ୍ୱ ତୁଲାଇଛନ୍ତି।




## ଉତ୍କଳ ବିଶ୍ୱବିଦ୍ୟାଳୟରେ ଛାତ୍ରୀ ଅସଦାଚରଣ ଘଟଣା

# ଆସିଷ୍ଟାଣ୍ଟ ପ୍ରଫେସର ଅଟଳ ବିହାରୀ ଦାସ ନିଲମ୍ବିତ

- କୁଳପତିଙ୍କ ବିନା ଅନୁମତିରେ ହେଡ୍କ୍ୱାର୍ଟର୍ସ ଛାଡ଼ିବା ମନା
- ତୁରନ୍ତ ରିପୋର୍ଟ ଦେବାକୁ କୁଳାଧିପତିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୮।୯ (ଶର୍ମିଷ୍ଠା ପାଣିଗ୍ରାହୀ)

ଉତ୍କଳ ବିଶ୍ୱବିଦ୍ୟାଳୟ ପିଜି ଅର୍ଥନୀତି ବିଭାଗର ଜଣେ ଛାତ୍ରୀଙ୍କୁ ଅସଦାଚରଣ ଘଟଣାର ମାସକ ପରେ କାର୍ଯ୍ୟାନୁଷ୍ଠାନ ହୋଇଛି। ସମ୍ପୃକ୍ତ ଆସିଷ୍ଟାଣ୍ଟ ପ୍ରଫେସର ଅଟଳ ବିହାରୀ ଦାସଙ୍କୁ ବୁଧବାର ନିଲମ୍ବନ କରାଯାଇଛି। ବିଶ୍ୱବିଦ୍ୟାଳୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି)ର ସୁପାରିସ ଆଧାରରେ କୁଳପତି ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିସହ କୁଳପତିଙ୍କ ବିନା ଅନୁମତିରେ ହେଡ୍କ୍ୱାର୍ଟର୍ସ ନ ଛାଡିବାକୁ କୁହାଯାଇଛି। ସେପଟେ କୁଳାଧିପତି ତଥା ରାଜ୍ୟପାଳ ରଘୁବର ଦାସ ମଧ୍ୟ ଘଟଣା ସମ୍ପର୍କିତ ତଥ୍ୟ ଓ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମାଗିଛନ୍ତି। ଏହା ସମ୍ବେଦନଶୀଳ ଘଟଣା ହୋଇଥିବାରୁ ତୁରନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଘଟଣାକୁ ଅତି ଗୁରୁତ୍ୱପୂର୍ଣ୍ଣ ଭାବେ ବିଚାରକୁ ନେବାକୁ କୁଳାଧିପତିଙ୍କ ଓଏସ୍ଡି ଲେଖିଥିବା ଚିଠିରେ ଉଲ୍ଲେଖ କରାଯାଇଛି।

ଅଗଷ୍ଟ ୧୬ ତାରିଖ ଅପରାହ୍ନରେ ପିଜି ବିଭାଗର ଛାତ୍ରୀ ପ୍ରଫେସରଙ୍କ କ୍ୟାବିନକୁ ବହି ଆଣିବାକୁ ଯାଇଥିଲେ। ସେଠାରେ ପ୍ରଫେସର ତାଙ୍କୁ ଅସଦାଚରଣ କରିଥିଲେ। ଏହି ଘଟଣା ସମ୍ପର୍କରେ କାହାକୁ ନ କହିବାକୁ ମଧ୍ୟ ଧମକ ଦେଇଥିଲେ। ଏ ନେଇ ପୀଡ଼ିତା ଛାତ୍ରୀ ୧୮ ତାରିଖରେ ବିଶ୍ୱବିଦ୍ୟାଳୟ ସେକ୍ସୁଆଲ ହାରାସ୍ମେଣ୍ଟ ସେଲ୍ରେ ଅଭିଯୋଗ କରିବା ସହ କୁଳପତିଙ୍କୁ ଚିଠି ଲେଖି ଜଣାଇଥିଲେ। ଘଟଣାର ମାସେ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା, ଯାହାକୁ ନେଇ ଅସନ୍ତୋଷ ବଢ଼ିଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ସହ ମାନବାଧିକାର କର୍ମୀଙ୍କ ହସ୍ତକ୍ଷେପ ପରେ ବିଶ୍ୱବିଦ୍ୟାଳୟରେ ବାରମ୍ବାର ବୈଠକ ବସି ଘଟଣାର ଅନୁସନ୍ଧାନ କରାଯାଇଥିଲା। ପରେ ବିଶ୍ୱବିଦ୍ୟାଳୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ତନାଘନା ଆରମ୍ଭ କରିଥିଲା। ଏହି ସମ୍ବେଦନଶୀଳ ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍ସି)ଙ୍କ ଦ୍ୱାରସ୍ଥ ହୋଇଥିଲେ ସୂଚନା ଅଧିକାର କର୍ମୀ ଜୟନ୍ତ ଦାସ। ପୀଡିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ନିର୍ଦ୍ଦେଶ ଦେବାକୁ ସେ ତାଙ୍କ ପିଟିଶନରେ କମିଶନଙ୍କୁ ନିବେଦନ କରିଥିଲେ। ଏଥିସହ ରାଜ୍ୟପାଳଙ୍କୁ ଭେଟି ମଧ୍ୟ ଘଟଣା ସମ୍ପର୍କରେ ଜଣାଇବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଜାଣିଶୁଣି ମାମଲା ଚପାଇଥିବା ଆବେଦନରେ ସେ ଉଲ୍ଲେଖ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ସମସ୍ତ ପ୍ରଫେସରଙ୍କ ଚ୍ୟାମ୍ବରରେ ସିସିଟିଭି ଲଗାଇବାକୁ ମଧ୍ୟ ଆବେଦନ କରିଥିଲେ। ଏ ସମ୍ପର୍କରେ କୁଳପତିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଦେଶରେ ଦ୍ୱିତୀୟ ମଙ୍କିପକ୍ସ ସଂକ୍ରମିତ ଚିହ୍ନଟ

ଭୁବନେଶ୍ୱର, ୧୮।୯ (ଅନୁରାଧା ମହାରଣା)

ଦେଶରେ ଦ୍ୱିତୀୟ ମଙ୍କିପକ୍ସ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କେରଳର ମାଲାପୁରାମରେ ଚିକିତ୍ସିତ ହେଉଥିବା ଜଣେ ୩୮ବର୍ଷ ବୟସ୍କ ବ୍ୟକ୍ତି ଏଥିରେ ସଂକ୍ରମିତ ଥିବା ଜଣାପଡ଼ିଛି। ଏହି ରୋଗର ଲକ୍ଷଣ ଦେଖାଯିବା ପରେ ସେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ନମୁନା ଟେଷ୍ଟ କରାଯିବା ପରେ ବୁଧବାର ରିପୋର୍ଟ ପଜିଟିଭ ଆସିଥିବା ଜଣାପଡିଛି। ସ୍ଥାନୀୟ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ କହିବାନୁସାରେ, ରୋଗୀ ଜଣକ ନିକଟରେ ଦୁବାଇରୁ କେରଳ ଫେରିଥିଲେ। ଅସୁସ୍ଥ ହେବା ପରେ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ କୋଜିକୋଡ୍ଡ ହସ୍ପିଟାଲକୁ ଟେଷ୍ଟ ପାଇଁ ପଠାଯାଇଥିଲା।

ସୂଚନାଥାଉକି, ଏହା ପୂର୍ବରୁ ପ୍ରଥମ ମଙ୍କିପକ୍ସ ସଂକ୍ରମିତ ହରିୟାଣାର ହିସାରରୁ ଚିହ୍ନଟ ହୋଇଥିଲା। ଗତ ୯ ତାରିଖରେ ବ୍ୟକ୍ତିଜଣକ ମଙ୍କିପକ୍ସ ପଜିଟିଭ୍ ଚିହ୍ନଟ ହୋଇଥିଲେ। ସେ ପଶ୍ଚିମ ଆଫ୍ରିକାରୁ ଫେରିବା ପରେ ମଙ୍କିପକ୍ସରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ତାଙ୍କଠାରେ ଲକ୍ଷଣ ଦେଖାଯିବା ପରେ ଚିକିତ୍ସା ଆରମ୍ଭ କରାଯାଇଥିଲା ଓ ପରେ ତାଙ୍କ ନମୁନା ପଜିଟିଭ ଆସିଥିଲା। ତାଙ୍କ ଅବସ୍ଥା ଏବେ ସ୍ଥିର ଅଛି। ଅନ୍ୟପଟେ ଦେଶରେ ଏବେ ମଙ୍କିପକ୍ସକୁ ନେଇ ବିଶେଷ ବିପଦ ନ ଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ସରକାର କହିଛନ୍ତି ଯେ, ଟେଷ୍ଟ ରିପୋର୍ଟରୁ ସ୍ପଷ୍ଟ ହୋଇଛି ଯେ ଦେଶରେ ମଙ୍କିପକ୍ସର 'କ୍ଲେଡ୍ ୨' ଭାରିଆଣ୍ଟ ରହିଛି। ୨୦୨୨ ଜୁଲାଇ ପରେ ଏହି ଭାରିଆଣ୍ଟ ଦ୍ୱାରା ଦେଶରେ ୩୦ ଜଣ ଆକ୍ରାନ୍ତ ହୋଇଛନ୍ତି। ତଥାପି ଗତ ସପ୍ତାହରେ କେନ୍ଦ୍ର ସରକାର ସମସ୍ତ ରାଜ୍ୟକୁ ମଙ୍କିପକ୍ସ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ସେହିପରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଙ୍କିପକ୍ସ ବା ଏମ୍ପକ୍ସର କ୍ଲେଡ୍-୧ ଭାରିଆଣ୍ଟକୁ ମାରାତ୍ମକ ବୋଲି କହିଛି। ଗତ ମାସ ୧୪ ତାରିଖରେ ସଙ୍ଗଠନ ପକ୍ଷରୁ ମଙ୍କିପକ୍ସକୁ ହେଲ୍ଥ ଏମର୍ଜେନ୍ସି ଘୋଷଣା କରାଯାଇଥିଲା।


## ODISHA JOINT ENTRANCE EXAMINATION - 2024 (OJEE - 2024)

No.: OJEE/499 Date: 18.09.2024

**NOTICE FOR OJEE COUNSELLING FOR (PG-MD/MS) COURSES OF AYURVEDA & HOMOEOPATHY STREAMS FOR THE ACADEMIC SESSION 2024-2025**

No. h-09: The Counselling and Admission Process for all State Quota seats under (PG-MD/MS) Courses of Ayurveda & Homoeopathy streams for the academic session 2024-2025 session of all the Govt. Ayurvedic and Homoeopathic Colleges of Odisha will **start from 20.09.2024** through web-counselling. Candidates interested for admission to (PGMD/MS) courses must have qualified in AIAPGET-2024. Only natives of Odisha are eligible for all State Quota seats.

For more information and other details, please visit OJEE website **(www.ojee.nic.in)**.

Sd./- CHAIRMAN, OJEE
OIPR-44026/11/0009/2425

## झारखण्ड सरकार, ग्रामीण कार्य विभाग
कार्यपालक अभियंता का कार्यालय
कम्बाईण्ड बिल्डिग, प्रथम तल्ला, एल०सी० रोड, धनबाद

### ई-अल्पकालीन निविदा आमंत्रण सूचना

ई–निविदा संख्या:- 18/RWD/DHANBAD/24-25 दिनांक :- 18.09.2024

कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | प्रखण्ड | कार्य का नाम | प्राक्कलित राशि (लाख में) अंक में | प्राक्कलित राशि (लाख में) अक्षर में | कार्य समाप्ति की अवधि | टेण्डर कॉल संख्या |
|---|---|---|---|---|---|---|---|
| 1 | RWD/DHANBAD/ /12/24-25 | टुण्डी | कुबरीटॉड़ बजरंगबली मंदिर से कारीटॉड़ तक पथ निर्माण कार्य (लम्बाई –2.200 कि0मी0) | 231.149 | दो करोड़ एकतीस लाख चौदह हजार नौ सौ | 12 माह | प्रथम |
| 2 | RWD/DHANBAD/ /13/24-25 | टुण्डी | गोविन्दपुर–गिरिडीह मुख्य पथ से आमबगान विरामपुर होते मोहनाद आर0ई0ओ0 रोड तक पथ निर्माण (लम्बाई –5.40 कि0मी0) | 705.384 | सात करोड़ पॉच लाख अड़तीस हजार चार सौ | 18 माह | प्रथम |
| 3 | RWD/DHN/07/24-25 | निरसा | यशपुर भदड़ तालाब से श्मशान घाट तक पथ निर्माण कार्य (लम्बाई 1.00 कि0मी0) | 75.916 | पचहतर लाख एकानवे हजार छह सौ | 06 माह | प्रथम |

2. वेबसाईट में निविदा प्रकाशन की तिथि:– **21.09.2024**
3. ई–निविदा प्राप्ति की अंतिम तिथि एवं समय:– **30.09.2024** अपराह्न 5.00 बजे तक।
4. निविदा खोलने की तिथि एवं समय:– **04.10.2024** अपराह्न 3.30 बजे।
5. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद, पिन–826001
6. ई–निविदा प्रकोष्ठ का दूरभाष सं0– 0326–3554757

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है। कार्यपालक अभियंता
PR 335936 Rural Work Department (24-25)_D ग्रामीण कार्य विभाग, कार्य प्रमण्डल, धनबाद

## GOVERNMENT OF ODISHA
No.MM-159:
FOREST, ENVIRONMENT & CLIMATE CHANGE DEPARTMENT
OFFICE OF THE DIVISIONAL FOREST OFFICER, BARIPADA FOREST DIVISION-757001
e-mail:dfo.baripada@odisha.gov.in, dfobaripada.od@gmail.com
Bid Identification No.DFO, BPD 02/2024-25 dated 17.09.2024

### NOTICE INVITING TENDER

| Sl. No. | Name of the Work | Details |
|---|---|---|
| 1 | Purpose of the Tender | Procurement of various items for newly constructed RCCF Office building at Manchabandha |
| 2 | Estimated Cost | Based on fund allocation |
| 3 | Date and Time of availability of the bid document | 20.09.2024 to 29.09.2024 |
| 4 | Last date/time for receipt of bids in the portal | Upto 5.00 PM of 29.09.2024 |
| 5 | Date and time of bid opening | 11.00 hour on 30.09.2024 |
| 6 | Name and address of the officer inviting bid | Divisional Forest Officer, Baripada Forest Division,Pin-757001 |

Further details can be found in the Detailed Notice Inviting Tenders, available on the website https://mayurbhanj.odisha.gov.in corrigendum if any, shall only be published on the above website.

Sd./- Divisional Forest Officer
Baripada Forest Division
OIPR-08065/11/0002/2425

## OFFICE OF THE SUPERINTENDING ENGINEER CUTTACK (R&B) DIVISION NO.I: CUTTACK
E-mail Id:eepwdcuttack@gmail.com, Tel/Fax.No.(0671)-2304128
GOVERNMENT OF ODISHA
('e' Procurement Notice)
Bid Identification No.S.E. CTC (R&B)-23 of 2024-25

### TENDER CALL NOTICE

**No.B-297:** 1.The Superintending Engineer, Cuttack (R&B) Division No.I, Cuttack on behalf of Governor of Odisha invites on Percentage rate basis bid in Single Cover System in ONLINE MODE from eligible contractor for Road works as mentioned below.

2. No. of Work : 01 No.
3. Nature of Work : Building Work
4. Class of Contractor : "C" & "B"
5. Tender Paper Cost : Rs.6000/- (Online)
6. Available of bid documents in the website : From 21.09.2024 to 5 PM of 04.10.2024
7. Date of Opening of Bid : 11 AM of 05.10.2024
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- (Er. P.K. Majhi)
Superintending Engineer
Cuttack (R&B) Division No.I
OIPR-34091/11/0024/2425

## झारखण्ड़ सरकार
क्षेत्र सर्वेक्षण प्रमण्डल, अग्रिम योजना, पथ निर्माण विभाग, दुमका

### अल्पकालीन ई–प्रोक्योरमेंट सूचना

ई–निविदा प्रसंग सं0 :–RCD/FSD /AP/ DUM/11 /2024-25
दिनांक:–18.09.2024

| | | |
|---|---|---|
| 1. | कार्य का नाम | Detailed Project Report for construction of Detailed Project Report for construction of (A) PWD road from Karoun-Dubemanda (Patwar more) PWD road to Govindpur - Tarapur via-Bhatuwadi-Jant-Danarbad through Dumartar more (B) Rohini more to Patardih to Malpur more missing link in Deoghar under road division Deoghar in the State of Jharkhand. |
| 2. | अनुमानित लंबाई (मीटर) | 15.40 कि०मी० |
| 3. | कार्य समाप्ति की अवधि | 60 दिन |
| 4. | वेबसाईट पर निविदा प्रकाशित होने की तिथि एवं समय | 20.09.2024, 05.00 बजे अपराह्न |
| 5. | निविदा जमा करने की अंतिम तिथि एवं समय | 04.10.2024, 12.00 बजे अपराह्न तक |
| 6. | निविदा खोलने की तिथि एवं समय | 07.10.2024, 01.00 बजे अपराह्न |
| 7. | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, क्षेत्र सर्वेक्षण प्रमण्डल अग्रिम योजना, पथ निर्माण विभाग, दुमका। |
| 8. | प्रोक्योरमेंट पदाधिकारी का संपर्क नं0 | 8292901787 |
| 9. | ई–प्रोक्योरमेंट सेल को हेल्पलाईन नं0 | 0651–2401010 |

अतिरिक्त जानकारी के लिए वेबसाईट पर देखें :–http://jharkhandtenders.gov.in
कार्यपालक अभियंता, क्षेत्र सर्वेक्षण प्रमण्डल, अग्रिम योजना, पथ निर्माण विभाग, दुमका
PR 335897 Road(24-25).D

## ଏସ୍ଏଲ୍ଆର୍/ଏଲ୍ଭିପିଏଚ୍ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୪-୧୮ ତାରିଖ: ୧୭।୦୯।୨୦୨୪

ରାଷ୍ଟ୍ରପତି, ଭାରତୀୟ ସଂଘଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍ଏଲଆର୍/ଏଲ୍ଭିପିଏଚ୍ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍ସାଇଟ୍ରେ ଅଧିସୂଚିତ ହୋଇଛି। କ୍ର.ସଂ. ୧, ବର୍ଗ: ପାର୍ସଲ, କାଟାଲଗ୍ ନଂ.: ଲିଜ୍-କେଜିପି-୨୦୨୪-୧୮। ନିଲାମ ତାରିଖ: ୦୩।୧୦।୨୦୨୪। ନିଲାମ ଆରମ୍ଭ ସମୟ: ୧୧.୦୦ ଘଟିକା। ନିଲାମ ସମାପ୍ତି ସମୟ: ୧୨.୧୦ ଘଟିକା। ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

(PR-623) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

## OFFICE OF THE DHENKANAL MUNICIPAL COUNCIL, DHENKANAL
No.C-617
E-Procurement Notice
Tender Call Notice No.3800/DKLMPLTY/Date:18.9.2024

1. Name of the Work : Individual Civil Construction Work Published the website.
2. No. of Works put to tender : 11 Nos. individual works
3. Estimated Cost : Rs.2.28 Lakhs to 20.0 Lakhs
4. Period of Completion : 30 days
5. Date and Time of availability of bid document in the portal : From 11.00 hours of Dt.19.09.2024 to 17.30 hrs of Dt.25.09.2024
6. Last date/time for receipt of bids : 17.30 hours of Dt.25.09.2024
7. Date and Time of Opening of Bid : 11.00 hours of Dt.26.09.2024
8. Name and Address of the Officer Inviting Bid : Executive Officer, Dhenkanal Municipality, Dhenkanal

Further details can be seen from the e-Procurement portal https://tenderodisha.gov.in.

Sd./- Executive Officer
Dhenkanal Municipality
OIPR-13146/11/0014/2425

## OFFICE OF THE PROJECT DIRECTOR, WATERSHEDS, GANJAM, BERHAMPUR

### QUOTATION CALL NOTICE

No.1734, Dated 16.09.2024

**No.L-62:** As per provisions outlined in the Office Memorandum No. 22924/F., FIN-COD-MV-0004-2018, Dtd. 14.08.2023 of Government of Odisha Finance Department Sealed quotations/tenders are invited from interested reputed Travel Agencies/ Tour Operators/ Private individuals for providing one nos. of AC Petrol/Diesel driven vehicle having sitting capacity not more than 7(seven) including driver, which shall conform to the Terms & Conditions ( Appendix -A) for official use in O/o Project Director, Watersheds, Ganjam, Berhampur on monthly rent basis:

1. The service provider shall have a valid OGST registration to participate in the tendering.
2. The service provider, participating in the bidding process under the jurisdiction of Municipal Corporations, shall be registered on GeM platform.
3. The vehicle must be in road worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, Pollution Certificate, valid Contract Carriage Permit, Proof of up-to-date tax payment etc. mandatory for plying of vehicle.
4. The Driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport/passenger vehicle.
5. The Driver should be well behaved, gentle and obedient in nature.
6. The engagement and employment of Drivers and payment of wages to them as per existing provisions of various labour laws and regulation is the sole responsibility of the Travel Agency and any breach of such laws or regulations shall be deemed to be breach of this contract.
7. A sum of Rs.5000/- shall be deposited by the intending bidders in shape of Account Payee Bank Draft drawn in favour of the **Project Director, Watersheds, Ganjam, Berhampur** and submitted along with the tender as security deposit. After completion of tender process, the amount will be refunded to unsuccessful bidders.
8. The monthly rate of hire charge be quoted separately in the general bid information(Excluding fuel and lubricants).
9. The vehicle must achieve a fuel efficiency of 10 K.M per Litre.
10. The details of the make and year of manufacture of the vehicle , registration no., mileage (KM covered per litre) and name of the Driver, Driving License No. and period of validity should be specifically provided in the general bid information to be furnished with Quotation/Tender(Annexure-B).
11. In view of pollution is being high, Preference will be given to BS-VI emission compliant vehicles (New)
12. The Quotation completed in all respect should reach the undersigned on or before 26.09.24 by 5.00 P.M and shall be opened on the same day at 27.09.24, 4.00 P.M in presence of the bidders or their authorised representatives.
13. The application form of quotation containing General Bid Information & Terms and conditions for Hiring of Vehicles etc. will be available with ________ of the O/o of the Project Director, Watersheds, Ganjam, Berhampur on payment of Rs.1000/- (Rupees One Hundred) only towards the cost of application along with the application.

Sd./- Project Director, Watersheds
Ganjam, Berhampur
OIPR-08168/11/0007/2425

## ସଂକ୍ଷେପରେ

### କେଏଲ୍‌ଏଫ୍ ପରାମର୍ଶଦାତା ବୋର୍ଡ ଗଠନ

ଭୁବନେଶ୍ୱର,୧୮।୯(ଶର୍ମିଷ୍ଠା ପାଣିଗ୍ରାହୀ) କଳିଙ୍ଗ ସାହିତ୍ୟ ମହୋତ୍ସବ (କେଏଲ୍‌ଏଫ୍)ର ପରାମର୍ଶଦାତା ବୋର୍ଡ ଗଠିତ ହୋଇଛି। ଏହି ବୋର୍ଡରେ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ, ଉପେନ୍ଦ୍ର ନାଥ ବେହେରା, ବିକାଶ ସ୍ୱରୂପ, ହାରୁନ ରସିଦ ଖାନ୍, ପି.କେ. ଦାସ, ଡ. କୁଳଧର ସାଇକିଆ, ପ୍ରତାପ ସୋମବଂଶୀ, ଯତୀନ୍ଦ୍ର ମିଶ୍ର, ଡ. ପ୍ରଦୀପ୍ତ ମହାନ୍ତି, ତନୟା ପଟ୍ଟନାୟକ, ଦେବେନ୍ଦ୍ର ମହନ୍ତ ପ୍ରମୁଖ ରହିଛନ୍ତି। ଏହାର ୧୧ତମ ସଂସ୍କରଣ ମାର୍ଚ୍ଚ ୨୫ରେ ହେବାକୁ ଯାଉଛି ବୋଲି କେଏଲ୍‌ଏଫ ପକ୍ଷରୁ ପ୍ରତିଷ୍ଠାତା ରଶ୍ମିରଞ୍ଜନ ପରିଡ଼ା ସୂଚନା ଦେଇଛନ୍ତି।

### ହାଟସାହି ଦୁର୍ଗାପୂଜା ସମିତିର ନୂତନ କର୍ମକର୍ତ୍ତା ଚୟନ

ପୁରୁଣା ଭୁବନେଶ୍ୱର,୧୮।୯(ସୁବାସ ଚନ୍ଦ୍ର ପ୍ରଧାନ): ସାର୍ବଜନୀନ ଦୁର୍ଗାପୂଜା ସମିତିର ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ସାହିର ମୁରବି, ପ୍ରତ୍ୟେକ ପରିବାରର ଜଣେ ଲେଖାଏ ସଦସ୍ୟ, ସମିତିର ସଭ୍ୟବୃନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ସର୍ବସମ୍ମତିକ୍ରମେ ସମିତିର କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସଭାପତି ଭାବେ ରାଜେନ୍ଦ୍ର ସମର୍ଥା, ଉପସଭାପତି ସୁବାସ ମହାପାତ୍ର, ପ୍ରସନ୍ନ କୁମାର ସିଂହ, ଶିକ୍ତ ସିଦ୍ଧାର୍ଥ ମହାନ୍ତି, ସମ୍ପାଦକ ବିଜେନ୍ଦ୍ର ମହାପାତ୍ର, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ସିଂହ ଓ ରାଜ କିଶୋର ସାହୁ, କୋଷାଧ୍ୟକ୍ଷ ସ୍ମୃତିରଞ୍ଜନ ସମର୍ଥା ଓ ସୌମେନ୍ଦ୍ର ସାହୁ, ସଂଯୋଜକ ଭାବେ ଗୌରୀ ପ୍ରସାଦ ମହାନ୍ତି ପ୍ରମୁଖ ନିର୍ବାଚିତ ହୋଇଥିଲେ। ଦୁର୍ଗାପୂଜା ସମିତିର ସୁପରିଚାଳନା, ଶାନ୍ତିଶୃଙ୍ଖଳାର ସହିତ ସମାପନ କରିବା ପାଇଁ ଏକ ୨୦ ଜଣିଆ ସଭ୍ୟ ଦୁର୍ଗାପୂଜା ସମିତି କାର୍ଯ୍ୟକାରୀ କମିଟିକୁ ନିର୍ବାଚିତ ହୋଇଥିଲେ। ସାହି ମୁଖିଆମାନେ ନିର୍ବାଚିତ ସମସ୍ତ ସଦସ୍ୟଙ୍କ ଉପରେ ଦୁର୍ଗାପୂଜା ସମିତିର ସମସ୍ତ ଦାୟିତ୍ୱ ହସ୍ତାନ୍ତର କରି ଆଶୀର୍ବାଦ କରିଥିଲେ।

### ଭାଗବତ ଜନ୍ମ ଉତ୍ସବ

ତ୍ରିଶୂଳିଆ,୧୮।୯(ତୁଷାରକାନ୍ତ ବେହେରା): ତ୍ରିଶୂଳିଆ ଅଞ୍ଚଳରେ ଭାଗବତ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଗୋଠପୁର, ଜଇପୁର, ବେଲଗାଛା, ନାରଣପୁର, ମଧୁବନ, ମଧୁପୁର, ଶ୍ରୀବନ୍ତପୁର, ମୁଣ୍ଡମୁହାଣ, ଅରିଲୋ, ସାଧବାଣିପୁର, ଗୋଡ଼ିସାହି, ରାମଦାସପୁର, ରାତାଗଡ଼, ନରାଜ, ମାର୍ଥାପୁର, ତଳଗଡ଼, ମୁଣ୍ଡଳୀ, ଭାଗୀପୁର, ନୂଆସାହି ଆଦି ଗ୍ରାମରେ ଭାଗବତ ପାଠ ସହ ଭାଗବତ ପୂଜା କରାଯାଇଥିଲା। ନରାଜ ଓ ମାର୍ଥାପୁର ମଠରେ ଭାଗବତ ପାଠ ସମୟରେ ବହୁ ବୟସ୍କ ବୃଦ୍ଧାବୃଦ୍ଧ ଉପସ୍ଥିତ ଥିଲେ।

# ଶିଳ୍ପ, ବିକାଶଜନିତ ପ୍ରଦୂଷଣ ରୋକିବାକୁ ଆହ୍ୱାନ

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧୮।୯(ଶର୍ମିଷ୍ଠା ପାଣିଗ୍ରାହୀ)


ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ପରିବେଶ ଉତ୍କର୍ଷ ଓ ପରିବେଶ ପ୍ରଶଂସା ପତ୍ର ପ୍ରଦାନ କରୁଛନ୍ତି।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଆମ ରାଜ୍ୟର ଜୀବନରେଖା। ରାଜ୍ୟର ପରିବେଶ ଯୋଜନା ଏବଂ ପରିଚାଳନାରେ ବୋର୍ଡ଼ର ଅବଦାନ ଉଲ୍ଲେଖଯୋଗ୍ୟ। ଶିଳ୍ପାୟନ ଧାରାରେ ପ୍ରଦୂଷଣ ସମସ୍ୟାକୁ ଯଥାସମ୍ଭବ ରୋକିବା ଓ ରାଜ୍ୟର ଶିଳ୍ପଭିତ୍ତିକ ବିକାଶକୁ ଏକ ଶୃଙ୍ଖଳିତ ପଥରେ ପରିଚାଳନା କରିବା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପାଇଁ ଆଜି ଏକ ଆହ୍ୱାନ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ କହିଛନ୍ତି। ବୁଧବାର ସୂଚନାଭବନଠାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ୪୧ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମନ୍ତ୍ରୀ ଏହା କହିଥିଲେ। ମୁଖ୍ୟ ଶାସନ ସଚିବ ତଥା ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧ୍ୟକ୍ଷ ମନୋଜ କୁମାର ଆହୁଜା ଅଧ୍ୟକ୍ଷତା କରି କହିଲେ, ଆଗାମୀ ଦିନରେ ଶିଳ୍ପ ଏବଂ ଉଦ୍ୟୋଗର ବିକାଶ ହେବ ତଥା ସହରୀକରଣ ବଢ଼ିବ। ସମ୍ଭାବ୍ୟ ପ୍ରଦୂଷଣ ବୃଦ୍ଧି ପରିପ୍ରେକ୍ଷୀରେ କିପରି ଏହାକୁ ନିୟନ୍ତ୍ରଣ କରି ସନ୍ତୁଳିତ ବିକାଶ ସମ୍ଭବ ହୋଇପାରିବ ସେ ନେଇ ବୋର୍ଡର ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରି ତଦାରଖ ବ୍ୟବସ୍ଥା ବୃଦ୍ଧି କରିବାକୁ ହେବ। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଶିଳ୍ପସଂସ୍ଥାଗୁଡ଼ିକ ପରିବେଶର ସନ୍ତୁଳନ ରକ୍ଷା ଓ ପ୍ରଦୂଷଣ ହ୍ରାସ ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। ବୋର୍ଡର ସଦସ୍ୟ ସଚିବ ଡ. କେ. ମୁରୁଗେଶନ୍ ୨୦୨୩-୨୪ ପାଇଁ ବୋର୍ଡର ବାର୍ଷିକ କାର୍ଯ୍ୟକାରିଣୀ ବିବରଣୀ ପ୍ରଦାନ କରିଥିଲେ। ତିନୋଟି ବିଜ୍ଞାନ ପତ୍ରିକା ଯଥା 'ଭୁବନେଶ୍ୱରର ଏକ ପ୍ରାକୃତିକ ସହରୀ ନାଳ ଗଙ୍ଗୁଆ ଉପରେ ଅଧ୍ୟୟନ', 'ସ୍ଥାୟୀ ଶିଳ୍ପ ବିକାଶ ପାଇଁ ବ୍ରାହ୍ମଣୀ-ବୈତରଣୀ ନଦୀ ଅବବାହିକାର ଦକ୍ଷତା ମୂଲ୍ୟାଙ୍କନ' ଏବଂ 'ଭୂତ ଜାଲ: ସମୁଦ୍ରରେ ଏକ ନୀରବ ଅପରାଧୀ'ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପ୍ରଦର୍ଶନ କରିଥିବା ଶିଳ୍ପାନୁଷ୍ଠାନ, ଖଣି, ସ୍ୱାସ୍ଥ୍ୟସେବା କେନ୍ଦ୍ର ଏବଂ ଶିଳ୍ପାନୁଷ୍ଠାନ ଜନବସତିକୁ ପରିବେଶ ଉତ୍କର୍ଷ ଓ ପରିବେଶ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଆଇଆଇଟି କାନପୁରର ସିଭିଲ୍ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ଡ. ମୁକେଶ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବୋର୍ଡର ମୁଖ୍ୟ ପରିବେଶ ଯନ୍ତ୍ରୀ ରବି ନାରାୟଣ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

# କୋଣାର୍କ ଗଲେ ୧୫ କୃଷ୍ଣସାର ମୃଗ

ବାରଙ୍ଗ,୧୮।୯(ଲିଙ୍ଗରାଜ ରାଉତ)



ନନ୍ଦନକାନନ ପ୍ରାଣୀ ଉଦ୍ୟାନରୁ ବୁଧବାର କୋଣାର୍କ ବାଲୁଖଣ୍ଡ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ଦ୍ୱିତୀୟ ପର୍ଯ୍ୟାୟରେ ୧୫ କୃଷ୍ଣସାର ମୃଗ ପଠାଯାଇଛି। ପୁରୀ ୱାଇଲ୍ଡ ଲାଇଫ୍ ଡିଭିଜନ୍‌ର କୋଣାର୍କ ବାଲୁଖଣ୍ଡ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ନନ୍ଦନକାନନରୁ ୨୫ କୃଷ୍ଣସାର ମୃଗ ପଠାଇବାକୁ ପିସିସିଏଫ୍ ଅନୁମୋଦନ କରିଥିଲେ। ଏହି ଆଧାରରେ ଗତ ଜୁନ ୧୮ରେ ପ୍ରଥମ ପର୍ଯ୍ୟାୟରେ ୧୦ କୃଷ୍ଣସାର ମୃଗ ପଠାଯାଇଥିଲା। ବୁଧବାର ବାଲୁଖଣ୍ଡ ବନ୍ୟପ୍ରାଣୀ ଅଭୟାରଣ୍ୟ କର୍ମଚାରୀ ଆସି ନନ୍ଦନକାନନ ପ୍ରାଣୀ ଉଦ୍ୟାନ କର୍ମଚାରୀଙ୍କ ସହାୟତାରେ ୧୩ କୃଷ୍ଣସାର ମୃଗଙ୍କୁ ଧରି ଏକ ସ୍ୱତନ୍ତ୍ର ଗାଡ଼ିରେ ନେଇ ଯାଇଥିବା ଜଣାପଡ଼ିଛି।

# ନନ୍ଦନକାନନ ମୁକ୍ତ ପାଦଚଲା ବିହଙ୍ଗ ସାରଣୀ ଫାଟକରେ ତାଲା, ପର୍ଯ୍ୟଟକ ନିରାଶ




ତ୍ରିଶୂଳିଆ,୧୮।୯
(ତୁଷାରକାନ୍ତ ବେହେରା)

ବାର୍ଡଫ୍ଲୁ ସତର୍କତା ନେଇ ନନ୍ଦନକାନନ କର୍ତ୍ତୃପକ୍ଷ ଗତ ଅଗଷ୍ଟରୁ ପ୍ରାଣୀ ଉଦ୍ୟାନ ମୁକ୍ତ ପାଦଚଲା ବିହଙ୍ଗ ସାରଣୀ ଫାଟକରେ ତାଲା ପକାଇ ବନ୍ଦ ରଖିଛନ୍ତି। ଫଳରେ ନନ୍ଦନକାନନ ବୁଲିବାକୁ ଆସୁଥିବା ରାଜ୍ୟ ଓ ରାଜ୍ୟ ବାହାରର ପର୍ଯ୍ୟଟକ ନିରାଶରେ ଫେରୁଥିବା ଦେଖିବାକୁ ମିଳିଛି। ତେବେ ଏଠାରେ ବାର୍ଡଫ୍ଲୁ ବ୍ୟାପିଛି କି ନାହିଁ, ସେ ନେଇ କୌଣସି ସୂଚନା ମିଳିପାରି ନ ଥିବାବେଳେ ସୁରକ୍ଷା ଦୃଷ୍ଟିରୁ ପକ୍ଷୀଙ୍କ ସ୍ୱାବ ସଂଗ୍ରହ କରାଯାଇ ଭୁବନେଶ୍ୱର ଓୟୁଏଟିକୁ ପରୀକ୍ଷା ପାଇଁ ପଠାଯାଇଛି। ତେବେ ରିପୋର୍ଟ ପଜିଟିଭ ନା ନିଗେଟିଭ ସେ ନେଇ କର୍ତ୍ତୃପକ୍ଷ ଗଣମାଧ୍ୟମକୁ କୌଣସି ସୂଚନା ନ ଦେଇ ସାରଣୀ ଫାଟକରେ ତାଲା ପକାଇ ବନ୍ଦ ରଖିଛନ୍ତି। ବିହଙ୍ଗ ସାରଣୀ ଫାଟକ କେବେ ପର୍ଯ୍ୟଟକଙ୍କ ପାଇଁ ଖୋଲିବ ସେ ନେଇ କୌଣସି ସୂଚନା ମିଳୁନି। ଏ ନେଇ ନନ୍ଦନକାନନ ପ୍ରାଣୀ କ୍ୟୁରେଟର ଡ. ରଶ୍ମିରଞ୍ଜନ ସ୍ୱାଇଁଙ୍କୁ ପଚାରିବାରୁ, ସଂକ୍ରମଣ ପାଇଁ ମୁକ୍ତ ପାଦଚଲା ବିହଙ୍ଗ ସାରଣୀ ବନ୍ଦ ରହିଥିବା ସେ କହିଥିଲେ। ତେବେ ସାରଣୀ କଡ଼ ପକ୍ଷୀ ଖୁଆଡ଼ ଓ ବ୍ୟାଟେରିଚାଳିତ ଗାଡ଼ି ସମ୍ମୁଖ ପକ୍ଷୀ ସାରଣୀ ପକ୍ଷୀ ଖୁଆଡ଼ରେ ରହୁଥିବା ବିଭିନ୍ନ ପ୍ରଜାତିର ପକ୍ଷୀଙ୍କୁ ପର୍ଯ୍ୟଟକମାନେ ଅତି ନିକଟରୁ ଦେଖି ପାରୁଛନ୍ତି।

# ଚେତନାଗତ ପରିବର୍ତ୍ତନ ଦ୍ୱାରା କ୍ରୂରତାର ବିନାଶ ସମ୍ଭବ

## ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ଓ ବିନତାଶ୍ୱ ମଲ୍ଲିକ ସ୍ମାରକୀ ବକ୍ତୃତା



ଭୁବନେଶ୍ୱର,୧୮।୯(ଶର୍ମିଷ୍ଠା ପାଣିଗ୍ରାହୀ)

କ୍ରୂରତା ହେଉଛି ମଣିଷର ଏକ ରକ୍ତଗତ ଗୁଣ। ଏହାର ପରିବର୍ତ୍ତନ ମଣିଷର ଚେତନାଗତ ପରିବର୍ତ୍ତନ ଦ୍ୱାରା ହିଁ ସମ୍ଭବ ବୋଲି ଶ୍ରୀଅରବିନ୍ଦ ଦର୍ଶନ ବିଶାରଦ ମହେନ୍ଦ୍ରନାଥ ସ୍ୱାଇଁ କହିଛନ୍ତି। ବୁଧବାର ବିନତାଶ୍ୱ ମଲ୍ଲିକ ସ୍ମାରକୀ ନ୍ୟାସ ପକ୍ଷରୁ ଚନ୍ଦ୍ରଶେଖରପୁର ଅନ୍ତର୍ଗତ ଶ୍ରୀଅରବିନ୍ଦ ନଗରଠାରେ ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ଓ ବିନତାଶ୍ୱ ମଲ୍ଲିକ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ସ୍ୱାଇଁ 'କ୍ରୁରତା: କାରଣ ଓ ନିରାକରଣ' ଉପରେ ବକ୍ତବ୍ୟ ରଖିଥିଲେ। ପଣ୍ଡିତ କୃଷ୍ଣଚନ୍ଦ୍ର ନନ୍ଦଶର୍ମାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ବକ୍ତା ପଣ୍ଡିତ ଡ. ଚିତ୍ତରଞ୍ଜନ ପାଣି ଯୋଗଦେଇଥିଲେ ସେ କହିଲେ, ଶ୍ରୀ ଅରବିନ୍ଦଙ୍କ ପୂର୍ଣ୍ଣଯୋଗ ଦ୍ୱାରା ମଣିଷ କ୍ରୁରତାର ବିଷବଳୟରୁ ମୁକ୍ତି ପାଇପାରିବ। ଅନ୍ୟତମ ବକ୍ତା ସୁବାସ ଚନ୍ଦ୍ର କର ଶ୍ରୀଅରବିନ୍ଦଙ୍କ ଚିନ୍ତନଧାରା ଅନୁସରଣରେ କ୍ରୁରତାର ବିବିଧ ସ୍ୱରୂପ ଓ ତହିଁରୁ ମୁକ୍ତି ସମ୍ପର୍କରେ ଆଲୋକପାତ କରିଥିଲେ। ନ୍ୟାସର ଚେୟାରମ୍ୟାନ ଡ. ହୃଷୀକେଶ ମଲ୍ଲିକ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଭଞ୍ଜନ ମହାନ୍ତି ପାଠଚକ୍ର ପରିଚାଳନା କରିଥିଲେ। ପୁଡୁଚେରୀ ଶ୍ରୀଅରବିନ୍ଦ ଆଶ୍ରମରୁ ଆସିଥିବା ବାର୍ତ୍ତାକୁ ଇଂ. ରୋହିତାଶ୍ୱ ମଲ୍ଲିକ ପାଠ କରିଥିଲେ। ପ୍ରଫେସର ପ୍ରଫୁଲ୍ଲ କୁମାର ସ୍ୱାଇଁ, ମମତା ରାଉତରାୟ, ମୀରା ଦାସ ମାତୃସଙ୍ଗୀତ ପରିବେଷଣ କରିଥିଲେ। ପ୍ରଫେସର ପ୍ରଫୁଲ୍ଲ କୁମାର, ଭାଷା ବିଶାରଦ ଡ. କୀର୍ତ୍ତନ ନାରାୟଣ ପାଢ଼ୀ, ରବୀନ୍ଦ୍ର ପାଢ଼ୀ, ମହେଶ୍ୱର ଲେଙ୍କା, କ୍ଷୀରୋଦ କୁମାର ସାହୁ, ସୁରେନ୍ଦ୍ର କୁମାର ସାହୁ, ଆନନ୍ଦଚନ୍ଦ୍ର ପ୍ରଧାନ ପ୍ରମୁଖ ଆଲୋଚନା କରିଥିଲେ। ଧୂପାନ୍ୱିତା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ନ୍ୟାସର ମୁଖପତ୍ର ଅରୋକିରଣ ଉନ୍ମୋଚିତ ହୋଇଥିଲା।

# ପଞ୍ଚାୟତ ସମିତି ତୃତୀୟ ବୈଠକ

ବାଲିପାଟଣା,୧୮।୯(ଅଭିମନ୍ୟୁ ନାୟକ)

ବାଲିପାଟଣା ପଞ୍ଚାୟତ ସମିତି ସଭାଗୃହରେ ବୁଧବାର ମଧ୍ୟାହ୍ନରେ ତୃତୀୟ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚେୟାରମ୍ୟାନ ହରପ୍ରିୟା ଦାସଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ବିଧାୟକ ନବକିଶୋର ମଲ୍ଲିକ ବ୍ଲକ ଅଞ୍ଚଳର ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବିଧାୟକ ପାଣ୍ଠି ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ପ୍ରଦାନ କରାଯିବ। ସାଂସଦଙ୍କ ପ୍ରତିନିଧି ନାରାୟଣ ଖୁଣ୍ଟିଆଙ୍କୁ ବିଭିନ୍ନ ସ୍ଥାନରେ ଆଲୋକୀକରଣ ଓ ବିଦ୍ୟାଳୟରେ ସ୍ୱଚ୍ଛ ପାନୀୟ ଜଳ ପାଇଁ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଉପାଧ୍ୟକ୍ଷ ରାଜଲକ୍ଷ୍ମୀ ଜେନା, ବିଡିଓ ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ, ତହସିଲଦାର କଳ୍ପନା ଦାସ, ଜିପିଓ କଳ୍ପନା ସାସମଲ, ସିଡିପିଓ ଝୁନୁବାଳା ସାହୁଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ନ ଥିବାରୁ ଆଗାମୀ ସମୟରେ ସେମାନେ ନିଶ୍ଚୟ ଉପସ୍ଥିତ ରହିବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ। ବିଧାୟକ ପ୍ରଥମ ବୈଠକରେ ଯୋଗ ଦେଉଥିବାରୁ ତାଙ୍କୁ ଦଳୀୟ କର୍ମୀମାନେ ବାଲିପାଟଣା ଛକରୁ ସ୍ୱାଗତ କରି ଶୋଭାଯାତ୍ରାରେ ନେଇଥିଲେ।

# ବାଲେଶ୍ୱର ବନ୍ୟାସ୍ଥିତିର ସମୀକ୍ଷା କଲେ ଉନ୍ନୟନ କମିଶନର

ଭୁବନେଶ୍ୱର, ୧୮।୯(ସୁନିତ୍ ମିଶ୍ର)

ବାଲେଶ୍ୱର ଜିଲାରେ ବନ୍ୟା ପରିସ୍ଥିତି ନେଇ ରାଜ୍ୟ ଉନ୍ନୟନ କମିଶନର ଅନୁ ଗର୍ଗ ବୁଧବାର ସେଚ ସଦନସ୍ଥିତ ବନ୍ୟା ନିୟନ୍ତ୍ରଣ କକ୍ଷରେ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଓ ସମ୍ପୃକ୍ତ ମୁଖ୍ୟଯନ୍ତ୍ରୀଙ୍କ ଉପସ୍ଥିତିରେ ସ୍ଥିତି ସମୀକ୍ଷା କରିଛନ୍ତି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉପରମୁଣ୍ଡରେ ବର୍ଷା ଓ ବନ୍ୟାର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିବା ସହ ଝାଡ଼ଖଣ୍ଡର ଜଳ ସମ୍ପଦ ବିଭାଗ ସଚିବ ପ୍ରଶାନ୍ତ କୁମାରଙ୍କ ସହିତ କଥା ହୋଇଛନ୍ତି। ଗତ ୨ ଦିନରେ ବର୍ଷା ଯୋଗୁ ସମ୍ଭାବ୍ୟ ବନ୍ୟା ସ୍ଥିତିର ଅନୁଧ୍ୟାନ ପାଇଁ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ ବାଲେଶ୍ୱର ଠାରେ ଅବସ୍ଥାନକରି ପରିସ୍ଥିତିର ଅନୁଧ୍ୟାନ କରୁଛନ୍ତି। ସୁବର୍ଣ୍ଣରେଖାରେ ଜଳସ୍ତର ସ୍ଥିର ଥିବାବେଳେ ଜଳକାରେ କମିବାରେ ଲାଗିଛି। ସେହିଭଳି ବୁଢ଼ାବଳଙ୍ଗ ନଦୀର ଗୋବିନ୍ଦପୁରଠାରେ ଜଳସ୍ତର ୬.୯୪ ମିଟରରେ ବିପଦ ସଙ୍କେତ ତଳେ ଥିବା ଜଣାଯାଇଛି। ବ୍ରାହ୍ମଣୀ ଓ ବୈତରଣୀ ନଦୀର ଜଳସ୍ତର ବିପଦ ସଙ୍କେତ ତଳେ ପ୍ରବାହିତ ହୋଇଛି। ଏଥିସହ ଅନୁ ଗର୍ଗ ରାଜ୍ୟର ବିଭିନ୍ନ ବୃହତ୍ ଓ ମଧ୍ୟମ ଜଳ ଭଣ୍ଡାରର ଜଳସ୍ତର ସ୍ଥିତିର ସମୀକ୍ଷା କରିଛନ୍ତି।

# ଗୀତିଗଙ୍ଗୋତ୍ରୀର ବାର୍ଷିକ ଉତ୍ସବରେ ୯ଜଣ ସମ୍ମାନିତ

ଭୁବନେଶ୍ୱର,୧୮।୯(ଶର୍ମିଷ୍ଠା ପାଣିଗ୍ରାହୀ)

ତ୍ରୈମାସିକ ଗୀତିକବିତା ପତ୍ରିକା 'ଗୀତିଗଙ୍ଗୋତ୍ରୀ'ର ବାର୍ଷିକ ଉତ୍ସବ ବୁଧବାର ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟସ୍ତରୀୟ ଗୀତିକବି ସମ୍ମିଳନୀ ଓ ଗୀତିକବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ବରିଷ୍ଠ ଗୀତିକବି ବିପିନ ମହାନ୍ତି ସଭାପତିତ୍ୱ କରିଥିବାବେଳେ ଗୀତିକବି ଗୋଲକ ବିହାରୀ ନାୟକ, ବଂଶୀଧର ସେଠୀ, ଗୀତିକବି ମିନତି ମିଶ୍ର, ନିରୁପମା କର, କାଦମ୍ବିନୀ ପରିଜା ଓ ସ୍ୱର୍ଣ୍ଣଲତା ମହାପାତ୍ର ସଂଯୋଜନା କରିଥିଲେ। ପ୍ରଭାତ କୁମାର ନନ୍ଦଙ୍କ ସଭାପତିତ୍ୱରେ ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ. ରବିନାରାୟଣ ସେନାପତି, ସମ୍ମାନିତ ଅତିଥି ଗୋପାଳକୃଷ୍ଣ ମହାପାତ୍ର, ପ୍ରଫେସର ଡ. ପଞ୍ଚାନନ ସାହୁ ଯୋଗଦେଇଥିଲେ। ସ୍ନେହଲତା ମହାନ୍ତି ଓ ବୃନ୍ଦାବନ ଜେନାଙ୍କୁ 'ଗୀତି ଗଙ୍ଗୋତ୍ରୀ ମାନନୀୟେଷୁ ସମ୍ମାନ', ଡ. ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ 'ଶ୍ରୀଚରଣ ପଟ୍ଟନାୟକ ସ୍ମୃତି ସମ୍ମାନ', ପ୍ରଫେସର ଡ. ଶରତ ଚନ୍ଦ୍ର ରଥଙ୍କୁ 'ଇଂ. ଅରବିନ୍ଦ ମହାନ୍ତି ସ୍ମୃତି ସମ୍ମାନ', ବ୍ରଜକିଶୋର ମହାନ୍ତିଙ୍କୁ 'ରବିକିରଣ ସ୍ମାରକୀ ସମ୍ମାନ', ଆର୍ତ୍ତତ୍ରାଣ ଶତପଥୀଙ୍କୁ 'ସୂର୍ଯ୍ୟମଣି ସାମନ୍ତରାୟ ସ୍ମୃତି ସମ୍ମାନ' ଓ ଗୋଲକବିହାରୀ ନାୟକଙ୍କୁ 'ଦୂରମଣି ଦିବାକର ସ୍ମାରକୀ ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହ ଜ୍ୟୋତ୍ସ୍ନା ରାଉତରାୟଙ୍କୁ ତାଙ୍କ ପୁସ୍ତକ କୃଷ୍ଣଚୂଡାର ହସ ପାଇଁ 'ଅନ୍ନପୂର୍ଣ୍ଣା ନନ୍ଦ ସ୍ମୃତି ସମ୍ମାନ' ଓ କଣ୍ଠଶିଳ୍ପୀ ଗୀତା ଦାଶଙ୍କୁ 'ସରୋଜ କୁମାର ମହାନ୍ତି ସ୍ମାରକୀ କଣ୍ଠଶିଳ୍ପୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପତ୍ରିକାର ସମ୍ପାଦକ ପ୍ରାଧ୍ୟାପକ ଅଜୟ କୁମାର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ସମ୍ପାଦକ ରବି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଜଗନ୍ନାଥ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଗୀତିଗଙ୍ଗୋତ୍ରୀର ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିତ୍ୱ।

# ସ୍ୱାମୀନାରାୟଣ ମନ୍ଦିରରେ ଝଲସିବେ ମା'

## ରସୁଲଗଡ଼ ଦୁର୍ଗାପୂଜା କମିଟି

ଭୁବନେଶ୍ୱର,୧୮।୯
(ଶର୍ମିଷ୍ଠା ପାଣିଗ୍ରାହୀ)



ମା' ଦୁର୍ଗାଙ୍କ ଆଗମନ ନେଇ ଏବେଠୁ ଉତ୍ସାହ ଦେଖିବାକୁ ମିଳିଛି। ରାଜଧାନୀ ଭୁବନେଶ୍ୱରରେ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏଥର ମଧ୍ୟ ବିଭିନ୍ନ ପୂଜା କମିଟି ପକ୍ଷରୁ ତୋରଣଠୁ ନେଇ ପୂଜା, ଭସାଣି ଯାଏ ବ୍ୟାପକ ଆୟୋଜନ କରାଯାଉଛି। ୩୨ବର୍ଷରେ ପଦାର୍ପଣ କରିଥିବା ରସୁଲଗଡ଼ ଦୁର୍ଗାପୂଜା କମିଟି ଶ୍ରଦ୍ଧାଳୁଙ୍କୁ ନୂଆ କିଛି ଭେଟି ଦେବାକୁ ଯାଉଛି। ସହରରେ ରସୁଲଗଡ଼ ଦୁର୍ଗାପୂଜା ଦେଖିବାକୁ ଲୋକଙ୍କ ମନରେ ଭିନ୍ନ ଉତ୍ସାହ ରହିଥାଏ। କମିଟିର ତୋରଣ ସବୁଥର କିଛି ନା କିଛି ଲୋକଙ୍କୁ ଆକର୍ଷିତ କଲା ଭଳି ପ୍ରସ୍ତୁତ ହୋଇଥାଏ। ଚଳିତ ବର୍ଷ ଗୁଜରାଟର ସ୍ୱାମୀନାରାୟଣ ମନ୍ଦିର ଆକୃତିରେ ପୂଜା ମଣ୍ଡପ ଓ ତୋରଣ ଭିତରେ ପୂଜା ପାଇବେ ମା'ଦଶଭୁଜା। ୧୦ରୁ ୧୫ହଜାର ଟଙ୍କାରୁ ଆରମ୍ଭ ହୋଇଥିବା ଏହି ପୂଜା ୨୦୧୯ରେ ୮୦ଲକ୍ଷରେ ପହଞ୍ଚିଥିଲା। କୋଭିଡ୍ ପରେ ଧୀରେଧୀରେ ଏହା ପୁଣି ଥରେ ବିଶାଳ ଆୟୋଜନ ନେଇ ଅଣ୍ଟା ଭିଡ଼ିଛି। ଏବର୍ଷ ପୂଜା ବଜେଟ୍ ୫୦ଲକ୍ଷ ଟଙ୍କାର ରଖାଯାଇଛି। କୋଲକାତା କାରିଗରଙ୍କ ଦ୍ୱାରା ଉଭୟ ମୂର୍ତ୍ତି ଓ ତୋରଣ ପ୍ରସ୍ତୁତ କରାଯାଉଛି। ମୂର୍ତ୍ତିର ଉଚ୍ଚତା ୬ଫୁଟ ରଖାଯାଇଥିବାବେଳେ ତୋରଣର ଉଚ୍ଚତା ୮୦ଫୁଟ ଏବଂ ଓସାର ୧୨୦ଫୁଟ ରହିବ। ସପ୍ତମୀ, ଅଷ୍ଟମୀ, ନବମୀ, ଦଶମୀରେ ମା'ଙ୍କ




ପାଖେ ଖେଚୁଡ଼ି, ଚାରୁଅନ୍ନ, ଦହିପଖାଳ ଆଦି ଭୋଗ ଲଗାଯିବ। ୪ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ ହେବ। ସେହିପରି ମୀନା ବଜାର, ଦୋଳି ଅନ୍ୟତମ ଆକର୍ଷଣ ସାଜିବ।

### ଭିଡ଼ ନିୟନ୍ତ୍ରଣକୁ ଅଧିକ ଧ୍ୟାନ ଦେବୁ

ଏଥର ଆମେ ସପ୍ତମୀ, ଅଷ୍ଟମୀ, ନବମୀ, ଦଶମୀ ୪ଦିନ ଧରି ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନଛତ୍ରର ବ୍ୟବସ୍ଥା କରିଛୁ। ପାଖାପାଖି ୫ହଜାର ଲୋକଙ୍କୁ ଏହି ସେବା ପ୍ରଦାନ କରାଯିବାର ଲକ୍ଷ୍ୟ ରହିଛି। ଯେହେତୁ ଆମ ପୂଜା ମଣ୍ଡପ ପାଖେ ପ୍ରାୟ କିଛିଦିନ ହେବ ଭିଡ଼ ଦେଖାଯାଉଛି, ତେଣୁ ଆମେ ଭିଡ଼ ନିୟନ୍ତ୍ରଣକୁ ସମ୍ପୂର୍ଣ୍ଣ ଧ୍ୟାନ ଦେବୁ। ପାର୍କିଂର ସୁବନ୍ଦୋବସ୍ତ ସହ ପ୍ରଶାସନର ସହଯୋଗ ଓ ପାଖାପାଖି ୨୫୦ ସ୍ୱେଚ୍ଛାସେବୀଙ୍କୁ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ନିୟୋଜିତ କରିବୁ।

-ପ୍ରକାଶ ରାଉତରାୟ, ସଭାପତି





### ଭକ୍ତଙ୍କ ସୁରକ୍ଷା ପାଇଁ ୭୦ ସୁରକ୍ଷା କର୍ମୀ

ରସୁଲଗଡ଼ରେ ସବୁବର୍ଷ ଦୁର୍ଗାପୂଜାରେ ଅନେକ ଲୋକଙ୍କ ସମାଗମ ହୋଇଥାଏ। ଏଥର ମଧ୍ୟ ଅଧିକ ଶ୍ରଦ୍ଧାଳୁ ଆସିବେ ଓ ମା'ଙ୍କ ଆଶିଷ ଲାଭ କରିବେ। ଭକ୍ତଙ୍କ ସୁରକ୍ଷା ପାଇଁ ୭୦ଜଣ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯିବ। ସେମାନଙ୍କ ମଧ୍ୟରୁ ୫୦ଜଣ ପୁରୁଷ ଓ ୨୦ଜଣ ମହିଳା ରହିବେ। ସେହିପରି ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ହୁଇଲ ଚେୟାର ବ୍ୟବସ୍ଥା କରାଯାଇଛି। ସିସି ଟିଭି ମଧ୍ୟ ଲଗାଯିବ।

-ସଞ୍ଜୟ ବଳିଆରସିଂ,ସମ୍ପାଦକ

**ଭାଗବତ ଜନ୍ମ ଉତ୍ସବ ପାଳିତ**

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାର ପୌରପାଳିକାର ୪ନଂ. ୱାର୍ଡସ୍ଥିତ ଶ୍ରୀ ଶ୍ରୀ ରାହାସ ବିହାରୀ ଜୀଉ ମନ୍ଦିରରେ ଭାଗବତ ଜନ୍ମ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଭାଗବତ ପଠନ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ମହେନ୍ଦ୍ର କୁମାର ସାହୁ, ନବ କିଶୋର ସାହୁ, କରୁଣାକର ସାହୁ, ରାଜେନ୍ଦ୍ର କୁମାର ସାହୁ, ଆଶୋକ କୁମାର ସାହୁ, ବିଚିତ୍ରାନନ୍ଦ ସାହୁ, ଗିରିଶ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂଜକ ସଞ୍ଜୟ ଶତପଥୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ।

## ସଂକ୍ଷେପରେ

### କର୍କଟ କେନ୍ଦ୍ରରେ ଚିକିତ୍ସା ସମ୍ପର୍କିତ କର୍ମଶାଳା

କଟକ,୧୮।୯(ଶିଳ୍ପା ପ୍ରିୟଦର୍ଶିନୀ)

କଟକସ୍ଥିତ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ ସମ୍ମିଳନୀ କକ୍ଷରେ କର୍କଟ ରୋଗୀ ଓ ସମ୍ପର୍କୀୟଙ୍କୁ ନେଇ ଚିକିତ୍ସା ସମ୍ପର୍କିତ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଡା. ଦୀପକ ରାଉତରାୟ ଓ ଅଧକ୍ଷା ପ୍ରଫେସର ଡା. ରେଖା ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଭୁବନେଶ୍ୱରସ୍ଥିତ ବାଗ୍‌ଚୀ କରୁଣାଶ୍ରୟ କର୍କଟ ଉପଶମ ଚିକିତ୍ସାଳୟର ଡା. ନାଗେଶ ସିମ୍‌ହା ଓ କେଶଭ ଶର୍ମା ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। କର୍କଟ ରୋଗ କ୍ଷେତ୍ରରେ ଚିକିତ୍ସା ସମ୍ବନ୍ଧୀୟ ଅବଗତି ସର୍ବାଗ୍ରେ ମହତ୍ୱପୂର୍ଣ୍ଣ ବୋଲି ଆଲୋଚନା ହୋଇଥିଲା। ଅନୁଷ୍ଠାନର ନିଶ୍ଚେତକ ଓ ଯନ୍ତ୍ରଣା ଉପଶମ ବିଭାଗର ମୁଖ୍ୟ ପ୍ରଫେସର ଡା. ସୁମିତା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ପ୍ରଫେସର ଡା. ନୀହାରିକା ପଣ୍ଡା, ଡା. ଭାଗ୍ୟଲକ୍ଷ୍ମୀ ନାୟକ, ଡା. ମନୋରଞ୍ଜନ ମହାପାତ୍ର, ଡା. ସୁଲଗ୍ନା ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### କିଶୋର ନଗରରେ ଷ୍ଟେଟ୍ ବ୍ୟାଙ୍କ ଶାଖା, ସବ୍ ଟ୍ରେଜେରି ଖୋଲିବାକୁ ଦାବି

କଟକ ସଦର,୧୮।୯(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗରଠାରେ ଏକ ଷ୍ଟେଟ୍ ବ୍ୟାଙ୍କ ଶାଖା ଖୋଲିବାକୁ ବିଭିନ୍ନ ସ୍ତରରୁ ଦାବି ହେଉଛି। ଏହାକୁ ଦୃଷ୍ଟିରେ ରଖି କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଏକ ସ୍ମାରକପତ୍ର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଦାନ କରି ଉକ୍ତ ବ୍ୟାଙ୍କ ଶାଖା ଖୋଲିବାକୁ ଅନୁରୋଧ କରିଛନ୍ତି। ୨୦୧୪ରୁ ଏହି ଦାବି ହୋଇଆସୁଛି। ମାତ୍ର ଉକ୍ତ ସ୍ଥାନରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଶାଖା ଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଅନ୍ୟ ରାଷ୍ଟ୍ରାୟତ ବ୍ୟାଙ୍କ ଶାଖା ଖୋଲିବା ପାଇଁ ଅନୁମତି ଦେଉ ନ ଥିବା କୁହାଯାଉଛି। ତେଣୁ ଏଠାରେ ଏକ ସବ୍ ଟ୍ରେଜେରି ଖୋଲା ଗଲେ ଷ୍ଟେଟ୍ ବ୍ୟାଙ୍କ ଶାଖା ଖୋଲିବା ସହଜ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। କିଶନ ନଗର ତହସିଲ ଅଞ୍ଚଳ ୧୯ଟି ପଞ୍ଚାୟତକୁ ନେଇ ଗଠିତ। ସେଥିମଧ୍ୟରୁ କଟକ ସଦର ବ୍ଲକ ଅଞ୍ଚଳର ୮ଟି, ସାଲେପୁର ବ୍ଲକ୍‌ର ୪ ଓ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ୭ଟି ପଞ୍ଚାୟତ ରହିଛି। ତେଣୁ କଟକ ସଦର ବିଧାୟକ ପ୍ରଥମେ ୧୯ଟି ପଞ୍ଚାୟତ ପାଇଁ ଏକ ସବ୍ ଟ୍ରେଜେରି ସ୍ଥାପନ ନିମନ୍ତେ ବ୍ୟବସ୍ଥା କରିବା ଦରକାର। ଫଳରେ ନିୟମ ଅନୁଯାୟୀ ଷ୍ଟେଟ୍ ବ୍ୟାଙ୍କ ଶାଖା ଖୋଲିବା ସହଜ ହେବ। କାରଣ ରାଜ୍ୟ ସରକାରଙ୍କ ସମସ୍ତ ଟ୍ରେଜେରି କାରବାର ଏହି ବ୍ୟାଙ୍କ ଜରିଆରେ ହୋଇଥାଏ।

# ପାଖେଇ ଆସିଲାଣି ପୂଜା, ତୁଟୁନି ସୀମା ବିବାଦ

- ତୋରଣ ନିର୍ମାଣକୁ ଛତ୍ରବଜାର ପୂଜା କମିଟି ଓ ପୋଲିସକୁ ଆକ୍ଷେପ କଲା ମାଲଗୋଦାମ ପୂଜା କମିଟି
- ମହାନଗର ଶାନ୍ତି କମିଟିକୁ ଅଯଥାରେ ଟଣା ଯାଉଛି: ଦେବେନ୍ଦ୍ର ସାହୁ

କଟକ,୧୮।୯(ଶିଳ୍ପା ପ୍ରିୟଦର୍ଶିନୀ)

ଦଶହରା ପୂର୍ବରୁ ମାଲଗୋଦାମ ପୂଜା କମିଟି ଓ ଛତ୍ରବଜାର ପୂଜା କମିଟି ମଧ୍ୟରେ ସୀମା ବିବାଦ ଦେଖିବାକୁ ମିଳିଛି। ତୋରଣ ନିର୍ମାଣକୁ ନେଇ ଗତବର୍ଷ ଉପୁଜିଥିବା ବିବାଦର ସମାଧାନ ମାଲଗୋଦାମ ପୋଲିସ ପକ୍ଷରୁ ଏପର୍ଯ୍ୟନ୍ତ କରାଯାଇନାହିଁ। ମହାନଗର ଶାନ୍ତି କମିଟି ଚାପରେ ପୋଲିସ ଚୁପ୍ ରହିଥିବା ମାଲଗୋଦାମ ପୂଜା କମିଟି ପକ୍ଷରୁ ପ୍ରେସ୍ ବିବୃତି ମାଧ୍ୟମରେ ଅଭିଯୋଗ କରାଯାଇଛି। ଏହି ବିବାଦକୁ ନେଇ ଅସନ୍ତୋଷ ବୃଦ୍ଧି ପାଇବା ସହ ସ୍ଥିତି ନିୟନ୍ତ୍ରଣ ବାହାରକୁ ଯିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସୀମା ବିବାଦର ସମାଧାନ ନ ହେବାରୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ପୋଲିସ ଦାୟି ରହିବ ବୋଲି ମାଲଗୋଦାମ ପୂଜା କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ମାଲଗୋଦାମ ପୂଜା କମିଟି ଜାରି କରିଥିବା ପ୍ରେସ୍ ବିବୃତିରେ ଉଲ୍ଲେଖ କରାଯାଇଛି, ୨୦୨୩ ଦଶହରାରେ କମିଟି ପକ୍ଷରୁ ନିଜ ସୀମା ମଧ୍ୟରେ ତୋରଣ ନିର୍ମାଣବେଳେ ଛତ୍ରବଜାର ପୂଜା କମିଟି ତାହାକୁ ବିରୋଧ କରିଥିଲା। ପରେ ମାଲଗୋଦାମ ପୋଲିସ ତୋରଣ ନ କରିବାକୁ ମାଲଗୋଦାମ ପୂଜା କମିଟିକୁ ପରାମର୍ଶ ଦେବା ସହ ପୂଜା ପରେ ଆସନ୍ତା ଦୁଇ ମାସ ଭିତରେ ଏହି ବିବାଦର ସ୍ଥାୟୀ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ପୂଜା ପରେ ପୋଲିସ ପକ୍ଷରୁ ଏହାର ସମାଧାନ କରାଯାଇନାହିଁ। ମାଲଗୋଦାମ ପୂଜା କମିଟି ପକ୍ଷରୁ ବାରମ୍ବାର ଚିଠି ମାଧ୍ୟମରେ ବିବାଦର ସ୍ଥାୟୀ ସମାଧାନ ପାଇଁ ଅନୁରୋଧ କରାଯାଇଥିଲା। ଦୁଇ ମାସ ତଳେ ପୋଲିସ ଅଧିକାରୀ ଉଭୟ ପୂଜା କମିଟି କର୍ମକର୍ତ୍ତାଙ୍କୁ ନେଇ ଡିସିପିଙ୍କ କାର୍ଯ୍ୟାଳୟରେ ଏକ ବୈଠକ କରିଥିଲେ। ଉକ୍ତ ବୈଠକରେ ଉଭୟ ପକ୍ଷ ମଧ୍ୟରେ ହୋଇଥିବା ସୀମା ନିର୍ଦ୍ଧାରଣ ଦସ୍ତାବିଜ ଦାଖଲ କରାଯାଇଥିଲା। ହେଲେ ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁଙ୍କ ଚାପରେ ପୋଲିସ ବିବାଦର ସମାଧାନ ନ କରି ଏପର୍ଯ୍ୟନ୍ତ ବାରମ୍ବାର ବୈଠକ ପାଇଁ ତାରିଖ ଗଡାଇ ଚାଲିଛି ବୋଲି ଅଭିଯୋଗ ହୋଇଛି।

ଅପରପକ୍ଷରେ ମାଲଗୋଦାମ ସୀମା ମଧ୍ୟରେ ଅର୍ବାନ ହାଟ ପ୍ରତିଷ୍ଠା ହୋଇଛି। ଉକ୍ତ ହାଟର ପରିଚାଳନା ପାଇଁ ଉଭୟ ଛତ୍ରବଜାର ଓ ମାଲଗୋଦାମ ବ୍ୟବସାୟୀ ସଂଘ ଦ୍ୱାରା ଏକ କମିଟି ଗଠନ ହୋଇଛି। ଏହାସତ୍ତ୍ୱେ ଅର୍ବାନ ହାଟର ବ୍ୟବସାୟୀଙ୍କଠାରୁ ଛତ୍ରବଜାର ବ୍ୟବସାୟୀ ସଂଘ ଦୈନିକ ପିଣ୍ଡି ପିଛା ୧୦୦/୨୦୦ଟଙ୍କା ଆଦାୟ କରାଯାଉଛି। ଏହାକୁ ମାଲଗୋଦାମ ବ୍ୟବସାୟୀ ବିରୋଧ କରିବାରୁ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଛି। ଏଭଳି ବିବାଦର ତୁରନ୍ତ ସମାଧାନ ନ ହେଲେ ଆଗାମୀ ଦିନରେ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ପୋଲିସ ଓ ଶାନ୍ତି କମିଟି ସଭାପତି ଦାୟୀ ରହିବେ ବୋଲି ମାଲଗୋଦାମ ପୂଜା କମିଟି ପକ୍ଷରୁ ଧର୍ମାନନ୍ଦ ପାତ୍ରଙ୍କ ସମେତ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଛାଟୋଇ, କୋଷାଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ଏନେଇ ମହାନଗର ଶାନ୍ତି କମିଟି ସଭାପତି, ଛତ୍ରବଜାର ପୂଜା କମିଟି ସଭାପତି ତଥା ଛତ୍ରବଜାର ବ୍ୟବସାୟୀ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି, ଗତବର୍ଷ ମାଲଗୋଦାମ ପୂଜା କମିଟି ପକ୍ଷରୁ ଛତ୍ରବଜାର ବେହେରା ସାହିଠାରେ ତୋରଣ ନିର୍ମାଣ କରାଯାଉଥିଲା। ଏହି ସ୍ଥାନ ଛତ୍ରବଜାର ସୀମାରେ ଥିବାରୁ ତୋରଣ ନିର୍ମାଣକୁ ବିରୋଧ କରାଯାଇଥିଲା। ଏପରି କି ଆଗାମୀ ଦିନରେ ମଧ ଏଭଳି କାର୍ଯ୍ୟକୁ ଗ୍ରହଣ କରାଯିବନାହିଁ। ଏହି ବିବାଦ ମଧ୍ୟରେ ମହାନଗର ଶାନ୍ତି କମିଟିକୁ ଟାଣିବାର ଆବଶ୍ୟକତା ନାହିଁ। ମହାନଗର ଶାନ୍ତି କମିଟିକୁ ଅଯଥାରେ ଟଣାଯାଉଛି। ମାଲଗୋଦାମ ପୂଜା କମିଟି ପକ୍ଷରୁ ଏ ବାବଦରେ ମହାନଗର ଶାନ୍ତି କମିଟିକୁ ଅବଗତ କରାଯାଇ ନାହିଁ ବୋଲି ସାହୁ କହିଛନ୍ତି। ଅପରପକ୍ଷରେ ମାଲଗୋଦାମ ଥାନା ଆଇଆଇସି ରଜନୀକାନ୍ତ ଦାସ କହିଛନ୍ତି, ପୋଲିସ ପକ୍ଷରୁ ଉଭୟ ପୂଜା କମିଟି କର୍ମକର୍ତ୍ତାଙ୍କୁ ଏକାଠି କରି ବିବାଦ ସମାଧାନ ନିମନ୍ତେ ବିଭିନ୍ନ ସମୟରେ ଚେଷ୍ଟା କରାଯାଇଛି। ହେଲେ ଏନେଇ କୌଣସି ସୁଫଳ ମିଳିନାହିଁ।

# କଟକ ରେଳଷ୍ଟେଶନରେ ଖୋଲିବ ଚାଇଲ୍ଡ ହେଲ୍ପ ଡେସ୍କ



କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କ୍ୟାମ୍ପ କୋର୍ଟ।

**ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ଜିଲାସ୍ତରୀୟ କ୍ୟାମ୍ପ କୋର୍ଟ**

କଟକ,୧୮।୯(କାର୍ତ୍ତିକ ସାହୁ)

ଭୁବନେଶ୍ୱରସ୍ଥିତ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ କ୍ୟାମ୍ପ କୋର୍ଟ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୭୨ଟି ବିଚାରାଧୀନ ମାମଲା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ବିଚାରାଧୀନ ମାମଲାଗୁଡ଼ିକର ବିବରଣୀ ପ୍ରଦାନ କରିଥିଲେ। ମାମଲାଗୁଡ଼ିକ ମଧ୍ୟରୁ ଅଧିକାଂଶ ମାମଲା ଶିଶୁ ଯୌନ ନିର୍ଯାତନା ସମ୍ବନ୍ଧୀୟ ଥିଲା। ସମାଧାନ ପାଇଁ ପଦକ୍ଷେପ ନିଆଯାଇଥିବା ମାମଲାଗୁଡ଼ିକର ବିବରଣୀ ପ୍ରଦାନ କରିବା ପାଇଁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ମନ୍ଦାକିନୀ କର ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସମାଧାନ ହୋଇ ନ ଥିବା ମାମଲା ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍‌ବ୍ୟତୀତ ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକର ପାରିପାର୍ଶ୍ୱିକ ଅଞ୍ଚଳରେ ପୋଲିସ ପାଟ୍ରୋଲିଂ କରିବାକୁ କମିଶନରେଟ ପୋଲିସର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକରେ ପ୍ରବେଶ କରୁଥିବା ଅନ୍ତେବାସୀଙ୍କ ପ୍ରବେଶ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ ପାଇଁ ନିକଟସ୍ଥ ଥାନାଗୁଡ଼ିକୁ ନିର୍ଦ୍ଦେଶ ଦେବା ନିମନ୍ତେ ଅଧକ୍ଷା କର ପ୍ରସ୍ତାବ ଦେଇଥିଲେ।

ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ମାମଲାଗୁଡ଼ିକର ତ୍ୱରିତ ବିବରଣୀ ପ୍ରଦାନ କରିବା ଦିଗରେ ଯତ୍ନବାନ ହେବା ନିମନ୍ତେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ, ଜିଲା ସମାଜ ମଙ୍ଗଳ ଅଧିକାରୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ଆରକ୍ଷୀ ଅଧିକାରୀ (ଗ୍ରାମାଞ୍ଚଳ), ଆରକ୍ଷୀ ଅଧିକାରୀ (ସହରାଞ୍ଚଳ), ଆରକ୍ଷୀ ଅଧିକାରୀ (ରେଲୱେ)ଙ୍କ ପ୍ରତିନିଧିମାନେ ଯୋଗଦେଇ ନିଜ ବିଭାଗ ଅଧୀନ ମାମଲାଗୁଡ଼ିକ ସମ୍ବନ୍ଧରେ ବିବରଣୀ ଦେଇଥିଲେ। କଟକ ରେଳଷ୍ଟେଶନରେ ଚାଇଲ୍ଡ ହେଲ୍ପ ଡେସ୍କ ଖୋଲିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେବା ନିମନ୍ତେ ଆରକ୍ଷୀ ଅଧିକାରୀ (ରେଲୱେ)ଙ୍କ ତରଫରୁ ପ୍ରସ୍ତାବ ଦିଆଯାଇଥିଲା। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ଅନିତା ବେହେରା, ସସ୍ମିତା ନନ୍ଦ, ରୁବି ବିଶ୍ୱାଳ, ଜାଲିନା ପ୍ରିୟଦର୍ଶିନୀ, ସମ୍ପାଦକ ପ୍ରଭାତ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ଜିଲାରେ ନିଯୁକ୍ତ ହେବେ ୮୯୩ କନିଷ୍ଠ ଶିକ୍ଷକ



ଜିଲା ପରିଷଦର ସ୍ୱତନ୍ତ୍ର ବୈଠକରେ ବିଧାୟକଙ୍କ ସହ ଅନ୍ୟମାନେ।

**ଜିଲା ପରିଷଦର ସ୍ୱତନ୍ତ୍ର ବୈଠକ**

କଟକ,୧୮।୯ (କାର୍ତ୍ତିକ ସାହୁ)

ଜିଲାରେ ୮୯୩ ଜଣ ନୂତନ କନିଷ୍ଠ ଶିକ୍ଷକ ନିଯୁକ୍ତ ହେବେ। ସେମାନଙ୍କ ନିଯୁକ୍ତିକୁ ଅନୁମୋଦନ କରାଯିବା ସମ୍ପର୍କରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ଜିଲା ପରିଷଦର ସ୍ୱତନ୍ତ୍ର ବୈଠକରେ ଆଲୋଚନା କରାଯାଇଛି।

ସୂଚନା ଅନୁଯାୟୀ, ନୂତନ ଭାବେ କନିଷ୍ଠ ଶିକ୍ଷକଙ୍କୁ ଦୁଇଟି ବିଭାଗରେ ନିଯୁକ୍ତି ଦିଆଯିବ। ବିଭାଗ-୧ରେ ନିଯୁକ୍ତ ଶିକ୍ଷକମାନେ ପ୍ରଥମରୁ ପଞ୍ଚମ ଏବଂ ବିଭାଗ -୨ରେ ନିଯୁକ୍ତ ଶିକ୍ଷକମାନେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ଶିକ୍ଷାଦାନ କରିବେ। ବିଭିନ୍ନ ବ୍ଲକର ଜଣେ ଲେଖାଏ ଶିକ୍ଷକ ଥିବା ବିଦ୍ୟାଳୟରେ ପ୍ରାଥମିକତା ଭିତ୍ତିରେ ଶିକ୍ଷକ ପଦବୀ ପୂରଣ କରାଯାଉଛି। ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବଡ଼ମ୍ବା ବିଧାୟକ ବିଜୟ ଦଳବେହେରା, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଜିଲା ପରିଷଦ ଉପସଭାପତି ସୁଭଦ୍ରା ଦାସ ପ୍ରମୁଖ ଯୋଗଦେଇ ଜିଲାର ଶିକ୍ଷା ବ୍ୟବସ୍ଥା ଏବଂ ବିଭିନ୍ନ ବିଦ୍ୟାଳୟରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ଉପରେ ଆଲୋକପାତ କରିଥିଲେ। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଜିଲାରେ ଶିକ୍ଷା ବ୍ୟବସ୍ଥାର ମାନରେ ଉନ୍ନତି ଅଣାଯିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଛାତ୍ର ଓ ଶିକ୍ଷକ ଅନୁପାତକୁ ଯୋଗ୍ୟତା ଆଧାର ଭାବେ ନିଆଯାଇ ଖାଲି ପଡ଼ିଥିବା ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ପଦବୀ ପୂରଣ କରାଯାଉଥିବା ଜିଲା ଶିକ୍ଷା ଅଧିକାରୀ ଡ. ସନ୍ତୋଷ କୁମାର ରାଉତ ସୂଚନା ଦେଇଛନ୍ତି। ଏହି ବୈଠକରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲାପାଳ ଶିବ ଟପୋ, ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧକ୍ଷ ଆଶିଷ କୁମାର ସାହୁଙ୍କ ସମେତ ବ୍ଲକ୍ ଚେୟାରମ୍ୟାନ୍, ପ୍ରତିନିଧି, ଜିଲା ପରିଷଦ ସଦସ୍ୟା/ସଦସ୍ୟ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଓ ବିଭିନ୍ନ ବ୍ଲକ୍ ଶିକ୍ଷା ଅଧିକାରୀ ଉପସ୍ଥିତ ଥିଲେ।

# 'ସାରଙ୍ଗଧର ଥିଲେ ନିର୍ଭୀକ ଦେଶସେବକ'

କଟକ,୧୮।୯(କାର୍ତ୍ତିକ ସାହୁ)

ସ୍ୱାଧୀନତା ସଂଗ୍ରାମୀ, ଗଡ଼ଜାତ ଆନ୍ଦୋଳନର କର୍ଣ୍ଣଧାର ବିପ୍ଳବୀ ସାରଙ୍ଗଧର ଦାସଙ୍କ ଶ୍ରାଦ୍ଧବାର୍ଷିକୀ କଟକ ସତୀଚୌରାସ୍ଥିତ ସମାଧିପୀଠରେ ବୁଧବାର ପାଳିତ ହୋଇଯାଇଛି। ସାରଙ୍ଗଧର ଦାସ ସ୍ମୃତି କମିଟି ପକ୍ଷରୁ ଉକ୍ତ ସମାଧିପୀଠରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଅନୁଷ୍ଠାନର ସଭାପତି ଡା. ରବି ରଞ୍ଜନ ସାହୁ ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା ଯୋଗଦେଇ କହିଛନ୍ତି, ଗଡ଼ଜାତ ରାଜ୍ୟଗୁଡ଼ିକର ମିଶ୍ରଣ ପାଇଁ ସାରଙ୍ଗଧରଙ୍କ ଅବଦାନ ଏବଂ ବୃହତ୍ତର ଓଡ଼ିଶା ନିର୍ମାଣରେ ତାଙ୍କ ଉଦ୍ୟମ ଅବିସ୍ମରଣୀୟ। ସେହିପରି ସମ୍ମାନିତ ବକ୍ତା ସୁରେନ୍ଦ୍ର ନାଥ ଛୋଟରାୟ କହିଛନ୍ତି, ସାରଙ୍ଗଧର ଥିଲେ ନିର୍ଭୀକ ଦେଶସେବକ। ସମ୍ମାନିତ ଅତିଥି ଚିତ୍ତରଞ୍ଜନ ବେହେରା କହିଛନ୍ତି, ସାରଙ୍ଗଧର ନେହେରୁଙ୍କ ସହଯୋଗୀ ଭାବେ ସମ୍ବିଧାନ ପ୍ରଣୟନ ସଭାର ପ୍ରମୁଖ କର୍ମକର୍ତ୍ତା ଭାବେ କାର୍ଯ୍ୟ କରିଛନ୍ତି। ମନୋରଞ୍ଜନ ପଣ୍ଡା, ଶ୍ୟାମସୁନ୍ଦର ସାହୁ, ଗୋପାଳ ଚନ୍ଦ୍ର ମିଶ୍ର, ରତ୍ନାକର ମୁଖୀ, ନରେନ୍ଦ୍ର ନାଏକ, ନଳିନୀପ୍ରଭା ନାୟକ, ଲକ୍ଷ୍ମୀଧର ବେହେରା, ବୈଷ୍ଣବ ପରିଡ଼ା ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଡ. ହେମନ୍ତ କୁମାର ପରିଡ଼ା ପ୍ରାରମ୍ଭିକ ସୂଚନା ଓ ସମରେନ୍ଦ୍ର ଘୋଷ ଧନ୍ୟବାଦ ଦେଇଥିଲେ।

# ଚାଉଳିଆଗଞ୍ଜ ଖୁଦୁରୁକୁଣୀ ଭସାଣି



ଖୁଦୁରୁକୁଣୀ ଭସାଣି ଶୋଭାଯାତ୍ରାରେ ଘୋଡ଼ାନାଚ।

କଟକ,୧୮।୯(ଶିଳ୍ପା ପ୍ରିୟଦର୍ଶିନୀ)

ଚାଉଳିଆଗଞ୍ଜ ଅଞ୍ଚଳର ପ୍ରସିଦ୍ଧ ଖୁଦୁରୁକୁଣୀ ମେଳଣ ବୁଧବାର ଶେଷ ହୋଇଛି। ଉକ୍ତ ଅଞ୍ଚଳର ୧୭ଟି ମଣ୍ଡପରେ ପୂଜାର୍ଚ୍ଚନା କରାଯାଇଥିଲା। ବୁଧବାର ଅପରାହ୍ନ ୨ଟା ସୁଦ୍ଧା ୧୭ଟି ମେଢ଼ ଚାଉଳିଆଗଞ୍ଜ ଖେଳପଡ଼ିଆରେ ଏକତ୍ରିତ ହୋଇଥିଲା। ପରେ ନମ୍ବର ଅନୁଯାୟୀ ଭସାଣି ଶୋଭାଯାତ୍ରାରେ ମେଢଗୁଡିକ ସାମିଲ ହୋଇଥିଲା। ଭସାଣି ଶୋଭାଯାତ୍ରାରେ ବ୍ରହ୍ମପୁର ବାଜା, ଜଗତ୍‌ସିଂହପୁରର ଘଣ୍ଟବାଦ୍ୟ, ଯାଜପୁରର ଶଙ୍ଖ ମୁଖ୍ୟ ଆକର୍ଷଣ ପାଲଟିଥିଲା। ଭସାଣିରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

# 'ଅସାଧ ରୋଗ ଚିକିତ୍ସା ଯେତିକି ସହଜ, ସେତିକି କଠିନ'

କଟକ,୧୮।୯(କାର୍ତ୍ତିକ ସାହୁ)

କଣ୍ଟାପଡା ବ୍ଲକ ଅଧୀନ ଓଲଟପୁରସ୍ଥିତ ଏସ୍‌ଭି ନିର୍‌ତାର ପରିସରରେ ବୁଧବାର ଜାତୀୟ ଅଭିଯାନ୍ତ୍ରିକୀ ଦିବସ ଉପଲକ୍ଷେ ସାଧାରଣ ଲୋକଙ୍କ ପାଇଁ ପ୍ରଯୁକ୍ତି ବିଦ୍ୟା ଓ ଅଭିଯାନ୍ତ୍ରିକୀ ବିଷୟକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଦ ଓଡ଼ିଶା ବିଜ୍ଞାନ ମଣ୍ଡଳ (ବିଜ୍ଞାନ ଭାରତୀ, ଉତ୍କଳ ପ୍ରାନ୍ତ) ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶକ ତଥା ମଣ୍ଡଳର ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ଡ. ପତିତ ପାବନ ମହାନ୍ତି ଯୋଗଦେଇ କହିଛନ୍ତି ଚିକିତ୍ସା ବିଜ୍ଞାନ କିପରି ସାଧାରଣ ବର୍ଗର ରୋଗୀଙ୍କ ସେବାରେ ଲାଗିପାରିବ ଏହା ଗବେଷକଙ୍କ ଲକ୍ଷ୍ୟ ହେବା ଉଚିତ। ମୁଖ୍ୟ ଅତିଥି ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ କହିଛନ୍ତି, ଲୋକଙ୍କ ପାଇଁ ବିଜ୍ଞାନ ହିଁ ବାସ୍ତବ ସେବା। ମୁଖ୍ୟବକ୍ତା ଏସ୍‌ସିବି ମେଡିକାଲ କଲେଜର ଏମ୍‌ଏଚ୍‌ଆଇର ପୂର୍ବତନ ବିଭାଗୀୟ ମୁଖ୍ୟ ଓ ନିର୍ଦ୍ଦେଶକ ଡ. ନୀଳମାଧବ ରଥ କହିଛନ୍ତି, ଆଗରୁ ଚିକିତ୍ସା ବିଜ୍ଞାନରେ ଅନୁସନ୍ଧାନ ପଦ୍ଧତି ମୁଖ୍ୟତଃ କ୍ଲିନିକାଲ ଥିଲା ଓ ଡାକ୍ତରଙ୍କ ବୁଝିବା ଶକ୍ତି, ଦକ୍ଷତା ଉପରେ ଚିକିତ୍ସା ନିର୍ଭରଶୀଳ ଥିଲା। ଏବେ ଆଧୁନିକ ଯନ୍ତ୍ରପାତି ରୋଗ ନିରୂପଣ ପାଇଁ ଆଗ ଅପେକ୍ଷା ବେଶୀ ଉପଯୋଗୀ ହୋଇଛି। ହେଲେ ଏହା ଡାକ୍ତରଙ୍କ ଚିନ୍ତନ, ଚିକିତ୍ସା ଦକ୍ଷତା ବିକଶିତ ହେବାରେ ସହାୟକ ହୋଇପାରୁନାହିଁ। ତେଣୁ ଅସାଧ ରୋଗ ଚିକିତ୍ସା ଏବେ ଯେତିକି ସହଜ, ସେତିକି କଠିନ ବୋଲି ରଥ କହିଛନ୍ତି। ରାଜ୍ୟ ସହ ସଙ୍ଗଠନ ସମ୍ପାଦକ ଡ. ଗୌରୀଶଙ୍କର ସାହୁ ଅତିଥି ପରିଚୟ, ରାଜ୍ୟ କୋଷାଧ୍ୟକ୍ଷ ସଞ୍ଜୟ କୁମାର ପଟ୍ଟନାୟକ ଅତିଥିଙ୍କୁ ସମ୍ବର୍ଦ୍ଧିତ ଓ ବିଜ୍ଞାନ ଭାରତୀର କଟକ ଜିଲା ସମ୍ପାଦକ ଅଧ୍ୟାପକ ମନୋରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ। ଡା. ଆୟୁଷୀ ଗୋୟଲ, ଡା. ଆରାଧନା ଚାନ୍ଦେଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡ. ନାରାୟଣ ମହାନ୍ତି, ଅଧ୍ୟାପକ ବିଜୟ କୁମାର ନାୟକ, ହେମନ୍ତ ବେହେରା, ସଂଗ୍ରାମ ସାହୁ, ତପନ କୁମାର ପୃଷ୍ଟି, ଆର୍ଯ୍ୟ କୁମାର ଶର୍ମା ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ।



ଆଲୋଚନାଚକ୍ରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓ ଅନ୍ୟମାନେ।

## କଲେଜ ଛକ ପୂଜା ପ୍ରତିଷ୍ଠାନ

# ଲାଇଟ୍ ଗେଟ୍‌ରେ ଶ୍ରୀରାମ, ଇସ୍କନ ମନ୍ଦିର





କଟକ,୧୮।୯(ଶିଳ୍ପା ପ୍ରିୟଦର୍ଶିନୀ)

ଶାରଦୀୟ ପୂଜା ପାଇଁ ଚଳଚଞ୍ଚଳ ହୋଇଛି କଟକର ବିଭିନ୍ନ ପୂଜା ମଣ୍ଡପ। ମା'ଙ୍କ ଆବାହନ ପାଇଁ ବିଭିନ୍ନ କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ପୂଜା ଦୌଡରେ ସାମିଲ ହୋଇଛି କଲେଜ ଛକ ପୂଜା ପ୍ରତିଷ୍ଠାନ। ଚଳିତବର୍ଷ ଏହି ପ୍ରତିଷ୍ଠାନ ପକ୍ଷରୁ ଶ୍ରୀରାମଙ୍କ ପ୍ରତିମୂର୍ତ୍ତି ଓ ଦିଲ୍ଲୀ ଇସ୍କନ ମନ୍ଦିର ସଦୃଶ ଦୁଇଟି ଲାଇଟ୍ ଗେଟ୍ ନିର୍ମାଣ କରାଯିବ। ସେଥିମଧ୍ୟରୁ ଗୋଟିଏ ଓଏମ୍‌ପି ପଟୁ କଲେଜଛକ ବା କଟକ ସହରର ପ୍ରବେଶ ପଥରେ ଲଗାଯିବ ଓ ଅନ୍ୟଟି କଲେଜଛକ ପଟରୁ ରାଣୀହାଟ ପାର୍ଶ୍ୱରେ ଲଗାଯିବ। ଏହାକୁ କୋଲକାତାରୁ ଅଣାଯିବ।



**ବିରାଜିବେ ମା'**

ଏହି ଲାଇଟ୍ ଗେଟ୍ ଦୁଇଟିର ଉଚ୍ଚତା ୬୦ ଫୁଟ୍ ଓ ଚଉଡ଼ା ୫୪ ଫୁଟ୍ ଲେଖାଏ ରହିଛି। ଚଳିତବର୍ଷ ପୂଜା ବଜେଟ୍ ୫୫ ଲକ୍ଷ ଟଙ୍କା ରହିଛି। ୮ ଫୁଟ ଉଚ୍ଚତା ବିଶିଷ୍ଟ ମା'ଙ୍କ ମୂର୍ତ୍ତି ନିର୍ମାଣରେ କଟକ କାଠଗଡ଼ା ସାହିର ସୁରେଶ ବେହେରା ଓ ସାଥୀମାନେ ଲାଗିଛନ୍ତି। ବଙ୍ଗୀୟ ପରମ୍ପରା ଅନୁସାରେ ଏଠାରେ ପୂଜାର୍ଚ୍ଚନା କରାଯାଏ। ୨୦୧୭ରେ ୧କେଜି ଓଜନର ମା'ଙ୍କ ସୁନା ମୁକୁଟ ଓ ୨୦୨୧ରେ ଚାନ୍ଦିମେଢ଼ ନିର୍ମାଣ କରାଯାଇଥିଲା। ମହାଷ୍ଟମୀରେ ମହିଳାଙ୍କର ବ୍ରତ ପୂଜା କରାଯାଇଥାଏ। ଏଥର କମିଟି ପକ୍ଷରୁ ୪.୫ କୁଇଣ୍ଟାଲର ଲଡୁ ଭୋଗ କରାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟାଯିବ। ଦୁର୍ଗା ପୂଜାର ୫ ଦିନ ପରେ କମିଟି ପକ୍ଷରୁ ୫ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯିବ। ଭସାଣିରେ ବ୍ରହ୍ମପୁରର କନକ ଦୁର୍ଗା ବ୍ୟାଣ୍ଡ୍ ପାର୍ଟି, ସମ୍ବଲପୁରର ସିଂହ ବାଜା, ପୁରୀ ଘଣ୍ଟ ବାଦ୍ୟ ଓ ଢ଼ୋଲବାଜା ସମେତ ପାରମ୍ପରିକ ବାଦ୍ୟ ପରିବେଷଣ କରାଯିବ।

### ମହିଳା, ବୟସ୍କଙ୍କ ସହଜ ଦର୍ଶନକୁ ଗୁରୁତ୍ୱ



"ଏଠାରେ ମହାଷ୍ଟମୀ ପୂଜା ଧୁମ୍‌ଧାମ୍‌ରେ ପାଳନ କରାଯାଏ। ୫ ରାତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପୂଜା ସମୟରେ ଭିଡ଼ ନିୟନ୍ତ୍ରଣ ପାଇଁ ଯୁବକ ସଂଘ ସଦସ୍ୟଙ୍କୁ ଦାୟିତ୍ୱ ଦିଆଯାଇଛି। ବିଶେଷକରି ମହିଳା ଓ ବୟସ୍କ ବ୍ୟକ୍ତି କିଭଳି ଭାବେ ମା'ଙ୍କୁ ସହଜରେ ଦର୍ଶନ କରିପାରିବେ, ସେଥିପ୍ରତି ବେଶ୍ ଗୁରୁତ୍ୱ ଦିଆଯିବ।

ଲୋକନାଥ ଲେଙ୍କା, ସଭାପତି

### ପାରମ୍ପରିକ ବାଦ୍ୟରେ ଭସାଣି



"ଭସାଣିକୁ ନିଶାମୁକ୍ତ ଓ ଡ଼ିଜେ ମୁକ୍ତ କରାଇବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ସମ୍ପୂର୍ଣ୍ଣ ଭାବେ ପାରମ୍ପରିକ ବାଦ୍ୟରେ ଭସାଣି ଯାତ୍ରା ଅନୁଷ୍ଠିତ ହେବ। କଲେଜଛକରୁ ମା'ଙ୍କ ପ୍ରତିମୂର୍ତ୍ତିକୁ ଶୋଭାଯାତ୍ରାରେ ନିଆଯାଇ ଦେବୀଗଡ଼ା ଘାଟସ୍ଥିତ ଅସ୍ଥାୟୀ ପୋଖରୀରେ ବିର୍ସଜନ କରାଯିବ।

ବିଜୟ କୁମାର ବେହେରା, ସମ୍ପାଦକ






ଜଟଣୀ ଗଣେଶ ଭସାଣି କମିଟି ପକ୍ଷରୁ ବୁଧବାର ଆୟୋଜିତ ଶୋଭାଯାତ୍ରାରେ ସାମିଲ ହୋଇଥିବା ମେଢ଼।

# ମେଲାଣି ନେଲେ ଗଣପତି

**ଜଟଣୀ ଗଣେଶ ମହୋତ୍ସବ ଉଦ୍‌ଯାପିତ**

- ପାରମ୍ପରିକ ବାଦ୍ୟ, ନୃତ୍ୟରେ କମ୍ପିଲା ସହର
- ଭସାଣିରେ ସାମିଲ ହେଲେ ୪୦ ମଣ୍ଡପର ଠାକୁର

ଜଟଣୀ,୧୮।୯(ରବୀନ୍ଦ୍ରନାଥ ମହାକୁଡ଼)

ଆନନ୍ଦ ଉଲ୍ଲାସର ଅନ୍ତ ଘଟାଇ ଭକ୍ତଙ୍କ ମେଳରୁ ବିଦାୟ ନେଇଛନ୍ତି ପ୍ରଭୁ ଗଜାନନ। ଦୀର୍ଘ ୧୧ଦିନର ଅଭ୍ୟର୍ଥନା ପରେ ଆତସବାଜି, ଢୋଲ, ମର୍ଦ୍ଦଳ, ଘଣ୍ଟ ଘଣ୍ଟା ସହ ନାଚଗୀତର ରୋଶଣିରେ ଗଜାନନଙ୍କୁ ମେଲାଣି ଦେଇଛନ୍ତି ଭକ୍ତ। ବୁଧବାର ଜଟଣୀରେ ଧୁମ୍‌ଧାମରେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରତିବର୍ଷ ପରି ଏଥର ମଧ୍ୟ ୪୦ ମଣ୍ଡପର ଠାକୁର ଭସାଣିରେ ସାମିଲ ହୋଇଥିଲେ। ଭସାଣି କମିଟି ଅଧ୍ୟକ୍ଷ ସଂଗ୍ରାମ କେଶରୀ ରାଉତରାୟଙ୍କ ପୂର୍ବ ପ୍ରସ୍ତୁତି ଅନୁଯାୟୀ ବିଭିନ୍ନ ପୂଜା ମଣ୍ଡପର ଠାକୁର ବିଭିନ୍ନ ପାରମ୍ପରିକ ବାଦ୍ୟରେ ରୋଶଣି କରି ସ୍ଥାନୀୟ ସୀତାରାମଛକ ମେଳଣ ସ୍ଥଳରେ ଏକତ୍ରିତ ହୋଇଥିଲେ। ପରେ ଠାକୁରଙ୍କୁ ସ୍ୱାଗତ ଏବଂ ସମ୍ବର୍ଦ୍ଧନା ପରେ ବିସର୍ଜନ ପାଇଁ ଭସାଣି ଆରମ୍ଭ ହୋଇଥିଲା। ଆନ୍ଧ୍ରା ବ୍ୟାଙ୍କ ଛକଠାରେ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ନଗରପାଳ ଅନନ୍ତ ବେହେରାଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ଶୋଭାଯାତ୍ରାରେ ସାମିଲ ଠାକୁରଙ୍କୁ ସ୍ୱାଗତ କରିବା ସହିତ ପୂଜା ମଣ୍ଡପ ସଭାପତି ଏବଂ ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ସ୍ଥାନୀୟ ଏଲ୍‌ଆଇସି କାର୍ଯ୍ୟାଳୟଠାରେ ଜଟଣୀ ନଗର କଂଗ୍ରେସ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କଂଗ୍ରେସ ନେତା ଜୟଦେବ ଜେନା, ସନ୍ତୋଷ ଜେନାଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ। ସେହିପରି ଥାନା ଛକଠାରେ ସାମାଜିକ ଅନୁଷ୍ଠାନ 'ଆଶ୍ରୟ' ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ଖାଦ୍ୟ ସହିତ ପାନୀୟଜଳ ବଣ୍ଟନ କରାଯାଇଥିଲା। ମହୁଲଗଡ଼ିଆ ଛକଠାରେ କର୍ମ ମନ୍ଦିର ଜଟଣୀ ପକ୍ଷରୁ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ପ୍ରବକ୍ତା ସୁଦୀପ୍ତ ରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସ୍ଥାନୀୟ ଥାନା ଛକଠାରେ ଜଟଣୀ ନାଗରିକ କମିଟି ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। ସେହିପରି ମାରୱାଡି ଯୁବ ମଞ୍ଚ ଜଟଣୀ ସିଟି ଶାଖା ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ହରିଭାଇନା ଛକଠାରେ ପୂର୍ବତନ କାଉନସିଲର ବିରଞ୍ଚି ନାରାୟଣ ସେଠୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା ବେଳେ ମ୍ୟୁନିସିପାଲିଟି ଛକଠାରେ ଜଟଣୀ ନଗର ଭାଜପା ପକ୍ଷରୁ ମେଲୋଡି ଏବଂ ସମ୍ବର୍ଦ୍ଧନା ଉତ୍ସବ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭାଜପା ନେତା ବିଶ୍ୱରଞ୍ଜନ ବଡ଼ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ସମାଜର ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମା' ଡମଣେଇ ମନ୍ଦିର ନିକଟରେ ହରିଭାଇନା ଛକ ବ୍ୟବସାୟୀ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ସଭା ହୋଇଥିଲା। ଭସାଣି ଉତ୍ସବ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ପ୍ରାୟ ୫ କିଲୋମିଟର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। କଣ୍ଢେଇ ନାଚ, ବୁଢ଼ାବୁଢ଼ୀ ନାଚ, ଘୋଡ଼ା ନାଚ, ପାଇକ ଆଖଡ଼ା, ଝାଞ୍ଜ କୀର୍ତ୍ତନ, ଘଣ୍ଟମର୍ଦ୍ଦଳ, ଢୋଲ ମହୁରୀ, ସମ୍ବଲପୁରୀ ଏବଂ ଆଧୁନିକ ଗୀତର ତାଳେତାଳେ ଶ୍ରଦ୍ଧାଳୁଙ୍କ ନାଚ ସାଜିଥିଲା ଆକର୍ଷଣର କେନ୍ଦ୍ରବିନ୍ଦୁ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ୧୦ ପ୍ଲାଟୁନ ଫୋର୍ସ, ଆଇଆଇସି ର୍ୟାଙ୍କର ୧୦ ଅଧିକାରୀ, ଏସିପି, ଆଡିସିନାଲ ଡିସିପି ଉପସ୍ଥିତ ଥିଲେ। ମୂର୍ତ୍ତି ବିସର୍ଜନ ପାଇଁ ପୌର ପ୍ରଶାସନ ପକ୍ଷରୁ ସ୍ଥାନୀୟ ଷଣ୍ଢପୁରଠାରେ ୩ଟି ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇଥିବା ବେଳେ ଲାଇଟ ବ୍ୟବସ୍ଥା କରାଯାଇଥିଲା। ପୌର ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ୧୨ଜଣ ପୌର କର୍ମଚାରୀ ନିୟୋଜିତ ହୋଇଥିଲେ।



ଭସାଣି ଶୋଭାଯାତ୍ରାରେ ପରିବେଷିତ ଘୋଡ଼ାନାଚ।



ଶୋଭାଯାତ୍ରାରେ ମହିଳାମାନେ ସଂକୀର୍ତ୍ତନ କରୁଛନ୍ତି।



ଭସାଣି ଶୋଭାଯାତ୍ରାରେ ପରିବେଷିତ ଅଘୋରୀ ନୃତ୍ୟ।



ଆଦିବାସୀ ନୃତ୍ୟ ପରିବେଷଣ କରାଯାଉଛି।



ବୁଢ଼ାବୁଢ଼ୀ ବେଶରେ କଣ୍ଢେଇ ନାଚ ପରିବେଷଣ କରୁଛନ୍ତି।

# ପାହାଡ଼ ପାଦଦେଶରେ ଲାଗିଲା ବର ଓସ୍ତ

ବୋଲଗଡ଼,୧୬।୯(ଦେବବ୍ରତ ହୋତା)

ବୋଲଗଡ ବ୍ଲକ ସ୍ଥିତ ସାନପଦର ପଞ୍ଚାୟତର ବିନ୍ଧ୍ୟଗିରି ପର୍ବତ ପାଦଦେଶରେ ଶତାଧିକ ବର ଓ ଓସ୍ତ ଗଛ ଲଗାଯାଇଛି। ସାନପଦର ପଞ୍ଚାୟତ ସମିତିସଭ୍ୟ ଦିଲୀପ କୁମାର ମହାପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଚାରାରୋପଣ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ହରିଶରଣ ମହାରାଜ ବର ଏବଂ ଓସ୍ତ ଚାରା ପ୍ରଦାନ କରିବା ସହ ରୋପଣ କରିଥିଲେ। ଏଥିରେ ସାନପଦର ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ସଞ୍ଜୟ କୁମାର ସାହୁ, ଶିକ୍ଷକ ଅଶୋକ କୁମାର ନାୟକ, ପପୁ ନାୟକଙ୍କ ସମେତ ଗଡଉଡ଼ସାହିର ଯୁବକମାନେ ସହଯୋଗ କରିଥିଲେ। ବର ଓସ୍ତ ଗଛ ପ୍ରଚୁର ଅମ୍ଳଜାନ ଦେବା ଓ ପରିବେଶ ସନ୍ତୁଳନ ରକ୍ଷା କରିବା ସହିତ ପକ୍ଷୀଜଗତର ବଂଶ ବୃଦ୍ଧିରେ ସହାୟକ ହୋଇଥାଏ ବୋଲି ହରିଶରଣ ମହାରାଜ କହିଥିଲେ। ଆହୁରି ଶହେ ଚାରା ପର୍ବତରେ ଲାଗିବ ବୋଲି ସମିତିସଭ୍ୟ ଦିଲୀପ କୁମାର ମହାପାତ୍ର କହିଛନ୍ତି। ଏହି ଚାରାରୋପଣ କାର୍ଯ୍ୟକ୍ରମରେ ନୀଳାଚଳ ସାରସ୍ୱତ ପାଠାଗାରର ସମସ୍ତ ସଭ୍ୟ ପରିଚାଳନା କରିଥିଲେ।

# ଭାଗବତ ପଠନ, ଶ୍ରବଣ ସାତ୍ତ୍ୱିକତା ଆଣେ

ଖୋର୍ଦ୍ଧା,୧୮।୯(ପ୍ରଭାତ ପାଣିଗ୍ରାହୀ)

ତ୍ରିନାଥ ଚରଣ ସ୍ମୃତି କଳା ଓ ସାହିତ୍ୟ ସଂସଦ ପକ୍ଷରୁ ଓଡ଼ିଆ ଭାଗବତ ଉପରେ ଏକ ଆଲୋଚନାଚକ୍ର ଗାୟତ୍ରୀ ମନ୍ଦିର ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ ଅଧ୍ୟକ୍ଷତା କରିଥିଲେ। ସଂଯୋଜକ ଗୋବିନ୍ଦ ଚନ୍ଦ୍ର ମହାରଣା କହିଥିଲେ, ବ୍ୟାସଦେବ ସଂସ୍କୃତରେ ଶ୍ରୀମଦ୍ ଭାଗବତ ମହାପୁରାଣ ରଚନା କରିଥିଲେ। ତାଙ୍କ ପୁତ୍ର ସୁକଦେବ ରାଜା ପରିକ୍ଷୀତଙ୍କୁ ଶୁଣାଇଥିଲେ। ପଞ୍ଚଶଖା ଅତିବଡ଼ୀ ଜଗନ୍ନାଥ ଦାସ ମା'ଙ୍କ ଅନୁରୋଧକ୍ରମେ ଓଡ଼ିଆ ଭାଷାରେ ଭାଗବତ ରଚନା କରିଥିଲେ। ଭାଗବତ ଓଡ଼ିଆ ଜାତିର ମଉଡମଣି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅତି ପ୍ରିୟ। ଓଡ଼ିଶାର ଘରେ ଘରେ ଓ ଗ୍ରାମେ ଗ୍ରାମେ ଭାଗବତ ଗାଦିରେ ପୂଜା ପାଉଛନ୍ତି। ଦୈନିକ ଭାଗବତ ପାଠ ପରିବାରରେ ଏକ ଆଧ୍ୟାତ୍ମିକତା ବାତାବରଣ ସହ ସୁଖ ସମୃଦ୍ଧି ବୃଦ୍ଧି ପାଇଥାଏ। ମୁଖ୍ୟ ଅତିଥି ସାହିତ୍ୟିକ ରାଜକିଶୋର ପାଣିଗ୍ରାହୀ କହିଥିଲେ, ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ପ୍ରତ୍ୟେକ ଜନସାଧାରଣ ହୃଦୟକୁ ସ୍ପର୍ଶ କରିପାରିଛି। ଶିକ୍ଷାବିତ୍ ସତ୍ୟବାନ ଶ୍ରୀଚନ୍ଦନ କହିଥିଲେ, ସନାତନ ସଂସ୍କୃତିରେ ଭାଗବତ ପାଠର ବିଶେଷ ମହତ୍ତ୍ୱ ରହିଛି। ନବଜାତ ଶିଶୁ ପାଖରେ ଶ୍ରୀକୃଷ୍ଣ ଜନ୍ମଲୀଳା ଅଧ୍ୟାୟ ପଠନ କିମ୍ବା ମରଣ କାଳରେ ଭାଗବତର ବାଣୀ ପଦେ ଦି ପଦ କାନରେ ପଡ଼ିଲେ ଜୀବନଧନ୍ୟ ହୋଇଯାଏ ବୋଲି ବିଶ୍ୱାସ ରହିଛି। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଗୋପାଳ କୃଷ୍ଣ ଦାସ, ବିଭୁ ପ୍ରସାଦ ହରିଚନ୍ଦନ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, କୈଳାସ ଚନ୍ଦ୍ର ପୃଷ୍ଟି, ଡ.ବୃନ୍ଦାବନ ପଣ୍ଡା, ବିଜୟ ଚନ୍ଦ୍ର ମହାପାତ୍ର, ବଂଶୀଧର ଦାସ, ବିନତି ମିଶ୍ର ଓ ସତ୍ୟାନନ୍ଦ ବେହେରା ଭାଗବତର ଉପାଦେୟତା ଉପରେ ଆଲୋକପାତ କରିବା ସହିତ ଆମ ସମାଜକୁ ନୈତିକ ଶିକ୍ଷା ପ୍ରଦାନ କରୁଥିବାରୁ ଏହାର ଗୁରୁତ୍ୱ ରହିଛି ବୋଲି ମତ ଦେଇଥିଲେ। ସମ୍ପାଦିକା ଇତିଶ୍ରୀ ସାହୁ ପାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଜ୍ୟୋତିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।



# 'କୃତ୍ରିମ ବୁଦ୍ଧିମତ୍ତା, ସମ୍ଭାବନା ଓ ଚିନ୍ତା' ଆଲୋଚନାଚକ୍ର

ବେଗୁନିଆ,୧୮।୯(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ସ୍ଥାନୀୟ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ୨୨ଟି ଉଚ୍ଚ ବିଦ୍ୟାଳୟର ୨୨ ଜଣ ପ୍ରତିଯୋଗୀ ଯୋଗଦେଇଥିଲେ। ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରା, ପଞ୍ଚପଲ୍ଲୀ ବାଉତୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଣେଶ୍ୱର ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିବ କୁମାର ମୁନି, ବେଗୁନିଆ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ଶୁଭେନ୍ଦୁ ପଟ୍ଟନାୟକ, ରସାୟନ ବିଜ୍ଞାନ ବିଭାଗ ଅଧ୍ୟାପକ ସୌମ୍ୟ ରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। 'କୃତ୍ରିମ ବୁଦ୍ଧିମତ୍ତା, ସମ୍ଭାବନା ଓ ଚିନ୍ତା' ସମ୍ବନ୍ଧରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)କୁ ନେଇ ବିଶ୍ୱରେ ଆରମ୍ଭ ହୋଇଛି ଏକ ନୂଆ ବିତର୍କ। ଏହାର ପରୀକ୍ଷଣ ବନ୍ଦ କରା ନ ଗଲେ ଭବିଷ୍ୟତରେ ମାନବ ସମାଜକୁ ପ୍ରଭାବିତ କରିବ। କୃତ୍ରିମ ବୁଦ୍ଧିମତ୍ତା ହେଉଛି ଏପରି ଏକ ବ୍ୟବସ୍ଥା, ଯାହା କମ୍ପ୍ୟୁଟର ମାଧ୍ୟମରେ ତଥ୍ୟର ଅନୁଶୀଳନ ଓ ବିଶ୍ଳେଷଣ କରି ମଣିଷର ପରିବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବାକୁ ସକ୍ଷମ ହୋଇପାରୁଛି। ତେଣୁ ଆଗକୁ ଏଆଇ କିଭଳି ଆମର ଜୀବନଯାପନକୁ ସରଳ କରିବା ସହିତ ଚାକିରି, ସୁରକ୍ଷା ଏବଂ ନିରାପତ୍ତାକୁ ପ୍ରଭାବିତ କରିବ ସେ ସମ୍ପର୍କରେ ପିଲାମାନେ ସଂକ୍ଷିପ୍ତ ଟିପ୍ପଣୀ ଦେଇଥିଲେ। ପ୍ରତିଯୋଗୀଙ୍କ ମଧ୍ୟରୁ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସଞ୍ଜନା ମୁନି ପ୍ରଥମ, କଣ୍ଟାବାଡ଼ସ୍ଥିତ ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଆଦ୍ୟାଶା ମହାପାତ୍ର ଦ୍ୱିତୀୟ ଏବଂ ଡିଙ୍ଗର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରିୟଦର୍ଶିନୀ ପରିଡ଼ା ତୃତୀୟ ସ୍ଥାନ ହାସଲ କରି ଖୋର୍ଦ୍ଧା ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ବିବେଚିତ ହୋଇଛନ୍ତି।

# ଶ୍ରୀଭାଗବତ ଜୟନ୍ତୀ, ପାରାୟଣ

ଖୋର୍ଦ୍ଧା,୧୮।୯(ପ୍ରଭାତ ପାଣିଗ୍ରାହୀ)

ଶ୍ରୀଚୈତନ୍ୟ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଶ୍ରୀଚୈତନ୍ୟ ବିହାରଠାରେ ଶ୍ରୀମଦ୍ ଭାଗବତ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ନାମ ସଂକୀର୍ତ୍ତନ, ବେଦପାଠ, ମନ୍ତ୍ରୋଚାରଣ, ଭାଗବତ ପାଠ କରାଯାଇଛି। ଇଂ.ଗୋପୀଜନ ବଲ୍ଲଭ ଦଳେଇ ଯୋଗଦେଇ ଭାଗବତ ଜନ୍ମ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଶ୍ରୀଚୈତନ୍ୟ ଗବେଷକ ଜାନକୀ ବଲ୍ଲଭ ପଟ୍ଟନାୟକ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଘରେ ଘରେ ଭାଗବତ ଓ ଶ୍ରୀଚୈତନ୍ୟଙ୍କ ନାମ ସଂକୀର୍ତ୍ତନ କିପରି ଆଦୃତି ଲାଭ କରିଛି କହିଥିଲେ। ଅତିଥିଭାବେ ଅଶୋକ ରଣା, ବୋଧାୟନ ମହାରାଜ, ଅନନ୍ତ ବାବା, ବ୍ରଜ ବାବା, ଶିଶିର ରାଉତ, ସନ୍ତୋଷୀ ସାହ ପ୍ରମୁଖ ଯୋଗଦେଇ ଭାଗବତର ମହିମା ସମ୍ପର୍କରେ ଆଲୋଚନା କରିଥିଲେ। ବନ୍ଦିତା ପଟ୍ଟନାୟକ ଭାଗବତ ପୁରାଣ ପାରାୟଣ କରିଥିବା ବେଳେ ଜଗଦୀଶ ପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ସେହିପରି ରାଧାବଲ୍ଲଭ ସାହିସ୍ଥିତ ରାଧାବଲ୍ଲଭ ମନ୍ଦିର ପରିସରରେ ଭାଗବତ ପ୍ରଚାର ସମିତି ଆନୁକୂଲ୍ୟରେ ଚାଲିଥିବା ଭାଗବତ ପାରାୟଣ ସପ୍ତାହ ପୂର୍ଣ୍ଣାହୁତି ସହ ଭାଗବତ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ସନ୍ଧ୍ୟା ଆଳତି ପରେ ଉତ୍ସବ ଆରମ୍ଭ ହୋଇଥିଲା। ଶ୍ରୀମଦ୍ ଭାଗବତ ପାଠ, ୧୦୮ ତୁଳସୀ ଅର୍ପଣ, ପାରାୟଣ, ଆଳତି, ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏକାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଭଗବତମୟ ପରିବେଶ ସୃଷ୍ଟି ହୋଇଥିଲା। ଭାଗବତ ଓଡ଼ିଆ ଜାତିର ହୃଦୟ ସ୍ପନ୍ଦନ। ଘରେ ଘରେ ଦୈନିକ ଭାଗବତ ପାଠ କରାଯାଏ। ଗ୍ରାମାଞ୍ଚଳରେ ସ୍ୱତନ୍ତ୍ର ଭାବେ ଭାଗବତ ଘର ରହିଛି। ସେଠାରେ ଦୈନିକ ସକାଳ ଏବଂ ସନ୍ଧ୍ୟାରେ ଭାଗବତ ପାଠ କରାଯାଏ। ଓଡ଼ିଆ ଭାଗବତ ରଚନା ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଏକ କାଳଜୟୀ ରଚନା। ଏଥିଲାଗି ସେ ଯୁଗଯୁଗ ଧରି ଓଡ଼ିଆଙ୍କ ହୃଦୟରେ ବାସ କରିଛନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତିରେ ଓଡ଼ିଆ ଭାଗବତ ପାଠର ସ୍ୱତନ୍ତ୍ରତା ରହିଛି ବୋଲି ମତପ୍ରକାଶ ପାଇଥିଲା।



କାର୍ଯ୍ୟକ୍ରମରେ ଭାଗବତ ପଠନ କରାଯାଉଛି।

# ତ୍ୱରାନ୍ୱିତ ହେବ ପାଇକ ସ୍ମାରକୀ କାର୍ଯ୍ୟ

**ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କଲେ ସଂସ୍କୃତି ବିଭାଗ ଯୁଗ୍ମ ସଚିବ**

ଖୋର୍ଦ୍ଧା,୧୮।୯(ପ୍ରଭାତ ପାଣିଗ୍ରାହୀ)

ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଯୁଗ୍ମ ସଚିବ ଉମା ନନ୍ଦୁରି ବୁଧବାର ଖୋର୍ଦ୍ଧା ଗସ୍ତରେ ଆସି ବରୁଣେଇ ପାହାଡ଼ ପାଦଦେଶରେ ପ୍ରସ୍ତାବିତ ପାଇକ ସ୍ମାରକୀ ସ୍ଥଳ ପରିଦର୍ଶନ କରିଛନ୍ତି। ଏଥିସହ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସ୍ମାରକୀ ନିର୍ମାଣ ଅଗ୍ରଗତି, ପ୍ରୋଜେକ୍ଟ ପ୍ଲାନ ଉପରେ ଆଲୋଚନା କରିବା ସହ ପ୍ରସ୍ତୁତ ଡିପିଆର ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ବିଧାୟକ ପ୍ରଶାନ୍ତ ଜଗଦେବ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କେତନ, ସତନ୍ତ୍ର ସଚିବ ବାଲ୍ ମୁକୁନ୍ଦ ଭୂଇଁ, ଜିଲାପାଳ ଚଞ୍ଚଳ ରାଣା, ଡିଏଫ୍‌ଓ ପି.ପୂର୍ଣ୍ଣିମା, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ପୂର୍ତ୍ତ ନିର୍ବାହୀ ଯନ୍ତ୍ରୀ ଶିବଲାଲ ସାହୁ, ତହସିଲଦାର ବିଭାସ ପାଣିଗ୍ରାହୀ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସଙ୍କ ସମେତ ଆଇଓସିଏଲ ର ସିଇଓ, ଅଏଲ୍ ଇଣ୍ଡିଆ ଫାଉଣ୍ଡେଶନ ଅଧିକାରୀ ଏବଂ ଜିଲାର ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ମାରକୀ ନିର୍ମାଣ ତ୍ୱରାନ୍ୱିତ ଉପରେ ବିଧାୟକ ଜଗଦେବ ଗୁରୁତ୍ୱ ଦେଇଥିଲେ। ଏଥିସହ ବରୁଣେଇ ପାହାଡ଼ ସୀତାକୁଣ୍ଡର ଉନ୍ନତି ଏବଂ ପର୍ଯ୍ୟଟକଙ୍କ ଲାଗି ରୋପ ୱେ ସଂଯୋଗ ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରସ୍ତାବିତ ସ୍ଥାନରୁ ଜଙ୍ଗଲ ବିଭାଗ ଦ୍ୱାରା ଶାଗୁଆନ ଗଛ ଏବଂ ବିଦ୍ୟୁତ୍ ବିଭାଗ ଦ୍ୱାରା ୩୩କେଭି ବିଦ୍ୟୁତ୍ ଖୁଣ୍ଟ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ସ୍ମାରକୀ ସ୍ଥଳର ଦକ୍ଷିଣପାର୍ଶ୍ୱରେ ନୂତନ ରାସ୍ତା କାର୍ଯ୍ୟ ଚଳିତ ମାସ ୩୦ତାରିଖ ସୁଦ୍ଧା ଆରମ୍ଭ କରିବାକୁ ଜିଲାପାଳ କହିଥିଲେ। ସ୍ମାରକୀ ନିର୍ମାଣ ଦାୟିତ୍ୱରେ ଥିବା ସଂସ୍ଥା ରାଜ୍ୟ ସଂସ୍କୃତି ବିଭାଗ, ପର୍ଯ୍ୟଟନ ବିଭାଗ ଏବଂ ଜିଲା ପ୍ରଶାସନ ସହ ସମନ୍ୱୟରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ସଂସ୍କୃତି ବିଭାଗର ଯୁଗ୍ମ ସଚିବ ନନ୍ଦୁରି ପରାମର୍ଶ ଦେଇଥିଲେ।

ପ୍ରକାଶ ଯେ, ୨୦୧୯ ଡିସେମ୍ବର ୮ରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପାଇକ ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ରାଜ୍ୟ ସରକାର ସ୍ମାରକୀ ନିର୍ମାଣ ପାଇଁ ୧୦ଏକର ଜମି ଯୋଗାଇଦେଇଥିଲେ। ପରେ ପ୍ରସ୍ତାବିତ ଜାଗା ଜଙ୍ଗଲ ବିଭାଗ, ଘରୋଇ ଶିକ୍ଷାନୁଷ୍ଠାନ ଏବଂ ଶିଳ୍ପ ସଂସ୍ଥା ଜବରଦଖଲ ରହିଥିବା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପରେ ପ୍ରଶାସନ ପକ୍ଷରୁ ଜମି ମାପଚୁପ ପରେ ଏହା ରାଜସ୍ୱ ବିଭାଗ ଜମି ବୋଲି ସ୍ପଷ୍ଟ ହୋଇଥିଲା। ତେବେ ପ୍ରସ୍ତାବିତ ଜମିରେ ଜଙ୍ଗଲ ବିଭାଗ ପକ୍ଷରୁ ଲାଗିଥିବା ମୂଲ୍ୟବାନ ଗଛ ଏବଂ ବିଦ୍ୟୁତ ବିଭାଗ ୩୩କେଭି ଖୁଣ୍ଟକୁ ନେଇ ବିବାଦ ଉଠିଥିଲା। ୨୦୨୨ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଖୋର୍ଦ୍ଧା ଗସ୍ତରେ ଆସି ସ୍ମାରକୀ ସ୍ଥଳ ସମୀକ୍ଷା କରିଥିଲେ। ଗଛ ଏବଂ ବିଦ୍ୟୁତ୍ ଖୁଣ୍ଟ ସମ୍ପ୍ରସାରଣ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅର୍ଥ ଯୋଗାଇ ଦିଆଯାଇଥିଲା। ୨୦୨୩ ଜୁଲାଇରେ ରାଜ୍ୟ ସରକାର ଫ୍ରି ପ୍ରିମିୟମରେ ଏହି ଜମି କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟକୁ ପ୍ରଦାନ କରିଥିଲେ। ସେହି ବର୍ଷ ଡିସେମ୍ବରରେ ନିର୍ମାଣ ଦାୟିତ୍ୱରେ ଥିବା ଅଏଲ ଇଣ୍ଡିଆ ଫାଉଣ୍ଡେଶନ ଭୂମିପୂଜନ କରିଥିଲେ ମଧ୍ୟ କୌଣସି କାରଣରୁ ପୁଣି କାର୍ଯ୍ୟ ଅଟକି ରହିଥିଲା। ଗତ ମାସରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ସଂସ୍କୃତି ଓ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ମାରକୀ ସ୍ଥଳ, ଖୋର୍ଦ୍ଧାଗଡ଼ ପୁନରୁଦ୍ଧାର, ବରୁଣେଇ ପୀଠ ଓ ଅତ୍ରି ଉଷ୍ଣପ୍ରସ୍ରବଣ ସୌନ୍ଦର୍ଯ୍ୟକରଣ ସମୀକ୍ଷା କରିଥିଲେ। ସ୍ମାରକୀ ଏବଂ ଅନ୍ୟ ଐତିହ୍ୟସ୍ଥଳ ପୁନରୁଦ୍ଧାର କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।



ସମୀକ୍ଷା ବୈଠକରେ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଯୁଗ୍ମ ସଚିବ ଉମା ନନ୍ଦୁରି ଏବଂ ଅନ୍ୟମାନେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮।୯।୨୦୨୪

| ୩,୪୪,୦୩୮ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ଅଳଗୁମ କାଠିଯାତ୍ରାରେ ଶ୍ରଦ୍ଧାଳୁଙ୍କ ସମାଗମ

ସାକ୍ଷୀଗୋପାଳ,୧୮।୯(ଭରତ ରାଉତ/ କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଅଳଗୁମ ଗ୍ରାମର ଆରାଧ୍ୟା ଠାକୁରାଣୀ ମା’ ଜାଗୁଳେଇଙ୍କ ପାରମ୍ପରିକ କାଠିଯାତ୍ରାରେ ବୁଧବାର ୫ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ଯାତ୍ରା ୧୫ଦିନ ଧରି ଚାଲେ। ଗୁରୁବାର କାଠିଯାତ୍ରା ଉଦ୍‌ଯାପନ ହେବ। ପରମ୍ପରା ଅନୁଯାୟୀ, ପ୍ରତିବର୍ଷ ଭାଦ୍ରବ ମାସ ଷଷ୍ଠୀ ତିଥିରେ ମା’ଙ୍କ ଆଖିରୁ ବିରିଜାବ ଖୋଲାଯାଇଥାଏ। ଏହି ଯାତ୍ରାର ଶେଷ ପର୍ଯ୍ୟାୟରେ ବୁଧବାର ଅଳଗୁମ୍ ଗ୍ରାମର ମା’ ଜାଗୁଳେଇଙ୍କ ମନ୍ଦିର ଚତୁଃପାର୍ଶ୍ୱ ସହିତ ବାରବାଟୀ ପଡ଼ିଆରେ ଶ୍ରଦ୍ଧାଳୁଙ୍କ ସମାବେଶ ସହ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସକାଳୁ ମନ୍ଦିରରେ ଦେବୀଙ୍କ ମାଜଣା, ବେଶ, ଧୂପ ସମାପନ ପରେ କାଠି ମାଜଣା କରାଯାଇଥିଲା। ମାନସିକଧାରୀ ଶ୍ରଦ୍ଧାଳୁମାନେ ଦେଇଥିବା ଶତାଧିକ ନୂଆ ଶାଢ଼ି କାଠିରେ ରଜକ ସେବାୟତ କୁଞ୍ଚକରି ବାନ୍ଧିଥିବା ଦେଖିବାକୁ



ମା’ ଜାଗୁଳେଇଙ୍କ ପାରମ୍ପରିକ କାଠିଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼।

ମିଳିଥିଲା। ଦେବୀଙ୍କ ଆଜ୍ଞାମାଳ ଓ ଗୋଟିଏ ପିତ୍ତଳ ଗରା କାଠିର ଗୋଟିଏ ମୁଣ୍ଡରେ ଲାଗି କରାଯାଇଥିଲା। ଘଣ୍ଟ, କାହାଳୀ, ଢୋଲ, ମହୁରୀ ସହ ମା’ଙ୍କ ଜୟ ଜୟକାର ଧ୍ୱନି ମଧ୍ୟରେ ସେବାୟତମାନେ କାନ୍ଧରେ କାଠି ବୋହି ମା’ଙ୍କୁ ଲାଗି କରିଥିଲେ। ପରେ କାଠିବେଢ଼ା ପରିକ୍ରମା ସହ ପଟୁଆରରେ ବାରବାଟୀ ପଡ଼ିଆକୁ ବିଜେ କରିଥିଲେ। ସେଠାରେ କାଠି ପୋତାଯିବା ପରେ ଜାଗୁଳେଇଙ୍କ କାଳିସୀ ସୁରେନ୍ଦ୍ର ବରାଳ ଉପସ୍ଥିତ ହୋଇ କାଠି ଉପରକୁ ଉଠି ଭବିଷ୍ୟବାଣୀ କରିଥିଲେ। ବିଭିନ୍ନ ରୋଗରୁ ଉପଶମ ଓ ସନ୍ତାନସନ୍ତତି ଆଶାରେ ମାନସିକଧାରୀମାନେ କାଠି ନିକଟରେ ଗୁହାରିଆ ପଡ଼ିଥିଲେ। କାଳିସୀ ସେମାନଙ୍କୁ ଆଶୀର୍ବାଦ କରିଥିଲେ। ଏହି ଅବସରରେ ଦେବୀଙ୍କୁ ମହାପ୍ରସାଦ, ପଣା, ପଇଡ଼ ଅର୍ପଣ କରାଯାଇଥିଲା। ସନ୍ଧ୍ୟାରେ ବାରବାଟୀ ପଡ଼ିଆରୁ ମନ୍ଦିରକୁ କାଠି ଫେରିଥିଲା। ମନ୍ଦିରରେ ମା’ଙ୍କ ନୀତିକାନ୍ତି ସରିବା ପରେ ବିଜେ ପ୍ରତିମା ବରଗଛ ମୂଳରେ ବିଶ୍ରାମ ନେଇଥିଲେ। ନିଶାର୍ଦ୍ଧରେ ମା’ଙ୍କୁ ସୁରାଲାଗି କରାଯାଇଥିଲା। ଗୁରୁବାର ସକାଳେ ଦାନ୍ତକାଠି ମାଜଣା ଓ ସୁରାଲାଗି କରାଯିବା ପରେ ରାତିରେ ଟାହିଆ ଲାଗି, ଭୋଗ ଆଳତି ଏବଂ ଘର ବାହୁଡ଼ା ନୀତି ଅନୁଷ୍ଠିତ ହେବ। ପରମ୍ପରା ମୁତାବକ ବିରିଜାବ ଦେଇ ଦେବୀ ପ୍ରତିମାଙ୍କ ମୁହଁ ଆଗାମୀ ବର୍ଷ ପର୍ଯ୍ୟନ୍ତ ବନ୍ଦ କରିଦିଆଯିବ। ଜନଶ୍ରୁତି ଅନୁଯାୟୀ, ମା’ ଜାଗୁଳେଇ କଟକରୁ ଗଣ୍ଡେଇ ନାୟକଙ୍କ ଶଗଡ଼ ଦଣ୍ଡାରେ ବସି ଅଳଗୁମ୍ ଚାଲିଆସିଥିଲେ। ସେବେଠୁ ଏଠାରେ ଲୋକେ ତାଙ୍କୁ ପୂଜାର୍ଚ୍ଚନା କରିଆସୁଛନ୍ତି। କାଠିଯାତ୍ରା ପାଇଁ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସହ ମେଳା ବସିଥିଲା। ଜନସମାଗମକୁ ଦୃଷ୍ଟିରେ ରଖି ସତ୍ୟବାଦୀ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।



ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ ବୁଧବାର ମହାପ୍ରଭୁଙ୍କ ଦର୍ଶନ ସାରି ଶ୍ରୀମନ୍ଦିରରୁ ଫେରୁଛନ୍ତି।

## କୂଅରେ ପଡ଼ି ଯୁବକ ମୃତ

ସାକ୍ଷୀଗୋପାଳ,୧୮।୯(ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର/ଭରତ ରାଉତ)

ସାକ୍ଷୀଗୋପାଳ ଅଞ୍ଚଳରେ ମଙ୍ଗଳବାର ଗଣେଶଙ୍କ ଭସାଣିବେଳେ ଏକ ଅଘଟଣ ଘଟିଯାଇଛି। ଏହି ସମୟରେ କୂଅରେ ପଡ଼ି ସତ୍ୟବାଦୀ ଥାନା ଅନ୍ତର୍ଗତ ସାରଙ୍ଗଯୋଡ଼ି ପଞ୍ଚାୟତ ପାହାଡ଼ବୂଳ ଗ୍ରାମର ଯୁବକ ସ୍ୱୟଂବ୍ରତ ତୁହାଣ(୨୨)ଙ୍କ ମୃତ୍ୟୁ ଘଟିଛି। ଏନେଇ ମୃତକଙ୍କ ପରିବାର ପକ୍ଷରୁ ସତ୍ୟବାଦୀ ଥାନାରେ ଅଭିଯୋଗ ପରେ ସତ୍ୟବାଦୀ ପୋଲିସ ଅପମୃତ୍ୟୁ କେସ ନମ୍ବର ୨୨/୨୪ରେ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପାହାଡ଼ବୂଳ ଗ୍ରାମର ଗଣେଶ ଭସାଣି ପାଇଁ ଶୋଭାଯାତ୍ରା ନିକଟସ୍ଥ ବିଷ୍ଣୁପୁର ଗ୍ରାମ ପରିକ୍ରମା କରିବା ସମୟରେ ଗାଁ ମଝିରେ ଥିବା କୂଅରେ ସ୍ୱୟଂବ୍ରତ ତୁହାଣ ଖସି ପଡ଼ିଥିଲେ। ଉପସ୍ଥିତ ଥିବା କେତେଜଣ ଯୁବକ ଉଦ୍ଧାର କରି ଗୁରୁତର ଅବସ୍ଥାରେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ପୁରୀ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପୁରୀରେ ଚିକିତ୍ସାଧୀନ ଅବସ୍ଥାରେ ସ୍ୱୟଂବ୍ରତଙ୍କ ମୃତ୍ୟୁ ହୋଇଥିଲା। ସତ୍ୟବାଦୀ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ସତ୍ୟବାଦୀ ଥାନା ଅଧିକାରୀ ଉମେଶ ସାହୁ ପ୍ରକାଶ କରିଛନ୍ତି।

# ନିମାପଡ଼ା- ସରଦେଇପୁର ମୁଖ୍ୟରାସ୍ତା ମରଣଯନ୍ତା



ନିମାପଡ଼ା,୧୮।୯(ରଞ୍ଜନ ପଟ୍ଟନାୟକ)

ଭୁବନେଶ୍ୱର ପୂର୍ତ୍ତବିଭାଗ ଡିଭିଜନ-୨ ଅଧୀନରେ ଥିବା ନିମାପଡ଼ା ଜୟଶ୍ରୀ ଛକଠାରୁ ସରଦେଇପୁର ପର୍ଯ୍ୟନ୍ତ ଯାଇଥିବା ୨୦ କି.ମି. ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତା ଦେଇ ନିମାପଡ଼ାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଦୂରତା କମ୍ ହୋଇଥିବାରୁ ଦୈନିକ ଶହଶହ ସଂଖ୍ୟାରେ ଗାଡ଼ିମୋଟର ଯିବା ଆସିବା କରିଥାଏ। ନିମାପଡ଼ା ଓମଫେଡ୍ ଛକ ସମ୍ମୁଖରେ ପ୍ରାୟ ୧୦୦ ମିଟର ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇପଡ଼ିଛି। ବର୍ଷାବେଳେ ରାସ୍ତାରେ ଠାଏ ଠାଏ ପାଣି ଜମି ରହିବା ଫଳରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଡ଼ିମୋଟର ଯାତାୟାତ ସମୟରେ ପାଣି ଛିଟିକି ଘର ଏବଂ ଦୋକାନରେ ପଡୁଛି। ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣାମାନ ଘଟୁଛି। ରାସ୍ତାଟି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିର୍ବାଚନମଣ୍ଡଳୀରେ ଅନ୍ତର୍ଗତ ଥିବାରୁ ତାଙ୍କର ଦୃଷ୍ଟି ଆକର୍ଷଣ କରାଯାଇଛି। ତୁରନ୍ତ ରାସ୍ତା ସମସ୍ୟାର ସମାଧାନ ପାଇଁ ଅଞ୍ଚଳବାସିନ୍ଦା ବିଜୟ ପ୍ରଧାନ, ସମୀର ନାୟକ, ସନ୍ତୋଷ ସାହୁ ପ୍ରମୁଖ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ଏ ବିଷୟରେ ଟେଲିଫୋନ ଯୋଗେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଫଳରେ ଭୁବନେଶ୍ୱର ପୂର୍ତ୍ତବିଭାଗ ଡିଭିଜନ-୨ ନିର୍ବାହୀ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ହସ୍ତଗତ ହୋଇପାରିନାହିଁ।

# ଦ୍ୱାଦଶ ବିଶ୍ୱକର୍ମା ମହୋତ୍ସବ ଉଦ୍‌ଯାପିତ




ବିଶ୍ୱକର୍ମା ମହୋତ୍ସବର ଉଦ୍‌ଯାପନୀ ଦିବସରେ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପିପିଲି,୧୮।୯(ଦୁର୍ଗାମାଧବ ମିଶ୍ର)

ପିପିଲିର ସିଦ୍ଧେଶ୍ୱର ଦେବ ରାଜମିସ୍ତ୍ରୀ ସଂଘ ପକ୍ଷରୁ ସ୍ଥାନୀୟ ଜୟପୁର ଛକଠାରେ ୨ ଦିନିଆ ଦ୍ୱାଦଶ ବିଶ୍ୱକର୍ମା ମହୋତ୍ସବ-୨୦୨୪ ଧୁମ୍‌ଧାମରେ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସଂଘ ଉପଦେଷ୍ଟା ସାମାଜିକ କର୍ମୀ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ କମିଶନରେଟ୍ ପୋଲିସ ଏସିପି ଶରତ କୁମାର ସାହୁ, ପିପିଲି ଆଇଆଇସି ସୌମେନ୍ଦୁ ଶେଖର ତ୍ରିପାଠୀ, ସାମାଜିକ କର୍ମୀ ଗୁଣନିଧି ପ୍ରଧାନ, ପିପିଲି ଏନ୍‌ଏସି ଅଧ୍ୟକ୍ଷ ସେକ୍ ବାବୁ, ଯୁବ ସାମାଜିକ କର୍ମୀ ଶଶାଙ୍କ ଶେଖର ମହାନ୍ତି, କ୍ୟାପ୍‌ଟେନ୍ ଷ୍ଟିଲ ଇଣ୍ଡିଆ ଲିଃର ଅଧିକାରୀ ବବିତା ପୃଷ୍ଟି, ବରିଷ୍ଠ ଖବରଦାତା ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ। ଦେଶର ନିର୍ମାଣ କ୍ଷେତ୍ରରେ ରାଜମିସ୍ତ୍ରୀଙ୍କ ଅବଦାନ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସଭାପତି ମହେନ୍ଦ୍ର ମାଝୀ ସୂଚନା ଦେଇଥିଲେ। ସମ୍ପାଦକ ବିନୋଦ କୁମାର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅଞ୍ଚଳର ୧୨ ଜଣ ବରିଷ୍ଠ ରାଜମିସ୍ତ୍ରୀଙ୍କୁ ‘ପିପିଲି ବିଶ୍ୱକର୍ମା ରାଜମିସ୍ତ୍ରୀ ଗୌରବ ସମ୍ମାନ-୨୦୨୪’ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ପୋଲିସ ଏସିପି ସାହୁ, ପିପିଲି ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ସାମାଜିକ କର୍ମୀ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ଗୁଣନିଧି ପ୍ରଧାନ, ପୌରାଧ୍ୟକ୍ଷ ସେକ୍ ବାବୁଙ୍କ ସମେତ ୧୬ ଜଣଙ୍କୁ ‘ପିପିଲି ବିଶ୍ୱକର୍ମା ସେବା ସମ୍ମାନ-୨୦୨୪’ରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ନୂଆଶାସନ ଗ୍ରାମର ପିପି ଡ୍ୟାନ୍ସ ଗ୍ରୁପ କଳାକାରଙ୍କ ଦ୍ୱାରା ଚିତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିବାବେଳେ ମ୍ୟାଜିସିଆନ୍ ବିଶ୍ୱରଞ୍ଜନ ସାହୁ ମ୍ୟାଜିକ୍ ପରିବେଷଣ କରିଥିଲେ।

## ସୁଭଦ୍ରା ଯୋଜନା: ନାମ ପଞ୍ଜୀକରଣ ପାଇଁ ଟଙ୍କା ଆଦାୟ ଅଭିଯୋଗ

ଗୋପ,୧୮।୯(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଅଧୀନ କେତେକ ଜନସେବା କେନ୍ଦ୍ରରେ ହାତଗୁଞ୍ଜା ନ ଦେଲେ ସୁଭଦ୍ରା ଯୋଜନାରେ ନାମ ପଞ୍ଜୀକରଣ କରାଯାଉ ନ ଥିବା ବିଡିଓ ଛବିରାଣୀ ସାହୁଙ୍କ ନିକଟରେ ଅଭିଯୋଗ ହୋଇଛି। ଏପରି ଅଭିଯୋଗକୁ ନେଇ ତଦନ୍ତ ହେବ ବୋଲି ବିଡିଓ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗୋଟିଏ ସପ୍ତାହ ତଳେ ମହଲପଡ଼ା ପଞ୍ଚାୟତର ଏକ ଜନସେବା କେନ୍ଦ୍ରରେ ଟଙ୍କା ଆଦାୟକୁ ନେଇ ସରପଞ୍ଚ ଶୀର୍ଷ ରଞ୍ଜନ ନାୟକ ଅଭିଯୋଗ କରିବା ପରେ ବିଡିଓ ସାହୁ ତଦନ୍ତ କରି ସମ୍ପୃକ୍ତ ଜନସେବା କେନ୍ଦ୍ରର ସୁଭଦ୍ରା ଯୋଜନା ଆଇଡିକୁ ବନ୍ଦ କରିଥିଲେ। ପରେ ଶିମିଳି ପଞ୍ଚାୟତରୁ ମଧ୍ୟ ଅଭିଯୋଗ ଆସିଥିଲା। ବୁଧବାର ଗୋପ-ଚାରିଛକ ରାସ୍ତାରେ ଥିବା ଏକ ଜନସେବା କେନ୍ଦ୍ର ଆଇଡି ନମ୍ବର ସିଏସ୍‌ସି ୭୭୪୭୬୩୧୧୦୦ ସୁଭଦ୍ରା ଯୋଜନା ପଞ୍ଜୀକରଣ ଲାଗି ୧୦୦ ଟଙ୍କା ଦାବି କରୁଥିବା ଶେଖ୍ ଯାକୁବ ବିଡିଓଙ୍କୁ ଅଭିଯୋଗ କରିଛନ୍ତି। ଆବେଦନକାରୀ ୧୦୦ ଟଙ୍କା ନ ଦେଇ ପାରିବାରୁ ସମ୍ପୃକ୍ତ ଜନସେବା କେନ୍ଦ୍ରରୁ ତାଙ୍କୁ ଫେରାଇ ଦିଆଯାଇଛି। ଏ ନେଇ ବିଡିଓ କହିଛନ୍ତି, ଅଭିଯୋଗ ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ଭାଜପାର ସଦସ୍ୟତା ଅଭିଯାନ କର୍ମଶାଳା

ନିମାପଡ଼ା,୧୮।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଭାଜପା ଭିଲିଗ୍ରାମ ଗ୍ରାମପଞ୍ଚାୟତ ପକ୍ଷରୁ ସଦସ୍ୟତା ଅଭିଯାନ କର୍ମଶାଳା ଗୋଲେଇ ଛକସ୍ଥିତ କଲ୍ୟାଣ ମଣ୍ଡପଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଭାଜପା ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶ, ବରିଷ୍ଠ ଭାଜପା ନେତା ଅଶୋକ କୁମାର ସାହୁ, ସୁଧୀର ରଞ୍ଜନ ଦାଶ, ବାଳକୃଷ୍ଣ ଓଝା, ସରପଞ୍ଚ ଅରବିନ୍ଦ ମଲ୍ଲିକ, ଯୁବନେତା ରାକେଶ ବେହେରା ପ୍ରମୁଖ ଯୋଗଦେଇ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ହାତମୁଠା ଟାଣ କରିବା, କେନ୍ଦ୍ର ସରକାରଙ୍କ ବିଭିନ୍ନ ଗରିବ କଲ୍ୟାଣକାରୀ ବିକାଶମୁଖୀ ଯୋଜନାଗୁଡ଼ିକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଦିଗରେ ଦଳର କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ତୃଣମୂଳ ସ୍ତରରୁ ଦଳୀୟ ସଙ୍ଗଠନକୁ କ୍ରିୟାଶୀଳ କରିବା ଦିଗରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ।

# ସୁଭଦ୍ରା ଯୋଜନାରେ ସାମିଲହେବାକୁ ବ୍ୟାଙ୍କ ସମ୍ମୁଖରେ ଧାଡ଼ି

ଗୋପ,୧୮।୯(ଭାରତୀ ଭୂଷଣ ଉପାଧ୍ୟାୟ)

ସୁଭଦ୍ରା ଯୋଜନାରେ ସାମିଲ ହେବା ଓ ପଞ୍ଜୀକରଣ କରିବା ପାଇଁ ବୁଧବାର ଗୋପ ପଞ୍ଜାବ ବ୍ୟାଙ୍କ ସମ୍ମୁଖରେ ଭିଡ଼ ଦେଖିବାକୁ ମିଳିଛି। ଭୋର ସମୟରୁ ଆସି ଟୋକନ ପାଇବା ଲାଗି ଲମ୍ବା ଲାଇନ କରିବାକୁ ପଡୁଛି, ନଚେତ ଟିକେଟ ମିଳୁନାହିଁ ବୋଲି ମହିଳାମାନେ କହିଛନ୍ତି। ପ୍ରକାଶ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନ୍ମ ଦିବସରେ ଓଡ଼ିଶା ଆସି ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବା ସହ ବଟମ ଚିପିବା ପରେ ହିତାଧିକାରୀଙ୍କ ଜମାଖାତାକୁ ଅର୍ଥରାଶି ଯାଇଛି। ପଞ୍ଜୀକରଣ କରିବା




ଲାଗି ଆଧାରକାର୍ଡ ସହିତ ବ୍ୟାଙ୍କରେ କେୱାଇସିର ଆବଶ୍ୟକତା ପଡୁଥିବାରୁ ଶତାଧିକ ମହିଳା ଏଥିଲାଗି ବ୍ୟାଙ୍କ ସମ୍ମୁଖରେ ଲମ୍ବା ଲାଇନ ଦେଉଛନ୍ତି। ଏଭଳି ଦୃଶ୍ୟ ବୁଧବାର ଦେଖିବାକୁ ମିଳିଥିଲା। ଗୋପର ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ପୂର୍ବାହ୍ନ ୧୦ଟାରେ ଖୋଲୁଥିବା ବେଳେ ଭୋର୍ ସମୟରେ ଲୋକମାନେ ଆସି ଟୋକନ ପାଇବା ଲାଗି ଧାଡ଼ିରେ ଠିଆ ହେଉଛନ୍ତି।

# ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



ପିପିଲି,୧୮।୯(ଦୁର୍ଗାମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)

ଜିଲାସ୍ତରୀୟ କବାଡ଼ି ଓ ଖୋ ଖୋ ପ୍ରତିଯୋଗିତାକୁ ବୁଧବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି। ପିପିଲି ଜବାହର ବିଦ୍ୟାପୀଠ ଖେଳପଡ଼ିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀଙ୍କ ସହ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଜିଲା ଶିକ୍ଷାଧିକାରୀଙ୍କ ସମେତ ଜିଲାର ୧୧ ବ୍ଲକର କ୍ରୀଡ଼ା ଶିକ୍ଷକମାନେ ଉପସ୍ଥିତ ଥିଲେ। ବିଶେଷ କରି ୧୭ ବର୍ଷ ଓ ୧୪ ବର୍ଷରୁ କମ୍ ବାଳିକାବାଳକଙ୍କୁ ନେଇ ଜିଲାସ୍ତରୀୟ କବାଡ଼ି ଓ ଖୋ ଖୋ ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଜିଲାର ୧୧ଟି ବ୍ଲକର ୧୦୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ଶିକ୍ଷାର ଯେପରି ଗୁରୁତ୍ୱ ରହିଛି ସେହିପରି ଖେଳ ମଧ୍ୟ ଆମ ଶରୀର ପାଇଁ ନିହାତି ଜରୁରୀ ବୋଲି ପିପିଲି ବିଧାୟକ ପଟ୍ଟନାୟକ ପିଲାମାନଙ୍କୁ ପରାମର୍ଶ ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ପରିଡ଼ା ଏ ପୁରାତନ ବ୍ୟବସ୍ଥାର ଢାଞ୍ଚାଗତ ପରିବର୍ତ୍ତନ କରି ଶିକ୍ଷା ଓ ଖେଳ ଉଭୟ ଦିଗରେ ସୁଧାର ଆଣିବା ପାଇଁ ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। ଜବାହର ବିଦ୍ୟାପୀଠର କ୍ରୀଡ଼ା ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଜିଲା ଶିକ୍ଷାଧିକାରୀ ସମସ୍ତ ବିବରଣୀ ପ୍ରଦାନ କରିଥିଲେ।

# କେନାଲ ବନ୍ଧ ରାସ୍ତା ଅଧାପନ୍ତରିଆ

ଯୋଗେଶ୍ୱରପୁର,୧୮।୯(ରଶ୍ମିରଞ୍ଜନ ସାହୁ)

**ଶିଳାନ୍ୟାସର ୫ବର୍ଷ ବିତିଲା**

କାକଟପୁର କାକଟପୁର ଜଳସେଚନ ବିଭାଗ ଅଧୀନରେ ଥିବା କୁଣ୍ଡେଇ ଡିଷ୍ଟ୍ରିବ୍ୟୁଟାରି ବାମ ପାର୍ଶ୍ୱ ଶ୍ରୀକୋଇଲିଠାରୁ ନୂଆପାଟଣା ପର୍ଯ୍ୟନ୍ତ ପିଚୁ ରାସ୍ତା ପାଇଁ ୨୦୧୯ ଫେବୃଆରୀ ୨୬ରେ ନିମାପଡ଼ା ପୂର୍ବତନ ବିଧାୟକ ସମୀର ରଞ୍ଜନ ଦାଶ ଶୁଭ ଦେଇଥିଲେ। ଏନେଇ ୨ କୋଟି ୪୭ ଲକ୍ଷ ୩୬ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। କିନ୍ତୁ ଏହି ୬ କି.ମି. ରାସ୍ତା ମେଟାଲ ମୋରମ କରାଯିବାର ପ୍ରସ୍ତାବ ଥିଲାବେଳେ ଶ୍ରୀକୋଇଲିଠାରୁ ବାଇଦିପଡ଼ା ମାତ୍ର ୨ କି.ମି. ମେଣ୍ଟାଲ ମୋରମ କରାଯାଇଛି ଏବଂ ବରଗଡ଼ାଠାରୁ ରଙ୍ଗଟୋଟା କେନାଲ ପର୍ଯ୍ୟନ୍ତ ୧୫ ଶହ ମିଟର ପିଚୁ କରାଯାଇଛି। ବାକି ୩ କି.ମି. ରାସ୍ତା ନିର୍ମାଣ କରା ନ ଯାଇ ପଡ଼ିରହିଛି। ଓଡ଼ଙ୍ଗା ପର୍ଯ୍ୟନ୍ତ ମେଟାଲ ଉଠିଯିବା ଫଳରେ ରାତିରେ ଯାତାୟାତରେ ଲୋକେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ତପନ କୁମାର ନାୟକ ପଚାରିବାରୁ, ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବର୍ଷାଦିନ ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି। ଉକ୍ତ ରାସ୍ତାକୁ ଗ୍ରାମ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଗଲେ, ପ୍ରଧାନମନ୍ତ୍ରୀଙ୍କ ସଡ଼କ ଯୋଜନାରେ ସାମିଲ କରିବାକୁ ସାମାଜିକ କର୍ମୀ ମାନସ ପ୍ରଧାନଙ୍କ ସମେତ ଶ୍ରୀକୋଇଲି, ଜଲଛାତ୍ର, ଓଡ଼ଙ୍ଗା, ବାଇଦିପଡ଼ା ଗ୍ରାମବାସୀ ଦାବି ଜଣାଇଛନ୍ତି।



# ବୁଡ଼ିବାକୁ ବସିଲାଣି କୌଳିକ ବୃତ୍ତି

ଅସ୍ତରଙ୍ଗ,୧୮।୯(ପ୍ରଦୀପ୍ତ କୁମାର ଦୀକ୍ଷିତ)

**ମୁହଁ ଫେରାଉଛନ୍ତି ଯୁବପିଢ଼ି**

- କୁମ୍ଭକାରଙ୍କୁ ମିଳୁନି ପ୍ରୋତ୍ସାହନ
- ମାଟିପାତ୍ର ଚାହିଦା କମୁଛି

ଦିନ ଥିଲା, କୁମ୍ଭକାରମାନେ ଯେଉଁ ସାମଗ୍ରୀ ତିଆରି କରୁଥିଲେ ତାହା ବଜାର ପାଇଁ ନିଅଣ୍ଟ ପଡୁଥିଲା। ଏବେ କିନ୍ତୁ ଆଧୁନିକ ସମାଜର ଚାକଚକ୍ୟ ଭିତରେ ଲୋକେ ଆଉ ଆଗଭଳି ମାଟିପାତ୍ରକୁ ଖୋଜୁନାହାନ୍ତି। ଫଳରେ ବଜାରରେ ସେମାନଙ୍କ ସାମଗ୍ରୀ ବିକ୍ରି ନ ହୋଇ ବଳି ପଡୁଛି। ମାଟି ତିଆରି ସାମଗ୍ରୀର ଚାହିଦା କମୁଥିବାରୁ ଗାଁର ଯୁବପିଢ଼ି ନିଜ କୌଳିକ ବୃତ୍ତିରୁ ମୁହଁ ଫେରାଇ ନେଉଛନ୍ତି। ସରକାରୀ ପ୍ରୋତ୍ସାହନ ଅଭାବରୁ ମାଟିକୁ ଜୀବନ ଦେଉଥିବା କୁମ୍ଭକାରଙ୍କ ଜୀବନ ମାଟି ହେବାକୁ ବସିଲାଣି। ଅସ୍ତରଙ୍ଗ ବ୍ଲକର କୁମ୍ଭକାରଙ୍କ କ୍ଷେତ୍ରରେ ଏଭଳି ସ୍ଥିତି ନଜରକୁ ଆସିଛି।

ଅସ୍ତରଙ୍ଗ ବ୍ଲକ ଅଧୀନ ଅସ୍ତରଙ୍ଗ, ଓସ୍ତପୁର, ଶିଶୁଅ, ଗୋସିଙ୍ଗା ଅଞ୍ଚଳର କୁମ୍ଭକାରମାନେ ବିଲରୁ ମାଟି ଆଣି ସେଥିରେ ବିଭିନ୍ନ ପ୍ରକାର ପାତ୍ର ଓ ସାମଗ୍ରୀ ଗଢିଥାନ୍ତି। ସପରିବାର ଏହି କାମରେ



ଲାଗିପଡ଼ନ୍ତି। ମାଟିପାତ୍ରଗୁଡ଼ିକୁ ନେଇ ଅସ୍ତରଙ୍ଗ ବଜାରରେ ବିକ୍ରି କରି ଯାହା କିଛି ଅର୍ଥ ରୋଜଗାର କରନ୍ତି, ସେଥିରେ ଗୁଜରାଣ ମେଣ୍ଟାନ୍ତି। ସେମାନଙ୍କ ପରିବାର କଷ୍ଟେମଷ୍ଟେ ଚଳିଯାଏ। କିନ୍ତୁ ମାଟିପାତ୍ରର ସ୍ଥାନ ଫାଇବର, ପ୍ଲାଷ୍ଟିକ ଓ ଷ୍ଟିଲ ସାମଗ୍ରୀ ନେବା ପରେ ମାଟିପାତ୍ରର ଚାହିଦା ଧୀରେ ଧୀରେ କମିବାରେ ଲାଗିଛି। ଫଳରେ ସେମାନେ ତିଆରି କରୁଥିବା ବହୁ ସାମଗ୍ରୀ ବଜାରରେ ବିକ୍ରି ନ ହୋଇ ବଳିପଡୁଛି। ଏଥିଯୋଗୁ ଅସ୍ତରଙ୍ଗ ବ୍ଲକର କୁମ୍ଭକାର ପରିବାର ଏବେ ଚିନ୍ତାରେ। ସରକାରୀ ସ୍ତରରେ ପ୍ରୋତ୍ସାହନ ମିଳୁନି। ସେହିପରି ମାଟି ଖୋଳିବା ହେଉ କି କାଠ ସଂଗ୍ରହ କରିବା ନେଇ ରହିଥିବା ସରକାରୀ କଟକଣା ମଧ୍ୟ କୁମ୍ଭକାରଙ୍କୁ ଅଡ଼ୁଆରେ ପକାଉଛି। ଗୋସିଙ୍ଗା ଗ୍ରାମର ସୁବାଷ ମୁଦୁଲି କହିଛନ୍ତି, ଏହି ବୃତ୍ତିରେ ଆଉ ପେଟ ପୋଷି ହେଉ ନ ଥିଲେ ବି କଷ୍ଟେମଷ୍ଟେ କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାକୁ ପଡୁଛି। ସରକାର କୁମ୍ଭକାର ପରିବାରଗୁଡ଼ିକୁ ପ୍ରୋତ୍ସାହନ ଯୋଗାଇଦେଲେ ସେମାନେ ଉପକୃତ ହୋଇପାରନ୍ତେ। ଅନ୍ୟପକ୍ଷରେ ଶ୍ରୀମନ୍ଦିରରେ ମାଟି କୁଡୁଆରେ ଅବଢ଼ା ଦିଆଯାଉଥିବାବେଳେ ବିଭିନ୍ନ ମନ୍ଦିର ଓ ପୂଜାପାର୍ବଣରେ ମାଟିପାତ୍ରର ଆବଶ୍ୟକତା ପଡୁଛି। ତେଣୁ କୁମ୍ଭକାରଙ୍କ ମୌଳିକ ସମସ୍ୟା ଦୂର ହୋଇପାରିଲେ କୌଳିକ ବୃତ୍ତି ଉଜ୍ଜୀବିତ ରହିପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା

## ଟାୱାର ତଳୁ ମୃତଦେହ ମିଳିବା ଘଟଣା

**ମଙ୍ଗଳବାର ମଧ୍ୟାହ୍ନରେ ଶୌଚ ପାଇଁ ବାହାରକୁ ଯାଇଥିଲେ। ସନ୍ଧ୍ୟାରେ ଗାଁ ଉପକଣ୍ଠରେ ଥିବା ଏକ ଟାୱାର ନିକଟରୁ ନାବାଳିକାଙ୍କ ମୃତଦେହ ମିଳିଲା। ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟାକରି ଫିଙ୍ଗାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ସହ ଉପଯୁକ୍ତ କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ପରିବାର ଲୋକେ ଏବଂ ଗ୍ରାମବାସୀ ବୁଧବାର ରାସ୍ତାରୋକୋ କରିଥିଲେ। ଅଭିଯୁକ୍ତଙ୍କୁ ୧୫ଦିନ ମଧ୍ୟରେ ଗିରଫ କରିବା ସହ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯିବା ନେଇ ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି।**



ପୀଡ଼ିତାଙ୍କ ପରିବାର, ଗ୍ରାମବାସୀ ଓ ଲୋକ ପ୍ରତିନିଧିଙ୍କ ସହ ପ୍ରଶାସନିକ ଅଧିକାରୀ ଆଲୋଚନା କରୁଛନ୍ତି।

ନବରଙ୍ଗପୁର,୧୮।୯
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ କଣ୍ଟାଗାଁ ପଞ୍ଚାୟତ ସଦର ଗ୍ରାମରେ ଜଣେ ୧୧ବର୍ଷୀୟା ନାବାଳିକା ଶୌଚ ହେବାପାଇଁ ମଙ୍ଗଳବାର ମଧ୍ୟାହ୍ନରେ ଘରୁ ବାହାରିଥିଲେ। ଦୀର୍ଘ ସମୟ ଧରି ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ସନ୍ଧ୍ୟା ୭ଟାରେ ତାଙ୍କ ମୃତଦେହ ଟାୱାର ତଳୁ ମିଳିଥିଲା। ରାତି ୧୦ଟାରେ ଏ ନେଇ ତେନ୍ତୁଲିଖୁଣ୍ଟି ଥାନାରେ ଅଭିଯୋଗ କରିଥିଲେ। ଝିଅଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ନେଇ ତାଙ୍କ ବାପା ଅଭିଯୋଗ କରିଛନ୍ତି। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇବା ସହିତ ବୁଧବାର ଗାଁରେ ଦୋକାନ ବଜାର ଓ ବିଦ୍ୟାଳୟ ବନ୍ଦ ରହିବା ସହ ପଥର ଓ କାଠ ପକାଇ ଗାଁ ଭିତରକୁ ଯିବା ରାସ୍ତା ବନ୍ଦ କରାଯାଇଥିଲା। ଅଭିଯୁକ୍ତଙ୍କୁ ଗିରଫ ଓ କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ମୃତଦେହ ଉଠାଯିବ ନାହିଁ ବୋଲି ଗ୍ରାମବାସୀ ଓ ପରିବାର ଲୋକେ ଜିଦ୍ ଧରିଥିଲେ। ପୋଲିସ, ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିଥିଲେ। ଅଭିଯୁକ୍ତଙ୍କୁ ୧୫ ଦିନ ମଧ୍ୟରେ ଗିରଫ କରାଯିବ ବୋଲି ନବରଙ୍ଗପୁର ଉପଜିଲାପାଳ ପ୍ରକାଶ ମିଶ୍ର ଓ ଏସ୍‌ଡିପିଓ କୃଷ୍ଣ ଚନ୍ଦ୍ର ଭଦ୍ରା ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ରେଡ୍‌କ୍ରସରୁ ୨୦ ହଜାର ଓ ହରିଶ୍ଚନ୍ଦ୍ର ଯୋଜନାରୁ ୩ ହଜାର ଟଙ୍କା ପ୍ରଦାନ କରାଯାଇଛି। ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ୫୦ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ଅପରାହ୍ନ ୨ଟା ୩୦ରେ ମୃତଦେହ ଉଠାଯାଇ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏହି ଘଟଣାରେ ପୋଲିସ ଏକ ହତ୍ୟା ମାମଲା(ନଂ.୨୨୨/୨୪) ରୁଜୁ କରିଛି। ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂ ମୀନା ଏବଂ କୋରାପୁଟ ଏସ୍‌ପି ଅଭିନବ ସୋନକାର କଣ୍ଟାଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅଭିଯୁକ୍ତଙ୍କୁ ଧରିବା ପାଇଁ ୩ଟି ଟିମ୍ ଗଠନ କରାଯାଇଛି। ଏହି ଘଟଣାରେ ୩ଜଣଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଆଇଜି ମୀନା କହିଛନ୍ତି।

ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ପୀଡ଼ିତାଙ୍କ ପରିବାରକୁ ଭେଟିଛନ୍ତି। ତୁରନ୍ତ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସକୁ କହିଛନ୍ତି। ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ, ନବରଙ୍ଗପୁରର ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ପୂର୍ବତନ ବିଧାୟକ ଭୁଜବଳ ମାଝୀ ପ୍ରମୁଖ ପୀଡ଼ିତାଙ୍କ ପରିବାରକୁ ଭେଟିଛନ୍ତି। ରାଜ୍ୟ ସରକାର ଓ ଜିଲା ପୋଲିସ ମହିଳାମାନଙ୍କୁ ସୁରକ୍ଷା ଦେବାରେ ବିଫଳ। ତୁରନ୍ତ ଅଭିଯୁକ୍ତଙ୍କୁ ଧରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ସେମାନେ କହିଛନ୍ତି। ଅତିରିକ୍ତ ଏସ୍‌ପି ବଟକୃଷ୍ଣ ମିଶ୍ର, ପାପଡ଼ାହାଣ୍ଡି ଏସ୍‌ଡିପିଓ ମୀନାକ୍ଷୀ ଠାକୁର, ନବରଙ୍ଗପୁର ଥାନାଧିକାରୀ ସମ୍ବିତ କୁମାର ବେହେରା, ଡିଆଇବି ଡିଏସ୍‌ପି ମନୋଜ ପୂଜାରୀ, ତେନ୍ତୁଲିଖୁଣ୍ଟି ଥାନାଧିକାରୀ ଗୋପାଳ କୃଷ୍ଣ ଅଗୁପାତ୍ର ଡଗ୍ ସ୍କ୍ୱାଡ୍ ଓ ସାଇଣ୍ଟିଫିକ୍ ଟିମ୍ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୀଡ଼ିତାଙ୍କ ପରିବାର ଭୂମିହୀନ ହୋଇଥିବାରୁ ସେମାନଙ୍କୁ ଜମି ସହିତ ସରକାର ୨୦ ଲକ୍ଷ ଟଙ୍କା ପ୍ରଦାନ କରନ୍ତୁ ବୋଲି ପ୍ରଶାସନ ନିକଟରେ ମା' ଘର ଅଧ୍ୟକ୍ଷା କାଦମ୍ବିନୀ ତ୍ରିପାଠୀ ଦାବି କରିଛନ୍ତି। ଡିଏଲ୍‌ଏସ୍ଏ ପକ୍ଷରୁ କିଭଳି ପୀଡ଼ିତାଙ୍କ ପରିବାରକୁ କିପରି ୧୦ଲକ୍ଷ ଟଙ୍କା ମିଳିବ ସେ ବ୍ୟବସ୍ଥା କରାଯାଉ ବୋଲି ଗ୍ରାମବାସୀ କହିଥିଲେ। ପରିବାର ଯଦି ଭୂମିହୀନ ତେବେ ବସୁନ୍ଧରା ଯୋଜନା ଅନୁଯାୟୀ ଜମି ଯୋଗାଇ ଦିଆଯିବ। ଡିଏଲ୍‌ଏସ୍ଏ କମିଟିରେ ଆଲୋଚନା କରାଯାଇ ଅଧିକରୁ ଅଧିକ ସହାୟତା ପ୍ରଦାନ ପାଇଁ ପ୍ରଶାସନ ଉଦ୍ୟମ କରିବ ବୋଲି ଉପଜିଲାପାଳ ମିଶ୍ର କହିଥିଲେ। ଅଭିଯୁକ୍ତଙ୍କୁ ଧରିବା ନେଇ ଲିଖିତ ପ୍ରତିଶ୍ରୁତି ଓ ରେଡ୍‌କ୍ରସ୍ ପାଣ୍ଠି, ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବା ସହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଖାଇବା ବେଳେ ସାଥୀ ଯବାନଙ୍କୁ ଗୁଳି, ୨ ମୃତ

ମାଲକାନଗିରି,୧୮।୯
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବଳରାମପୁର ଜିଲା ସମରୀ ଥାନା ଅନ୍ତର୍ଗତ ଭୁଟାହି କ୍ୟାମ୍ପରେ ଜଣେ ଛତିଶଗଡ଼ ଆର୍ମଡ୍ ଫୋର୍ସ (ସିଏଏଫ୍) କନ୍‌ଷ୍ଟେବଲଙ୍କ ଗୁଳିରେ ବୁଧବାର ୨ ସାଥୀ ଯବାନଙ୍କ ମୃତ୍ୟୁ ହୋଇଥିବାବେଳେ ୨ ଗୁରୁତର ହୋଇଛନ୍ତି। ମୃତକ ହେଲେ ରୂପେଶ ପଟେଲ ଓ ସନ୍ଦୀପ ପାଣ୍ଡେ। ଗୁଳି ଚଳାଇଥିବା କନ୍‌ଷ୍ଟେବଲ ଅଜୟ ସିଦ୍ଧରଙ୍କୁ ପୋଲିସ ଗିରଫ କରିଛି। ସଶସ୍ତ୍ର ବାହିନୀ ଯବାନ ଅଜୟ ଖାଉଥିବା ବେଳେ ଲଙ୍କା ମାଗିବାରୁ ତାହା ତାଙ୍କୁ ସାଥୀମାନେ ନ ଦେବାରୁ ସେ ଉତ୍କ୍ଷିପ୍ତ ହୋଇ ୪ ଜଣଙ୍କ ଉପରକୁ ଗୁଳି ଚଳାଇଥିଲେ। ଘଟଣାସ୍ଥଳରେ ଜଣେ ଯବାନଙ୍କ ମୃତ୍ୟୁ ହୋଇଥିବାବେଳେ ମେଡିକାଲ ନେବା ବାଟରେ ଅନ୍ୟ ଜଣଙ୍କର ମୃତ୍ୟୁ ହୋଇଥିଲା। ଏଥିରେ ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି, ସମସ୍ତଙ୍କୁ ଡାକ୍ତରଖାନା ନିଆଯାଇଛି। ଘଟଣା ପରେ କ୍ୟାମ୍ପରେ ଉତ୍ତେଜନା ଦେଖାଦେଇଛି। ସୂଚନା ପାଇ ଏସ୍‌ପି ରାଜେଶ ଅଗ୍ରୱାଲ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାପଡ଼ିଛି।

# ହତ୍ୟା ମାମଲା ରୁଜୁକଲା ଖଣ୍ଡଗିରି ପୋଲିସ

## ଘରୋଇ ଇଞ୍ଜିନିୟରିଂ କଲେଜରେ ରାଞ୍ଚି ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

ଭୁବନେଶ୍ୱର,୧୮।୯(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଖଣ୍ଡଗିରି ଥାନା ଅଧୀନ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ପଢୁଥିବା ଝାଡ଼ଖଣ୍ଡ ରାଞ୍ଚିର ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ଉପରୁ ପରଦା ହଟିପାରୁ ନାହିଁ। ଏହି ଘଟଣାରେ ପ୍ରଥମେ ଖଣ୍ଡଗିରି ପୋଲିସ ଡାକ୍ତରଙ୍କ ଏମ୍‌ଏଲ୍‌ସି ରିପୋର୍ଟ ଆଧାରରେ ଏକ ଅପମୃତ୍ୟୁ (ନଂ.୨୩୨/୨୦୨୪) ମାମଲା ରୁଜୁକରି ତଦନ୍ତ କରୁଥିଲା। ହେଲେ ଇତିମଧ୍ୟରେ ରାଜ୍ୟପାଳ ଓ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଏହା ଭିନ୍ନ ମୋଡ଼ ନେଇଛି। ମୃତକଙ୍କ ବାପା ଅନୁପ ଚାନ୍ଦ ରାମଙ୍କ ଏତଲାକୁ ଆଧାର କରି ଖଣ୍ଡଗିରି ଥାନା ପକ୍ଷରୁ ଏକ ହତ୍ୟା ମାମଲା (ନଂ.୬୩୯/୨୦୨୪) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଏନେଇ ମୃତକ ଅଭିଷେକଙ୍କ ସହପାଠୀ, କଲେଜ କର୍ତ୍ତୃପକ୍ଷଙ୍କୁ ପଚରାଉଚରା କରାଯାଇ ତଦନ୍ତ କରାଯାଉଥିବା ପୋଲିସ କମିଶନର ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି।

ମୃତ ଛାତ୍ର ଅଭିଷେକ ରବି (୧୯)ଙ୍କ ଘର ରାଞ୍ଚି ରବିଦାସ ମୋହଲ୍ଲା ଅଞ୍ଚଳରେ। ସେ ଉକ୍ତ କଲେଜରେ କମ୍ପ୍ୟୁଟର ସାଇନ୍ସର ପ୍ରଥମ ବର୍ଷର ଛାତ୍ର ଥିଲେ। ଗତ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଅଭିଷେକ ହଷ୍ଟେଲ ଶିଡ଼ିରୁ ଖସି ଗୁରୁତର ହେବା ପରେ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି କଲେଜ ପକ୍ଷରୁ କୁହାଯାଇଥିଲା। ତେବେ ନାମ ଲେଖାଇବାର ମାତ୍ର ୩ଦିନ ପରେ କେଉଁଭଳି ସ୍ଥିତିରେ ଅଭିଷେକ ଶିଡ଼ିରୁ ପଡ଼ିଲେ କିମ୍ବା ତାଙ୍କୁ କେହି ଠେଲିଦେଲେ ସେନେଇ ଠିକ୍ ତଦନ୍ତ କରିବାକୁ ପରିବାର ଲୋକେ ଦାବି କରିଥିଲେ। ଅପରପକ୍ଷରେ ଘଟଣାରେ ନିରପେକ୍ଷ ତଦନ୍ତ ପାଇଁ ବିହିତ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ରାଜଭବନ ପକ୍ଷରୁ ମଙ୍ଗଳବାର ଅନୁରୋଧ କରାଯାଇଥିଲା। ଅନ୍ୟପକ୍ଷରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ମଧ୍ୟ ଏହି ଘଟଣା ସମ୍ପର୍କରେ 'ଏକ୍ସ'ରେ ପୋଷ୍ଟ କରି ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରିଥିଲେ।

# ଶାଶୁଙ୍କୁ ଆଜୀବନ ଜେଲ

## ବୋହୂଙ୍କ ହାତଗୋଡ଼ ବାନ୍ଧି ପୋଡ଼ି ହତ୍ୟା ଘଟଣା

କେନ୍ଦୁଝର,୧୮।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଦୌରାଜଜ୍‌ଙ୍କ କୋର୍ଟରେ ବଧୂହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ଅଶୋକ କୁମାର ପଣ୍ଡା ମାମଲାର ଶୁଣାଣିକରି ସଦର ଥାନା ଦେଉଳଡ଼ିହା ଗ୍ରାମର ଚାନ୍ଦିନୀ ମହାନ୍ତ(୫୨)ଙ୍କୁ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୨ ମାସ କାରାଦଣ୍ଡ ଆଦେଶ କରିଛନ୍ତି।

ମାମଲା ବିବରଣୀ ଅନୁଯାୟୀ, ଚାନ୍ଦିନୀ ଓ ଜଗବନ୍ଧୁ ମହାନ୍ତ(୫୮)ଙ୍କ ପୁଅ ସୁନୀଲ ୨୦୧୮ରେ ମାନସୀ ମହାନ୍ତ (୨୧)ଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର କିଛିଦିନ ପରେ ଏକ ମାମଲାରେ ସୁନୀଲ ଜେଲ ଯାଇଥିଲେ। ପରେ ଶାଶୁ ଓ ଶ୍ୱଶୁର ମିଶି ମାନସୀଙ୍କୁ ନିର୍ଯାତନା ଦେଇ ଘରୁ କାଢ଼ି ଦେଇଥିଲେ। ମାନସୀ କୋର୍ଟଙ୍କ ଆଶ୍ରୟ ନେଇଥିଲେ। କୋର୍ଟଙ୍କ ସୁରକ୍ଷାରେ ସେ ପୁଣି ଶ୍ୱଶୁର ଘରକୁ ଫେରିଥିଲେ। ୨୦୨୧ ଫେବୃୟାରୀ ୪ରେ ଶାଶୁ ଓ ଶ୍ୱଶୁର ମିଶି ବୋହୂଙ୍କ ହାତଗୋଡ଼ ବାନ୍ଧି ମୁଣ୍ଡକୁ ଇଟାରେ ଛେଚିବା ସହ କିରୋସିନ ଢାଳି ଜଳାଇଦେଇଥିଲେ। ଏହି ସମୟରେ ମାନସୀ ଶ୍ୱଶୁରଙ୍କ ଗୋଡ଼କୁ ଧରିଦେବାରୁ ସେ ମଧ୍ୟ ପୋଡ଼ିଯାଇଥିଲେ। ଦମକଳ ବାହିନୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିବା ବେଳେ ମାନସୀ ପୋଲିସ ଓ ଦମକଳ ବାହିନୀଙ୍କୁ ସମସ୍ତ ଘଟଣା ଜଣାଇଥିଲେ। କଟକ ବଡ଼ ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ୧୫ ଜଣ ସାକ୍ଷୀ, ମୃତ୍ୟୁକାଳୀନ ଜମାନବନ୍ଦୀ ଓ ପୋଲିସ ତଦନ୍ତ ରିପୋର୍ଟକୁ ଆଧାର କରି ବିଚାରପତି ଉକ୍ତ ରାୟ ଶୁଣାଇଥିବା ପବ୍ଲିକ ପ୍ରସିକ୍ୟୁଟର ପ୍ରଦୀପ୍ତ ଦାସ କହିଛନ୍ତି। ଅଭିଯୁକ୍ତ ଶ୍ୱଶୁର ଜଗବନ୍ଧୁ ୨୦୨୧ ମେ ୨୪ରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ।

# ଏବେ ବି ରହସ୍ୟରେ ଅଢ଼େଇ କେଜି ସୁନା, ୮୦ କେଜି ରୁପା

## ଟିକସ ଫାଙ୍କିବାକୁ ଗଳାବାଟ

ଭୁବନେଶ୍ୱର,୧୮।୯(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରୁ ଗତ ଅଗଷ୍ଟ ୨୬ରେ ବିପୁଳ ପରିମାଣର ସୁନା ଓ ରୁପା ଜବତ ହୋଇଥିଲା। ଏହାକୁ ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କର(ସିଟି ଆଣ୍ଡ ଜିଏସ୍‌ଟି) ଜବତ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ୨୦ଜଣ ବ୍ୟବସାୟୀ ବୈଧ କାଗଜପତ୍ର ଦେଖାଇ ନିଜ ସୁନା ଏବଂ ରୁପା ନେଇଥିବାବେଳେ ବାକି ଅଢ଼େଇ କେଜି ସୁନା ଓ ୮୦ କେଜି ରୁପାର ଏପର୍ଯ୍ୟନ୍ତ କେହି ଦାବିଦାର ମିଳି ନାହାନ୍ତି। ଫଳରେ ଏହାକୁ ନେଇ ଏବେବି ରହସ୍ୟ ଲାଗିରହିଛି। ଏହି ସୁନା ଏବଂ ରୁପା କିଏ ଆଣୁଥିଲେ ଏବଂ କାହିଁକି ଏହାକୁ ଦାବି କରୁନାହାନ୍ତି ସେନେଇ ସନ୍ଦେହ ବଢ଼ିବାରେ ଲାଗିଛି। ଅପରପକ୍ଷରେ ଉକ୍ତ ଅଣଦାବିଦାର ସୁନା ଏବଂ ରୁପାକୁ ବିଭାଗୀୟ ଅଧିକାରୀ ଟ୍ରେଜେରି ଅଫିସରେ ରଖିଥିବା କହୁଛନ୍ତି।

ଅନ୍ୟପକ୍ଷରେ ଯେଉଁ ନାମରେ ଅଢ଼େଇ କେଜି ସୁନା ଓ ୮୦ କେଜି ରୁପା ଓଡ଼ିଶା ଆସିଥିଲା, ସେଭଳି କୌଣସି ଗହଣା ଦୋକାନ କିମ୍ବା ମାଲିକ ନ ଥିବା ସିଟି ଜିଏସ୍‌ଟି ମଧ୍ୟ ଜାଣିବାକୁ ଅଧିକ ତଦନ୍ତ କରୁଛି। ରାଜ୍ୟ ବାହାରୁ ବେନାମି ନାଁରେ ଏଭଳି ସୁନା ଓ ରୁପା ଚାଲାଣ ହୋଇ ଆସୁଥିବାରୁ ଏହା ପଛରେ ବଡ଼ ସୁନା ଦୋକାନୀଙ୍କ ହାତ ଥିବାବେଳେ ଲଜିଷ୍ଟିକ୍ ସଂସ୍ଥା ମଧ୍ୟ ସହଯୋଗ କରୁଥିବା ଜଣାପଡ଼ିଛି। ଏନେଇ ସିଟି ଜିଏସ୍‌ଟି ଅତିରିକ୍ତ କମିଶନର ମାନସ ସ୍ୱାଇଁଙ୍କ କହିବା ହେଲା, ସୁନା ପଠାଇଥିବା ମୁମ୍ବାଇ ପ୍ରେରକଙ୍କୁ ଆମେ ତଦନ୍ତ ପରିସରକୁ ନେଇପାରିବୁ ନାହିଁ। ସୁନା ଓ ରୁପା ଆଣିଥିବା ଲଜିଷ୍ଟିକ୍ ସଂସ୍ଥାକୁ ତଦନ୍ତ ପରିସରକୁ ନିଆଯାଇ ବିଭାଗୀୟ ପ୍ରକ୍ରିୟା ଜାରି ରହିଛି। ଦୁଇଦିନ ମଧ୍ୟରେ ଉକ୍ତ ଲଜିଷ୍ଟିକ୍ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ। ମାସେ ମଧ୍ୟରେ ଏହାର ଠିକ୍ କାରଣ ନ ଦର୍ଶାଇପାରିଲେ ବଡ଼ ପରିମାଣର ଜରିମାନା ଲଗାଯିବ ବୋଲି ମାନସ କହିଛନ୍ତି।

ପ୍ରକାଶ ଯେ, ବିମାନବନ୍ଦର ନିକଟରୁ ଜବତ ବେଳେ ଦୁଇଟି ଲଜିଷ୍ଟିକ୍ ଭ୍ୟାନ୍‌ରୁ ପ୍ରଥମେ ୫୦ କେଜି ସୁନା ଓ ୨୦୦ କେଜି ରୁପା ମିଳିଥିବା କୁହାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ଭିନ୍ନ ହିସାବ ଦେଖିବାକୁ ମିଳିଛି। ଇ-ୱେ ବିଲ୍‌ରେ ୮୭ କେଜି ସୁନା ଥିବା ଉଲ୍ଲେଖ ଥିବାବେଳେ ବାକ୍ସ ଖୋଲିଲା ପରେ ସେଥିରୁ ୩୦ କେଜି ସୁନା ବାହାରିଥିବା କୁହାଯାଇଥିଲା। ସେହିପରି ରୁପାର ଇ-ୱେ ବିଲ୍‌ରେ ୨କୁଇଣ୍ଟାଲ ଉଲ୍ଲେଖ ଥିବାବେଳେ ବାକ୍ସ ଖୋଲିବା ପରେ ଦେଢ଼ କୁଇଣ୍ଟାଲ ମିଳିଥିଲା। ତେବେ ଇ-ୱେ ବିଲ୍ ଏବଂ ଓଜନର ପାର୍ଥକ୍ୟକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ସୁନା ଓ ରୁପା ଉପରେ ଟିକସ ଫାଙ୍କିବା ଉଦ୍ଦେଶ୍ୟରେ ଏହା ଚୋରା ଚାଲାଣ ହେଉଥିବା ସନ୍ଦେହ କରାଯାଉଛି।

# ସରକାରୀ କ୍ୱାର୍ଟର୍ସରୁ ମିଳିଲା ଫରେଷ୍ଟରଙ୍କ ମୃତଦେହ

- ବନଖଣ୍ଡ ଅଧିକାରୀଙ୍କ ନାମରେ ମାନସିକ ନିର୍ଯାତନା ଅଭିଯୋଗ
- ଥାନାରେ ଏତଲା ଦେଲେ ମୃତକଙ୍କ ଭାଇ



ଫରେଷ୍ଟର ସଞ୍ଜୟ ନାୟକ

ଭବାନୀପାଟଣା,୧୮।୯
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ସରକାରୀ କ୍ୱାର୍ଟର୍ସରୁ ବୁଧବାର ସକାଳେ ଜଣେ ଫରେଷ୍ଟରଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ରାୟଗଡ଼ା ଜିଲା ସଦର ମହକୁମା ଶୁଣ୍ଡିସାହିର ସଞ୍ଜୟ ନାୟକ (୩୩)। ଖବର ପାଇ ଭବାନୀପାଟଣା ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ପୋଲିସ ମୃତଦେହ ହସ୍ତାନ୍ତର କରିଛି।

ଫରେଷ୍ଟର ନାୟକ ଜୁନାଗଡ଼ ବ୍ଲକ ଜାରିଙ୍ଗସ୍ଥିତ ହାଇଟେକ୍ ସିଲଭିକଲଚର ନର୍ସରିରେ କାର୍ଯ୍ୟରତ ଥିଲେ। ଏହାସହ ଭବାନୀପାଟଣା ସିଲଭିକଲଚର ଅଫିସରେ ଭାରପ୍ରାପ୍ତ ରେଞ୍ଜ ଅଧିକାରୀ ଦାୟିତ୍ୱ ମଧ୍ୟ ତୁଲାଉଥିଲେ। ତେବେ କିଛିଦିନ ତଳେ ତାଙ୍କର ବଲାଙ୍ଗୀର ଜିଲାକୁ ବଦଳି ହୋଇଥିଲା। ଏହି ଘଟଣାକୁ ନେଇ ବନଖଣ୍ଡ ଅଧିକାରୀ ଦେବେନ୍ଦ୍ର ବେହେରା ସଞ୍ଜୟଙ୍କୁ ମାନସିକ ନିର୍ଯାତନା ଦେବା ସହ ସବୁବେଳେ ପିସି ମାଗୁଥିଲେ। ନଚେତ ନିଲମ୍ବିତ କିମ୍ବା ବହିଷ୍କାର କରିବାକୁ ଧମକ ଦେଉଥିଲେ। ସଞ୍ଜୟଙ୍କ ମୃତଦେହ ନିକଟରୁ ମିଳିଥିବା ସୁସାଇଡ୍ ନୋଟରେ ଏହା ଦର୍ଶାଯାଇଛି ବୋଲି ମୃତକଙ୍କ ଭାଇ ରବିନାରାୟଣ ଏତଲାରେ ଉଲ୍ଲେଖ କରିଛନ୍ତି। ତେଣୁ ସଞ୍ଜୟଙ୍କ ଆତ୍ମହତ୍ୟା ପାଇଁ ବନଖଣ୍ଡ ଅଧିକାରୀ ବେହେରା ଦାୟୀ ବୋଲି ସେ ଅଭିଯୋଗ ଆଣି ତାଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୋଲିସ ପ୍ରଶାସନକୁ ନିବେଦନ କରିଛନ୍ତି। ତେବେ ଏହି ଘଟଣାରେ କଳାହାଣ୍ଡି ଏସ୍‌ପି ଅଭିଲାଷ ଜି ଟାଉନ ଥାନା ଅଧିକାରୀଙ୍କୁ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କହିଥିବା ଜଣାପଡିଛି। ଏ ନେଇ ଟାଉନ ଥାନା ଆଇଆଇସି ଯଶୋବନ୍ତ ହିଆଲଙ୍କୁ ପଚାରିବାରୁ ମୃତକଙ୍କ ଭାଇଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ବନଖଣ୍ଡ ଅଧିକାରୀ ତଦନ୍ତ ପରିସରଭୁକ୍ତ ହେବେ ବୋଲି କହିଛନ୍ତି।

# ପୂର୍ବତନ ପୋଷ୍ଟ ମାଷ୍ଟରଙ୍କୁ ୪ବର୍ଷ ଜେଲ, ୫୫ ହଜାର ଜରିମାନା

## ସରକାରୀ ଅର୍ଥ ହଡ଼ପ ଅଭିଯୋଗ

କୁଜଙ୍ଗ,୧୮।୯(ମନୋଜ ପ୍ରଧାନ)

ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗରେ ସିବିଆଇର ଭୁବନେଶ୍ୱରସ୍ଥିତ ୧ ନମ୍ବର କୋର୍ଟର ସ୍ୱତନ୍ତ୍ର ବିଚାରପତି ବୁଧବାର କୁଜଙ୍ଗ ଉପଡାକଘରର ତତ୍କାଳୀନ ପୋଷ୍ଟ ମାଷ୍ଟର (ଗ୍ରେଡ-୧) ସଂଗ୍ରାମ କେଶରୀ ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୪ବର୍ଷ ଜେଲ ଦଣ୍ଡାଦେଶ ସହ ୫୫ହଜାର ଜରିମାନା ଆଦେଶ ଦେଇଛନ୍ତି। ସଂଗ୍ରାମ ୨୦୧୧ ସେପ୍ଟେମ୍ବର ୧୨ରୁ ୨୦୧୩ ଅଗଷ୍ଟ ୨୮ ମଧ୍ୟରେ ୪ ଜଣ ବରିଷ୍ଠ ନାଗରିକଙ୍କ ସଞ୍ଚୟ ଯୋଜନା ଖାତାରୁ ସେମାନଙ୍କ ଅଜ୍ଞାତରେ ଦସ୍ତଖତ ନେଇ ପର୍ଯ୍ୟାୟକ୍ରମେ ୧୯ ଲକ୍ଷ ୮୧ ହଜାର ୩୩୪ ଟଙ୍କା ଉଠାଇ ନେଇଥିଲେ। ପରବର୍ତ୍ତୀ ସମୟରେ ସମସ୍ତ ଟଙ୍କା ଉଠାଇ ନେଇ ସଞ୍ଚୟ ଖାତାକୁ ବନ୍ଦ କରିଦେଇଥିଲେ। ଏଭଳି ଜାଲିଆତି ଜଣାପଡ଼ିବା ପରେ ସିବିଆଇ ୨୦୧୩ ସେପ୍ଟେମ୍ବର ୧୭ରେ ମକଦ୍ଦମା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା।

# ବାଲିଗୁଡ଼ା ଏଡିଜେ କୋର୍ଟରେ ହାଜର ହେଲେ ମାଓବାଦୀ ନେତା ଆଜାଦ

ବାଲିଗୁଡା,୧୮।୯
(ସଞ୍ଜୟ କୁମାର ପାଣିଗ୍ରାହୀ)

ଟପ୍ କ୍ୟାଡର ମାଓବାଦୀ ନେତା ଆଜାଦ କନ୍ଧମାଳ ଜିଲା ବାଲିଗୁଡା ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟରେ ହାଜର ହୋଇଛନ୍ତି। ତାଙ୍କୁ ଭୁବନେଶ୍ୱର ଝାରପଡ଼ା ଜେଲରୁ ବାଲିଗୁଡାକୁ କଡା ସୁରକ୍ଷାରେ ଅଣାଯାଇଥିଲା। ଅତିରିକ୍ତ ଜିଲା ଜଜ୍ ଶୁଭଦର୍ଶୀ ତ୍ରିପାଠୀଙ୍କ କୋର୍ଟରେ ୩ଟି କେସ୍ ଚାର୍ଜ ହୋଇଥିଲା। ଆଜାଦଙ୍କ ନାମରେ ଏହି ୩ଟି କେସ୍ ରହିଛି। କେସ୍‌ଗୁଡିକ ହେଲା ୨୦୦୮ରେ ସାରଙ୍ଗଡ ଥାନା କେସ୍ ନ. ୨୦/ ୨୦୦୮ରେ ସାରଙ୍ଗଡ଼ରେ ବୋମା ଫୁଟାଇବା ନିମନ୍ତେ ରାସ୍ତାରେ ବୋମା ଖଞ୍ଜି ରଖିବା (ଲ୍ୟାଣ୍ଡମାଇନ୍), ବ୍ରାହ୍ମଣିଗାଁ ଥାନାରେ ଦୁଇଟି ମାମଲା କେସ୍ ନ. ୧୪/୨୦୦୮ ଓ ୧୫/୨୦୦୮ରୁ ଗୋଟିଏ ମର୍ଡର କେସ୍ ଓ ଅନ୍ୟଟି ବ୍ରାହ୍ମଣିଗାଁ-ଦାରିଙ୍ଗବାଡି ରାସ୍ତାରେ ଲ୍ୟାଣ୍ଡ ମାଇନ ଖଞ୍ଜିବା ଭଳି ଅଭିଯୋଗ ରହିଛି। ବିଚାରପତିଙ୍କ ନିକଟରେ ତାଙ୍କୁ ରେ ବୁଧବାର ହାଜର କରାଯାଇଥିଲା। ପରେ ତାଙ୍କୁ ବାଲିଗୁଡା ଉପକାରାଗାରକୁ ପଠାଯାଇ ସେଠାରୁ ଆଜାଦଙ୍କୁ ପୁଣି ଝାଡପଡ଼ା ଜେଲକୁ ପଠାଯାଇଥିବା ଆଇନଜୀବୀ ସୁରେନ୍ଦ୍ର ପାତ୍ର କହିଛନ୍ତି।

# ମହିଳାଙ୍କଠାରୁ ସୁଭଦ୍ରା ଟଙ୍କା ଲୁଟ



ଲୁଟ୍‌ର ଶିକାର କମଳିନୀ।

ଭଣ୍ଡାରିପୋଖରୀ,୧୮।୯
(ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ଉତ୍ତରବାଡ଼ ଗ୍ରାମର ଜଣେ ମହିଳାଙ୍କଠାରୁ ଅଭିନବ ଉପାୟରେ ବୁଧବାର ସୁଭଦ୍ରା ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର କମଳିନୀ ଜେନା ଭଣ୍ଡାରିପୋଖରୀ ବଜାରରେ ଥିବା ମୋ ସେବା କେନ୍ଦ୍ରରୁ ସୁଭଦ୍ରା ଯୋଜନା ବାବଦରେ ମିଳିଥିବା ଅର୍ଥରୁ ୪,୫୦୦ ଟଙ୍କା ମଧ୍ୟାହ୍ନ ସାଢ଼େ ୧୨ଟା ସମୟରେ ଉଠାଇ ଅଣ୍ଡରପାସ ରୋଡ୍‌ରେ ଚାଲି ଚାଲି ଘରକୁ ଫେରୁଥିଲେ। ଟଙ୍କା, ପାସ୍‌ବୁକ୍, ମୋବାଇଲ ଗୋଟିଏ ଜରିଖୋଳରେ ଧରି ଯାଉଥିଲେ। ଟଙ୍କା ଉଠାଣ ସମୟରୁ ତାଙ୍କୁ ପିଛା କରୁଥିବା ୨ ଯୁବକ ବାଇକ୍‌ରେ ଆସି ପୂର୍ବରୁ ପାଲଦାବାଙ୍କ ପୋଲ ତଳେ ଅପେକ୍ଷା କରିଥିଲେ। କମଳିନୀ ସେଠାରେ ପହଞ୍ଚିବା ପରେ ଜଣେ ଯୁବକ ତାଙ୍କୁ ଡାକି ସୁଭଦ୍ରା ଯୋଜନା ଅର୍ଥ ଉଠାଇବା ପରେ ସଙ୍ଗେ ସଙ୍ଗେ ପୁଣି ଥରେ ଦରଖାସ୍ତ କରିବାକୁ ପଡ଼ିବ ତାହା ତମେ କରିଛ କି ନାହିଁ ବୋଲି ପଚାରିଥିଲେ। ଏହା ଜାଣି ନ ଥିବା କମଳିନୀ କହିବାରୁ ସେମାନେ ବାଇକ୍‌ରେ ବସିବାକୁ କମଳିନୀଙ୍କୁ କହିଥିଲେ। ୩ ଜଣ ବାଇକ୍‌ରେ ବସିବା ଅସୁବିଧା ହେଉଥିବା ଦର୍ଶାଇ କମଳିନୀଙ୍କଠାରୁ ଜରିଖୋଳ ବାଇକ୍ ଚାଳକ ମାଗି ନେଇଥିଲେ। ସରଳ ମହିଳା ଜଣକ ଜରିଖୋଳକୁ ଲୁଟେରାଙ୍କ ହାତକୁ ବଢ଼ାଇ ଦେଇଥିଲେ। ମାତ୍ର ଅଳ୍ପ କିଛି ବାଟ ଯିବା ପରେ ୩ ଜଣ ବାଇକ୍‌ରେ ଯିବାରେ ଅସୁବିଧା ହେଉଥିବା ଦର୍ଶାଇ କମଳିନୀଙ୍କୁ ଓହ୍ଲାଇ ଦେଇ ଚମ୍ପଟ ମାରିଥିଲେ। କମଳିନୀ ନିରୁପାୟ ହୋଇ କାନ୍ଦି କାନ୍ଦି ଘରକୁ ଫେରୁଥିବା ବେଳେ ସମ୍ପର୍କୀୟଙ୍କ ସହାୟତାରେ ଯାଇ ଥାନାରେ ଅଭିଯୋଗ କରିଛନ୍ତି।

# ଧାମନଗର ପୋଲିସ କର୍ମଚାରୀଙ୍କୁ ଆକ୍ରମଣ

## ଅଭିଯୁକ୍ତ ଭାବି ଅନ୍ୟ ଜଣଙ୍କୁ ଗାଡ଼ିରେ ନେଉଥିଲେ



ଘଟଣାସ୍ଥଳରେ ଏସ୍‌ଡିପିଓ ଏବଂ ଥାନା ଅଧିକାରୀ ତଦନ୍ତ କରୁଛନ୍ତି।

ଧାମନଗର,୧୮।୯(ସନ୍ତୋଷ କୁମାର ମହାପାତ୍ର/ ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗର ଥାନା ପୋଲିସ କର୍ମଚାରୀ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଧରିବାକୁ ଯାଇ ଲୋକଙ୍କ ଆକ୍ରମଣର ଶିକାର ହୋଇଛନ୍ତି। ଏହି ଘଟଣାରେ ଜଣଙ୍କୁ ଅଟକ ରଖାଯିବା ସହ ତଦନ୍ତ ଚାଲିଛି ବୋଲି ଏସ୍‌ଡିପିଓ ତ୍ରିଲୋଚନ ସେଠୀ କହିଛନ୍ତି।

ସୂଚନା ଅନୁଯାୟୀ, ମହମ୍ମଦଙ୍କ ଜନ୍ମ ଉତ୍ସବ ପାଳନର ପୂର୍ବଦିନ ଚୁଡ଼ାକୁଟି ବଜାରରେ ମୁସଲିମ ସମ୍ପ୍ରଦାୟର ଜଣେ ଯୁବକ ପତାକା ବାନ୍ଧି ବୁଲୁଥିଲେ, ଯାହାକୁ ହିନ୍ଦୁ ସମ୍ପ୍ରଦାୟର କେତେଜଣ ଯୁବକ ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ଘଟଣାକୁ ନେଇ ଧାମନଗର ଥାନାରେ ମୁସଲିମ୍ ଯୁବକ ଜଣକ ଅଭିଯୋଗ କରିଥିଲେ। ବୁଧବାର ଧାମନଗର ଥାନା ଏଏସ୍‌ଆଇ ଲରେନ୍ସ କୁଜୁରୁ ଓ ଜଣେ କନଷ୍ଟେବଳ ସାଦା ପୋଷାକରେ ଚୁଡ଼ାକୁଟି ବଜାରରେ ପହଞ୍ଚି ଉକ୍ତ ଘଟଣାରେ ସମ୍ପୃକ୍ତ ନ ଥିବା ବିଜୟ ଗାହାଣ ନାମକ ଜଣେ ଯୁବକଙ୍କୁ ଘୋଷାରି ଘୋଷାରି ଗାଡ଼ି ଭିତରକୁ ନେଇ ଯାଇଥିଲେ। ଏହା ଦେଖି ସ୍ଥାନୀୟ ଲୋକଙ୍କ ଭିତରେ ସନ୍ଦେହ ସୃଷ୍ଟି ହେବା ସହ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ସହ ଲୋକେ ଯୁକ୍ତିତର୍କ କରିବା ସହ ଆକ୍ରମଣ ମଧ୍ୟ କରିଥିଲେ। ପୋଲିସ ସାଦା ପୋଷାକରେ ଥିବାରୁ ସ୍ଥାନୀୟ ଲୋକେ ଚିହ୍ନି ନ ପାରି ମାଡ଼ ମାରି ଅଟକ ରଖିଥିଲେ। ଖବର ପାଇ ଥାନା ଆଇଆଇସି ଫନୀନ୍ଦ୍ର ଭୂଷଣ ନାୟକ ଓ ଏସ୍‌ଡିପିଓ ସେଠୀ ଘଟଣାସ୍ଥଳରେ ପହଞ୍ଚି ପୋଲିସ କର୍ମଚାରୀଙ୍କୁ ଉଦ୍ଧାର କରି ଧାମନଗର ମେଡିକାଲକୁ ପଠାଇଥିଲେ। ଏନେଇ ଥାନାରେ ଏକ ମାମଲା(ନଂ.୪୦୧/୨୪) ରୁଜୁ ହୋଇଛି।

# ୨ ବର୍ଷର ପୁଅକୁ ଧରି ନଦୀକୁ ଡେଇଁଲେ ମା'

ପିପିଲି/ବଳଙ୍ଗା,୧୮।୯ (ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର/କେଦାରେଶ୍ୱର ନନ୍ଦ)

ପିପିଲି ଅଞ୍ଚଳରେ ବୁଧବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ୨ ବର୍ଷର ପୁଅକୁ ଧରି ମା' ଭାର୍ଗବୀ ନଦୀକୁ ଡେଇଁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି।

ପିପିଲି-ନିମାପଡ଼ା ଛକରେ ରହୁଥିବା ମହେଶ୍ୱର ବେହେରାଙ୍କ ଝିଅ ଈପ୍‌ସିତା ବେହେରା ତାଙ୍କ ଭିଣୋଇ ନିମାପଡ଼ା ଥାନା ଅନ୍ତର୍ଗତ ପୋରକଣା ଗ୍ରାମର ରଶ୍ମିରଞ୍ଜନ ବେହେରାଙ୍କୁ ବିବାହ କରିଥିଲେ। ସେମାନଙ୍କର ୨ ବର୍ଷର ଏକ ପୁତ୍ର ସନ୍ତାନ ରହିଛି। ବୁଧବାର କୌଣସି କାରଣକୁ ନେଇ ଈପ୍‌ସିତା ବେହେରା ଛୁଆକୁ ଧରି ପିପିଲି-ନିମାପଡ଼ା ମୁଖ୍ୟରାସ୍ତା ପୋଲରୁ ଭାର୍ଗବୀ ନଦୀକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ସେହି ସମୟରେ ବ୍ରିଜ୍ ଉପରେ ଥିବା ଲୋକମାନେ ପାଟିତୁଣ୍ଡ କରିଥିଲେ ମଧ୍ୟ ସେ କାହା କଥା ନ ଶୁଣି ନଦୀକୁ ଡେଇଁ ପଡ଼ିଥିଲେ। ଖବରପାଇ ପିପିଲି ପୋଲିସ ଓ ଓଡ୍ରାଫ୍ ଟିମ୍ ପହଞ୍ଚି ତଦନ୍ତ କରି ସୁନାପଦାଠାରୁ ଶବକୁ ଜବତ କରିଥିଲା। ପିପିଲି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଷ୍ଟମର୍ଟମ ପାଇଁ ପୁରୀ ମେଡିକାଲକୁ ପଠାଇଛି। ପାରିବାରିକ କଳହରୁ ଈପ୍‌ସିତା ପୁଅକୁ ଧରି ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ଅନୁମାନ କରୁଛି। ଏନେଇ ଘଟଣା ସମ୍ପର୍କରେ ତଦନ୍ତ ଜାରି ରହିଥିବା ପିପିଲି ଆଇଆଇସି ସୌମେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି।

DADLS-32



# ବିକଶିତ ଓଡ଼ିଶା@୨୦୩୬

## ପ୍ରଗତିର ନୂତନ ସୂର୍ଯ୍ୟୋଦୟ

"ଆମ ସରକାର ହେଉଛି ଲୋକଙ୍କ ସରକାର । ଓଡ଼ିଶାର ୪.୫ କୋଟି ଜନସାଧାରଣଙ୍କ ଆଶା-ଆକାଂକ୍ଷା ଏବଂ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ', ୨୦୪୭ ସଂକଳ୍ପର ରୂପାୟନ ନିମନ୍ତେ ଆମେ ପ୍ରତିବଦ୍ଧ । ୨୦୪୭ ସୁଦ୍ଧା ଆମେ ୧.୫ ଟ୍ରିଲିୟନ୍ ଆମେରିକୀୟ ଡଲାର ଅର୍ଥନୀତିର ଲକ୍ଷ୍ୟ ରଖିଛୁ । ୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶହେ ବର୍ଷ ପାଳନ କଲାବେଳକୁ ଆମେ ବିକାଶର ନୂତନ ଶିଖର ସ୍ପର୍ଶ କରିବା । ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପ୍ରଧାନମନ୍ତ୍ରୀଙ୍କ ଆକାଂକ୍ଷିତ 'ପୂର୍ବୋଦୟ' ଲକ୍ଷ୍ୟ ହାସଲ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବ।"

ବନ୍ଦେ ଉତ୍କଳ ଜନନୀ

**ଶ୍ରୀ ମୋହନ ଚରଣ ମାଝୀ, ମୁଖ୍ୟମନ୍ତ୍ରୀ**

## ସଫଳତାର ୧୦୦ ଦିନ



### ଅର୍ଥ ଓ ବିତ୍ତ ବ୍ୟବସ୍ଥା

- ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା, ସାମାଜିକ ନ୍ୟାୟ ସୁନିଶ୍ଚିତ କରିବା ଓ 'ନାରୀଶକ୍ତି' ଏବଂ 'ଅନ୍ନଦାତା'ଙ୍କୁ ସଶକ୍ତ କରିବା ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ୨.୬୫ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ
- ବିକଶିତ ଭାରତ@୨୦୪୭ ନିମନ୍ତେ ବିକଶିତ ଓଡ଼ିଶା@୨୦୩୬ର ଭିଜନ ଡକ୍ୟୁମେଣ୍ଟ ପ୍ରଣୟନ ପାଇଁ ନୀତି ଆୟୋଗ ସହ ରାଜ୍ୟର ମିଳିତ ପ୍ରୟାସ
  - ଓଡ଼ିଶାକୁ ୧.୫ ଟ୍ରିଲିୟନ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବାକୁ ଆଶା



### ଓଡ଼ିଆ ଅସ୍ମିତା

- ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ପାଇଁ ୨୦୦ କୋଟି ଟଙ୍କାର କର୍ପସ ପାଣ୍ଠି
- ଶତାବ୍ଦୀ ବିଦ୍ୟାଳୟଗୁଡ଼ିକର ପୁନର୍ବିକାଶ ପାଇଁ 'ଐତିହ୍ୟ ବିକାଶ ଯୋଜନା'



### ଜନଜାତି ବିକାଶ

- ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ସ୍ତରରେ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ଡ୍ରପ୍ ଆଉଟ ହ୍ରାସ ଲକ୍ଷ୍ୟରେ 'ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା'ରେ ୫ ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ
- ୬ଟି ବିଶେଷ ଭାବେ ବିପଦସଙ୍କୁଳ ଆଦିମ ଜନଜାତି ଗୋଷ୍ଠୀ ଯଥା:- ଯାଜପୁର ଓ କେନ୍ଦୁଝର ଜିଲ୍ଲାର ଜୁଆଙ୍ଗ, ନୂଆପଡ଼ାର ଚୁକଟିଆ ଭୁଞ୍ଜିଆ, ଗଜପତିର ସଉରା ଓ ମୟୂରଭଞ୍ଜର ମାଙ୍କିଡିଆ ଏବଂ ଖରିଆ ଜନଜାତି ଗୋଷ୍ଠୀଙ୍କୁ ବସତି ଅଧିକାର ପ୍ରଦାନ
- ଚଳିତ ଶିକ୍ଷା ବର୍ଷରୁ ୧୫ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଏବଂ ୧୦ଟି ନୂତନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କାର୍ଯ୍ୟକ୍ଷମ
- ପ୍ରଧାନମନ୍ତ୍ରୀ-ଜନମନ ଅଧୀନରେ ବିଶେଷ ଭାବେ ବିପଦସଙ୍କୁଳ ଆଦିମ ଜନଜାତି ଗୋଷ୍ଠୀଙ୍କ ପାଇଁ ୪୩ଟି ବନ ଧନ ବିକାଶ କେନ୍ଦ୍ର ଓ ୬୧ଟି ବହୁମୁଖୀ କେନ୍ଦ୍ରର ପ୍ରତିଷ୍ଠା
- ପ୍ରଧାନମନ୍ତ୍ରୀ-ଜନମନ ଅଧୀନରେ ୭୩ଟି ବିଶେଷ ଭାବେ ବିପଦସଙ୍କୁଳ ଆଦିମ ଜନଜାତି ବସତିକୁ ସର୍ବକାଳୀନ ଗମନାଗମନ ବ୍ୟବସ୍ଥା
- ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରରେ ପ୍ରତିଷ୍ଠା ହେବ ଆଦିବାସୀ ଗବେଷଣା ଓ ବିକାଶ କେନ୍ଦ୍ର




### ନାରୀଶକ୍ତିକୁ ଶକ୍ତି 'ସୁଭଦ୍ରା'

- **ପାଞ୍ଚ ବର୍ଷ ପାଇଁ ୫୫ ହଜାର କୋଟି ଟଙ୍କା ବ୍ୟବସ୍ଥାର ପ୍ରତିବଦ୍ଧତା**
- **ଉପକୃତ ହେବେ ୧ କୋଟିରୁ ଅଧିକ ମହିଳା**
- **୨୫.୧୧ ଲକ୍ଷ ମହିଳା ହିତାଧିକାରୀଙ୍କ ଆକାଉଣ୍ଟକୁ ଗଲାଣି ୧୨୫୫.୫୭ କୋଟି ଟଙ୍କା**



### ଜନ ଅଭିଯୋଗ ଶୁଣାଣି

- ଦୀର୍ଘ ୧୬ ବର୍ଷର ବ୍ୟବଧାନ ପରେ ୦୧ ଜୁଲାଇ, ୨୦୨୪ରୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
- ଭବିଷ୍ୟତରେ ସମ୍ବଲପୁର ଓ ବ୍ରହ୍ମପୁରରେ ମଧ ହେବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି



### ଶ୍ରୀମନ୍ଦିର, ପୁରୀ

- ପ୍ରତିଶ୍ରୁତି ହେଲା ପୂରଣ: ଭକ୍ତଙ୍କ ପାଇଁ ଖୋଲିଲା ଶ୍ରୀମନ୍ଦିର ଚାରିଦ୍ୱାର
- ଖୋଲିଲା ପୁରୀ ଶ୍ରୀମନ୍ଦିରର ଭିତର ରତ୍ନ ଭଣ୍ଡାର
- ଜଗନ୍ନାଥ ସଂସ୍କୃତି ପାଇଁ ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ପ୍ରାବଧାନ



### ସ୍ୱାସ୍ଥ୍ୟସେବା

- ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ମଧ ସାମିଲ ହେବ ଓଡ଼ିଶା
- ରାଜ୍ୟର ପ୍ରାୟ ୧ କୋଟି ପରିବାରଙ୍କୁ ଦେଶର ୨୭ ହଜାରରୁ ଊର୍ଦ୍ଧ୍ୱ ହସ୍ପିଟାଲରେ ନିଃଶୁଳ୍କ ଚିକିତ୍ସା ପାଇଁ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା
- ଯାଜପୁର, ବାଲେଶ୍ୱର, ବଲାଙ୍ଗୀର, ପୁରୀ, କୋରାପୁଟ, ମୟୂରଭଞ୍ଜ ଓ ତାଳଚେରସ୍ଥିତ ମେଡିକାଲ କଲେଜଗୁଡିକରେ ହେବ ନୂତନ ନର୍ସିଂ କଲେଜ ପ୍ରତିଷ୍ଠା
- ମେଡିକାଲ କଲେଜ ଓ ହସ୍ପିଟାଲରେ ଅତିରିକ୍ତ ଅତ୍ୟାବଶ୍ୟକ ଚିକିତ୍ସା ସାମଗ୍ରୀ କିଣିବା ପାଇଁ ୨୦୦ କୋଟି ଟଙ୍କାର କର୍ପସ ପାଣ୍ଠି ବ୍ୟବସ୍ଥା



### ସାମାଜିକ ସୁରକ୍ଷା

- ୮୦ ବର୍ଷରୁ ଅଧିକ ଏବଂ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମଙ୍କ ପାଇଁ ସାମାଜିକ ସୁରକ୍ଷା ଭତ୍ତା ୧୨୦୦ରୁ ୩,୫୦୦ ଟଙ୍କାକୁ ବୃଦ୍ଧି
- ନିର୍ମାଣ ଶ୍ରମିକଙ୍କୁ ଅନୁକମ୍ପାମୂଳକ ସହାୟତା ରାଶିରେ ଉଲ୍ଲେଖନୀୟ ବୃଦ୍ଧି: ଦୁର୍ଘଟଣାଜନିତ ମୃତ୍ୟୁରେ ଅନୁକମ୍ପାମୂଳକ ରାଶି ୪ ଲକ୍ଷ ରୁ ୬ ଲକ୍ଷ ଟଙ୍କା ଏବଂ ସ୍ୱାଭାବିକ ମୃତ୍ୟୁରେ ୨ ରୁ ୩ ଲକ୍ଷ ଟଙ୍କାକୁ ବଢିଲା



### ପରିବେଶ ଓ ଜଳବାୟୁ କାର୍ଯ୍ୟକ୍ରମ

"ମା' ନାମରେ ଗଛଟିଏ" ଅଭିଯାନରେ ଦେଶରେ ସର୍ବାଧିକ ପ୍ରାୟ ୪.୧୫ କୋଟି ଚାରା ରୋପଣ



### ବିଦ୍ୟାଳୟ ଶିକ୍ଷା

- ପିଏମ-ଶ୍ରୀ ଯୋଜନା ଅଧୀନରେ ରାଜ୍ୟରେ ଥିବା ୫୦୦ଟି ପ୍ରାଥମିକ ବିଦ୍ୟାଳୟ ଉତ୍କର୍ଷ କେନ୍ଦ୍ରରେ ପରିଣତ ହେବ
- 'ନିପୁଣ ଓଡ଼ିଶା' : ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଆହରଣକୁ ପ୍ରୋତ୍ସାହିତ କରିବା ପାଇଁ ସ୍ୱତନ୍ତ୍ର ଯୋଜନା
- 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା'ରେ ସୁନିଶ୍ଚିତ ହେବ ପ୍ରାଥମିକ ବିଦ୍ୟାଳୟଗୁଡିକରେ ଗୁଣାତ୍ମକ ଶିକ୍ଷା



### ଉଚ୍ଚ ଶିକ୍ଷା

- ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ (ପିଏମ-ଉଷା)ର କାର୍ଯ୍ୟାନ୍ୱୟନ ନିମନ୍ତେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ
- ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ୪୦ଟି ପ୍ରାକ-ସ୍ନାତକ ପାଠ୍ୟକ୍ରମ ସଂଶୋଧିତ
- ଉଚ୍ଚଶିକ୍ଷାର ଉନ୍ନତି ପାଇଁ ମହାବିଦ୍ୟାଳୟ ନଥିବା ବ୍ଲକଗୁଡିକରେ ଖୋଲିଲା ୧୮ଟି ନୂଆ ସରକାରୀ କଲେଜ
- ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଆଇନ-୨୦୨୦ ଉଚ୍ଛେଦ ପାଇଁ ନୀତିଗତ ନିଷ୍ପତ୍ତି



### ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା

- ଆତିଥ୍ୟ ଓ ପରିଚର୍ଯ୍ୟା ପାଠ୍ୟକ୍ରମ ପାଇଁ ସ୍ୱତନ୍ତ୍ର ଶିକ୍ଷାକେନ୍ଦ୍ର ଭାବରେ ଭୁବନେଶ୍ୱରରେ ପ୍ରତିଷ୍ଠା ହେଲା 'କୌଶଳ ଭବନ'
- ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁସାରେ ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକରେ ଡିଜିଟାଲ ସ୍କିଲିଂ ଅଭିଯାନକ୍ରମେ ୩୦ଟି ଦକ୍ଷତା ବିକାଶ ହବରେ ୩୦ ହଜାରରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଦିଆଯିବ ୬ ହଜାରରୁ ଅଧିକ ପାଠ୍ୟକ୍ରମର ଶିକ୍ଷା




### ଜଳସମ୍ପଦ

- ୪୬ ବର୍ଷ ପରେ ହୀରାକୁଦ ଜଳସେଚିତ ଅଞ୍ଚଳରେ ଫଳପ୍ରଦ ଜଳ ପରିଚାଳନା ପାଇଁ ୮୫୫ କୋଟି ଟଙ୍କା ବ୍ୟୟରେ ହୀରାକୁଦ କେନାଲ ବ୍ୟବସ୍ଥାର ପୁନରୁଦ୍ଧାର
- ନୟାଗଡ଼ ଜିଲ୍ଲାର ୫ଟି ମରୁଡ଼ିପ୍ରବଣ ବ୍ଲକପାଇଁ ପ୍ରସ୍ତାବିତ ୨୩,୩୦୦ ହେକ୍ଟର ଆୟକଟ ବିଶିଷ୍ଟ ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ନିମନ୍ତେ ଜଙ୍ଗଲ କିସମ ପରିବର୍ତ୍ତନ ପାଇଁ ଅନୁମତି
- ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଲାଗି ସମ୍ବଲପୁର ଓ ଅନ୍ୟାନ୍ୟ ସ୍ଥାନରେ 'ମହାନଦୀ ରିଭର ଫ୍ରଣ୍ଟ ବିକାଶ' ପରିଯୋଜନା ହେବ କାର୍ଯ୍ୟକାରୀ



### ଗୃହ ନିର୍ମାଣ ଓ ନଗର ଉନ୍ନୟନ

- ଅମୃତ ୨.୦ ଅଧୀନରେ 'ଅମୃତ ମିତ୍ର' ଅଭିଯାନ : ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୬୦ଟି ଜଳାଶୟର ପୁନରୁଦ୍ଧାର
- ପ୍ରଧାନମନ୍ତ୍ରୀ ଇ-ବସ୍ ସେବା : ଭୁବନେଶ୍ୱର, କଟକ, ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁରରେ ଖୁବଶୀଘ୍ର ୪୦୦ ଟି ଇ-ବସ୍ କରିବ ଚଳାଚଳ
- ସହଜ ଜୀବନଧାରାକୁ ପ୍ରୋତ୍ସାହନ : ଓଡ଼ିଶା ଲୋକସେବା ଅଧିକାର ଆଇନ, ୨୦୧୨ ଅଧୀନରେ ବିଲ୍ଡିଂ ପ୍ଲାନ୍ ଓ ବ୍ୟବସାୟ ଲାଇସେନ୍ସ ସମ୍ବନ୍ଧିତ ୫ଟି ଗୁରୁତ୍ୱପୂର୍ଣ୍ଣ ପୌର ସେବା ସାମିଲ
- ପ୍ରଥମଥର ପାଇଁ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ଆୟୋଜନ ଏବଂ ୭୯୧.୬୧ କୋଟି ଟଙ୍କା ବିନିଯୋଗ କ୍ରମେ ୧୩୬ଟି ଭିତ୍ତିଭୂମି ବିକାଶ ପ୍ରକଳ୍ପର ଶିଳାନ୍ୟାସ: ଉପକୃତ ହେବେ ବିଭିନ୍ନ ସହରର ୨୨ ଲକ୍ଷ ଲୋକ
- ୩୫୯ କୋଟି ଟଙ୍କା ବିନିଯୋଗ କ୍ରମେ ୩୩୫ଟି ସହରାଞ୍ଚଳ ବିକାଶ ପ୍ରକଳ୍ପ ଲୋକାର୍ପିତ, ବିଭିନ୍ନ ସହରାଞ୍ଚଳର ୧୭ ଲକ୍ଷ ଲୋକ ହେବେ ଉପକୃତ



### କୃଷି ଓ ଆନୁଷଙ୍ଗିକ କ୍ଷେତ୍ର

- 'ସମୃଦ୍ଧ କୃଷକ ଯୋଜନା'ରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ କ୍ୱିଣ୍ଟାଲ ପିଛା ଅଧିକ ୮୦୦ ଟଙ୍କା ବୃଦ୍ଧି : ଉପକୃତ ହେବେ ପ୍ରାୟ ୨୦ ଲକ୍ଷ କୃଷକ
- ବାଦ୍ ପଡ଼ିଥିବା ସମସ୍ତ ଯୋଗ୍ୟ ଚାଷୀଙ୍କୁ ପିଏମ୍ କିଷାନ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ରାଜ୍ୟରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ, ଉପକୃତ ହେବେ ପ୍ରାୟ ୫ ଲକ୍ଷ କୃଷକ
- ଅଚଳ ଉଠା ଜଳସେଚନ ପ୍ରକଳ୍ପଗୁଡିକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ୧୦୮୪ କୋଟି ଟଙ୍କାର ପ୍ରାବଧାନ
- 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' : ରାଜ୍ୟରେ ଦୈନିକ ଦୁଗ୍ଧ ଉତ୍ପାଦନକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ ଯୋଜନାର ଶୁଭାରମ୍ଭ, ୧୫ ଲକ୍ଷରୁ ଅଧିକ ଦୁଗ୍ଧଚାଷୀ ହେବେ ଉପକୃତ
- ଦୁଗ୍ଧ ସମବାୟ ସମିତିଗୁଡିକର ଦୃଢୀକରଣ ଓ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲକ୍ଷ୍ୟରେ ଏନଡିଡିବି ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ, ୧.୫ ଲକ୍ଷ ଦୁଗ୍ଧଚାଷୀ ହେବେ ଉପକୃତ
- ବାଲେଶ୍ୱର ଜିଲ୍ଲାର ବସ୍ତାଠାରେ ଅତ୍ୟାଧୁନିକ ସ୍ୱାସ୍ଥ୍ୟକର ପାଇକାରୀ ମତ୍ସ୍ୟ ବଜାର ନିର୍ମାଣ



### ଶିଳ୍ପ ଓ ବାଣିଜ୍ୟ ବିକାଶ

- ୫,୯୯୨ କୋଟି ଟଙ୍କାର ୨୬ଟି ପ୍ରକଳ୍ପକୁ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ପ୍ରାଧିକରଣର ଅନୁମୋଦନ, ସୃଷ୍ଟି ହେବ ୧୯ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ
- ଅଟୋମୋବାଇଲ, ବୈଦ୍ୟୁତିକ ଯାନ, ସେମିକଣ୍ଡକ୍ଟର ଏବଂ ଆଇଟି କ୍ଷେତ୍ର ଭଳି ଶିଳ୍ପ ପାଇଁ ରାଜ୍ୟ ରାଜଧାନୀ ଅଞ୍ଚଳରେ ପ୍ରତିଷ୍ଠା ହେବ ଏଫ୍.ଡି.ଆଇ. ପାର୍କ
- ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଖୋର୍ଦ୍ଧାର କାଳିବାଟି ଓ ଭୂଇଁପୁରରେ ପ୍ରତିଷ୍ଠା ହେବ ଦୁଇଟି ପୋଷାକ ତିଆରି ପାର୍କ
- ଖାଦ୍ୟ ସାମଗ୍ରୀ ପ୍ରସ୍ତୁତିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଷ୍ଠା ହେବ ମେଗା ଫୁଡ୍ ପାର୍କ
- ୧୧ଟି ନୂତନ ଏମ୍ଏସ୍ଏମ୍ଇ ପାର୍କ ପ୍ରତିଷ୍ଠା ସାଙ୍ଗକୁ ରହିଥିବା ଏମ୍ଏସ୍ଏମ୍ଇ ପାର୍କଗୁଡିକର ହେବ ସଂପ୍ରସାରଣ
- 'କନେକ୍ଟ ଓଡ଼ିଶା' ଯୋଜନା ଅଧୀନରେ ବାଣିଜ୍ୟ ତଥା ଆନୁଷଙ୍ଗିକ ବ୍ୟବସ୍ଥାର ସୁବିଧା ପାଇଁ ୮ଟି ପ୍ରମୁଖ ସ୍ଥାନରେ ହେବ ମଲ୍ଟି ମୋଡାଲ ଲଜିଷ୍ଟିକ୍ ପାର୍କ
- ଇନଫୋ ଭ୍ୟାଲି ଇ.ଏମ୍.ସି. ଭୁବନେଶ୍ୱରରେ ଭାରତର ପ୍ରଥମ ସମନ୍ୱିତ ସିଲିକନ କାର୍ବାଇଡ ଉତ୍ପାଦନ କାରଖାନାର ଶୁଭାରମ୍ଭ
- ଭୁବନେଶ୍ୱର ନିକଟସ୍ଥ ଅରାଙ୍ଗଠାରେ ୨୦୦ ଏକର ପରିମିତ ଜମି ଉପରେ ଉତ୍ସର୍ଗୀକୃତ ସେମିକଣ୍ଡକ୍ଟର ପାର୍କର ପ୍ରତିଷ୍ଠା
- ବୈଷୟିକ ଶିଳ୍ପ ପାଇଁ ୧୦ ନିୟୁତ ବର୍ଗଫୁଟ ପ୍ଲଗ୍-ଆଣ୍ଡ-ପ୍ଲେ ସ୍ଥାନ ସ୍ଥିରୀକୃତ
- ଆଗାମୀ ୫ ବର୍ଷରେ ଆଇଟି/ଆଇଟିଇଏସ୍/ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ସୃଷ୍ଟି ହେବ ୫୦ ହଜାର ନୂତନ ନିଯୁକ୍ତି
- ଜୁନ ୨୦୨୭ ସୁଦ୍ଧା ରାଉରକେଲା, ସମ୍ବଲପୁର, ପାରାଦୀପ ଓ ଧାମରାକୁ ସଂଯୋଗ କରିବ ଶିଳ୍ପ କରିଡର
- କଳିଙ୍ଗ ନଗର, ଝାରସୁଗୁଡ଼ା, ରାଉରକେଲା, ଭୁବନେଶ୍ୱର, ଜଗତପୁର, କେନ୍ଦୁଝର ଓ ଦାମନଯୋଡ଼ି ଶିଳ୍ପାଞ୍ଚଳରେ 'ଦୀନଦୟାଲ କର୍ମଚାରୀ ନିବାସ ଯୋଜନା' ଅଧୀନରେ ନିର୍ମାଣ ହେବ ଶ୍ରମିକ ହଷ୍ଟେଲ
- ୫୦ ମିଲିଅନ ମେଟ୍ରିକ ଟନ ମାଲ ପରିବହନ ପାଇଁ ଗୋପାଳପୁର ବନ୍ଦରକୁ କରାଯିବ ଉନ୍ନୀତ



### ଗ୍ରାମ୍ୟ ଉନ୍ନୟନ

- 'ସେତୁ ବନ୍ଧନ ଯୋଜନା'ରେ ଗ୍ରାମାଞ୍ଚଳ ସଂଯୋଗୀକରଣ ପାଇଁ ନିର୍ମିତ ହେବ ୫୦୦ଟି ନୂତନ ସେତୁ
- ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା-୪ (ପିଏମଜିଏସୱାଇ-୪)ରେ ସଂଯୋଗବିହୀନ ୧୫୨୩ଟି ଗ୍ରାମକୁ ସର୍ବକାଳୀନ ସଡ଼କ ଯୋଗାଯୋଗ
- 'ବିକଶିତ ଗାଁ, ବିକଶିତ ଓଡ଼ିଶା': ଗ୍ରାମାଞ୍ଚଳ ଭିତ୍ତିଭୂମି ନିର୍ମାଣ ଓ ସାମଗ୍ରିକ ବିକାଶ ପାଇଁ ୧,୦୦୦ କୋଟି ଟଙ୍କାର ବ୍ୟବସ୍ଥା
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମ୍ୟ)ରେ ଗତ ୧୦୦ ଦିନ ମଧ୍ୟରେ ପ୍ରାୟ ୧ ଲକ୍ଷ ଘର ହୋଇଛି ସମ୍ପୂର୍ଣ୍ଣ
- 'ଅନ୍ତ୍ୟୋଦୟ ଗୃହ ଯୋଜନା': ବାଦ୍ ପଡ଼ିଥିବା ନିମ୍ନ ଆୟକାରୀ ପରିବାରଙ୍କ ପାଇଁ ବାସଗୃହ ନିର୍ମାଣ ସକାଶେ ୧୦୦ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା
- ଗତ ୧୦୦ ଦିନ ମଧ୍ୟରେ ବୃହତ, ଏକକ ଏବଂ ସୌରଚାଳିତ ପାଇପ୍ ଜଳଯୋଗାଣ ପ୍ରକଳ୍ପ ମାଧ୍ୟମରେ ୧.୨୫ ଲକ୍ଷରୁ ଅଧିକ ପରିବାରକୁ ଟ୍ୟାପ୍ ଯୋଗେ ଜଳଯୋଗାଣ ବ୍ୟବସ୍ଥା କାର୍ଯ୍ୟକ୍ଷମ



### ଯୁବସେବା ଓ କ୍ରୀଡା

- ତୃଣମୂଳସ୍ତରୀୟ କ୍ରୀଡ଼ାର ବିକାଶ, ମିନି ଷ୍ଟାଡିୟମ, ଜିଲ୍ଲାସ୍ତରୀୟ କ୍ରୀଡା ଏକାଡେମୀ ଓ ରାଜ୍ୟର ୪ଟି ଜୋନରେ ଅତ୍ୟାଧୁନିକ ଏକାଡେମୀର ପ୍ରତିଷ୍ଠା ପାଇଁ ୯୫୨ କୋଟି ଟଙ୍କାର ବ୍ୟୟବରାଦ
- ସମ୍ବଲପୁରରେ ଅତ୍ୟାଧୁନିକ ବହୁମୁଖୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣର ଯୋଜନା
- ଯୁବ ନେତୃତ୍ୱ ଓ ସ୍ୱେଚ୍ଛାସେବୀ ମନୋଭାବର ବିକାଶ, କ୍ରୀଡ଼ା ଓ କ୍ରୀଡ଼ାସଂସ୍କୃତିର ଅଭିବୃଦ୍ଧି ପାଇଁ 'ଯୁବ ଶକ୍ତି ଯୋଜନା'ରେ ୧୦୦ କୋଟି ଟଙ୍କାର ବ୍ୟୟବରାଦ



### ଅକ୍ଷୟ ଶକ୍ତିକୁ ପ୍ରୋତ୍ସାହନ

ଜାତୀୟ ନେଟ୍ ଜିରୋ ଲକ୍ଷ୍ୟ ହାସଲ ପାଇଁ ଅକ୍ଷୟ ଶକ୍ତି ଉପରେ ଗୁରୁତ୍ୱ

- ୬୧୩ କୋଟି ଟଙ୍କାର 'ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ଯୋଜନା'ର ଶୁଭାରମ୍ଭ
- 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା' ରାଜ୍ୟରେ ହେବ କାର୍ଯ୍ୟକାରୀ
- 'ସୌରଶକ୍ତି ପ୍ରୋତ୍ସାହନ ଯୋଜନା' ମାଧ୍ୟମରେ ଓଡ଼ିଶା ସରକାର ପ୍ରଦାନ କରିବେ ଅତିରିକ୍ତ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ପରିପୂରକ ପାଣ୍ଠି



### ନିଯୁକ୍ତି ଓ ଜୀବିକାର୍ଜ୍ଜନକୁ ଗୁରୁତ୍ୱ

- ବ୍ୟାପକ ନିଯୁକ୍ତି ଅଭିଯାନ : ୫ ବର୍ଷରେ ପୂରଣ ହେବ ୧.୫ ଲକ୍ଷ ସରକାରୀ ପଦବୀ, ପ୍ରଥମ ଦୁଇ ବର୍ଷରେ ୬୫ ହଜାର ଏବଂ ୨୦୨୪ ଡିସେମ୍ବର ସୁଦ୍ଧା ୨୦ ହଜାର ପଦବୀରେ ନିଯୁକ୍ତି
- ପୂର୍ବତନ ଅଗ୍ନିବୀରମାନଙ୍କୁ ରାଜ୍ୟର ୟୁନିଫର୍ମ ସେବାର ସମସ୍ତ ଗ୍ରୁପ୍ 'ସି' ଓ 'ଡି' ପଦବୀରେ ନିଯୁକ୍ତି ପାଇଁ ସମାନ୍ତରାଳ ଭାବେ ସବୁ ବର୍ଗରେ ୧୦ ପ୍ରତିଶତ ସଂରକ୍ଷଣ ସହିତ ବୟସ ସୀମା ୩ ବର୍ଷ କୋହଳ ଏବଂ ଶାରୀରିକ ଦକ୍ଷତା ପରୀକ୍ଷା ଛାଡ
- ଲକ୍ଷପତି ଦିଦି : ୨୦୨୭ ସୁଦ୍ଧା ୨୫ ଲକ୍ଷ ମହିଳା ହେବେ ଲକ୍ଷପତି ଦିଦି
- ଆର୍ଥିକ କାର୍ଯ୍ୟକଳାପ ସୃଷ୍ଟି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଉତ୍ପାଦ ବୃଦ୍ଧି ପାଇଁ ୧,୧୬୨ କୋଟି ଟଙ୍କାର ବ୍ୟୟବରାଦ



### ଭାରତ ସରକାରଙ୍କ ପ୍ରମୁଖ ପଦକ୍ଷେପ

- ଓଡ଼ିଶାରେ ରେଳ ଭିତ୍ତିଭୂମି ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ୧୦,୫୮୬ କୋଟି ଟଙ୍କାର ରେକର୍ଡ ବ୍ୟୟବରାଦ
- ସଂଯୋଗବିହୀନ, ଆକାଂକ୍ଷୀ ଏବଂ ଆଦିବାସୀ ଅଞ୍ଚଳକୁ ଗୁରୁତ୍ୱ ଦେଇ ୧୯,୦୦୦ କୋଟି ଟଙ୍କାର ୮ଟି ନୂଆ ରେଳ ପ୍ରକଳ୍ପ ଅନୁମୋଦିତ :
  - ବରଗଡ ରୋଡ – ନୂଆପଡା ରୋଡ (୧୩୮ କିମି) ନୂଆ ଲାଇନ
  - ସରଡେଗା – ଭାଲୁମୁଡ଼ା (୩୭ କିମି) ନୂଆ ଦୋହରା ଲାଇନ
  - ଗୁଣୁପୁର - ଥେରୁବାଲି (୭୩.୬ କିମି) ନୂଆ ଲାଇନ
  - ଜୁନାଗଡ଼ - ନବରଙ୍ଗପୁର (୧୧୬.୨ କିମି) ନୂଆ ଲାଇନ
  - ବାଦାମପାହାଡ଼ - କେନ୍ଦୁଝରଗଡ଼ (୮୨.୦୬ କିମି) ନୂଆ ଲାଇନ
  - ବାଙ୍ଗିରିପୋଷି - ଗୋରୁମହିଷାଣୀ (୮୫.୬ କିମି) ନୂଆ ଲାଇନ
  - ମାଲକାନଗିରି – ପାଣ୍ଡୁରଙ୍ଗାପୁରମ ଭାୟା ଭଦ୍ରାଚଳମ (୧୭୩.୬ କିମି) ନୂଆ ଲାଇନ
  - ବୁରାମରା – ଚକୁଳିଆ (୬୦ କିମି) ନୂଆ ଲାଇନ
- ଓଡ଼ିଶାର ରେଳ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ଅଧିକ ୩ଟି ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍ ଚଳାଚଳ ଆରମ୍ଭ :
  - କେନ୍ଦୁଝରଗଡ଼ ଦେଇ ବ୍ରହ୍ମପୁର-ଟାଟାନଗର ବନ୍ଦେ ଭାରତ ଏକ୍ସପ୍ରେସ୍
  - ରାଉରକେଲା-ହାୱଡ଼ା ବନ୍ଦେ ଭାରତ ଏକ୍ସପ୍ରେସ୍
  - ଓଡ଼ିଶାର ଖଡିଆଳ ରୋଡ୍, କଣ୍ଟାବାଞ୍ଜି, ଟିଟିଲାଗଡ଼, କେସିଙ୍ଗା ଓ ରାୟଗଡ଼ାକୁ ସଂଯୋଗ କରି ରାୟପୁର-ବିଶାଖାପାଟଣା ବନ୍ଦେ ଭାରତ ଏକ୍ସପ୍ରେସ୍
- ସଡ଼କ ସଂଯୋଗୀକରଣରେ ଉନ୍ନତି ଓ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ନୂତନ ଜାତୀୟ ରାଜପଥ ବିକାଶ ପ୍ରକଳ୍ପ :
  - ୧୮୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ୬ଲେନ ବିଶିଷ୍ଟ ଭୁବନେଶ୍ୱର-ପୁରୀ ରାଜପଥ
  - ୧୦ ହଜାର କୋଟି ଟଙ୍କା ବ୍ୟୟରେ ୨୦୦ କିଲୋମିଟର ଚଣ୍ଡିଖୋଲ-ବଡ଼ବିଲ ରାସ୍ତା
  - ୧୧୦୦ କୋଟି ଟଙ୍କା ବ୍ୟୟରେ ୫୭ ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧ-ନୟାଗଡ଼ ୫୪ କି.ମି.ରାସ୍ତାକୁ ୪ ଲେନରେ ରୂପାନ୍ତରଣ
  - ୧୦୦୦ କୋଟି ଟଙ୍କା ବ୍ୟୟରେ ୨୬ ନମ୍ବର ରାଜପଥର କେସିଙ୍ଗା-ଜୁନାଗଡ଼ ୪୬ କି.ମି. ରାସ୍ତାକୁ ୪ ଲେନରେ ରୂପାନ୍ତରଣ

OIPR-15001/13/0182/2425

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର | CMO_Odisha | CMO Odisha | IPR_Odisha | IPR Odisha | IPR Odisha

## ମେଘନାଦ ପାଚେରିରେ ଫାଟ

■ଐତିହ୍ୟ ପ୍ରତି ପୁଣି ଅବହେଳା
■ଜଗନ୍ନାଥପ୍ରେମୀଙ୍କ ଅସନ୍ତୋଷ

ପୁରୀ,୧୮।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ମେଘନାଦ ପାଚେରିରେ ଫାଟ ଦେଖିବାକୁ ମିଳିଛି। ସିଂହଦ୍ୱାର ପାର୍ଶ୍ୱ ଅର୍ଥାତ୍ ନଙ୍ଗୁଳି ମଠ ନିକଟ ଏବଂ ଆଖପାଖ ସ୍ଥାନର ମେଘନାଦ ପାଚେରିରେ ଅନେକ ଫାଟ ସୃଷ୍ଟି ହୋଇ ପାଣି ଗଳୁଛି। ଏହି ପାଣି ନିକଟସ୍ଥ ତୁଳସୀ ଗଛ ଉପରେ ପଡୁଛି। ଉକ୍ତ ସ୍ଥାନକୁ ଲାଗି ଆନନ୍ଦବଜାର ରହିଛି। ଭକ୍ତମାନେ ମହାପ୍ରସାଦ ସେବନ କରି ସେଠାରେ ହାତ ଧୋଇଥାନ୍ତି। ସେହିପରି ହାତଗୋଡ଼ ଧୋଇବା ନିମନ୍ତେ ଅନେକ ଟ୍ୟାପ୍ ରହିଛି। ଏପରିକି ସେଠାରେ ଥିବା ଧୂନିରେ ପାଣି ଛିଟିକା ପଡୁଛି। ତେଣୁ ଏ ନେଇ ମଠର ସାଧୁସନ୍ଥଙ୍କ ସମେତ ଜଗନ୍ନାଥପ୍ରେମୀ ଅସନ୍ତୋଷ ବ୍ୟକ୍ତ କରିଥିବାବେଳେ ଶ୍ରୀମନ୍ଦିର ପ୍ରଶାସନ ଏବଂ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)ର ଅବହେଳାକୁ ଦୋଷ ଦେଉଛନ୍ତି।


ମେଘନାଦ ପାଚେରିର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇ ପାଣି ଝରୁଛି।

ଶ୍ରୀମନ୍ଦିର ଐତିହ୍ୟ ସହ ମେଘନାଦ ପାଚେରି ଜଡ଼ିତ। ମେଘନାଦ ପାଚେରି କାନ୍ଥରେ ଶିଉଳି ଲାଗିଗଲାଣି। ମାତ୍ର ଏଥିପ୍ରତି କାହାର ଧ୍ୟାନ ନାହିଁ। ଶ୍ରୀମନ୍ଦିର ଉତ୍ତରଦ୍ୱାର ପଟ ଆନନ୍ଦବଜାର ପାର୍ଶ୍ୱ ମେଘନାଦ ପାଚେରି ନିକଟରେ ପରିସ୍ରା କରିବା ନିମନ୍ତେ ବ୍ୟବସ୍ଥା ରହିଛି। ସେଠାରେ ଲୋକେ ପରିସ୍ରା କରିଥାନ୍ତି। ଉକ୍ତ ପାଣି ଲିକ୍ କରି ପାଚେରି ଦେଇ ବାହାରକୁ ପଡୁଛି ବୋଲି ଅନୁମାନ କରାଯାଉଛି। ଏନେଇ ନଙ୍ଗୁଳି ମଠର ସାଧୁ ଶିବସୁନ୍ଦର ଜୀ କହିଛନ୍ତି, ମେଘନାଦ ପାଚେରିରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇ ପାଣି ଝରୁଛି। ଯାହା ମେଘନାଦ ପାଚେରି ପ୍ରତି ବିପଦ ସୃଷ୍ଟି କରିବ। ଏଥିପ୍ରତି ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ। ଆନନ୍ଦ ବଜାର ପାଣି ଫାଟ ଦେଇ ଆସୁଥିବା ଜଣାପଡୁଛି। ହାତ ଓ ଗୋଡ଼ ଧୁଆ ପାଣି ତୁଳସୀ ଗଛରେ ପଡୁଛି ଯାହା ଗ୍ରହଣୀୟ ନୁହେଁ। ମେଘନାଦ ପାଚେରି ହେଉଛି ଶ୍ରୀମନ୍ଦିର ସୁରକ୍ଷା ପାଚେରି। ତେଣୁ ଏହାର ସୁରକ୍ଷା ଏକାନ୍ତ କାମ୍ୟ। ଅନ୍ୟପକ୍ଷରେ ଏଏସ୍ଆଇ ଉପମହାନିର୍ଦ୍ଦେଶକ ଜାନ୍ଭିଜ୍ ଶର୍ମା କହିଛନ୍ତି, ସ୍ଥାନୀୟ ଅଧିକାରୀଙ୍କୁ ଏନେଇ ଅବଗତ କରାଯିବା ସହ ତୁରନ୍ତ ପଦକ୍ଷେପ ନେବାକୁ କୁହାଯିବ। ସେହିପରି ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ଡି.ବି. ଗଡ଼ନାୟକ କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନ ସହିତ ଆଲୋଚନା କରାଯାଇ ଖୁବ୍‌ଶୀଘ୍ର ମେଘନାଦ ପାଚେରି ମରାମତି କରାଯିବ।


ରତ୍ନଭଣ୍ଡାରର ପ୍ରାରମ୍ଭିକ ନିରୀକ୍ଷଣ ଓ ବୈଷୟିକ ଅନୁଧ୍ୟାନ ପାଇଁ ବୁଧବାର ଏଏସ୍ଆଇ ଅତିରିକ୍ତ ମହାନିର୍ଦ୍ଦେଶକ ଜାନଭିଜ୍ ଶର୍ମା, ରତ୍ନଭଣ୍ଡାର ଯାଞ୍ଚ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ପ୍ରମୁଖ ଶ୍ରୀମନ୍ଦିରକୁ ଯାଉଛନ୍ତି।

## ଶଙ୍କରଚାର୍ଯ୍ୟଙ୍କ କ୍ଷୋଭ

ପୁରୀ, ୧୮।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପ୍ରଶାସନ କିମ୍ବା ପରିଚାଳନା କମିଟି ତାଙ୍କ କଥା ଶୁଣୁ ନ ଥିବା କହି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ କ୍ଷୋଭ ପ୍ରକାଶ କରିଛନ୍ତି। ବୁଧବାର ଶଙ୍କରାଚାର୍ଯ୍ୟ ଚତୁର୍ମାସ୍ୟା ବ୍ରତ ସମ୍ପନ୍ନ କରି ପତିତପାବନଙ୍କୁ ଦର୍ଶନ କରି ଫେରିବା ସମୟରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି, ତାଙ୍କଠାରୁ ପରାମର୍ଶ ନେଇ କାର୍ଯ୍ୟ କରିବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଶ୍ରୀମନ୍ଦିର ପରିଚାଳନା କମିଟି କିମ୍ବା ପ୍ରଶାସନ ତାଙ୍କ ସହ କୌଣସି ବିଷୟରେ ପରାମର୍ଶ ଲୋଡୁନାହିଁ କି ଯୋଗାଯୋଗ କରୁନାହିଁ। ଗୋବର୍ଦ୍ଧନ ପୀଠର ଦେବତା ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଇଷ୍ଟଦେବୀ ହେଉଛନ୍ତି ମା’ ବିମଳା। ତେବେ ପରିଚାଳନା କମିଟି ତାଙ୍କୁ କୌଣସି କଥାରେ ପଚାରୁନାହିଁ। ତେଣୁ ସେ କୌଣସି କାର୍ଯ୍ୟରେ ହସ୍ତକ୍ଷେପ କରିବାକୁ ଚାହୁଁନାହାନ୍ତି।

## ସଂକ୍ଷେପରେ

### ନାବାଳିକା ଅପହରଣ ଅଭିଯୋଗ, ୨ ଗିରଫ

ଚୌଦ୍ୱାର,୧୮।୯(ଆଶୁତୋଷ ଦାସ)

ନାବାଳିକା ଅପହରଣ ଅଭିଯୋଗରେ ଚୌଦ୍ୱାର ପୋଲିସ ୨ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କୋଣାର୍କ ଥାନା ଅଞ୍ଚଳର ମହେଶ୍ୱର କାଣ୍ଡି ଓ ତାଙ୍କ ପୁଅ ଶ୍ରୀକ୍ଷେତ୍ର କାଣ୍ଡି। ପୋଲିସ ସୂଚନା ଅନୁଯାୟୀ, ଫେସ୍‌ବୁକ୍ ଜରିଆରେ ଶ୍ରୀକ୍ଷେତ୍ର ଓ ଚୌଦ୍ୱାର ଅଞ୍ଚଳର ସମ୍ପୃକ୍ତା ନାବାଳିକା ମଧ୍ୟରେ ପରିଚୟ ହୋଇଥିଲା। ଏଥିସହ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। କିଛିଦିନ ପରେ ଶ୍ରୀକ୍ଷେତ୍ର ଚୌଦ୍ୱାର ଆସି ନାବାଳିକାଙ୍କୁ ଅପହରଣ କରିନେଇଥିଲେ। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଚୌଦ୍ୱାର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ. ୩୭୪/୨୪) ରୁଜୁ କରିଥିଲା। ଟାଙ୍ଗୀସ୍ଥିତ ଏକ ଘରୋଇ କମ୍ପାନୀରେ ଶ୍ରୀକ୍ଷେତ୍ର କାର୍ଯ୍ୟ କରିବା ସହିତ ଉଭୟ ସେଠାରେ ଏକ ଘର ଭଡା ନେଇ ରହୁଥିଲେ। ହେଲେ ଏସମ୍ପର୍କରେ ପୋଲିସକୁ ସୂଚନା ମିଳିଥିବା ଜାଣିପାରି ଶ୍ରୀକ୍ଷେତ୍ର ନାବାଳିକାଙ୍କୁ ନେଇ କୋଣାର୍କସ୍ଥିତ ନିଜ ଘରକୁ ଚାଲି ଯାଇଥିଲେ। ଆଇଆଇସି ବିଶ୍ୱରଞ୍ଜନ ସାହୁଙ୍କ ନିର୍ଦ୍ଦେଶରେ ଏସ୍ଆଇ ସରସ୍ୱତୀ ସାହୁ ସଦଳବଳେ କୋଣାର୍କ ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତ ଓ ତାଙ୍କ ବାପାଙ୍କୁ ଗିରଫ କରିବା ସହିତ ନାବାଳିକାଙ୍କୁ ଉଦ୍ଧାର କରି କଟକସ୍ଥିତ ଏକ ଶିଶୁ ଯତ୍ନ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଏହି ଘଟଣାରେ ଶ୍ରୀକ୍ଷେତ୍ରଙ୍କୁ ମହେଶ୍ୱର ସାହାଯ୍ୟ କରିଥିବା ପୋଲିସ ଜାଣିବାକୁ ପାଇଛି।

### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

କଟକ ସଦର,୧୮।୯
(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ ଶ୍ରୀରାମ ଗ୍ରାମଠାରେ ମଙ୍ଗଳବାର ରାତିରେ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ଧର୍ମଦତ୍ତ ପ୍ରଧାନ। ପୋଲିସ ସୂତ୍ରରୁ ପ୍ରକାଶ, ଧର୍ମଦତ୍ତ ବାଇକ୍‌ରେ ଘରକୁ ଫେରୁଥିବାବେଳେ ରାସ୍ତାରେ ଛିଡ଼ା ହୋଇଥିବା ଷଣ୍ଢକୁ ଧକ୍କା ଦେଇ ଗୁରୁତର ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ସ୍ଥାନୀୟ ପୋଲିସ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ମହଙ୍ଗା ପଡ଼ିଲା ମୋବାଇଲ୍ ଆପ୍‌ରୁ ଟିଭି ରିଚାର୍ଜ
### ବ୍ୟାଙ୍କ ଆକାଉଣ୍ଟରୁ କଟିଗଲା ୨୪,୯୯୦

କଟକ,୧୮।୯ (କାର୍ତ୍ତିକ ସାହୁ)

କଟକରେ ରହୁଥିବା ଜଣେ ବ୍ୟକ୍ତି ତାଙ୍କ ମୋବାଇଲ୍ ଆପ୍‌ରୁ ଟିଭି ରିଚାର୍ଜ କରୁଥିବାବେଳେ ଠକାମିର ଶିକାର ହୋଇଛନ୍ତି। ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ କଟିଯାଇଛି ୨୪,୯୯୦ ଟଙ୍କା। ସାଇବର୍ ଅପରାଧୀଙ୍କ କବଳରେ ପଡ଼ି ସେ ଠକେଇର ଶିକାର ହୋଇଥିବା ସଂକ୍ରାନ୍ତରେ ସାଇବର ଥାନାରେ ଅନ୍‌ଲାଇନ୍ ଯୋଗେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଭୁବନେଶ୍ୱର ବାଲିପାଟଣା ଅଞ୍ଚଳର ଅଭିମନ୍ୟୁ ପ୍ରଧାନ କଟକରେ ରୁହନ୍ତି। ସେ ଗତ ରବିବାର ପୂର୍ବାହ୍ନ ପ୍ରାୟ ୧୨ଟାରେ ମୋବାଇଲ୍ ଆପ୍ ଜରିଆରେ ଟିଭି ରିଚାର୍ଜ କରୁଥିଲେ। ହେଲେ ଏହା ସଫଳ ହୋଇ ନ ଥିଲା। ପରେ ସେ ଅନ୍‌ଲାଇନ୍‌ରେ ସମ୍ପୃକ୍ତ ଘରୋଇ ଟିଭି ସେବା ପ୍ରଦାନ କରୁଥିବା କମ୍ପାନୀର ଦେୟମୁକ୍ତ ନମ୍ବର ଖୋଜି ଫୋନ୍ କରିଥିଲେ। କିନ୍ତୁ ଫୋନ୍ କଲ୍ କଟିଯାଇଥିଲା। କିଛି ସମୟ ପରେ ଆଉ ଏକ ଅଜଣା ନମ୍ବରରୁ ଫୋନ୍ କଲ୍ ଆସିଥିଲା। ଫୋନ କରିଥିବା ସାଇବର୍ ଠକ କୌଶଳକ୍ରମେ ଅଭିମନ୍ୟୁଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୨୪,୯୯୦ ଟଙ୍କା ଲୁଟି ନେଇଥିଲେ। ଏଭଳି ଲୁଟ୍ ହେବା ପରେ ଅଭିମନ୍ୟୁ ୧୯୦୩ ଦେୟମୁକ୍ତ ନମ୍ବରରେ ଫୋନ କରି ଅଭିଯୋଗ କରିଥିବା ସୂଚନା ଦେଇଛନ୍ତି।

## ସୂର୍ଯ୍ୟମନ୍ଦିରରେ ବାଲିକଢ଼ା ପ୍ରକ୍ରିୟା ଅନୁଧ୍ୟାନକଲା ଏଏସ୍ଆଇ ବୈଷୟିକ ଟିମ୍

କୋଣାର୍କ,୧୮।୯(ଜ୍ୟୋତିରାଜ ମହାନ୍ତି)

ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି କାଢ଼ିବା ପାଇଁ ୨ବର୍ଷ ହେଲା ଆରମ୍ଭ ହୋଇ ରହିଥିବା ପ୍ରକ୍ରିୟା ବିଳମ୍ବିତ ହୋଇଥିବା ବେଳେ ବୁଧବାର ଏଏସ୍ଆଇ ଅତିରିକ୍ତ ମହାନିର୍ଦ୍ଦେଶକ ଜାନଭିଜି ଶର୍ମାଙ୍କ ଅଧ୍ୟକ୍ଷତାରେ ଏକ ବୈଷୟିକ ଟିମ୍ ସୂର୍ଯ୍ୟମନ୍ଦିର ସଂରକ୍ଷଣ ଓ ବାଲିକଢ଼ା ପ୍ରକ୍ରିୟାର ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରାୟ ଏକ ଘଣ୍ଟାରୁ ଅଧିକ ସମୟ ମନ୍ଦିରର ବିଭିନ୍ନ ସ୍ଥାନ ବୁଲି ଟିମ୍ ଦେଖିଥିଲେ।

ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି କାଢ଼ିବା ନେଇ ୨୦୨୨ ମସିହା ସେପ୍ଟେମ୍ବର ୯ ତାରିଖରେ ଭୂମିପୂଜନ କରାଯାଇଥିଲା। ସୂର୍ଯ୍ୟମନ୍ଦିରର ଉତ୍ତର-ପଶ୍ଚିମ କୋଣ ଓ ମନ୍ଦିରର ଦକ୍ଷିଣ-ପଶ୍ଚିମ କୋଣରେ ପ୍ଲାଟଫର୍ମ, ପ୍ରଥମ ପିଢ଼ିକୁ ସୁରକ୍ଷିତ ଯାତାୟାତ ପାଇଁ ଆଇରନ ଶିଢ଼ି ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ବାଲି କାଢ଼ିବା ପାଇଁ ଚାଲିଥିବା କାର୍ଯ୍ୟ ଏବେ ବନ୍ଦ ରହିଛି। ପ୍ଲାଟଫର୍ମ ନିର୍ମାଣ ପରେ



ମନ୍ଦିରର ପଶ୍ଚିମ ଦ୍ୱାର ଦ୍ୱିତୀୟ ପିଢ଼ିରେ ମନ୍ଦିର ଗର୍ଭଗୃହକୁ ପ୍ରବେଶ ପାଇଁ ୪ ଓ ୫ ଫୁଟ୍‌ର ଏକ ଗର୍ତ୍ତ ଖୋଳାଯିବ, ଯେଉଁ ବାଟରେ ଗର୍ଭଗୃହରୁ ବାଲି କଢ଼ାଯିବ। ଏଥିପାଇଁ ୩ବର୍ଷ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା, ହେଲେ ଏହାରି ମଧ୍ୟରେ ୨ ବର୍ଷ ବିତିଯାଇଛି। ଏବେ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ରହିଛି। ଏଏସ୍ଆଇ ଅତିରିକ୍ତ ମହାନିର୍ଦ୍ଦେଶକ ଜାନଭିଜି ଶର୍ମାଙ୍କ ସହିତ ଏଏସ୍ଆଇ କଞ୍ଜର୍ଭେସନ ଡାଇରେକ୍ଟର ଭିମା ଆଜମୀରା, ଏଏସ୍ଆଇ ରିଜୋନାଲ ଡାଇରେକ୍ଟର ଡ. ଦିଲୀପ ଖମାରି, ଏଏସ୍ଆଇ ସର୍କଲ ସୁପରିଟେଣ୍ଡେଣ୍ଟ ଡି ବି ଗଡ଼ନାୟକ, ଡେପୁଟି ସୁପରିଟେଣ୍ଡେଣ୍ଟ ଚିତ୍ତରଞ୍ଜନ ଦାଶ ପ୍ରମୁଖ ବରିଷ୍ଠ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ରୂପ୍‌ସା-ବାରିପଦା-ବାଙ୍ଗିରିପୋଷି ରେଳ ସେକ୍ସନ ଦୋହରୀକରଣ କାର୍ଯ୍ୟର ଏଫ୍‌ଏଲ୍‌ଏସ୍‌କୁ ଅନୁମୋଦନ

ଭୁବନେଶ୍ୱର,୧୮।୯
(ଅନୁରାଧା ମହାରଣା)

ରୂପ୍‌ସା-ବାରିପଦା-ବାଙ୍ଗିରିପୋଷି ରେଳ ସେକ୍ସନ (୮୯ କିମି) ଦୋହରୀକରଣ କାର୍ଯ୍ୟର ଫାଇନାଲ ଲୋକେଶନ ସର୍ଭେ (ଏଫ୍‌ଏଲ୍‌ଏସ୍) ପାଇଁ ରେଳ ମନ୍ତ୍ରଣାଳୟର ଅନୁମତି ମିଳିଛି। ଚଳିତବର୍ଷ ଜାନୁଆରୀରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସମ୍ପୃକ୍ତ ଅଞ୍ଚଳ ପରିଦର୍ଶନରେ ଆସି ପ୍ରକଳ୍ପ ସମ୍ପର୍କରେ ଅଞ୍ଚଳବାସୀଙ୍କ ସହ ଆଲୋଚନା କରିଥିଲେ। ଗସ୍ତର ୮ମାସ ମଧ୍ୟରେ ରେଳ ମନ୍ତ୍ରଣାଳୟ ଦକ୍ଷିଣ ପୂର୍ବ ରେଳର ଖଡ଼ଗପୁର ରେଳ ମଣ୍ଡଳ ଅଧୀନରେ ଥିବା ଏହି ଗୁରୁତ୍ୱପୂର୍ଣ୍ଣ ରେଳ ସେକ୍ସନ ଦୋହରୀକରଣର ପାଇଁ ଚୂଡ଼ାନ୍ତ ସ୍ଥାନ ସର୍ବେକ୍ଷଣ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ମଞ୍ଜୁର ପ୍ରଦାନ କରିଛି। ଏହି ସର୍ଭେ ପାଇଁ ୧.୭୮ କୋଟି ଆବଣ୍ଟନ କରାଯାଇଛି, ଯାହା ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିଆର୍‌ପି) ପ୍ରସ୍ତୁତି ପାଇଁ ବାଟ ଖୋଲିବ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ନିବେଦିତା


@ ଦେବବ୍ରତ


@ ରାହୁଲ


@ ନିରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ନିଶାମୁକ୍ତ ଶିକ୍ଷାନୁଷ୍ଠାନ ପାଇଁ ୟୁଜିସିର ନିର୍ଦ୍ଦେଶ

ଭୁବନେଶ୍ୱର,୧୮।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଶିକ୍ଷା ପରିସରକୁ ନିଶାମୁକ୍ତ ଓ ତମାଖୁମୁକ୍ତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ତଥାପି କଲେଜ କ୍ୟାମ୍ପସ ପରିସରରେ ନିଶାଦ୍ରବ୍ୟ ବ୍ୟବହାର ହେଉଥିବାର ଅନେକ ଘଟଣା ସାମ୍ନାକୁ ଆସୁଛି। ଏହାକୁ ନେଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଥିସହ ଶିକ୍ଷାନୁଷ୍ଠାନ ପରିସରରୁ ନିଶାଦ୍ରବ୍ୟ ସମ୍ପୂର୍ଣ୍ଣ ନିଷେଧ କରିବା ପାଇଁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ୟୁଜିସି ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡିକୁ ଚିଠି କରାଯାଇଛି। ନିଶାମୁକ୍ତ କଲେଜ କ୍ୟାମ୍ପସ ଅଭିଯାନ ଆରମ୍ଭ ପାଇଁ ଉଚ୍ଚଶିକ୍ଷା ବିଭାଗ ଅଧୀନ ସମସ୍ତ ଶିକ୍ଷାନୁଷ୍ଠାନଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ଅନୁସାରେ, କ୍ୟାମ୍ପସକୁ ଡ୍ରଗ୍ସ, ତମାଖୁ ଓ ମଦ୍ୟପାନମୁକ୍ତ ଭାବେ ସୁନିଶ୍ଚିତ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଶିକ୍ଷାନୁଷ୍ଠାନକୁ ନିର୍ଦ୍ଦେଶ ରହିଛି। ବିଭାଗ ଅଧୀନରେ ଥିବା ସରକାରୀ ଓ ଅନୁଦାନପ୍ରାପ୍ତ କଲେଜର କୌଣସି ପ୍ରଫେସର, ଅଧ୍ୟାପକ କିମ୍ବା କର୍ମଚାରୀମାନେ ଯଦି ମଦ୍ୟପାନ ବା ନିଶା ସେବନ କରି କ୍ୟାମ୍ପସକୁ ଆସନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ବ୍ୟବସ୍ଥା ରହିଛି। ଆଇନ ଅନୁଯାୟୀ କ୍ୟାମ୍ପସ ନିକଟରୁ ତମାଖୁ ଦୋକାନ ହଟାଇବା ଲାଗି ପୋଲିସ ସହାୟତାରେ ଚଢ଼ାଉ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି।


ଭୁବନେଶ୍ୱର ଆକାଶରେ ବୁଧବାର ରାତିରେ ଦୃଶ୍ୟମାନ ସୁପର୍ ମୁନ୍। (ଫଟୋ- ବିକାଶ ନାୟକ)

## ହସ୍ପିଟାଲ, ମେଡିକାଲ କଲେଜରେ ସୁରକ୍ଷା କଡ଼ାକଡ଼ି ହେବ

ଭୁବନେଶ୍ୱର,୧୮।୯(ଅନୁରାଧା ମହାରଣା)

### ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି

କୋଲକାତାର ରାଧାଗୋବିନ୍ଦ କର ହସ୍ପିଟାଲରେ ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ପରେ ଡାକ୍ତର, ଡାକ୍ତରୀ ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟ ସ୍ୱାସ୍ଥ୍ୟ କର୍ମୀଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହୋଇଆସୁଛି। ଏପରିସ୍ଥିତିରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସ୍ୱାସ୍ଥ୍ୟ ଶିକ୍ଷାନୁଷ୍ଠାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ବୁଧବାର ହୋଇଥିବା ଚିଠି ଅନୁସାରେ, ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟାନୁଷ୍ଠାନରେ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ପାଚେରି କରାଯିବା ସହ ସ୍ୱତନ୍ତ୍ର ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ରଖିବାକୁ ବାଧ୍ୟତାମୂଳକ କରାଯାଇଛି। ହସ୍ପିଟାଲ ତଥା ମେଡିକାଲ କଲେଜଗୁଡ଼ିକର ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ପରିଚୟପତ୍ର ପ୍ରଦାନ ସହ ଆବଶ୍ୟକସ୍ଥଳେ ଡ୍ରେସ୍‌କୋଡ୍ ଲାଗୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ହସ୍ପିଟାଲରେ ଚିକିତ୍ସାଧୀନ ଇନ୍‌ଡୋର୍ ରୋଗୀଙ୍କୁ ଭେଟିବାକୁ ଚାହୁଁଥିବା ପରିଦର୍ଶକ ପାଇଁ ସର୍ବାଧିକ ୨ଟି ପାସ୍ ବ୍ୟବସ୍ଥା ଲାଗୁ କରିବା, ନିର୍ଦ୍ଧାରିତ ସମୟ ମଧ୍ୟରେ ରୋଗୀଙ୍କୁ ଭେଟିବାକୁ ଅନୁମତି ପ୍ରଦାନ, ହସ୍ପିଟାଲର ସୁରକ୍ଷାକର୍ମୀ ସମ୍ପର୍କୀୟଙ୍କୁ ଯାଞ୍ଚ କରି କୌଣସି ଆପତ୍ତିଜନକ ଜିନିଷ ମିଳିଲେ ପ୍ରବେଶ ଉପରେ ରୋକ୍ ଲଗାଇବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ସେହିପରି ହସ୍ପିଟାଲଗୁଡ଼ିକର ପ୍ରତି ୱାର୍ଡ ବାହାରେ ଏବଂ ପ୍ରତି ଓପିଡି ବାହାରେ ସୁରକ୍ଷାକର୍ମୀ ନିୟୋଜନ କରିବା ପାଇଁ କର୍ତ୍ତୃପକ୍ଷ ପଦକ୍ଷେପ ନେବେ। କୌଣସି ଅଣସ୍ୱୀକୃତିପ୍ରାପ୍ତ ଯାନ କିମ୍ବା ବିକାଳିଙ୍କୁ ହସ୍ପିଟାଲ ପରିସରରେ ରହିବାକୁ ଅନୁମତି ନ ଦେବାକୁ କୁହାଯାଇଛି। ଆବଶ୍ୟକସ୍ଥଳେ ସିକ୍ୟୁରିଟି ହବ୍ ନିର୍ମାଣ କରି ଏହାର ଟେଲିଫୋନ୍ ନମ୍ବର ସାଇନେଜ୍‌ରେ ପ୍ରଦର୍ଶନ କରିବା, ହସ୍ପିଟାଲ ପରିସରରେ ବିଶେଷକରି ମେଡିକାଲ କଲେଜର ସବୁ ହଷ୍ଟେଲ ବାହାରେ, ମୁଖ୍ୟ ଦ୍ୱାର, ରାସ୍ତା, ଶିଡି ଆଦି ଅଞ୍ଚଳରେ ସିସିଟିଭି କ୍ୟାମେରା ଲଗାଇବା, ସିସିଟିଭି ଉପରେ ନଜର ରଖିବା ପାଇଁ କଣ୍ଟ୍ରୋଲରୁମ୍ ରହିବା ଓ ଅତିକମ୍‌ରେ ୩ ମାସର ଫୁଟେଜ୍ ବ୍ୟାକ୍ ଅପ୍ ରଖିବା ବ୍ୟବସ୍ଥା କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାର୍କିଂ ଅଞ୍ଚଳ ସହ ପୂରା ପରିସରରେ ଆଲୋକୀକରଣକୁ ସୁନିଶ୍ଚିତ କରାଯିବା ଏବଂ ବିଶେଷକରି ମହିଳା ଡାକ୍ତର ଓ କର୍ମଚାରୀଙ୍କ ସୁରକ୍ଷିତ ଯାତ୍ରାକୁ ପ୍ରାଧାନ୍ୟ ଦିଆଯିବ। ଅନୁଷ୍ଠାନଗୁଡ଼ିକ ନିକଟବର୍ତ୍ତୀ ଥାନା ସହ ଯୋଗାଯୋଗରେ ରହିବାକୁ ହେବ। ସରକାରୀ ହସ୍ପିଟାଲ ଓ ମେଡ଼ିକାଲ କଲେଜଗୁଡ଼ିକରେ ଏକ ପୋଲିସ୍ ଆଉଟପୋଷ୍ଟ ରହିବା ସହ ରାତ୍ରିକାଳୀନ ଡ୍ୟୁଟିରେ ଜଣେ ମହିଳା ପୋଲିସ ଅଫିସର ମଧ୍ୟ ରହିବେ। ପରିସରରେ କୌଣସି ଅସାମାଜିକ, ଆପରାଧିକ କାର୍ଯ୍ୟକଳାପ ନଜରକୁ ଆସିଲେ ହସ୍ପିଟାଲ ଓ ମେଡିକାଲ କଲେଜ କର୍ତ୍ତୃପକ୍ଷ ୬ ଘଣ୍ଟା ମଧ୍ୟରେ ସ୍ଥାନୀୟ ଥାନାରେ ଅଭିଯୋଗ କରିବେ। ଅନ୍ୟପଟେ ମହିଳା ଓ ପୁରୁଷ ଡାକ୍ତର ତଥା କର୍ମଚାରୀଙ୍କ ପାଇଁ ପୃଥକ୍ ଶୌଚାଳୟ, ରେଷ୍ଟ ରୁମ୍ ଆଦି ସୁବିଧା ଉପଲବ୍ଧ କରାଯିବ। ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଆତ୍ମସୁରକ୍ଷା କୌଶଳ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କୁ ସଚେତନ କରାଯିବାକୁ ନିର୍ଦ୍ଦେଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ।

# ଐତିହ୍ୟ ସ୍ଥଳୀରେ ମହିଳା ଅସୁରକ୍ଷିତ

ଭୁବନେଶ୍ୱର, ୧୮।୯
(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ଦିନକୁ ଦିନ ସୁରକ୍ଷା ବିଗିଡ଼ିବାରେ ଲାଗିଛି। ସହରର ମୁଖ୍ୟ ରାସ୍ତାଠାରୁ ଆରମ୍ଭ କରି କଲୋନୀ, ବସ୍ତିରେ ଅପରାଧୀ ଆତଙ୍କ ଖେଳାଉଥିବାବେଳେ ଐତିହ୍ୟସ୍ଥଳୀ ମଧ୍ୟ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏଠାକୁ ବୁଲିବାକୁ ଆସୁଥିବା ମହିଳା ଓ ଯୁବତୀମାନେ ନିଜକୁ ଅସୁରକ୍ଷିତ ମଣିବା ସହ ଏଥିପାଇଁ କମିଶନରେଟ୍ ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠାଉଛନ୍ତି। ଘଟଣାକ୍ରମରେ ଐତିହ୍ୟ ଖଣ୍ଡଗିରି ପାହାଡ଼ ଉପରେ କେତେଜଣ ଯୁବତୀଙ୍କୁ ଅସାମାଜିକ ଯୁବକମାନେ ଦୁର୍ବ୍ୟବହାର କରି ହଇରାଣ କରୁଥିବା ଘଟଣା ନଜରକୁ ଆସିଛି। ଏହାର ଭିଡିଓ ଜଣେ ଯୁବତୀ 'ଏକ୍ସ'ରେ ପୋଷ୍ଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏଥିସହ ସେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ କମିଶନରେଟ୍ ପୋଲିସର ଦୃଷ୍ଟି ଆକର୍ଷଣ କରିଛନ୍ତି।


ଖଣ୍ଡଗିରି ପାହାଡ଼ରେ ଆଡ୍ଡା ଜମାଇଥିବା ଅସାମାଜିକ ଯୁବକ।

ଯୁବତୀ ଜଣଙ୍କ ଗତ ସେପ୍ଟେମ୍ବର ୧୬ରେ ଏହି ପୋଷ୍ଟ କରିଛନ୍ତି। ଉକ୍ତ ପୋଷ୍ଟରେ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ଭଉଣୀ ସମେତ ୪ଜଣ ଯୁବତୀଙ୍କୁ କିଛି ଅସାମାଜିକ ଯୁବକ ସଂଘବଦ୍ଧ ହୋଇ ଖଣ୍ଡଗିରି ପାହାଡ଼ରେ ହାଇରାଣ କରିବା ସହ ଦୁର୍ବ୍ୟବହାର କରିଥିଲେ। ସମ୍ପୃକ୍ତ ଅସାମାଜିକ ଯୁବକମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମୋବାଇଲ ନମ୍ବର ମାଗିଥିଲେ। ଏଥିରେ ଭୟଭୀତ ହୋଇ ଯୁବତୀମାନେ ସେଠାରୁ ପଳାଇ ଅସିଥିଲେ ମଧ୍ୟ ସମ୍ପୃକ୍ତ ଅଭିଯୁକ୍ତମାନେ ପିଛା କରି ଘର ପର୍ଯ୍ୟନ୍ତ ଆସିଥିଲେ। ଯଦି ରାଜଧାନୀରେ ୪ଜଣ ମହିଳା ଦିନବେଳା ସୁରକ୍ଷିତ ମଣୁନାହାନ୍ତି, ତେବେ ରାଜ୍ୟରେ ମହିଳାଙ୍କ ସୁରକ୍ଷା କେମିତି ଥିବ ବୋଲି ସେ ପ୍ରଶ୍ନ ଉଠାଇଚନ୍ତି। ଏଭଳି ଘଟଣା ବିରୋଧରେ ସ୍ୱର ଉଠାଇବାକୁ ସେ ଆହ୍ୱାନ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏପରିକି ମହିଳାମାନଙ୍କୁ ଏକ ଉତ୍ତମ ପରିବେଶ ଯୋଗାଇ ଦେବାକୁ ଯୁବତୀ ଜଣକ ରାଜ୍ୟ ସରକାର ଓ ପୋଲିସ ନିକଟରେ ଦାବି କରିଛନ୍ତି। ତେବେ ଯୁବତୀଙ୍କ ପୋଷ୍ଟରେ ବହୁ ଲୋକ କମେଣ୍ଟ ଓ ରିପୋଷ୍ଟ କରି ନିନ୍ଦା କରିବା ସହ ଅଭିଯୁକ୍ତ ଅସାମାଜିକ ଯୁବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତେବେ ଘଟଣା ସମ୍ପର୍କରେ ଖଣ୍ଡଗିରି ଥାନାଧିକାରୀ ଅଭିମନ୍ୟୁ ଦାସ କହିଛନ୍ତି, ଏଯାଏ କୌଣସି ଯୁବତୀ ଥାନାରେ ଘଟଣା ସଂକ୍ରାନ୍ତରେ ଏତଲା ଦେଇନାହାନ୍ତି। ଭିଡିଓ ଆଧାରରେ ତଦନ୍ତ କରାଯାଇ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଉଥିବା ସେ କହିଛନ୍ତି।

## ବ୍ରାଉନସୁଗାର ଜବତ, ୨ ଗିରଫ

ଭୁବନେଶ୍ୱର, ୧୮।୯
(ସୂର୍ଯ୍ୟକାନ୍ତ ବେହେରା)

ନୟାପଲ୍ଲୀ ଥାନା ଅନ୍ତର୍ଗତ ଆଇଆର୍‌ସି ଭିଲେଜ ଅଞ୍ଚଳରେ ଥିବା ଏକ ସ୍କୁଲ ନିକଟରେ ବେଆଇନ ଭାବେ ନିଶା ବେପାର କରୁଥିବା ୨ ଜଣଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଖୋର୍ଦ୍ଧା ଟାଉନ ଅଞ୍ଚଳର ଲିଙ୍ଗରାଜ ଘଡୁଆଲ ଓ ଭଦ୍ରକର ସୁକାନ୍ତ ପରେଇ। ଉଭୟଙ୍କଠାରୁ ୧୦ ଗ୍ରାମ ବ୍ରାଉନସୁଗାର, ନଗଦ ୬୦୦ ଟଙ୍କା ଓ ଅପରାଧରେ ବ୍ୟବହୃତ ବାଇକ ଜବତ ହୋଇଛି। ତେବେ ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କା ହେବ। ଜାମିନ ନ ମିଳିବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ଏହି ନିଶାଦ୍ରବ୍ୟ କେଉଁଠାରୁ ଆଣୁଥିଲେ ତାହାର ତଥ୍ୟ ହାସଲ କରି ମୁଖ୍ୟ କାର୍ପଟଦାରଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି।

## ନାବାଳିକାଙ୍କୁ ଅସଦାଚରଣ କରି ଯୁବକ ଗିରଫ

ବାଲିପାଟଣା, ୧୮।୯
(ଅଭିମନ୍ୟୁ ନାୟକ)

ବାଲିପାଟଣା ଥାନା କୁଞ୍ଜପଦା ଗ୍ରାମର ଜଣେ ଯୁବକ ୧୫ ତାରିଖରେ ସେହି ଅଞ୍ଚଳର ଜଣେ ଯୁବତୀଙ୍କୁ ଅସଦାଚରଣ କରିଥିଲେ। ଏନେଇ ଯୁବତୀଙ୍କ ପରିବାର ପକ୍ଷରୁ ବାଲିପାଟଣା ଥାନାରେ ଅଭିଯୋଗ ହୋଇଥିଲା। ବାଲିପାଟଣା ପୋଲିସ ଚଢ଼ାଉ କରି ୪ ଦିନ ପରେ ଆସାମୀଙ୍କୁ ଧରିବାରେ ସକ୍ଷମ ହୋଇଛି। ପ୍ରକାଶ ଯେ, ସାଗର ଦାସ (୨୮) ନାମକ ଜଣେ ବିବାହିତ ଯୁବକ ନିଜର ସମ୍ପର୍କୀୟ ଯୁବତୀଙ୍କୁ ୧୫ ଦିନ ଭୟଭୀତ କରାଇ ଅସଦାଚରଣ କରିଥିଲେ। ପରିବାର ଲୋକଙ୍କୁ ଏକଥା କହିଲେ ଜୀବନରେ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ। ଯୁବତୀ ଜଣକ ରାତିରେ ମାମୁଘରକୁ ଚାଲି ଯାଇଥିଲେ। ସେଠାରେ ନିଜ ଆଈମାଙ୍କୁ ସବୁ କହିବା ପରେ ପରିବାର ଲୋକେ ବାଲିପାଟଣା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୪୦୩/୨୦୨୪ରେ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ ସହାୟତାରେ ସାଗରଙ୍କୁ ଧରିବାକୁ ଜାଲ ବିଛାଇଥିଲା। ବୁଧବାର ଅପରାହ୍ନରେ ଅଭିଯୁକ୍ତ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି।

## ମେଣ୍ଢାଶାଳରେ ଭାଗବତ ଜନ୍ମୋତ୍ସବ ପାଳିତ

ବାରଙ୍ଗ, ୧୮।୯ (ଲିଙ୍ଗରାଜ ରାଉତ)

ମେଣ୍ଢାଶାଳ ଗ୍ରାମର ଇଷ୍ଟଦେବ ଶ୍ରୀଶ୍ରୀ ଭାଗବତ ବାସୁଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଭାଗବତ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଠାକୁରଙ୍କ ଶ୍ରୀବିଗ୍ରହର ସ୍ନାନ ଓ ମାର୍ଜନା ପରେ ନୂତନ ବସ୍ତ୍ର ପରିଧାନ କରାଯାଇଥିଲା। ଷୋଡ଼ଶ ଉପଚାର ପରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ ଭୋଗ ନୀତି ବଢ଼ିଥିଲା। ଉତ୍ସବରେ ମେଣ୍ଢାଶାଳ ଗ୍ରାମବାସୀ ଓ ଛେଲଦା ଗ୍ରାମବାସୀ ଯୋଗ ଦେଇଥିଲେ। ସେହିପରି ଗୋପାଳସାହି ବାସୁଦେବ କୋଠରି ଓ ପ୍ରଫୁଲ୍ଲ ପାତ୍ରଙ୍କ ଘରେ ଭାଗବତ ଜନ୍ମୋତ୍ସବ ଓ ପ୍ରସାଦସେବନର ବ୍ୟବସ୍ଥା ହୋଇଥିଲା।

## ଅଭିଯୁକ୍ତଙ୍କୁ ୭ବର୍ଷ ଜେଲଦଣ୍ଡ

**ଆଦିବାସୀ ଯୁବତୀଙ୍କୁ ବଳାତ୍କାର ମାମଲା**

ଭୁବନେଶ୍ୱର, ୧୮।୯
(ସତ୍ୟଜିତ୍ ରାଉତ)

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ଆଦିବାସୀ ଯୁବତୀଙ୍କୁ ବଳାତ୍କାର ମାମଲାର ରାୟ ବୁଧବାର ଭୁବନେଶ୍ୱର ଅତିରିକ୍ତ ଜିଲା ଜଜ୍‌-୪ କୋର୍ଟରେ ପ୍ରକାଶ ପାଇଛି। ବିଚାରପତି ପ୍ରଦୀପ କୁମାର ବେହେରା ଅଭିଯୁକ୍ତ ଏ. କାଳିଆ (୨୨)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୭ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ଏଥିସହ ତାଙ୍କୁ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଦେଇ ନ ପାରିଲେ ଅଭିଯୁକ୍ତ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବେ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ ଆର୍ଥିକ ସାହାଯ୍ୟ କରିବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୧୦ ଜଣଙ୍କ ସାକ୍ଷ୍ୟ ଓ ୧୮ଟି ଦସ୍ତାବିଜକୁ ଆଧାର କରି କୋର୍ଟ ପୀଡ଼ିତାଙ୍କୁ ନ୍ୟାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସୁରେଶ କୁମାର ବାରିକ ମାମଲା ପରିଚାଳନା କରୁଥିଲେ।

ମାମଲାର ବିବରଣୀ ଅନୁଯାୟୀ, ଅଭିଯୁକ୍ତଙ୍କ ବାପା ଓ ଯୁବତୀଙ୍କ ବାପା ଏକ ସରକାରୀ ପଲିଟେକ୍‌ନିକ କଲେଜରେ ଚାକିରି କରିଥିବାରୁ କଲେଜ ପରିସରରେ ସେମାନଙ୍କୁ ପାଖାପାଖି କ୍ୱାର୍ଟର୍ସ ମିଳିଥିଲା। ୨୦୨୧ ଫେବୃଆରୀ ୨୨ ସକାଳେ ପୀଡ଼ିତାଙ୍କ ପରିବାର ଲୋକେ ଘରେ ନ ଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ କାଳିଆ ଯୁବତୀଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ଘଟଣା ବିଷୟରେ ଜଣାଇଲେ ଜୀବନରୁ ମାରିଦେବେ ବୋଲି କାଳିଆ ଧମକ ଦେଇଥିଲେ। ତେବେ ପୀଡ଼ିତା ଘରେ ଜଣାଇବା ପରେ ତାଙ୍କ ମା' ଚନ୍ଦ୍ରଶେଖରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୧୮/୨୦୨୧) ରୁଜୁ କରି ଅଭିଯୁକ୍ତ କାଳିଆଙ୍କୁ ଗିରଫ କରିଥିଲା।



ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ବୁଧବାର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ 'ସାଓ୍ୱନ'ରେ ବିଦୁଷୀ ସଙ୍ଗୀତା ପଣ୍ଡା ଓ ତାଙ୍କ ଗ୍ରୁପ୍ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରୁଛନ୍ତି।

## ତାଲା ଭାଙ୍ଗି ଲୁଟି ନେଲେ ସୁନା ଅଳଙ୍କାର

ଭୁବନେଶ୍ୱର, ୧୮।୯
(ସୂର୍ଯ୍ୟକାନ୍ତ ବେହେରା)

ଘର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟିନେଲେ ଦୁର୍ବୃତ୍ତ। ବଡଗଡ ଥାନା ଅନ୍ତର୍ଗତ ପତିତପାବନ ଅଞ୍ଚଳରେ ଏହି ଚୋରି ଘଟଣା ସାମ୍ନାକୁ ଆସିଛି। ଏନେଇ ଘର ମାଲିକ ଅଶ୍ୱିନ କୁମାର ମହାନ୍ତି ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ତେବେ ସେ ଘରେ ନ ଥିବା ସମୟରେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ସୁନା ହାର, ମୁଦି, ମଙ୍ଗଳସୂତ୍ର ଓ ୩ ହଜାର ଟଙ୍କା ଚୋରି କରିନେଇଥିବା ଏତଲାରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଅପହରଣ ଉଦ୍ୟମ, ସଂଘବଦ୍ଧ ଆକ୍ରମଣ: ଜଣେ ଗିରଫ

**ରାସ୍ତାରେ ପାଣି ଛିଟିକା ପଡିବାରୁ...**

ଭୁବନେଶ୍ୱର, ୧୮।୯
(ସୂର୍ଯ୍ୟକାନ୍ତ ବେହେରା)

ରାସ୍ତାରେ ପାଣି ଛିଟିକା ପଡ଼ିଯିବାରୁ ଜଣେ ବ୍ୟକ୍ତିଙ୍କୁ ଅପହରଣ ଉଦ୍ୟମ ସହ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ସଂଘବଦ୍ଧ ଆକ୍ରମଣ ହୋଇଛି। ଏଥିସହ ତାଙ୍କଠାରୁ ଟଙ୍କା ଲୁଟି ନିଆଯାଇଥିବା ନେଇ ଧଉଳି ଥାନାରେ ଅଭିଯୋଗ ହୋଇଛି। ଏହି ଆକ୍ରମଣରେ ଲକ୍ଷ୍ମୀବିହାର ଅଞ୍ଚଳର କୃଷ୍ଣ ଚନ୍ଦ୍ର ନାୟକ ଆହତ ହୋଇଛନ୍ତି। ଏହି ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଶିଶୁପାଳଗଡ ଅଞ୍ଚଳର ମନମୋହନ ମହାପାତ୍ର। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏଥିରେ ସମ୍ପୃକ୍ତ ଅନ୍ୟମାନେ ଫେରାର ଥିବାରୁ ପୋଲିସ ସେମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।

ସୂଚନାନୁସାରେ, ଆହତ କୃଷ୍ଣଚନ୍ଦ୍ର ମଙ୍ଗଳବାର ଅପରାହ୍ନରେ ବାଇକରେ ଘରକୁ ଫେରିବା ସମୟରେ ଗାଡି ଚକରୁ ପାଣି ଛିଟିକି ରାସ୍ତାରେ ଯାଉଥିବା ଜଣେ ଅଭିଯୁକ୍ତଙ୍କ ଉପରେ ପଡିଥିଲା। ଏହାକୁ ନେଇ ଅଭିଯୁକ୍ତ ଜଣକ କୃଷ୍ଣଚନ୍ଦ୍ରଙ୍କୁ ଗାଳିଗୁଲଜ କରିଥିଲେ। ଏହାପରେ କୃଷ୍ଣଚନ୍ଦ୍ର ଘରକୁ ଫେରିଯାଇଥିଲେ। ପରେ ଅଭିଯୁକ୍ତ ଜଣକ ରାଗ ରଖି ସହଯୋଗୀଙ୍କ ସହ କୃଷ୍ଣଚନ୍ଦ୍ରଙ୍କ ଘରକୁ ଯାଇ ତାଙ୍କୁ ଜବରଦସ୍ତ ଏକ ସ୍କୁଟିରେ ବସାଇ ଅପହରଣ ଲାଗି ଉଦ୍ୟମ କରିଥିଲେ। କୃଷ୍ଣଚନ୍ଦ୍ର ଜୀବନ ବଞ୍ଚାଇବା ଲାଗି ସ୍କୁଟିରୁ ଡେଇଁ ରାସ୍ତାରେ ଦୌଡିଥିଲେ। ଅଭିଯୁକ୍ତମାନେ ତାଙ୍କ ପିଛା କରିବା ସହିତ ଶିଶୁପାଳଗଡ ଗେଟ୍ ନିକଟରେ କାବୁ କରି ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ କୃଷ୍ଣଚନ୍ଦ୍ରଙ୍କ ଆଖିରେ ଗୁରୁତର ଆଘାତ ଲାଗିବା ସହ ସେ ଘଟଣା ସ୍ଥଳରେ ଅଚେତ ହୋଇ ପଡ଼ିଯାଇଥିଲେ। ଏହି ସମୟରେ ଅଭିଯୁକ୍ତମାନେ ତାଙ୍କ ମୋବାଇଲ ଫୋନ୍ ଓ ପକେଟରେ ଥିବ ୫ ହଜାରୁ ଅଧିକ ଟଙ୍କା ଲୁଟିନେଇଥିଲେ। ଘଟଣା ସ୍ଥଳରେ ପୋଲିସ ପାଟ୍ରୋଲିଂ ଟିମ୍ ପହଞ୍ଚି କୃଷ୍ଣଚନ୍ଦ୍ରଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲା।

## ପୂଜା ପୂର୍ବରୁ ରାସ୍ତା, ପାଥ୍‌ହୋଲ୍ ମରାମତି ନିର୍ଦ୍ଦେଶ

**ପରିମଳ, ରାସ୍ତାଘାଟର ସମୀକ୍ଷା କଲେ ଏମ୍‌ପି**

ଭୁବନେଶ୍ୱର, ୧୮।୯
(ବନ୍ଦନା ସେଠୀ)

ରାଜଧାନୀବାସୀଙ୍କୁ କିପରି ମୌଳିକ ସେବା ମିଳୁଛି ଓ ଏଥିରେ ଆଉ କ'ଣ ଉନ୍ନତି କରିହେବ ସେନେଇ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ବୁଧବାର ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ସହ ଆଲୋଚନା କରିଛନ୍ତି। ସହର ପରିମଳ ବ୍ୟବସ୍ଥା, ରାସ୍ତାଘାଟ ମରାମତି ଓ ରକ୍ଷଣାବେକ୍ଷଣ ସହ ଡ୍ରେନ୍ ସମସ୍ୟାର ସ୍ଥାୟୀ ସମାଧାନ ଏବଂ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାକୁ କିପରି ତ୍ୱରାନ୍ୱିତ କରାଯାଇପାରିବ ସେ ନେଇ ମଧ୍ୟ କଥା ହୋଇଛନ୍ତି। ଭୁବନେଶ୍ୱରର ସବୁଠି ଏବେ ରାସ୍ତା ସ୍ଥିତି ଅତ୍ୟନ୍ତ କଦର୍ଯ୍ୟ ଅବସ୍ଥାରେ ରହିଛି। ତେଣୁ ପାର୍ବଣ ପୂର୍ବରୁ କିପରି ରାସ୍ତାଘାଟ ସହ ପାଥ୍‌ହୋଲ୍ ମରାମତି କରାଯିବ ସେ ନେଇ ବ୍ୟବସ୍ଥା କରିବାକୁ ଏମ୍‌ପି ତାଗିଦ କରିଛନ୍ତି।



ସେହିପରି ଏବେ ବର୍ଷକିଆ ରାସ୍ତା ମରାମତି ଓ ରକ୍ଷଣବେକ୍ଷଣ ଲାଗି ସ୍ୱତନ୍ତ୍ର ଟେଣ୍ଡର କରିବାକୁ ବୈଠକରେ ପ୍ରସ୍ତାବ ଆଗତ ହୋଇଛି। ଏଥିରେ କୌଣସି ବ୍ୟକ୍ତି ତଥା ଅନୁଷ୍ଠାନ ବର୍ଷକିଆ ଭାବେ ରକ୍ଷଣାବେକ୍ଷଣ ଦାୟିତ୍ୱ ନେବ, ଯାହାଦ୍ୱାରା ନିୟମିତ ରାସ୍ତାଗୁଡ଼ିକ ସୁନ୍ଦର ଭାବେ ରହିବ ବୋଲି ବୈଠକରେ କୁହାଯାଇଥିବା ବିଏମ୍‌ସି ସିଟି ଇଞ୍ଜିନିୟର ବିଳାସ କୁମାର ବେହେରା କହିଛନ୍ତି। ବିଏମ୍‌ସି ଅଧୀନରେ ୨ ହଜାର କିମିରୁ ଅଧିକ ରାସ୍ତା ରହିଛି। କେଉଁ ରାସ୍ତା ମରାମତି କେତେ କରାଯିବ, ସେନେଇ ସବୁ ସେକ୍ସନରୁ ତଥ୍ୟ ହାସଲ କରାଯାଇଛି। ସହରରେ ଥିବା ସମସ୍ତ ପାଥ୍‌ହୋଲକୁ ମରାମତି କରାଯିବା ସହ ଏବେ ଏହି ପ୍ରକ୍ରିୟା ନିରନ୍ତର ଭାବେ ଚାଲିବ ବୋଲି ସିଟି ଇଞ୍ଜିନିୟର କହିଛନ୍ତି। ଏଥିସହ ଏମ୍‌ପି ସହରରେ ଚାଲୁ ରହିଥିବା ଡ୍ରେନ କାମ ଓ ଡ୍ରେନ ସମସ୍ୟାର ସ୍ଥାୟୀ ସମାଧାନ ନେଇ ଆଲୋଚନା କରିଛନ୍ତି। ଭୁବନେଶ୍ୱରର ବହୁ ସ୍ଥାନରେ ଏବେ ଡ୍ରେନ ନିର୍ମାଣ ସହ ଖାଲି ଥିବା ଡ୍ରେନ୍‌ରେ ଘୋଡ଼ଣି ପକା ଆରମ୍ଭ ହୋଇଛି। ଏହି କାମକୁ ତ୍ୱରାନ୍ୱିତ କରିବା ସହ ଡ୍ରେନ ମ୍ୟାନେଜମେଣ୍ଟ ଲାଗି ମାଷ୍ଟରପ୍ଲାନ ଆଣିବାକୁ କୁହାଯାଇଛି। ସେହିପରି ସହର ପରିମଳ ବ୍ୟବସ୍ଥାକୁ ଆହୁରି କିପରି ବ୍ୟାପକ କରିହେବ ସେନେଇ ଏମପି ଗୁରୁତ୍ୱାରୋପ କରିଛନ୍ତି। ଭୁବନେଶ୍ୱରର ପରିମଳ ଏବେ ପୂର୍ବାପେକ୍ଷା ସୁଧୁରିଛି, କିନ୍ତୁ ଏବେ ମଧ୍ୟ ରାସ୍ତାରେ ଖୋଲାରେ ବର୍ଜ୍ୟ ପଡ଼ି ରହୁଛି। ତେଣୁ ଏଥିପ୍ରତି ବିଶେଷ ଭାବେ ଦୃଷ୍ଟି ଦେବା ଓ ଭୁବନେଶ୍ୱରକୁ ସର୍ବଭାରତୀୟ ସ୍ତରରେ ସ୍ୱଚ୍ଛ ସହର ଭାବେ ପରିଗଣିତ କରାଇବାକୁ ପ୍ରଚେଷ୍ଟା କରିବା ଲାଗି ଏମ୍‌ପି କହିଛନ୍ତି। ବୈଠକରେ ବିଏମ୍‌ସି ପରିମଳ ଡେପୁଟି କମିଶନର ଡ. ମନୋରଞ୍ଜନ ସାହୁ, ଡ୍ରେନେଜ ବିଭାଗ ମୁଖ୍ୟ ଯନ୍ତ୍ରୀଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବିଏମ୍‌ସି ହସ୍ପିଟାଲ ସମସ୍ୟା ପ୍ରସଙ୍ଗରେ ବିଧାୟକଙ୍କୁ ଦାବିପତ୍ର

ପୁରୁଣା ଭୁବନେଶ୍ୱର, ୧୮।୯
(ସୁବାସ ଚନ୍ଦ୍ର ପ୍ରଧାନ)

ବିଏମ୍‌ସି ହସପିଟାଲ୍‌ର ବିଭିନ୍ନ ସମସ୍ୟା ସାମାଧାନ ନେଇ ବୁଧବାର ଆମ ଚିକିତ୍ସାଳୟ ସୁଧାର ଅଭିଯାନ ସମାଧାନ କମିଟି ଏକାମ୍ର ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରିଛି। ବିଧାୟକ ବାବୁ ସିଂଙ୍କୁ ତାଙ୍କ ବାସଭବନରେ ଭେଟି କମିଟି ସଂଯୋଜକ ଗଣେଶ ଚନ୍ଦ୍ର ପାଲଙ୍କ ସହ ସଦସ୍ୟମାନେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ୧୫୦ ଶଯ୍ୟା ବିଶିଷ୍ଟ ଏହି ଡାକ୍ତରଖାନା ଏବେ ୫୦ ଶଯ୍ୟା ରହିଛି। ତନ୍ମଧ୍ୟରେ ଅନେକ ସମୟରେ ବେଡ୍ ଖାଲି ପଡୁଛି। ୨୪ ଘଣ୍ଟିଆ ଅସ୍ତ୍ରୋପଚାର ବନ୍ଦ, କାର୍ଯ୍ୟକ୍ଷମ ହେଉନି ହୃଦ୍‌ରୋଗ ବିଭାଗ, ଆବଶ୍ୟକ ବିଭାଗରେ ଡାକ୍ତର ନ ଥିବାଭଳି ସମସ୍ୟା ସମ୍ପର୍କରେ କମିଟି ଅଭିଯୋଗରେ ଦର୍ଶାଇଛି। ଏହି ଡାକ୍ତରଖାନାକୁ ଗଦାଧର ମେମୋରିଆଲ୍ ମଲ୍ଟି ସ୍ପେଶିଆଲିଟି ଡାକ୍ତରଖାନାର ମାନ୍ୟତା ପ୍ରଦାନ କରାଯାଇ ରୋଗୀମାନଙ୍କୁ ତ୍ୱରାନ୍ୱିତ କରିବାକୁ କମିଟି ଦାବି କରିଛି। ସହସଂଯୋଜକ ମନୋରଞ୍ଜନ ବଟୁ, ଆଇନଜୀବୀ ଭୀଷ୍ମନାରାୟଣ ନାୟକ, ମିଳନ ମହାନ୍ତି, ମନୋରଞ୍ଜନ ମହାପାତ୍ର, ଭୂପେଶ ନାୟକ, ରାକେଶ ମିଶ୍ର, ଗୋପାଳ ମକଦ୍ଦମ ପ୍ରମୁଖ ସଦସ୍ୟମାନେ କମିଟି ସହ ଭେଟିଥିଲେ।

## ଭୁଟାନ ଆପଣାଇବ ବିଏମ୍‌ସି ମଡେଲ

**ଭୁବନେଶ୍ୱର, ୧୮।୯ (ଅନୁରାଧା ମହାରଣା):** ଭୁଟାନର ଏକ ପ୍ରତିନିଧି ଦଳ ୪ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ଏହି ଟିମ୍‌ରେ ବରିଷ୍ଠ ଅଧିକାରୀ ଓ ବୈଷୟିକ ବିଶେଷଜ୍ଞମାନେ ରହିଛନ୍ତି। ତାଙ୍କ ସହ କେତେଜଣ ଭାରତୀୟ ଅଧିକାରୀ ରହିଛନ୍ତି। ଏହି ପରିଦର୍ଶନ ସମୟରେ ସେମାନେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଧୀନ ବାସୁଆଘାଇସ୍ଥିତ ମଳ ପରିଚାଳନା କେନ୍ଦ୍ର ବୁଲି ଦେଖିବା ସହ ବିଭିନ୍ନ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର (ଏମ୍‌ସିସି) ଏବଂ ମ୍ୟାଟେରିଆଲ ରିକଭରି ଫାସିଲିଟି(ଏମ୍‌ଆର୍‌ଏଫ୍) ବୁଲି ଦେଖିଛନ୍ତି। ବିଏମ୍‌ସିର ମଳ ଏବଂ ବର୍ଜ୍ୟ ପରିଚାଳନା ଓ ପ୍ରକ୍ରିୟାକରଣକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଭୁଟାନରେ ଅନୁରୂପ ଭାବେ ମଳ ପରିଚାଳନା ଓ ବର୍ଜ୍ୟ ପ୍ରକ୍ରିୟାକରଣ ପଦ୍ଧତି ଅନୁସରଣ କରାଯିବ ବୋଲି ସେମାନେ କହିଛନ୍ତି। ବାସୁଆଘାଇସ୍ଥିତ ଓଡ଼ିଶା ଅର୍ବାନ ଏଡାଡେମୀ ଅଧିକାରୀଙ୍କ ସହ ସେମାନେ ମଳ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ଏକାଡେମୀ ପକ୍ଷରୁ ସେମାନଙ୍କର ବିଭିନ୍ନ ଏଫ୍‌ଏସ୍‌ଏସ୍‌ଏମ୍, ଏସ୍‌ଡବ୍ଲ୍ୟୁଏମ୍ ଏବଂ ୟୁଆରସି ବୁଲି ଦେଖାଇବା ଏବଂ ଓଡ଼ିଶାର ସଫଳତାର କାହାଣୀ ସମ୍ପର୍କରେ ଅବଗତ କରାଯାଇଛି। ସେମାନଙ୍କୁ ବିଏମ୍‌ସିର ମଳ ଓ ବର୍ଜ୍ୟ ପରିଚାଳନା ସହ ତା'ର ପ୍ରକ୍ରିୟାକରଣ ସମ୍ପର୍କରେ ବୁଝାଇବା ପାଇଁ ସହକାରୀ କମିଶନର ଏନ୍. ଗଣେଶବାବୁଙ୍କୁ ଦାୟିତ୍ୱ ଦିଆଯାଇଥିଲା।

## ସ୍ୱଚ୍ଛତାର ଶପଥ ନେଲେ ରେଳ କର୍ମଚାରୀ

**ସ୍ୱଚ୍ଛତା ହିଁ ସେବା ଅଭିଯାନ ଆରମ୍ଭ**

ଭୁବନେଶ୍ୱର, ୧୮।୯
(ଅନୁରାଧା ମହାରଣା)

ସଭା ସ୍ୱଚ୍ଛତା, ସଂସ୍କାର ସ୍ୱଚ୍ଛତା ବିଷୟବସ୍ତୁକୁ ଆଧାର କରି ଭାରତୀୟ ରେଳପଥ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଅଭିଯାନ ଆରମ୍ଭ ହୋଇଛି। ଏହିକ୍ରମରେ ପୂର୍ବତଟ ରେଳପଥ ରେଳ ଷ୍ଟେସନ ପରିସର, ଟ୍ରେନ, ଅଫିସ, କର୍ମଶାଳା, ରକ୍ଷଣାବେକ୍ଷଣ ଡିପୋ, ରେଳ ଡାକ୍ତରଖାନା ଏବଂ ରେଳପଥ ଆବାସିକ ଅଞ୍ଚଳରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଉଛି। ନୂଆଦିଲ୍ଲୀରୁ ଅଭିଯାନକୁ ଉଦ୍‌ଘାଟନ କରି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ରେଳ ବୋର୍ଡର ଅଧ୍ୟକ୍ଷ ସତୀଶ କୁମାର କହିଛନ୍ତି, ଏହି ଅଭିଯାନ ସାମୂହିକ କାର୍ଯ୍ୟ ତଥା ସ୍ୱଚ୍ଛତା ପ୍ରୟାସରେ ବ୍ୟାପକ ଭାବେ ନାଗରିକଙ୍କ ଯୋଗଦାନକୁ ପ୍ରେରଣା ଯୋଗାଇବ। ଭୁବନେଶ୍ୱରସ୍ଥିତ ରେଳପଥର ମୁଖ୍ୟାଳୟ ରେଳ ସଦନରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର ବେହେରା କର୍ମଚାରୀଙ୍କୁ ସ୍ୱଚ୍ଛତା ପାଇଁ ଶପଥ ପାଠ କରାଇଥିଲେ। ଏହି ଅଭିଯାନକୁ ବ୍ୟାପକ କରାଇବା ପାଇଁ ରେଳ ଯାତ୍ରୀ, ରେଳ ବ୍ୟବହାରକାରୀ ଏବଂ ଭାଗୀଦାରିମାନଙ୍କ ସହିତ ଜଡିତ ହୋଇ ପୂର୍ବତଟ ରେଳପଥ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଣେତେଣେ ଆବର୍ଜନା ନ ଫିଙ୍ଗିବା, ଅନ୍‌-ବୋର୍ଡ ସମୟରେ, ୱାଶିଂ ଲାଇନ୍‌ରେ, ରେଲୱେ ୟାର୍ଡ, ଟ୍ରାକ୍‌ରେ ଓ କାର୍ଯ୍ୟକ୍ଷେତ୍ରରେ ପରିଷ୍କାର ପରିଚ୍ଛନ୍ନତା ରକ୍ଷା, ପରିବେଷିତ ଖାଦ୍ୟର ଗୁଣବତ୍ତା ଉପରେ ଯାତ୍ରୀଙ୍କ ମତାମତ, ଜଳ ଯୋଗାଣ ଉତ୍ସ ସହିତ ଜଳ ସ୍ଥାପନରେ ସ୍ୱଚ୍ଛତା, ଷ୍ଟେଶନରେ ପାନୀୟ ଜଳ ପାଇଁ ଜଳ ଟ୍ୟାପ ଏବଂ ଜଳର ଉପଲବ୍ଧତା, ରେଳ ଷ୍ଟେଶନ, କୋଚିଂ ଡିପୋ, ଟ୍ରେନ ଓ ଏହାର ଆଖପାଖ ଅଞ୍ଚଳରେ ଥିବା ସମସ୍ତ ଟଏଲେଟ ବ୍ଲକେଜ୍‌ଗୁଡ଼ିକର ସ୍ୱଚ୍ଛତା ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି। ଏ ଅଭିଯାନ ଚିତ୍ରାଙ୍କନ ପ୍ରତିଯୋଗିତା ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ ବୋଲି ସୂଚନା ଦିଆଯାଇଛି।





**OFFICE OF THE CHIEF DISTRICT VETERINARY OFFICER, ANGUL**
AT:HEMSURPADA, PO/DIST:ANGUL,ODISHA-759122
Mail:cdvoangul@gmail.com

**TENDER CALL NOTICE**

**No.M-35:** Bids in sealed cover are invited from wholesalers/distributors/C & F agencies & suppliers approved by manufacturers for supply of Veterinary medicines, Feed additives & Medical consumables in district of Angul under CDVO, Angul. The details of the render can be downloaded from the website: (https://angul.odisha.gov.in).

**Sd./- Chief District Veterinary Officer, Angul**
OIPR-06069/11/0001/2425

**NOTICE**

**No.C-618:** The following contractor, who were registered as "C" Class Contractor under S.E.P.H Circle, Bhubaneswar. (Now Addl. Chief Engineer, P.H. Circle Bhubaneswar) and their Registration Certificate are hereby cancelled as per his written request and their one time deposit in shape of NSC will be refunded to him.

| Sl. No. | Name and Address | Regn.No. & Class | This Office order No.& Date |
|---|---|---|---|
| 1) | Mohammed Suhel Saad S/o. Mohammed Afser Ali At-Hata Sahi PO- Pipili, Dist-Puri | Regd.No. 1526 of 2018-19 'C' Class | S.E.P.H. Circle, BBSR No.3152, Dt.25.06.2018 |
| 2) | Sri Soumya Ranjan Jena S/o. Raj Kishore Jena At-Balipatana, Tarin Mandir PO-Balipatana, PS-Pattamundei Dist-Kendrapara,Pin-754215 | CDMS Regd. No.647WR724 'C' Class **(Valid upto 31.03.2022)** | S.E.P.H. Circle, BBSR, Dt.02.04.2019 |

This notice is required to be published for information of all Govt. Deptt./ Offices where they have executed the work. If any Govt. dues/materials are outstanding against the above contractor which are due to be recovered, may please be reported to the undersigned within 30(thirty) days from the date of publication of this notice for recovery/adjustment to Govt. accounts.
In case no report from any office / Deptt are received within the stipulated period i.e. 30 days from the date of publication of this notice, the onetime deposit made by the contractor will be released / refunded to them without any further notice.
If any Govt. dues/materials detected by any office beyond the stipulated time, it will be their responsibility for the lapses what so ever.

**Sd.- Additional Chief Engineer, P.H.Circle, Bhubaneswar**
OIPR-13039/11/0004/2425

## ସଂକ୍ଷେପରେ

### ବାଙ୍କୀ କଲେଜରେ ବୀରାରାଣୀ ଶୁକଦେଈଙ୍କ ଜୟନ୍ତୀ

ବାଙ୍କୀ,୧୮।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ବୀରାରାଣୀ ଶୁକଦେଈଙ୍କ ୩୩୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ କଲେଜ ପରିସରରେ ସ୍ଥାପିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ଅଧ୍ୟକ୍ଷ ଡ. ନିରଞ୍ଜନ ମହାନ୍ତି ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଖୋର୍ଦ୍ଧା-ବାଙ୍କୀ ଯୁଦ୍ଧରେ ତାଙ୍କ ସ୍ୱାମୀଙ୍କୁ ଖୋର୍ଦ୍ଧା ସୈନ୍ୟମାନେ ରାତିରେ ଶୋଇଥିବା ଅବସ୍ଥାରେ ହତ୍ୟା କରିଥିଲେ। ପରେ ରାଣୀ ଶୁକଦେଈ ନିଜେ ପ୍ରତିଶୋଧ ନେବାକୁ ଯାଇ ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ଖୋର୍ଦ୍ଧା ରାଜାଙ୍କୁ ପରାସ୍ତକରି ବାଙ୍କିଗଡ଼କୁ ବନ୍ଦୀ କରି ଆଣିଥିଲେ। କିନ୍ତୁ ରାଣୀ ଶୁକଦେଈ ନିଜ ଦୟା, କ୍ଷମା, ସହନଶୀଳତାର ମୂର୍ତ୍ତିବନ୍ତ ପ୍ରତୀକ ଭାବେ ତାଙ୍କୁ କ୍ଷମା ଦେଇଥିଲେ। ଏହା ହିଁ ବାଙ୍କୀ ରାଣୀଙ୍କର ମହତ୍ତ୍ୱ ଯାହାକି ସାରା ବିଶ୍ୱରେ ବିରଳ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ବାଙ୍କୀ ରାଜାଙ୍କ ଦାୟାଦ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବୀରାରାଣୀ ଶୁକଦେଈ ସ୍ମୃତି ପରିଷଦର ସମ୍ପାଦକ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କ୍ୟାପ୍ଟେନ୍ ଗୁରୁବାରୀ ସାହୁ, କୁମରବର ପ୍ରଧାନ ପ୍ରମୁଖ ବହୁ ଅତିଥି ଯୋଗଦାନକରି ସ୍ମୃତିଚାରଣ କରିଥିଲେ।

### ଚଳଚ୍ଚିତ୍ର ଅଭିନେତା ହେମନ୍ତ ଦାସଙ୍କ ଜୟନ୍ତୀ

ବାଙ୍କୀ,୧୮।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର ): ବାଙ୍କୀର ବରପୁତ୍ର, ଚଳଚ୍ଚିତ୍ର ଅଭିନେତା ତଥା ଜୟଦେବ ପୁରସ୍କାରପ୍ରାପ୍ତ ସ୍ୱର୍ଗତ ହେମନ୍ତ ଦାସଙ୍କ ୯୧ତମ ଜୟନ୍ତୀ ତାଙ୍କ ଜନ୍ମମାଟି ବାଙ୍କୀଠାରେ ବୁଧବାର ପାଳିତ ହୋଇଯାଇଛି। କଳା, ସାହିତ୍ୟ ଓ ସଂସ୍କୃତି ପରିଷଦ ପରିସରରେ ସ୍ଥାପିତ ହେମନ୍ତଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ପରିଷଦର ଉପସଭାପତି ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରେସ୍ କ୍ଲବ୍‌ର ସଭାପତି ବଳଭଦ୍ର ପଣ୍ଡା, ସାଂସ୍କୃତିକ ସମ୍ପାଦକ ବିଜୟ କୁମାର ଦୀକ୍ଷିତ, ସମ୍ପାଦକ ବେଣୁଧର କର, ନୃତ୍ୟ ଶିକ୍ଷକ ମହେଶ କୁମାର ନାୟକ ପ୍ରମୁଖ ଯୋଗଦେଇ ଦାସଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ।

### ବାଙ୍କୀ ମହୋତ୍ସବ କ୍ରୀଡ଼ା ପ୍ରତିଯୋଗିତା

ବାଙ୍କୀ, ୧୮।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର ): ଅକ୍ଟୋବର ୧୭ରୁ ୨୧ ତାରିଖ ପର୍ଯ୍ୟନ୍ତ ବାଙ୍କୀ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ମହୋତ୍ସବ କମିଟି ପକ୍ଷରୁ ଫୁଟ୍‌ବଲ, ଭଲିବଲ ଓ ସ୍କୁଲସ୍ତରୀୟ କବାଡ଼ି ପ୍ରତିଯୋଗିତା କରାଯିବାକୁ ସ୍ଥିର କରାଯାଇଛି। ଏହି ପ୍ରତିଯୋଗିତାରେ ଭାଗନେବାକୁ ଚାହୁଁଥିବା ଦଳ ବାଙ୍କୀ କ୍ରୀଡ଼ା ସଂସଦ ସମ୍ପାଦକ ସନ୍ତୋଷ କୁମାର ରଣାଙ୍କ ସହ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଇଛି।

# ପାନୀୟ ଜଳ ପାଇଁ ଗ୍ରାମବାସୀଙ୍କ ରାସ୍ତାରୋକୋ

**ସପ୍ତାହ ହେବ ଗାଁକୁ ଆସୁନି ପାଣି**

ଆଠଗଡ଼, ୧୮।୯(ସତ୍ୟପ୍ରସାଦ ରଥ):

ଆଠଗଡ଼ ସହର ସନ୍ନିକଟ ରାଧାଗୋବିନ୍ଦପୁର ଓ ହାଉସିଂ ବୋର୍ଡ କଲୋନିରେ ସପ୍ତାହେ ଧରି ପାନୀୟ ଜଳ ଯୋଗାଣ ବନ୍ଦ ଅଛି। ପାନୀୟ ଜଳ ସମସ୍ୟା ଯୋଗୁ ଅଧିବାସୀମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଜଳକଷ୍ଟ ସହ୍ୟ କରି ନ ପାରି ବୁଧବାର ପୂର୍ବାହ୍ନରେ ମହିଳାମାନେ ଆଠଗଡ଼-ଭୁବନେଶ୍ୱର ରାସ୍ତାରେ ବାଲ୍‌ଟି, ଡେକ୍‌ଚି ଆଦି ରଖି ଅବରୋଧ କରିଛନ୍ତି। ରାସ୍ତା ଅବରୋଧ ଫଳରେ ପ୍ରାୟ ୧ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଯାତାୟାତ କରୁଥିବା ପଥଚାରୀ ଓ



ଆଠଗଡ଼- ଭୁବନେଶ୍ୱର ରାସ୍ତାରେ ବାଲ୍‌ଟି, ଗରା ରଖି ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

ଗାଡ଼ି ମୋଟର ବନ୍ଦ ରହିଥିଲା। ମଧ୍ୟାହ୍ନ ୧୨ଟାରେ ବିଭାଗୀୟ ଅଧିକାରୀ ଘଟଣାସ୍ଥଳକୁ ଯାଇ ଅବରୋଧକାରୀଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ପାନୀୟ ଜଳ ସଙ୍କଟ ନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବର ଜଣାଇଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। ଅଧିବାସୀ ଆଠଗଡ଼ ଟାଉନ, ଝରଣ ଛକ, ରାସରସିକପୁରରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ମିତ ଜଳଯୋଗାଣ ଷ୍ଟାଣ୍ଡରୁ ପାଣି ନେଇ ରୋଷେଇ କରୁଥିବା ଜଣାପଡ଼ିଛି। ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ଦ୍ୱାରା ଆଠଗଡ଼ ଷ୍ଟାଡିୟମ ନିକଟରେ ଥିବା ବୋରିଂଠାରେ ଜଳ ଯୋଗାଣ ପମ୍ପ ହାଉସର ମେଶିନ ପୋଡ଼ିଯାଇଥିବା ହେତୁ ପାନୀୟ ଜଳ ଯୋଗାଣ ବ୍ୟାଘାତ ସୃଷ୍ଟିହେଉଛି ବୋଲି ବିଭାଗୀୟ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।

# ଭାଗବତ ଜନ୍ମୋତ୍ସବରେ ସହର ପରିକ୍ରମା

କଟକ,୧୮।୯ (କାର୍ତ୍ତିକ ସାହୁ):

ଭାଗବତ ଗୋଷ୍ଠୀ ପକ୍ଷରୁ ଭାଗବତ ଜନ୍ମୋତ୍ସବ ଏବଂ ଭାବପସରା କାର୍ଯ୍ୟକ୍ରମ ଶଙ୍କରପୁରସ୍ଥିତ ବାରିକସାହିରେ ବୁଧବାର ପାଳିତ ହୋଇଯାଇଛି। ଭାଗବତ ଗୋଷ୍ଠୀର ସଭାପତି ମନୋରମା ବାରିକ ଓ ସମ୍ପାଦକ ମୁରଲୀଧର ଜେନାଙ୍କ ତତ୍ତ୍ୱାବଧାନରେ ଭାଗବତଙ୍କୁ ସୁସଜ୍ଜିତ ରଥରେ ଶୋଭାଯାତ୍ରାରେ ବିଭିନ୍ନ ସାହି ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରା ଗୋପୀନାଥ ମନ୍ଦିରରୁ ବାହାରି ବାରିକସାହି, ତଳସାହି, ନୂଆସାହି, ଢିଅସାହି, ପାନିଆପଡ଼ା, ପରିଡ଼ାସାହି, ବଳଭଦ୍ରପୁର, ଛତ୍ରବଜାର, ଲିଙ୍କ୍‌ରୋଡ୍ ପରିକ୍ରମା କରି ଭାଗବତ ଟୁଙ୍ଗୀରେ ପହଞ୍ଚିଥିଲା। ଭାଗବତ ପାଠ, ଆଲୋଚନା, ପ୍ରବଚନ, ଯଜ୍ଞ, ଭଜନସନ୍ଧ୍ୟା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲକ୍ଷ୍ମୀଧର ବାରିକ, ପ୍ରଶାନ୍ତ ବାରିକ, ରାଜକିଶୋର ଜେନା, ଗୀତା ପାତ୍ର, ଗୌରୀ ଛାଟୋଇ, ନିରଞ୍ଜନ ବାରିକ, ସୁକାନ୍ତ ବାରିକ, ଭ୍ରମରବର ପଣ୍ଡା, ଧର୍ମାନନ୍ଦ ପାତ୍ର, ଯତୀନ୍ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି କଲ୍‌କୀ ସେନା ପକ୍ଷରୁ ଭାଗବତ ଜନ୍ମୋତ୍ସବ ଜିଲା ପ୍ରଚାର କମିଟି ସଭାପତି ଲକ୍ଷ୍ମୀଧର ଦାସଙ୍କ ଅଧକ୍ଷତାରେ ସିଡିଏ ସେକ୍ଟର-୭ସ୍ଥିତ ବେହେରା ରେସିଡେଣ୍ଟରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ହିମାଂଶୁ ଭୂଷଣ ରଥଶର୍ମା ଶ୍ରୀଜଗନ୍ନାଥାଷ୍ଟକ ପାଠ କରିଥିଲେ। ମହନ୍ତ ସଂଗ୍ରାମ କେଶରୀ ମହାନ୍ତି ଭାଗବତ ଏକାଦଶ ସ୍କନ୍ଦ ଆବୃତ୍ତି କରିଥିଲେ। ପ୍ରବକ୍ତା ଭାବେ ମାଳିକା ଗବେଷକ ପ୍ରଫେସର ଜ୍ଞାନଗୁରୁ ଦାସ ଭାଗବତକୁ ପ୍ରତ୍ୟହ ପାଠ କଲେ ଜୀବନ ପବିତ୍ର ହେବା ସହ ଜୀବ ବୈକୁଣ୍ଠପ୍ରାପ୍ତି ହୋଇଥାଏ ବୋଲି କହିଥିଲେ। ସଂଯୋଜ ସାମନ୍ତରାୟ, ବାବାଜୀ ବେହେରା, ପ୍ରଫେସର ସବିତାବାଳା ଆଚାର୍ଯ୍ୟ, ସସ୍ମିତା ଦାସ, ଶକ୍ତିସ୍ୱରୂପା ଦାସ, ପ୍ରାପ୍ତିକର ମହାପାତ୍ର, ଲକ୍ଷ୍ମୀସ୍ୱରୂପା ଦାସ ଓ ଡା. ଅନିନ୍ଦିତା ମହାପାତ୍ର ପ୍ରମୁଖ ଶ୍ରୀମଦ୍ ଭଗବଦ୍ ମହାପୁରାଣ ସମ୍ପର୍କରେ ଆଲୋଚନା କରିଥିଲେ। କେନ୍ଦ୍ର ଲୋକସମ୍ପର୍କ ପ୍ରମୁଖ ବିଜୟ କୁମାର ସାମଲ ଧନ୍ୟବାଦ ଦେଇଥିଲେ।



ଭାଗବତ ଜନ୍ମୋତ୍ସବ ଲାଗି କଟକରେ ଶ୍ରଦ୍ଧାଳୁମାନେ ସହର ପରିକ୍ରମା କରୁଛନ୍ତି।

# ଭଟ୍ଟାରିକାଙ୍କ ମହୋତ୍ସବ, ମହାଷ୍ଟମୀ ଯାତ୍ରା ପାଇଁ ପ୍ରସ୍ତୁତି

ବଡ଼ମ୍ବା,୧୮।୯ (ମାୟାଧର ମଲ୍ଲିକ)

ବଡ଼ମ୍ବାର ଅଧିଷ୍ଠାତ୍ରୀ ଦେବୀ ମା' ଭଟ୍ଟାରିକାଙ୍କ ମହାଷ୍ଟମୀ ଯାତ୍ରା ଓ ୨୪ତମ ଭଟ୍ଟାରିକା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭଟ୍ଟାରିକା ପାନ୍ଥନିବାସଠାରେ ଅନୁଷ୍ଠିତ ବୈଠକରେ ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ଶାଶ୍ୱତ ରଞ୍ଜନ ଦାଶ ଅଧକ୍ଷତା କରିଥିଲେ। ବୈଠକରେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ୧୬ଦିନ ବ୍ୟାପୀ ଚାଲିବାକୁ ଥିବା ମା'ଙ୍କ ଶାରଦୀୟ ପୂଜା ଆସନ୍ତା ୨୪ ତାରିଖରୁ ଆରମ୍ଭ ହେବ। ଅକ୍ଟୋବର ୭ରୁ ଯାତ୍ରାର ଆଦ୍ୟପର୍ବ ଏବଂ ଅନ୍ତିମ ୩ ଦିନ ଅର୍ଥାତ୍ ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ୨୪ତମ ଭଟ୍ଟାରିକା ମହୋତ୍ସବ ପାଳନ ହେବ ବୋଲି ବୈଠକରୁ ଜଣାପଡ଼ିଛି। ରାଜ୍ୟ ସଂସ୍କୃତି ବିଭାଗ, ବଡ଼ମ୍ବା ଦେବୋତ୍ତର ବିଭାଗ ଏବଂ ସ୍ଥାନୀୟ



ବୈଠକରେ ବିଧାୟକ ବିଜୟ କୁମାର ଦଳବେହେରା ଏବଂ ଅନ୍ୟମାନେ।

ପରିଚାଳନା କମିଟି ଦ୍ୱାରା ଏହା ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ମା'ଙ୍କ ୧୬ ଦିନାତ୍ମକ ପୂଜା ସହ ମହୋତ୍ସବକୁ ସରସ ସୁନ୍ଦର ଓ ଶାନ୍ତି ଶୃଙ୍ଖଳା ଭାବେ ପାଳନକରିବା ପାଇଁ ବିଧାୟକ ଦଳବେହେରା ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧକ୍ଷ ରଘୁପତି ମହାନ୍ତି, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ଏବିଡିଓ ଅଭିପ୍ସା ସ୍ୱାଇଁ, ସହକାରୀ ଥାନା ଅଧିକାରିଣୀ ବିଶ୍ୱବନ୍ଦିତା ସାହୁ, ଆଞ୍ଚଳିକ ଉନ୍ନୟନ ପରିଷଦ କମିଟି ସଭାପତି ଭ୍ରମରବର ନାୟକ, ସମ୍ପାଦକ ସନାତନ ବେହେରା, ମାଳୀ ସେବାୟତ କର୍ମକର୍ତ୍ତା, ଭଟ୍ଟାରିକା ସରପଞ୍ଚ ସମରେନ୍ଦ୍ର ଶତ୍ରୁଜିତ ପୁହାଣ, ସାମାଜିକ କର୍ମୀ ସତ୍ୟବାନ ରଣା, କରଡ଼ିବନ୍ଧ ସରପଞ୍ଚଙ୍କ ପ୍ରତିନିଧି ସନ୍ତୋଷ କୁମାର ମହାନ୍ତିଙ୍କ ସମେତ ସୁଧୀର କୁମାର ବେଜ, ଦେବୋତ୍ତର ସୁପରଭାଇଜର ବିପିନ ବିହାରୀ ପୂର୍ବରା ଓ ପରିଚାଳନା କମିଟି ସଦସ୍ୟ, ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଜନଶକ୍ତି ପାର୍ଟି ପକ୍ଷରୁ ଟାଟା କମ୍ପାନୀ ହଟାଅ ଅଭିଯାନ

ମାହାଙ୍ଗା,୧୮।୯(ଯଯାତି ସିଂହ)

ଜନସାଧାରଣଙ୍କୁ ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ଯୋଗାଇଦେବା ନିମନ୍ତେ ଟାଟା କମ୍ପାନୀ ସରକାରଙ୍କୁ ଚୁକ୍ତିବଦ୍ଧ କରିଥିବାବେଳେ କିନ୍ତୁ ବାସ୍ତବ କ୍ଷେତ୍ରରେ ଓଲଟା। ଏବେ ଅଘୋଷିତ ବିଦ୍ୟୁତ୍‌କାଟ,ଲୋ ଭୋଲ୍‌ଟେଜ ଏବଂ ବିଦ୍ୟୁତ୍ ଶୁଳ୍କ ବଢ଼ାଇ ଗ୍ରାହକମାନଙ୍କୁ ଶୋଷଣ କରୁଛି। ଏହାର ପ୍ରତିବାଦକରି ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଆଁପାଳଠାରେ ଜନଶକ୍ତି ପାର୍ଟି ରାଜ୍ୟ ସଭାପତି ପ୍ରଦୀପ ଦାଶଙ୍କ ନେତୃତ୍ୱରେ ଟାଟା କମ୍ପାନୀ ହଟାଅ ଅଭିଯାନ ଆରମ୍ଭ ହୋଇଛି। ଏଥିରେ କେନ୍ଦ୍ରାପଡ଼ା ଜିଲାପତି ରମାକାନ୍ତ ମାହାଳି, ସେବା ଦଳ ପ୍ରମୁଖ ଅଶୋକ ରାଉତ, ସମ୍ପାଦକ ସମରେନ୍ଦ୍ର ଜେନା, ନାରାୟଣ ମଲିକ, ଗୌତମ ବେହେରା, ଦେବେନ୍ଦ୍ର ମହାପାତ୍ର, ପୀତବାସ ଦାସ, ରମେଶ ଚନ୍ଦ୍ର ସାହୁ, ଅଶୋକ ଦାଶ, ବିକ୍ରମ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସେମାନେ ଟାଟା କମ୍ପାନୀ ଗ୍ରାହକଙ୍କ ଶୋଷଣ ବିରୋଧରେ ଜନଜାଗରଣ ସୃଷ୍ଟି କରିଥିଲେ। ବିଶେଷକରି ଟାଟା କମ୍ପାନୀ ପକ୍ଷରୁ ପୁରୁଣା



ମିଟର ହଟାଇ ନୂଆ ମିଟର ଲଗାଇ ଅଧିକ ବିଲ୍ ଚାର୍ଜ କରୁଛନ୍ତି, ତ୍ରୁଟିପୂର୍ଣ୍ଣ ବିଲ୍ ଦେଇ ଜବରଦସ୍ତ ଅର୍ଥ ଆଦାୟ କରୁଛନ୍ତି। ଅନେକ ସ୍ଥାନରେ ଟ୍ରାନ୍ସଫର୍ମର ବାହାରେ ରହିବା, କେଉଁଠି ଲୁହା ଖୁଣ୍ଟ ମୂଳ ଖାଇଯିବା, ତାର ଝୁଲି ବିପଦସଙ୍କୁଳ ଅବସ୍ଥାରେ ରହିବା ହେତୁ ଧନଜୀବନ ନଷ୍ଟହେବା ଯଥେଷ୍ଟ ସମ୍ଭାବନା ରହିଥିବା ରାଜ୍ୟ ସଭାପତି ଦାଶ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଭାଗବତ ଜନ୍ମୋତ୍ସବ ପାଳିତ

ମାହାଙ୍ଗା,୧୮।୯(ଯଯାତି ସିଂହ)

ମାହାଙ୍ଗା ବ୍ଲକ୍ ଜଲେଶ୍ୱରପୁର ପଞ୍ଚାୟତ ପରିଡ଼ାପାଟଣାରେ ଭାଗବତ ଜନ୍ମ ଓ ଇନ୍ଦୁ ପୂର୍ଣ୍ଣିମା ଉତ୍ସବ ପାଳିତ ହେଉଛି। ଭାଗବତ ଟୁଙ୍ଗିର ମୁଖ୍ୟ ଉପଦେଷ୍ଟା ଆଇନଜୀବୀ ବିଜୟ କୁମାର ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଅଜିତ ତ୍ରିପାଠୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ଭରତ ଚନ୍ଦ୍ର ପରିଡ଼ା, କାହ୍ନୁଚରଣ ପରିଡ଼ା, ଅକ୍ଷୟ ସାହୁ, ଭାସ୍କର ପରିଡ଼ା, ପ୍ରଫୁଲ୍ଲ ସାହୁ, ପଞ୍ଚାନନ ସାହୁ, ଦୀନବନ୍ଧୁ ଖୁଣ୍ଟିଆଙ୍କ ସହ ଅନୁଷ୍ଠାନର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଏହି ଅବସରରେ ଭାଗବତ ପଠନ, ଭଜନ କୀର୍ତ୍ତନ ହେଉଛି। ସେହିପରି ହଂସଦିଆ ଗୋପୀନାଥ ଜୀଉ ମନ୍ଦିର ପରିସର ଏବଂ ବୃନ୍ଦାବନ ଜୀଉ ଭାଗବତ କମିଟି ପକ୍ଷରୁ ଭାଗବତ ପଠନ, ଭଜନ କୀର୍ତ୍ତନ ହୋଇଯାଇଛି। ଏଥିରେ ନାରାୟଣ କର, ମହେନ୍ଦ୍ର ପଣ୍ଡା, ଅଚ୍ୟୁତାନନ୍ଦ କର, ସନ୍ତୋଷ କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ବାଙ୍କୀ, (ଜ୍ଞାନେନ୍ଦ୍ର ମୋହନ ମିଶ୍ର ):** ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ରଣପୁର ଜଳେଶ୍ୱର ମନ୍ଦିରରେ ଥିବା ଜଗନ୍ନାଥ ମନ୍ଦିରରେ ଭାଗବତ ଜନୋତ୍ସବ ପାଳିତ ହୋଇଯାଇଛି। ରବୀନ୍ଦ୍ର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ନିଖିଳ ଓଡ଼ିଶା ଭାଗବତ ପ୍ରଚାର ସମିତିର ଉପଦେଷ୍ଟା ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଭାଗବତ ମହିମା ସମ୍ପର୍କରେ କହିଥିଲେ। ସେହିପରି ଡମପଡ଼ା ବ୍ଲକ ବାଆଁରାସ୍ଥିତ ଶ୍ରୀସୁବୁଦ୍ଧେଶ୍ୱର ପୀଠରେ ଭାଗବତ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଏହାକୁ ଦୁଷ୍ମନ୍ତ ବଳ, ହିରଣ୍ୟ ପାତ୍ର ପ୍ରମୁଖ ଭାଗବତ କମିଟିର ସଦସ୍ୟ ପରିଚାଳନା କରିଥିଲେ। ସେହିପରି କୁଅମଡ଼ା ଗାଁର ଶ୍ରୀଶନିଶ୍ଚରଙ୍କ ପୀଠ ଏବଂ ବାଆଁରାସ୍ଥ ଚୂନପିଣ୍ଡାଠାରେ ଭାଗବତ ଜନ୍ମ ପାଳିତ ହୋଇଯାଇଛି।



ପରିଡ଼ାପାଟଣା ଭାଗବତ ଟୁଙ୍ଗିରେ କୀର୍ତ୍ତନ ଚାଲିଛି।

# ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ

**ଶୋଭାଯାତ୍ରାରେ ପାଲେଷ୍ଟାଇନ୍ ପତାକା ଉଡାଯିବା ଘଟଣା**

- ହିନ୍ଦୁସେନା ପକ୍ଷରୁ ଡିଜିପିଙ୍କୁ ଦାବିପତ୍ର

କଟକ,୧୮।୯(ଶିଳ୍ପା ପ୍ରିୟଦର୍ଶିନୀ)

ହିନ୍ଦୁସେନା ପକ୍ଷରୁ କଟକ ବକ୍ସିବଜାରସ୍ଥିତ ପୋଲିସ ମୁଖ୍ୟାଳୟରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କୁ ବୁଧବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି, ସୋମବାର କଟକରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଶୋଭାଯାତ୍ରାରେ ପାଲେଷ୍ଟାଇନ୍ ପତାକା ଉଡ଼ାଯିବା ସହ ନାରାବାଜି ଦିଆଯାଇଥିଲା। ଏହି ଘଟଣା ବହୁସଂଖ୍ୟକ ଜନସାଧାରଣଙ୍କ ମନରେ ଆଘାତ ପହଞ୍ଚିଛି। ଦେଇଛି। ଏ ସମ୍ପର୍କରେ ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପାଇବା ପରେ ଦେଶରେ କଟକର ନାଁ ବଦ୍‌ନାମ ହୋଇଛି। ଏଭଳି ଘଟଣା କିଛିଦିନ ପୂର୍ବରୁ କଟକରେ ଘଟିଥିଲା। ଏନେଇ ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ପୁନର୍ବାର ଏଭଳି ଘଟଣା ଘଟିଛି। ତୁରନ୍ତ ଏହି ଘଟଣାକୁ ବିଚାରକୁ ନିଆଯାଇ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏନେଇ ହିନ୍ଦୁସେନାର ରାଜ୍ୟ ସଭାପତି ଦେବାଶିଷ ରାଉତ କହିଛନ୍ତି, କଟକରେ ଏଭଳି ଦେଶଦ୍ରୋହୀ କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ। ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରୁଛୁ। ଡିଜିପି ଉକ୍ତ ଦାବିପତ୍ର ଗ୍ରହଣ କରିବା ସହ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ପ୍ରଦାନବେଳେ ଶମ୍ଭୁନାଥ ଗୋଏଙ୍କା, ଅଶୋକ କୁମାର ସାହୁ, କିଶୋର କୁମାର ମହାନ୍ତି ଓ ଭାଗବତ ସାହୁଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ।

# ସାହିତ୍ୟ ସମସ୍ତଙ୍କୁ ଅଧିକ ଜାଣିବାକୁ ବାର୍ତ୍ତା ଦିଏ

- ସାଲେପୁର ସାରସ୍ୱତ ସମାରୋହ ସମିତିର ପ୍ରତିଷ୍ଠା ଉତ୍ସବ
- ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା, ପୁସ୍ତକ ଉନ୍ମୋଚନ, କବିତା ପାଠୋତ୍ସବ

ସାଲେପୁର,୧୮।୯(ଅରବିନ୍ଦ ଭୂୟାଁ)

ଜୀବନଚର୍ଯ୍ୟାରେ ସାହିତ୍ୟ ଆମ ସମସ୍ତଙ୍କୁ ଅଧିକ ଜାଣିବାକୁ ବାର୍ତ୍ତା ଦେଇଥାଏ। ପ୍ରତ୍ୟେକ ସାହିତ୍ୟିକ ମାନବିକ ମୂଲ୍ୟବୋଧ ପ୍ରତିଷ୍ଠା କରିବା ସହ ସମାଜର ପ୍ରକୃତ ଚିତ୍ରକୁ ଲୋକଲୋଚନକୁ ଆଣିବାକୁ ଉଦ୍ୟମ କରିବା ଦରକାର। ସାଲେପୁର ସାରସ୍ୱତ ସମାରୋହ ସମିତିର ୨୩ତମ ସ୍ୱନକ୍ଷତ୍ର ଉତ୍ସବ ପାଳନ ଅବସରରେ ଅତିଥିମାନେ ଉପରୋକ୍ତ ମନ୍ତବ୍ୟ ରଖିଛନ୍ତି।

ଅନୁଷ୍ଠାନର ସଭାପତି ଅକ୍ଷୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ସାଲେପୁର ହାଇସ୍କୁଲ ଅଡିଟୋରିୟମ ହଲ୍‌ରେ ଅନୁଷ୍ଠିତ ଉତ୍ସବରେ ନାଇଜରର କୁଳସଚିବ ଡ. ଅଭୟ ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ରୂପେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ଗବେଷକ ତଥା ସୁସାହିତ୍ୟିକ ଡ. ଭାସ୍କର ମିଶ୍ର ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ଯେତେ ଲେଖା



ଉତ୍ସବରେ ଅତିଥିମାନେ ଅନୁଷ୍ଠାନର ବାର୍ଷିକ ପତ୍ରିକା ଶାଶ୍ୱତୀକୁ ଉନ୍ମୋଚନ କରୁଛନ୍ତି।

ହେଲେ ବି ତାହା ତାଙ୍କ ପାଇଁ କମ୍ ବୋଲି କହିବା ସହ ଶ୍ରୀଜଗନ୍ନାଥଙ୍କର ତତ୍ତ୍ୱ ଏବଂ ତାଙ୍କର ମହିମା ଅପାର ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ରୂପେ ଆକାଶବାଣୀ ଓ ଦୂରଦର୍ଶନର ଉପସ୍ଥାପିକା ସୌଦାମିନୀ ତ୍ରିପାଠୀ, ସମ୍ମାନିତ ବକ୍ତା ରୂପେ ଡ. ସୋମେଶ ମହାପାତ୍ର ଯୋଗଦେଇ ସାରସ୍ୱତ ସମାରୋହ ସମିତିର ଏହି କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଏହି ଅବସରରେ ଡ. ମିଶ୍ରଙ୍କୁ ରାଜ୍ୟସ୍ତରୀୟ ସାରସ୍ୱତ ସାହିତ୍ୟ ସମ୍ମାନ -୨୦୨୪, ସୌଦାମିନୀ ତ୍ରିପାଠୀଙ୍କୁ ଡା. ରୁକ୍ମଣୀ ଦେବୀ ସ୍ମାରକୀ ସାରସ୍ୱତ ସମ୍ମାନ-୨୦୨୪ ଓ ସାରସ୍ୱତ ସାହିତ୍ୟ ସମ୍ମାନ ପ୍ରାବନ୍ଧିକ ଚନ୍ଦ୍ରମଣି ଭୂୟାଁ, କବି ସୁସ୍ମିତା ପଣ୍ଡା, ସାହିତ୍ୟିକ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅନୁଷ୍ଠାନର ବାର୍ଷିକ ପତ୍ରିକା 'ଶାଶ୍ୱତୀ' ଓ ଖବରଦାତା ଅକ୍ଷୟ କୁମାର ଦାଶଙ୍କ 'ଜହ୍ନ ରାଇଜର କଥା', ପରମାନନ୍ଦ ସ୍ୱାଇଁଙ୍କର ପୁସ୍ତକ 'ମହୁମାଛି'କୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ବିଷ୍ଣୁଚରଣ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ, ସହସମ୍ପାଦକ ଦୟାନିଧି ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଡ. ତରୁଲତା ଦେବୀ ସମ୍ବର୍ଦ୍ଧନା ପର୍ବ ପରିଚାଳନା କରିଥିବାବେଳେ ଡ.ଗୌତମ ମହାରଣା, ଅଧ୍ୟାପିକା ପୁଷ୍ପାଞ୍ଜଳି ପଣ୍ଡା, ମାନସ କୁମାର ଦାଶ, ଶିକ୍ଷୟିତ୍ରୀ ସୁଲୋଚନା ମଲ୍ଲିକ ମାନପତ୍ର ପାଠ କରିଥିଲେ। ସମ୍ବିତ୍ କୁମାର ଦାସ ଅତିଥିଙ୍କୁ ଆମନ୍ତ୍ରିତ କରିଥିବା ବେଳେ ଶିକ୍ଷୟିତ୍ରୀ ଦୀପ୍ତିମୟୀ ରାଉତ ଶ୍ଳୋକ ପାଠ କରିଥିଲେ। ଆୟୁଷୀ ମହାପାତ୍ର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିବାବେଳେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା କବି ବିଜୟ କୁମାର ନାଥଙ୍କ ସଂଯୋଜନାରେ ୫୦ରୁ ଊର୍ଦ୍ଧ୍ୱ କବି ଯୋଗଦେଇ କବିତା ପାଠ କରିଥିଲେ। ଏହି ଅବସରରେ କବି ସଦାଶିବ ଦାଶ, ଡ.ପୂର୍ଣ୍ଣଚନ୍ଦ୍ର ଓଝା, ଡ. ନିଖିଳେଶ ମହାନ୍ତି, ଡ. ଗିରୀଶ ସାହୁ, ବିଶ୍ୱରଞ୍ଜନ ସାହୁ, ଦେବେନ୍ଦ୍ର ନାୟକ, ଅନନ୍ତ ଚରଣ ଦାଶ, ପ୍ରବୀର ଦାସ, କମଳାକାନ୍ତ ମୁଦୁଲିଙ୍କ ସମେତ ବହୁ କର୍ମକର୍ତ୍ତା ଓ ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପୂର୍ବତନ ପ୍ରଧାନ ଶିକ୍ଷକ ବିପିନ ବିହାରୀ କର ଧନ୍ୟବାଦ ଦେଇଥିଲେ।

OFFICE OF THE CHIEF DISTRICT VETERINARY OFFICER, ANGUL
AT:HEMSURPADA, PO/DIST:ANGUL,ODISHA-759122
Mail:cdvoangul@gmail.com
TENDER CALL NOTICE
No.M-35:Bids in sealed cover are invited from wholesalers/ distributors/C & F agencies & suppliers approved by manufacturers for supply of Veterinary medicines, Feed additives & Medical consumables in district of Angul under CDVO, Angul. The details of the render can be downloaded from the website: (https://angul.odisha.gov.in).
Sd./- Chief District Veterinary Officer, Angul
OIPR-06069/11/0001/2425

NOTICE
No.C-618:The following contractor, who were registered as "C" Class Contractor under S.E.P.H Circle, Bhubaneswar. (Now Addl. Chief Engineer, P.H. Circle Bhubaneswar) and their Registration Certificate are hereby cancelled as per his written request and their one time deposit in shape of NSC will be refunded to him.

| Sl. No. | Name and Address | Regn.No. & Class | This Office order No.& Date |
|---|---|---|---|
| 1) | Mohammed Suhel Saad S/o. Mohammed Afser Ali At-Hata Sahi PO- Pipili, Dist-Puri | Regd.No. 1526 of 2018-19 'C' Class | S.E.P.H. Circle, BBSR No.3152, Dt.25.06.2018 |
| 2) | Sri Soumya Ranjan Jena S/o. Raj Kishore Jena At-Balipatana, Tarin Mandir PO-Balipatana, PS-Pattamundei Dist-Kendrapara,Pin-754215 | CDMS Regd. No.647WR724 'C' Class **(Valid upto 31.03.2022)** | S.E.P.H. Circle, BBSR, Dt.02.04.2019 |

This notice is required to be published for information of all Govt. Deptt./ Offices where they have executed the work. If any Govt. dues/materials are outstanding against the above contractor which are due to be recovered, may please be reported to the undersigned within 30(thirty) days from the date of publication of this notice for recovery/adjustment to Govt. accounts.
In case no report from any office / Deptt are received within the stipulated period i.e. 30 days from the date of publication of this notice, the onetime deposit made by the contractor will be released / refunded to them without any further notice.
If any Govt. dues/materials detected by any office beyond the stipulated time, it will be their responsibility for the lapses what so ever.
Sd.- Additional Chief Engineer, P.H.Circle, Bhubaneswar
OIPR-13039/11/0004/2425

# ୨୦୮୦ ପ୍ରକଳ୍ପ ଅଧାପନ୍ତରିଆ

## ବ୍ଲକସ୍ତରୀୟ ସାମାଜିକ-ସମୀକ୍ଷା ଜନଶୁଣାଣି ଶିବିର

ବେଗୁନିଆ,୧୮।୯
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)


ବ୍ଲକସ୍ତରୀୟ ସାମାଜିକ-ସମୀକ୍ଷା ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ, ଜନପ୍ରତିନିଧି ଏବଂ ଅନ୍ୟମାନେ।

ବେଗୁନିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଥିବା ଅଭ୍ୟର୍ଥନା ପ୍ରକୋଷ୍ଠରେ ବୁଧବାର ବ୍ଲକସ୍ତରୀୟ ସାମାଜିକ-ସମୀକ୍ଷା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷର ୨୧ଟି ଗ୍ରାମପଞ୍ଚାୟତ ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଏବଂ ପଞ୍ଚଦଶ ଅର୍ଥ କମିଶନ ଯୋଜନା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବିଭିନ୍ନ ସ୍ଥାନରେ ପ୍ରକଳ୍ପ କାର୍ଯ୍ୟ ଶେଷ ନ ହୋଇ ଅଧାପନ୍ତରିଆ ଭାବେ ପଡ଼ିରହିଛି। ଏନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ଲକ୍ଷ୍ମୀଧର ସାହୁ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ କୋଅର୍ଡିନେଟର ଜ୍ୟୋସ୍ନାମୟୀ ରାଉତ, ବ୍ଲକ ଉପାଧ୍ୟକ୍ଷା ସାବିତ୍ରୀ ମହାପାତ୍ର, ଜିଲା ସାମାଜିକ ସମୀକ୍ଷକ ପ୍ରଦୋଷ କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ୨୦୨୩-୨୪ ଆର୍ଥିକ ବର୍ଷରେ ଏହି ବ୍ଲକରେ ଜନହିତକାରୀ ପ୍ରକଳ୍ପ କାର୍ଯ୍ୟ କ'ଣ ହୋଇଛି ସେ ସମ୍ବନ୍ଧରେ ସମୀକ୍ଷା କରାଯାଇଛି। ୧୬୦ଟି ରାଜସ୍ୱ ଗ୍ରାମରେ ମୋଟ୍ ୨୬୮୧ ପ୍ରକଳ୍ପ ନିର୍ମାଣ ପାଇଁ ୩୩ କୋଟି ୧୩ ଲକ୍ଷ ୮୮ହଜାର ଟଙ୍କା ବ୍ୟୟବରାଦ ହୋଇଥିବା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ସେଥିରୁ ୬୦୧ଟି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୨୦୮୦ଟି ପ୍ରକଳ୍ପ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡିରହିଛି। ସେହିପରି ୧୦୦ ଦିନର କାର୍ଯ୍ୟ ୫୧୮ ପରିବାର ପାଇଛନ୍ତି। ଗତ ଆର୍ଥିକ ବର୍ଷରେ ଏହି ଯୋଜନାରେ ଅନେକ ପଞ୍ଚାୟତ ଅଞ୍ଚଳରେ ଜାରି ରହିଥିବା ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ସରକାରୀ କାଗଜପତ୍ର ଗ୍ରାମ ରୋଜଗାର ସେବକମାନେ ନିର୍ଦ୍ଧାରିତ ସମୟରେ ଦାଖଲ କରୁ ନ ଥିବାରୁ ତାଗିଦା କରାଯାଇଥିଲା। ଆଗାମୀ ଦିନରେ ଏହି ଯୋଜନା ଅନ୍ତର୍ଭୁକ୍ତ ବିଭିନ୍ନ ନୂତନ ପ୍ରକଳ୍ପ ସୃଷ୍ଟି କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଏଥିରେ ଜଳସେଚନ, ନୂତନ ଜଙ୍ଗଲ ସୃଷ୍ଟି, କୃଷି ଉଦ୍ୟାନ ଓ ଗ୍ରାମ୍ୟ ଶ୍ମଶାନ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯିବ ବୋଲି ସ୍ଥିର କରାଯାଇଛି। ସେହିପରି ଏହି ଯୋଜନାର ବାସ୍ତବ ଉପକାର କିଭଳି ଗ୍ରାମାଞ୍ଚଳର ଗରିବ ଲୋକଙ୍କ ହିତରେ ଆସିବ ସେନେଇ ଗ୍ରାମ ରୋଜଗାର ସେବକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଏହି ଯୋଜନା ଅଣକୁଶଳୀ ଶ୍ରମିକମାନଙ୍କ ହିତରେ ଆସିପାରୁ ନାହିଁ କି ପ୍ରକୃତ ଗରିବ ଲୋକଙ୍କୁ ପଞ୍ଚଦଶ ଅର୍ଥ କମିଶନ ଯୋଜନାର ସୁଫଳ ମିଳୁନାହିଁ ବୋଲି ଉପସ୍ଥିତ ଜନପ୍ରତିନିଧିମାନେ ଉପସ୍ଥାପନ କରିଥିଲେ। ଉକ୍ତ ସମୀକ୍ଷା ଶିବିରକୁ ଗାଁସାଥୀ(ମେଟ୍)ମାନଙ୍କୁ ଡକାଯାଇ ନ ଥିବାରୁ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି।

## କମ୍ପ୍ୟୁଟର ବିଜ୍ଞାନ ବିଭାଗର ସ୍ୱାଗତମ୍ ଉତ୍ସବ

ବୋଲଗଡ଼,୧୮।୯(ଦେବବ୍ରତ ହୋତା)

ବୋଲଗଡ଼ସ୍ଥିତ ପରମାନନ୍ଦ ମହାବିଦ୍ୟାଳୟ କମ୍ପ୍ୟୁଟର ବିଜ୍ଞାନ ବିଭାଗର ସ୍ୱାଗତମ୍ ଉତ୍ସବ ସ୍ଥାନୀୟ ନନ୍ଦିଘୋଷ ଭବନଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଭାଗର ମୁଖ୍ୟ ସନ୍ତୋଷ କୁମାର ବୈରିଗଞ୍ଜନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସଞ୍ଜୁକ୍ତା ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ଅବସରପ୍ରାପ୍ତ ମୁଖ୍ୟ କିରାଣି ଶ୍ୟାମ ସୁନ୍ଦର ସାହୁ, ସମ୍ମାନିତ ଅତିଥିଭାବେ ସନ୍ଦୀପ ପାଣିଗ୍ରାହୀ ଯୋଗଦେଇଥିଲେ। ବିଜ୍ଞାନ ଯୁଗରେ ଜ୍ଞାନର ଅଭିବୃଦ୍ଧି ନିମନ୍ତେ ସଫଟ୍‌ୱେୟାରର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅଧ୍ୟକ୍ଷା ମିଶ୍ର କହିଥିଲେ। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଆଲୁମ୍‌ନୀ ଉତ୍ସବ ପାଳନ କରାଯାଇଥିଲା। ଏହି ସ୍ୱାଗତମ୍ ଉତ୍ସବରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଚିରଞ୍ଜୀବୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ହଳଦିଆ କଲେଜ: ଶାନ୍ତନୁ ମିଶ୍ର ନୂତନ ଅଧ୍ୟକ୍ଷ ନିଯୁକ୍ତ

ଖୋର୍ଦ୍ଧା,୧୮।୯(ପ୍ରଭାତ ପାଣିଗ୍ରାହୀ)

ନାଚୁଣୀ ମହାବିଦ୍ୟାଳୟରେ କାର୍ଯ୍ୟରତ ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଡ. ଶାନ୍ତନୁ କୁମାର ମିଶ୍ର ହଳଦିଆ କଲେଜ ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। ଏନେଇ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ମିଶ୍ରଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗଦେବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ଗତ ଜୁଲାଇ ୩ରେ କଲେଜ କ୍ୟାମ୍ପସ୍‌ରେ ପୂର୍ବତନ ଅଧ୍ୟକ୍ଷ ଉମାକାନ୍ତ ପାତ୍ରଙ୍କୁ ଇତିହାସ ଅଧ୍ୟାପକ, ପରିଚାଳନା ସଭାପତି ଏବଂ ଅନ୍ୟ ୪ଜଣ ଯୁବକ ଆକ୍ରମଣ ଘଟଣାକୁ ନେଇ ଉଭୟ ପକ୍ଷରୁ ଶିଳ୍ପାଞ୍ଚଳ ଥାନାରେ ଅଭିଯୋଗ ହୋଇଥିଲା। ପୃଥକ୍ ମାମଲା ରୁଜୁକରି ପୋଲିସ ସିସିଟିଭି ଫୁଟେଜକୁ ଅନୁଧ୍ୟାନ କରିଥିଲା। ତଦନ୍ତରେ ଅନୁସନ୍ଧାନ ବେଳେ ଆକ୍ରମଣ ଘଟଣାରେ ଇତିହାସ ଅଧ୍ୟାପକଙ୍କ ସମ୍ପୃକ୍ତି ନେଇ ଗତ ୨୬.୭.୨୪ ଥାନା ଅଧିକାରୀ ଉଚ୍ଚ ଶିକ୍ଷା ବିଭାଗକୁ ଚିଠି ଲେଖି ଘଟଣା ସମ୍ପର୍କରେ ଅବଗତ କରାଇବା ସହ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଲାଗି ନିବେଦନ କରିଥିଲା। ପରେ ଇତିହାସ ଅଧ୍ୟାପକ ଓ ପରିଚାଳନା ସଭାପତି ହାଇକୋର୍ଟରୁ ନିୟମିତ ଜାମିନ ପାଇଥିଲେ। ପ୍ରକାଶ ଯେ, ଖୋର୍ଦ୍ଧା ହଳଦିଆ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପଦବୀକୁ ନେଇ ପୂର୍ବତନ ଅଧ୍ୟକ୍ଷ ଉମାକାନ୍ତ ପାତ୍ର ଓ ଇନ୍‌ଚାର୍ଜ ଅଧ୍ୟକ୍ଷ ଇତିହାସ ଅଧ୍ୟାପକ ବିଜୟ କୁମାର ଭଞ୍ଜଙ୍କ ମଧ୍ୟରେ ଚାଲିଥିବା ବିବାଦକୁ ନେଇ ବିଧାନସଭାରେ ଜଟଣୀ ବିଧାୟକ ଏହି ପ୍ରସଙ୍ଗ ଉଠାଇଥିଲେ। ଗତ ଜୁଲାଇ ୨୫ ତାରିଖ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଚ ଶିକ୍ଷା ବିଭାଗ ଉମାକାନ୍ତଙ୍କୁ ନିରାକାରପୁର କଲେଜକୁ କରିଥିବା ବଦଳି ଆଦେଶକୁ କାଏମ ରଖିଥିଲେ। ପରିଚାଳନା ସଭାପତିଙ୍କ ଅନୁମୋଦନକ୍ରମେ ପୁଣି ଥରେ ଅଗଷ୍ଟ ପହିଲାରେ ଇନ୍‌ଚାର୍ଜ ଅଧ୍ୟକ୍ଷ ଭାବେ ବିଜୟ କୁମାର ଭଞ୍ଜ ଦାୟିତ୍ୱ ଗ୍ରହଣ କରିଥିଲେ। ତେବେ ପୂର୍ବତନ ଅଧ୍ୟକ୍ଷଙ୍କୁ ଆକ୍ରମଣ ଘଟଣାରେ ସମ୍ପୃକ୍ତ ବିଜୟ ଭଞ୍ଜଙ୍କୁ ପୁଣି ଥରେ ଅଧ୍ୟକ୍ଷ ପଦବୀରେ ନିଯୁକ୍ତି ନେଇ ଛାତ୍ର ଏବଂ ଅଭିଭାବକଙ୍କ ମହଲରେ ଅଶାନ୍ତି ସୃଷ୍ଟି ହୋଇଥିଲା। ଏପରିକି କେତେଜଣ ଛାତ୍ରୀଛାତ୍ର ରାଜରାସ୍ତାକୁ ଓହ୍ଲାଇ ବିରୋଧ କରିବା ସହ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚ ଶିକ୍ଷା ବିଭାଗ ମନ୍ତ୍ରୀ, ସଚିବଙ୍କୁ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ। ଏବେ ବିଧିବଦ୍ଧ ଭାବେ ନୂତନ ଅଧ୍ୟକ୍ଷ ଭାବେ ମିଶ୍ରଙ୍କୁ ନିଯୁକ୍ତି ଦେଇଛି ଉଚ୍ଚ ଶିକ୍ଷା ବିଭାଗ। ନୂତନ ଅଧ୍ୟକ୍ଷଙ୍କ ନିଯୁକ୍ତି ପରେ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି।


ଜଟଣୀ ଟାଉନ୍ ହଲ୍ (ସ୍ରଷ୍ଟା) ପରିସରରେ ବୁଧବାର ବର୍ଷାପାଣି ଜମି ରହିଛି।


ଜଟଣୀ କୋର୍ଟ ସମ୍ମୁଖ ରାସ୍ତାରେ ବର୍ଷାଜଳ ଜମି ରହିଛି। (ଫଟୋ: ରବୀନ୍ଦ୍ରନାଥ ମହାକୁଡ଼)

## ସଂକ୍ଷେପରେ

### ଟ୍ରେନ୍‌ରୁ ଖସି ଯୁବକ ଗୁରୁତର

ବାଲୁଗାଁ,୧୮।୯(ସଂଗ୍ରାମ ପାଇକରାୟ): ବାଲୁଗାଁ ରେଳଷ୍ଟେଶନ ନିକଟ ଧୂଆଁଳ ଗ୍ରାମ ରେଲୱେ ଫାଟକଠାରେ ବୁଧବାର ଜଣେ ଯୁବକ ଟ୍ରେନରୁ ଖସିପଡି ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଗଞ୍ଜାମ ଜିଲା ରମ୍ଭା ଥାନା ଗଣ୍ଡାପଲ୍ଲୀ ଗ୍ରାମସ୍ଥିତ ବାଉରିସାହିର ସିଲୁ ଦାସ(୨୦)। ସୂଚନା ମୁତାବକ, ପାସେଞ୍ଜର ଟ୍ରେନରେ ସିଲୁ ଭୁବନେଶ୍ୱର ଯାଉଥିବା ବେଳେ ଧୂଆଁଳ ଗ୍ରାମ ରେଲୱେ ଫାଟକ ନିକଟରେ କୌଣସି କାରଣରୁ ଟ୍ରେନରୁ ଖସିପଡିଥିଲେ। ଖବରପାଇ ସ୍ଥାନୀୟ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସିଲୁଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ଭଗବଦ୍ ଗୀତା ବଣ୍ଟନ

ବେଗୁନିଆ,୧୮।୯(ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହସ୍ଥିତ ଭାରତୀୟ ବିଦ୍ୟା ନିକେତନ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଭଗବଦ୍ ଗୀତା ବହି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଶୁଭକାନ୍ତ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ସମାଜରେ ଶୃଙ୍ଖଳିତ ଜୀବନଯାପନ, ମାତାପିତା, ଗୁରୁଙ୍କୁ ସମ୍ମାନ କରିବା ସହ ଭଗବତ କାର୍ଯ୍ୟରେ ଉଦ୍‌ବୁଦ୍ଧ ହେବା ପାଇଁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଆଚାର୍ଯ୍ୟା ଓ କର୍ମଚାରୀମାନେ ପରିଚାଳନା କରିଥିଲେ।

### କେଏଲ୍‌ଏଫ୍ ପରାମର୍ଶଦାତା ବୋର୍ଡ ଗଠନ

ଭୁବନେଶ୍ୱର,୧୮।୯(ଶର୍ମିଷ୍ଠା ପାଣିଗ୍ରାହୀ): କଳିଙ୍ଗ ସାହିତ୍ୟ ମହୋତ୍ସବ (କେଏଲ୍‌ଏଫ୍)ର ପରାମର୍ଶଦାତା ବୋର୍ଡ ଗଠିତ ହୋଇଛି। ଏହି ବୋର୍ଡରେ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ, ଉପେନ୍ଦ୍ର ନାଥ ବେହେରା, ବିକାଶ ସ୍ୱରୂପ, ହାରୁନରସିଦଖାନ୍, ପି.କେ.ଦାସ, ଡ. କୁଳଧର ସାଇକିଆ, ପ୍ରତାପ ସୋମବଂଶୀ, ଯତୀନ୍ଦ୍ର ମିଶ୍ର, ଡ. ପ୍ରଦୀପ୍ତ ମହାନ୍ତି, ତନୟା ପଟ୍ଟନାୟକ, ଦେବେନ୍ଦ୍ର ମହନ୍ତ ପ୍ରମୁଖ ରହିଛନ୍ତି।

## ପ୍ରହ୍ଲାଦଙ୍କୁ ମରଣୋତ୍ତର ସମ୍ମାନ

ଖୋର୍ଦ୍ଧା,୧୮।୯(ପ୍ରଭାତ ପାଣିଗ୍ରାହୀ)

ରାଧାବଲ୍ଲଭ ମନ୍ଦିର ପରିସରରେ ଭାଗବତ ପ୍ରଚାର ସମିତି ଆନୁକୂଲ୍ୟରେ ସପ୍ତାହ ବ୍ୟାପୀ ଚାଲିଥିବା ଭାଗବତ ସପ୍ତାହ ଭାଗବତ ଜନ୍ମୋତ୍ସବ, ପୂର୍ଣ୍ଣାହୂତି ସହ ସମାପନ ହୋଇଛି। ପ୍ରବକ୍ତା ଶିରୋମଣି ତ୍ରିଦଣ୍ଡି ସ୍ୱାମୀ ଭକ୍ତିପ୍ରଚାର ମହାରାଜ ଯୋଗଦେଇ ଆର୍ଶୀବଚନ ପ୍ରଦାନ କରିଥିଲେ। ଗତ ୧୨ତାରିଖରୁ ଆରମ୍ଭ ହୋଇଥିଲା ଭାଗବତ ପାରାୟଣ ଯଜ୍ଞ। ଅନ୍ତିମ ଦିବସରେ ୪ଟାରୁ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇ ୫ଟା ୩୦ରେ ସମାପନ ହୋଇଥିଲା। ପରେ ସନ୍ଧ୍ୟା ୬ଟା ୩୦ରେ ଆରମ୍ଭ ହୋଇ ୮ଟା ୩୦ରେ ପ୍ରବଚନ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ଅତିଥିଭାବେ ଏମ୍‌ପିଙ୍କ ପ୍ରତିନିଧି ଦିଲୀପ ହୋତା, ରାଇ ଚରଣ ଦାସ ମହାରାଜ, ସାଧୁଚରଣ ଦାସ ମହାରାଜ ଓ ଅନନ୍ତ ମହାରାଜ ଯୋଗଦେଇଥିଲେ। ଭାଗବତ କମିଟିର ସମ୍ପାଦକ ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର ସମ୍ପାଦକୀୟ ପାଠ କରିଥିଲେ। ଏହି ଭାଗବତ କାର୍ଯ୍ୟକ୍ରମର ପ୍ରତିଷ୍ଠାତା ସ୍ୱର୍ଗତ ପ୍ରହ୍ଲାଦ ପ୍ରଧାନଙ୍କୁ ମରୋଣତର ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ମାନପତ୍ର ଓ ଉପଢ଼ୌକନକୁ ତାଙ୍କ ପୁଅ ଗୌରଚରଣ ପ୍ରଧାନ ଗ୍ରହଣ କରିଥିଲେ। ଉପସଭାପତି ରବିନାରାୟଣ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଗୌର ଚରଣ ପ୍ରଧାନ, ଅମୂଲ୍ୟ କୃଷ୍ଣ ମହାନ୍ତି, ଗୋବିନ୍ଦ ଶାହା, ସୂର୍ଯ୍ୟ ପାତ୍ର, କାଶୀନାଥ ରାୟ, ଗଣେଶ ମହାପାତ୍ର, ଗଣେଶ ମହାରଣା, ରବି ନାରାୟଣ ମହାପାତ୍ର, ଅବନୀକାନ୍ତ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ୭ରୁ ରାଜ୍ୟସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ

### ୩ରେ ମା' ରାମଚଣ୍ଡୀଙ୍କ ଛତ୍ରି ଯାତ୍ରା

ବୋଲଗଡ଼,୧୮।୯(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବାଙ୍କୋଇ ଗ୍ରାମର କଚେରିବର କବାଡ଼ି ଖେଳପଡ଼ିଆରେ ମା' ରାମଚଣ୍ଡୀ କବାଡ଼ି ଆସୋସିଏଶନ ଆନୁକୂଲ୍ୟରେ ୪୪ତମ ରାଜ୍ୟସ୍ତରୀୟ କବାଡି ଟୁର୍ନାମେଣ୍ଟ ଏବଂ ଛତ୍ରି ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ମା' ରାମଚଣ୍ଡୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅକ୍ଟୋବର ୩ରେ ମା' ରାମଚଣ୍ଡୀଙ୍କ ଛତ୍ରିଯାତ୍ରା ଏବଂ ୭ରୁ ୧୩ ତାରିଖ ପର୍ଯ୍ୟନ୍ତ କବାଡ଼ି ଟୁର୍ନାମେଣ୍ଟ ହେବା ନେଇ ଆଲୋଚନା ହୋଇଥିଲା। ଏଥର ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୮ଟି କବାଡି ଟିମ୍ ଭାଗନେବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସୁରେଶ କୁମାର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଶିକ୍ଷାବିତ୍ କୁଳମଣି ହୋତା, ସ୍ଥାନୀୟ ସରପଞ୍ଚ ରଶ୍ମିତା ରାଉତରାୟ, ବନପାଳ ପ୍ରଦୀପ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ମାଧବ ବିଶ୍ୱାଳ, ଶିକ୍ଷାବିତ୍ ଜୟକୃଷ୍ଣ ଫତେସିଂହ, ଶିକ୍ଷକ ନେତା ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ସାମାଜିକ କର୍ମୀ ପ୍ରଦୀପ ପଟ୍ଟନାୟକ, ସୁମନ୍ତ ଛୋଟରାୟ ପ୍ରମୁଖ ଯୋଗଦେଇ ଆୟବ୍ୟୟ, ସାଜସଜ୍ଜା, ଅତିଥି ଚୟନ ଓ ନିମନ୍ତ୍ରଣ, ଖେଳାଳିଙ୍କୁ ସ୍ୱାଗତ ଓ ସତ୍କାର, ଶାନ୍ତିଶୃଙ୍ଖଳା ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରି ନିଷ୍ପତ୍ତି ନେଇଥିଲେ। ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଆଇନ ସଚେତନତା ଶିବିର



ଶିବିରରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୧୮।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉପକଣ୍ଠ ଅଣ୍ଡାସ୍ଥିତ ଶାଳେଶ୍ୱର ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଗଣେଶ ପୃଷ୍ଟିଙ୍କ ସଭାପତିତ୍ୱରେ ତାଲୁକ ଆଇନ କମିଟି ଆନୁକୂଲ୍ୟରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିଶୁ ଯୌନଶୋଷଣ, ନିର୍ଯାତନା, ସୁରକ୍ଷା, କିଶୋର ନ୍ୟାୟ ଆଇନ, ପୋକ୍‌ସୋ ଆକ୍ଟ, ପୀଡ଼ିତା କ୍ଷତିପୂରଣ ଆଇନ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ଆଇନଜୀବୀ ବିକ୍ରମ କେଶରୀ ଚମ୍ପତି, ସ୍ୱଦେଶ ଛୋଟରାୟ, ଶିକ୍ଷକ ମନୋରଞ୍ଜନ ମହାପାତ୍ର, ଗୀତାଞ୍ଜଳି ଦାସ, ଚିତ୍ତରଞ୍ଜନ ବରାଳ, ଚନ୍ଦ୍ରକଳା କୋଦାମସିଂ, ବଟକୃଷ୍ଣ ପାତ୍ର, ନିତ୍ୟାନନ୍ଦ ସାହୁ, ସର୍ବେଶ୍ୱର ପୃଷ୍ଟି, ବିଦ୍ୟାଧର ଚମ୍ପତି ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ। କମିଟି ସମ୍ପାଦକ ବସନ୍ତ କୁମାର ଶତପଥୀ ସଂଯୋଜନା କରିଥିଲେ। ଶିକ୍ଷକ ଲିଙ୍ଗରାଜ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

## ଏଲ୍‌ପିଜି ଗ୍ୟାସ୍ ଲିକେଜ୍ ରୋକାଯିବା ନେଇ ମକ୍‌ଡ୍ରିଲ

ଖୋର୍ଦ୍ଧା,୧୮।୯(ପ୍ରଭାତ ପାଣିଗ୍ରାହୀ)




ଖୋର୍ଦ୍ଧା ଜିଲା ପ୍ରଶାସନର ବିପର୍ଯ୍ୟୟ ପରିଚାଳନା, ବିପିସିଏଲ୍, ଆଇଓସିଏଲ ଏବଂ ଏଚ୍‌ପିସିଏଲ ମିଳିତ ଉଦ୍ୟମରେ ୧୬ନଂ. ଜାତୀୟ ରାଜପଥର ପାର୍ଶ୍ୱ ରାସ୍ତାରେ ଜରୁରିକାଳୀନ ମକ୍‌ଡ୍ରିଲ କରାଯାଇଛି। ଜାତୀୟ ରାଜପଥ ଏବଂ ରାଜ୍ୟ ରାଜପଥ ଦେଇ ତୈଳ କମ୍ପାନୀର ଏଲ୍‌ପିଜି ଟ୍ୟାଙ୍କର କାରଖାନାରୁ ଦୈନିକ ବହୁଳ ସଂଖ୍ୟାରେ ଯାତାୟାତ କରୁଛି। କୌଣସି ଦୁର୍ଘଟଣାଜନିତ ଏଲ୍‌ପିଜି ଗ୍ୟାସ ବାହାରକୁ ଲିକ୍ ହେଲେ ପରିସ୍ଥିତିକୁ କିପରି ନିୟନ୍ତ୍ରଣ କରାଯାଇପାରିବ ସେ ସଂକ୍ରାନ୍ତରେ ମକ୍‌ଡ୍ରିଲ କରାଯାଇଥିଲା। ଅବନୀକାନ୍ତ ନାୟକ, ଶ୍ରିତପା ମିଶ୍ର, ଚନ୍ଦ୍ରକାନ୍ତ ଦଳେଇ, ତପନ କୁମାର ମହାନ୍ତି, ସ୍ନିଗ୍ଧା ନନ୍ଦ ପ୍ରମୁଖ ଅଫ୍‌ସାଇଟ ମକ୍‌ଡ୍ରିଲର ବିଭିନ୍ନ ଦିଗ ଉପରେ କହିଥିଲେ। ରାସ୍ତାରେ ଏଲ୍‌ପିଜି ଗ୍ୟାସ ଲିକ୍ ହେବାର ପରିସ୍ଥିତି ସୃଷ୍ଟି ହେଲେ କିପରି ଏହାକୁ ରୋକାଯାଇପାରିବ ସେ ଦିଗରେ ଡେମୋ ଦେଖାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପ୍ରଶାସନ, ଜିଲା ଅଗ୍ନିଶମ ବିଭାଗ, ଜିଲା ଚିକିତ୍ସା ବିଭାଗ, ଏନ୍‌ଡିଆରଏଫ ଏବଂ ଆଇଓସିଏଲ, ଏଚପିସିଏଲ, ଟିପିସିଓଡିଏଲ, ଅଗ୍ନିଶମ ସୁରକ୍ଷା ବିଭାଗ ଏବଂ ଖୋର୍ଦ୍ଧା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟରେ ଗଢ଼ିଉଠିଥିବା କାରଖାନା ପ୍ରଶାସନିକ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଖୋ ଖୋ, ଯୋଗାସନ ପ୍ରତିଯୋଗିତା

ବୋଲଗଡ଼,୧୮।୯(ଦେବବ୍ରତ ହୋତା)


ଖେଳାଳିମାନେ ଶପଥ ନେଉଛନ୍ତି।

ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ଟାଙ୍ଗୀସାହିସ୍ଥିତ ରଘୁନାଥ ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ବ୍ଲକସ୍ତରୀୟ ଖୋ ଖୋ ଏବଂ ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକ କ୍ରୀଡ଼ା ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବ୍ଲକ ଅଞ୍ଚଳର ୨୮ଟି ମାଧ୍ୟମିକ ବିଦ୍ୟାଳୟରୁ ୧୫୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ ପୂର୍ବକ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ବ୍ଲକ କ୍ରୀଡ଼ା ସଙ୍ଗଠନ ସମ୍ପାଦକ ମାନସ କୁମାର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ପ୍ରଧାନ ଶିକ୍ଷକ ବାସୁଦେବ ବେହେରା, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ନାଥ ସ୍ୱାଇଁ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଶେଷଦେବ ସ୍ୱାଇଁ, ଆଲୁମ୍‌ନି କମିଟି ସଭାପତି ବାସୁଦେବ ସାମନ୍ତରାୟ ଏବଂ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ୧୪ରୁ ୧୭ ବର୍ଷ ବୟସ୍କ ବିଦ୍ୟାର୍ଥୀମାନେ ବରିଷ୍ଠ ଓ କନିଷ୍ଠ ଦୁଇଟି ବିଭାଗରେ ଖୋ ଖୋ ଏବଂ ଯୋଗାସନ ପ୍ରତିଯୋଗିତାରେ ଭାଗନେଇଥିଲେ। ଖୋ ଖୋ ରେ ୩୮ଜଣ ଏବଂ ଯୋଗାସନରେ ୮ଜଣ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ୧୯ ତାରିଖ ତଥା ଗୁରୁବାର ଖୋର୍ଦ୍ଧା ଜିଲା କଣ୍ଟାବାଡ଼ସ୍ଥିତ କଣ୍ଟାବାଡ଼ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଖୋ ଖୋ ଜିଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଥିବା ବେଳେ ଜିଲାସ୍ତରୀୟ ଯୋଗାସନ ପ୍ରତିଯୋଗିତା ପାଇଁ ସ୍ଥାନ ଓ ତାରିଖ ସ୍ଥିର ହୋଇ ନ ଥିବା ସୂଚନା ମିଳିଛି। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ରବୀନ୍ଦ୍ରନାଥ ସେନାପତି ଓ ପ୍ରିୟ ଦେବାଶିଷ ସାମଲ ସହଯୋଗ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ମୁନା ଖଟୁଆ ଧନ୍ୟବାଦ ଦେଇଥିଲେ।

**OFFICE OF THE CHIEF DISTRICT VETERINARY OFFICER, ANGUL**
AT:HEMSURPADA, PO/DIST:ANGUL,ODISHA-759122
Mail:cdvoangul@gmail.com

**TENDER CALL NOTICE**

**No.M-35:**Bids in sealed cover are invited from wholesalers/ distributors/C & F agencies & suppliers approved by manufacturers for supply of Veterinary medicines, Feed additives & Medical consumables in district of Angul under CDVO, Angul. The details of the render can be downloaded from the website: (https://angul.odisha.gov.in).

**Sd./- Chief District Veterinary Officer, Angul**
OIPR-06069/11/0001/2425

**NOTICE**

**No.C-618:**The following contractor, who were registered as "C" Class Contractor under S.E.P.H Circle, Bhubaneswar. (Now Addl. Chief Engineer, P.H. Circle Bhubaneswar) and their Registration Certificate are hereby cancelled as per his written request and their one time deposit in shape of NSC will be refunded to him.

| Sl. No. | Name and Address | Regn.No. & Class | This Office order No.& Date |
|---|---|---|---|
| 1) | Mohammed Suhel Saad S/o. Mohammed Afser Ali At-Hata Sahi PO- Pipili, Dist-Puri | Regd.No. 1526 of 2018-19 'C' Class | S.E.P.H. Circle, BBSR No.3152, Dt.25.06.2018 |
| 2) | Sri Soumya Ranjan Jena S/o. Raj Kishore Jena At-Balipatana, Tarin Mandir PO-Balipatana, PS-Pattamundei Dist-Kendrapara,Pin-754215 | CDMS Regd. No.647WR724 'C' Class **(Valid upto 31.03.2022)** | S.E.P.H. Circle, BBSR, Dt.02.04.2019 |

This notice is required to be published for information of all Govt. Deptt./ Offices where they have executed the work. If any Govt. dues/materials are outstanding against the above contractor which are due to be recovered, may please be reported to the undersigned within 30(thirty) days from the date of publication of this notice for recovery/adjustment to Govt. accounts.
In case no report from any office / Deptt are received within the stipulated period i.e. 30 days from the date of publication of this notice, the onetime deposit made by the contractor will be released / refunded to them without any further notice.
If any Govt. dues/materials detected by any office beyond the stipulated time, it will be their responsibility for the lapses what so ever.

**Sd.- Additional Chief Engineer, P.H.Circle, Bhubaneswar**
OIPR-13039/11/0004/2425





ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ବୁଧବାର ଦୋଳଗୋବିନ୍ଦଙ୍କ ସମ୍ମୁଖରେ ଇନ୍ଦ୍ର-ହାତୀ ନୀତି ସମ୍ପନ୍ନ କରାଯାଉଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ଇନ୍ଦ୍ର, ଗୋବିନ୍ଦଙ୍କ ବନ୍ଦାପନା ନୀତି

ପୁରୀ, ୧୮।୯ (ଅଜିତ୍ ମହାନ୍ତି)

ଭାଦ୍ରବ ପୂର୍ଣ୍ଣିମା ତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ଇନ୍ଦୁ ପୂର୍ଣ୍ଣିମା ନୀତି ଅନୁଷ୍ଠିତ ହୋଇଛି। ଏହି ପବିତ୍ର ତିଥିରେ ଇନ୍ଦ୍ର, ଚନ୍ଦ୍ର ଓ ଗୋବିନ୍ଦଙ୍କ ବନ୍ଦାପନା ନୀତି ସମ୍ପନ୍ନ କରାଯାଇଛି। ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟା ଆଳତି ବେଶରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଖଣ୍ଡିଏ ଆଜ୍ଞାମାଳ ଲାଗିହୋଇଥିଲା। ଦକ୍ଷିଣୀଘର ଭୋଗ ସରିବା ପରେ ଦୋଳଗୋବିନ୍ଦଙ୍କୁ ମହାଜନ ସେବକ ହସ୍ତରେ ବିଜେ କରାଇ ରତ୍ନସିଂହାସନକୁ ନେଇଥିଲେ। ସେଠାରେ ପୂଜାପଣ୍ଡା ଦୋଳଗୋବିନ୍ଦଙ୍କୁ ମହାପ୍ରଭୁଙ୍କ ଆଜ୍ଞାମାଳ ଲାଗି କରିଥିଲେ। ଏହାପରେ ବଟବୃକ୍ଷ ତଳେ ଥିବା ପାଲିଙ୍କିରେ ଦୋଳଗୋବିନ୍ଦଙ୍କୁ ମହାଜନ ସେବକମାନେ ବିଜେ କରାଇଥିଲେ। ବିମାନବଡ଼ୁ ସେବକମାନେ ଘଣ୍ଟ, ଛତା, କାହାଳୀ ସହିତ ପାଲିଙ୍କିକୁ ନେଇ ସିଂହଦ୍ୱାର ନିକଟରେ ଥିବା ବଡ଼ଛତା ମଠ ପାର୍ଶ୍ୱରେ ରଖିଥିଲେ। ସେଠାରେ ପଞ୍ଚଉପଚାରରେ ଶୀତଳ ଭୋଗ ମଣୋହି କରାଯାଇଥିଲା। ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପୂର୍ବରୁ ଦେବରାଜ ଇନ୍ଦ୍ରଙ୍କ ଐରାବତ ହସ୍ତୀ ସହ ଦେବରାଜ ଇନ୍ଦ୍ର ରହିଥିଲେ। ଶୀତଳ ଭୋଗ ପରେ ଭିତରଚ୍ଛ ମହାପାତ୍ର ଇନ୍ଦ୍ର, ଚନ୍ଦ୍ର ଏବଂ ଗୋବିନ୍ଦଙ୍କୁ ବନ୍ଦାପନା କରିଥିଲେ। ହରଚଣ୍ଡୀ ସାହି ଆଖଡ଼ାରୁ ସୁସଜ୍ଜିତ ଐରାବତ ହସ୍ତୀ ଉପରେ ଇନ୍ଦ୍ର ଏବଂ ମାହୁନ୍ତ ବେଶରେ ଦୁଇଜଣ ବ୍ୟକ୍ତି ବସି ସିଂହଦ୍ୱାର ନିକଟକୁ ନୀତି ସମ୍ପାଦନ ପାଇଁ ଆସିଥିଲେ। ସେଠାରେ ବନ୍ଦାପନା ନୀତି ସମ୍ପନ୍ନ ହେବା ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

# ଶଙ୍କରାଚାର୍ଯ୍ୟଙ୍କ ଚତୁର୍ମାସ୍ୟା ବ୍ରତ ସମାପନ

ପୁରୀ, ୧୮।୯ (ଅଜିତ୍ କୁମାର ମହାନ୍ତି)

ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଭାଦ୍ରବ ପୂର୍ଣ୍ଣିମା ବୁଧବାର ଅବସରରେ ଚତୁଃର୍ମାସ୍ୟା ବ୍ରତ ସମାପନ କରିଛନ୍ତି। ଏହି ଅବସରରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଗୋବର୍ଦ୍ଧନ ମଠରୁ ବାହାରି କଡା ସୁରକ୍ଷା ବଳୟ ମଧ୍ୟରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରୁ ଯାଇଥିଲେ। ସେଠାରୁ ତାଙ୍କର ଶିଷ୍ୟମାନଙ୍କ ଗହଣରେ ସିଂହଦ୍ୱାର ଗୁମୁଟକୁ ଯାଇ ପତିତପାବନଙ୍କୁ ଦର୍ଶନ କରିଥିଲେ। ପରେ ଚନ୍ଦନପୁର ଅନ୍ତର୍ଗତ ଜିରାକାନ୍ଦି ଗ୍ରାମସ୍ଥିତ ଗୋବର୍ଦ୍ଧନ ପୀଠ ପଞ୍ଚବଟୀ ଗୋଶାଳା ଯାଇଥିଲେ। ସେଠାରୁ ପ୍ରତ୍ୟାବର୍ତ୍ତନ କରି ମା' ବାଟମଙ୍ଗଳାଙ୍କୁ ଦର୍ଶନ କରିବା ସହ ଆଳତି କରିଥିଲେ। ସେଠାରୁ ଫେରି ସନ୍ଧ୍ୟାରେ ସମୁଦ୍ର ଆଳତି ଓ ପୂଜାର୍ଚ୍ଚନା କରି ମଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏ ସମ୍ପର୍କରେ ଗୋବର୍ଦ୍ଧନ ପୀଠର ସୂଚନାନୁଯାୟୀ, ଜ୍ୟେଷ୍ଠ ପୂର୍ଣ୍ଣିମାଠାରୁ ଭାଦ୍ରବ ପୂର୍ଣ୍ଣିମା ପର୍ଯ୍ୟନ୍ତ ସମୟକୁ ଚତୁଃର୍ମାସ୍ୟା କୁହାଯାଏ। ଏହି ସମୟରେ ସାଧୁସନ୍ଥମାନେ ଆଶ୍ରମ ଛାଡ଼ି ବାହାରକୁ ଯାଆନ୍ତି ନାହିଁ। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ମଧ୍ୟ ପୁରୀ ସୀମା ପାର୍ ହୋଇ ନ ଥାନ୍ତି। ପୀଠରେ ରହି ଶିଷ୍ୟ, ସାଧକଙ୍କୁ ଅଦ୍ୱୈତ ବେଦାନ୍ତର ଶିକ୍ଷା ପ୍ରଦାନ କରିଥାନ୍ତି। ଚତୁଃର୍ମାସ୍ୟାର ଶେଷ ଦିନ ଭାଦ୍ରବ ପୂର୍ଣ୍ଣିମାରେ ଶଙ୍କରାଚାର୍ଯ୍ୟ ମହାପ୍ରଭୁଙ୍କ ଦର୍ଶନ କରିବା ସହ ମା' ବାଟମଙ୍ଗଳାଙ୍କୁ ଦର୍ଶନ କରି ପୀଠକୁ ଫେରିଥାନ୍ତି। ଏହାକୁ ସୀମା ପାର୍ ବୋଲି କୁହାଯାଏ।



ପତିତପାବନଙ୍କୁ ଦର୍ଶନ କରି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଫେରୁଛନ୍ତି।

## ସଂକ୍ଷେପରେ

### ଭାଗବତ ଜନ୍ମ ନୀତି

ପୁରୀ, ୧୮।୯ (ଅଜିତ୍ ମହାନ୍ତି)

ଇନ୍ଦୁପୂର୍ଣ୍ଣିମା ଓ ଭାଗବତ ଜନ୍ମ ଉପଲକ୍ଷେ ପୁରୀ ସହର ଏବଂ ନିକଟସ୍ଥ ଗ୍ରାମଗୁଡ଼ିକରେ ଥିବା ଭାଗବତ ଟୁଙ୍ଗୀରେ ବୁଧବାର ଭାଗବତ ଜନ୍ମ ନୀତି ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିରରେ ପ୍ରତିଦିନ ଧୂପ ସମୟରେ ପୁରାଣ ପଣ୍ଡା ଭାଗବତ ପାଠ କରିଥାନ୍ତି। ସେଥିପାଇଁ ବେହେରଣ ଦ୍ୱାର ନିକଟରେ ଏକ ଭାଗବତ ଟୁଙ୍ଗୀ ବା ମନ୍ଦିର ରହିଛି। ସହରର ବଡ଼ଓଡ଼ିଆ ମଠ, ସାନଓଡ଼ିଆ ମଠ, ସାତଲହଡ଼ି ମଠ, ଜଗନ୍ନାଥବଲ୍ଲଭ ମଠ ଏବଂ ବିଭିନ୍ନ ମଠ ମନ୍ଦିର ସହିତ ବିଭିନ୍ନ ଗ୍ରାମର କୋଠ ଦ୍ୱାରା ପୂଜା ପାଉଥିବା ଭାଗବତ ଟୁଙ୍ଗୀଘରେ ଭାଗବତ ଜନ୍ମ ନୀତି ପାଳନ କରାଯାଇଛି। ଆଶ୍ରମ ଓ ମଠଗୁଡ଼ିକରେ ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନା ଓ ଭୋଗ କରାଯାଇଛି।

### ସୁରକ୍ଷା ଦାୟିତ୍ୱରେ ୪୦ ପ୍ଲାଟୁନ ଫୋର୍ସ

ପୁରୀ, ୧୮।୯ (ଅଜିତ୍ କୁମାର ମହାନ୍ତି)

ଭାଜପାର ୧୦୦ ଦିନ ପୂର୍ତ୍ତି କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଟ୍ରାଫିକ ଏବଂ ପାର୍କିଂ ବ୍ୟବସ୍ଥା କରାଯାଇଛି। ଅତିଥିମାନେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ଥିବାରୁ ଭିଡ଼ ହେବାର ଆଶଙ୍କାକୁ ଦୃଷ୍ଟିରେ ରଖାଯାଇ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ୪୦ ପ୍ଲାଟୁନ ଫୋର୍ସ ସହ ବହୁ ବରିଷ୍ଠ ପୋଲିସ ଅଧିକାରୀ ସୁରକ୍ଷା ଦାୟିତ୍ୱରେ ରହିବେ ବୋଲି ଏସ୍‌ପି ପିନାକ ମିଶ୍ର କହିଛନ୍ତି।

### ଚକ୍ରତୀର୍ଥ ଚାରଣ ଶାଖା ପକ୍ଷରୁ ଭାଗବତ ଜନ୍ମୋତ୍ସବ

ପୁରୀ, ୧୮।୯ (ଅଜିତ କୁମାର ମହାନ୍ତି)

ଚକ୍ରତୀର୍ଥ ଚାରଣ ଶାଖା ତରଫରୁ ପେଣ୍ଟକଟା ଡେଲଟା କଲୋନୀର ମା' ମଙ୍ଗଳା ମନ୍ଦିର ପରିସରରେ ଭାଗବତ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ସମୂହ ଭାବେ ବିଷ୍ଣୁ ସହସ୍ର ନାମ ସମ୍ପୁଟ୍ ଭାଗବତ ଗୀତାର ୧୫ ଅଧ୍ୟାୟ, ହନୁମାନ ଚାଳିଶା ଓ ଭାଗବତ ପାଠ କରାଯାଇଥିଲା। ପ୍ରତିଦିନ ସମସ୍ତେ ଭାଗବତ ପାଠ କରିବାକୁ ସଂକଳ୍ପ ନେଇଥିଲେ। ଚାରଣ ଗୋଷ୍ଠୀର କେନ୍ଦ୍ରୀୟ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ବେହେରା, ପ୍ରବକ୍ତା ଦୁର୍ଯ୍ୟୋଧନ ପ୍ରଧାନ, ଚକ୍ରତୀର୍ଥ ଚାରଣ ଶାଖାର ଦଳପତି ବ୍ରହ୍ମାନନ୍ଦ ସ୍ୱାଇଁ, ମଣ୍ଡଳ ସଙ୍ଗଠକ ରବୀନ୍ଦ୍ର କୁମାର ପ୍ରଧାନ, ଜିଲା ସଙ୍ଗଠକ ଲକ୍ଷ୍ମୀଧର ପ୍ରଧାନ, ସହଯୋଗୀ ଶ୍ରୀନାଥ ପଟ୍ଟନାୟକ, ପ୍ରିୟବ୍ରତ ଦାସ, ଉପଦେଷ୍ଟା ବଟକୃଷ୍ଣ ସାହୁ, ଫକିର ଗୋଚ୍ଛାୟତ, କେନ୍ଦ୍ରୀୟ କୋଷାଧ୍ୟକ୍ଷ ଓ ମାଟିତୋଟା ଚାରଣ ଶାଖାର ଦଳପତି ବିପିନ ବିହାରୀ ତ୍ରିପାଠୀ, ପ୍ରିୟପତ୍ର ସମ୍ପାଦକ ବିପିନ ବିହାରୀ ଦଳାଇ, ମଙ୍ଗଳା ମନ୍ଦିର ପୂଜକ ରାଧାକାନ୍ତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# 'ପୁମୁଲ'ର ପୁନରୁଦ୍ଧାର କରାଯିବ: ପ୍ରଭାତୀ

ନିମାପଡ଼ା, ୧୮।୯ (ବିଚିତ୍ରାନନ୍ଦ ସାହୁ)

ସମବାୟ କୃଷି, କୃଷକର ବିକାଶ ପାଇଁ ଆମ ସରକାର ସଂକଳ୍ପବଦ୍ଧ। ଏ ଦିଗରେ କେନ୍ଦ୍ର ସରକାର ବହୁବିଧ ଯୋଜନା ପ୍ରଣୟନ କରିଛନ୍ତି। ନିମାପଡ଼ାଠାରେ ଥିବା ଜରାଜୀର୍ଣ୍ଣ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର (ପୁମୁଲ)ର ପୁନରୁଦ୍ଧାର ଓ ଦୁଗ୍ଧଚାଷୀଙ୍କ ବିକାଶ ପାଇଁ ପଦକ୍ଷେପ ନିଆଯିବ ବୋଲି ନିମାପଡ଼ା ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ପୁରୀ ଦୁଗ୍ଧ ଉତ୍ପାଦନ ସମବାୟ ସଂଘ ଲିଃ ପକ୍ଷରୁ ନିମାପଡ଼ାଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଯୋଗଦେଇ ଏହା କହିଥିଲେ। ପୁମୁଲ ପକ୍ଷରୁ ଏ ଦିଗରେ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯିବାକୁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇ କେନ୍ଦ୍ରର ସ୍ଥିତି ପରଖିଛନ୍ତି। ସମାରୋହରେ ପୁରୀ ଦୁଗ୍ଧ ଉତ୍ପାଦକ ସମବାୟ ସଂଘ ଲିଃ ସଭାପତି ଦିଲୀପ ଦାସ ଅଧକ୍ଷତା କରି ସଂଘ ଓ ପୁମୁଲର ବିଭିନ୍ନ ସମସ୍ୟା ଓ ତା'ର ପ୍ରତିକାର, ପୁମୁଲର ପୁନରୁଦ୍ଧାର କରାଯିବା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୁମୁଲ ପୁରୀର ସାଧାରଣ ପରିଚାଳକ ହୃଷୀକେଶ ତ୍ରିପାଠୀ, ପୁରୀ ଜୁନିୟର ମ୍ୟାନେଜର ସୁନନ୍ଦା ଦାଶ, ସଚ୍ଚିଦାନନ୍ଦ ହୋତା, ଦୀପକ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ପୁରୀ ଦୁଗ୍ଧ ଉତ୍ପାଦକ ସମବାୟ ସଂଘ ଓ ଦୁଗ୍ଧ ଚାଷୀମାନଙ୍କ ପକ୍ଷରୁ ୧୦ ଦଫା ସମ୍ମିଳିତ ଏକ ଦାବିପତ୍ର ଉପମୁଖ୍ୟମନ୍ତ୍ରୀଙ୍କୁ ସଭାରେ ପ୍ରଦାନ କରାଯାଇଥିଲା। ପୁମୁଲ ଦୁଗ୍ଧ ଉତ୍ପାଦକ ସଂଘ, ଦୁଗ୍ଧ ଚାଷୀଙ୍କ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଜୟଶ୍ରୀ ଛକଠାରୁ ଏକ ଶୋଭାଯାତ୍ରାରେ ପରିଡ଼ାଙ୍କୁ ସଭାସ୍ଥଳକୁ ଅଣାଯାଇଥିଲା। ଏହି ସମାରୋହରେ ଶତାଧିକ ଦୁଗ୍ଧ ସେବା ସମବାୟ ସମିତି, ପୁମୁଲର କର୍ମକର୍ତ୍ତା, ପଦସ୍ଥ ଅଧିକାରୀ, ଦୁଗ୍ଧ ଚାଷୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ଅତିଥି।

# ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ

## ଆରମ୍ଭ ହେଲା ପିତୃପକ୍ଷ

ପୁରୀ, ୧୮।୯ (ଅଜିତ୍ ମହାନ୍ତି)

ଆଶ୍ୱିନ ମାସ କୃଷ୍ଣପକ୍ଷ ପ୍ରତିପଦା ତିଥି ବୁଧବାରଠାରୁ ଆରମ୍ଭ ହୋଇଛି ପିତୃପକ୍ଷ। ଏହା ୧୫ ଦିନ ଅର୍ଥାତ୍ ମହାଳୟା ଅମାବାସ୍ୟା ପର୍ଯ୍ୟନ୍ତ ଚାଲିବ। ଏହି ୧୫ ଦିନରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଓ ପିଣ୍ଡଦାନ କରାଯାଇଥାଏ। ପିତୃପକ୍ଷ ପ୍ରଥମ ଦିନରେ ତୀର୍ଥରାଜ ମହୋଦଧି, ଶ୍ୱେତଗଙ୍ଗା, ମାର୍କଣ୍ଡେୟ, ଇନ୍ଦ୍ରଦ୍ୟୁମ୍ନ ଓ ନରେନ୍ଦ୍ର ପୁଷ୍କରିଣୀରେ ଶ୍ରଦ୍ଧାଳୁମାନେ ସ୍ନାନକରି ତିଳତର୍ପଣ କରିଛନ୍ତି। ଆଶ୍ୱିନ କୃଷ୍ଣପକ୍ଷ ପ୍ରତିପଦାଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ୧୫ ଦିନକୁ ପିତୃପକ୍ଷ କୁହାଯାଏ। ଏହି ପିତୃପକ୍ଷ ତିଥିରେ ତାଙ୍କ ଉତ୍ତର ପୁରୁଷ ତୀର୍ଥ ପୁଷ୍କରିଣୀରେ ତିଳତର୍ପଣ ସହ ମହାଳୟା ବିଧିରେ ଶ୍ରାଦ୍ଧ ପ୍ରଦାନ କରିଥାନ୍ତି। ଯେଉଁମାନେ ତିଥିରେ ଶ୍ରାଦ୍ଧ କରିପାରନ୍ତି ନାହିଁ, ସେମାନେ ମହାଳୟା ଦିନ ଶ୍ରାଦ୍ଧ ପ୍ରଦାନ କରିବାର ବିଧି ରହିଛି। ପ୍ରଥମ ଦିବସରେ ସହରର ବିଭିନ୍ନ ତୀର୍ଥ ପୁଷ୍କରଣୀରେ ତିଳ ତର୍ପଣ ନିମନ୍ତେ ଗହଳି ପରିଲକ୍ଷିତ ହୋଇଥିଲା।



ପିତୃପକ୍ଷ ଅବସରରେ ବୁଧବାର ପୁରୀ ନରେନ୍ଦ୍ର ପୁଷ୍କରିଣୀ ପରିସରରେ ଶ୍ରଦ୍ଧାଳୁମାନେ ତିଳତର୍ପଣ କରୁଛନ୍ତି।

# ଥଇଥାନ ହେବେ ବିସ୍ଥାପିତ ଉଠାଦୋକାନୀ

ପୁରୀ, ୧୮।୯ (ଅଜିତ କୁମାର ମହାନ୍ତି)

ବଡ଼ଦାଣ୍ଡରୁ ବିସ୍ଥାପିତ ହୋଇଥିବା ଉଠାଦୋକାନୀଙ୍କ ଥଇଥାନ ପ୍ରସଙ୍ଗରେ ସହରାଞ୍ଚଳ ବିକାଶ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ପୁରୀ ଆସି ବୁଧବାର କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏନେଇ ନୀଳାଚଳ କ୍ଷୁଦ୍ର ବ୍ୟବସାୟୀ ମହାସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ଉଠାଦୋକାନୀମାନଙ୍କ ପକ୍ଷରୁ ନୀଳାଚଳ ମହାସଂଘ ସମ୍ପାଦକ ମାନସ ରଥ, ଉପଦେଷ୍ଟା ଆଡଭୋକେଟ ପ୍ରିୟଦର୍ଶୀ ପଟ୍ଟନାୟକ ଏବଂ ବିଭିନ୍ନ ମାର୍କେଟ କମିଟିର କର୍ମକର୍ତ୍ତାମାନେ ମନ୍ତ୍ରୀଙ୍କ ଆଗରେ ଉଠାଦୋକାନୀଙ୍କ ସମସ୍ୟା ଉପସ୍ଥାପନ କରିଥିଲେ। ମିଳିଥିବା ସୂଚନା ମୁତାବକ, ଏକ କମିଟି ଗଠନ କରି ଏହି ବିଷୟକୁ ନେଇ ନିର୍ଯାସରେ ପହଞ୍ଚିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଆଲୋଚନା ବେଳେ ପୂର୍ବତନ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ସହ ଉଠାଦୋକାନୀମାନେ ଉପସ୍ଥିତ ଥିଲେ।

# ନୟାହାଟ-କଳାବୋଦା ରାସ୍ତା ମରଣଯନ୍ତା

ଯୋଗେଶ୍ୱରପୁର, ୧୮।୯ (ରଶ୍ମିରଞ୍ଜନ ସାହୁ)

କୋଣାର୍କ ଗ୍ରାମ୍ୟଉନ୍ନୟନ ଅଧୀନରେ ଥିବା ନୟାହାଟ-କଳାବୋଦା ରାସ୍ତାର ଦୀର୍ଘ ୧୦ କି.ମି. ମଧ୍ୟରୁ ୩ କି.ମି. ରାସ୍ତା ମରାମତି ଅଭାବରୁ ମରଣଯନ୍ତା ପାଲଟିଛି। ଉକ୍ତ ରାସ୍ତା ଉପରେ ଦୈନିକ ଭାରି ଯାନଗୁଡ଼ିକ ଯାତାୟାତ କରିବା ଫଳରେ ରାସ୍ତାର ରଙ୍ଗତୋଟା, ଭାରଗୋଳ, ଦେସ୍ଥଳିରେ ବଡ଼ ବଡ଼ ଖାଲ ହୋଇଛି। ସେହି ଖାଲରେ ବର୍ଷା ଜଳ ଜମି ରହୁଥିବାରୁ ସାଧାରଣ ଲୋକମାନେ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବଉଳାଙ୍ଗ ପଞ୍ଚାୟତ ଅଫିସଠାରୁ କୋରୁଆଳ ଗ୍ରାମ ପର୍ଯ୍ୟନ୍ତ ୪୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ରାସ୍ତା ନଷ୍ଟ ହୋଇଗଲାଣି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ ନବଘନ ବେହେରାଙ୍କୁ ପଚାରିବାରୁ, ଏହା କାର୍ଯ୍ୟ ତାଙ୍କ ସମୟର ନୁହେଁ। ଏବେ ଟଙ୍କା ନାହିଁ। ଟଙ୍କା ଆସିଲେ ରାସ୍ତା ନିର୍ମାଣ ହେବ ବୋଲି କହିଛନ୍ତି।



**OFFICE OF THE CHIEF DISTRICT VETERINARY OFFICER, ANGUL**
AT:HEMSURPADA, PO/DIST:ANGUL,ODISHA-759122
Mail:cdvoangul@gmail.com

**TENDER CALL NOTICE**

**No.M-35:**Bids in sealed cover are invited from wholesalers/ distributors/C & F agencies & suppliers approved by manufacturers for supply of Veterinary medicines, Feed additives & Medical consumables in district of Angul under CDVO, Angul. The details of the render can be downloaded from the website: (https://angul.odisha.gov.in).

**Sd./- Chief District Veterinary Officer, Angul**
OIPR-06069/11/0001/2425

# ଚାରାରୋପଣ କରି ଗାଁ ଗାଁ ବୁଲି ସଚେତନ କଲେ ଛାତ୍ରୀଛାତ୍ର

ଗୋପ, ୧୮।୯ (ଭାରତୀ ଭୂଷଣ ଉପାଧ୍ୟାୟ)

'ଆସ ସେଲ୍‌ଫି ନେବା, ପାଠ ପଢ଼ିବା'କୁ ନେଇ ଗୋପ ବ୍ଲକ ଅଧୀନ ଇଷାଣପୁର ପଞ୍ଚାୟତର ସିରେଇ ପ୍ରାଥମିକ ବିଦ୍ୟାଳୟ ଏବେ ରାଜ୍ୟ ତଥା ଜିଲା ଓ ବ୍ଲକରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସ୍କୁଲ ଛାତ୍ରୀଛାତ୍ର ଗାଁ ରାସ୍ତା ସହିତ ସ୍କୁଲ ଭିତରେ ଚାରାରୋପଣ କରିବା ଓ ସାଧାରଣ ଲୋକଙ୍କୁ ଚାରାରୋପଣ ସମ୍ପର୍କରେ ସଚେତନ କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଏହି ସ୍କୁଲଟି ଅତି ପୁରାତନ ସ୍କୁଲ ହୋଇଥିବାବେଳେ ଦୀର୍ଘ ୬୦ ବର୍ଷ ପରେ ବିଦ୍ୟାଳୟର ତୃତୀୟ ଶ୍ରେଣୀ ଛାତ୍ରୀ ଶୁଭଶ୍ରୀ ରାଉତରାୟ ବୃତ୍ତି ପାଇଥିଲେ। ୨୫ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଏହି ବିଦ୍ୟାଳୟ ଚାଲୁଥିବାବେଳେ ପ୍ରଧାନଶିକ୍ଷକ ମନୋଜ କୁମାର ନାଏକ ଓ ସହକାରୀ ଶିକ୍ଷକ ଭାବେ ଲଲାଟ ଚନ୍ଦ୍ର ବେହେରା ରହିଛନ୍ତି। କିନ୍ତୁ ଲଲାଟ ସାର୍‌ଙ୍କ ପାଇଁ ଏବେ ଏହି ସ୍କୁଲ ସରକାରୀ ଯୋଜନାରେ ଥିବା ସମସ୍ତ ଗୁଣାତ୍ମକ ଶିକ୍ଷା ଦାନ କ୍ଷେତ୍ରରେ ଆଗରେ ରହିଛି। ମଙ୍ଗଳବାର ସ୍କୁଲ ଛାତ୍ରୀଛାତ୍ର ବିଭିନ୍ନ ଗାଁ ବୁଲି ସଚେତନତା ସୃଷ୍ଟି କରିବା ସହିତ ରାସ୍ତା କଡ଼ରେ ବିଭିନ୍ନ କିସମର ଚାରାରୋପଣ କରିବା ପରେ ସ୍କୁଲ ପରିସରରେ ଚାରାରୋପଣ କରିଥିଲେ। ପୂର୍ବରୁ ମଧ୍ୟ ଏହି ସ୍କୁଲ ଗୁଣାତ୍ମକ ଶିକ୍ଷାଦାନ କ୍ଷେତ୍ରରେ ଆଗରେ ରହି 'ଆସ ସେଲ୍‌ଫି ନେବା, ପାଠ ପଢ଼ିବା' ଭଳି କାର୍ଯ୍ୟକ୍ରମରେ ରହି ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଲାଗି ଉଦାହରଣ ସୃଷ୍ଟି କରିଥିଲା। ଶିକ୍ଷକ ବେହେରା ଜିଲା ଓ ବ୍ଲକସ୍ତରରେ ଗୁଣାତ୍ମକ ଶିକ୍ଷାଦାନରେ ବିଭିନ୍ନ ସମୟରେ ଶିକ୍ଷା ବିଭାଗ ସହିତ ଅଧିକାଂଶ ସଙ୍ଗଠନ ପକ୍ଷରୁ ସମ୍ମାନିତ ହୋଇଛନ୍ତି। ଏପରି ଶିକ୍ଷାଦାନ ସମ୍ପର୍କରେ ଲଲାଟ କୁହନ୍ତି, ସରକାରଙ୍କ ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା ଓ ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନ, ଭବିଷ୍ୟତ ଗଠନ ହେଉଛି ଆମ୍ଭମାନଙ୍କ ଦାୟିତ୍ୱ ବୋଲି କହିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ସୁଶିଲ କୁମାର ବ୍ରହ୍ମାଙ୍କ ପରାମର୍ଶ ତାଙ୍କୁ ଅଧିକ ମାତ୍ରାରେ ସକ୍ରିୟ କରିଛି ବୋଲି କହିଛନ୍ତି।





ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଚାରା ଧରି ସଚେତନତା ବାର୍ତ୍ତା ଦେଉଛନ୍ତି।

**NOTICE**

**No.C-618:**The following contractor, who were registered as "C" Class Contractor under S.E.P.H Circle, Bhubaneswar. (Now Addl. Chief Engineer, P.H. Circle Bhubaneswar) and their Registration Certificate are hereby cancelled as per his written request and their one time deposit in shape of NSC will be refunded to him.

| Sl. No. | Name and Address | Regn.No. & Class | This Office order No.& Date |
|---|---|---|---|
| 1) | Mohammed Suhel Saad S/o. Mohammed Afser Ali At-Hata Sahi PO- Pipili, Dist-Puri | Regd.No. 1526 of 2018-19 'C' Class | S.E.P.H. Circle, BBSR No.3152, Dt.25.06.2018 |
| 2) | Sri Soumya Ranjan Jena S/o. Raj Kishore Jena At-Balipatana, Tarin Mandir PO-Balipatana, PS-Pattamundei Dist-Kendrapara,Pin-754215 | CDMS Regd. No.647WR724 'C' Class **(Valid upto 31.03.2022)** | S.E.P.H. Circle, BBSR, Dt.02.04.2019 |

This notice is required to be published for information of all Govt. Deptt./ Offices where they have executed the work. If any Govt. dues/materials are outstanding against the above contractor which are due to be recovered, may please be reported to the undersigned within 30(thirty) days from the date of publication of this notice for recovery/adjustment to Govt. accounts.
In case no report from any office / Deptt are received within the stipulated period i.e. 30 days from the date of publication of this notice, the onetime deposit made by the contractor will be released / refunded to them without any further notice.
If any Govt. dues/materials detected by any office beyond the stipulated time, it will be their responsibility for the lapses what so ever.

**Sd.- Additional Chief Engineer, P.H.Circle, Bhubaneswar**
OIPR-13039/11/0004/2425

**ଏମର୍ଜେନ୍ସି: କଙ୍ଗନାଙ୍କୁ କୋର୍ଟ ନୋଟିସ**
'ଏମର୍ଜେନ୍ସି' ଫିଲ୍ମରେ ଶିଖ ଧର୍ମର ଛବିକୁ ଖରାପ କରିବା ପାଇଁ ପ୍ରୟାସ କରାଯାଇଥିବା ଦାବିକରି ହୋଇଥିବା ଏକ ଆବେଦନକୁ ଭିତ୍ତିକରି ଚଣ୍ଡିଗଡ଼ର ଏକ ଜିଲା ଅଦାଲତ ଅଭିନେତ୍ରୀ ତଥା ଭାଜପା ଏମ୍‌ପି କଙ୍ଗନା ରାଣାଓ୍ୱତଙ୍କୁ ବୁଧବାର ନୋଟିସ ଜାରି କରିଛନ୍ତି। ଚଣ୍ଡିଗଡ଼ର ଏକ ଜିଲା ବାର୍ ଆସୋସିଏଶନ୍‌ର ପୂର୍ବତନ ସଭାପତି ରବିନ୍ଦର ସିଂ ବସ୍ସିଙ୍କ ଆବେଦନର ଶୁଣାଣି କରି କୋର୍ଟ କଙ୍ଗନାଙ୍କୁ ନୋଟିସ କରିଛନ୍ତି।

## ସଂକ୍ଷେପରେ

### ଆମେରିକାରେ ଟ୍ରମ୍ପଙ୍କୁ ଭେଟିବେ ମୋଦି

ଓ୍ୱାଶିଂଟନ, ୧୮।୯

ଆସନ୍ତା ୨୧ ତାରିଖରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୩ ଦିନିଆ ଆମେରିକା ଗସ୍ତ କରିବେ। ଏହି ଅବସରରେ ସେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ତଥା ରିପବ୍ଲିକାନ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବେ। ବୁଧବାର ଟ୍ରମ୍ପ୍ ଏନେଇ ସୂଚନା ଦେଇଛନ୍ତି। ମିଶିଗାନରେ ରିପବ୍ଲିକାନ ପାର୍ଟିର ଏକ ବୈଠକରେ ଯୋଗଦେଇ ଟ୍ରମ୍ପ କହିଛନ୍ତି, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହେଉଛନ୍ତି ଜଣେ ଚମତ୍କାର ବ୍ୟକ୍ତି। ଆସନ୍ତା ସପ୍ତାହରେ ମୋଦିଙ୍କ ସହ ତାଙ୍କର ଭେଟ ହେବ। ତେବେ ଏହି ଅବସରରେ ଆମଦାନୀ ଶୁଳ୍କ ପ୍ରସଙ୍ଗକୁ କେନ୍ଦ୍ରକରି ସେ ଭାରତ ସରକାରଙ୍କୁ ସମାଲୋଚନା କରିଛନ୍ତି। ତେବେ ଟ୍ରମ୍ପ୍‌ଙ୍କର ଏହି ବୟାନକୁ ନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୌଣସି ସୂଚନା ମିଳିପାରିନାହିଁ।

### ଘର ଭୁଶୁଡ଼ି ୪ ମୃତ

ନୂଆଦିଲ୍ଲୀ, ୧୮।୯

କେନ୍ଦ୍ରୀୟ ଦିଲ୍ଲୀର ବାପା ନଗର ଅଞ୍ଚଳରେ ବୁଧବାର ଏକ ୫ ମହଲା ବିଶିଷ୍ଟ ଘର ଭୁଶୁଡ଼ି ୪ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୪ ଜଣ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ଦିଲ୍ଲୀ ଅଗ୍ନିଶମ ବାହିନୀ ଓ ପୋଲିସ ପହଞ୍ଚି ୮ ଘଣ୍ଟା ଧରି ଉଦ୍ଧାର କାର୍ଯ୍ୟ ଚଳାଇଥିବା ସହ ୧୮ ଜଣଙ୍କୁ ଉଦ୍ଧାର କରିଛି। ବାପା ନଗର ଅଞ୍ଚଳରେ ଗଳିଗୁଡ଼ିକ ଅତି ସଙ୍କୀର୍ଣ୍ଣ ଥିବାରୁ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀକୁ ପହଞ୍ଚିବାରେ ବିଳମ୍ବ ଘଟିଥିବା ନେଇ ଦିଲ୍ଲୀ ଅଗ୍ନିଶମ ବାହିନୀ ମୁଖ୍ୟ ଅତୁଲ ଗର୍ଗ କହିଛନ୍ତି। ବିଲ୍ଡିଂ ତଳେ ଦୀର୍ଘ ସମୟ ଧରି ଫସି ରହିଥିବାରୁ ୪ ଜଣଙ୍କର ମୃତ୍ୟୁ ଘଟିଛି। ସମସ୍ତ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏବେ ମଧ୍ୟ ଉଦ୍ଧାର କାର୍ଯ୍ୟ ଜାରି ରହିଛି ବୋଲି ଗର୍ଗ କହିଛନ୍ତି।

### ମାଲବାହୀ ଟ୍ରେନ୍‌ର ୨୫ ବଗି ଲାଇନ୍‌ଚ୍ୟୁତ

ମଥୁରା, ୧୮।୯

ରାଜସ୍ଥାନର ସୁରଟଗଡ଼ ପାଓ୍ୱାର ପ୍ଲାଣ୍ଟକୁ କୋଇଲା ନେଇଯାଉଥିବା ଏକ ମାଲବାହୀ ଟ୍ରେନ୍ ବୁଧବାର ଉତ୍ତର ପ୍ରଦେଶର ବୃନ୍ଦାବନ ନିକଟରେ ଲାଇନ୍‌ଚ୍ୟୁତ ହୋଇଛି। ୨୫ଟି ବଗି ରେଳଧାରଣାରୁ ଖସିପଡ଼ିବାରୁ ସେହି ରୁଟ୍ ଦେଇ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଏହି ଦୁର୍ଘଟଣାରେ କେହି ମୃତାହତ ହୋଇ ନ ଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

### ଲାଲୁ ଓ ୨ ପୁଅଙ୍କୁ କୋର୍ଟ ସମନ

ନୂଆଦିଲ୍ଲୀ, ୧୮।୯

ନିଯୁକ୍ତି ବଦଳରେ ଜମି ଦୁର୍ନୀତି ମାମଲାରେ ରାଷ୍ଟ୍ରୀୟ ଜନତା ଦଳ(ଆରଜେଡି) ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବ ଓ ତାଙ୍କର ୨ ପୁଅ ତେଜସ୍ୱୀ ଏବଂ ତେଜ୍ ପ୍ରତାପ ଯାଦବଙ୍କୁ ବୁଧବାର ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ସମନ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ନିମନ୍ତେ ଆସନ୍ତା ଅକ୍ଟୋବର ୭ରେ କୋର୍ଟଙ୍କ ନିକଟରେ ହାଜର ହେବାକୁ ଲାଲୁ ଓ ତାଙ୍କ ୨ ପୁଅଙ୍କୁ ସମନ ହୋଇଛି।



ଜମ୍ମୁ-କଶ୍ମୀରର ସୋଫିଆନ୍‌ସ୍ଥିତ ଏକ ବୁଥ୍ ବାହାରେ ଭୋଟ ଦେବା ପାଇଁ ଅପେକ୍ଷାରତ ମହିଳାମାନେ।

# ୨୪ ଆସନ: ୬୧% ମତଦାନ

## ୧୦ ବର୍ଷ ପରେ ଭୋଟ ଦେଲେ ଜମ୍ମୁ-କଶ୍ମୀରବାସୀ

ଶ୍ରୀନଗର, ୧୮।୯

୯୦ ଆସନ ବିଶିଷ୍ଟ ଜମ୍ମୁ-କଶ୍ମୀର ବିଧାନସଭାର ୨୪ ଆସନରେ ବୁଧବାର ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ଅନୁଷ୍ଠିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୬୧.୧% ଭୋଟ ଗ୍ରହଣ କରାଯାଇଛି, ଯାହାକି ପୂର୍ବ ୭ଟି ନିର୍ବାଚନ ତୁଳନାରେ ସର୍ବାଧିକ। ଏହି ମତଦାନ ସହ ୨୧୯ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ଭୋଟ ଯଥାକ୍ରମେ ସେପ୍ଟେମ୍ବର ୨୫ ଏବଂ ଅକ୍ଟୋବର ୧ରେ ଅନୁଷ୍ଠିତ ହେବ।

୨୦୧୪ରେ ଶେଷ ଥର ପାଇଁ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ହୋଇଥିଲା। ୨୦୧୯ରେ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଜମ୍ମୁ-କଶ୍ମୀରବାସୀ ପ୍ରଥମ ଥର ପାଇଁ ବିଧାନସଭାକୁ ନିଜ ପ୍ରତିନିଧିଙ୍କୁ ପଠାଇବା ଲାଗି ଭୋଟ ଦେଇଛନ୍ତି। ୭ ଜିଲାର ୨୪ ଆସନରେ ପ୍ରାୟ ୬୧.୧% ଭୋଟ ଗ୍ରହଣ କରାଯାଇଛି। ସେଥିରୁ କିସ୍ତଓ୍ୱାର ଆସନରେ ସର୍ବାଧିକ ୭୭% ମଦଦାନ ହୋଇଥିବାବେଳେ ପୁଲଓ୍ୱାମା ନିର୍ବାଚନମଣ୍ଡଳୀରେ ସର୍ବନିମ୍ନ ୪୬% ଭୋଟଗ୍ରହଣ କରାଯାଇଥିବା କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀ ପି.କେ. ପୋଲେ ସୂଚନା ଦେଇଛନ୍ତି। ଏକ ଖବରଦାତା ସମ୍ମିଳନୀରେ ପୋଲେ କହିଛନ୍ତି, କୌଣସି ସ୍ଥାନରେ ଅପ୍ରୀତିକର ସ୍ଥିତି ଉପୁଜି ନାହିଁ। ଗତ ୪ ଲୋକ ସଭା ଓ ୩ ବିଧାନସଭା ନିର୍ବାଚନରେ ଏଭଳି ମତଦାନ ହୋଇ ନ ଥିଲା।

# ୟୁକ୍ରେନ୍ ଏୟାରଷ୍ଟ୍ରାଇକ୍‌ରେ କମ୍ପିଲା ରୁଷିଆ

କିଭ୍/ମସ୍କୋ, ୧୮।୯

ରୁଷିଆ ଉପରେ ବୁଧବାର ୟୁକ୍ରେନୀୟ ସେନା ବଡ଼ ଧରଣର ଆକ୍ରମଣ କରିଛି। ଟିଭେର ଅଞ୍ଚଳରେ ଥିବା ଏକ ଅସ୍ତ୍ରାଗାରରେ ହୋଇଥିବା ଏହି ଏୟାରଷ୍ଟ୍ରାଇକ୍‌ରେ ରୁଷିଆ ଥରହର ହୋଇଯାଇଛି। ଏହି ଭୂକମ୍ପ ସୃଷ୍ଟିକାରୀ ଆକ୍ରମଣ ପରେ ସମ୍ପୃକ୍ତ ଅଞ୍ଚଳରୁ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି।

ୟୁକ୍ରେନ୍‌ର ଆକ୍ରମଣ ଏତେ ଭୟଙ୍କର ଥିଲା ଯେ, ମସ୍କୋରୁ ପ୍ରାୟ ୩୦୦ କି.ମି. ଦୂର ଏକ ହ୍ରଦ ଉପରେ ରାତି ଆକାଶ ବିଜୁଳି ମାରିବା ଭଳି ଝଟକି ଉଠିଥିଲା। ଏହାର ଭିଡିଓ ଏବଂ ଫଟୋଗୁଡ଼ିକ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା ପକ୍ଷରୁ ଆକ୍ରମଣ ବେଳର ସାଟେଲାଇଟ୍ ଚିତ୍ର ଜାରି କରାଯାଇଛି। ପ୍ରାୟ ୧୪ ବର୍ଗ କି.ମି. ବିସ୍ତୃତ ଅଞ୍ଚଳରେ ଭୂକମ୍ପ ଭଳି ସ୍ଥିତି ଉପୁଜିଥିବା ଏଥିରେ ଦେଖାଯାଇଛି। ତେବେ ଏଥିରେ ମୃତାହତଙ୍କ ସଂଖ୍ୟା ଜଣାପଡ଼ିନାହିଁ।



ଟୋରୋପେଟ୍ସ ଅସ୍ତ୍ରାଗାର ଧ୍ୱଂସ

ଅନ୍ୟପକ୍ଷେ ୟୁକ୍ରେନୀୟ ଡ୍ରୋନ୍‌ଗୁଡ଼ିକୁ ଆକାଶମାର୍ଗରୁ ଖସାଇ ଦିଆଯାଇଥିବା ଟିଭେର ରିଜିୟନ୍ ଗଭର୍ନର ଆଇଗୋର ରୁଡେନ୍ୟା ସୂଚନା ଦେଇଛନ୍ତି। ରୁଷିଆର ସରକାରୀ ନ୍ୟୁଜ୍ ଏଜେନ୍ସି ଆର୍‌ଆଇଏ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ୧୧ ହଜାର ଜନସଂଖ୍ୟା ବିଶିଷ୍ଟ ତଥା ୧,୦୦୦ ବର୍ଷ ପୁରୁଣା ସହର ଟୋରୋପେଟ୍ସରେ ରୁଷିଆ ୨୦୧୮ରୁ ଏହି ଅସ୍ତ୍ରାଗାର ନିର୍ମାଣ କରିଆସିଥିଲା। ଅସ୍ତ୍ରାଗାରରେ ଇସ୍କାଣ୍ଡେର ଏବଂ ଟୋଚ୍କା-ୟୁ ମିଶାଇଲ ସିଷ୍ଟମ୍, ଗାଇଡେଡ୍ ଏରିଏଲ ବୋମା ସହ ଅନ୍ୟ ଯୁଦ୍ଧାସ୍ତ୍ର ରହିଥିଲା ବୋଲି ୟୁକ୍ରେନ୍‌ର ଏସ୍‌ବିୟୁ ସିକ୍ୟୁରିଟି ସର୍ଭିସ୍ ପକ୍ଷରୁ ସୂଚନା ଦିଆଯାଇଛି।

ଏନେଇ ଆମେରିକାର ଜଣେ ବରିଷ୍ଠ କୂଟନୀତିଜ୍ଞ କହିଛନ୍ତି, ଯୁଦ୍ଧ ତୃତୀୟ ବର୍ଷରେ ପହଞ୍ଚିବାକୁ ଯାଉଥିବାବେଳେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ନିକଟରେ ବିଜୟ ଯୋଜନା ନେଇ ସୂଚନା ଦେଇଥିଲେ। ତେବେ ସମ୍ପୂର୍ଣ୍ଣ ଯୋଜନାକୁ ଗୁପ୍ତ ରଖାଯାଇଛି। ଇତିମଧ୍ୟରେ ଜେଲେନ୍‌ସ୍କି ଏକ ଭିଡିଓ ଜାରି କରି ନିଜ ସେନାକୁ ପ୍ରଶଂସା କରିଛନ୍ତି। ରୁଷୀୟ ଭୂଖଣ୍ଡରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ମିଳିଛି। ଏଭଳି କାର୍ଯ୍ୟାନୁଷ୍ଠାନ ଶତ୍ରୁଙ୍କୁ ଦୁର୍ବଳ କରିଦେବ ବୋଲି ସେ କହିବା ସହ ନିଜ ଦେଶର ସୁରକ୍ଷା ସେବା ଏସ୍‌ବିୟୁ, ଗୋଇନ୍ଦା ସଂସ୍ଥା ଏସ୍‌ୟୁଆର୍ ଏବଂ ସ୍ପେଶାଲ ଅପରେଶନ୍ ଫୋର୍ସକୁ ଧନ୍ୟବାଦ ଦେଇଛନ୍ତି। ପ୍ରକାଶ ଯେ, ୨୦୨୨ ଫେବୃୟାରୀ ୨୪ରୁ ଚାଲିଥିବା ଏହି ଯୁଦ୍ଧରେ ୮୦,୦୦୦ ୟୁକ୍ରେନୀୟ ସୈନ୍ୟ ନିହତ ଓ ୪ ଲକ୍ଷ ଆହତ ହେଲେଣି। ସେହିପରି ୟୁକ୍ରେନ୍‌ର ପ୍ରତି ଆକ୍ରମଣରେ ୨ ଲକ୍ଷ ରୁଷୀୟ ସୈନ୍ୟ ନିହତ ହୋଇଥିବାବେଳେ ୪ ଲକ୍ଷ ଆହତ ହୋଇଛନ୍ତି। କିଭ୍ ସୂତ୍ରରୁ ମିଳିଥିବା ଗୋପନୀୟ ତଥ୍ୟ ଅନୁସାରେ ଓ୍ୱାଲ୍ ଷ୍ଟ୍ରିଟ୍ ଜର୍ନାଲ ଏହି ଆକଳନ କରିଛି।

# ଭାରତୀୟ ଖାଦ୍ୟ ଅପରିଷ୍କାର କହିଲେ ଅଷ୍ଟ୍ରେଲୀୟ ୟୁଟ୍ୟୁବର

ନୂଆଦିଲ୍ଲୀ, ୧୮।୯



ସିଡ୍‌ନୀ ଓ୍ୱାଟ୍‌ସନ୍



ଅଷ୍ଟ୍ରେଲୀୟ ୟୁଟ୍ୟୁବର ସିଡ୍‌ନୀ ଓ୍ୱାଟ୍‌ସନ୍ ଭାରତୀୟ ବ୍ୟଞ୍ଜନକୁ ଅପରିଷ୍କାର ଆଖ୍ୟା ଦେଇ ବିବାଦୀୟ ହୋଇଛନ୍ତି। ସାମାଜିକ ଗଣମାଧ୍ୟମରେ ତାଙ୍କ ପୋଷ୍ଟ ଝଡ଼ ସୃଷ୍ଟି କରିଛି। ଏକ୍ସ'ରେ ଜଣେ ୟୁଜର ଭାରତୀୟ ବ୍ୟଞ୍ଜନକୁ ପ୍ରଶଂସାକରି ଏକ ପୋଷ୍ଟ କରିଥିଲେ। ଏଥିରେ ସେ ଲେଖିଥିଲେ, ଭାରତୀୟ ଖାଦ୍ୟ ପୃଥିବୀରେ ସବୁଠୁ ଉତ୍ତମ। ଉକ୍ତ ପୋଷ୍ଟରେ ସେ ଭାତ ଓ ବିଭିନ୍ନ ତରକାରିର ରଙ୍ଗିନ ଫଟୋ ସଂଲଗ୍ନ କରିଥିଲେ। ତେବେ ସିଡ୍‌ନୀ ଏହା ଉପରେ ମନ୍ତବ୍ୟ ଦେବା ପରେ ବିବାଦ ଦେଖାଦେଇଥିଲା। ସେ ନିଜ ପ୍ରତିକ୍ରିୟାରେ ଲେଖିଥିଲେ, ଆପଣଙ୍କ ଖାଦ୍ୟ ଅପରିଷ୍କାର। ଅନ୍ୟ ଏକ କମେଣ୍ଟରେ ସେ ପୁଣି ଲେଖିଥିଲେ, ଏସବୁ ପୋଡ଼ା ଭଳି ଲାଗେ। ଏହାକୁ ପସନ୍ଦ କରୁଥିବା ଲୋକେ ମାସୋଚିଷ୍ଟିକ୍ (ନିଜ ଯନ୍ତ୍ରଣା ଓ ଅପମାନରୁ ସନ୍ତୋଷ ଲାଭ କରୁଥିବା ବ୍ୟକ୍ତି) ବୋଲି ସେ ଉଲ୍ଲେଖ କରିଥିଲେ। ଅନେକ ୟୁଜର୍ସ ଭାରତୀୟ ଖାଦ୍ୟର ଐତିହାସିକ ଓ ସାଂସ୍କୃତିକ ମହତ୍ତ୍ୱ ବୁଝାଇବାକୁ ଯାଇ ସିଡ୍‌ନୀଙ୍କୁ ନିନ୍ଦା କରିଛନ୍ତି।

# ପାକିସ୍ତାନକୁ ଭାରତର ନୋଟିସ

## ସିନ୍ଧୁ ନଦୀ ଜଳ ଚୁକ୍ତିର ସମୀକ୍ଷା ଦାବି

ନୂଆଦିଲ୍ଲୀ, ୧୮।୯

୬୪ ବର୍ଷ ପୁରୁଣା ସିନ୍ଧୁ ନଦୀ ଜଳ ଚୁକ୍ତିର ସମୀକ୍ଷା ଦାବିରେ ପାକିସ୍ତାନକୁ ଭାରତ ନୋଟିସ କରିଛି। ଇନ୍ଦସ୍ ଓ୍ୱାଟର ଟ୍ରିଟି (ଆଇଡବ୍ଲୁଟି)ର ଧାରା ୧୨(୩) ଅଧୀନରେ ପାକିସ୍ତାନ ସରକାରଙ୍କୁ ଏହି ନୋଟିସ କରାଯାଇଥିବା ବୁଧବାର ଏକ ସରକାରୀ ସୂତ୍ରରୁ ପ୍ରକାଶ। ସୀମାପାର ନଦୀଗୁଡ଼ିକର ପରିଚାଳନା ନିମନ୍ତେ ୯ ବର୍ଷର ଆଲୋଚନା ପର୍ଯ୍ୟାଲୋଚନା ପରେ ୧୯୬୦ ସେପ୍ଟେମ୍ବର ୧୯ରେ ଭାରତ ଓ ପାକିସ୍ତାନ ଆଇଡବ୍ଲୁଟିରେ ସ୍ୱାକ୍ଷର କରିଥିଲେ। ବର୍ତ୍ତମାନ ସ୍ଥିତିରେ ଅନେକ କିଛି ପରିବର୍ତ୍ତନ ଘଟିଥିବାରୁ ଏହାର ସୀମାକ୍ଷା ଜରୁରୀ ବୋଲି ଭାରତ ଏକ ନୋଟିଫିକେଶନ୍‌ରେ ଇସ୍‌ଲାମାବାଦକୁ ଜଣାଇଛି।

# ଗଣେଶ ପୂଜା, ଇଦ୍‌ରେ ଲାଉଡ୍ ସ୍ପିକର କ୍ଷତିକାରକ: ହାଇକୋର୍ଟ

ମୁମ୍ବାଇ, ୧୮।୯

ପାର୍ବଣ ଋତୁରେ ଲାଉଡ୍ ସ୍ପିକର ବ୍ୟବହାରକୁ ନେଇ ବୁଧବାର ବମ୍ବେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଇଦ୍-ଏ-ମିଲାଦ-ଉନ୍-ନାବି ଶୋଭାଯାତ୍ରାରେ ଡିଜେ ଏବଂ ଲେଜର ଲାଇଟ୍‌ସର ବ୍ୟବହାର ଉପରେ କଟକଣା ଲଗାଇବା ପାଇଁ ବମ୍ବେ ହାଇକୋର୍ଟଙ୍କ ନିକଟରେ ଏକ ଜନସ୍ୱାର୍ଥ ମାମଲା(ପିଆଇଏଲ୍) ଦାଖଲ ହୋଇଥିଲା। ମୁଖ୍ୟ ବିଚାରପତି ଡି.କେ. ଉପାଧ୍ୟାୟ ଏବଂ ଜଷ୍ଟିସ୍ ଅମିତ ବୋକରଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ପିଆଇଏଲ୍‌ର ଶୁଣାଣି କରି କହିଛନ୍ତି, ଯଦି ଗଣେଶ ଉତ୍ସବରେ ଏକ ନିର୍ଦ୍ଦିଷ୍ଟ ସ୍ତରରୁ ଅଧିକ ଉଚ୍ଚରେ ଲାଉଡ୍ ସ୍ପିକର ବଜାଇବା କ୍ଷତିକାରକ ତେବେ ଇଦ୍ ଶୋଭାଯାତ୍ରା ସମୟରେ ମଧ୍ୟ ସମାନ ସ୍ତରରୁ ଅଧିକ ଉଚ୍ଚରେ ଲାଉଡ୍ ସ୍ପିକର ବଜାଇବା ନିଶ୍ଚିତ ଭାବେ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ତେବେ ଲେଜର ଲାଇଟ୍ସ ବ୍ୟବହାର ଦ୍ୱାରା ମଣିଷ ଉପରେ ପଡୁଥିବା କ୍ଷତିକାରକ ପ୍ରଭାବକୁ ନେଇ ବୈଜ୍ଞାନିକ ପ୍ରମାଣ ଦେଖାଇବାକୁ ଉଚ୍ଚ ଅଦାଲତ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଉପମୁଖ୍ୟମନ୍ତ୍ରୀ ହୋଇପାରନ୍ତି ଉଦୟନିଧି

ଚେନ୍ନାଇ, ୧୮।୯

ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ପୁଅ ତଥା କ୍ରୀଡ଼ାମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍‌ଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇପାରେ। ତାଙ୍କର ଏହି ପଦୋନ୍ନତିକୁ ନେଇ ଶାସକ ଡିଏମ୍‌କେରେ ଚର୍ଚ୍ଚା ଜୋର୍ ଧରିଥିବାବେଳେ ବୁଧବାର ପୂର୍ବାହ୍ନରେ ଏନେଇ ଘୋଷଣା କରାଯିବ ବୋଲି କୁହାଯାଉଥିଲା। ପରେ ମୁଖ୍ୟମନ୍ତ୍ରୀ ଦଳର ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରି ସନ୍ଧ୍ୟାରେ ଏନେଇ ନିଷ୍ପତ୍ତି ନେବେ ବୋଲି କୁହାଯାଇଥିଲା। ଏନେଇ କଳ୍ପନାଜଳ୍ପନା ଚାଲିଥିବାବେଳେ ନିଷ୍ପତ୍ତି ସମ୍ପର୍କରେ କୌଣସି ଘୋଷଣା କରାଯାଇ ନାହିଁ। ବାପା ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଉଦୟନିଧି ସୂଚନା ଦେଇଛନ୍ତି। ଜୁନିୟର ଷ୍ଟାଲିନ୍ ଉପମୁଖ୍ୟମନ୍ତ୍ରୀ ହେଲେ ୨୦୨୬ ବିଧାନସଭା ନିର୍ବାଚନ ବେଳେ ଦଳର ଶକ୍ତି ଆହୁରି ବୃଦ୍ଧି ପାଇବ ବୋଲି କୁହାଯାଉଛି। ପ୍ରକାଶ ଯେ, ଗତ ଲୋକ ସଭା ନିର୍ବାଚନରେ ଉଦୟନିଧିଙ୍କ ନେତୃତ୍ୱରେ ଡିଏମ୍‌କେ ମୋଟ ୩୯ ଆସନ ଜିତିଥିଲା।

# ମିଶନ ଚନ୍ଦ୍ରୟାନ-୪କୁ କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ, ୧୮।୯

କେନ୍ଦ୍ର କ୍ୟାବିନେଟ ବୁଧବାର ମହାକାଶ କ୍ଷେତ୍ରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛି। ବହୁ ପ୍ରତୀକ୍ଷିତ ଚନ୍ଦ୍ରୟାନ-୪ ମିଶନକୁ ବୁଧବାର କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଥିବା ନେଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ଏହି ମିଶନ ଅନୁଯାୟୀ, ଭାରତୀୟ ମହାକାଶଚାରୀଙ୍କୁ ଚନ୍ଦ୍ରରେ ଅବତରଣ କରାଇ ସେମାନଙ୍କୁ ସୁରକ୍ଷିତ ଭାବେ ଫେରାଇଆଣିବ। ସେହିପରି ଏହି ମିଶନରେ



ଚନ୍ଦ୍ରରୁ ଚଟାଣ ଓ ମାଟି ପରି ନମୁନା ସଂଗ୍ରହ କରି ଭାରତ ଅଣାଯିବ, ଯାହାକୁ ନେଇ ଭାରତୀୟ ମହାକାଶ ଗବେଷଣା ସଂଗଠନ(ଇସ୍ରୋ) ପକ୍ଷରୁ ବିଭିନ୍ନ ପରୀକ୍ଷାନିରୀକ୍ଷା ଓ ଗବେଷଣା କରାଯିବ। ୩୬ ମାସର ସମୟସୀମା ସହ ଚନ୍ଦ୍ରୟାନ-୪ ମିଶନ ପାଇଁ ମୋଦି ସରକାର ୨,୧୦୪ କୋଟି ଟଙ୍କା ଆବଣ୍ଟନ କରିଛନ୍ତି। ଇସ୍ରୋ ଚନ୍ଦ୍ରୟାନ-୪ର ବିକାଶ ଏବଂ ଉତ୍କ୍ଷେପଣକୁ ପରିଚାଳନା କରିବ। ଅନ୍ୟପକ୍ଷରେ ଭେନସ ଅର୍ବିଟର ମିଶନର ସମ୍ପ୍ରସାରଣକୁ ମଧ୍ୟ କ୍ୟାବିନେଟ ଅନୁମୋଦନ କରିଛି। ସେହିପରି ୨୦୩୫ ସୁଦ୍ଧା ଭାରତୀୟ ଅନ୍ତରୀକ୍ଷ ଷ୍ଟେଶନ (ବିଏଏସ୍)ର ପ୍ରତିଷ୍ଠା ପାଇଁ ମଧ୍ୟ କ୍ୟାବିନେଟର ଅନୁମୋଦନ ମିଳିଛି।

# ଫିଲ୍ମ ଦେଖୁଥିବାବେଳେ ମହିଳାଙ୍କ ବ୍ରେନ୍ ସର୍ଜରି

**ଅମରାବତୀ:** ଆନ୍ଧ୍ରପ୍ରଦେଶର କାକିନାଡ଼ା ସରକାରୀ ହସ୍ପିଟାଲରେ ବୁଧବାର ଜଣେ ମହିଳା ରୋଗୀଙ୍କର ବ୍ରେନ୍ ଟ୍ୟୁମର ସର୍ଜରି ଚାଲୁଥିବାବେଳେ ସେ ସାଉଥ୍ ସୁପରଷ୍ଟାର ଜୁନିୟର ଏନ୍‌ଟିଆର୍‌ଙ୍କ 'ଅଦୃଶ' ଫିଲ୍ମ ଦେଖୁଥିବାର ଏକ ଭିଡିଓ ଭାଇରାଲ ହୋଇଛି।

କୋଟାପଲ୍ଲୀ ଗ୍ରାମର ଏ. ଅନନ୍ତଲକ୍ଷ୍ମୀ କ୍ରମାଗତ ମୁଣ୍ଡବିନ୍ଧା ପରି ଲକ୍ଷଣରେ ପୀଡ଼ିତ ଥିଲେ। ପରେ ଏନେଇ ସେ ହସ୍ପିଟାଲରେ ଦେଖାଇବାରୁ ତାଙ୍କ ମସ୍ତିଷ୍କର ବାମ ପାର୍ଶ୍ୱରେ ଏକ ଟ୍ୟୁମର ଚିହ୍ନଟ ହୋଇଥିଲା। ତେବେ ଘରୋଇ ଡାକ୍ତରଖାନାଗୁଡ଼ିକରେ ଅଧିକ ଚିକିତ୍ସା ଖର୍ଚ୍ଚ ଯୋଗୁ ଅନନ୍ତଲକ୍ଷ୍ମୀ ନିଜ ବ୍ରେନ୍ ଅପରେଶନ ପାଇଁ କାକିନାଡ଼ା ସରକାରୀ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ବୁଧବାର ଅନନ୍ତଲକ୍ଷ୍ମୀଙ୍କର ଅସ୍ତ୍ରୋପଚାର ଚାଲିଥିଲା। ଏହି ସମୟରେ ସେ 'ଅଦୃଶ' ଫିଲ୍ମର ଜୁନିୟର ଏନ୍‌ଟିଆର ଓ ବ୍ରହ୍ମାନନ୍ଦମଙ୍କର ଏକ କମେଡି ଦୃଶ୍ୟକୁ



ଉପଭୋଗ କରୁଥିବାର ଏକ ଭିଡିଓ ଭାଇରାଲ ହୋଇଛି। ଅଢ଼େଇ ଘଣ୍ଟା ପରେ ଅପରେଶନ ସଫଳ ହୋଇଥିଲା ଏବଂ ଅନନ୍ତଲକ୍ଷ୍ମୀଙ୍କ ମସ୍ତିଷ୍କରୁ ଏକ ୩.୩ ସେ.ମି. ଲମ୍ବା ଓ ୨.୭ ସେ.ମି. ଚଉଡ଼ାର ଏକ ଟ୍ୟୁମରକୁ ସଫଳତାର ସହ ବାହାର କରାଯାଇଥିଲା। ଅପରେଶନ ସମୟରେ ସେ ଜୁନିୟର ଏନ୍‌ଟିଆର୍‌ଙ୍କ ଫିଲ୍ମ 'ଅଦୃଶ' ଦେଖିବାକୁ ଚାହିଁଥିଲେ। ବ୍ରେନ୍ ଟ୍ୟୁମର ଅପରେଶନ ପାଇଁ ଅନନ୍ତଲକ୍ଷ୍ମୀଙ୍କର ଜାଗ୍ରତ ରହିବା ଆବଶ୍ୟକ ଥିବାରୁ ଏଥିରେ ସମସ୍ତ ଡାକ୍ତର ସହମତି ପ୍ରକାଶ କରିଥିଲେ। ତେବେ ମେଡିକାଲ ସାଇନ୍ସ ଅନୁଯାୟୀ, ଏହି ପ୍ରକାର ସର୍ଜରିକୁ ଆଓ୍ୱେକ୍ କ୍ରାନିଓଟୋମି ବା ଆଓ୍ୱେକ୍ ବ୍ରେନ୍ ସର୍ଜରି କୁହାଯାଏ ବୋଲି ଉକ୍ତ ଡାକ୍ତର କହିଛନ୍ତି। ସମ୍ପ୍ରତି ମସ୍ତିଷ୍କରୁ ଟ୍ୟୁମର ବାହାର କରିବା ପାଇଁ ଏହି ପଦ୍ଧତି ବହୁଳ ଭାବେ ବ୍ୟବହୃତ ହେଉଛି।

## ଫୁର୍‌ସତ୍

### ଶୁକ୍ରବାର ୯୯ ଟଙ୍କାରେ ମୁଭି ଟିକେଟ

ନୂଆଦିଲ୍ଲୀ

ଚଳିତବର୍ଷର ଜାତୀୟ ଚଳଚ୍ଚିତ୍ର ଦିବସ ସେପ୍ଟେମ୍ବର ୨୦ରେ ପାଳନ ହେବ ବୋଲି ମଲ୍ଟିପ୍ଲେକ୍ସ ଆସୋସିଏଶନ୍ ଅଫ୍ ଇଣ୍ଡିଆ(ଏମ୍‌ଏଆଇ) ବୁଧବାର ସୂଚନା ଦେଇଛି। ଏହି ଅବସରରେ ଦେଶବ୍ୟାପୀ ୪ ହଜାରରୁ ଅଧିକ ସିନେମା ହଲ୍‌ରେ ମାତ୍ର ୯୯ ଟଙ୍କାରେ ଫିଲ୍ମ ଟିକେଟ ଉପଲବ୍ଧ ହେବ। ଏହି ଅଫର୍ କେବଳ ପିଭିଆର୍, ଆଇନକ୍ସ, ସିନେପୋଲିସ୍, କାର୍ନିଭାଲ, ମିରାଜ୍, ଡେଲିଟ୍ ଏବଂ କିଛି ଅନ୍ୟାନ୍ୟ ଫିଲ୍ମ ହଲ୍ ପାଇଁ ଉପଲବ୍ଧ ହେବ। ୯୯ ଟଙ୍କାରେ ମୁଭି ଟିକେଟକୁ ବୁକ୍ କରିବା ପାଇଁ ଚଳଚ୍ଚିତ୍ର ପ୍ରେମୀଙ୍କୁ 'ବୁକ୍ ମାଇଁ ଶୋ', 'ପିଭିଆର୍ ସିନେମାଜ୍', 'ପେଟିଏମ୍', 'ସିନେପୋଲିସ୍', 'କାର୍ନିଭାଲ' ଆଦି ଅନ୍‌ଲାଇନ ପ୍ଲାଟ୍‌ଫର୍ମକୁ ବ୍ୟବହାର କରିପାରିବେ।

### ଗୁଜବକୁ ଖଣ୍ଡନକଲେ ଅନନ୍ୟା

ମୁମ୍ବାଇ

ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ପୁଅ ଅନନ୍ତ ଅମ୍ବାନୀଙ୍କ ବିବାହକୁ ୨ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଏହାକୁ ନେଇ ବର୍ତ୍ତମାନ ସୁଦ୍ଧା ଚର୍ଚ୍ଚା ଥମି ନାହିଁ। ଏହି ବିବାହରେ ଦେଶର ବହୁ ପ୍ରସିଦ୍ଧ ବ୍ୟକ୍ତିଙ୍କ ସହ ନାମୀଦାମୀ କଳାକାର ଯୋଗଦେଇଥିଲେ। ତେବେ ଟଙ୍କା ଦେଇ ତାରକାଙ୍କୁ ଉକ୍ତ ବିବାହରେ ନିମନ୍ତ୍ରଣ କରାଯାଇଥିବାର ଏକ ଗୁଜବ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା ଯାହାକୁ ନେଇ ଗତ କିଛିଦିନ ଧରି ଆଲୋଚନା ଲାଗି ରହିଛି। ଅଭିନେତ୍ରୀ ଅନନ୍ୟା ପାଣ୍ଡେ ବୁଧବାର ଏକ ସାକ୍ଷାତ୍‌କାର ସମୟରେ ଏହି ପ୍ରସଙ୍ଗ ଉପରେ ନିଜର ନୀରବତା ଭାଙ୍ଗିଛନ୍ତି। ଏହାସହ ସେ ଅନନ୍ତ ଓ ରାଧିକାଙ୍କର ବିବାହରେ ତାଙ୍କର ରହିଥିବା ଅନୁଭୂତିକୁ ମଧ୍ୟ ଶେୟାର କରିଛନ୍ତି।

'ଷ୍ଟୁଡେଣ୍ଟ ଅଫ୍ ଦି ଇୟର ୨' ଫିଲ୍ମରୁ କ୍ୟାରିୟର ଆରମ୍ଭ କରିଥିବା ଏହି ଅଭିନେତ୍ରୀ ଜଣକ କହିଛନ୍ତି, ଅନନ୍ତ ଏବଂ ରାଧିକା ଉଭୟ ହେଉଛନ୍ତି ତାଙ୍କର ଭଲ ବନ୍ଧୁ। ତେଣୁ ସେ ଏହି ବିବାହରେ ଯୋଗଦେଇଥିଲେ। ତେବେ ଏହି ହାଇପ୍ରୋଫାଇଲ ବିବାହରେ ଯୋଗଦେବା ପାଇଁ ବଲିଉଡ୍ ସେଲିବ୍ରିଟିମାନଙ୍କୁ ଅର୍ଥ ଦିଆଯାଇଥିବା ନେଇ ଚାଲିଥିବା ଗୁଜବକୁ ସେ ଖଣ୍ଡନ କରିଛନ୍ତି। ଏପରି ଗୁଜବ ସୃଷ୍ଟି କରୁଥିବା ଲୋକଙ୍କର ମାନସିକତାକୁ ସେ ସମାଲୋଚନା କରିଛନ୍ତି। ସେହିପରି ଅନନ୍ତଙ୍କ ବିବାହ ଶୋଭାଯାତ୍ରାରେ ଅନନ୍ୟାଙ୍କ ନାଚକୁ ନେଇ ଏହି ସାକ୍ଷାତ୍‌କାରରେ ଅନନ୍ୟାଙ୍କୁ ପ୍ରଶ୍ନ ପଚରାଯାଇଥିଲା। ଉତ୍ତରରେ ସେ କହିଛନ୍ତି, ଅନନ୍ତ ମୋର ବନ୍ଧୁ। ତେଣୁ ତାଙ୍କ ବିବାହରେ ସେ ହୃଦୟର ସହ ନାଚିଥିଲେ। ଏଥିରେ କେତେଜଣ ଲୋକଙ୍କର କ'ଣ ଅସୁବିଧା ହେଉଛି ବୋଲି ଅନନ୍ୟା ପ୍ରଶ୍ନ କରିଛନ୍ତି।



## ପିକ୍‌ଅପ୍ ଧକ୍କାରେ ଚାଲିଗଲା ୨ ଜୀବନ

ଗୋଲାମୁଣ୍ଡା,୧୮।୯(ବଟକୃଷ୍ଣ ପଣ୍ଡା): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା କଦଳୀମୁଣ୍ଡା ନିକଟରେ ବୁଧବାର ଏକ ବାଇକ୍‌କୁ ପିକ୍‌ଅପ୍ ଭ୍ୟାନ୍ ଧକ୍କା ଦେବାରୁ ଦୁଇଜଣଙ୍କ ଜୀବନ ଯାଇଛି। ଏଥିରେ ଅନ୍ୟଜଣେ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ମୃତକ ଦ୍ୱୟ ହେଲେ ଗୋଲାମୁଣ୍ଡା ଥାନା କାନ୍ଦୁଲ ଗାଁର ଶୁଭାସିନୀ ଅଘରିଆ ଓ ଶ୍ରୀକାନ୍ତ ଅଘରିଆ। ଅରକ୍ଷିତ ଅଘରିଆଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଜଙ୍ଗଲ ଜମିରେ ଓଏମ୍‌ସିର ଖଣି ଖନନ

## ସିଏଜି ରିପୋର୍ଟ

- ଦାୟୀ ଅଧିକାରୀଙ୍କ ବିରୋଧରେ ପଦକ୍ଷେପ ନୈରାଶ୍ୟଜନକ
- ୪୭.୧୨ କୋଟି ଟଙ୍କାର ଜରିମାନା ପୈଠ

ଯାଜପୁର,୧୮।୯(ହର୍ଷବର୍ଦ୍ଧନ ବେହେରା)

ବିନା ଅନୁମତିରେ ଜଙ୍ଗଲ ଜମିର ବ୍ୟବହାର କାରଣରୁ ଓଡ଼ିଶା ଖଣି ନିଗମ(ଓଏମ୍‌ସି) ଅଡୁଆରେ ପଡିଛି। ଏଥିଯୋଗୁ ଓଏମ୍‌ସିକୁ ୪୭.୧୨ କୋଟି ଟଙ୍କା ଜରିମାନା ଦେବାକୁ ପଡିଛି। ଏଥିରେ ସମ୍ପୃକ୍ତ ଅଧିକାରୀମାନଙ୍କୁ ଚିହ୍ନଟ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଓଏମ୍‌ସିକୁ ନିର୍ଦ୍ଦେଶ ହୋଇଛି। ତେବେ ଏଯାଏ ଏହି ନିର୍ଦ୍ଦେଶ ଉପରେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ସୂଚନା ମିଳିଛି। ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ(ସିଏଜି) ରିପୋର୍ଟ-୨୦୨୪ରେ ଏହା ଦର୍ଶାଯାଇଛି।

ସିଏଜି ରିପୋର୍ଟ ଅନୁଯାୟୀ, ୩୪୫.୧୮୯ ହେକ୍ଟର ଜଙ୍ଗଲ ଜମିରେ କେନ୍ଦୁଝର ଜିଲା ଖଣ୍ଡାବନ୍ଧ ଲୁହା ଖଣି ପାଇଁ ନଭେମ୍ବର ୧୯୬୩ରୁ ନଭେମ୍ବର ୧୯୯୩ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ସହିତ ଓଏମ୍‌ସି ୩୦ ବର୍ଷିଆ ଖଣି ପଟ୍ଟା କରିଥିଲା। ପରବର୍ତ୍ତୀ ସମୟରେ ଓଏମ୍‌ସିର ଆବେଦନ ଉପରେ ଜୁନ୍ ୨୦୧୮ରେ ଖଣି ପଟ୍ଟାର ଅବଧି ନଭେମ୍ବର ୨୦୩୩ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ତେବେ ଓଏମ୍‌ସି ଜଙ୍ଗଲ ସଂରକ୍ଷଣ ଆଇନ-୧୯୮୦ ଧାରା-୨(୨)ର ଉଲ୍ଲଂଘନ କରିଛି। ଅକ୍ଟୋବର ୧୯୯୫ରେ ଖଣ୍ଡାବନ୍ଧ ଖଣି ପାଇଁ ଜଙ୍ଗଲ କିସମ ପରିବର୍ତ୍ତନ କରିବାକୁ କେନ୍ଦୁଝର ବନଖଣ୍ଡ ଅଧିକାରୀଙ୍କ ନିକଟରେ ଦାଖଲ କରିଥିଲା। ଏହାର ବିଚାର ଚାଲିଥିବାବେଳେ ବନ ସଂରକ୍ଷଣ ଆଇନକୁ ଉଲ୍ଲଂଘନ କରି ବିନା ଅନୁମତିରେ ଓଏମ୍‌ସି ୧୫.୩୪୯ ହେକ୍ଟର ଜଙ୍ଗଲ ଜମିକୁ ଖଣି ଖନନ ପାଇଁ ବ୍ୟବହାର କରିସାରିଥିଲା। ଏଥିପାଇଁ ବନ ସଂରକ୍ଷଣ ବିଭାଗ ପକ୍ଷରୁ ୧୯୯୭ରେ ଓଏମ୍‌ସିକୁ ସ୍ପଷ୍ଟୀକରଣ ମଗାଯାଇଥିଲା। ଏହାସହ ଅସ୍ଥାୟୀ ଅନୁମତି ଅବଧିରେ କୌଣସି ନୂତନ ଜଙ୍ଗଲ ଅଞ୍ଚଳକୁ ବ୍ୟବହାର ନ କରିବା ପାଇଁ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। କିନ୍ତୁ ଏହି ନିର୍ଦ୍ଦେଶକୁ ଉଲ୍ଲଂଘନ କରି ଓଏମ୍‌ସି ଅତିରିକ୍ତ ୧୧୩.୭୪୬ ହେକ୍ଟର ଜଙ୍ଗଲ ଜମିରେ ଖଣି ଖନନ କରିଥିଲା। ଏହି କ୍ରମରେ ଜଙ୍ଗଲ ସଂରକ୍ଷଣ ନିୟମ ଅନୁସାରେ ଭାରତ ସରକାରଙ୍କ ବିନା ଅନୁମତିରେ ଅବ୍ୟବହୃତ ଓ ବ୍ୟବହୃତ ଜଙ୍ଗଲରେ ଖଣି ଖାଦାନକୁ ବନ୍ଦ କରିବା ପାଇଁ କେନ୍ଦୁଝର ବନଖଣ୍ଡ ଅଧିକାରୀ ୨୦୦୯ ଡିସେମ୍ବରରେ ନୋଟିସ ଜାରି କରିଥିଲେ। ଏହାପରେ ଜାନୁଆରୀ ୨୦୧୦ରୁ ଖଣି କାର୍ଯ୍ୟ ବନ୍ଦ ହୋଇଥିଲା। କିନ୍ତୁ ୩୪୫.୧୮୯ ହେକ୍ଟର ଜଙ୍ଗଲ ଜମିର କିସମ ପରିବର୍ତ୍ତନ ପାଇଁ ୨୦୧୯ ଜାନୁଆରୀରେ ଭାରତ ସରକାର ଇନ୍-ପ୍ରିନ୍ସିପାଲ(ପ୍ରଥମ ପର୍ଯ୍ୟାୟ) ଅନୁମୋଦନ କରିବା ବେଳେ ଜରିମାନା ସଂଗ୍ରହ କରିବାକୁ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ୧୯୯୪ରୁ ୨୦୦୯ ମଧ୍ୟରେ ୧୨୯.୦୯୫ ହେକ୍ଟର ଜଙ୍ଗଲ ଜମିକୁ ବେଆଇନ ଭାବେ ଖଣି ଖନନ କରିଥିବାରୁ ଓଡ଼ିଶା ସରକାର ୪୭.୧୨ କୋଟି ଟଙ୍କାର ଜରିମାନା ଦାବି କରିଥିଲେ। ୨୦୧୯ ସେପ୍ଟେମ୍ବରରେ ଓଏମ୍‌ସି ତାହା ପୈଠ କରିଥିଲା। ଯଦିଓ ଓଏମ୍‌ସି ବେଆଇନ ଖଣି ଖନନ ବିଷୟରେ ଭଲ ଭାବେ ଅବଗତ ଥିଲା, ତଥାପି ଏଭଳି ପରିଣାମର ପୂର୍ବାନୁମାନ କରି ନ ଥିଲେ। ତେଣୁ ସିଏଜି ସମୀକ୍ଷାର ମତ ଅନୁସାରେ ଓଏମ୍‌ସିର ବେଆଇନ ଖନନ ଉଦ୍ଦେଶ୍ୟମୂଳକ ଥିଲା। ଭାରତ ସରକାରଙ୍କ ନିର୍ଦ୍ଦେଶକୁ ଓଏମ୍‌ସି ଅନୁପାଳନ କରି ନ ଥିଲା। ଏଭଳି ଆଇନ ଉଲ୍ଲଂଘନ ପାଇଁ କୌଣସି ଅଧିକାରୀଙ୍କୁ ଉତ୍ତରଦାୟିତ୍ୱ ନିର୍ଦ୍ଧାରିତ କରାଯାଇନାହିଁ। ତେଣୁ ଭବିଷ୍ୟତରେ ବେଆଇନ ଖଣି ଖନନର ଏହିପରି ପୁନରାବୃତ୍ତି ଯେପରି ନ ହେବ,ସେଥିପାଇଁ ନିଶ୍ଚିତ କରିବାକୁ ଓଏମ୍‌ସିକୁ ସିଏଜି ପକ୍ଷରୁ ଚେତାବନୀ ଦିଆଯାଇଛି।

ଅନ୍ୟପକ୍ଷେ ରାଜ୍ୟ ସରକାରଙ୍କ କହିବା ଅନୁଯାୟୀ, ଏହି ସମୟରେ କାମ କରୁଥିବା ସମସ୍ତ ଖଣି ପ୍ରବନ୍ଧକ ଏବଂ ଆଞ୍ଚଳିକ ପ୍ରବନ୍ଧକମାନେ ଚାକିରିରୁ ଅବସର ନେଇ ସାରିଛନ୍ତି। ତେଣୁ ସବିଶେଷ ଭାବେ ଅନୁସନ୍ଧାନ କରିବା ସହିତ ଏହି ଘଟଣାର ପୁନର୍ବିଚାର କରିବାକୁ କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଛି।

# ପ୍ରତି ଜିଲାରେ ଖୋଲିବ ମେଡିକାଲ କଲେଜ

ଭୁବନେଶ୍ୱର,୧୮।୯(ସୁନିତ ମିଶ୍ର)

ରାଜ୍ୟରେ ଡାକ୍ତର ଅଭାବ ଦୂର କରିବାକୁ ଖୁବ୍‌ଶୀଘ୍ର ପ୍ରତି ଜିଲାରେ ମେଡିକାଲ କଲେଜ ଖୋଲିବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ବାଲେଶ୍ୱରଠାରେ ଆୟୋଜିତ ମେଡିକାଲ ସର୍ଭିସ୍ ଆସୋସିଏଶନର ବାର୍ଷିକ ଉତ୍ସବରେ ଯୋଗ ଦେଇ କହିଛନ୍ତି। ଏହି ଅବସରରେ ଡାକ୍ତରମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜଣେ ରୋଗୀ ରୋଗକୁ ଡରିଥାଏ। ରୋଗକୁ ଭୟ କରି ସେ ନିଜକୁ ଅସୁସ୍ଥ ମନେ କରିଥାଏ। ଏହି ସମୟରେ ଡାକ୍ତର ରୋଗୀଙ୍କୁ ଆରୋଗ୍ୟର ଯେଉଁ ସ୍ପର୍ଶ ଦିଅନ୍ତି, ତାହାହିଁ ରୋଗୀଙ୍କୁ ସାହାସ ଓ ବିଶ୍ୱାସ ଦେଇଥାଏ। ତେଣୁ ଆପଣମାନେ ରୋଗୀ ଏବଂ ଲୋକମାନଙ୍କ ଥିବା ବିଶ୍ୱାସକୁ କେବେ ତୁଟାଇବାକୁ ଦିଅନ୍ତୁ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଜି ଦେଶରେ ଡିଜିଟାଲ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆସିଛି। କୋ-ୱିନ ଆପ୍, ଇ-ସଂଜୀବନୀ, ଆରୋଗ୍ୟ ସେତୁ ଏବଂ ଇ-ହସ୍ପିଟାଲ ଆଦି ବ୍ୟବସ୍ଥା ଦେଶର ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିପାରିଛି। ଲୋକମାନଙ୍କ ଆବଶ୍ୟକତା ପୂରଣ କରିବା ହିଁ ଆମର ପ୍ରାଥମିକତା। ଖାଲି ଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ପଦବୀଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ପୂରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ଖରିଫ ଧାନ ସଂଗ୍ରହ, ଏମ୍‌ଏସ୍‌ପି ୩୧୦୦ ଲାଗୁ ନେଇ ସମୀକ୍ଷାକଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୮।୯(ସୁନିତ୍ ମିଶ୍ର)



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖରିଫ ଧାନ ସଂଗ୍ରହ ଓ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ୩୧୦୦ ଟଙ୍କା ଲାଗୁ ନେଇ ସମୀକ୍ଷା କରିଛନ୍ତି। କୃଷକମାନଙ୍କ ହିତକୁ ଦୃଷ୍ଟିରେ ରଖି ଧାନର ବର୍ଦ୍ଧିତ ସର୍ବନିମ୍ନ ସହାୟକ ମୂଲ୍ୟ ଲାଗୁ ଓ ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟାର ସରଳୀକରଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷ ୧ କୋଟି ମେଟ୍ରିକ ଟନ୍ ଧାନ ସଂଗ୍ରହର ଲକ୍ଷ୍ୟ ରଖାଯାଇଛି। ଏହାକୁ ଦୃଷ୍ଟିରେ ରଖି ଚାଷୀଙ୍କ ସୁବିଧା ପାଇଁ ମଣ୍ଡିରେ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ସଂଗୃହୀତ ଧାନକୁ ସୁରକ୍ଷିତ ରଖିବା ନିମନ୍ତେ ପର୍ଯ୍ୟାପ୍ତ ଗୋଦାମ ଗୃହ ନିର୍ମାଣ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। କୃଷକମାନଙ୍କ ସର୍ବାଧିକ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ସମ୍ପ୍ରତି ରାଜ୍ୟରେ ୬୮ ଲକ୍ଷ ମେଟ୍ରିକ ଟନ୍ ଧାନ ଉତ୍ପାଦନ ହେଉଛି। ଧାନ ମଣ୍ଡିକୁ ଯିବାର ୨୪ରୁ ୪୮ ଘଣ୍ଟା ମଧ୍ୟରେ ଏହାର ମୂଲ୍ୟ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ପଠାଯାଉଛି। ଏହି ପ୍ରକ୍ରିୟାରେ ଅଧିକ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ମଣ୍ଡିରେ ଧାନ ସଂଗ୍ରହରେ ବାୟୋମେଟ୍ରିକ୍ ପଦ୍ଧତି ଓ ଆଧାର ସଂଯୋଗୀକରଣ ବ୍ୟବସ୍ଥା ହୋଇଛି। ଇ-ବାହନ ଆପ୍ ଯୋଗେ ଧାନ ସଂଗ୍ରହ କରୁଥିବା ଗାଡ଼ିର ଜିପିଏସ୍ ସହାୟତାରେ ଟ୍ରାକିଂ କରାଯିବ। ଏହାଦ୍ୱାରା ମଧ୍ୟସ୍ଥ ଓ ଦଲାଲଙ୍କ ଦୌରାତ୍ମ୍ୟ କମିବ। ଧାନ ସଂଗ୍ରହ ସମୟରେ ଧାନର ଗୁଣବତ୍ତା ଯାଞ୍ଚ କରିବା ପାଇଁ 'ଅଟୋମେଟିକ୍ ଗ୍ରେନ୍ ଆନାଲାଇଜର'ର ବ୍ୟବସ୍ଥା ରହିବ। ଏହାର ପ୍ରକ୍ରିୟାକରଣ ସମୟରେ କୃଷି ଓ କୃଷକ ସଶକ୍ତୀକରଣ, ଖାଦ୍ୟ ଯୋଗାଣ, ପଞ୍ଚାୟତିରାଜ, ରାଜସ୍ୱ ଆଦି ବିଭାଗର ଅଧିକାରୀମାନେ ଜିଲାଗୁଡ଼ିକୁ ଯାଇ କ୍ଷେତ୍ର ସ୍ତରରେ ପ୍ରତ୍ୟକ୍ଷ ଯାଞ୍ଚ କରିବେ ଏବଂ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ। ପିପିପି ମୋଡ୍‌ରେ ଗୋଦାମ ଗୃହ ନିର୍ମାଣ କରାଯିବା ନେଇ ବୈଠକରେ ଆଲୋଚନା ହୋଇଛି। ଏହି ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓରଞ୍ଜନ କୁମାର ସିଂହଙ୍କ ସମେତ ସମ୍ପୃକ୍ତ ବିଭାଗର ପ୍ରମୁଖ ସଚିବ ଏବଂ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଗୁରୁଚରଣ ଦାସ ୱାଟ୍‌କୋ ପରିଚାଳନା ନିର୍ଦ୍ଦେଶକ

ଭୁବନେଶ୍ୱର,୧୮।୯ (ଅନିଲ ଦାସ)

ଓଡ଼ିଶା ଜଳ ନିଗମ(ୱାଟ୍‌କୋ)ର ପରିଚାଳନା ନିର୍ଦ୍ଦେଶକ ଭାବେ ଇଞ୍ଜିନିୟର ଗୁରୁଚରଣ ଦାସଙ୍କୁ ନିଯୁକ୍ତି ମିଳିଛି। ବୁଧବାର ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସେ ଏବେ ୱାଟ୍‌କୋରେ ଭୁବନେଶ୍ୱର ଡିଭିଜନ-୨ର ଜେନେରାଲ ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି। ଅବସର ପରେ କାର୍ଯ୍ୟରତ ୱାଟ୍‌କୋ ସିଇଓ ପ୍ରଦୀପ୍ତ କୁମାର ସ୍ୱାଇଁଙ୍କ କାର୍ଯ୍ୟକାଳ ବୃଦ୍ଧି କରା ନ ଯିବାରୁ ଏହି ପଦବୀ ଖାଲି ପଡ଼ିଥିଲା।

## 'ୱାନ୍ ନେଶନ-ୱାନ୍ ଇଲେକ୍ସନ' ପ୍ରସ୍ତାବ ସ୍ୱାଗତଯୋଗ୍ୟ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୮।୯(ସୁନିତ୍ ମିଶ୍ର)

କେନ୍ଦ୍ର କ୍ୟାବିନେଟ୍ ଦ୍ୱାରା ମଞ୍ଜୁର ହୋଇଥିବା 'ୱାନ୍ ନେଶନ-ୱାନ୍ ଇଲେକ୍ସନ' ପ୍ରସ୍ତାବକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରିଛନ୍ତି। ଗୋଟିଏ ଦେଶ-ଗୋଟିଏ ନିର୍ବାଚନ ନେଇ ମୋଦି ୩.୦ କ୍ୟାବିନେଟ୍ ମଞ୍ଜୁରୀକୁ ଐତିହାସିକ ନିଷ୍ପତ୍ତି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର ପ୍ରତ୍ୟେକ ଭାରତୀୟଙ୍କ କଲ୍ୟାଣ ତଥା ଶାସନକୁ ବ୍ୟବସ୍ଥିତ କରିବା ପାଇଁ କ୍ରମାଗତ ଭାବେ ନିଜର ପ୍ରତିଶ୍ରୁତି ପାଳନ କରିଆସୁଛନ୍ତି। ଏକକାଳୀନ ନିର୍ବାଚନ ଆମର ନିର୍ବାଚନ ପ୍ରକ୍ରିୟାକୁ ସହଜ କରିବ। ଏକ ସମନ୍ୱିତ, ଦକ୍ଷ ଏବଂ ବିକଶିତ ଭାରତ ଦିଗରେ ଏହା ଏକ ଐତିହାସିକ ପଦକ୍ଷେପ। ଭାରତକୁ ଆଗକୁ ନେବା ପାଇଁ 'ମୋଦି ଗ୍ୟାରେଣ୍ଟି'ର ଆଉ ଏକ ପ୍ରତିଶ୍ରୁତି ପୂରଣ ହୋଇଛି। ତେବେ 'ଗୋଟିଏ ଦେଶ-ଗୋଟିଏ ନିର୍ବାଚନ'କୁ ନେଇ କଂଗ୍ରେସ ସମେତ କେତେକ ବିରୋଧୀ ଦଳର ଆଭିମୁଖ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ଦେଶ ଓ ଲୋକଙ୍କ ସ୍ୱାର୍ଥର ଓ ନିର୍ବାଚନୀ ପ୍ରସଙ୍ଗ ନୁହେଁ। ୧୯୫୧ରୁ ୧୯୬୭ ପର୍ଯ୍ୟନ୍ତ ଦେଶରେ ଏକକାଳୀନ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ କଂଗ୍ରେସ ଏହି ପରମ୍ପରାକୁ ଭାଙ୍ଗିଥିଲା ବୋଲି ଧର୍ମେନ୍ଦ୍ର କହିଛନ୍ତି।



# ୪ ଜିଲାରେ ବନ୍ୟା ପରିସ୍ଥିତି

**୩୩ ବ୍ଲକର ୨୬୪ ଗାଁର ୪୦ ହଜାର ଲୋକ ପ୍ରଭାବିତ**

ଭୁବନେଶ୍ୱର,୧୮।୯(ଅନିଲ ଦାସ)

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ରାଜ୍ୟର ୪ ଜିଲା ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବାଲେଶ୍ୱର ଜିଲାରେ ସର୍ବାଧିକ କ୍ଷତି ହୋଇଥିବାବେଳେ ଅନ୍ୟ ଜିଲାରେ ମଧ୍ୟ ବନ୍ୟା ଜଳ ଯୋଗୁ ଜନଜୀବନ ପ୍ରଭାବିତ ହୋଇଛି। ୪ଟି ଜିଲାର ୩୩ଟି ବ୍ଲକର ୨୬୪ ଗାଁ ଓ ୨ଟି ପୌରାଞ୍ଚଳରେ ବନ୍ୟାଜଳ ପ୍ରବେଶ ଯୋଗୁ ପ୍ରାୟ ୪୦ ହଜାର ଲୋକ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।

ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ବାଲେଶ୍ୱର ଜିଲାର ଭୋଗରାଇ, ବସ୍ତା, ଜଳେଶ୍ୱର, ବାଲେଶ୍ୱର ସଦର ଓ ରେମୁଣା ବ୍ଲକର ୧୪୧ଟି ଗାଁର ୩୫,୬୫୪ଜଣ ଲୋକ ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ୧୧,୬୩୨ଜଣ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବାବେଳେ ୫୧ଟି ସ୍ଥାନରେ ମାଗଣା ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ମୟୂରଭଞ୍ଜ ଜିଲାରେ ବନ୍ୟା ଜଳ ପ୍ରବେଶ କରିବା ଯୋଗୁ ୨୨ଟି ବ୍ଲକର ୧୦୧ଟି ଗାଁ ପ୍ରଭାବିତ ହୋଇଛି। ବାରିପଦା ପୌରାଞ୍ଚଳର ୧୧ଟି ୱାର୍ଡରେ ମଧ୍ୟ ବନ୍ୟା ଜଳ ପ୍ରବେଶ କରିଛି। ଜିଲାର ୨୦୩୫ଜଣ ଲୋକ ବନ୍ୟା ଯୋଗୁ ପ୍ରଭାବିତ ହୋଇଥିବା ବେଳେ ୧୬୦୩ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ୩୩୩ଟି ଘର ଆଂଶିକ ଓ ଗୋଟିଏ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଛି।

ସେହିପରି କେନ୍ଦୁଝର ଜିଲାର ମୋଟ ୫ଟି ବ୍ଲକ ଯଥା ପାଟଣା, ଚମ୍ପୁଆ, ସାହାରପଡ଼ା, ହାଟଡିହି ଓ ହରିଚନ୍ଦନପୁର ବ୍ଲକର ମୋଟ ୨୨ଟି ଗାଁ ବନ୍ୟାରେ ପ୍ରଭାବିତ ହୋଇଛି। ୧୧୬୦ଜଣ ଲୋକ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଛନ୍ତି। ୩୫ଟି ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ସୁନ୍ଦରଗଡ଼ ଜିଲାର ଗୋଟିଏ ବ୍ଲକ ଓ ରାଉରକେଲା ମହାନଗର ନିଗମରେ ମୋଟ ୧୫୩ ଲୋକ ବନ୍ୟା ଯୋଗୁ ପ୍ରଭାବିତ ହୋଇଛନ୍ତି।



## ଭାସିଯାଉଥିବା ୫ ଜଣଙ୍କୁ ଉଦ୍ଧାର

କାଳିପଦା,୧୮।୯(ରାଜଶ୍ରୀ ପାଣିଗ୍ରାହୀ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଜାମକୁଣ୍ଡା ପଞ୍ଚାୟତ ଅଧୀନ ଜଳବନ୍ଦୀ କୁନ୍ଥାଚଡ଼ ଗାଁରେ ବୁଧବାର ଅଭାବନୀୟ ଘଟଣା ଘଟିଛି। ମୃତ୍ୟୁ ମୁହଁରୁ ଅଳ୍ପକେ ବର୍ତ୍ତିଛନ୍ତି ୪ ମହିଳା ଓ ଜଣେ ପୁରୁଷ। ବୁଧବାର ରାଶନ ସାମଗ୍ରୀ ଆଣିବା ପାଇଁ ବଜାର ଯାଉଥିବାବେଳେ ପାଣି ସ୍ରୋତରେ ୫ଜଣ ଭାସିଯାଇଥିଲେ। ଉଦ୍ଧାରକାରୀ ଦଳ ସେମାନଙ୍କୁ ଉଦ୍ଧାର କରିବାରେ ସମର୍ଥ ହୋଇଥିଲେ। ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆସିବା ଯୋଗୁ ଏହି ଗାଁ ରାସ୍ତାରେ ୩ଫୁଟ୍ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି।

# ବାଲେଶ୍ୱରରେ ବନ୍ୟା ସ୍ଥିତି ଉଦ୍‌ବେଗଜନକ: ମୁଖ୍ୟମନ୍ତ୍ରୀ

ବାଲେଶ୍ୱର,୧୮।୯(ବାଞ୍ଛାନିଧି ଦେ)

ଆକାଶ ମାର୍ଗରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ବାଲେଶ୍ୱର ଜିଲାର ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ଭୁବନେଶ୍ୱରରୁ ହେଲିକପ୍ଟର ଯୋଗେ ଆସି ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ବସ୍ତାର ବନ୍ୟାଞ୍ଚଳର ସ୍ଥିତି ଅନୁଧ୍ୟାନ ସାରି ବାଲେଶ୍ୱର ସହର ଉପକଣ୍ଠ ପଦ୍ମାବତୀ ପାର୍କର ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିଥିଲେ। ସେଠାରେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପଦ୍ମାବତୀ ୱାଟର ପାର୍କକୁ ଉଦ୍‌ଘାଟନ କରିବା ପରେ ପାର୍କସ୍ଥିତ ସମ୍ମିଳନୀ କକ୍ଷରେ ବନ୍ୟାସ୍ଥିତି ସମ୍ପର୍କିତ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଦଳ ଉପ ମୁଖ୍ୟସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ମାନସ କୁମାର ଦତ୍ତ, ବିଧାୟକ ସନ୍ତୋଷ କୁମାର ଖଟୁଆ, ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ସାଗରିକା ନାଥ ଓ ଆର୍‌ଡିସିଙ୍କ ସମେତ ଉପଜିଲାପାଳ, ଅତିରିକ୍ତ ଜିଲାପାଳ, ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ। ବନ୍ୟା ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ସବୁ ପ୍ରକାର ବ୍ୟବସ୍ଥା ସହ ସଜାଗ ରହିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷା ପରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଥିଲେ ଯେ, ବାଲେଶ୍ୱର ଜିଲାରେ ବନ୍ୟା ପରିସ୍ଥିତି ଉଦ୍‌ବେଗଜନକ। ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ସୁବର୍ଣ୍ଣରେଖା, ଜଳକା ଓ ବୁଢ଼ାବଳଙ୍ଗ ନଦୀରେ ଜଳସ୍ତର ବୃଦ୍ଧି ପାଇ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସୁବର୍ଣ୍ଣରେଖା ନଦୀରେ ବନ୍ୟା ଯୋଗୁ ଜଳେଶ୍ୱର, ଭୋଗରାଇ ଓ ବାଲିଆପାଳ ବ୍ଲକର ୩୫ଟି ପଞ୍ଚାୟତ ଅଧିକ ପ୍ରଭାବିତ ହୋଇଛି। ୬ଟି ବ୍ଲକରେ ୮ହଜାର ହେକ୍ଟର ଜମି ଜଳମଗ୍ନ ହୋଇଛି। ପାଣି ଘେରରେ ଥିବା ତଳିଆ ଅଞ୍ଚଳରୁ ୨ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରାଯିବା ସହ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥିବା ଗାଁରୁ ଲୋକଙ୍କୁ ଉଦ୍ଧାର କରାଯାଉଛି। ସେମାନଙ୍କୁ ବନ୍ୟା ଆଶ୍ରୟସ୍ଥଳୀରେ ରଖାଯାଇ ରନ୍ଧାଖାଦ୍ୟ ଦିଆଯାଉଛି। ଏଥିସହିତ ଜିଲାସ୍ତରୀୟ ଅଧିକାରୀଙ୍କୁ ସ୍ଥିତି ଉପରେ ୨୪ଘଣ୍ଟିଆ ପହରା ଦେବା ପାଇଁ କୁହାଯାଇଛି। ବନ୍ୟାରେ କୌଣସି ଜୀବନହାନି ଯେପରି ନ ଘଟେ ସେନେଇ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ସୁବର୍ଣ୍ଣରେଖା ନଦୀର ବନ୍ୟା ନିୟନ୍ତ୍ରଣ ସହ ଜଳ ନିଷ୍କାସନ ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ସ୍ଥାୟୀ ପ୍ରତିକାର ପାଇଁ ରୋଡମ୍ୟାପ୍ କରିବାକୁ ଇଆଇସିଙ୍କୁ କୁହାଯାଇଛି। ରିପୋର୍ଟ ମିଳିବା ପରେ ଏନେଇ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

# ବରଗଡ଼ ପୌର ପରିଷଦରେ ୟୁଜର୍ସ ଫି କେଲେଙ୍କାରୀ




ଟାମ୍ପରିଂ ହୋଇଥିବା ୟୁଜର୍ସ ଫି ରସିଦ କପି।




ଲୋକଙ୍କୁ ଦିଆଯାଇଥିବା ୟୁଜର୍ସ ଫିର ରସିଦ୍।

ବରଗଡ଼,୧୮।୯(ପ୍ରେମାନନ୍ଦ ଖମାରୀ)

**୧୦ ପ୍ରତିଶତ ଜମା, ୯୦ପ୍ରତିଶତ ଆତ୍ମସାତ୍**

ବରଗଡ଼ ପୌର ପରିଷଦରେ ୟୁଜର୍ସ ଫି ଅସୁଲିରେ ହୋଇଥିବା ଏକ ବଡ଼ କେଲେଙ୍କାରୀ ସାମ୍ନାକୁ ଆସିଛି। ବିଭାଗୀୟ କର୍ମଚାରୀମାନେ ୟୁଜର୍ସ ଫି ଅସୁଲି ପାଇଁ ଉଦ୍ଦିଷ୍ଟ ରସିଦ୍ ବୁକ୍‌କୁ ଟାମ୍ପରିଂ କରି ବ୍ୟାପକ ଅନିୟମିତତା କରିଥିବା ଜଣାପଡ଼ିଛି। ଅସୁଲି ହୋଇଥିବା ୟୁଜର୍ସ ଫିର ସମୁଦାୟ ଟଙ୍କାରୁ ୯୦ପ୍ରତିଶତ ଆତ୍ମସାତ୍ କରି ବାକି ୧୦ପ୍ରତିଶତ ପୌର ପରିଷଦରେ ଜମା କରିବା ଭଳି ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି। କେବଳ ସେତିକି ନୁହେଁ, ସମ୍ପୃକ୍ତ କର୍ମଚାରୀମାନେ ଅନେକ ରସିଦ୍ ବୁକ୍ ପୌର ପରିଷଦରେ ଜମା ମଧ୍ୟ ଦେଇନାହାନ୍ତି। ପୌରାଧ୍ୟକ୍ଷା କଳ୍ପନା ମାଝି ଏହା ଜାଣିବା ପରେ ୫ଜଣିଆ କମିଟି ଗଠନ କରି ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତେବେ ତଦନ୍ତ ରିପୋର୍ଟ ମିଳିବା ପରେ ପୌରାଧ୍ୟକ୍ଷା ମାଝି ଏହି କେଲେଙ୍କାରୀ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବୁଧବାର ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇଛନ୍ତି। ସେହିପରି ଅନିୟମିତତାରେ ସମ୍ପୃକ୍ତ କର୍ମଚାରୀ ଏକ୍ସପର୍ଟ ଇନ୍ସପେକ୍ଟରଙ୍କ ଚ୍ୟାମ୍ବରରେ ପୌରାଧ୍ୟକ୍ଷା ମାଝି ଏବଂ ଅନ୍ୟ କାଉନସିଲରମାନେ ବୁଧବାର ତାଲା ପକାଇଛନ୍ତି। ତାଲା ପକାଇବା ପରେ ଚାବିକୁ ପୌର ନିର୍ବାହୀ ଅଧିକାରୀ ହରପ୍ରସାଦ ଭୋଇଙ୍କୁ ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ପୌର ପରିଷଦ ଅଞ୍ଚଳରେ ରହିଥିବା ଘର, ଦୋକାନ, ମଲ୍ ଆଦିରୁ ପ୍ରତିମାସ ୟୁଜର୍ସ ଫି ସଂଗ୍ରହ କରାଯାଇଥାଏ। ଏଥିପାଇଁ ପୌର ପରିଷଦ ପକ୍ଷରୁ କେତେଜଣ ନିର୍ଦ୍ଦିଷ୍ଟ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। କେତେକ କର୍ମଚାରୀ ତାହା ସଂଗ୍ରହ କରୁଥିବାବେଳେ ସଂଗୃହୀତ ରାଶି ଏବଂ ୟୁଜର୍ସ ଫି ପାଇଁ ଉଦ୍ଦିଷ୍ଟ ରସିଦ ବୁକ୍ ଅନ୍ୟ କେତେକ କର୍ମଚାରୀଙ୍କ ପାଖରେ ରହିଥାଏ। ତେବେ ୟୁଜର୍ସ ଫି ଦେଉଥିବା ଦୋକାନୀ ତଥା ଲୋକେ ଠିକ୍ ଭାବେ ପ୍ରଦାନ କରୁଥିବାବେଳେ ସମ୍ପୃକ୍ତ କେତେଜଣ କର୍ମଚାରୀ ଉଦ୍ଦିଷ୍ଟ ରସିଦକୁ ଚତୁରତାର ସହିତ ଟାମ୍ପରିଂ କରି ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରିବା ଭଳି ତଥ୍ୟ ପଦାକୁ ଆସିଛି। ଦୃଷ୍ଟାନ୍ତ ସ୍ୱରୂପ ୟୁଜର୍ସ ଫି ରସିଦ ବୁକ୍-୨୩, ରସିଦ କ୍ରମାଙ୍କ--୧୭ରେ ୨୦୨୩ ଜୁନ ୯ତାରିଖରେ ୨ହଜାର ଟଙ୍କା ୟୁଜର୍ସ ଫି ଅସୁଲି ହୋଇଛି। ୟୁଜର୍ସ ଫି ଦେଇଥିବା ଲୋକଙ୍କୁ ସେହି ପରିମାଣର ଠିକ୍ ରସିଦ ମଧ୍ୟ ଦିଆଯାଇଛି। କିନ୍ତୁ ପୌର ପରିଷଦରେ ଜମା ହୋଇଥିବା ୟୁଜର୍ସ ଫି ଖାତାର ସେହି ରସିଦ୍ କପିରେ ତାକୁ ୨ଶହ ଟଙ୍କା ଭାବେ ଉଲ୍ଲେଖ କରାଯାଇଛି। ଅର୍ଥାତ୍ ୨୦୦୦ ଟଙ୍କାରୁ ଗୋଟିଏ ଶୂନକୁ ଚତୁରତାର ସହିତ ଲିଭାଇ ଦିଆଯାଇଛି। କେବଳ ସେହି ଗୋଟିଏ ରସିଦ୍ ନୁହେଁ। ତଦନ୍ତ ପରେ ଅନେକ ରସିଦରେ ଏଭଳି ହୋଇଥିବା ଏବଂ ବହୁତ ରସିଦ ବୁକ୍‌ର ଠିକଣା ମିଳୁ ନ ଥିବା ଜଣାପଡ଼ିଛି। ତଦନ୍ତ ରିପୋର୍ଟରୁ ମିଳିଥିବା ସୂଚନା ଅନୁଯାୟୀ, ୭୮ ରସିଦ ବୁକ୍ ମଧ୍ୟରୁ ସମ୍ପୃକ୍ତ କର୍ମଚାରୀମାନେ ଏପର୍ଯ୍ୟନ୍ତ ୧୦ଟି ରସିଦ୍ ବୁକ୍ ତଦନ୍ତ କମିଟି ପାଖରେ ଜମା କରିନାହାନ୍ତି। ଅନ୍ୟପଟେ ୧୮ଟି ରସିଦ୍ ବୁକ୍ ଠିକ୍‌ଥିବାବେଳେ ବାକି ୫୦ଟି ରସିଦ୍ ବୁକ୍‌ରେ ଟାମ୍ପରିଂ କରାଯାଇଥିବା ଅଭିଯୋଗ ହୋଇଛି। ଏଥିରୁ ୟୁଜର୍ସ ଫି ଅସୁଲିରେ ସମ୍ପୃକ୍ତ କର୍ମଚାରୀମାନେ କେତେ ଲକ୍ଷ ଟଙ୍କା ଆତ୍ମସାତ୍ କରିଥିବେ, ତାହା ସହଜରେ ଅନୁମେୟ। ତେବେ ଏ ଦିଗରେ ପ୍ରଶାସନ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କିଭଳି କାର୍ଯ୍ୟାନୁଷ୍ଠାନ ନେଉଛି, ତାହା ଆଗାମୀ ଦିନ ଜଣାପଡ଼ିବ।

# ଦନ୍ତାକୁ ଟ୍ରାଙ୍କୁଲାଇଜ୍ କରି ରେଡିଓକଲାର ଲଗାଗଲା

ଟେନସା,୧୮।୯
(ସମୀର କୁମାର ପାଢ଼ୀ)



୫ ବର୍ଷ ଧରି ଆତଙ୍କ ଚଳାଇଥିଲା

ସୁନ୍ଦରଗଡ଼ ଜିଲା କୋଇଡା ଓ ବରସୁଆଁ ଫରେଷ୍ଟ ରେଞ୍ଜ ଅଞ୍ଚଳରେ ଗତ ୫ବର୍ଷ ଧରି ଆତଙ୍କ ଚଳାଇ ଥିବା ଦନ୍ତାକୁ ବନ ବିଭାଗ ଟ୍ରାଙ୍କୁଲାଇଜ କରି ରେଡିଓକଲାର ଲଗାଇଛି। ସାତକୋଶିଆ ଟାଇଗର ରିଜର୍ଭ ଟିମ୍‌ର ଭେଟେନାରି ଡାକ୍ତରୀ ଦଳ ସମେତ ବନ ବିଭାଗର ୫ଟି ଟିମ, ବଣାଇ ଡିଏଫଓ ଲଳିତ କୁମାର ପାତ୍ର, କୋଇଡା ରେଞ୍ଜର ଗୌତମ ପ୍ରଧାନ, ବରସୁଆଁ ରେଞ୍ଜର ଧରଣୀଧର ସାହୁ ପ୍ରମୁଖ ଉପସ୍ଥିତ ରହି ଜାମୁଡ଼ି ଜଙ୍ଗଲରେ ଦନ୍ତାକୁ ଟ୍ରାଙ୍କୁଲାଇଜ କରି ରେଡିଓକଲାର ଲଗାଇଥିଲେ। ରେଡିଓକଲାର ଲଗାଇବା ଦ୍ୱାରା ଦନ୍ତାର ଗତିବିଧି ଜାଣି ହେବ ବୋଲି ବଣାଇ ଡିଏଫଓ ଲଳିତ କୁମାର ପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ଦନ୍ତା ଅନେକ ସମୟରେ ଲୋକଙ୍କ ଘରଦ୍ୱାର ଭାଙ୍ଗିବା, ଧାନ ଚାଉଳ ଖାଇବା ସହିତ ଫସଲ ନଷ୍ଟ କରୁଥିଲା। ଗତ ୫ବର୍ଷ ମଧ୍ୟରେ ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ନେଲାଣି ଏହି ହାତୀ। ବିଭିନ୍ନ ସମୟରେ ଲୋକମାନେ ରେଞ୍ଜ ଅଫିସ ଘେରାଉ କରିବା ସହ ଆନ୍ଦୋଳନ ମଧ୍ୟ କରିଛନ୍ତି। ବାରମ୍ବାର ହାତୀକୁ ଟ୍ରାଙ୍କୁଲାଇଜ କରିବାକୁ ଦାବି ହୋଇ ଆସୁଥିଲା। ଏନେଇ ବଣାଇ ଡିଏଫ୍‌ଓ ଲଳିତ କୁମାର ପାତ୍ର ଉପରିସ୍ଥ ଅଧିକାରୀ ଓ ସରକାରଙ୍କ ସହିତ ଆଲୋଚନା କରିବା ପରେ ହାତୀକୁ ଟ୍ରାଙ୍କୁଲାଇଜ କରାଯାଇ ରେଡିଓକଲାର ଲଗାଯାଇଥିଲା।

**ଚାଷୀଙ୍କ ଅଜାଣତରେ ଟଙ୍କା ହଡ଼ପ ଘଟଣା**

# ରାଜକନିକାରୁ ରାଜଧାନୀକୁ ଚାଷୀଙ୍କ ପଦଯାତ୍ରା

ରାଜକନିକା,୧୮।୯(ସଞ୍ଜୟ କୁମାର ଦାଶ)




**ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନ୍ୟାୟ ଭିକ୍ଷା କରିବେ**

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣା ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ରେ ଚାଷୀମାନଙ୍କ ଅଜାଣତରେ ଟଙ୍କା ହେରଫେର ହୋଇଛି। ଏହି ଘଟଣାରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି କରାଯାଇଛି। ସେଥିପାଇଁ ସମବାୟ ସମିତିର ସମ୍ପାଦକ ଅସିତ କୁମାର ବେହୁରିଆ ଓ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ଶାଖା ପରିଚାଳକ ସଞ୍ଜୟ କୁମାର ମହାପାତ୍ରଙ୍କ ବିରୋଧରେ ସମିତିର ଚାଷୀମାନେ ଗତ ଅଗଷ୍ଟ ୩ ତାରିଖରେ ରାଜକନିକା ଥାନାରେ ଏତଲା ଦେଇଥିଲେ। ଏହାପରେ ଉପରୋକ୍ତ ୨ ଅଧିକାରୀଙ୍କ ବିରୋଧରେ ୧୨ଟି ଏତଲା ହୋଇଛି। ହେଲେ ପୋଲିସ ମାତ୍ର ଗୋଟିଏ ମାମଲା ରୁଜୁ କରି ଚୁପ୍ ବସିଛି। ଅନ୍ୟପଟେ ସମସ୍ତ ପ୍ରମାଣ ଥାଇ ମଧ୍ୟ ସମବାୟ ବିଭାଗ ପକ୍ଷରୁ ସେଭଳି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସବୁ ଜାଣି ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଏହାକୁ ନେଇ ଗତ ୧୦ତାରିଖରୁ ପେଗରପଡ଼ା ସମିତି ସଭ୍ୟ ପ୍ରବେଶନ ମଲିକ ଚାଷୀମାନଙ୍କୁ ନେଇ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରେ ଆମରଣ ଅନଶନରେ ଆଜକୁ ୯ଦିନ ହେବ ବସିଛନ୍ତି। ହେଲେ ପ୍ରଶାସନଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀମାନେ ସମସ୍ତେ ନୀରବଦ୍ରଷ୍ଟା ସାଜିଛନ୍ତି। ଏହାର ପ୍ରତିବାଦରେ ଚାଷୀମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିବାକୁ ବୁଧବାରଠାରୁ ପଦଯାତ୍ରାରେ ବାହାରିଛନ୍ତି। ଭୁବନେଶ୍ୱର ପହଞ୍ଚିବାକୁ ହେଲେ ଚାଷୀମାନଙ୍କୁ ପ୍ରାୟ ୧୫୦ କି.ମି.ଚାଲିବାକୁ ପଡିବ। ନ୍ୟାୟ ପାଇବା ଆଶା ନେଇ ଚାଷୀମାନେ ପଦଯାତ୍ରାରେ ଆସି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଜିଦ୍ ଧରିଛନ୍ତି। ପଦଯାତ୍ରାରେ ଚାଷୀ, ଯୁବକ, ମହିଳା ଓ ବୁଦ୍ଧିଜୀବୀମାନେ ସାମିଲ ହୋଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଓମ୍ ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# 'ଭାରତକୁ ଏକ ପେନ୍‌ସନଯୁକ୍ତ ସମାଜରେ ପରିଣତ କରିବା ଲକ୍ଷ୍ୟ'

## ଏନ୍‌ପିଏସ୍ ବାତ୍ସଲ୍ୟ ଯୋଜନାର ଶୁଭାରମ୍ଭ

ଭୁବନେଶ୍ୱର,୧୮।୯ (ଅଭୟ ଦାଶ)



କେନ୍ଦ୍ର ବଜେଟ ୨୦୨୪-୨୫ ଘୋଷଣା ଅନୁଯାୟୀ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବୁଧବାର ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ନାବାଳକମାନଙ୍କ ପାଇଁ ଡିଜାଇନ କରାଯାଇଥିବା ଏକ ଅନନ୍ୟ ପେନ୍‌ସନ ଯୋଜନା ଏନ୍‌ପିଏସ୍ ବାତ୍ସଲ୍ୟ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀଙ୍କ ସମେତ ଆର୍ଥିକ ସେବା ବିଭାଗର ସଚିବ ଏବଂ ପିଏଫ୍‌ଆର୍‌ଡିଏର ଅଧକ୍ଷଙ୍କ ସମେତ ପ୍ରମୁଖ ପଦାଧିକାରୀମାନେ ଉପସ୍ଥିତ ଥିଲେ। ସମଗ୍ର ଭାରତରେ ଏକାସାଙ୍ଗରେ ୭୫ଟି ସ୍ଥାନରେ ଏହି ଯୋଜନାର ଶୁଭାରମ୍ଭ ହୋଇଥିଲାବେଳେ ୨୫୦ରୁ ଅଧିକ ସ୍ଥାୟୀ ଅବସର ଖାତା ନମ୍ବର (ପ୍ରାନ୍) ନାବାଳକ ଉପଭୋକ୍ତାଙ୍କୁ ବଣ୍ଟନ କରାଯାଇଥିଲା।

ଏହି ପରିପ୍ରେକ୍ଷୀରେ ସୀତାରାମନ ଭାରତକୁ ଏକ ପେନ୍‌ସନଯୁକ୍ତ ସମାଜରେ ପରିଣତ କରିବା ଲକ୍ଷ୍ୟରେ ଦୀର୍ଘମିଆଦୀ ଆର୍ଥିକ ଯୋଜନାକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ପଙ୍କଜ ଚୌଧୁରୀ ଏହି ଯୋଜନାକୁ ସାମଗ୍ରିକ ଅର୍ଥନୈତିକ ବିକାଶ ଦିଗରେ ଏକ ପଦକ୍ଷେପ ଭାବେ ଆଲୋକପାତ କରିଥିଲେ ଏବଂ ସମସ୍ତ କାର୍ଯ୍ୟକାରୀ ଅନୁଷ୍ଠାନଗୁଡ଼ିକୁ ଅଧିକରୁ ଅଧିକ କଭରେଜ୍ ଏବଂ ଯୋଜନାର ସନ୍ତୁଳନ ପାଇଁ ପ୍ରୟାସ କରିବାକୁ ଅନୁରୋଧ କରିଥିଲେ। ସେହିପରି ଓଡ଼ିଶାର ଭୁବନେଶ୍ୱରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଏନ୍‌ପିଏସ୍ ବାତ୍ସଲ୍ୟ ଯୋଜନାର ଶୁଭାରମ୍ଭ କରାହୋଇଯାଇଛି। ଏପରିକି ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସମିତି (ଏସ୍‌ଏଲ୍‌ବିସି) ଓଡ଼ିଶା ଆବାହକ, ୟୁକୋ ବ୍ୟାଙ୍କ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତି, ବ୍ୟାଙ୍କ ପ୍ରଶାସନିକ ମୁଖ୍ୟ, ଛାତ୍ରୀଛାତ୍ର, ମାତାପିତା ତଥା ଅଭିଭାବକଙ୍କ ସମେତ ୧୫୦ ରୁ ଅଧିକ ଲୋକ ଯୋଗଦେଇଥିଲେ। ଏହି ଅବସରରେ ଏସ୍‌ଏଲ୍‌ବିସି ଓଡ଼ିଶାର ଆବାହକ ଗୌତମ ପାତ୍ର ସ୍ୱାଗତ ଅଭିଭାଷଣ ସହ ଯୋଜନାର ଆଭିମୁଖ୍ୟ ଓ ନାବାଳକମାନଙ୍କ ପାଇଁ ଆର୍ଥିକ ସୁରକ୍ଷାର ଗୁରୁତ୍ୱ ଉପରେ ବିସ୍ତୃତ ଭାବେ ଗୁରୁତ୍ୱାରୋପ କରିଥିଲେ। ପ୍ରୋଟିଆନ୍ ସିଆର୍‌ଏ ଏନ୍‌ପିଏସ୍‌ର ବରିଷ୍ଠ ମୁଖ୍ୟ ରମେଶ କୁମାର ଏବଂ ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ଡ. ସୁଧାଂଶୁ କେ. କେ. ମିଶ୍ର ସ୍ୱତନ୍ତ୍ର ଅଭିଭାଷଣ ଦେଇ ଯୁବପିଢ଼ିଙ୍କ ପାଇଁ ଆର୍ଥିକ ସୁରକ୍ଷିତ ଭବିଷ୍ୟତ ସୃଷ୍ଟି କରିବାରେ ଏନ୍‌ପିଏସ୍ ବାତ୍ସଲ୍ୟର ବ୍ୟାପକ ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ରଖିଥିଲେ।

# ରିଲାଏନ୍ସ ଡିଜିଟାଲର ଦୀପାବଳି ଧମାକା

ଭୁବନେଶ୍ୱର,୧୮।୯ (ଅଭୟ ଦାଶ)




ରିଲାଏନ୍ସ ଡିଜିଟାଲର ବହୁ ପ୍ରତୀକ୍ଷିତ ଅଫର ତଥା ଦୀପାବଳି ଧମାକା ସ୍ୱତନ୍ତ୍ର ରିହାତି ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଅଫର ନୂତନ ଏବଂ ବିଦ୍ୟମାନ ଜିଓ ଫାଇବର ଏବଂ ଏୟାରଫାଇବର ବ୍ୟବହାରକାରୀଙ୍କ ପାଇଁ ୨୦୨୪ ସେପ୍ଟେମ୍ବର ୧୮ ରୁ ନଭେମ୍ବର ୩ ପର୍ଯ୍ୟନ୍ତ ଉପଲବ୍ଧ ରହିଛି, ଯେଉଁଥିରେ ଗ୍ରାହକମାନେ ୧ ବର୍ଷ ପାଇଁ ମାଗଣା ଜିଓ ଏୟାରଫାଇବର ସେବା ପାଇପାରିବେ। ସେହିଭଳି ନୂତନ ଗ୍ରାହକମାନେ ୨୦,୦୦୦ ଟଙ୍କାରୁ ଊର୍ଦ୍ଧ୍ୱ କ୍ରୟ କିମ୍ବା ୨୨୨୨ଟଙ୍କା ମୂଲ୍ୟର ୩ମାସର ଦିୱାଲୀ ପ୍ଲାନ୍ ନେଇ ଏହି ଅଫରର ଲାଭ ପାଇପାରିବେ। ଅପରପକ୍ଷରେ ବର୍ତ୍ତମାନର ଜିଓ ଫାଇବର ଓ ଜିଓ ଏୟାରଫାଇବର ଉପଭୋକ୍ତାମାନେ ଗୋଟିଏ ଥର ୨୨୨୨ଟଙ୍କାର ଆଡଭାନ୍ସ ରିଚାର୍ଜ କରି ଏହି ଅଫର ମଧ୍ୟ ପାଇପାରିବେ।

ଉଲ୍ଲେଖଯୋଗ୍ୟ, ଜିଓର ଯୋଗ୍ୟ ଗ୍ରାହକମାନଙ୍କୁ ଏହି ଅଫର ଯୋଗାଇ ଦିଆଯାଉଛି। ଏପରିକି ୨୦୨୪ ନଭେମ୍ବରରୁ ୨୦୨୫ଅକ୍ଟୋବର ପର୍ଯ୍ୟନ୍ତ ଯୋଗ୍ୟ ଗ୍ରାହକମାନଙ୍କୁ ଜିଓ ଏୟାରଫାଇବର ପ୍ଲାନ୍‌ର ସମାନ ମୂଲ୍ୟର ୧୨ଟି କୁପନ୍ ମିଳିବ, ଯାହାକୁ ୩୦ ଦିନ ମଧ୍ୟରେ ରିଲାଏନ୍ସ ଡିଜିଟାଲ, ମାଇଁ ଜିଓ ଷ୍ଟୋର, ଜିଓ ପଏଣ୍ଟ ଷ୍ଟୋର୍ କିମ୍ବା ଜିଓ ମାର୍ଟ ଡିଜିଟାଲ ଏକ୍ସକ୍ଲୁସିଭ୍ ଷ୍ଟୋରରେ ୧୫,୦୦୦ ଟଙ୍କାରୁ ଊର୍ଦ୍ଧ୍ୱ କ୍ରୟ ଉପରେ ବ୍ୟବହାର ବା ରିଡିମ କରାଯାଇପାରିବ।

# ବଜାରରେ କିଆର ଗ୍ରାଭିଟି ଏଡିଶନ ରେଞ୍ଜ

ଭୁବନେଶ୍ୱର,୧୮।୯ (ଅଭୟ ଦାଶ)




ଭୁବନେଶ୍ୱରର ଗୁଗ୍‌ନାନି କିଆରେ ଗ୍ରାଭିଟି ଏଡିଶନର ନୂତନ ମଡେଲ ଅନାବରଣ ହୋଇଯାଇଛି। ଏହି ଅବସରରେ ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

କିଆ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ କିଆର ଗ୍ରାଭିଟି ଏଡିଶନ ରେଞ୍ଜର ଅନାବରଣ ନିକଟରେ ହୋଇଯାଇଛି। ଏପରିକି ବ୍ରାଣ୍ଡର ଏହି ଆକର୍ଷଣୀୟ ଭାରିଆଣ୍ଟ ଓ ଅଭିନବ ଡିଜାଇନ୍ ମଡେଲକୁ ମଧ୍ୟ କମ୍ପାନୀ ବଜାର ପ୍ରବେଶ କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର 'ଗୁଗ୍‌ନାନି କିଆ' (ଗୁଗ୍‌ନାନି ଅଟୋକ୍ରାଫ୍ଟସ ପ୍ରାଇଭେଟ୍ ଲିମିଟେଡ୍) ଭୁବନେଶ୍ୱରର ପଟିଆ ଶୋ'ରୁମ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଗୁଗ୍‌ନାନି କିଆର ନିର୍ଦ୍ଦେଶକ ୟସ୍‌ନୀତ ଗୁଗ୍‌ନାନି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁଗ୍‌ନାନି କିଆର ସିଇଓ ମହେଶ ଝୁନ୍‌ଝୁନ୍‌ୱାଲାଙ୍କ ସମେତ ୟୁକୋ ବ୍ୟାଙ୍କ ପଟିଆ ଶାଖାର ଜିଏମ୍ ପ୍ରତିଭା ପରିଡ଼ା, ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଓଡ଼ିଶା ହେଡ୍ (କାର୍ ଲୋନ୍) ସୁଶୀତ ଜେନା ଏବଂ ସେଣ୍ଟ୍ରାଲ ବ୍ୟାଙ୍କର ଜିଏମ୍ ବର୍ଷାରଣୀ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, କିଆ ଇଣ୍ଡିଆର ଅତ୍ୟାଧୁନିକ ଗ୍ରାଭିଟି ଏଡିଶନର ନୂତନ କିଆ କାରେନ୍ସ, କିଆ ସୋନେଟ୍, କିଆ ସେଲଟସ୍ ନିକଟରେ ଅନାବରଣ ସହ ବଜାର ପ୍ରବେଶ ହୋଇଯାଇଛି। ଏହି ନୂତନ ମଡେଲଗୁଡ଼ିକର ଫିଚର ସାଙ୍ଗକୁ ସ୍ୱତନ୍ତ୍ର ଇଣ୍ଟେରିୟର ଓ ଏକ୍ସଟେରିୟର ଡିଜାଇନ ପୂର୍ବରୁ ଥିବା ଆଇକନିକ୍ ମଡେଲଗୁଡ଼ିକଠାରୁ ଅଧିକ ଆକର୍ଷଣୀୟ କରିବା ସହ ବେଶ୍ ଲୋକପ୍ରିୟ ହୋଇପାରିବ ବୋଲି ଆଶା କରାଯାଉଛି।

# ସଙ୍କଟରେ ଭାରତୀୟ ହୀରା ବଜାର

ଭୁବନେଶ୍ୱର,୧୮।୯ (ଅନୁରାଧା ମହାରଣା)

ଭାରତୀୟ ହୀରା ବଜାର ଏକ ଗୁରୁତର ସଙ୍କଟ ଦେଇ ଗତି କରୁଛି। ଗତ ୩ ବର୍ଷ ମଧ୍ୟରେ ଉଭୟ ଆମଦାନୀ ଏବଂ ରପ୍ତାନିରେ ତୀବ୍ର ହ୍ରାସ ହେତୁ ପେମେଣ୍ଟ ଡିଫଲ୍ଟ, କାରଖାନା ବନ୍ଦ ଏବଂ ବ୍ୟାପକ ଚାକିରି ହରାଇବା କାରଣରୁ ଏହି ସଙ୍କଟ ସୃଷ୍ଟି ହୋଇଛି। ଅର୍ଥନୈତିକ ଅନୁସନ୍ଧାନ ପ୍ରତିଷ୍ଠାନ ଜିଟିଆର୍‌ଆଇ ପକ୍ଷରୁ ବୁଧବାର ପ୍ରକାଶିତ ତଥ୍ୟ ଅନୁଯାୟୀ, ହୀରା ରପ୍ତାନିରେ ଆୟ ବୃଦ୍ଧି ପାଇଛି ମାତ୍ର ଅର୍ଡର ହ୍ରାସ ହେତୁ ଅଣ ପ୍ରକ୍ରିୟାକୃତ ହୀରାର ଷ୍ଟକ୍ ବୃଦ୍ଧି ପାଉଛି। ଏହାଦ୍ୱାରା ଦେୟ ଡିଫଲ୍ଟ, କାରଖାନା ବନ୍ଦ ଏବଂ ବଡ଼ ଧରଣର ଚାକିରି କ୍ଷତି ହୋଇଛି। ତେବେ ଗୁଜରାଟର ହୀରା ଶିଳ୍ପ ସହ ଜଡ଼ିତ ୬୦ରୁ ଅଧିକ ଲୋକ ଆତ୍ମହତ୍ୟା କରିଥିବା ପ୍ରତିଷ୍ଠାନ ପକ୍ଷରୁ କୁହଯାଇଛି। ଏହା ଭାରତର ହୀରା ଶିଳ୍ପ ଉପରେ ଆର୍ଥିକ ତଥା ଭାବପ୍ରବଣତାକୁ ଦର୍ଶାଉଛି। ଏହି ସମସ୍ୟାର ସମାଧାନ ତଥା ଅଞ୍ଚଳର ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ତଥ୍ୟ ଅନୁଯାୟୀ, ୨୦୨୧-୨୨ ମସିହାରେ ୧୮.୫ ବିଲିୟନ ଡଲାରରୁ ୨୦୨୩-୨୪ ମସିହାରେ ୧୪ ବିଲିୟନ ଡଲାରରେ ହୀରା ଆମଦାନୀରେ ୨୪.୫ ପ୍ରତିଶତ ହ୍ରାସ ଦୁର୍ବଳ ବିଶ୍ୱ ବଜାର ଏବଂ ନିମ୍ନ ପ୍ରକ୍ରିୟାକରଣ ନିର୍ଦ୍ଦେଶ (ଚୁକ୍ତିନାମା)କୁ ପ୍ରତିଫଳିତ କରୁଛି। ଏହାସହ ରୁଷିଆ-ୟୁକ୍ରେନ୍ ବିବାଦ ବିଶ୍ୱ ହୀରା ଯୋଗାଣ ଶୃଙ୍ଖଳା ଉପରେ ମଧ୍ୟ ପ୍ରଭାବ ପକାଇଛି।

ଏକ ପ୍ରମୁଖ ହୀରା ଉତ୍ପାଦନକାରୀ ରୁଷିଆ ଉପରେ ଲାଗିଥିବା କଟକଣା ବାଣିଜ୍ୟକୁ ଆହୁରି ଜଟିଳ କରିଛି ଏବଂ ବିଶ୍ୱ ହୀରା କାରବାରକୁ ମନ୍ଥର କରିଦେଇଛି। ଲାବ୍‌ରେ ପ୍ରସ୍ତୁତ ହୀରା ପ୍ରତି ଗ୍ରାହକଙ୍କ ଆଗ୍ରହ ବଢୁଥିବାବେଳେ ପ୍ରାକୃତିକ ହୀରାର ଚାହିଦା ଉପରେ ପ୍ରଭାବ ପକାଉଛି। ଜିଟିଆର୍‌ଆଇ ଏହା ମଧ୍ୟ କହିଛି, ଦୁବାଇ ହୀରା ଉତ୍ପାଦନ କରେ ନାହିଁ, ତଥାପି ଭାରତର ଅଣପ୍ରକ୍ରିୟାକୃତ ହୀରା ଆମଦାନୀରେ ଏହାର ଅଂଶ କ୍ରମାଗତ ଭାବେ ବୃଦ୍ଧି ପାଉଛି। ରୁଷିଆରୁ ଦୁବାଇ, ଆଙ୍ଗୋଲା, ଦକ୍ଷିଣ ଆଫ୍ରିକା, ଅଣ ପ୍ରକ୍ରିୟାକୃତ ହୀରା ଆମଦାନୀ କରୁଥିବାବେଳେ ପରେ ଭାରତକୁ ରପ୍ତାନି କରେ।

# ଭୁଟାନରୁ ଏମ୍‌ଆଇପି ସର୍ତ୍ତ ବିନା ଗୁଆ ଆମଦାନୀକୁ ଅନୁମତି

ଭୁବନେଶ୍ୱର,୧୮।୯ (ଅନୁରାଧା ମହାରଣା)

ଭାରତ ସର୍ବନିମ୍ନ ଆମଦାନୀ ମୂଲ୍ୟ(ଏମ୍‌ଆଇପି) ସର୍ତ୍ତ ବିନା ଓଡ଼ିଶାର ହାତିସାରକୁ ଲ୍ୟାଣ୍ଡ କଷ୍ଟମସ୍ ଷ୍ଟେଶନ (ଏଲ୍ ସି ଏସ୍) ମାଧମରେ ଭୁଟାନରୁ କଞ୍ଚା ଗୁଆ ଆମଦାନୀ କରିବାକୁ ଅନୁମତି ଦେଇଛି। ବୈଦେଶିକ ବାଣିଜ୍ୟ ନିର୍ଦ୍ଦେଶାଳୟ (ଡିଜିଏଫ୍‌ଟି) ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ ଏହି ସୂଚନା ପ୍ରକାଶ ପାଇଛି। ଓଡ଼ିଶା ବ୍ୟତୀତ ଆସାମର ଦରଙ୍ଗାକୁ ମଧ୍ୟ ଏହି ଆମଦାନୀ ଅନୁମତି ମିଳିଛି। ୨୦୨୨ ସେପ୍ଟେମ୍ବରରେ ସରକାର ଏମ୍‌ଆଇପି ସର୍ତ୍ତ ବିନା ପ୍ରତିବର୍ଷ ଭୁଟାନରୁ ୧୭ ହଜାର ଟନ କଞ୍ଚା ଗୁଆ ଆମଦାନୀ କରିବାକୁ ଅନୁମତି ଦେଇଥିଲେ।


## ୧୩ତମ ଜନ୍ମବାର୍ଷିକୀ ଶୁଭେଚ୍ଛା



**ଓମ୍ ସାଇ ବିଶ୍ୱାଳ**

ଲେଣ୍ଡୋ, ନିରାକାରପୁର, ଖୋର୍ଦ୍ଧା
ପ୍ରଭୁ ତୁମ ବନ୍ଧନରେ ବାନ୍ଧିଅଛ ମୋତେ
ସେହି ବନ୍ଧନରେ ରଖ
ସେହି ବନ୍ଧନରେ ଥାଇ ସାଇ ନିତି ଦେଖୁଥିବ
ତୁମରି କଳା ଶ୍ରୀମୁଖ ।
ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରନ୍ତୁ ଏବଂ ଚଲାପଥ କୁସୁମିତ କରାନ୍ତୁ।
ଶୁଭେଚ୍ଛା ସହ: ସାଇ ପରିବାର, ଆମ ପରିବାର, ତୁମ ପରିବାର, ଗୁରୁମା, ଗୁରୁଜୀ, ବନ୍ଧୁ ଓ ପରିବାରବର୍ଗ ।

ଧ-୧୩୭୯



# Classified Everyday
0674-2580101, 2549949




**SALE**

ଭୁବନେଶ୍ୱର Sum Hospital ଘଙ୍ଗାପାଟଣାରେ 30 ଫୁଟ୍ ରାସ୍ତା ଥାଇ ସ୍ଥିତିବାନ୍ plot କିଣନ୍ତୁ। 6372851880. D-71076

**Gharabari converted plots available near Hitech Square, Sundarpada, Bhubaneswar. For more details contact- 7978874990, 9777554170.** D-1374

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8895816302, 8328857872.** D-1373




Newly open spa positively health benefits with expert therapist. 8658466886. D-76152

Newly open health benefits SPA by expert therapist. Contact-9938843929. D-76155

**AFFIDAVIT**

By the virtue of an affidavit dated 18.09.24 before the Court of Executive Magistrate, BBSR, I Monalisha Mohanty residing at LIG 1/6, Arya Vihar, Sailashree Vihar, BBSR declare that Monalisha Padhihari & Monalisha Mohanty is one & same person. D-1377

By virtue of an affidavit No.97 dated 29.05.2023 sworn before the Executive Magistrate, Semiliguda declare that my actual name is PRAVAT KUMAR SAHOO which is true and correct as recorded in my Aadhaar Card (xxxx xxxx 5176) and in my PAN (AONPS0965H). My name wrongly mentioned as PRAVATA KUMAR SAHOO in my HSC Board certificate and NALCO service records. That both names relate to same and one person. Henceforth, I will be known as "PRAVAT KUMAR SAHOO" for all purposes. D-1378

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।


# ନଭେମ୍ବର ୨୧ରୁ ଶିଳ୍ପ ପ୍ରଦର୍ଶନୀ

- ୩ୟ ପ୍ରୋପ୍ୟାକ୍ ଓଡ଼ିଶା
- ୨ୟ ଓଡ଼ିଶା ପ୍ଲାଷ୍ଟ

ଭୁବନେଶ୍ୱର,୧୮।୯ (ଅଭୟ ଦାଶ)




ଓଡ଼ିଶା ଆସେମ୍ବ୍ଲି ଅଫ୍ ସ୍ମଲ ଆଣ୍ଡ ମିଡିୟମ ଏଣ୍ଟରପ୍ରାଇଜେସ୍ (ଓଏଏସ୍‌ଏମ୍‌ଇ) ଏବଂ ଫ୍ୟୁଚରେକ୍ସ ଟ୍ରେଡ୍ ଫେୟାର ଆଣ୍ଡ ଇଭେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍‌ର ମିଳିତ ଆନୁକୂଲ୍ୟରେ ଏକ ୪ ଦିନିଆ ଶିଳ୍ପ ପ୍ରଦର୍ଶନୀ ୨୦୨୪ ନଭେମ୍ବର ୨୧ରୁ ଆୟୋଜନ ହେବାକୁ ଯାଉଛି। ୨୦୨୪ ନଭେମ୍ବର ୨୧ରୁ ୨୪ ପର୍ଯ୍ୟନ୍ତ ଭୁବନେଶ୍ୱରର ଜନତା ମଇଦାନଠାରେ ୩ୟ ପ୍ରୋପ୍ୟାକ୍ ଓଡ଼ିଶା-୨୦୨୪ ଏବଂ ୨ୟ ଓଡ଼ିଶା ପ୍ଲାଷ୍ଟ-୨୦୨୪ ଶିଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ୪ ଦିନ ଧରି ଚାଲିବାକୁ ଥିବା ଏହି ଶିଳ୍ପ ପ୍ରଦର୍ଶନୀରେ ମୁଖ୍ୟତଃ ପ୍ଲାଷ୍ଟିକ, ପ୍ରିଣ୍ଟିଂ, ପ୍ୟାକେଜିଂ, କନ୍‌ଭର୍ଟିଂ ଏବଂ ଫୁଡ୍ ପ୍ରୋସେସିଂ ଇଣ୍ଡଷ୍ଟ୍ରି ଉପରେ ଗୁରୁତ୍ୱ ଦିଆଯିବ। ଓଡ଼ିଶାରେ ଏହିସବୁ କ୍ଷେତ୍ର ପାଇଁ ବିପୁଳ ସୁଯୋଗ ଓ ସମୃଦ୍ଧ ଭବିଷ୍ୟତ ରହିଛି। ସେହିଭଳି ଶିଳ୍ପ ପ୍ରଦର୍ଶନୀର ଚଳିତ ସଂସ୍କରଣ ପାଇଁ ଓଡ଼ିଶା ଓ ଭାରତର ବିଭିନ୍ନ ପ୍ରାନ୍ତର ଉପରୋକ୍ତ କ୍ଷେତ୍ରରୁ ୨୫୦ରୁ ଅଧିକ କମ୍ପାନୀ ଏହି ଶିଳ୍ପ ପ୍ରଦର୍ଶନୀରେ ଅଂଶଗ୍ରହଣକରି ସେମାନଙ୍କ ଉତ୍ପାଦ ପ୍ରଦର୍ଶନ ସହ ବିଭିନ୍ନ ଶିଳ୍ପ ଅଧିବେଶନରେ ସେମାନଙ୍କର ଅଭିଜ୍ଞତା ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ମେଗା ଇଭେଣ୍ଟକୁ ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗ ସମର୍ଥନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ଓଏଏସ୍‌ଏମ୍‌ଇର ମହାସଚିବ ସାତ୍ତ୍ୱିକ ସ୍ୱାଇଁ, ଫ୍ୟୁଚରେକ୍ସର ନିର୍ଦ୍ଦେଶକ ନମିତ ଗୁପ୍ତା, ମେକାଟ୍ରୋନିକ୍ସ ମେସିନାରି ଆଣ୍ଡ ଟୁଲ୍ସ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଏସ୍.ଏସ୍. ଚୌହାନ ଏବଂ ଓଏଏସ୍‌ଏମ୍‌ଇର ଜ୍ୟୋତିର୍ମୟୀ ମହାନ୍ତି, ପ୍ରତିଶ୍ରୁତି ଜେନା, ରଞ୍ଜିତ ସାହୁ, ସବ୍ୟସାଚୀ ବେହେରା, ପରେଶ ସାହୁ, ସରୋଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଖସିଲା ଶେୟାର ବଜାର

ନୂଆଦିଲ୍ଲୀ,୧୮।୯

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୧୩୧ (୧୩୧.୪୩) ପଏଣ୍ଟ କମି ୮୨,୯୪୮ (୮୨,୯୪୮.୨୩) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୪୧ (୪୧.୦୦) ପଏଣ୍ଟ ହ୍ରାସ ଘଟି ୨୫,୩୭୮ (୨୫,୩୭୭.୫୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି।


# ମନେ ପଡ଼ନ୍ତି

## ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



✓ Shri Jagneswar Dash
SG-32- ଶ୍ରୀକ୍ଷେତ୍ର ବିହାର, ଖଣ୍ଡଗିରି, ଭୁବନେଶ୍ୱର
ଆବିର୍ଭାବ: ୦୧।୦୪।୧୯୩୨
ତିରୋଧାନ: ୨୯।୦୯।୨୦୧୨
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ ।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୧୩୭୫

## ପ୍ରଥମ ଶ୍ରାଦ୍ଧବାର୍ଷିକୀ



✓ନବୀନ ଚନ୍ଦ୍ର ହୋତା
Retd. Professor, Govt. College, Angul
ଆବିର୍ଭାବ: ୧।୧୦।୧୯୪୭
ତିରୋଧାନ: ୨୯।୦୯।୨୦୨୩
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରେ ।
ଆପଣଙ୍କ ଚିର କୃତଜ୍ଞ ଋଷଭ ସହିତ ଧର୍ମପତ୍ନୀ- କିରଣବାଳା, ବଧୂ- ଜ୍ୟୋତିର୍ମୟୀ, କନ୍ୟା- ଲୁସି, ବିଟି, ଡେଜି, ମାମାଲି, ମିଶି ଏବଂ ଅତିପ୍ରିୟ ନାତିନାତୁଣୀମାନେ ।
ଧ-୧୩୭୬

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଗୋଲକ ବିହାରୀ ସାହୁ
ଅବସରପ୍ରାପ୍ତ କୃଷି ଜିଲ୍ଲା ଅଧିକାରୀ
ରାଧାଗୋବିନ୍ଦପୁର, ଆଠଗଡ଼
ଆବିର୍ଭାବ- ୨୩।୧୦।୧୯୩୭
ତିରୋଧାନ- ୧୦।୯।୨୦୨୪
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।
ହତଭାଗ୍ୟ ପୁତ୍ର- ଅସିତ୍ କୁମାର ସାହୁ, ପତ୍ନୀ- ସୁରେଖା ସାହୁ, ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁ ପରିଜନ ।
ଧ-୧୩୮୦


# ଆଲୁମିନିୟମ ଉଦ୍ୟୋଗରେ ବେଦାନ୍ତର ବୈପ୍ଳବିକ ପରିବର୍ତ୍ତନ

ଭୁବନେଶ୍ୱର,୧୮।୯ (ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଦାନ୍ତ ଆଲୁମିନିୟମ କାର୍ଯ୍ୟ ପରିସରରେ ଇଞ୍ଜିନିୟର୍ସ ଡେ ପାଳିତ ହୋଇଯାଇଛି। ଏହି ଅବସରରେ ନୂଆ ଉଦ୍ଭାବନ, ଶିକ୍ଷା ଓ ନିଯୁକ୍ତି ବୃଦ୍ଧି ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଏହା ପ୍ରମାଣିତ କରିଛି। ଏପରିକି ସ୍ଥାୟୀ ପ୍ରଗତି ଲକ୍ଷ୍ୟରେ ପ୍ରତିଭା ପ୍ରତିପାଦନ କରିବା ସହ ବୈଷୟିକ ପ୍ରଗତି ବୃଦ୍ଧି ଓ ଓଡ଼ିଶାର ବିକାଶ ଉପରେ ଏକ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବାରେ ବେଦାନ୍ତ ଆଲୁମିନିୟମ ବଳିଷ୍ଠ ଭୂମିକା ଗ୍ରହଣ କରିଛି। ସେହିଭଳି ଓଡ଼ିଶାରେ ବେଦାନ୍ତ ଆଲୁମିନିୟମର ଅପରେଶନ ଅତ୍ୟାଧୁନିକ ଜ୍ଞାନକୌଶଳକୁ ଆପଣାଇ କାର୍ଯ୍ୟ କରୁଛି, ଯାହା ଆଲୁମିନିୟମ ଉଦ୍ୟୋଗରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି। ଏପରିକି ଅତ୍ୟାଧୁନିକ ଯନ୍ତ୍ରପାତି ଓ ଉପକରଣ ସହ କର୍ମଚାରୀଙ୍କ ବୈଷୟିକ ଦକ୍ଷତା ବୃଦ୍ଧି ଓ ସେମାନଙ୍କ ବୃତ୍ତିଗତ ବିକାଶକୁ ତ୍ୱରାନ୍ୱିତ କରିବା ଲାଗି କମ୍ପାନୀ ଏକ ଆଦର୍ଶ ପରିବେଶ ସୃଷ୍ଟି କରିଛି। ସେହିପରି ବେଦାନ୍ତର ଝାରସୁଗୁଡ଼ା ୟୁନିଟ୍‌ରେ ପ୍ରାୟ ୧୦୦୦ ଇଞ୍ଜିନିୟରଙ୍କ ସହ କମ୍ପାନୀର ପ୍ରତ୍ୟକ୍ଷ କର୍ମଚାରୀଙ୍କର ପ୍ରାୟ ୩୩% ରହିଛନ୍ତି, ଏଥିରେ ମଧ୍ୟ ମହିଳା ଇଞ୍ଜିନିୟରମାନେ ଓ ୧୭% ଲିଙ୍ଗ ବିବିଧତା ରହିଛି। ଲାଞ୍ଜିଗଡ଼ରେ ଥିବା ବେଦାନ୍ତର ଆଲୁମିନା ବିଶୋଧନାଗାରରେ ମହିଳା ଇଞ୍ଜିନିୟର୍ସମାନେ ୧୯% କର୍ମଜୀବୀଙ୍କୁ ପ୍ରତିନିଧିତ୍ୱ କରୁଛି। ଏପରିକି ସେମାନଙ୍କ ବୃତ୍ତିଗତ ଭୂମିକାରେ ସେମାନେ ଅନେକ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଲାଞ୍ଜିଗଡ଼ରେ ପ୍ରାୟ ୩୦% କର୍ମଚାରୀ ସ୍ଥାନୀୟ ଅଞ୍ଚଳରୁ ନିଯୁକ୍ତି ପାଇଛନ୍ତି, ଯାହା କମ୍ପାନୀର ଗୋଷ୍ଠୀ କଲ୍ୟାଣ ପାଇଁ ନିଜ ଦାୟିତ୍ୱବଦ୍ଧତାର ପ୍ରମାଣ।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ଆମେ ଅନେକ ଇଞ୍ଜିନିୟରଙ୍କ ଅସାଧାରଣ ଅବଦାନକୁ ସ୍ୱୀକୃତି ଦେଉଛୁ। ଏପରିକି ଯେଉଁମାନେ ଆମ ସଫଳତାରେ ସହଯୋଗୀ ଅଟନ୍ତି। ବ୍ୟାପକ ନିଯୁକ୍ତି ସୃଷ୍ଟିକରିବା ଓ ସ୍ଥାୟୀ ବିକାଶ ଲକ୍ଷ୍ୟରେ ଆମେ ସର୍ବଦା ପ୍ରତିବଦ୍ଧ ରହିଛୁ। ଉଭୟ ଜାତୀୟ ତଥା ସ୍ଥାନୀୟ ପ୍ରତିଭାଧାରୀଙ୍କ ପାଇଁ ଲାଭଦାୟକ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛୁ। ସେହିଭଳି ବେଦାନ୍ତ ଆଲୁମିନିୟମର ସିଇଓ (ଆଲୁମିନା ବ୍ୟବସାୟ) ପ୍ରଣବ ଭଟ୍ଟାଚାର୍ଯ୍ୟ କହିଛନ୍ତି,ଇଞ୍ଜିନିୟରଙ୍କ ଅତୁଳନୀୟ ପ୍ରତିଭାକୁ ସ୍ମରଣକରି ଆମେ ଏହି ଦିବସକୁ ପାଳନ କରୁଛୁ। ଦେଶର ପ୍ରମୁଖ ଅନୁଷ୍ଠାନଗୁଡ଼ିକରୁ ବିଭିନ୍ନ ନିଯୁକ୍ତି ସହ ଆମେ ନୂତନତା, ବିବିଧତା ଓ ବିକାଶ ଲାଗି ପ୍ରତିବଦ୍ଧ ଅଟୁ। ଏପରିକି ଶିକ୍ଷା ଓ ନିଯୁକ୍ତି ଉପରେ କମ୍ପାନୀ ସର୍ବଦା ଧ୍ୟାନ ଦେଇଆସୁଛି।

# ପ୍ରତିଶ୍ରୁତି ପାଳନ ହୋଇଚାଲିଛି: ମନମୋହନ

## ରାଜ୍ୟରେ ଆଜି ଭାଜପା ସରକାରକୁ ପୂରୁଛି ୧୦୦ ଦିନ




ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଭାପତି ମନମୋହନ ସାମଲ ଓ ଦଳୀୟ ନେତା।

ଭୁବନେଶ୍ୱର, ୧୮।୯(ସୁନିତ୍ ମିଶ୍ର)

ଦୀର୍ଘ ୬୦ ବର୍ଷ ପରେ ଏକମାତ୍ର ନେତା ଭାବେ ନରେନ୍ଦ୍ର ମୋଦି ୩ୟ ଥର ଲାଗି ଦେଶର ପ୍ରଧାନମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଏକ କ୍ଷୁଦ୍ର ଗ୍ରାମରେ ଜନ୍ମ ନେଇ ବିଶ୍ୱର ସବୁଠୁ ବଡ଼ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତବର୍ଷର ନେତୃତ୍ୱ ନେଉଥିବା ପ୍ରଧାନମନ୍ତ୍ରୀଙ୍କ ଗରିବ କଲ୍ୟାଣ ଓ ବିକାଶ କାର୍ଯ୍ୟ ପାଇଁ ଦେଶର ରାଜନୀତିରେ ସ୍ଥିରତାର ବାତାବରଣ ସମ୍ଭବ ହୋଇଛି। ଗତ ୧୦ ବର୍ଷରେ ବିଶ୍ୱର ୧୦ଟି ରାଷ୍ଟ୍ର ମୋଦିଙ୍କୁ ସେମାନଙ୍କ 'ରାଷ୍ଟ୍ରର ସର୍ବୋଚ୍ଚ ସମ୍ମାନ'ରେ ସମ୍ମାନିତ କରିଛନ୍ତି। ଏହା ଭାରତବାସୀଙ୍କୁ ଗୌରବାନ୍ୱିତ କରିଛି। ସେହିପରି ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ଭାଜପା ସରକାର ୧୦୦ ଦିନ ପୂର୍ତ୍ତି କରିବ। ନିର୍ବାଚନ ପୂର୍ବରୁ ଜନତାଙ୍କୁ ଦିଆଯାଇଥିବା ସଂକଳ୍ପକୁ ବାସ୍ତବ ରୂପ ଦେବା କାର୍ଯ୍ୟ ଆରମ୍ଭ ହୋଇସାରିଛି। ରାଜ୍ୟବାସୀଙ୍କ ବିଶ୍ୱାସକୁ ନେଇ ଭାଜପା ସରକାର କାମ କରିବ ବୋଲି ଦଳର ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ମୋଦି ଗତ ୧୦ ବର୍ଷରେ ଗରିବ ବାସହୀନଙ୍କୁ ପକ୍କାଘର, ଶୌଚାଳୟ, ଗ୍ୟାସ୍, ବିଜୁଳି, ୫ କେଜି ଚାଉଳ ଏବଂ ୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ବ୍ୟବସ୍ଥା ଯୋଗାଇ ଦେଇଛନ୍ତି । ଦୀନ୍‌ଦୟାଲ ଯୋଜନା ଅନ୍ତର୍ଗତ ୧୦ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କୁ ସଙ୍ଗଠିତ କରାଯିବା ସହ ୯୦ ଲକ୍ଷରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଦୃତ ସାଜିଛନ୍ତି। ଏହାସହ ୧୧ ଲକ୍ଷ ଲକ୍ଷପତି ଦିଦିଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ବିଶ୍ୱକର୍ମା ଯୋଜନାକୁ ତ୍ୱରାନ୍ୱିତ କରାଯାଇଛି। ଯୁବକମାନଙ୍କ ପାଇଁ ୨ ଲକ୍ଷ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରାଯାଇଛି ଏବଂ ଏଥିରେ ଆସନ୍ତା ୫ ବର୍ଷରେ ୪.୧୦ କୋଟି ଯୁବକ ଉପକୃତ ହେବେ । ଗତ ୧୦ ବର୍ଷରେ ପିଏମ୍ କିଷାନ ଯୋଜନା ଅନ୍ତର୍ଗତ ୯.୫ କୋଟି କୃଷକଙ୍କୁ ୨୦ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧୨.୩୩ କୋଟି କୃଷକଙ୍କୁ ୩ ଲକ୍ଷ କୋଟି ଟଙ୍କା ବିତରଣ କରାଯାଇଛି । ବହୁ ପ୍ରତୀକ୍ଷିତ ସୁଭଦ୍ରା ଯୋଜନାକୁ ପ୍ରଧାନମନ୍ତ୍ରୀ ନିଜ ଜନ୍ମଦିନରେ ଶୁଭାରମ୍ଭ କରିଛନ୍ତି। କେନ୍ଦ୍ର ସରକାରଙ୍କ ଅନୁଦାନକୁ ଠିକ୍ ଭାବେ ବିନିଯୋଗକରି ଦେଶ ଓ ରାଜ୍ୟର ବିକାଶ କରାଯିବ ବୋଲି ମନମୋହନ କହିଛନ୍ତି।

## ସଫଳତା ଅପେକ୍ଷା ବିଫଳତା ତାଲିକା ଲମ୍ବା: ବିଜେଡି

ଭୁବନେଶ୍ୱର,୧୮।୯(ଅନିଲ ଦାସ)

ରାଜ୍ୟ ଭାଜପା ସରକାରଙ୍କ ୧୦୦ ଦିନ କାର୍ଯ୍ୟରେ ସଫଳତା ଅପେକ୍ଷା ବିଫଳତା ତାଲିକା ଲମ୍ବା ବୋଲି ବିଜେଡି ମୁଖପାତ୍ର ତଥା ପୂର୍ବତନ ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି। ଶହେ ଦିନର କାର୍ଯ୍ୟକ୍ରମରୁ ଯାହା ସ୍ପଷ୍ଟ ହେଉଛି, ଏହି ସରକାର ସମୟରେ ଓଡ଼ିଶାର ବିକାଶ ଦୁଇ ପାଦ ପଛକୁ ଯିବ। ନିର୍ବାଚନ ପୂର୍ବରୁ ଭାଜପା ପକ୍ଷରୁ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା ଏହି ୧୦୦ ଦିନରେ ବିଫଳତା ଅଧିକା ବୋଲି କହି ସେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି।

ସେ କହିଛନ୍ତି, ଗତ ନିର୍ବାଚନରେ ଭାଜପା ତା'ର ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା ଯେ, ବାର୍ଦ୍ଧକ୍ୟ ଭତ୍ତା ୩୦୦୦ ଟଙ୍କାକୁ ବୃଦ୍ଧି କରିବ କିନ୍ତୁ ରାଜ୍ୟ ବଜେଟରେ କେବଳ ୮୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଓ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ମାସିକ ଭତ୍ତାକୁ ୩୫୦୦ ଟଙ୍କାକୁ ବୃଦ୍ଧି କରା ଯାଇଛି। ତେଣୁ ରାଜ୍ୟର ୮୦ ଭାଗ ଭତ୍ତାଧାରୀ ରାଜ୍ୟ ସରକାରଙ୍କ ପ୍ରବଞ୍ଚନାର ଶିକାର ହୋଇଛନ୍ତି। ଓଡ଼ିଆ ଅସ୍ମିତାର ନାରା ଦେଇ ସରକାରକୁ ଆସିଥିବା ଭାଜପା ରାଜ୍ୟରେ ଓଡ଼ିଆଙ୍କୁ ନ୍ୟାୟ ଦେବାରେ ବିଫଳ ହେଉଛି। ରାଜ୍ୟପାଳଙ୍କ ପୁଅ ଦ୍ୱାରା ଜଣେ ଓଡ଼ିଆ ଅଧିକାରୀଙ୍କ ଉପରେ ଆକ୍ରମଣ ଘଟଣାଟି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିଲେ ହେଁ ରାଜ୍ୟ ସରକାର ଏଥିରେ ନ୍ୟାୟ ପ୍ରଦାନ ଦୂରେ ଥାଉ, ସାମାନ୍ୟ ମାମଲାଟିଏ ମଧ୍ୟ କରିପାରିଲେ ନାହିଁ । ଚିକିଟି ମଦମୃତ୍ୟୁ ଘଟଣାରେ ପାଞ୍ଚ ଜଣଙ୍କ ଜୀବନ ଯାଇଥିଲା, ଯାହା ରାଜ୍ୟ ସରକାରଙ୍କ ଆଉ ଏକ ବିଫଳତା। ସରକାର ସୁଭଦ୍ରା ଯୋଜନା ଉପରେ ବାହୁସ୍ଫୋଟ ମାରୁଥିଲେ ହେଁ ବାସ୍ତବପକ୍ଷେ ଏଥିରେ ରାଜ୍ୟର ମହିଳାମାନଙ୍କୁ ପ୍ରତାରଣା କରିଛନ୍ତି।

## ଦଳର ସାଧାରଣ କାର୍ଯ୍ୟକର୍ତ୍ତା ଭାବେ କାମ କରିବି: ସୁଜିତ୍



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ସୁଜିତ୍ କୁମାରଙ୍କୁ ସ୍ୱାଗତ କରାଯାଉଛି।

ଭୁବନେଶ୍ୱର, ୧୮।୯(ସୁନିତ୍ ମିଶ୍ର)

କିଛିଦିନ ତଳେ ବିଜେଡି ଛାଡି ଭାଜପାରେ ସାମିଲ ହୋଇଥିବା ପୂର୍ବତନ ରାଜ୍ୟ ସଭା ସଦସ୍ୟ ସୁଜିତ୍ କୁମାର ବୁଧବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ବିଧାୟକ ବାବୁ ସିଂହ, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ଶତପଥୀ, ଯତୀନ ମହାନ୍ତି ପ୍ରମୁଖ ସୁଜିତ୍ କୁମାରଙ୍କୁ ସ୍ୱାଗତ ଜଣାଇଛନ୍ତି। ମନମୋହନ କହିଛନ୍ତି, ସୁଜିତ୍ କୁମାର ରାଜ୍ୟ ସଭାରେ ଓଡ଼ିଶାର ପ୍ରତିନିଧିତ୍ୱ କରିଥିବା ଜଣେ ପ୍ରତିଭାବାନ୍ ଓ କର୍ମଠ ବ୍ୟକ୍ତି। ସୁଜିତ୍ କୁମାର କହିଛନ୍ତି, ବିକଶିତ ଓଡ଼ିଶା ଏବଂ ବିଶେଷ ଭାବେ କଳାହାଣ୍ଡି ଜିଲାର ସାମଗ୍ରିକ ବିକାଶ ମୋର ପ୍ରାଥମିକତା। ରାଜ୍ୟବାସୀଙ୍କ ସେବା ପାଇଁ ସୁଯୋଗ ଦେଇଥିବାରୁ ଭାଜପାକୁ ଧନ୍ୟବାଦ ଦେବା ସହ ଓଡ଼ିଶାର ପ୍ରଗତି ପାଇଁ ଦଳର ସାଧାରଣ କାର୍ଯ୍ୟକର୍ତ୍ତା ଭାବେ କାମ କରିବି ବୋଲି ସେ କହିଛନ୍ତି।

## ମୁଖ୍ୟ ପ୍ରସଙ୍ଗରୁ ନଜର ହଟାଇବାକୁ ରାଜ୍ୟ ସରକାରଙ୍କ ପ୍ରୟାସ: କଂଗ୍ରେସ

### ରାହୁଲଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ପ୍ରତିବାଦରେ ଆଜି କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର,୧୮।୯(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ଗସ୍ତ ଓ ୧୦୦ ଦିନ ଅବଧିର ମୋହନ ସରକାର ରାଜ୍ୟବାସୀଙ୍କ ପ୍ରତି କେବଳ ଧୋକା । ପ୍ରଧାନମନ୍ତ୍ରୀ ତାଙ୍କ ଜନ୍ମଦିନ ପାଳନ କରିବାକୁ ଓଡ଼ିଶା ଆସିବାରେ ରାଜ୍ୟ ରାଜକୋଷରୁ ବହୁ କୋଟି ଟଙ୍କା ବ୍ୟୟ କରାଯାଇଛି। ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତିକୁ ପୂରା ନ କରି ମୁଖ୍ୟ ପ୍ରସଙ୍ଗରୁ ରାଜ୍ୟବାସୀଙ୍କ ନଜର ହଟାଇବା ଓ ସୁଭଦ୍ରା ଯୋଜନାରେ ୫୦ ଭାଗରୁ ଅଧିକ ମହିଳାଙ୍କୁ ବଞ୍ଚିତ କରିବା ଭଳି ଅନ୍ୟାୟକୁ ରାଜ୍ୟବାସୀ ଗ୍ରହଣ କରିବେ ନାହିଁ। ବର୍ଷକୁ ୧୦ ହଜାର, ମାସିକ ୮୩୩ ଟଙ୍କାରେ ମହିଳାମାନେ କି ଉଦ୍ୟୋଗୀ ହେବେ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ଷ୍ଟିୟରିଂ କମିଟି ସଦସ୍ୟ ବିଶ୍ୱରଞ୍ଜନ ମହାନ୍ତି ପ୍ରଶ୍ନ କରିଛନ୍ତି।

କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଶ୍ୱରଞ୍ଜନ କହିଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟକୁ ୩୪ ଲକ୍ଷ ପକ୍କାଘରର ଆବଶ୍ୟକତା ଥିଲା। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ ଲକ୍ଷ ୭୫ ହଜାର ହିତାଧିକାରୀ ପକ୍କାଘର ପାଇଥିବା ବେଳେ ଅବଶିଷ୍ଟ ୫୦% ହିତାଧିକାରୀ ଏପର୍ଯ୍ୟନ୍ତ ଆବାସ ପାଇବାରୁ ବଞ୍ଚିତ ଅଛନ୍ତି। ଡବଲ ଇଞ୍ଜିନ ସରକାର ଆସିବା ପରେ ଆଳୁ, ପିଆଜ, ଖାଇବା ତେଲ ସମେତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ମାତ୍ରାଧିକ ବୃଦ୍ଧି ପାଇଛି। ରାଜ୍ୟରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଶିକ୍ଷିତ ବେକାର ଯୁବତୀଯୁବକ କର୍ମ ନିୟୋଜନ କାର୍ଯ୍ୟାଳୟରେ ପଞ୍ଜୀକୃତ ହୋଇ ଚାକିରି ଅନ୍ୱେଷଣରେ ସରକାରଙ୍କ ପାଖରେ ଗୁହାରି କରୁଛନ୍ତି। ଅନ୍ୟପକ୍ଷେ ଅନେକ ଲକ୍ଷ ଯୁବକ ରାଜ୍ୟ ବାହାରକୁ ଦାଦନ ଖଟିବା ପାଇଁ ଯାଉଛନ୍ତି। ଏ ସମସ୍ତ ପ୍ରଶ୍ନର ଉତ୍ତର ଦେବା ବଦଳରେ ପ୍ରଧାନମନ୍ତ୍ରୀ ଚୁପ୍ ରହିବା ରାଜ୍ୟବାସୀଙ୍କୁ ନିରାଶ କରିଛି। ଏଭଳି ସ୍ଥିତିରେ ଲୋକ ସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ପ୍ରତି ଭାଜପା ଓ ତା'ର ସହଯୋଗୀ ଦଳର ନେତାମାନେ ଆପତ୍ତିଜନକ ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ। ଯେଉଁମାନେ ରାହୁଲ ଗାନ୍ଧୀଙ୍କ ବିଷୟରେ ଆପତ୍ତିଜନକ ମନ୍ତବ୍ୟ ରଖିଛନ୍ତି ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବିରେ ଗୁରୁବାର କଂଗ୍ରେସ ପକ୍ଷରୁ ଭୁବନେଶ୍ୱରସ୍ଥିତ ଖାରବେଳନଗର ଥାନାରେ ଏତଲା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ବିଶ୍ୱରଞ୍ଜନ କହିଛନ୍ତି।



ବିଶ୍ୱରଞ୍ଜନ ମହାନ୍ତି

## ଚମ୍ପୁଆ ବିଧାୟକଙ୍କ ବିରୋଧରେ ଆବେଦନ ଖାରଜ

### ନିର୍ବାଚନ ଅନିୟମିତତା ମାମଲା

କଟକ,୧୮।୯ (କାର୍ତ୍ତିକ ସାହୁ)

କେନ୍ଦୁଝର ଜିଲା ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କ ବିରୋଧରେ ଆଗତ ନିର୍ବାଚନ ଅନିୟମିତତା ଆବେଦନ ହାଇକୋର୍ଟରେ ବୁଧବାର ଖାରଜ ହୋଇଛି। ଏହି ଆବେଦନ ଧାର୍ଯ୍ୟ ସମୟ ଅତିକ୍ରାନ୍ତ ପରେ ଦାଏର ହୋଇଥିବାରୁ ହାଇକୋର୍ଟ ତାହାକୁ ଖାରଜ କରିଛନ୍ତି।

ସୂଚନା ଅନୁଯାୟୀ, ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଭାବେ ବିଧାୟକ ସନାତନ ମହାକୁଡ଼ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ମୁରଲୀ ମନୋହର ଶର୍ମାଙ୍କୁ ପରାସ୍ତ କରିଥିଲେ। ବିଧାୟକ ମହାକୁଡ଼ ନିର୍ବାଚନ ପ୍ରାର୍ଥୀପତ୍ର ଦାଖଲବେଳେ ପ୍ରଦାନ କରିଥିବା ସତ୍ୟପାଠରେ ଅନିୟମିତତା କରିଥିବା ନେଇ ଅନ୍ୟଜଣେ ପରାଜିତ ପ୍ରାର୍ଥୀ ଗୁରୁବକ୍ସ ସିଂହ ଆଲୁୱାଲିଆ ହାଇକୋର୍ଟରେ ଆବେଦନ କରିଥିଲେ। ଆବେଦନକୁ ବିଚାର ପାଇଁ ଗ୍ରହଣ ସହ ବିଧାୟକଙ୍କ ବିଜୟକୁ ଅସିଦ୍ଧ ଘୋଷଣା ପାଇଁ ସେ ଆବେଦନରେ ଦର୍ଶାଇଥିଲେ। ହେଲେ ନିର୍ବାଚନୀ ମାମଲା ଦାଏର ପାଇଁ ଧାର୍ଯ୍ୟ ସମୟଠାରୁ ୧୧ ଦିନ ଅତିକ୍ରାନ୍ତ ହୋଇସାରିଥିବାରୁ ହାଇକୋର୍ଟ ଏହାକୁ ଖାରଜ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଇସରା ବାଜେ ସେ**
**କବାଟ ହୁଅଇ କେଁ**
**କବାଟ କଣରେ ଡାକଇ ଗୋରୀ**
**ପାନ ଖଣ୍ଡେ ନେ ନେ ।**

ବ୍ୟକ୍ତି ନିଜ ମନର ଭାବ ବ୍ୟକ୍ତକରିବାକୁ ଭିନ୍ନ ଭିନ୍ନ ତରିକା ଆପଣେଇ ନେଉଥିବାର ଦେଖିବାକୁମିଳିଥାଏ। ଏପରିସ୍ଥିଳେ ଗୌରବର୍ଣ୍ଣା ତରୁଣୀ କବାଟକଣରେ ମୁହଁଲୁଚାଇ ପାନ ଜରିଆରେ ନିଜ ମନର ଭାବ ଜାହିର କରିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଇଟା ମାଟି ଦୁକୁଦୁକୁ**
**କିଏ ନେଇଗଲା ସୁନା ଫୁଲକୁ ଗୋ**
**ତଳମାଳ ରାଇଜକୁ ?**

ଅତି ଅଲିଅଳରେ ବଢ଼ି ଆସିଥିବା ଝିଅଟି ଦୂର ବା ଦୁର୍ଗମ ଅଞ୍ଚଳରେ ଥିବା ଶାଶୁଘରକୁ ବିଭାହୋଇ ଚାଲିଗଲେ ମା' ମନ ଥୟ ଧରିପାରି ନଥାଏ। ଝିଅର ବିଚ୍ଛେଦଜନିତ ଦୁଃଖରେ ଭାଙ୍ଗିପଡ଼ିବା ସହ ମନ ବିଳାପ କରି ଉଠିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ସରପଞ୍ଚଙ୍କ ଶୋଭାଯାତ୍ରା

### ଆସିକା ବିଧାୟକଙ୍କ ବିବାଦୀୟ ମନ୍ତବ୍ୟର ପ୍ରତିବାଦ




ଆସିକା ସହରରେ ସରପଞ୍ଚମାନେ ପ୍ରତିବାଦ ଶୋଭାଯାତ୍ରା କରୁଛନ୍ତି।

ଆସିକା,୧୮।୯(ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ବିଧାୟକ ସରୋଜ ପାଢୀ ସରପଞ୍ଚମାନଙ୍କ ବିରୋଧରେ ଭୁବନେଶ୍ୱରଠାରେ ଏକ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଏହାର ପ୍ରତିବାଦରେ ଗଞ୍ଜାମ ଜିଲା ସରପଞ୍ଚ ମହାସଂଘ ପକ୍ଷରୁ ବୁଧବାର ଆସିକା ସହରରେ ପ୍ରତିବାଦ ଶୋଭାଯାତ୍ରା କରାଯିବା ସହ ତହସିଲ କାର୍ଯ୍ୟାଳୟ ନିକଟରେ ବିଧାୟକ ପାଢୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା । ପରେ ଆସିକା ତହସିଲ କାର୍ଯ୍ୟାଳୟରେ ଉପସ୍ଥିତ ଭଞ୍ଜନଗର ଉପଜିଲାପାଳ ଅନିଲ କୁମାର ସେଠୀଙ୍କୁ ରାଷ୍ଟ୍ରପତି, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବିଧାୟକଙ୍କ ମନ୍ତବ୍ୟ ସରପଞ୍ଚମାନଙ୍କ ସମ୍ମାନ ହାନି କରିଥିବାରୁ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସରପଞ୍ଚ ସଂଘ ପକ୍ଷରୁ ଦାବି କରାଯାଇଛି। ଯଦି ବିଧାୟକ କ୍ଷମା ପ୍ରାର୍ଥନା ନ କରନ୍ତି, ତେବେ ରାଜ୍ୟ ସରପଞ୍ଚ ମହାସଂଘ ପକ୍ଷରୁ ଭୁବନେଶ୍ୱରଠାରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

ସରପଞ୍ଚମାନଙ୍କ ଶୋଭାଯାତ୍ରା ଆସିକା ବସଷ୍ଟାଣ୍ଡରୁ ବାହାରି ସହର ପରିକ୍ରମା କରି ତହସିଲ ନିକଟରେ ପହଞ୍ଚିଥିଲା । ତେବେ ରାସ୍ତାରେ ପୋଲିସ ଶୋଭାଯାତ୍ରା ଅନୁମତି ନ ଥାଇ ଡାକବାଜି ଯନ୍ତ୍ର ଲଗାଯାଇଥିବା ଏକ ଗାଡି ଜବତ କରିଥିଲା । ଏହାକୁ ନେଇ କିଛି ସମୟ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଦକ୍ଷିଣାଞ୍ଚଳ ଜୋନ ସରପଞ୍ଚ ସଂଘ ସଭାପତି ଭବାନୀ ଶଙ୍କର ମଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ବୀରବର ସାହୁ, ଗଞ୍ଜାମ ଜିଲା ସଭାପତି ମନୋରଞ୍ଜନ ଗୌଡ, ରାଜ୍ୟ ସଂଘ ସଂପାଦକ ତପନ କୁମାର ଚକ୍ରବର୍ତ୍ତୀ, ରାଜ୍ୟ ସଂଘ ଉପଦେଷ୍ଟା ଶ୍ରୀସା ରଞ୍ଜନ ମିଶ୍ରଙ୍କ ସମେତ ପୁରୀ, ଦେବଗଡ, କଳାହାଣ୍ଡି, ଗଜପତି, ବଲାଙ୍ଗୀର ଆଦି ଜିଲାର ସରପଞ୍ଚ ସଂଘ କାର୍ଯ୍ୟକର୍ତ୍ତା ଓ ଗଞ୍ଜାମ ଜିଲାର ବହୁ ସରପଞ୍ଚ ସାମିଲ ହୋଇଥିଲେ ।

ଅପରପକ୍ଷେ ଏହି ପ୍ରତିବାଦ ସମ୍ପର୍କରେ ଆସିକା ବିଧାୟକ ପାଢୀଙ୍କୁ ପଚାରିବାରୁ ସେ କହିଥିଲେ, ବିଭିନ୍ନ ପଞ୍ଚାୟତର ଜନସାଧାରଣ ମୋ ନିକଟରେ କରିଥିବା ଅଭିଯୋଗକୁ ଭିତ୍ତିକରି ମନ୍ତବ୍ୟ ଦେଇଥିଲି। ଆଗକୁ ବିଭିନ୍ନ ପଞ୍ଚାୟତର ହଜାର ହଜାର ଜନସାଧାରଣ ଆସିକା ବିଡିଓଙ୍କ ନିକଟରେ ସେମାନଙ୍କ ପଞ୍ଚାୟତରେ ହୋଇଥିବା ଉନ୍ନୟନ ମୂଳକ କାର୍ଯ୍ୟର ତଦନ୍ତ ଲାଗି ଦାବି କରିବେ। ମୁଁ ବି ବିଭିନ୍ନ ପଞ୍ଚାୟତ ବୁଲି ଏହି କାର୍ଯ୍ୟର ସମୀକ୍ଷା କରିବି । ଯଦି କେଉଁଠି ସରପଞ୍ଚ ଦୁର୍ନୀତିରେ ସଂପୃକ୍ତ ନ ଥିବେ ତେବେ ନିଶ୍ଚିତ ଭୁଲ ମାଗିବି ବୋଲି ବିଧାୟକ କହିଛନ୍ତି। ସୂଚନାଯୋଗ୍ୟ, କିଛିଦିନ ତଳେ ବିଧାୟକ ପାଢୀ ଗଣମାଧ୍ୟମ ଆଗରେ ରାଜ୍ୟର ବିଜେଡି ସରକାର ଅମଳରେ ସରପଞ୍ଚମାନେ ପଞ୍ଚାୟତକୁ ଉନ୍ନୟନ କାର୍ଯ୍ୟ ଲାଗି ଆସିଥିବା ବିପୁଳ ଅର୍ଥ ଲୁଟି ନେଇଥିବା କହିଥିଲେ। ଏହାର ତଦନ୍ତ କଲେ ଶହେରୁ ଶହେ ସରପଞ୍ଚ ଜେଲ ଯିବେ ବୋଲି ମନ୍ତବ୍ୟ ଦେଇଥିଲେ ।

## ପାଟକୁରା ବିଜେଡିରେ ସଙ୍କଟ

### ଜିଲା ଉପସଭାପତିଙ୍କ ସମେତ ଡେରାବିଶ ବ୍ଲକ ବିଜେଡିର ବହୁ କର୍ମକର୍ତ୍ତା ପଦ ଛାଡ଼ିଲେ

ଡେରାବିଶ,୧୮।୯(ବେବର୍ତ୍ତା ଅଜୟ ଦାସ)

ଗତ ନିର୍ବାଚନରେ ବିଜେଡି ବିଧାୟକ ଭାବେ ଅରବିନ୍ଦ ମହାପାତ୍ର ଜିତିବାର ୩ ମାସ ନ ବିତୁଣୁ ପ୍ରଥମେ ଡେରାବିଶ ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ ନିଜ ପଦରୁ ଇସ୍ତଫା ଦେଇଥିଲେ। ବୁଧବାର ବ୍ଲକ ବିଜେଡିର ପ୍ରମୁଖ ନେତା ପୂର୍ବତନ ସମିତି ସଭ୍ୟ ତଥା ଜିଲା ଉପସଭାପତି ଶ୍ରୀମନ୍ତ ରାଉତରାୟ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ସେ ଇସ୍ତଫା ପତ୍ର ବୁଧବାର ଜିଲା ସଭାପତିଙ୍କ ସମେତ ରାଜ୍ୟ ସଭାପତି ଓ ଅନ୍ୟ ରାଜ୍ୟସ୍ତରୀୟ ନେତୃତ୍ୱଙ୍କ ପାଖକୁ ପଠାଇଛନ୍ତି। ଶ୍ରୀମନ୍ତଙ୍କ ସହ ଜିଲା ମହିଳା ବିଜେଡି ଉପସଭାନେତ୍ରୀ ନମିତା ସାହୁ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ତୃପ୍ତିମୟୀ କର, ବ୍ଲକ ଯୁବ ବିଜେଡି ସଭାପତି ଗୋଲଖ ସାହୁଙ୍କସହ ଅନ୍ୟ ୮ଜଣ ଦଳୀୟ କର୍ମକର୍ତ୍ତା ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି।

ଏହି ପରିପ୍ରେକ୍ଷୀରେ ବୁଧବାର ଡେରାବିଶ ବ୍ଲକର ଛତାଠାରେ ଏକ ଖବରଦାତା ସମ୍ମିଳନୀ ବରିଷ୍ଠ ନେତା ମନିନ୍ଦ୍ର ପ୍ରସାଦ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଶ୍ରୀମନ୍ତ ପାଟକୁରା ବିଧାୟକଙ୍କ ବିରୋଧରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେ କହିଛନ୍ତି, ବିଗତ ନିର୍ବାଚନରେ ଡେରାବିଶ ବ୍ଲକ ବ୍ଲକ ଅଧୀନ ୨୬ ପଞ୍ଚାୟତରେ ବିଜେଡି ସର୍ବାଧିକ ଭୋଟ ଅକ୍ତିଆର କରିଥିଲା। ମାତ୍ର ଏବର୍ଷ ନିର୍ବାଚନରେ ପରିଚାଳନାଗତ ତ୍ରୁଟି ପାଇଁ ଭୋଟ ହାର ବହୁ କମିଯାଇଥିଲା। ଦୀର୍ଘ ୨୬ ବର୍ଷ ହେବ ଦଳୀୟ ସଙ୍ଗଠନକୁ କର୍ମୀମାନେ ଦୃଢ଼ କରି ରଖିଥିବା ବେଳେ ଗତ ନିର୍ବାଚନରେ ଦଳୀୟ ସଭାପତିଙ୍କ ନିଷ୍ପତ୍ତି ଅନୁଯାୟୀ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ମହାପାତ୍ର ଦଳୀୟ ପ୍ରାର୍ଥୀ ହୋଇଥିଲେ। ଅରବିନ୍ଦଙ୍କୁ ବହୁ ମତରେ ନିର୍ବାଚିତ କରିବା ପାଇଁ ଆମ୍ଭେମାନେ ପ୍ରାଣପଣେ ଉଦ୍ୟମ କରିଥିଲୁ । ହେଲେ ଭାଜପା ଛାଡି ବିଜେଡିରେ ଯୋଗ ଦେଇଥିବା ବିଜୟ ବାବୁଙ୍କ ସମର୍ଥକଙ୍କ ଅନ୍ତର୍ଘାତୀ କାର୍ଯ୍ୟ ଯୋଗୁ ଦଳର ଏଭଳି ବିପର୍ଯ୍ୟୟ ହେଲା ସେ ବୋଲି କହିଛନ୍ତି ।

ଅନ୍ୟପକ୍ଷେ ମନିନ୍ଦ୍ର, ମହିଳାନେତ୍ରୀ ତୃପ୍ତିମୟୀ ଓ ନମିତା ଅନୁରୂପ ଭାବେ ବିଧାୟକଙ୍କ ବିରୋଧରେ ନାନା ଅଭିଯୋଗ ଆଣିଥିଲେ। ନିର୍ବାଚନ ପରେ ବିଧାୟକଙ୍କ ଅସହଯୋଗ ଓ ଦଳର ବରିଷ୍ଠ କର୍ମୀଙ୍କୁ ଅଣଦେଖା ଦଳ ପାଇଁ ସଙ୍କଟ ସୃଷ୍ଟି କରିଥିବା ସେମାନେ ଅଭିଯୋଗ କରିଛନ୍ତି। ବିଗତ ନିର୍ବାଚନରେ ବିଜେଡି ବିରୋଧରେ କାମ କରୁଥିବା ବିଜୟ ବାବୁଙ୍କ ସମର୍ଥକମାନେ ବର୍ତ୍ତମାନ ଦଳର ମୁଣ୍ଡିଆଳ ସାଜିଛନ୍ତି, ଯାହାକି ଦଳ ପାଇଁ ବିପଦ ସୃଷ୍ଟି କରିଛି। ତେଣୁ ଦଳୀୟ ପଦ ପଦବୀରେ ରହିବା ଆଉ ଆବଶ୍ୟକ ମନେ କରୁନାହୁଁ, ସେଥିପାଇଁ ଦଳୀୟ ପଦବୀରୁ ଆମେ ଇସ୍ତଫା ଦେଇଛୁ ବୋଲି ସେମାନେ କହିଛନ୍ତି । ପଦବୀରୁ ଇସ୍ତଫା ଦେଇଥିବା କର୍ମକର୍ତ୍ତାମାନେ ଦଳ ଛାଡିବେ କି ବୋଲି ପ୍ରଶ୍ନ କରିବାରୁ ଦଳର ଶୃଙ୍ଖଳିତ କର୍ମୀ ଭାବେ କାମ କରିବେ ବୋଲି ସେମାନେ ମତବ୍ୟକ୍ତ କରିଥିଲେ।

ଏ ସଂକ୍ରାନ୍ତରେ ବିଧାୟକ ମହାପାତ୍ରଙ୍କୁ ପଚାରିବାରୁ ଦଳୀୟ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ନେଇ କାମ କରାଯାଉଛି । ହେଲେ ଆଜି କିଏ ଇସ୍ତଫା ଦେଇଛନ୍ତି ତାଙ୍କ ପାଖରେ କୌଣସି ଖବର ନାହିଁ ବୋଲି ସେ କହିଛନ୍ତି ।

## ଗୌତମଙ୍କୁ ଗିରଫ ଦାବିରେ ଧାରଣା

### ଜୟପୁର ବିଡିଓଙ୍କୁ ଧମକ ଅଭିଯୋଗ

- ପ୍ରଶାସନିକ ଅଧିକାରୀଙ୍କୁ ଭାଜପା ନେତାଙ୍କ ଧମକକୁ ନିନ୍ଦାକଲେ ତାରା
- ବିଧାୟକଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ କଲା ଭାଜପା

ଜୟପୁର ୧୮।୯ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ୍ ସଭାଗୃହରେ ବୁଧବାର ବିଡିଓ ଶକ୍ତି ମହାପାତ୍ରଙ୍କ ସଭାପିତିତ୍ୱରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ସମସ୍ତ ସରପଞ୍ଚ, ସମିତି ସଭ୍ୟଙ୍କୁ ସ୍ୱାଗତ ଜଣାଇଥିଲେ । ତା' ପୂର୍ବରୁ ଜୟପୁର ବ୍ଲକ୍‌ର ସମସ୍ତ ସରପଞ୍ଚ, ସମିତିସଭ୍ୟ, ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କ ସମେତ ଜିଲା ପରିଷଦ ସଭ୍ୟମାନେ ତୁରନ୍ତ ଭାଜପା ନେତା ଗୌତମ ସାମନ୍ତରାୟଙ୍କୁ ଗିରଫ କରାଯାଉ ବୋଲି ଦାବିକରି ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ପାଖରେ ଧାରଣା ଦେଇଥିଲେ। ଧାରଣାସ୍ଥଳରେ ବିଧାୟକ ପହଞ୍ଚି ପଞ୍ଚାୟତ ପ୍ରତିନିଧିଙ୍କୁ ସମିତି ବୈଠକରେ ଯୋଗଦେବାକୁ ଅନୁରୋଧ କରିବାପରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏପରିକି ବୈଠକରେ ମଧ୍ୟ ଭାଜପା ନେତା ସାମନ୍ତରାୟଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ରିଜଲ୍ୟୁଶନ ପାସ୍ କରିଥିଲେ।

ସମସ୍ତେ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ବିକାଶ କ୍ଷେତ୍ରରେ ସାମିଲହେବାକୁ ତାରା ଆହ୍ୱାନ ଦେଇଥିଲେ । ଆସନ୍ତା ବର୍ଷ ରାଜ୍ୟରେ ଜୟପୁର ବ୍ଲକ ଯେପରି ପ୍ରଥମ ହେବ ସେଥିପ୍ରତି ଆମେ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବା ବୋଲି ସେ କହିଥିଲେ। ଏଥିସହ ମଙ୍ଗଳବାର ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ସୁଭଦ୍ରା ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମରେ ଭାଜପା ନେତା ଗୌତମ ସାମନ୍ତରାୟ ବିଡିଓ ଏବଂ ପୌର ନିବାହୀ ଅଧିକାରୀଙ୍କୁ ଧମକଦେବା ଘଟଣାକୁ ବିଧାୟକ ବାହିନୀପତି ନିନ୍ଦା କରିଛନ୍ତି। ବୈଠକରେ ବ୍ଲକ୍ ଅଧ୍ୟକ୍ଷା ତିଳୋତ୍ତମା ମୁଦୁଲି, ଉପାଧ୍ୟକ୍ଷ ଗଣେଶ ପାଢ଼ୀଙ୍କ ସମେତ ୨୨ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁଭଦ୍ରା ଯୋଜନାର ମଙ୍ଗଳବାର ଶୁଭାରମ୍ଭ କରିଥିଲେ। ସେହି କ୍ରମରେ ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକମରେ ଭାଜପା-କଂଗ୍ରେସ କର୍ମୀ ମୁହାଁମୁହିଁ ହୋଇଥିଲେ। ଏହାକୁ ନେଇ ଏବେ ଘଟଣା ଥାନାରେ ପହଞ୍ଚିଛି। ମଙ୍ଗଳବାର ଜୟପୁର ବିଡିଓ ଶକ୍ତିପ୍ରସାଦ ମହାପାତ୍ର ଓ ବ୍ଲକ କର୍ମଚାରୀ ପ୍ରଥମେ ଜିଲାପାଳଙ୍କ ପାଖରେ ଅଭିଯୋଗ କରିଥିଲେ। ପରେ ଭାଜପା ନେତା ଗୌତମଙ୍କ ବିରୋଧରେ ବିଡିଓ ମହାପାତ୍ର ଜୟପୁର ଟାଉନ ଥାନାରେ ଏତଲା ଦେଇଥିଲେ। ଏ ନେଇ ମାମଲା ରୁଜୁହୋଇଛି । ଅପରପକ୍ଷେ ସୁଭଦ୍ରା ଯୋଜନା କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିବା ବିଧାୟକ ତାରାପ୍ରସାଦ ବାହିନୀପତି ସଭାମଞ୍ଚରେ ମହିଳା ହିତାଧିକାରୀଙ୍କୁ ବାଟବଣା କରିବା ସହ କଂଗ୍ରେସ କର୍ମୀମାନେ ଭାଜପା ମହିଳା କର୍ମକର୍ତ୍ତାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗକରି ମହିଳା ମୋର୍ଚ୍ଚା ଟାଉନ ସଭାନେତ୍ରୀ ଭବାନୀ ରେଡ୍ଡୀ ତାରାଙ୍କ ନାଁରେ ବୁଧବାର ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମସ୍ତ ଘଟଣାର ତଦନ୍ତ ଜାରି ରହିଛି ବୋଲି ଟାଉନ ଥାନା ଅଧିକାରୀ ରମଣୀରଞ୍ଜନ ଦଳେଇ କହିଛନ୍ତି।

# ଭାରତ-ବାଂଲାଦେଶ ଟେଷ୍ଟ ସିରିଜ ଆଜିଠାରୁ

**ଚେନ୍ନାଇ, ୧୮।୯ (ପି.ଟି.)**

ଭାରତ ଓ ବାଂଲାଦେଶ ମଧ୍ୟରେ ୨ ଟେଷ୍ଟ ବିଶିଷ୍ଟ ସିରିଜର ପ୍ରଥମ ମ୍ୟାଚ ଗୁରୁବାର ଏଠାରେ ଆରମ୍ଭ ହେବ। ବାଂଲାଦେଶ ଏହା ପୂର୍ବରୁ ଶକ୍ତିଶାଳୀ ପାକିସ୍ତାନ ବିପକ୍ଷରେ ୨-୦ରେ ସିରିଜ ବିଜୟୀ ହୋଇ ମନୋବଳ ଦୃଢ଼ କରିଛି। ସ୍ପିନରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ବାଂଲାଦେଶ ପାକିସ୍ତାନ ବିପକ୍ଷ ସିରିଜକୁ କ୍ଲିନ୍ ସୁଇପ୍ କରିଥିଲା। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଦୃଷ୍ଟିରୁ ଭାରତ ପାଇଁ ବାଂଲାଦେଶ ବିପକ୍ଷ ସିରିଜ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହି ସିରିଜରେ ମଧ୍ୟ ସ୍ପିନରମାନେ ମୁଖ୍ୟ ଭୂମିକା ନେବେ ବୋଲି ଆଶା କରାଯାଉଛି।

ଗତ ଏକ ଦଶନ୍ଧି ମଧ୍ୟରେ ଘରୋଇ ପରିବେଶରେ ଭାରତର ବିଜୟ-ପରାଜୟ ରେକର୍ଡ ୪୦-୪ ରହିଛି। ତାରକା ବ୍ୟାଟର ବିରାଟ କୋହଲିଙ୍କ ପରି ଖେଳାଳିଙ୍କ ଉପସ୍ଥିତି ଯୋଗୁ ଏହା ସମ୍ଭବ ହୋଇପାରିଛି। ୨୦୧୫ଠାରୁ କୋହଲି ସ୍ଥିର ପ୍ରଦର୍ଶନ ଦେଇ ଆସୁଛନ୍ତି। ପ୍ରାୟ ସବୁ ଦଳ ବିପକ୍ଷରେ ସେ ଭଲ ଖେଳି ଆସୁଛନ୍ତି। ମାତ୍ର ୨୦୨୧ଠାରୁ ସ୍ପିନ୍ ବୋଲିଂ ବିପକ୍ଷରେ ତାଙ୍କ ପ୍ରଦର୍ଶନ ସେତେ ଭଲ ରହିନାହିଁ। ୧୫ ଟେଷ୍ଟରେ ଆଭରେଜ ମାତ୍ର ୩୦ ରହିଛି। ଅଧିନାୟକ ରୋହିତ ଶର୍ମାଙ୍କ ପ୍ରଦର୍ଶନ ମଧ୍ୟ ଭଲ ରହିଛି। ବିଶେଷ କରି ୨୦୧୭ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ସେ ଓପନରଭାବେ ପ୍ରମୋଶନ ପାଇବା ପରଠାରୁ ସ୍ପିନରଙ୍କ ବିପକ୍ଷରେ ତାଙ୍କ ଆଭରେଜ ୯୦ରୁ ଊର୍ଦ୍ଧ୍ୱ ରହିଛି। ମାତ୍ର ୨୦୨୧ଠାରୁ ଓଭରଅଲ୍ ତାଙ୍କର ପ୍ରଦର୍ଶନରେ ଅବନତି ଘଟିଛି। ୧୫ ମ୍ୟାଚରେ ତାଙ୍କ ଆଭରେଜ ୪୪ରେ ସୀମିତ ରହିଛି। ଅନ୍ୟତମ ନିର୍ଭରଯୋଗ୍ୟ ବ୍ୟାଟର ଲୋକେଶ ରାହୁଲ ମଧ୍ୟ ସ୍ପିନରଙ୍କ ବିପକ୍ଷରେ ଭଲ ଫର୍ମରେ ନାହାନ୍ତି। ଗତ ୩ ବର୍ଷ ମଧ୍ୟରେ ସେ ଘରୋଇ ପରିବେଶରେ ୫ଟି ଟେଷ୍ଟ ଖେଳିବାର ସୁଯୋଗ ପାଇଥିବାବେଳେ ଆଭରେଜ ମାତ୍ର ୨୩.୪୦ ରହିଛି। ତେଣୁ ସ୍ପିନରଙ୍କ ବିପକ୍ଷରେ ଭାରତୀୟ ବ୍ୟାଟରଙ୍କୁ ସତର୍କତାର ସହ ଖେଳିବାକୁ ପଡ଼ିବ।

ନିକଟରେ ଶ୍ରୀଲଙ୍କା ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜରେ ଭାରତୀୟ ବ୍ୟାଟରମାନେ ସ୍ପିନରଙ୍କୁ ଖେଳି ନ ପାରି ୦-୨ରେ ସିରିଜ ହାରିଥିଲେ। ଦଳରେ ଭଲ ଆଭରେଜ ରଖିଥିବା କେତେକ ଖେଳାଳି ମଧ୍ୟ ଅଛନ୍ତି। ରିଷଭ ପନ୍ତ ୫ ମ୍ୟାଚରେ ୭୦, ଶୁବମନ ଗିଲ୍ ୧୦ ମ୍ୟାଚରେ ୫୬ ଓ ଯଶସ୍ୱୀ ଜୟସ୍ୱାଲ ୫ ମ୍ୟାଚରେ ୧୧୫ ଆଭରେଜରେ ରନ ସଂଗ୍ରହ କରିଛନ୍ତି। ତେବେ ଜୟସ୍ୱାଲ ଓ ଗିଲ୍ ଚଳିତ ବର୍ଷ ପ୍ରାରମ୍ଭରେ ଇଂଲଣ୍ଡ ବିପକ୍ଷ ସିରିଜରେ ହିଁ ଭଲ ପ୍ରଦର୍ଶନ କରିଥିଲେ। ମାତ୍ର ଥ୍ରୀ ଲାୟନ୍ସ ଟିମ୍‌ରେ ଅଭିଜ୍ଞ ସ୍ପିନର ନ ଥିଲେ। ସେହି ତୁଳନାରେ ଦେଖିବାକୁ ଗଲେ ବାଂଲାଦେଶ ଦଳରେ ଅନେକ ଦକ୍ଷ ସ୍ପିନର ବାମହାତୀ ଶକିବ ଅଲ୍ ହାସନ, ତାଜିଉଲ ଇସଲାମ ଓ ଅଫ୍ ସ୍ପିନର ମେହିଦି ହାସନ ମିରାଜ ଆଦି ରହିଛନ୍ତି। ଏମାନେ ସେମାନଙ୍କ ଦିନରେ ଯେ କୌଣସି ପ୍ରତିଦ୍ୱନ୍ଦ୍ୱୀଙ୍କୁ କ୍ଷତି ପହଞ୍ଚାଇବାକୁ ସକ୍ଷମ।

ଭାରତୀୟ ବୋଲିଂ ବିଭାଗରେ ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ, ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବା ନିଶ୍ଚିତ। ଏମାନେ ଯେ କୌଣସି ପରିବେଶରେ ପ୍ରଭାବୀ ପ୍ରଦର୍ଶନ କରିବାକୁ ସକ୍ଷମ। ଏମଏ ଚିଦାମ୍ବରମ ଷ୍ଟାଡିୟମ ପିଚ୍‌କୁ ନିରୀକ୍ଷଣ ପରେ ଭାରତ ଆଉ ଜଣେ ପେସର ଆକାଶ ଦୀପ୍ କିମ୍ବା ଯଶ ଦୟାଲଙ୍କୁ ଖେଳାଇପାରେ। ତୃତୀୟ ସ୍ପିନର ଭାବେ କୁଲଦୀପ ଯାଦବଙ୍କୁ ମଧ୍ୟ ସୁଯୋଗ ମିଳିପାରେ।



ତିନି ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବ।




ଚେନ୍ନାଇରେ ବୁଧବାର ଭାରତୀୟ କ୍ରିକେଟ ଦଳର ନେଟ୍ସ ଅବସରରେ ଅଭ୍ୟାସରତ ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲି।

# ଫାଓ ଲିଗ୍: ସନ୍‌ରାଇଜ୍ କ୍ଲବ ଚାମ୍ପିୟନ




ଚାମ୍ପିୟନ ସନ୍‌ରାଇଜ୍ କ୍ଲବର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ। (ଫଟୋ: ରାଜକିଶୋର ମହାନ୍ତି)

**ଭୁବନେଶ୍ୱର, ୧୮।୯ (ସରୋଜ ଜେନା)**

ବାରବାଟୀ ଷ୍ଟାଡିୟମରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ପକ୍ଷରୁ ଅନୁଷ୍ଠିତ ଏମ୍‌ଜିଏମ୍ ଫାଓ ଲିଗ୍ ବୁଧବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ସନ୍‌ରାଇଜ୍ କ୍ଲବ ୧-୦ ଗୋଲରେ ରୋଭର୍ସ ଆଥଲେଟିକ୍ସ କ୍ଲବକୁ ପରାସ୍ତ କରିଥିଲା। ମ୍ୟାଚ୍‌ର ୩୦ ତମ ମିନିଟରେ ସନ୍‌ରାଇଜ୍ କ୍ଲବ ପକ୍ଷରୁ ଦୀନବନ୍ଧୁ ଦାସ ଏକମାତ୍ର ଗୋଲ ସ୍କୋର କରିଥିଲେ ଯାହା ଶେଷରେ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ କଟକ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାଓ ଉପ ସଭାପତି ବିଜୟ ଦାସ, ଦିଲ୍ଲୀପ ସାହୁ, ବୀରେନ୍ଦ୍ର କୁମାର ବେହେରା, ଶାହିଦ୍ ଜବ୍ବାର, ସହଦେବ ରାଉତ, ସମ୍ପାଦକ ଆଶୀର୍ବାଦ ବେହେରା, କୋଷାଧ୍ୟକ୍ଷ ଭକ୍ତ ବଲ୍ଲଭ ଦାସ, ଯୁଗ୍ମ ସମ୍ପାଦକ ଅଭିଜିତ୍ ପଲ୍ ଓ ବିଶ୍ୱରଞ୍ଜନ ଘଡେଇ ପ୍ରମୁଖ ଯୋଗ ଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

ଏମ୍‌ଜିଏମ୍ ଫାଓ ସୁପର କପ ୨୦୨୪ ଚାମ୍ପିୟନ ସନ୍‌ରାଇଜ୍ କ୍ଲବକୁ ୧ ଲକ୍ଷ ଓ ରନର ଅପ୍ ରୋଭର୍ସ ଆଥଲେଟିକ୍ କ୍ଲବକୁ ୫୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଏମ୍‌ଜିଏମ୍ ଫାଓ ଡାଇମଣ୍ଡ ଲିଗ୍ ଚାମ୍ପିୟନ ସନ୍‌ରାଇଜ୍ କ୍ଲବକୁ ୧ ଲକ୍ଷ ଟଙ୍କା ମିଳିଥିଲା। ସ୍ପୋର୍ଟ୍ସ ଓଡ଼ିଶାକୁ ଫେୟାର ପ୍ଲେ ଆୱାର୍ଡ ମିଳିଥିବା ବେଳେ ସନ୍‌ରାଇଜ୍ କ୍ଲବର ଅର୍ବିନ୍ ଲାକ୍ରାଙ୍କୁ ମିଳିଥିଲା ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ଟ୍ରଫି। ସନ୍‌ରାଇଜ୍ କ୍ଲବର ବିକି ତିର୍କି ଫାଇନାଲର ଶ୍ରେଷ୍ଠ ଗୋଲକିପର, ଦୀନବନ୍ଧୁ ଦାସ ପ୍ଲେୟର ଅଫ୍ ଦ ଫାଇନାଲ, ରୋଭର୍ସ କ୍ଲବର ସଞ୍ଜୀବ ଓରାମଙ୍କୁ ଶ୍ରେଷ୍ଠ ମିଡ ଫିଲ୍ଡର ଓ ଅବିନାଶ ମୁଦୁଲିଙ୍କୁ ଶ୍ରେଷ୍ଠ ଡିଫେଣ୍ଡର ଘୋଷଣା କରାଯାଇଥିଲା। ଏମ୍‌ଜିଏମ୍ ଫାଓ ଗୋଲ୍ଡ ଲିଗ୍ ଚାମ୍ପିୟନ କିଶୋର କ୍ଲବକୁ ୭୫ ହଜାର, ସିଲ୍‌ଭର ଲିଗ୍ ଚାମ୍ପିୟନ ଜୁନିୟର ଗାଲାଣ୍ଟ କ୍ଲବକୁ ୫୦ ହଜାର, ଦ୍ୱିତୀୟ ଡିଭିଜନ ଫାଓ ଲିଗ୍ ବିଜେତା ୟଙ୍ଗ ଆସୋସିଏସନ ଫୁଟବଲ କ୍ଲବକୁ ୨୫ ହଜାର ଓ ରନର ଅପ୍ ଉଦୟ କ୍ଲବକୁ ୧୫ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲ।

# ଗମ୍ଭୀର-ବିରାଟ ବିବାଦ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ

**ଚେନ୍ନାଇ, ୧୮।୯ (ପି.ଟି.)**

ଭାରତୀୟ ଦଳର ଷ୍ଟାର ବ୍ୟାଟର ବିରାଟ କୋହଲି ଓ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ମଧ୍ୟରେ ପଡିଆ ବାହାରେ ବିବାଦକୁ ନେଇ ସର୍ବଦା ଖବର ଦେଖିବାକୁ ମିଳିଥାଏ। ତେବେ ଉଭୟ ଖେଳାଳିଙ୍କ ସାକ୍ଷାତକାରର ଏକ ଭିଡିଓ ଆସିବା ସହିତ ଏହି ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡିଛି। ପୂର୍ବରୁ ଆଇପିଏଲ ସମୟରେ ଉଭୟ ଖେଳାଳିଙ୍କ ମଧ୍ୟରେ ବିବାଦ କାରଣରୁ ଭାରତୀୟ ଦଳରେ ଏହାର ପ୍ରଭାବ ଦେଖିବାକୁ ମିଳିବ। ତେବେ ସମସ୍ତଙ୍କୁ ଭୁଲ ପ୍ରମାଣିତ କରିଥିଲେ ଏହି ଦୁଇ କ୍ରିକେଟର। ବିରାଟ କୋହଲି ସାକ୍ଷାତକାର ନେବା ସହ ଏଠାରେ ଆମେ ସମସ୍ତ ମସଲା ଓ ରୋଚକ ଖବରରେ ପୂର୍ଣ୍ଣଚ୍ଛେଦ ପକାଇଲୁ ବୋଲି କହିଥିଲେ। ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ ପୂର୍ବରୁ ବିସିସିଆଇର ଅଫିସିଆଲ ଚ୍ୟାନେଲରେ ଏହି ଭିଡିଓଟି ରିଲିଜ ହୋଇଥିଲା। ଏହି ଆଲୋଚନାରେ ଉଭୟ ଖେଳାଳି ପରସ୍ପର ପ୍ରତି ଥିବା ସମ୍ମାନ, ଟେଷ୍ଟ କ୍ରିକେଟ ପ୍ରତି ରହିଥିବା ଭଲପାଇବା ଓ ଭାରତୀୟ କ୍ରିକେଟ ସମ୍ପର୍କରେ ଆଲୋଚନା କରିଥିଲେ।

ପ୍ରଥମେ ୨୦୧୧ ଦିନିକିଆ ବିଶ୍ୱକପ ଫାଇନାଲର ଏକ କ୍ଲିପ୍ ଚଲାଯାଇଥିଲା। ଯେଉଁଥିରେ ଗମ୍ଭୀର ଓ କୋହଲିଙ୍କ ମଧ୍ୟରେ ୮୩ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ଏହାପରେ କୋହଲି କହିଥିଲେ, ଆମେ ବହୁତ ଲମ୍ବା ରାସ୍ତା ଅତିକ୍ରମ କରି ଆସିଛେ। ଏକାଠି ଖେଳିବାଠୁ ଆରମ୍ଭ କରି ଗୋଟିଏ ଡ୍ରେସିଂ ରୁମ୍‌ର ଅଂଶ ରହି ଆସିଛେ। ସର୍ବଦା ଖେଳୁଆଡ ମନୋଭାବ ସହିତ ଆମେ ଏହା କରି ପାରିଛେ ବୋଲି ଗମ୍ଭୀର ଉତ୍ତରରେ କହିଥିଲେ। ଉଭୟ ଟେଷ୍ଟ କ୍ରିକେଟ ସମ୍ପର୍କରେ ଆଲେଚନା କରିବା ବେଳେ ଗମ୍ଭୀର ଟେଷ୍ଟ ଡେବ୍ୟୁକୁ ତାଙ୍କ କ୍ରିକେଟ କ୍ୟାରିୟରର ସ୍ମରଣୀୟ ମୁହୂର୍ତ୍ତ ଭାବରେ ବର୍ଣ୍ଣନା କରିଥିଲେ। ଆମେ କ୍ରିକେଟ କ୍ୟାରିୟର ଆରମ୍ଭ କରିବା ସମୟରେ ଟି୨୦ ଓ ଆଇପିଏଲ ନ ଥିଲା। ତେଣୁ ଟେଷ୍ଟ କ୍ରିକେଟରେ ଦେଶର ପ୍ରତିନିଧିତ୍ୱ କରିବା ଆମର ଏକମାତ୍ର ଲକ୍ଷ୍ୟ ରହିଥିଲା। ସେହିପରି ଗୋଟିଏ ଦେଶର ବାସ୍ତବ କ୍ରିକେଟ ଖେଳିବାର କ୍ଷମତା ଏହାର ଟେଷ୍ଟ ଖେଳିବାର ଦକ୍ଷତାରୁ ଅନୁମେୟ ବୋଲି ମଧ୍ୟ ଗମ୍ଭୀର କହିଥିଲେ। ସେହିପରି କୋହଲି ଟେଷ୍ଟ କ୍ରିକେଟରେ ଯେଉଁଭଳି ନିଜର ଏକ ସାମ୍ରାଜ୍ୟ ଛାଡି ଯାଇଛନ୍ତି ତାହା ସର୍ବଦା ମନେ ରହିବ ବୋଲି ଗମ୍ଭୀର କହିଥିଲେ। ମାତ୍ର ୨୫ ବର୍ଷ ବୟସରେ ଭାରତର ନେତୃତ୍ୱ ନେଇ ଭାରତର ସଫଳତମ ଟେଷ୍ଟ ଅଧିନାୟକ ହେବା ଆଦୌ ଛୋଟ କଥା ନୁହେଁ ବୋଲି କହିଥିଲେ ଗମ୍ଭୀର।

ଦିଲ୍ଲୀ ପାଇଁ ପ୍ରଥମ ଶ୍ରେଣୀ କ୍ରିକେଟ ଖେଳିବା ମୋର ଏକମାତ୍ର ଲକ୍ଷ୍ୟ ଥିଲା ବୋଲି କହିଥିଲେ କୋହଲି। ଏହା ସହିତ ବୁମ୍‌ରା ଓ ଅଶ୍ୱିନଙ୍କ ଭଳି ବିଶ୍ୱସ୍ତରୀୟ ବୋଲର ତିଆରି କରିବା ବର୍ତ୍ତମାନ ଏକ ବଡ ଚ୍ୟାଲେଞ୍ଜ ବୋଲି ଉଭୟ ସ୍ୱୀକାର କରିଥିଲେ। ଟି୨୦ ଯୁଗରେ ଯୁବ ଖେଳାଳିମାନେ ଦିନକୁ ୨୦ ଓଭର ବୋଲିଂ କରୁନାହାନ୍ତି, ଯାହାକି ଏକ ବଡ ସମସ୍ୟା। ସେହିପରି ଶେଷ ପ୍ରଶ୍ନରେ ପ୍ରତିପକ୍ଷ ଖେଳାଳିଙ୍କ ସହ ଝଗଡା ବିଷୟରେ କୋହଲି ପଚାରିଥିଲେ। ଏହାର ଉତ୍ତରରେ ଗମ୍ଭୀର ଥଟ୍ଟାରେ କହିଥିଲେ ତୁମର ଏଥିରେ ଅଧିକ ଅଭିଜ୍ଞତା ରହିଛି। ତୁମେ ମଧ୍ୟ ଉତ୍ତର ଦେଇ ପାରିବ। ଆମେ ଉଭୟ ଏକା ପ୍ରକାରର ବ୍ୟକ୍ତିତ୍ୱର ଅଧିକାରୀ। ବେଳେ ବେଳେ ଆମର ଆଲୋଚନା ମଧ୍ୟ ଝଗଡାର ରୂପ ନେଇ ପାରେ। ତେବେ ବିରାଟ ନିଜ ବ୍ୟକ୍ତିତ୍ୱରେ କୌଣସି ପରିବର୍ତ୍ତନ ଆଣିବା ଅନାବଶ୍ୟକ ବୋଲି ସେ କହିଥିଲେ।




ଏକ ବିଶେଷ ମୁହୂର୍ତ୍ତରେ କୋଚ୍ ଗୌତମ ଗମ୍ଭୀର ଓ ତାରକା ବ୍ୟାଟର ବିରାଟ କୋହଲି।

## କ୍ରିକେଟ ଓ ଆଧ୍ୟାତ୍ମିକତା

**ନୂଆଦିଲ୍ଲୀ, ୧୮।୯ (ପି.ଟି.):** ଭାରତୀୟ ଦଳର ଷ୍ଟାର ବ୍ୟାଟର ବିରାଟ କୋହଲି ଓ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ସାକ୍ଷାତକାର ଅବସରରେ ଉଭୟଙ୍କ ଆଧ୍ୟାତ୍ମିକତାର ରୁଚି ସାମ୍ନାକୁ ଆସିଛି। କ୍ରିକେଟ ପଡିଆର ଚାପକୁ ହାଟେଇବା ପାଇଁ ଗୌତମ ହନୁମାନ ଚାଳିଶା ପାଠ କରୁଥିବା ବେଳେ ବିରାଟ ଓମ୍ ନମଃ ଶିବାୟ ଜପ କରିଥାନ୍ତି। ଗୌତମ କହିଥିଲେ, ୨୦୧୪ରେ ବ୍ୟାଡ ଫେଜ ସମୟରେ ଓମ୍ ନମଃ ଶିବାୟ ଜପ କରିବା କୋହଲିଙ୍କୁ ସାହାଯ୍ୟ କରିଥିଲା। ଯେଉଁଥିରେ ବିରାଟ ସମ୍ମତି ପ୍ରକାଶ କରିଥିଲେ। ସମାନ ସିରିଜରେ ଅଷ୍ଟ୍ରେଲିଆ ବିପକ୍ଷରେ କୋହଲି ୪ଟି ଶତକ ହାସଲ କରିଥିଲେ। ସେହିପରି ଗମ୍ଭୀର କହିଥିଲେ ନାପିୟରରେ ଯେତେବେଳେ ୧୦ ଘଣ୍ଟା ୪୩ ମିନିଟ ବା ଅଢେଇ ଦିନ ବ୍ୟାଟିଂ କରିବାକୁ ପଡିଥିଲା ସେ ସମୟରେ ସେ ହନୁମାନ ଚାଳିଶା ପଢି ନିଜକୁ ମାନସିକ ଭାବରେ ଦୃଢ କରିଥିଲେ।

# ଅଲିମ୍ପିକ୍ସ ପଦକ ବିଜେତାଙ୍କୁ ହରାଇଲେ ମାଳବିକା

**ଚାଙ୍ଗଝୋ, ୧୮।୯ (ପି.ଟି.):** ଭାରତୀୟ ଯୁବ ବ୍ୟାଡମିଣ୍ଟନ ଖେଳାଳି ମାଳବିକା ବଂଶୋଡ ଚାଇନା ଓପନ ସୁପର ୧୦୦୦ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ ବିଜେତାଙ୍କୁ ପରାସ୍ତ କରିଛନ୍ତି। ବିଶ୍ୱ ମାନ୍ୟତାର ୪୩ ତମ ସ୍ଥାନରେ ଥିବା ମାଳବିକା ମାତ୍ର ୪୬ ମିନିଟ ସମୟ ନେଇ ସିଧାସଳଖ ସେଟରେ ବିଶ୍ୱ ମାନ୍ୟତାର ୭ ନମ୍ବର ସ୍ଥାନରେ ଥିବା ଇଣ୍ଡୋନେସିଆର ଟୁନ୍ ଜୁଙ୍ଗଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍‌କୁ ମାଳବିକା ୨୬-୨୪ ଓ ୨୧-୧୯ ସେଟରେ ଜିତି ନେଇଥିଲେ। ଚେନ୍ନାଇର ଏସ୍‌ଆରଏମ୍ ୟୁନିଭର୍ସିଟିର କମ୍ପ୍ୟୁଟର ସାଇନ୍ସ ଗ୍ରାଜୁଏଟ୍ ମାଳବିକାଙ୍କ କ୍ୟାରିୟରର ଏହା ସର୍ବଶ୍ରେଷ୍ଠ ବିଜୟ। ପୂର୍ବରୁ ଆକର୍ଷୀ କଶ୍ୟପ ୧୫-୨୧, ୧୯-୨୧ରେ ଚାଇନିଜ୍ ତାଇପେଇର ଚିଉ ପିନ୍ ଚିଆନ୍ ଓ ସାମିୟା ଇମାଦ ଫାରୁକି ୯-୨୧, ୭-୨୧ ସେଟରେ ସ୍କଟଲାଣ୍ଡର କ୍ରିଷ୍ଟି ଗିଲମୋରଙ୍କଠାରୁ ହାରିଯାଇଥିଲେ। ମାଳବିକା ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ କ୍ରିଷ୍ଟି ଗିଲମୋରଙ୍କୁ ଭେଟିବେ।

# ଜାତୀୟ ସିନିୟର ଉଷୁ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୧୮।୯ (ତପନ ସ୍ୱାଇଁ)**

ଉତ୍ତରାଖଣ୍ଡର ଡେରାଡୁନ୍‌ରେ ୩୩ତମ ଜାତୀୟ ସିନିୟର ଉଷୁ ପ୍ରତିଯୋଗିତା ଚଳିତ ମାସ ୨୧ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ୫୦ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଦଳରେ ୪୨ ଖେଳାଳି ରହିଥିବାବେଳେ ୪ ଜଣ ଅଫିସିଆଲ ଓ ୪ ଜଜ୍ ଦାୟିତ୍ୱ ତୁଲାଇବେ। ରାଉରକେଲାରେ ଅନୁଷ୍ଠିତ ୩୦ତମ ରାଜ୍ୟ ଉଷୁ ପ୍ରତିଯୋଗିତାରେ ପ୍ରଦର୍ଶନ ଭିତ୍ତିରେ ଜାତୀୟ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ କରାଯାଇଛି। ଅନ୍ତର୍ଜାତୀୟ ଜଜ୍ ପ୍ରଦ୍ୟୁମ୍ନ ବେହେରାଙ୍କ ନେତୃତ୍ୱରେ ଓଡ଼ିଶା ଦଳ ଡେରାଡୁନ୍ ଅଭିମୁଖେ ଯାତ୍ରା କରିଛି। ଉଷୁ ଆସୋସିଏଶନ ଅଫ୍ ଓଡ଼ିଶା ଚେୟାରମ୍ୟାନ ସୁଧାଂଶୁ ଶେଖର ହରିଚନ୍ଦନ, ସଭାପତି ବିଷ୍ଣୁ ମୋହନ ମହାନ୍ତି ଓ ବିକାଶ ପଟ୍ଟନାୟକ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ଆଗାମୀ ଜାତୀୟ ପ୍ରତିଯୋଗିତାର ସାଣ୍ଡା ବର୍ଗ ପାଇଁ ମନୋନୀତ ଖେଳାଳିମାନେ ହେଲେ ବବୁଲୁ ମୁଣ୍ଡା, ଚିତ୍ତରଞ୍ଜନ ମହନ୍ତ, ସଦାଶିବ ଓରାମ, ଦେବବ୍ରତ ଯାଦବ, ଦେବାଶିଷ ସାମନ୍ତରାୟ, କିସାନ ମାଝି, ନିରଞ୍ଜନ ମହାରଣା, ମୟନ ନାଏକ, ଅରୁଣ ନାଏକ, ଶକ୍ତି ପ୍ରସାଦ ସାମଲ, ସ୍ୱୟମଜିତ କର, ମଞ୍ଜୁ ମୁଣ୍ଡା, ରିମା ସୁନା, ଜ୍ୟୋତ୍ସ୍ନାରାଣୀ ଜେନା, ସପ୍ନା ବିଶ୍ୱାଳ, ମଧୁସ୍ମିତା ବଗର୍ତ୍ତୀ, ପୂରବୀ ପୁଷ୍ପରେଖା, ରୋଜାଲିନ ବିଶ୍ୱାଳ ଓ କୌଶିକା ରାଉତରାୟ। ସେହିପରି ତାଓଲୁ ବର୍ଗରେ ବିକାଶ ବାଗ୍, ଶୁଭ୍ରାଂଶୁ ଶେଖର ସେଠୀ, ଆଶିଷ କୁମାର ପ୍ରଧାନ, ସୌଭାଗ୍ୟ ଶରନ, ନିରଜ କୁମାର ସାହ, ସୁଶାନ୍ତ ନାଏକ, ରିଙ୍କି ରାଉତରାୟ, ସୁଜାତା ସାହୁ, ଗାୟତ୍ରୀ ସେଠୀ, ପଦ୍ମ ଲୋଚନ ମହନ୍ତ, ଅଭିଷେକ ମହାରଣା, ବିରାମ ଟୁଡୁ, ଅମିତ କୁମାର ଶର୍ମା, ଟୁନୁ ଟକ୍ରି, ମିଥୁନ ଚକ୍ରବର୍ତ୍ତୀ, ଈଶ୍ୱର ଚନ୍ଦ୍ର ମହନ୍ତ, ଆଲୋକ ନାଏକ, ଦୀପକ କୁମାର ମହନ୍ତ, ନୂପୁର ପଟ୍ଟନାୟକ, ଅର୍ପିତା ପ୍ରଧାନ, ପାୟଲ ପଟ୍ଟନାୟକ, ରିୟା ଠାକୁର ଓ ତରୁଲତା ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିବେ। ଦଳର କୋଚ୍ ହେଉଛନ୍ତି ପଙ୍କଜ କୁମାର ମହନ୍ତ ଓ ଅନସୂୟା ବାରିକ।




ଜାତୀୟ ସିନିୟର ଉଷୁ ପାଇଁ ମନୋନୀତ ଓଡ଼ିଶା ଦଳର ଖେଳାଳି ଓ ଅନ୍ୟମାନେ।

# ଦକ୍ଷିଣ ଆଫ୍ରିକାକୁ ହରାଇଲା ଆଫଗାନିସ୍ତାନ

**ଶାରଜା, ୧୮।୯**

ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚକୁ ୬ ଉଇକେଟରେ ଜିତି ନେଇଛି ଆଫଗାନିସ୍ତାନ। ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୩୩.୩ ଓଭରରେ ୧୦୬ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ଆଫଗାନିସ୍ତାନ ୨୬ ଓଭରରେ ୪ ଉଇକେଟ ହରାଇ ୧୦୭ ରନ୍ କରି ବିଜୟୀ ହୋଇଥିଲା। ଫଜଲ୍ଲକ ଫାରୁକି ୪ ଓ ଆଲା ଘଜନଫର ୩ ଉଇକେଟ ନେବାରୁ ଦକ୍ଷିଣ ଆଫ୍ରିକା ୩୬ ରନ୍‌ରେ ୭ ଉଇକେଟ ହରାଇଥିଲା। ୱିୟାନ୍ ମଲ୍ଡର ୫୨ ରନ୍ ସ୍କୋର କରିଥିଲେ। ଜବାବରେ ଆଫଗାନିସ୍ତାନ ପକ୍ଷରୁ ଗୁଲବଦିନ ନାଏବ ୩୪*, ଅଜମତୁଲ୍ଲା ଓମାରଜାଇ ୨୫* ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହସମତୁଲ୍ଲା ଶାହିଦି ଓ ରିଆଜ ହସନ ୧୬ ରନ୍ ଲେଖାଏ ସ୍କୋର କରିଥିଲେ।

# ମେଣ୍ଡିସଙ୍କ ଶତକ: ଶ୍ରୀଲଙ୍କା ୩୦୨/୭

**ଗାଲେ, ୧୮।୯**

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଶତକ ହାସଲ କରିଛନ୍ତି ଶ୍ରୀଲଙ୍କାର କାମିନ୍ଦୁ ମେଣ୍ଡିସ। ମେଣ୍ଡିସଙ୍କ ଶତକ ବଳରେ ଶ୍ରୀଲଙ୍କା ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ୭ ଉଇକେଟ ହରାଇ ୩୦୨ ରନ୍ ସଂଗ୍ରହ କରିଛି। ଟସ୍ ଜିତି ଶ୍ରୀଲଙ୍କା ବ୍ୟାଟିଂ କରିଥିଲା। ପାଥୁମ ନିଶଙ୍କା(୨୭) ଓ ଦୀନେଶ ଚାନ୍ଦିମାଲ(୩୩) ରନ୍ କରି ଆଉଟ ହେବା କାରଣରୁ ଶ୍ରୀଲଙ୍କା ୧୦୬ ରନ୍‌ରେ ୪ ଉଇକେଟ ହରାଇଥିଲା। ତେବେ ଆଞ୍ଜେଲୋ ମାଥ୍ୟୁସ୍ (୩୬)ଙ୍କ ସହିତ ୭୨ ରନ୍ ଯୋଡିଥିଲେ ମେଣ୍ଡିସ୍। ୧୭୩ ବଲ୍ ଖେଳି ୧୧ ଚୌକା ସହିତ ସେ ୧୧୪ ରନ୍ କରିଥିଲେ। ପରବର୍ତ୍ତୀ ବ୍ୟାଟର କୁଶାଲ ମେଣ୍ଡିସ୍(୫୦)ଙ୍କ ସହିତ ୧୦୩ ରନ୍ ଯୋଡିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ୱିଲିୟମ୍ ଓରୁରକେ ୩, ଗ୍ଲେନ୍ ଫିଲିପ୍ସ ୨, ଏଜାଜ୍ ପଟେଲ ଓ ଟିମ୍ ସାଉଦି ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୮୮ ଓଭରରେ ୩୦୨/୭ (କାମିନ୍ଦୁ ମେଣ୍ଡିସ୍-୧୧୪, କୁଶାଲ ମେଣ୍ଡିସ୍-୫୦, ଆଞ୍ଜେଲୋ ମାଥ୍ୟୁସ୍-୩୬, ୱିଲିୟମ୍ ଓରୁରକେ-୩/୫୪, ଗ୍ଲେନ୍ ଫିଲିପ୍ସ-୨/୫୨, ଟିମ୍ ସାଉଦି-୧/୪୮)।



'କର୍ମ' ଫିଲ୍ମରେ ଅନୁଭବ

# ପୁଣି ଥରେ ଆକ୍ସନ ଅବତାର

ଅନୁପମ ପଟ୍ଟନାୟକଙ୍କ ନୂଆ ସିନେମା 'କର୍ମ' ଏବେ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଛି। ଖାସ୍ କଥା ହେଲା ଏହି ବିଗ୍ ବଜେଟ୍ ଫିଲ୍ମରେ ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ଅନୁଭବ ଅଭିନୟ କରୁଛନ୍ତି। କେବଳ ସେତିକି ନୁହେଁ, ଏହାର ଟିଜର ନିକଟରେ ରିଲିଜ ହୋଇ ବେଶ୍ ଭାଇରାଲ ହୋଇଛି। ଫିଲ୍ମଟି ଏଥର ଦଶହରାରେ ରିଲିଜ ହେବାର ଯୋଜନା ରହିଛି। ଏଥିରେ ଅନୁଭବଙ୍କ ଅଭିନୟ ବ୍ୟତୀତ ତାଙ୍କର ଆକ୍ସନ ଅବତାର ଦର୍ଶକଙ୍କୁ ସ୍ପେଶାଲ ମନୋରଞ୍ଜନ ଦେବ ବୋଲି ଆଶା ରଖିଛନ୍ତି ନିର୍ଦ୍ଦେଶକ। ଏହାପୂର୍ବରୁ ଅନୁପମଙ୍କ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ପ୍ରତୀକ୍ଷା' ଜାତୀୟ ପୁରସ୍କାର ଲାଭ କରିସାରିଛି। ତା'ପରେ 'ତ୍ରିକନ୍ୟା' ମଧ୍ୟ ଦର୍ଶକାଦୃତ ହୋଇଥିଲା। ଆଉ ଏବେ 'କର୍ମ'କୁ ନେଇ ଚର୍ଚ୍ଚା। ଏହାର ପ୍ରଯୋଜନା କରିଛନ୍ତି ଅନୁପମ ପଟ୍ଟନାୟକ ଏବଂ ବର୍ଷା ପଟ୍ଟନାୟକ। ନିର୍ଦ୍ଦେଶନା ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି ଅନୁପମ। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଆଶିଷ ପ୍ରଧାନ। ଏହାର ଲାଇନ ପ୍ରଡ୍ୟୁସର ଗୋପାଳ ଚନ୍ଦ୍ର ଘଡ଼ାଇ ଏବଂ କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ। ଅନୁଭବଙ୍କ ବ୍ୟତୀତ ସୂର୍ଯ୍ୟମୟୀ, ଦିବ୍ୟା, ଚୌଧୁରୀ ଜୟପ୍ରକାଶ ଦାସ, ନିଶାନ୍ତ ମଜିଠିଆ, ମନ୍ମୟ ଦେ ଏବଂ ଉଦିତ ଗୁରୁ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି।

# ଖୋଜୁଛନ୍ତି ବାଣୀ



ବାଣୀ କପୁର ଏବେ ଖୋଜି ବୁଲୁଛନ୍ତି। ହେଲେ ସେ କ'ଣ ଖୋଜୁଛନ୍ତି ଜାଣିବେନି? କଥା କ'ଣ କି, ପଶୁପକ୍ଷୀଙ୍କ ସୁରକ୍ଷା ପାଇଁ ସେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରିବାକୁ ଯାଉଛନ୍ତି। ଯଦିଓ ଏଥିରେ ସେ ଜଣେ ଅନ୍ୟତମ ପ୍ରଯୋଜକ ଅଛନ୍ତି, ହେଲେ କାହାଣୀ ଖୋଜିବା ଭଳି ଗୁରୁଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରାଯାଇଛି। ତେଣୁ ସବୁ କାମକୁ ପଛରେ ପକାଇ ସେ ଏହି କାମରେ ବ୍ୟସ୍ତ ଅଛନ୍ତି। ନିଜର ଏଭଳି କାହାଣୀ ମିଶନ ବିଷୟରେ ସୂଚନା ଦେଇ ବାଣୀ କୁହନ୍ତି, 'ବର୍ତ୍ତମାନ ସମାଜରେ ପଶୁପକ୍ଷୀଙ୍କ ସୁରକ୍ଷା ବଡ଼ କଥା ପାଲଟିଛି। କାରଣ କେତେଗୁଡ଼ିଏ ପ୍ରାଣୀ ବର୍ତ୍ତମାନ ବିଲୁପ୍ତପ୍ରାୟ। ତେଣୁ ଏଭଳି କେତେକ ବିରଳ ପ୍ରଜାତିର ପ୍ରାଣୀଙ୍କ ସୁରକ୍ଷା ଏବଂ ଏ ନେଇ ସଚେତନତା ସୃଷ୍ଟି କରିବା ପାଇଁ ଏକ ଶର୍ଟ ଫିଲ୍ମ ନିର୍ମାଣ କରିବାକୁ ସ୍ଥିର କରିଛି। ଏବେ ଏହାର ପ୍ରାରମ୍ଭିକ କାମ ଚାଲୁରହିଛି। କିନ୍ତୁ ମୋ ଉପରେ ଏକ ମୁଖ୍ୟ କାମ ଲଦି ଦିଆଯାଇଛି। ତାହା ହେଉଛି କାହାଣୀ ଖୋଜା। ତେଣୁ ଏଭଳି ଏକ ଭିନ୍ନଧରଣର ବିଷୟବସ୍ତୁକୁ ଆଧାର କରି ମନଲାଖି କାହାଣୀଟିଏ ଖୋଜୁଛି। ଆଶା ରଖିଛି ମୋର ଏହି କାମ ନିଶ୍ଚୟ ଭଲରେ ପୂରଣ ହେବ।' ତେବେ ଏହି କାହାଣୀ ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛି ତାହା ଫିଲ୍ମଟି ନିର୍ମାଣ ପରେ ରିଲିଜ୍ ହେଲେ ହିଁ ଜଣାପଡ଼ିବ।

# ଭୁଲି ପାରୁନାହାନ୍ତି ରକୁଲ୍



ରକୁଲ୍

ରକୁଲ୍ ପ୍ରୀତ୍ ସିଂ ଏକଦା 'ୟାରିୟାଁ' ଫିଲ୍ମର ଶୁଟିଂ କରୁଥାଆନ୍ତି। ସେହି ସମୟରେ ଏକ ଘଟଣା ଲାଗି ତାଙ୍କୁ କିଛି ସମୟ ପାଇଁ ହଟହଟା ହେବାକୁ ପଡିଥିଲା। କଥା କ'ଣ କି ଗୋଟିଏ ଜିନିଷକୁ ସେ ଭାରି ଭୟ କରନ୍ତି। ସେଦିନ ନାଇଟ୍ ଶୁଟିଂ ଚାଲିଥାଏ। ହଠାତ୍ ଯାନ୍ତ୍ରିକ ତ୍ରୁଟି ପାଇଁ ଜେନେରେଟର କିଛି ସମୟ କାମ କରି ନ ଥିଲା। ଆଉ ତା'ପରେ ରକୁଲ୍‌ଙ୍କ ଅବସ୍ଥା କହିଲେ ନ ସରେ। ଅନ୍ଧାର ହେବା ମାତ୍ରେ ସେ ଚିତ୍କାର କରି ଉଠିଥିଲେ। ଅବଶ୍ୟ ବିକଳ୍ପ ଆଲୋକ ବ୍ୟବସ୍ଥା ମାତ୍ର ପାଞ୍ଚ ମିନିଟ୍ ଭିତରେ ହୋଇଥିଲା। କିନ୍ତୁ ସେତେବେଳକୁ ରକୁଲ୍ ଭୟରେ ଥରୁଥିଲେ। ଏ ନେଇ ସେ କହନ୍ତି, 'ସତ କଥା ହେଲା ମୋତେ ଅନ୍ଧାରକୁ ଭାରି ଡର। ସେଦିନ ମାତ୍ର ଅଳ୍ପ ସମୟ ପାଇଁ କରେଣ୍ଟ ନଥିଲା। ହେଲେ ମୋ ମନର ଭୟକୁ ମୁଁ ଆୟତ୍ତ କରିପାରି ନ ଥିଲି। ଏପରିକି ହଠାତ୍ ଚିତ୍କାର କରିଉଠିଥିଲି। କେବଳ ସେତିକି ନୁହେଁ, କରେଣ୍ଟ ବ୍ୟବସ୍ଥା ତ ସାଙ୍ଗେ ସାଙ୍ଗେ ହୋଇଗଲା, ହେଲେ ମୋ ମନରେ ଥିବା ଭୟ କବଳରୁ ମୁଁ ସହଜରେ ମୁକୁଳି ପାରି ନ ଥିଲି। ପ୍ରାୟ ଘଣ୍ଟାଏ ପରେ ମୁଁ ନିଜକୁ ସାଧାରଣ ଅବସ୍ଥାକୁ ଆଣି ଶଟ୍ ଦେବା ପାଇଁ ପ୍ରସ୍ତୁତ ହେଲି।

# ଅତୀତ ଝୁ..

▶▶ ଓଡ଼ିଆ ଚଳଚ୍ଚିତ୍ର 'ବନ୍ଧୁ ମହାନ୍ତି'ର ପ୍ରଯୋଜନା କରିଥିଲେ ଧୀରେନ ପଟ୍ଟନାୟକ ଏବଂ ନିର୍ଦ୍ଦେଶନା ଦାୟିତ୍ୱ ବହନ କରିଥିଲେ ନିତାଇ ପାଲିତ୍। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ପ୍ରଫୁଲ୍ଲ କର। ଗୋବିନ୍ଦ ତେଜ, ଧୀର ବିଶ୍ୱାଳ, ବନଜା ମହାନ୍ତି, ବୀରେନ ରାଉତରାୟ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଥିଲେ।

▶▶ ସୋମନାଥ ସାହୁଙ୍କ ପ୍ରଯୋଜନା ତଥା ସୋନା ମୁଖାର୍ଜୀଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ଘର ବାହୁଡ଼ା'ର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ସାମୁଏଲ ସାହୁ (ବାବି) ଏବଂ ସୁଜାତା ଆନନ୍ଦ।

▶▶ ଓଡ଼ିଆ ସିନେମା 'ଅଦିନ ମେଘ'ର ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ବିଶିଷ୍ଟ ସ୍ୱର ସଂଯୋଜକ ବାଳକୃଷ୍ଣ ଦାଶ। ଫିଲ୍ମଟିର ନିର୍ଦ୍ଦେଶନା ଦେଇଥିଲେ ଅମିତ୍ ମିତ୍ର। ଏହାର ବିଭିନ୍ନ ଭୂମିକାରେ ପ୍ରଶାନ୍ତ ନନ୍ଦ, ଝରଣା ଦାସ, ଗୀତା, ସାମୁଏଲ ସାହୁ (ବାବି) ପ୍ରମୁଖ କଳାକାର ଅଭିନୟ କରିଥିଲେ।

▶▶ କନକପ୍ରଭା ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ଅରୁନ୍ଧତୀ'। ପ୍ରଫୁଲ୍ଲ ସେନ୍‌ଗୁପ୍ତଙ୍କ ନିର୍ଦ୍ଦେଶନାରେ ଏହାର ବିଭିନ୍ନ ଭୂମିକାରେ ଶରତ ପୂଜାରୀ, ମିନତି, ଧୀର ବିଶ୍ୱାଳ, ସୁଜାତା ଆନନ୍ଦ ପ୍ରମୁଖ କଳାକାର ଅଭିନୟ କରିଥିଲେ।

▶▶ ଓଡ଼ିଆ ଚଳଚ୍ଚିତ୍ର 'ଆମରି ଗାଁ ଝିଅ'ର ନିର୍ଦ୍ଦେଶନା ଦେଇଥିଲେ ବିନୟ ବାନାର୍ଜୀ। ଗୌର, ଚପଳା, ଅନିମା ପେଦନୀ ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

ଅପେରା ହାଲ୍‌ଚାଲ୍

# ସବୁ ଜାଣିଛି ଚନ୍ଦ୍ରସେଣା

ଅପେରା ଜଗତର ଅନ୍ୟତମ ଆଗଧାଡ଼ିର ଯାତ୍ରାନୁଷ୍ଠାନ 'ଯାତ୍ରାଶ୍ରୀ ବିଶ୍ୱ ଦରବାର' ଏଥର ଦର୍ଶକଙ୍କ ଭରପୂର ମନୋରଞ୍ଜନ କରିବ ବୋଲି ଦୃଢ଼ ଆଶାବାଦୀ ଅଛନ୍ତି ଏହାର ପ୍ରଯୋଜକ କିଶୋର ଚନ୍ଦ୍ର ମିଶ୍ର। ଏ ବର୍ଷ ବିଶ୍ୱ ଦରବାର ତିନୋଟି ନୂଆ ନାଟକ– 'କହିବାକୁ ଲାଜ ଶୁଣିଲେ ପାପ', 'କିଏ ଜାଣିଥିଲା ଏମିତି ହେବ' ଏବଂ 'ସବୁ ଜାଣିଛି ଚନ୍ଦ୍ରସେଣା' (ରଚନା–ନବଘନ ରାଉଳ, ନିର୍ଦ୍ଦେଶନା–ତାପସ ସ୍ୱାଇଁ) ବ୍ୟତୀତ ଗତବର୍ଷର ସୁପରହିଟ୍ ନାଟକ 'ବାଘ ନେଇଗଲା ଦଉଡ଼ି ଆସ' ଏବଂ 'ଅବୁଝା ଆଖିର ଅକୁହା କଥା' ନାଟକକୁ ନେଇ ମଇଦାନକୁ ଓହ୍ଲାଇଛି।' ଏଥର ଏହି ପାର୍ଟିରେ ଲରେନ୍ସ, ମୁନୁ ପଣ୍ଡା, ସଞ୍ଜୟ ଭୋଳ, ଭାରତୀ, ଲିଙ୍କନ, ମାତନ,



କିଶୋର ମିଶ୍ର

ମାମା, ଗୌର–ସୁକାନ୍ତି, ସରୋଜ ମହାପାତ୍ର, କାବୁଲା, କମେଡିଆନ ଦୟା, ପ୍ରତାପ, ନବାଗତା ତୁଳସୀ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ତେବେ 'ସବୁଜାଣିଛି ଚନ୍ଦ୍ରସେଣା' ପ୍ରାରମ୍ଭରୁ ସଫଳତା ସାଉଁଟିବା ଆରମ୍ଭ କରିଛି।

ଏମିତି ବି ହୋଇଥିଲା

# ଦୁଇ ଟୋପା ଲୁହ



କ୍ରିତି

ଜୀବନର ଯେ କୌଣସି ପ୍ରଥମ କଥାକୁ ଭୁଲିବା ଏତେ ସହଜ ନୁହେଁ। ଆଉ ସେଥିରୁ ବା କ୍ରିତି ସାନନ୍ ବାଦ୍ ପଡନ୍ତେ କିପରି ? କେତୋଟି ବିଜ୍ଞାପନ ପାଇଁ କାମ କରିବା ପରେ ସେ ର୍ୟାମ୍ପ ଶୋ'ରେ ଅଂଶଗ୍ରହଣ କରିଥିଲେ। ନିଜର ପ୍ରଥମ ର୍ୟାମ୍ପ ଶୋ' ଅନୁଭୂତିକୁ ସେ ଏପର୍ଯ୍ୟନ୍ତ ଭୁଲି ପାରୁନାହାନ୍ତି। ଏଥିରେ ଅଂଶ ଗ୍ରହଣ କରିବା ପରେ ତାଙ୍କ ଆଖିରୁ ଦୁଇ ଟୋପା ଲୁହ ଝରିପଡିଥିଲା। ଏ ନେଇ କ୍ରିତି କହନ୍ତି, 'ଦିଲ୍ଲୀରେ ଆୟୋଜିତ ଏକ ର୍ୟାମ୍ପ ଶୋ'ରେ ମୁଁ ପ୍ରଥମ ଥର ପାଇଁ ଭାଗ ନେଇଥିଲି। ଯେତେବେଳେ ଷ୍ଟେଜ୍ ଉପରକୁ ଗଲି ସେତେବେଳେ ମୁଁ ନର୍ଭସ ହୋଇପଡିଥିଲି। ଶୋ' ଶେଷ ହେବା ପରେ ମୁଁ ଷ୍ଟେଜ୍‌ରୁ ଓହ୍ଲାଇବା ବେଳେ ମୋ ଆଖି ଲୁହରେ ଛଳଛଳ ହୋଇଯାଇଥିଲା। ମୋ ମନ ଭିତରର ଖୁସି ଲୁହ ଆକାରରେ ବାହାରି ଆସିଥିଲା। ଆଉ ସେହି ସମୟକୁ ମୁଁ କଦାପି ଭୁଲି ପାରିବି ନାହିଁ।' ୨୦୧୪ରେ ତାଙ୍କୁ ବଲିଉଡ୍‌ରେ ପ୍ରଥମ ବ୍ରେକ୍ ମିଳିଥିଲା। ଆଉ ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ହୀରୋପନ୍ତୀ'।

# ପ୍ରଥମେ ଆମୀର.. ପରେ ସଞ୍ଜୟ

ଥରେ ମନେ ପକାନ୍ତୁ ନା ସଲମାନ୍ ଖାଁ, ସଞ୍ଜୟ ଦତ୍ତ ଏବଂ ମାଧୁରୀ ଦୀକ୍ଷିତଙ୍କ ଅଭିନୀତ ହିନ୍ଦୀ ଫିଲ୍ମ 'ସାଜନ'କୁ। ୧୯୯୧ରେ ମୁକ୍ତିଲାଭ କରିଥିବା ଏହି ଚିତ୍ରଟି ଦର୍ଶକଙ୍କୁ କେତେ ପ୍ରଭାବିତ କରିଥିଲା ତାହା କହିବା ବାହୁଲ୍ୟ। ଫିଲ୍ମଟି ସୁପରହିଟ୍ ହେବା ସହ ଏହାର ଗୀତଗୁଡିକ ବେଶ୍ ଶ୍ରୋତାଦୃତ ହୋଇଥିଲା। ଏବେ ମଧ୍ୟ ଅନେକେ ଉକ୍ତ ସିନେମାର ଗୀତଗୁଡ଼ିକୁ ଗୁଣୁଗୁଣେଇ ଥାଆନ୍ତି। ଯେତେବେଳେ ଏହାର ନିର୍ଦ୍ଦେଶକ ଲରେନ୍ସ ଡିସୌଜା କାଷ୍ଟିଂ ବିଷୟରେ ଚିନ୍ତା କଲେ ସେତେବେଳେ ଅମନ୍ ଚରିତ୍ର ପାଇଁ ଆମୀର ଖାଁଙ୍କୁ ସାଇନ୍ କରାଇବାକୁ ଚାହିଁଥିଲେ। ତା'ପରେ ତାଙ୍କୁ ଯୋଗାଯୋଗ କରାଯାଇଥିଲା। ସେ କାହାଣୀଟି ଶୁଣିବା ପରେ ଖୁସି ହୋଇ ଏଥିରେ ଅଭିନୟ କରିବାକୁ ରାଜି ମଧ୍ୟ ହୋଇଥିଲେ। କିନ୍ତୁ ପରେ କ'ଣ ହେଲା କେଜାଣି, ଭୂମିକା ତାଙ୍କୁ ମାଇଲେଜ ଦେବ ନାହିଁ କହି ଅଫରଟିକୁ ହାତଛଡା କରିଥିଲେ। ତା'ପରେ ଏହି ଭୂମିକା ପାଇଁ ସଞ୍ଜୟ ଦତ୍ତଙ୍କୁ ସାଇନ୍ କରାଯାଇଥିଲା। ଆଉ ସଞ୍ଜୟ ରୋଲଟିକୁ ଏଭଳି ଜୀବନ୍ତ କରିଥିଲେ ଯେ ତାହା ତାଙ୍କ କ୍ୟାରିୟର ଲାଗି ବେଶ୍ ଶୁଭପ୍ରଦ ସାବ୍ୟସ୍ତ ହୋଇଥିଲା। କେବଳ ସେତିକି ନୁହେଁ, ଏଥିରେ ସଲମାନ୍ ଏବଂ ମାଧୁରୀଙ୍କ ଅଭିନୟ ମଧ୍ୟ କୌଣସି ଗୁଣରେ କମ୍ ନ ଥିଲା। ଫିଲ୍ମଟିର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଥିଲେ ରିମା ରାକେଶ ନାଥ। ଫିଲ୍ମଟିର ସିନେମାଟୋଗ୍ରାଫି ଦାୟିତ୍ୱ ମଧ୍ୟ ତୁଲାଇଥିଲେ ଲରେନ୍ସ। ଗୀତଗୁଡିକୁ ସ୍ୱରରେ ସଜାଇଥିଲେ ବିଶିଷ୍ଟ ସ୍ୱର ସଂଯୋଜକ ଯୋଡି ନଦୀମ–ଶ୍ରବଣ। ଫିଲ୍ମଟିର ପ୍ରଯୋଜନା କରିଥିଲେ ସୁଧାକର ବୋକାଡେ।

# ଚାହିଁବସିଛନ୍ତି ଦିଶା

ଦିଶା ପଟାନି ଏବେ ଚାହିଁ ବସିଛନ୍ତି କେବେ ତାଙ୍କର ଆଶା ପୂରଣ ହେବ। ସେ ଆଶା ବାନ୍ଧି ବସିଛନ୍ତି ଯେ ଦିନେ ନା ଦିନେ ତାଙ୍କୁ ଏକ ଆକ୍ସନଭିତ୍ତିକ ଭୂମିକା ମିଳିବ। ସେ କେବଳ ଏ ନେଇ ଭାବିଲେ ତ ଚଳିବ ନାହିଁ, ସେଭଳି ଏକ ମନଲାଖି ଭୂମିକାଟିଏ ମିଳିବା ଦରକାର। ହେଲେ ଏ ନେଇ ନିଜ ଉପରେ ଶତ ପ୍ରତିଶତ ଭରସା ମଧ୍ୟ ରଖିଛନ୍ତି। ନିଜର ଏଭଳି ଆଶାକୁ ନେଇ ଦିଶା କହନ୍ତି, 'ଜଣେ କଳାକାର ନିଜକୁ ଗୋଟିଏ ପ୍ରକାର ଭୂମିକାରେ ବାନ୍ଧି ରଖିବା ଆଦୌ ଠିକ୍ ନୁହେଁ। ଭିନ୍ନ ଭିନ୍ନ ରୋଲ୍‌ରେ ଆକ୍ଟିଂ କଲେ ନିଜ ଭିତରେ ଥିବା ପ୍ରତିଭାର ପ୍ରକୃତ ପରିଚୟ ମିଳିଥାଏ। ମୋର ଆଶା ରହିଛି ଯେ ଦିନେ ନା ଦିନେ ମୋତେ ଏକ ଆକ୍ସନଭିତ୍ତିକ ଭୂମିକାଟିଏ ମିଳିବ। ଏକଦା ଜଣେ ପ୍ରଯୋଜକ ଏ ନେଇ ମୋତେ କିଛି ଟିପ୍ସ ଦେବା ପରେ ଏବେ ମୋର ଏହି ଆଶା ଦ୍ୱିଗୁଣିତ ହୋଇଯାଇଛି। କାରଣ ପ୍ରଯୋଜକ ଚାହିଁଲେ ହିଁ ମୋର ଏଭଳି ସ୍ୱପ୍ନ ପୂରଣ ହେବ। ତେବେ ଏ ନେଇ ମୁଁ ନିଶ୍ଚୟ ଅପେକ୍ଷା କରିବି।' କେବଳ ସେତିକି ନୁହେଁ, ନିଜକୁ ଆହୁରି ଫିଟ୍ ରଖିବା ଲାଗି ସେ ଏବେ ଏକ୍ସରସାଇଜ ସମୟ ଟିକେ ବଢ଼େଇ ଦେଇଛନ୍ତି। ଦିଶାଙ୍କର ଏହି ଆଶା କେବେ ପୂରଣ ହେଉଛି ତାହା ଆଗାମୀ ସମୟ ହିଁ କହିବ।



ଦିଶା

# ସତ ହେଲା ଆକଳନ

ଜଣେ ଦିବ୍ୟାଙ୍ଗ ନାରୀର ଜୀବନୀକୁ ଆଧାର କରି ପ୍ରସ୍ତୁତ ଓଡ଼ିଆ ସିନେମା 'ଆଭା' ନିକଟରେ ମୁକ୍ତିଲାଭ କରିଛି। ଏହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ସୋନା ମଲ୍ଲିକ। କିନ୍ତୁ ଚିତ୍ରଟି ରିଲିଜ ହେବା ପୂର୍ବରୁ ସେ ଯେଉଁ ଆକଳନ କରିଥିଲେ ତାହା ସତରେ ପରିଣତ ହୋଇଛି। କଥା କ'ଣ କି ଏହାର ପ୍ରମୋ ସମୟରେ ସେ ପୂର୍ବାନୁମାନ କରିଥିଲେ ଯେ, ଫିଲ୍ମଟି ନିଶ୍ଚୟ ଦର୍ଶକଙ୍କୁ ପ୍ରଭାବିତ କରିବ। ଏ ସମ୍ପର୍କରେ ସୋନା କହନ୍ତି, 'ଯେତେବେଳେ ମୁଁ ଏହାର କାହାଣୀ ଶୁଣିଲି ସେତେବେଳେ ମୋ ମନରେ



'ଆଭା' ଫିଲ୍ମରେ ସୋନା

ଏକଥା ଦୃଢ଼ୀଭୂତ ହୋଇଥିଲା ଯେ ଫିଲ୍ମଟି ଦର୍ଶକଙ୍କୁ ଏକ ଭିନ୍ନ ଧରଣର ମନୋରଞ୍ଜନ ଦେବ। ଶେଷରେ ମୋ ଅନୁମାନ ସତ ହୋଇଛି। ଏ ନେଇ ଦର୍ଶକମାନଙ୍କୁ ଯେତେ ଧନ୍ୟବାଦ ଦେବି ତାହା ସେତେ କମ୍ ହେବ।' ପଲ୍ଲ ରୟଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର କାହାଣୀ ଅନୁସାରେ ଆଭା ଏକ ନିପଟ ମଫସଲ ଗାଁର ଗରିବ ପରିବାର ଜଣେ ଦିବ୍ୟାଙ୍ଗ ଝିଅ। ଦିବ୍ୟାଙ୍ଗ ହେଲେ ମଧ୍ୟ ତା'ର ଜୀବନ କିପରି ଆଗକୁ ଗତି କରୁଛି ଏବଂ ସେ କିପରି ନିଜ ଲକ୍ଷ୍ୟ ହାସଲ କରିପାରୁଛି ତାହା ଏହି ଫିଲ୍ମରେ ଦେଖିବାକୁ ମିଳିଛି। ଏହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ସୋନା ମଲ୍ଲିକ। ପଶ୍ଚିମବଙ୍ଗର ମେଦିନୀପୁରର ଏକ ଆଦିବାସୀ ଗ୍ରାମର ଜଙ୍ଗଲଘେରା ଏକ ଗ୍ରାମୀଣ ପରିବେଶରେ ଏହାର ଶୁଟିଂ କରାଯାଇଛି। ଅନ୍ୟପକ୍ଷରେ ଏହି ଚଳଚ୍ଚିତ୍ର ନାରୀକୈନ୍ଦ୍ରିକ ହୋଇଥିବାରୁ ଏଥିରେ ବର୍ତ୍ତମାନର ସମାଜ ପାଇଁ ଅନେକ ବାର୍ତ୍ତା ରହିଛି ବୋଲି କହନ୍ତି ଏହାର ପ୍ରଯୋଜକ ପ୍ରବୀର ମହାପାତ୍ର। ଏହି ଫିଲ୍ମରେ ସୋନାଙ୍କ ବ୍ୟତୀତ ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ଅନୁ ଚୌଧୁରୀ, କେଦାର ମିଶ୍ର ଏବଂ ଶତୋ ଆଚାର୍ଯ୍ୟ ପ୍ରମୁଖ ଅଭିନୟ କରିଛନ୍ତି।

# ପ୍ରଥମ ଦିବସରେ ଏକାଧିକ ମିଟ୍ ରେକର୍ଡ

**ଭୁବନେଶ୍ୱର, ୧୮।୯ (ତପନ ସ୍ୱାଇଁ)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଓଡ଼ିଶା ଆଥଲେଟିକ୍ସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ୭୦ତମ ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ ବୁଧବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। ପ୍ରତିଯୋଗିତାର ପ୍ରଥମ ଦିବସରେ ୫ ନୂଆ ମିଟ୍ ରେକର୍ଡ ସୃଷ୍ଟି ହୋଇଛି। ରାଜ୍ୟର ୩୦ ଜିଲ୍ଲାରୁ ୯୦୦ରୁ ଊର୍ଦ୍ଧ୍ୱ

**ରାଜ୍ୟ ସିନିୟର ଆଥ୍ଲେଟିକ୍ସ ଚାମ୍ପିୟନଶିପ୍**

ଆଥଲେଟ୍ ଏଥିରେ ଅଂଶଗ୍ରହଣ କରିଛନ୍ତି। ୩ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୨୬୮ ମହିଳା ପ୍ରତିଯୋଗୀ ଭାଗ ନେଇଛନ୍ତି। ଏମାନଙ୍କ ମଧ୍ୟରେ ଅଧିକାଂଶ ଓଡ଼ିଶା-ରିଲାଏନ୍ସ ଫାଉଣ୍ଡେଶନ ଆଥଲେଟିକ୍ସ ହାଇ-ପରଫର୍ମାନ୍ସ ସେଣ୍ଟର ଏବଂ କ୍ରୀଡ଼ା ଛାତ୍ରାବାସରେ ଟ୍ରେନିଂ ନେଉଛନ୍ତି। ଓଡ଼ିଶା ପୋଲିସ, ପୋଷ୍ଟାଲ, ବିଏସ୍ଏନ୍ଏଲ୍ ଓ କିଟ୍ ବିଶ୍ୱବିଦ୍ୟାଳୟରୁ ଆଥଲେଟ୍‌ମାନେ ମଧ୍ୟ ଏଥିରେ ଅଂଶଗ୍ରହଣ


ପଦକ ସହ ୨୩ ବର୍ଷରୁ କମ୍ ବାଳିକା ୫୦୦୦ ମିଟରର କୃତୀ ପ୍ରତିଯୋଗୀମାନେ।


ସ୍ୱର୍ଣ୍ଣ ପଦକ ବିଜୟିନୀ ଆଂଶିକା ରାଉତରାୟ।

କରିଛନ୍ତି। ପ୍ରଥମ ଦିବସରେ ଆଥଲେଟ୍‌ମାନେ ୪୦ରୁ ଅଧିକ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ଭାଗ୍ୟ ପରୀକ୍ଷା କରିଛନ୍ତି।

ପ୍ରଥମ ଦିବସରେ ମୟୂରଭଞ୍ଜର ପ୍ରଦୀପ ମହନ୍ତ ୨୦ ବର୍ଷରୁ କମ୍ ବାଳକ ୫୦୦୦ ମିଟରରେ ୧୪:୫୬.୯୪ ସେକେଣ୍ଡ ସମୟ ନେଇ ନୂଆ ମିଟ୍ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସେହିପରି କଟକର ନିଖିଲ ଦାସ ୨୩ ବର୍ଷରୁ କମ୍ ବାଳକ ହାଇଜମ୍ପରେ ୨.୦୧ ମିଟର, କଟକର ଚିରଞ୍ଜୀବ ସିଂ ୨୩ ବର୍ଷରୁ କମ୍ ବାଳକ ଶଟ୍‌ପୁଟ୍‌ରେ ୧୩.୯୧ ମିଟର, କିଟ୍‌ର ପି. ଅର୍ପିତା ଅର୍ଚ୍ଚନା ସାହୁ ୨୦ ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋରେ ୪୨.୯୮ ମିଟର ଏବଂ ସୁନ୍ଦରଗଡ଼ର ଧନମତି ଖେସ୍ ୨୩ ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋରେ ୪୧.୬୭ ମିଟର ଥ୍ରୋ କରି ନୂଆ ମିଟ୍ ରେକର୍ଡର ଅଧିକାରୀ ହୋଇଛନ୍ତି। ୨୩ ବର୍ଷରୁ କମ୍ ୫୦୦୦ ମିଟର ରେସ୍‌ରେ ଦୀପ୍ତିରାଣୀ ସାହୁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଆଂଶିକା ରାଉତରାୟ ୨୦ ବର୍ଷରୁ କମ୍ ବାଳିକା ଶଟ୍‌ପୁଟ୍‌ରେ ୧୧.୩୦ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ବଲାଙ୍ଗୀରର ଶ୍ରଦ୍ଧାଞ୍ଜଳି ମିଶ୍ର ରୌପ୍ୟ ଓ ଜଗତ୍‌ସିଂହପୁରର ଜ୍ୟୋତ୍ସ୍ନା ସାହୁ ବ୍ରୋଞ୍ଜ ପଦକ ଜିତିଛନ୍ତି।

# ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ: ସ୍ୱୟମ୍‌ଜିତଙ୍କୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୧୮।୯ (ତପନ ସ୍ୱାଇଁ)**

ଫିଜିର ସୁଭାରେ ଚାଲିଥିବା ରାଜ୍ୟଗୋଷ୍ଠୀ ୟୁଥ୍, ଜୁନିୟର ଓ ସିନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଓଡ଼ିଶାର ସ୍ୱୟମଜିତ ପ୍ରସାଦ ସାହୁ ବୁଧବାର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୬୭ କେଜି ୟୁଥ୍ ବର୍ଗରେ ସ୍ୱୟମଜିତ ମୋଟ ୨୪୭ କେଜି ଉତ୍ତୋଳନ କରି ଏହି ସଫଳତା ପାଇଛନ୍ତି। ସେ ସ୍ନାଚ୍‌ରେ ୧୦୯ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୩୮ କେଜି ଭାରୋତ୍ତୋଳନ କରିଥିଲେ। ମଙ୍ଗଳବାର

**ଜାତୀୟ ରେକର୍ଡର ଅଧିକାରୀ ହେଲେ ମୀନା**

ପ୍ରତିଯୋଗିତାର ପ୍ରଥମ ଦିବସରେ ମୀନା ସାନ୍ତା ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ ଏବଂ ଜ୍ୟୋତ୍ସ୍ନା ଶବର ଗୋଟିଏ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଫଳରେ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଦ୍ୱିତୀୟ ଦିବସ ଶେଷସୁଦ୍ଧା ଓଡ଼ିଶା ପ୍ରତିଯୋଗୀମାନେ ୪ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ସ୍ୱୟମଜିତ ସମ୍ପ୍ରତି କଳିଙ୍ଗ ଷ୍ଟାଡିୟମରେ ଭାରୋତ୍ତୋଳନ ଏଚ୍‌ପିସିରେ ଟ୍ରେନିଂ ନେଉଛନ୍ତି। ୫୫ କେଜି ୟୁଥ୍ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା


ସ୍ୱୟମ୍‌ଜିତ ପ୍ରସାଦ ସାହୁ

କରିଥିବା ମୀନା ମୋଟ ୧୮୦ (ସ୍ନାଚ୍-୮୧, କ୍ଲିନ୍ ଆଣ୍ଡ ଜର୍କ-୯୯) କେଜି ଭାରୋତ୍ତୋଳନ କରିଥିଲେ। ବାଳିକା ୟୁଥ୍ ବର୍ଗରେ ଏହା ଏକ ଜାତୀୟ ରେକର୍ଡ ବୋଲି ବୁଧବାର ଭାରତୀୟ ଭାରୋତ୍ତୋଳନ ସଂଘ (ଆଇଡବ୍ଲ୍ୟୁଏଲଏଫ୍) ପକ୍ଷରୁ ସ୍ପଷ୍ଟ କରାଯାଇଛି।



# ପଞ୍ଜାବ କିଙ୍ଗ୍ସର ମୁଖ୍ୟ କୋଚ୍ ହେଲେ ପଣ୍ଟିଂ

**ନୂଆଦିଲ୍ଲୀ,୧୮।୯(ପି.ଟି.):** ଆଇପିଏଲ୍ ଫ୍ରାଞ୍ଚାଇଜ ପଞ୍ଜାବ କିଙ୍ଗ୍ସର ନୂତନ ମୁଖ୍ୟ କୋଚ୍ ଭାବରେ ବୁଧବାର ରିକି ପଣ୍ଟିଂଙ୍କ ନାମ ଘୋଷଣା କରାଯାଇଛି। ଟ୍ରେଭର ବେଲିସ୍‌ଙ୍କ ସ୍ଥାନରେ ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ ପଣ୍ଟିଂଙ୍କୁ ନିଯୁକ୍ତ କରାଯାଇଛି। ପୂର୍ବରୁ ପଣ୍ଟିଂ ଦିଲ୍ଲୀ କ୍ୟାପିଟାଲ୍ସର ମୁଖ୍ୟ କୋଚ୍ ରହିଥିଲେ। ବିଗତ ୭ ସିଜନ ଧରି ପଣ୍ଟିଂ କ୍ୟାପିଟାଲ୍ସ ସହ ରହିଥିଲେ। ଅଷ୍ଟ୍ରେଲିଆ ଦଳର ଅଧିନାୟକ ଭାବରେ ପଣ୍ଟିଂ ଅପାର ସଫଳତା ହାସଲ କରିଛନ୍ତି। ତେଣୁ ପଞ୍ଜାବ କିଙ୍ଗ୍ସ ତାଙ୍କ ଅଧୀନରେ ଭଲ ପ୍ରଦର୍ଶନ କରିବ ବୋଲି କହିଛନ୍ତି ପଞ୍ଜାବ କିଙ୍ଗ୍ସ ସିଇଓ ସତୀଶ ମେନନ। ଏଯାଏ ଥରେ ମଧ୍ୟ ପଞ୍ଜାବ ଆଇପିଏଲରେ ଚାମ୍ପିୟନ ଆଖ୍ୟା ଅର୍ଜନ କରି ନ ଥିବା ବେଳେ କେବଳ ୨୦୧୪ରେ ଫାଇନାଲରେ ପ୍ରବେଶ କରିଥିଲା। ତେବେ ଆଗାମୀ ସିଜନରେ ପଞ୍ଜାବ ଏକ ଭିନ୍ନ ବ୍ରାଣ୍ଡର କ୍ରିକେଟ ଖେଳିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ପଣ୍ଟିଂ। ଗତ ସିଜନରେ ପଞ୍ଜାବ ନିକଟରେ ଅର୍ଶଦୀପ ସିଂ, ଜୀତେଶ ଶର୍ମା, କାଗିସୋ ରବାଡା, ଲିଆମ ଲିଭିଙ୍ଗଷ୍ଟୋନ, ସାମ କୁରାନ ଓ ଜନି ବେୟାରଷ୍ଟୋଙ୍କ ପରି ଖେଳାଳି ରହିଥିଲେ ମଧ୍ୟ ବିଫଳ ହୋଇଥିଲା।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ